# ଓଡ଼ିଆ ଶିଶୁ ସାହିତ୍ୟ ସମୀକ୍ଷା







ଡକ୍ଟର୍ ଜଗନ୍ନାଥ ମହାନ୍ତି

# ଓଡ଼ିଆ ଶିଶୁ ସାହିତ୍ୟ ସମୀକ୍ଷା

## (ସମାଲୋଚନା, ଗବେଷଣା ଓ ସାକ୍ଷାତ୍କାର)


*ଲେଖକ :*

**ପ୍ରଫେସର ଜଗନ୍ନାଥ ମହାନ୍ତି, 'ଶିଶୁଗୌରବ'**

*ସଭାପତି :*

ସର୍ବଭାରତୀୟ ଶିଶୁସାହିତ୍ୟିକ ସମ୍ମେଳନ, କଲିକତା

ଓ

ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂର୍ବତନ ଅଧକ୍ଷ ଓ ଅନ୍ୟତମ ପ୍ରତିଷ୍ଠାତା,

ଶିଶୁ ସାହିତ୍ୟ ଏକାଡେମୀ, ଓଡ଼ିଶା, ଭୁବନେଶ୍ୱର



*ପ୍ରକାଶକ :*

**ଶ୍ରୀ ସର୍ବେଶ୍ୱର ମିଶ୍ର**

କଟକ ଟ୍ରେଡିଂ କମ୍ପାନୀ, ବାଲୁବଜାର, କଟକ-୨

୨୦୦୦ ମସିହା

# ଓଡ଼ିଆ ଶିଶୁ ସାହିତ୍ୟ ସମୀକ୍ଷା

(ସମାଲୋଚନା, ଗବେଷଣା ଓ ସାକ୍ଷାତ୍‌କାର)

*ଲେଖକ :* **ପ୍ରଫେସର ଜଗନ୍ନାଥ ମହାନ୍ତି, 'ଶିଶୁ ଗୌରବ'**

*ସଭାପତି :* ସର୍ବଭାରତୀୟ ଶିଶୁସାହିତ୍ୟିକ ସମ୍ମେଳନ, କଲିକତା

ଓ

ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଭୁବନେଶ୍ୱର

© ଆହ୍ଲାଦମୋହିନୀ ମହାନ୍ତି

ମାଣିକ-ବିଶ୍ୱନାଥ ସ୍ମୃତିସଦନ, ୨୯୩୫, ଗୌରୀ ନଗର ଭୁବନେଶ୍ୱର - ୨

*ପ୍ରକାଶକ :* **ଶ୍ରୀ ସର୍ବେଶ୍ୱର ମିଶ୍ର**

**କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ-୨**

*ପ୍ରଥମ ସଂସ୍କରଣ :* **୨୦୦୦ ମସିହା**

*ଅକ୍ଷର ସଜ୍ଜା :* **ଜଗନ୍ନାଥ ଏଣ୍ଟର ପ୍ରାଇଜରସ୍**, ରବି ଟକିଜ ଛକ, ଭୁବନେଶ୍ୱର-୨

*ମୁଦ୍ରଣ :* **ସୂର୍ଯ୍ୟ ଅଫସେଟ୍**

*ପ୍ରଚ୍ଛଦ ପଟ :* **ଅସୀତ୍ ମୁଖାର୍ଜୀ**

*ମୂଲ୍ୟ :* **ଟ ୧୨୫.୦୦**

## ORIYA SISHU SAHITYA SAMIKSHA

(Literary Criticism, Research & Interviews)

***Author :***

**Prof. Jagannath Mohanty "Sishu Gaurav"**

***President :*** All India Juvenile Literary Conference, Calcutta and Rajadhani Sisu Sahitya Samsad, Bhubaneswar - 2

© Allhadmohini Mohanty, **Manik-Biswanath Smruti Sadan,** 2935, Gouri Nagar, Bhubaneswar-2

***Publisher :***

**Sri Sarbeswar Mishra**

Cuttack Trading Company, Cuttack - 2

**1st Edition : 2000**

**DTP Composing :**

**Jagannath Enterprises,** Rabi Talkies Square, BBSR-2

***Printing :*** Surya Offset

***Cover Design :*** Asit Mukherjee

**Price : Rs. 125.00**

# ଭୂମିକା

ମୋର ସଦ୍ୟପ୍ରକାଶିତ ପୁସ୍ତକ ''ଶିଶୁ ସାହିତ୍ୟ ପରକ୍ରମା''ରେ ଶିଶୁ ସାହିତ୍ୟର ଅର୍ଥ ଅର୍ଥାନ୍ତର, ବିକାଶ ଓ ପ୍ରକାଶ, ବିଭିନ୍ନ ବିଚ୍ୟୁତି ଓ ବିଡ଼ମ୍ବନା, ସାଂପ୍ରତିକ ସଂକଟ ଓ ସମସ୍ୟା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଶଂସିତ ପୁସ୍ତକ ''ଓଡ଼ିଆ ଶିଶୁ ସାହିତ୍ୟ ସମୀକ୍ଷା : ସମାଲୋଚନା, ଗବେଷଣା ଓ ସାକ୍ଷାତ୍‌କାର''ରେ ଆମ ଶିଶୁସାହିତ୍ୟର ବିଭିନ୍ନ ବିଭାବ ଓ ବ୍ୟକ୍ତିତ୍ୱ, ଅଧ୍ୟୟନ ଓ ଅନୁଧ୍ୟାନ, ସମୀକ୍ଷା ଓ ଆଲୋଚନା, ସାକ୍ଷାତ୍‌କାର ଆଦି ସ୍ଥାନିତ ହୋଇଛି । ପୁସ୍ତକଟିର ଲେଖାଗୁଡ଼ିକୁ ପାଞ୍ଚୋଟି ଭାଗ ତଥା ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ।

*ପ୍ରଥମ ଭାଗ :* ''ଓଡ଼ିଶା ଶିଶୁସାହିତ୍ୟର କେତୋଟି ବିଭାବ''ରେ ଆମ ଶିଶୁସାହିତ୍ୟର ବିଭିନ୍ନ ବିଭାବ ଯଥା କବିତାର ପ୍ରକୃତି ଓ ପ୍ରଗତି, ବିଜ୍ଞାନଭିତ୍ତିକ ରଚନା, କବିତାର କଥାବସ୍ତୁ, ଶିଶୁସାହିତ୍ୟ ଓ ଶିକ୍ଷା ଆଦି ଆତ୍ମିକ ଓ ଆଙ୍ଗିକ ରୂପବିଭବ ଓ ଉପାଦେୟତା ସଂପର୍କୀୟ ଲେଖାଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଛି । ଦ୍ୱିତୀୟ ଭାଗ ''ଓଡ଼ିଆ ଶିଶୁସାହିତ୍ୟର କେତୋଟି ବ୍ୟକ୍ତିତ୍ୱ''ରେ ଗୋଦାବରୀଶ, ନୀଳକଣ୍ଠ, ବାଳକୃଷ୍ଣ, ରାମକୃଷ୍ଣ, ଉଦୟନାଥ ପ୍ରମୁଖ ଶିଶୁସାହିତ୍ୟସ୍ରଷ୍ଟାମାନଙ୍କ କୃତିର ସମୀକ୍ଷା ଓ ସମାଲୋଚନା ସ୍ଥାନ ପାଇଛି ।

*ତୃତୀୟ ଭାଗ* ''ଓଡ଼ିଆ ଶିଶୁ ସାହିତ୍ୟର ଅଧ୍ୟୟନ ଓ ଅନୁଧ୍ୟାନ''ରେ ଶିଶୁ ସାହିତ୍ୟର ଗବେଷଣାଭିତ୍ତିକ ଚାରୋଟି ଆଲୋଚନା ଆତ୍ମପ୍ରକାଶ କରିଛି । ସେଗୁଡ଼ିକ ମୁଖ୍ୟତଃ ଓଡ଼ିଆ ଶିଶୁସାହିତ୍ୟର ଗବେଷଣା, ପିଲାମାନଙ୍କର ଶିଶୁସାହିତ୍ୟ ପ୍ରତି ଥିବା ଆଗ୍ରହ ଓ ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ସର୍ବେକ୍ଷଣ ଆଧାରିତ ସନ୍ଦର୍ଭ । ଚତୁର୍ଥ ଭାଗ ''ଓଡ଼ିଆ ଶିଶୁସାହିତ୍ୟରେ ସମୀକ୍ଷା ଓ ସମାଲୋଚନା''ରେ ଲେଖକଙ୍କର ଆଲୋଚନା, ଅଭିମତ, ଅଭିରୁଚି, ବିଚାରବିମର୍ଶ ଆଦି ସ୍ଥାନିତ ହୋଇଛି ।

ସେହିପରି ପଞ୍ଚମ ଭାଗ ''ଓଡ଼ିଆ ଶିଶୁସାହିତ୍ୟରେ କେତୋଟି ସାକ୍ଷାତକାର''ରେ ଆମର ସାଂପ୍ରତିକ ସ୍ଥିତି, ସମସ୍ୟା ଓ ସମାଧାନ ସମ୍ବନ୍ଧରେ ମତାମତ ପ୍ରକାଶିତ ହୋଇଛି । ଏଗୁଡ଼ିକର ପ୍ରଯୋଜନା ଓ ଉପସ୍ଥାପନା କରିଛନ୍ତି ଡକ୍ଟର

ମନୀନ୍ଦ୍ର ମହାନ୍ତି, ଡକ୍ଟର କୃତ୍ତିବାସ ନାୟକ, ଶ୍ରୀ ଜଗଦ୍‌ଜ୍ୟୋତି ମାଜି, ଶ୍ରୀ ବିଜୟ କୁମାର ମହାନ୍ତି, ଶ୍ରୀ ରଘୁନାଥ ଦାଶ, ଶ୍ରୀ ନିରଞ୍ଜନ ତୁରୁକ୍ ଓ ବ୍ରାହ୍ମୀପ୍ରିୟା ସାମନ୍ତରାୟ ।

ଉପରୋକ୍ତ ନିବନ୍ଧ ଓ ସାକ୍ଷାତକାରଗୁଡ଼ିକ ଆମ ରାଜ୍ୟର ସୁପ୍ରତିଷ୍ଠିତ ପତ୍ରପତ୍ରିକା 'ଝଙ୍କାର', 'ସହକାର', 'କୋଣାର୍କ', 'ଗୋଦାବରୀଶ ପରିକ୍ରମା', 'ନୀଳକଣ୍ଠ ସ୍ମାରକୀ', 'ସାମ୍ବାଦିକ', 'ଆଜିକାଲି', 'ଶିକ୍ଷାଲୋକ', 'ଧରିତ୍ରୀ', 'ସଂସାର', 'ଉତ୍କଳିକା', 'ସମୟ', 'ଉତ୍କଳ ଲିପି' 'ଆଶା ସ୍ରୋତସ୍ୱିନୀ' ଆଦି ପୁସ୍ତକ ଓ ପତ୍ରିକା ଆଦିରେ ଆତ୍ମପ୍ରକାଶ କରିଥିଲା । ଲେଖାଗୁଡ଼ିକର ଶେଷରେ ଶଂସିତ ପତ୍ରିକାମାନଙ୍କ ସୂଚନା ପ୍ରଦତ୍ତ ହୋଇଛି ଏବଂ ପାଠକବନ୍ଧୁମାନଙ୍କୁ ଅନୁରୋଧ, ସେମାନେ ଲେଖାଗୁଡ଼ିକର ଉପାଦେୟତା ଓ ପ୍ରାସଙ୍ଗିକତା, ତାତ୍‌କାଳିକ ତଥା ସାଂପ୍ରତିକ ସ୍ଥିତିରୁ ବିଚାର କରିବେ ।

ଶଂସିତ ପୁସ୍ତକ ଓ ପତ୍ରିକାଗୁଡ଼ିକର ସଂକଳକ ଓ ସମ୍ପାଦକ, ଆଲୋଚନା ଓ ସାକ୍ଷାତ୍‌କାର କରିଥିବା ଶିଶୁସାହିତ୍ୟ ସ୍ରଷ୍ଟା ଓ ସହଯୋଗୀମାନଙ୍କ ପ୍ରତି ମୁଁ କୃତଜ୍ଞତା ପ୍ରକାଶ କରୁଛି । ଡକ୍ଟର ବସନ୍ତ କିଶୋର ସାହୁଙ୍କ ସୌଜନ୍ୟରୁ ପ୍ରାପ୍ତ ଏକ ସଂଦର୍ଭ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ତାଙ୍କୁ ସାଧୁବାଦ ଜଣାଉଛି ଏବଂ ଏହି ପୁସ୍ତକଟିର ପ୍ରକାଶକ, କଟକ ଟ୍ରେଡିଂ କମ୍ପାନୀର ସ୍ୱତ୍ତ୍ୱାଧିକାରୀ ଶ୍ରୀ ସର୍ବେଶ୍ୱର ମିଶ୍ର ଓ ତାଙ୍କର ସୁପୁତ୍ରଦ୍ୱୟ ପ୍ରଶାନ୍ତ ଓ ସୁଶାନ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ।

କୁମାର ପୂର୍ଣ୍ଣିମା,
ଭୁବନେଶ୍ୱର, ତା.୨୪.୧୦.୯୯

**ଲେଖକ**
ଜଗନ୍ନାଥ ମହାନ୍ତି

# ସୂଚୀପତ୍ର

## ପ୍ରଥମ ଭାଗ

### ଓଡ଼ିଆ ଶିଶୁସାହିତ୍ୟର କେତୋଟି ଦି


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ବିଂଶ ଶତାବ୍ଦୀରେ ଓଡ଼ିଆ ଶିଶୁକବିତା | ୧ |
| ୨. | ଓଡ଼ିଆ ଶିଶୁକବିତାର ପ୍ରକୃତି ଓ ପ୍ରଗତି | ୧୩ |
| ୩. | ଓଡ଼ିଆ ଶିଶୁକବିତାର କଥାବସ୍ତୁ | ୨୧ |
| ୪. | ବିଜ୍ଞାନଭିତ୍ତିକ ଓଡ଼ିଆ ଶିଶୁସାହିତ୍ୟ | ୩୪ |
| ୫. | ଶିଶୁସାହିତ୍ୟ ଓ ଶିଶୁଶିକ୍ଷା : ଉଭୟଙ୍କ ସମ୍ବନ୍ଧ ଓ ସମସ୍ୟା | ୪୯ |
| ୬. | ସାର୍ବଜନୀନ ଶିକ୍ଷାରେ ଶିଶୁସାହିତ୍ୟର ଭୂମିକା | ୫୭ |


## ଦ୍ୱିତୀୟ ଭାଗ

### ଓଡ଼ିଆ ଶିଶୁସାହିତ୍ୟର କେତୋଟି ବ୍ୟକ୍ତିତ୍ୱ


| | | |
|---|---|---|
| ୭. | ଓଡ଼ିଆ ଶିଶୁସାହିତ୍ୟକୁ ପଣ୍ଡିତ ଗୋଦାବରୀଶଙ୍କ ଅବଦାନ | ୬୧ |
| ୮. | ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦଙ୍କର ଓଡ଼ିଆ ଶିଶୁକିଶୋର ସାହିତ୍ୟକୁ ଅବଦାନ | ୭୪ |
| ୯. | ଓଡ଼ିଆ ଶିଶୁସାହିତ୍ୟକୁ ବାଳକୃଷ୍ଣଙ୍କ ଅବଦାନ | ୯୬ |
| ୧୦. | ଶିଶୁସାହିତ୍ୟରଥୀ ଗୋଦାବରୀଶ | ୧୦୦ |
| ୧୧. | ଓଡ଼ିଆ ଶିଶୁସାହିତ୍ୟର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠ | ୧୧୮ |
| ୧୨. | ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଶିଶୁଗୀତିରେ ଓଡ଼ିଆ ଜାତୀୟତା | ୧୩୨ |
| ୧୩. | ଓଡ଼ିଆ ଶିଶୁସାହିତ୍ୟକୁ ଡକ୍ଟର ଜଗନ୍ନାଥ ମହାନ୍ତିଙ୍କର ଅବଦାନ - ଡକ୍ଟର ବସନ୍ତ କିଶୋର ସାହୁ | ୧୪୩ |


## ତୃତୀୟ ଭାଗ

### ଓଡ଼ିଆ ଶିଶୁସାହିତ୍ୟର ଅଧ୍ୟୟନ ଓ ଅନୁଧ୍ୟାନ


| | | |
|---|---|---|
| ୧୪. | ଓଡ଼ିଆ ଶିଶୁସାହିତ୍ୟ : ଗବେଷଣା ଓ ଅଧ୍ୟୟନ | ୧୫୫ |
| ୧୫. | ଓଡ଼ିଆ ଶିଶୁସାହିତ୍ୟର ଗବେଷଣା ଓ ଅନୁଧ୍ୟାନ | ୧୬୮ |

୧୬. ଶିଶୁସାହିତ୍ୟ ପ୍ରତି ପିଲାମାନଙ୍କର ଆଗ୍ରହ : ୧୭୭
ଡ଼, ଶ୍ରୀ ୟନ - ସହଯୋଗୀ ଡକ୍ଟର ଦିଗରାଜ ବ୍ରହ୍ମା
୧୭. ଓ ସାହିତ୍ୟ ପତ୍ରିକା : ଏକ ସର୍ବେକ୍ଷଣ ୧୮୯
ରାକ୍ତ ନି

## ଚତୁର୍ଥ ଭାଗ

## ଓଡ଼ିଆ ଙ୍କାର', ହିତ୍ୟରେ କେତୋଟି ସମୀକ୍ଷା ଓ ସମାଲୋଚନା

୧୮. ଓଡ଼ିରକୀ', 'ହିତ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ- ୧୯୫
ପ୍ରହେଳିକା', 'ଶ୍ରୀ ଜଗତ୍‌ଜ୍ୟୋତି ମାଝି
୧୯. ଶିଶୁରେ ଆମ ମୋର କଲମ : ପ୍ରଯୋଜନା ଡକ୍ଟର କୃତ୍ତିବାସ ନାୟକ ୨୦୦
୨୦. ସବୁରି ବା ପ୍ରଯୋଗରେ ଶିଶୁସାହିତ୍ୟ ଏକ ସାରସ୍ୱତ ସମାବେଶ ୨୦୯
୨୧. ଶିଶୁ ଅଧିକାର ଓ ଶିଶୁସାହିତ୍ୟ : ଏକ ଆଲୋଚନା ୨୧୩
୨୨. ଓଡ଼ିଆ ଶିଶୁସାହିତ୍ୟ : ଏକ ସମୀକ୍ଷା ୨୧୯
୨୩. ଶିଶୁ ସାହିତ୍ୟ ଓ ଶିଶୁ ଶିକ୍ଷା : ଏକ ଆଲୋଚନା ୨୨୪

## ପଞ୍ଚମ ଭାଗ

## ଓଡ଼ିଆ ଶିଶୁସାହିତ୍ୟରେ କେତୋଟି ସାକ୍ଷାତ୍‌କାର

୨୪. ଓଡ଼ିଆ ଶିଶୁସାହିତ୍ୟର ସ୍ଥିତି ଓ ସମସ୍ୟା : ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ମତରେ ୨୨୭
ଉପସ୍ଥାପନା : ଡକ୍ଟର ମନୀନ୍ଦ୍ର ମହାନ୍ତି
୨୫. "ତୁମପରି ଛୋଟ ପିଲାଟିଏ" କବିତାର ସ୍ରଷ୍ଟା ଡକ୍ଟର ଜଗନ୍ନାଥ ମହାନ୍ତି ୨୩୨
*ଉପସ୍ଥାପନା* : ଶ୍ରୀ ଜଗତଜ୍ୟୋତି ମାଝି
୨୬. ପାଞ୍ଚୋଟି ପ୍ରଶ୍ନର ଉତ୍ତର : *ଉପସ୍ଥାପନା* - ଶ୍ରୀ ଜଗତଜ୍ୟୋତି ମାଝି ୨୩୬
୨୭. ଶିଶୁସାହିତ୍ୟର ଆଜୀବନ ସାଧକ ଡକ୍ଟର ଜଗନ୍ନାଥ ମହାନ୍ତି ୨୪୦
*ଉପସ୍ଥାପନା* : ଶ୍ରୀ ବିଜୟ କୁମାର ମହାନ୍ତି
୨୮. ମୁଁ ଶିଶୁ ସାହିତ୍ୟ କାହିଁକି ଲେଖେ ? ୨୪୫
*ପ୍ରଯୋଜନା* : ଶ୍ରୀ ନିରଞ୍ଜନ ତୁରୁକ୍
୨୯. ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ- ୨୫୧
*ଉପସ୍ଥାପନା* : ଡକ୍ଟର ମନୀନ୍ଦ୍ର ମହାନ୍ତି
୩୦ ଓଡ଼ିଆ ଶିଶୁସାହିତ୍ୟ କିଭଳି ହେବା ଉଚିତ - ୨୫୪
*ଉପସ୍ଥାପନା* : ଶ୍ରୀ ରଘୁନାଥ ଦାଶ
୩୧. ପ୍ରଫେସର ଜଗନ୍ନାଥ ମହାନ୍ତିଙ୍କ ସ୍ୱପ୍ନ ଓ ସାର୍ଥକତା ସଂପର୍କରେ ୨୬୨
ଉପସ୍ଥାପନା : ବ୍ରାହ୍ମୀପ୍ରିୟା ସାମନ୍ତରାୟ
ସହାୟକ ପୁସ୍ତକ ଓ ପତ୍ରପତ୍ରିକା ସୂଚୀ ୨୬୮

# ପ୍ରଥମ ଭାଗ

## ଓଡ଼ିଆ ଶିଶୁସାହିତ୍ୟର କେତୋଟି ବିଭାବ

- ବିଂଶ ଶତାବ୍ଦୀରେ ଓଡ଼ିଆ ଶିଶୁକବିତା
- ଓଡ଼ିଆ ଶିଶୁକବିତାର ପ୍ରକୃତି ଓ ପ୍ରଗତି
- ଓଡ଼ିଆ ଶିଶୁକବିତାର କଥାବସ୍ତୁ
- ବିଜ୍ଞାନଭିତ୍ତିକ ଓଡ଼ିଆ ଶିଶୁସାହିତ୍ୟ
- ଶିଶୁସାହିତ୍ୟ ଓ ଶିଶୁଶିକ୍ଷା : ଉଭୟଙ୍କ ସମ୍ବନ୍ଧ ଓ ସମସ୍ୟା
- ସାର୍ବଜନୀନ ଶିକ୍ଷାରେ ଶିଶୁସାହିତ୍ୟର ଭୂମିକା

# ବିଂଶ ଶତାବ୍ଦୀରେ ଓଡ଼ିଆ ଶିଶୁ-କବିତା

**ବିକାଶ କାଳ :**

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଓଡ଼ିଆ ସାହିତ୍ୟ ବିଶେଷତଃ ଶିଶୁସାହିତ୍ୟର ବିକାଶ କ୍ଷେତ୍ରରେ କେତେକ ଅନୁକୂଳ ପରିବେଶ ଓ ସୁଯୋଗ ସୃଷ୍ଟି ହୋଇଥିଲା । ସମାଜ ସଂସ୍କାରକ ବିଶ୍ୱନାଥ 'ଉତ୍କଳ ସାହିତ୍ୟ' (୧୮୧୭) ଓ ବ୍ରଜସୁନ୍ଦର 'ମୁକୁର' (୧୯୦୫) ପତ୍ରିକା ମାଧ୍ୟମରେ ଅନେକ ସାହିତ୍ୟିକ ସୃଷ୍ଟି କରିଥିଲେ, ଯେଉଁମାନେ ଶିଶୁସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଥିଲେ । ମଧୁସୂଦନଙ୍କ ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ତଥା ଉତ୍କଳ ସାହିତ୍ୟ ସମାଜ (୧୯୦୩), ଅସହଯୋଗ ଆନ୍ଦୋଳନ (୧୯୨୧), ଓଡ଼ିଶା ପ୍ରଦେଶ ଗଠନ (୧୯୩୬), ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା (୧୯୪୪), ଭାରତର ସ୍ୱାଧୀନତା ଲାଭ (୧୯୪୭) ପ୍ରଭୃତି ଦେଶର ଶିକ୍ଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନୂତନ ଆଲୋଡ଼ନ ଓ ଉଦ୍ଭାବନା ଜଗାଇଲା । ଏହି ସମୟରେ ଶିଶୁ ପତ୍ରିକା 'ପଞ୍ଚାମୃତ' (୧୯୨୦), 'ଜହ୍ନମାମୁଁ' (୧୯୩୨) ପ୍ରଭୃତି ପତ୍ରିକାମାନ ଶିଶୁସୁଲଭ ବିଷୟବସ୍ତୁ, ଭାଷା ଓ ଶୈଳୀ ମାଧ୍ୟମରେ ସାହିତ୍ୟ ସୃଷ୍ଟିର ପ୍ରେରଣା ପ୍ରଦାନ କରିଥିଲା ।

ବାଳକୃଷ୍ଣଙ୍କ ବହୁମୁଖୀ ପ୍ରତିଭା ଶିଶୁସାହିତ୍ୟର ଏକ ସୁଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠାରେ ସହାୟକ ହୋଇଥିଲା । ବହୁ ଶିଶୁସାହିତ୍ୟ ଲେଖକଙ୍କୁ ସେ ସ୍ୱସମ୍ପାଦିତ 'ଜହ୍ନମାମୁଁ', 'ମଧୁକୋଷ' ପ୍ରଭୃତି ପତ୍ରିକା-ପୃଷ୍ଠାରେ ପୃଷ୍ଠପୋଷକତା କରିଥିଲେ । ତାଙ୍କ ଲିଖିତ 'ନୂଆପାଠ', 'ଚାରୁପାଠ', 'ଫୁଲଚାଙ୍ଗୁଡ଼ି', 'ସପନପୁରୀ' ପ୍ରଭୃତି ଶିଶୁସାହିତ୍ୟ ଭାବରେ ସର୍ବାଦୃତ । ଆଧୁନିକ ଯୁଗର ବୈଜ୍ଞାନିକ ବିଷୟବସ୍ତୁ ଓ ଦୃଷ୍ଟିଭଙ୍ଗୀ ଏଥିରେ ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି । 'ଦୁଇଭାଇ' କବିତାଟିରେ ସେ ଗାଇଛନ୍ତି, -

ଦୁଇଭାଇ - "ଆମେ ଦୁହେଁ ଗୋ ଦିଓଟି ଭାଇ
ସରଗ ଆମ ଘର
ସବୁବେଳେ ହୋ କାମ ଆମର
ତିଳେ ନାହିଁଟି ତର ।

ବଡ଼ଭାଇ - ସକାଳୁ ସଞ୍ଜ ବୁଲଇ ନିତି
ବୁଲେ ଦୁନିଆ ସାରା,
ଚଉଦିଗେ ମୁଁ ଆଲୁଅ ବାଣ୍ଟେ
ଉଠିବା ଯାଏ ତାରା ।

ସାନଭାଇ - ରାତି ହେଲେ ମୁଁ ଲଗାଏ ବତୀ
ଦେଖାଏ ଲୋକେ ବାଟ,
ପକ୍ଷେ ବଢ଼ଇ ଆଲୁଅ ମୋର
ପକ୍ଷେ ହୁଅଇ ଛୋଟ ।''

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କ ସଂପାଦିତ 'ଡଗର' ପତ୍ରିକାର 'ନାଗବଚା-ଦଳ' ପୃଷ୍ଠାରେ ଶିଶୁସାହିତ୍ୟର ବିକାଶ ପାଇଁ ବିଶେଷ ଉଦ୍ୟମ କରିଥିଲେ । ନିଜେ ଶିଶୁସାହିତ୍ୟ ରଚନାରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର ଶିଶୁ ମନକୁ ଛୁଇଁଲା ଭଳି କବିତା 'ଆ ଜହ୍ନମାମୁଁ'ର କିୟଦଂଶ ହେଲା-

ଆ ଜହ୍ନମାମୁଁ ଓହ୍ଲେଇ ଆ
ମୋ ଧନମଣିକି ଗେହ୍ଲେଇ ଯା,
ଟୀକାଟିଏ ଯା ଦେଇ,
ମୁଣ୍ଡେ ଟୀକାନାଇ ଧନମଣି ମୋର
ନାଚିବ ତା ଧେଇ ଧେଇ ।

ଆ ଜହ୍ନ ମାମୁଁ ସରଗ ଶଶୀ
ମୁରୁକି ମୁରୁକି ଦବୁଟି ହସି ।
ହସିବ ମୋ ଧନମଣି,
ତୋ ହସ ମିଠା କି ଧନ ହସ ମିଠା
ହେବ ସିନା ଜଣାଜଣି ।

କି ସରଳ ଭାଷା ଓ ସାବଲୀଳ ଶୈଳୀରେ ଆତ୍ମପ୍ରକାଶ କରିଛି କବିଙ୍କର ମଧୁର ଭାବନା !

ସତ୍ୟବାଦୀ ଯୁଗର ସାହିତ୍ୟିକ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ ପ୍ରମୁଖଙ୍କ ପ୍ରତିଷ୍ଠା ଶିଶୁ ସାହିତ୍ୟରେ ମଧ୍ୟ ଅନସ୍ୱୀକାର୍ଯ୍ୟ । ଜାତୀୟତା ଭାବ ସହିତ ନିଜର ଐତିହ୍ୟ-

ପ୍ରୀତି ସେମାନଙ୍କ କବିତା ମାଧ୍ୟମରେ ରୂପାୟିତ ହୋଇଛି । ଗୋପବନ୍ଧୁଙ୍କ ''ଧର୍ମପଦ'' ଉତ୍କଳ ଜାତିପ୍ରେମର ପ୍ରତୀକ । ସେ ତାଙ୍କର ଉଗ୍ର ଜାତୀୟତାକୁ ଫୁଟାଇ ଗାଇଛନ୍ତି-

ବାପର ବିଷାଦ ଦେଖି ଧର୍ମପଦ
କହେ ସୁକୋମଳ ଭାଷା
''ବାରଶ ବଢ଼େଇ ରହନ୍ତୁ ଜୀବନେ
ଛାଡ଼ ଏବେ ମୋର ଆଶା ।
ଏ ଜଗତେ କାହା ପୁଅ ବା କାହାର
ସମସ୍ତ ମାୟା ଭିଆଣ,
ସାର୍ଥକ ଜନମ ତାର ଏକା ସିନା
ପରହିତେ ଯାର ପ୍ରାଣ ।''

''ପିଲା ଓ ଚଢ଼େଇ'' କବିତାଟିରେ ମଧ୍ୟ କବି ନୀଳକଣ୍ଠଙ୍କ ସ୍ୱାଧୀନତା-ପ୍ରେମ ଆତ୍ମପ୍ରକାଶ କରିଛି । ପିଲାଟି କହିଛି-

''ଆସ ଆସ ଚଢ଼େଇ ମୋ ପିଣ୍ଡାରେ ବସ,
ଖାଇବାକୁ ଦେବି ତତେ ନଡ଼ିଆ ରସ
ପିଇବାକୁ ଦେବି ବେଷ୍ଟ ପୋଖରୀ ପାଣି,
ରହିବାକୁ ଦେବି ସୁନା ପଞ୍ଜୁରି ଆଣି ।''

ସ୍ୱାଧୀନ ଚଢ଼େଇଟି ଉତ୍ତର ଦେଇଛି -

''ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ,
ଖାଇବାକୁ ଅଛି କେତେ ପାଚିଲା ଫଳ,
ପାହାଡ଼ ଝରଣା ପାଣି ପିଏ ମୁଁ ନିତି,
ପତ୍ର ଗହଳରେ ଶୋଇ ପୁହାଏ ରାତି ।''

ପିଲାଟି ସବୁ ସୁବିଧା ଯୋଗଇ ଦେବାକୁ କହିଥିଲେ ହେଁ ଚଢ଼େଇ ମୁକ୍ତିର ଜୟଗାନ କରିଛି । ଏହା ତତ୍କାଳୀନ ଚିନ୍ତାଧାରାର ପ୍ରତୀକ ।

କବି ଗୋଦାବରୀଶଙ୍କ ଶିଶୁ ଓ କିଶୋରସୁଲଭ କବିତାମାନ ଖୁବ୍ ଲୋକପ୍ରିୟ । ପାଠ୍ୟପୁସ୍ତକର ଅନେକ କବିତା ତାଙ୍କର ସାରା ଓଡ଼ିଶାରେ ପରିଚିତ । ତାଙ୍କର କବିତାଗୁଡ଼ିକର ମଧୁର ଛନ୍ଦ, ସରଳ ଭାଷା ଓ ସାବଲୀଳ ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ । ତାଙ୍କର ଲୋକପ୍ରିୟ "କାଳିଜାଇ" ଗୀତିକବିତାର ଦୁଇଟି ପଦ ଏଠାରେ ଉଲ୍ଲେଖଯୋଗ୍ୟ ।

'ଭଲ କରି ନାଆ ବାହୁଛି ନାଉରି
ତଲେଇ କରିଛି ଠିଆ,
ମାମୁଁ ଭଣଜାର କଣରୁ ଆସେରେ
ବୋହି ସୁଲୁସୁଲି ବାଆ ।
ଦିନ ଦଶଘଡ଼ି ହେଲାଣି ଟି ଆସି
ଖରା ମାରେ ଚାଇଁଚାଇଁ,
ପାଞ୍ଚକୋଶ ବାଟ ଯିବାକୁ ଅଛିରେ
ବେଳ ତ ପାଇବ ନାହିଁ ।

**ଜାତୀୟ ଅଭ୍ୟୁଦୟ କାଳ :**

ଛାତ୍ରଛାତ୍ରୀଙ୍କ ମନରେ ଜାତୀୟ ଉନ୍ମାଦନା ସୃଷ୍ଟି କରିବା ପାଇଁ ସତ୍ୟବାଦୀ ଯୁଗର କବିମାନେ ସଫଳ ଉଦ୍ୟମ କରିଥିଲେ । ସେହି ସମୟରେ ଭିକାରୀ ଚରଣ ପଟ୍ଟନାୟକ, କୃଷ୍ଣମୋହନ ପଟ୍ଟନାୟକ, ବୈଷ୍ଣବ ପାଣି, ପଦ୍ମଚରଣ ପଟ୍ଟନାୟକ, ଚକ୍ରଧର ମହାପାତ୍ର ପ୍ରମୁଖ ସାହିତ୍ୟିକମାନେ ନିଜର କବିତା ମଧ୍ୟରେ ଜାତୀୟ ଜାଗରଣର ଉଷ୍ମତା ଭରିଦେଇ ଥିଲେ । "ଜାତି ଭାଇ" ରେ କୃଷ୍ଣମୋହନ ଗାଇଛନ୍ତି -

'ଜାତିଭାଇ ଯେବେ ହୋଇଲା ପର,
କାହାକୁ ଘେନି କେ କରିବ ଘର,
ଅସମୟେ ଯଦି ଏକୁ ଆରେକ
ଖୋଜୁଥିବ, ଥିବ ଜାତିର ଟେକ ।'

ସ୍ୱାଧୀନତା ଆନ୍ଦୋଳନ-ସମୟର ଜଣେ ସାହିତ୍ୟ-ସାରଥୀ ହେଲେ ବୀରକିଶୋର ଦାସ । ତାଙ୍କର ଜାତୀୟ କବିତାଗୁଡ଼ିକର ପ୍ରାଚୁର୍ଯ୍ୟ ଓ ଲୋକପ୍ରିୟତା ଯୋଗୁଁ ସେ ଜାତୀୟ କବି ଭାବରେ ସୁପରିଚିତ । "ମୋହନ ବଂଶୀ" "ରଣଭେରୀ" "ଯୁଗଯାତ୍ରୀ" ପ୍ରଭୃତି

କୃତିଗୁଡ଼ିକରେ ଏହିପରି ଜାତୀୟ ଉନ୍ମାଦନା ଉଚ୍ଚାରିତ ହୋଇଛି । ତାଙ୍କର "ଉତ୍କଳ ଜନନୀ" କବିତାର ଦୁଇଟି ପଦରୁ ଏହି ଭାବର ସୂଚନା ମିଳେ ।

'କେତେ ଓଲିତଳେ ହେବୁ ଗୋ ଜନନୀ
ଅଳି କି ଶୁଣିବୁ ନାହିଁ ?
ମାଡ଼ଗାଳି ଖାଇ ସବୁ ଦୁଃଖ ସହି
ପଡ଼ିଛୁ ତୋ ପାଦ ଚାହିଁ ।

ଜାତି-ପଦ୍ମବନେ ରାତି ପାହିଲାଣି
ଡାକ ଶୁଭେ ଭାଇ ଭାଇ,
ଆମେ ସବୁ ଆଜି ବାସି ଶେଯେ ବସି,
ଅଳସେ ମାରୁଛୁଁ ହାଇ ।"

ଆଉଜଣେ ଚାରଣ କବି ବାଞ୍ଛାନିଧି ମହାନ୍ତି ଅଳ୍ପାୟୁ ହେଲେହେଁ ଜାତୀୟ ଉଦ୍‌ବୋଧନମୂଳକ କବିତା ରଚନାରେ ଥିଲେ ସୁଦକ୍ଷ । ଅସହଯୋଗ ଆନ୍ଦୋଳନ ସମୟରେ ଏପରି ସଂଗୀତ ନିଜେ ଲେଖି ଓ ନିଜେ ଗାଇ ଅମର ହୋଇଛନ୍ତି । ଜାତୀୟ ଚେତନାରେ ସେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିଥିଲେ ।

**ସମାଜସଚେତନ ଶିଶୁସାହିତ୍ୟ -**

ଗୋଦାବରୀଶ ମହାପାତ୍ର ବ୍ୟଙ୍ଗାତ୍ମକ ରଚନାରେ ସିଦ୍ଧହସ୍ତ ଥିଲେହେଁ ସୃଜନଶୀଳ ସାହିତ୍ୟ ବିଶେଷତଃ ଶିଶୁକବିତା ରଚନାରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଶିଶୁକବିତା ପୁସ୍ତକ 'କୁନିର ହାତୀ', 'ଛବିର କବିତା' ଆଦି ପୁରସ୍କୃତ ଓ ସମାଦୃତ ହୋଇଥିଲା । ଶିଶୁ ସାହିତ୍ୟ ପତ୍ରିକା 'ଟୁଆଁ ଟୁଇଁ' ମାଧମରେ ସେ ଅନେକ ଶିଶୁ ସାହିତ୍ୟିକ ସୃଷ୍ଟି କରିଛନ୍ତି । ତାଙ୍କ ଶିଶୁ କବିତାରେ ସମାଜ ସଚେତନତା ଅଧିକ ପରିଲକ୍ଷିତ ହୋଇଥାଏ ।

କାଳିନ୍ଦୀ ଚରଣ ପାଣିଗ୍ରାହୀ ସବୁଜ ଯୁଗର ଜଣେ ସାହିତ୍ୟରଥୀ । ତାଙ୍କର ବିପୁଳ ସାହିତ୍ୟିକ ଅବଦାନ ମଧ୍ୟରେ ଶିଶୁସୁଲଭ କବିତାର ସ୍ଥାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଲିଖିତ ପାଠ୍ୟପୁସ୍ତକ 'ନବସାହିତ୍ୟ' ଓ 'ସାହିତ୍ୟ ସଂପଦ'ରେ ସନ୍ନିବେଶିତ ବହୁ କବିତା ଖୁବ୍ ହୃଦୟସ୍ପର୍ଶୀ । ସେଥିମଧ୍ୟରୁ ଗୋଟିଏ କବିତା 'ଦଶହରା'ର ପ୍ରଥମ ଦୁଇଟି ପଦରୁ ଏହା ସହଜରେ ଅନୁମେୟ ।

ଶରତକାଳ ଜଳଦମାଳ
ନୀଳଗଗନେ ଭାସେ,
କଦବା ଥରେ ବରଷା ଝରେ
ଏବେ ଅଶିଣ ମାସେ ।
ଦିଶଇ ଶ୍ୟାମ ପ୍ରାନ୍ତରଗ୍ରାମ
ଶଇଳ ଧାନ କ୍ଷେତ,
ରଜନୀ ଦିବା ଧରଣୀ କିବା
ଉଡାଏ ନୀଳ ନେତ ।

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଜଣେ ଲବ୍ଧପ୍ରତିଷ୍ଠ ଶିଶୁ-ସାହିତ୍ୟିକ । ପୁଣି ଶିଶୁ-କବିତା ରଚନାରେ ସେ ଥିଲେ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗୀକୃତ । ତାଙ୍କର ବହୁ କବିତା ପୁସ୍ତକ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ । ଶିଶୁପ୍ରିୟ ଭାବ, ଭାଷା ଓ ଶୈଳୀରେ ତାଙ୍କର କୃତିଗୁଡ଼ିକ ଖୁବ୍ ଉଚ୍ଚକୋଟୀର । ତାଙ୍କ ରଚିତ 'ମୁଢ଼ିନଡ଼ିଆ'ର ଗୋଟିଏ ପଦ ହେଲା-

ମୁଢ଼ି ନଡ଼ିଆରେ ମୁଢ଼ି ନଡ଼ିଆ
ତୁମେ ଦୁହେଁ କିଆଁ ଏତେ ବଢ଼ିଆ ।
ବାଇ ପରି ହୋଇ ଆମେ ଯାଉଁ ଧାଇଁ
ଦାନ୍ତ ପଟେ ଯେବେ ଡାକେ ଗୁଡ଼ିଆ
ବଡ଼ ବଢ଼ିଆରେ ମୁଢ଼ି ନଡ଼ିଆ ।

ଉଦୟନାଥ ଷଡ଼ଙ୍ଗୀ ଥିଲେ ଶିଶୁସାହିତ୍ୟର ଜଣେ ନିରବଚ୍ଛିନ୍ନ ସାଧକ । ପିଲାମାନଙ୍କ ପାଇଁ କବିତା ରଚନାରେ ତାଙ୍କର ଦକ୍ଷତା ସର୍ବବାଦୀସମ୍ମତ । ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଦ୍ୱାରା ତାଙ୍କ ଶିଶୁ-ସାହିତ୍ୟ କୃତି ପାଇଁ ଏକାଧିକବାର ପୁରସ୍କୃତ ଏବଂ ନାନା ଅନୁଷ୍ଠାନଦ୍ୱାରା ସମ୍ମାନିତ ହୋଇଥିଲେ । ଦୈନନ୍ଦିନ ଜୀବନର ବିଷୟବସ୍ତୁ ଓ ଘଟଣାକୁ ନେଇ ସେ ସରସ କବିତାମାନ ଲେଖିଛନ୍ତି ଏବଂ ସମୟ ସମୟରେ ତାଙ୍କର ବ୍ୟଙ୍ଗାତ୍ମକ ଓ ହାସ୍ୟରସାତ୍ମକ କବିତାଗୁଡ଼ିକ ଖୁବ୍ ଚିତ୍ତାକର୍ଷକ ହୋଇଛି । ଏଠାରେ ତାଙ୍କ 'ପାଠ, ପାଠ, ପାଠ' କବିତାଟିର ପ୍ରଥମ ପଦଟି ଦେଖାଯାଉ, ସେଥିରୁ ଆମେ ତାଙ୍କ କବିତାର ଚମତ୍କାରିତା ଅନୁଭବ କରିପାରିବା ।

ପାଠ, ପାଠ, ପାଠ
ଏଇ କଥାଟି ପଡ଼ିଲେ କାନେ
ହୋଇଯାଏ ମୁଁ କାଠ ।
ଅଙ୍କଟା ବଡ଼ ଅଡୁଆ ଭାରି
ମନକୁ ମୋର ଦିଏ ସେ ଘାରି
ତିଇନି ପରେ କାହିଁକି ଚାରି
ଛ' ଦୁଇ ମିଶି କିଆଁରେ ଆଠ ?
ପାଠ, ପାଠ, ପାଠ ।

ରାମକୃଷ୍ଣ ନନ୍ଦ ଶିକ୍ଷକ ଓ ଶିଶୁ ସାହିତ୍ୟିକ ଭାବରେ ସୁଖ୍ୟାତିସମ୍ପନ୍ନ । କିଶୋରମାନଙ୍କ ପାଇଁ ଜ୍ଞାନ ବିଜ୍ଞାନ ପତ୍ରିକା ''ସଂସାର'' ସଂପାଦନାରେ ସେ ସମଗ୍ର ଓଡ଼ିଶାରେ ସୁପରିଚିତ । ସାହିତ୍ୟ ପାଠ୍ୟପୁସ୍ତକ ରଚନାରେ ସେ ସିଦ୍ଧହସ୍ତ ଏବଂ ସେଥିରେ ସନ୍ନିବେଶିତ ବହୁ କବିତା ଖୁବ୍ ଲୋକପ୍ରିୟ । ସେଗୁଡ଼ିକ ମଧ୍ୟରେ ''ଆହେ ଦୟାମୟ ବିଶ୍ୱ ବିହାରୀ'' ଦୀର୍ଘକାଳ ହେଲା ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ପ୍ରତିଦିନର ପ୍ରାର୍ଥନା-ସଂଗୀତ ଭାବରେ ବ୍ୟବହୃତ । ସେଥିରୁ ଦୁଇଟି ପଦ ହେଲା-

ଆହେ ଦୟାମୟ ବିଶ୍ୱବିହାରୀ ।
ଘେନ ଦୟାବହି ମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ,
ତୁମ ଲୀଳା ସବୁଠାରେ ପ୍ରକାଶ ।

ଛାତ୍ରଛାତ୍ରୀମାନଙ୍କୁ ନୀତିଶିକ୍ଷା ଦେବା ସଂଗେସଂଗେ ଜ୍ଞାନ ବିଜ୍ଞାନ ଶିକ୍ଷା ଦେବାରେ ମଧ୍ୟ ସେ ସଚେଷ୍ଟ ଏବଂ ସରଳ ସାବଲୀଳ ଭାବରେ ସେଥିରେ ସଫଳତା ଲାଭ କରିଛନ୍ତି ।

ଅନନ୍ତ ପଟ୍ଟନାୟକ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଭାଶାଳୀ କବି ଏବଂ ଶିଶୁ କବିତା ରଚନାରେ ମଧ୍ୟ ପ୍ରତିଷ୍ଠିତ । ବହୁଦିନ ଧରି ସେ ''ଶିଶୁସାହିତ୍ୟ ସମିତି'' ତଥା ''ଶିଶୁଲେଖା'' ପତ୍ରିକାର ସୁଯୋଗ୍ୟ ସମ୍ପାଦକ ଭାବରେ କାର୍ଯ୍ୟ କରି ଯାଇଛନ୍ତି । ଶିଶୁସୁଲଭ ବିଷୟବସ୍ତୁକୁ ନେଇ ସେ ତାଙ୍କର ଛନ୍ଦମୟୀ ଶୈଳୀରେ ସରସ କବିତାମାନ ରଚନା କରି ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ । ତାଙ୍କ କବିତାର କାଉଁରୀ ସ୍ପର୍ଶ ଏହି ଦୁଇଟି ପଦରୁ ମଧ୍ୟ ଉପଲବ୍ଧ କରାଯାଇ ପାରିବ ।

'ଟୁପୁରୁ ଟୁପୁ ବରଷେ ମେଘ
ଅଗଣା ଯାକ ପାଣି,
ଆ ଆରେ ଆ ଆ, ପାଣି ଫୋଟକା
ହାତରେ ନେବା ଛାଣି ।
ଆହାରେ ସେ ତ ନ ଛୁଉଁ ଛୁଉଁ
ମିଳାଇ ଯାଏ କାହିଁ ?
ତାକୁଇ ସିନା ପାରିଲେ ଧରି
ଅସଲ ମଜା ଭାଇ ।'

କିଶୋର କବିତା ବିଶେଷତଃ ଗାଥା କବିତା ରଚନାରେ ରାଧାମୋହନ ଗଡ଼ନାୟକ ଜଣେ କୃତୀ କଳାକାର । ମାତ୍ରା ଛନ୍ଦ ଶୈଳୀରେ ରୂପାୟିତ ତାଙ୍କର କବିତାମାନ ଖୁବ୍ ରସୋତ୍ତୀର୍ଣ୍ଣ ଓ ସାର୍ଥକ । ''ଉତ୍କଳିକା'', ''କୈଶୋରିକା'', ''ଶାମୁକାର ସ୍ୱପ୍ନ'' ପ୍ରଭୃତି କବିତା ପୁସ୍ତକ ସ୍କୁଲ୍ କଲେଜରେ ଅତିରିକ୍ତ ପାଠ୍ୟ ଭାବରେ ବହୁଦିନ ଧରି ବ୍ୟବହୃତ ହୋଇଥିଲା । ଦୃଷ୍ଟାନ୍ତ ସ୍ୱରୂପ, ତାଙ୍କର ''ମାଆ ଓ ପୁଅ'' କବିତାର ଦୁଇଟି ମାତ୍ର ପଦ ନିଆଯାଉ ।

'କହ କହ ମାଆ ସରଗ ପୁର କି
ମାଆ ଏ ଦେଶରୁ ବଳି ?
ସେ ଦେଶେ ଅଛି ନା ମନ ଭୁଲାଣିଆ
ଏତେ ଚିଜ ଭଳି ଭଳି ?
ସେ ଦେଶେ ଅଛିନା ତରା ପୁଞ୍ଜି ପୁଞ୍ଜି
ଇମିତିକା ଜହ୍ନ ମାମୁଁ ?
ସେ ଦେଶେ ଅଛିନା ଇମିତି ବିଜୁଳି
ସାତ ରଙ୍ଗ ଇନ୍ଦ୍ରଧନୁ ?'

କୁଞ୍ଜବିହାରୀ ଦାଶଙ୍କ ଶିଶୁ କବିତାଗୁଡ଼ିକ ଅପେକ୍ଷାକୃତ ଉଚ୍ଚକୋଟୀର ଏବଂ ଓଡ଼ିଶାର ଲୋକକଥା ତଥା ଲୋକଗୀତି ସଂପର୍କୀୟ । ତାଙ୍କର ''ଲୋକଗୀତି ସଂଚୟନ''ରେ ଅନେକ ଲୁପ୍ତପ୍ରାପ୍ତ ଶିଶୁ କବିତା ସଂଗୃହୀତ । ତାଙ୍କ ରଚିତ ''ରଜା ପୁଅ ଯାଏ ପାରିଧି କରି'' କବିତାଟିର କେତୋଟି ପଂକ୍ତି ଏଠାରେ ଉଲ୍ଲେଖନୀୟ ।

'ଗଜାମୁଗ ଆଗେ କାକୁଡ଼ି, କଷି,
ରଜାପୁଅ ଯାଏ ଘୋଡ଼ାରେ ବସି
ଦୁଆରେ କେନ୍ଦରା ବଜାଏ ନାଥ,
କଇଁଫୁଲ ପରି ଦୁଇଟି ହାତ,
ଭିକ ଦେଉଁ ଲୁହ ପଡ଼ଇ ଝରି
ରଜାପୁଅ ଯାଏ ପାରିଧି କରି ।'

ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ ବହୁ ଶିଶୁ ତଥା କିଶୋର ଉପଯୋଗୀ କବିତା ''ପଲ୍ଲୀଶ୍ରୀ'' ପୁସ୍ତକରେ ସନ୍ନିବେଶିତ । ଲୋକପ୍ରିୟ ''ଛୋଟ ମୋର ଗାଁଟି'' କବିତାଟି ତାଙ୍କର କବିତା ସାହିତ୍ୟର ଏକ ସୁନ୍ଦର ପ୍ରତୀକ । ତାର ପ୍ରଥମ ପଦଟି ହେଲା-

ଛୋଟ ମୋର ଗାଁଟି,
ଭୂଗୋଳ ପୋଥି ପତରେ ପଛେ
ନ ଥାଉ ତାର ନାଁଟି ।
ମାଟିର ସେଇ ସରଗ ମୋର
ସେଇଠି ଅଛି ମୋ ଷଠିଘର
ଜଳିବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି
ଛୋଟ ମୋର ଗାଁଟି ।

ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଚିତ୍ରଶିଳ୍ପୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ବହୁ ଶିଶୁ କବିତା ଲେଖିଛନ୍ତି । ତାଙ୍କର ଅନେକ ଶିଶୁସାହିତ୍ୟ ପୁସ୍ତକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଉପାୟନପ୍ରାପ୍ତ । ବାଞ୍ଛାନିଧି ଦାଶଙ୍କ ରଚିତ ବହୁ ଶିଶୁ କବିତା ଖୁବ୍ ଲୋକପ୍ରିୟ । ସେ ଜଣେ ଜାତୀୟବାଦୀ ଚାରଣ କବି ଓ ତାଙ୍କର ଅଧିକାଂଶ କବିତାରେ ସ୍ୱଦେଶପ୍ରୀତି ଓ ସମାଜସଚେତନତା ଅଧିକ ପରିଲକ୍ଷିତ ହୁଏ । ବାଞ୍ଛାନିଧିଙ୍କ ରଚିତ ''ମୋ ଦେଶ''ର ଶେଷ ପଦଟିରୁ ତାଙ୍କ କବିତାର ବିଶେଷତ୍ୱ ଅନୁଭୂତ ହୋଇ ପାରିବ ।

''ଦେଶର କାମେ ଲାଗିବା ଆମେ
ନ ମାନି ଖରାତରା ।
ସଜାଇ ଦେବା ପରୀ-ରାଇଜ
ପରି ମୋ ଦେଶ ସାରା ।''

ଉଚ୍ଚକୋଟୀର ସାହିତ୍ୟ ସାଧନାରେ ବ୍ରତୀ ହେଲେ ହେଁ ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର ଓ ଜାନକୀବଲ୍ଲଭ ମହାନ୍ତି ଶିଶୁ ଓ କିଶୋର ଉପଯୋଗୀ କବିତା ରଚନାରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଗୋପାଳ ଚନ୍ଦ୍ରଙ୍କ କବିତା ''ଗୋଧନ''ର ପ୍ରଥମ ପଦଟି ହେଲା-

''କାନ୍ଦନା କାନ୍ଦନା ରଙ୍ଗରତନ
ଝୁଲାଉଛି ଝୁଲି କରି ଯତନ ।
ଅଝଟ ନୋହି
ଗାଉଚି ଗୀତ ମୁଁ ସୁନା ପୁଅ ପରି
ପଡ଼ରେ ଶୋଇ ।''

ଜାନକୀବଲ୍ଲଭଙ୍କ ''କ'ଣ କରିବା'' କବିତା କବିତାର ଶେଷ ପଦଟି ହେଲା-

''ପାଠପଢ଼ାରେ କଦାପି ଆମେ
କରିବା ନାହିଁ ହେଳା,
ଭଲ ପିଲାଙ୍କ ସାଥିରେ ମିଶି
କରିବା ଆମେ ଲୀଳା ।''

ଦୀର୍ଘଦିନ ଧରି ''ମୀନାବଜାର''ରେ ଜହ୍ନୁରୀ ଭାଇ ଭାବରେ ସୁପରିଚିତ ରାମପ୍ରସାଦ ମହାନ୍ତି ଶିଶୁସାହିତ୍ୟର ଜଣେ କୃତୀ କଳାକାର ଓ ସଂଗଠକ । ଶିଶୁ ମନସ୍ତତ୍ତ୍ୱ, ଶିଶୁସୁଲଭ ଭାଷା ଓ ଶୈଳୀରେ ଅସାଧାରଣ ଦକ୍ଷତା ଥିବାରୁ ତାଙ୍କର କବିତାଗୁଡ଼ିକ ଖୁବ୍ ସରସ ଓ ସାର୍ଥକ ହୋଇଥାଏ । ତାଙ୍କ କବିତା ''ମୋ ଭାଇ, ମୋ ଭଉଣୀ''ର ଶେଷ ପଦଟି ଉଦାହରଣ ସ୍ୱରୂପ ଦିଆଯାଇ ପାରେ ।

ଯାଉ ଯିଏ ଯେତେ ଦୂର ମୁଁତ ଥିବି ଦିଲ୍ଲୀ
ଦୁନିଆରେ ମହକି ଦିଏ ଫୁଲ ତୋର ମଲ୍ଲୀ,
ସଭିଏଁ ତ ସାଥୀ ମୋର ରହୁ ଯିଏ ଯେଉଁଠି
ଆମେ ଏକ ପରିବାର ଭିନେ ନୋହୁଁ କେଉଁଟି ।

ନାରୀକବି ବିଦ୍ୟୁତ୍‌ପ୍ରଭା ଜୀବନ ଓ ପ୍ରକୃତିର ପ୍ରଲୁବ୍ଧା ପୂଜାରିଣୀ । ତାଙ୍କ କବିତାଗୁଡ଼ିକରେ ସେସବୁର ଚିତ୍ର ଅତି ମନୋଜ୍ଞ ଓ ଜୀବନ୍ତ ରୂପେ ରୂପାୟିତ । ସରଳ ଭାଷାସହ ସାବଲୀଳ ଶୈଳୀ ଆଉ ଅନାବିଳ ଭାବ ! ତାଙ୍କର ଏକ କବିତା ''ମେଘ ଟୋପା''ର ଶେଷ ପଦଟି ଦେଖନ୍ତୁ-

ମେଘ ବରଷିଲା ଟପର ଟପର
ନଈରେ ଚାଲିଲା ନାଆ ।
ଗାଏ ବନମାଳୀ ହାତେ ମାରି ତାଳି
ତାକ୍ ଧିନା ଧିନି ତାଆ ।

ଚିତ୍ରଶିଳ୍ପୀ ବିନୋଦ ରାଉତରାୟ ଶିଶୁସାହିତ୍ୟ ରଚନାରେ ମଧ୍ୟ ଗୌରବାନ୍ୱିତ । ଭାରତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ତାଙ୍କର କେତେକ ପୁସ୍ତକ ମଧ୍ୟ ପୁରସ୍କାରପ୍ରାପ୍ତ । ତାଙ୍କର କବିତା ବହି 'ଛୁଟି'' ବହୁ ସରସ କବିତା ପରିପୁଷ୍ଟ । ବୀର କିଶୋର ପାଢ଼ୀ, ନଦୀୟା ବିହାରୀ ମହାନ୍ତି, ନନ୍ଦ କିଶୋର ସାମଲ, କୃଷ୍ଣ ଚରଣ ବେହେରା, ସ୍ନେହଲତା ମହାନ୍ତି, ମନୋରମା ମହାପାତ୍ର, ମଙ୍ଗୁଳୁ ଚରଣ ବିଶ୍ୱାଳ, ଧ୍ରୁବ ଚରଣ ପଣ୍ଡା, ବଟକୃଷ୍ଣ ଓଝା ପ୍ରମୁଖ ଶିଶୁ କବିତା ରଚନାରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ନିକୁଞ୍ଜ କିଶୋର ପୁସ୍ତକ ରାଜ୍ୟ ସରକାର ଓ ସାହିତ୍ୟ ଏକାଡ଼େମୀଦ୍ୱାରା ଉପାୟନପ୍ରାପ୍ତ । ତାଙ୍କର କବିତା ପୁସ୍ତକ ''ଆମ ଖେଳନା''ର ଗୋଟିଏ ପଦ ହେଲା-

ଫଗୁଣ ମାସ ଫଗୁଣ ମାସ
ତୁମରି ମୁହେଁ ଉଚ୍ଛୁଳା ହସ
ଗଛରେ ନୂଆ ପତର ଫୁଲ
ମହକି ଉଠେ ଫୁଲର ବାସ ।

ଆଧୁନିକ ଯୁଗ ଆନ୍ତର୍ଜାତିକ ସଦ୍‌ଭାବ ଓ ଜାତୀୟ ସଂହତିର ଜୟଗାନ କରେ । ସବୁ ବ୍ୟବଧାନ ଲୋପପାଇ ମଣିଷଜାତି ସୁଖୀ ହେଉ, ମଣିଷ ସମାଜ ସମୃଦ୍ଧ ହେଉ, ଏହି ବାର୍ତ୍ତା ଆଜିର ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଶିଶୁ ଓ କିଶୋରମାନଙ୍କୁ ଏଥିରେ ଅନୁପ୍ରାଣିତ କରିବା ଉଚିତ । ଜଗନ୍ନାଥ ମହାନ୍ତିଙ୍କ ଦୁଇଟି କବିତା ପୁସ୍ତକ 'ମୋ ଧୂଳିଘର' ଓ 'କିଶୋର ସଂସାର'ରେ ଏହି ଲକ୍ଷ୍ୟ ବିଶେଷ ଭାବରେ ପ୍ରତିଫଳିତ ହୋଇଛି । ତାଙ୍କର 'ସବେ ଆମେ ଭାଇଭଉଣୀ' କବିତାର ଶେଷ ପଦଟି ଏହି ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ ।

‘ଆମେ ସକଳ ଶିଶୁ
ସବୁରି ଦୁଃଖେ ଦୁଃଖିତ ଆମେ
ସବୁରି ସୁଖେ ହସୁ ।
ଧନୀ ଗରିବ ପିଲା ସବୁରି
ଭଗାରି ନୁହେଁ କେହି କାହାରି,
ସରବେ ଆମେ ସାଥୀ
ନାଚିବା ଆସ ଖେଳିବା ଆସ
ଗାଇବା ଗୀତ ମାତି ।

ସାର୍ବଜନୀନ ଶିକ୍ଷା ଆଜି ଦେଶର ଆହ୍ୱାନ । ଏହି ବାର୍ତ୍ତାକୁ ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂହଙ୍କ ପରି ଶିଶୁସାହିତ୍ୟିକ ନିଜ କୃତିରେ ସରସ ଭାବରେ ପ୍ରକାଶ କରିଛନ୍ତି । ‘ଆମେ ସବୁଜ’ କବିତା ପୁସ୍ତକର ଏକ କବିତା ‘ସ୍ଲେଟ ଭିକ୍ଷା’ର ଗୋଟିଏ ପଦ ହେଲା-

“ବାପା ହେ ଦିଅ ସିଲଟ ଖଣ୍ଡେ ଦିଅ ହେ ଫୁଲଖଡ଼ି,
ଗାଆଁ ଚାହାଳୀ ଡାକଇ ମୋତେ ଯିବି ମୁଁ ପାଠପଢ଼ି ।”

ଏମାନଙ୍କ ବ୍ୟତୀତ ଆଉ କେତେକ ସାହିତ୍ୟ-ଶିଳ୍ପୀଙ୍କର କବିତାକୃତି ଖୁବ୍ ସମ୍ଭାବନାପୂର୍ଣ୍ଣ । ଉଚ୍ଚକୋଟୀର ଫଳଶ୍ରୁତିରେ ସେଗୁଡ଼ିକ ସାର୍ଥକ ହୋଇ ପାରିଛି ।

*(**ନବରାଗ,** ଶାରଦୀୟ ବିଶେଷାଙ୍କ, ୧୯୮୫)*

# ଓଡ଼ିଆ ଶିଶୁ କବିତାର ପ୍ରକୃତି ଓ ପ୍ରଗତି

ଶିଶୁ ସ୍ୱାଭବତଃ ଛନ୍ଦ ଓ ଲୟର ପୂଜାରୀ । ତାଳମାନରେ ତାର ଆନନ୍ଦ । ଦୋଳିରେ ଝୁଲାଇଲେ କାନ୍ଦୁରା ପିଲା ବି ହସେ । ବାଜାଟିଏ ବାଜିଲେ ତାର ମନ ଆନନ୍ଦରେ ପୂରିଉଠେ । ଗୋଟିଏ ଶବ୍ଦ ବା ବାକ୍ୟଟିଏ ବାରମ୍ବାର ଉଚ୍ଚାରଣ କରିବାକୁ ସେ ଭଲ ପାଏ । ଗୀତ ଶୁଣିବାକୁ ଆଉ ବୋଲିବାକୁ ତାକୁ ସୁଖଲାଗେ । ନାନାବାୟା ଗୀତ ଗାଇଲେ କିଛି ଅର୍ଥ ନବୁଝି ବି କୁଆଁ ପିଲା ଶୋଇପଡ଼େ । ଏସବୁଥିରେ ତାର ଅସୀମ ଆନନ୍ଦ ଓ ଆଗ୍ରହ । ଏସବୁ ମାଧମରେ ତାର ଶାରୀରିକ, ମାନସିକ ଓ ଆବେଗିକ ବିକାଶ କ୍ଷିପ୍ରତର ହୁଏ । ସ୍ଥୂଳତଃ, ଶିଶୁ ଛନ୍ଦ (rhythm) ଓ ଗୀତ (rhyme)ର ଅତି ପ୍ରିୟ ।

**ପ୍ରାଚୀନ କାଳ :**

ଶିଶୁ ସାହିତ୍ୟର ମୌଳିକ ଉତ୍ସ ହେଲା ପ୍ରତ୍ୟେକ ସମାଜରେ ଯୁଗଯୁଗ ଧରି ପ୍ରଚଳିତ ନାନାବାୟା ଗୀତ (Lullaby or Nursery rhymes), ନାଁ ଦିଆ (Naming), ଅର୍ଥହୀନ କବିତା (Nonsense rhymes), ଗୋଲକ ଧନ୍ଦା ବା ପ୍ରହେଳିକା (Proverbs), ଢଗଢମାଳି ବା ପ୍ରବାଦ (Puzzles or Riddles), ପଲ୍ଲୀଗୀତ (Folk songs) ଇତ୍ୟାଦି । ଏଗୁଡ଼ିକ ଯେମିତି ସରଳ ତରଳ, ସେମିତି ଆନ୍ତରିକ ଓ ଅନାବିଳ । ଏହାର ପଦ-ଲାଳିତ୍ୟ ଓ ଛନ୍ଦ-ମାଧୁର୍ଯ୍ୟ ଶିଶୁମନକୁ ସ୍ପର୍ଶ କରେ । ଏଥିରେ ଭାବର ଜଟିଳତା ବା କ୍ଲିଷ୍ଟତା ବେଶୀନଥାଏ କିମ୍ବା ଥିଲେ ବି ରସବୋଧରେ ବାଧକ ହୁଏ ନାହିଁ । ଗିରି ନିର୍ଝରିଣୀ ପରି ଏହା ନୈସର୍ଗିକ ଓ ଛନ୍ଦୋମୟ । କେଉଁ ସୁଦୂର ଅତୀତରୁ ଓଡ଼ିଆ ମାଆ ତାର ଅଝଟିଆ ପିଲାକୁ ଶୁଆଇବା ପାଇଁ ଗାଇ ଆସୁଛି ସେଇ ଜଣାଶୁଣା ନାନାବାୟାଗୀତ ।

''ଧୋ'ରେ ବାଇଆ ଧୋଅ
ଯେଉଁ କିଆରୀରେ କଅଁଳ ମାଣ୍ଡିଆ
ସେଇ କିଆରୀରେ ଶୋଅ ।''

ସେମିତି ଚଗଲିଆ ପିଲାଟିକୁ ଶୁଆଇବାକୁ ସେ ଗାଇଆସୁଛି-

''ଦେ'ଖାଇଦେ ଛାଆଣି ଛୁଣି
ଆଉ ନାହିଁଟି ଦୋଅଡ଼ା ପାଣି ।''

ପିଲାକୁ ସେ ଝୁଲାଇ ଝୁଲାଇ ଗାଇଥାଏ-

''ଝୁଲ୍‌ରେ ହାତୀ ଝୁଲ୍
ବାଆପାଣି ଖାଇ ଫୁଲ୍ ।''

ପିଲା ଚଗଲାମି କରି ନଶୋଇଲେ ତାକୁ ଆକାଶରେ ଦିଶୁଥିବା ଉଜ୍ଜ୍ୱଳ ଜହ୍ନଦେଖାଇ ମାଆ ଗାଇଥାଏ,

''ଆ ଜହ୍ନମାମୁଁ ଶରଦଶଶୀ
ମୋ କାହ୍ନୁ କୋଳରେ ପଡ଼ରେ ଖସି ।''

ପିଲାମାନେ ନିଜନିଜ ଭିତରେ ପଚରାପଚିରି ହୁଅନ୍ତି କିମ୍ବା କେତେବେଳେ ଅଜାଆଈ ନାତିନାତୁଣୀକୁ ପଚାରନ୍ତି, କବିତା ମାଧ୍ୟମରେ ନାମ-

''ଉପରୁ ପଡ଼ିଲା ଟୋକାଟାଏ
ତା ମୁଣ୍ଡରେ ଟୋପିଟାଏ ।''

କିମ୍ବା

''ଗଛନହକା ପତର ବଙ୍କା
ତା ଫଳ ଫଳଇ ଷାଠିଏ ଟଙ୍କା ।''

ଗୋଲକଧନ୍ଦା ବି ନାଁଦିଆର ସମଶ୍ରେଣୀଭୁକ୍ତ । କିନ୍ତୁ ମଉଜିଆ ରୀତିରେ ପଚରାଯାଏ- ଦେଖି ପିଲାଏ କହିଲ-

''ଟିକି ବାଛୁରୀ ବେକରେ ପଘା
ଟିକି ଦାନ୍ତରେ କାମୁଡ଼େ ଲୁଗା ।''

ବା

''ଟିକି ଚଢ଼େଇ, ଟିକିଏ ପାଣିରେ ବୁଡ଼ିମରଇ ।''

ବା

''ମାମୁଁ ଘର ଗୋଠେ ଗାଈ
ସକାଳ ହେଲେ ଗୋଟେ ନାହିଁ ।''

ଗାଁଗହଳିରେ ଢ଼ଗଢମାଳି ବେଶୀ ଲୋକପ୍ରିୟ । ନିରକ୍ଷର ସ୍ତ୍ରୀଲୋକ ବି କଥାକଥାକେ ଢ଼ଗଢମାଳି ମେଲିଦିଏ-

''ଏଇ କଥାକୁ, ନାଆ ମେଲିଦେଲି କଲିକତ୍ତାକୁ ।''

ବା

''ଜାଣି ଘୋଡ଼ାର ଶିଙ୍ଗ ନାହିଁ,
ଶିଙ୍ଗ ଥିଲେ ଘୋଡ଼ା ରଖନ୍ତା ନାହିଁ ।''

ବା

''ନଦେଖିଲା ଓଉ ଛ'ଫଡ଼ା ।''

ବା

''ଆକାଶ କଇଁଆ ଚିଲିକା ମାଛ ।''

ଏସବୁରେ ତ ଅର୍ଥ, ବିଜ୍ଞତା ଓ ବୌଦ୍ଧିକତା ପୂରି ରହିଥାଏ । ସତେ ଯେମିତି ଯୁଗଯୁଗର ଅଭିଜ୍ଞତା ଏଥିରେ ଭରି ରହିଛି । ପାରମ୍ପରିକ ପାଣ୍ଡିତ୍ୟରୁ ଏହାର ଜନ୍ମ ।

ଅର୍ଥହୀନ କବିତା ମଧ୍ୟ ସରଳ ମନକୁ ଅଧିକ ଘେନେ । ତାର ଛନ୍ଦ ଓ ଭାଷାଲାଳିତ୍ୟରେ ପିଲାଏ ମୁଗ୍ଧବିଭୋର ହୁଅନ୍ତି, ନଥାଉ ପଛକେ ଏଥିରେ କିଛି ଅର୍ଥ ନଥାଉ ପଛକେ ଏଥିରେ କିଛି ପାଣ୍ଡିତ୍ୟ ଆଉ ନଥାଉପଛେ ଏଥିରେ କୌଣସି ଭାବଗାମ୍ଭୀର୍ଯ୍ୟ । ସେଗୁଡ଼ିକର ଦୃଷ୍ଟାନ୍ତ ହେଲା-

''ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପଇଁଚ ।''

ଅବା,

"ଇଞ୍ଚିଡ଼ି ମିଞ୍ଚିଡ଼ି ଧାଇଁ ଚିଡ଼ିଚଢ଼ି
କାଇଁଚି କାକୁଡ଼ି ନଳିତା ପିତା
ସାତ ଭାଇଙ୍କର ସାତ ମୁକୁତା ।"

ପଲ୍ଲୀଗୀତ,କାନ୍ଦଣାଗୀତ, ଶଗଡ଼ିଆଗୀତ, ଶବାରୀପାଲିଙ୍କି ବୋହିଲା ବେଳର ଡାକ ଇତ୍ୟାଦି କବିତାମୟ ହୋଇଥାଏ ଏବଂ ସେଗୁଡ଼ିକ ନାନା ପ୍ରକାର ଧାରାରେ ସମୃଦ୍ଧ । ପିଲାମାନେ ସେଗୁଡ଼ିକୁ କରନ୍ତି ଆପଣାର ଆଉ ଆଦରର । ବୟସ୍କମାନଙ୍କର ଜୀବନ ଓ କାର୍ଯ୍ୟ ସହିତ ସେଗୁଡ଼ିକ ସଂପୃକ୍ତ ହେଲେ ହେଁ ତାର ସରଳ ଭାବ ଓ ଭାଷା ସହିତ ଗୀତିମାଧୁର୍ଯ୍ୟ ପିଲାମାନଙ୍କୁ ଆକୃଷ୍ଟ କରିଥାଏ । ପ୍ରକୃତି-ଚିତ୍ର ଓ ଜୀବଜନ୍ତୁଙ୍କୁ ନେଇ ବହୁପ୍ରକାର ପଲ୍ଲୀ-ଗୀତ ଶିଶୁସାହିତ୍ୟକୁ ପରିପୁଷ୍ଟ କରିଛି । ସେଗୁଡ଼ିକର ଅଳ୍ପ କେତୋଟି ଉଦାହରଣ ହେଲା-

"ବିଲୁଆନନାରେ ବିଲୁଆନନା
ଘରପୋଡ଼ିଗଲା ପଛକୁ ଅନା ।"

"ଖରା ହେଉଛି ବର୍ଷା ହେଉଛି
ବିଲୁଆନନା ବାହା ହେଉଛି ।"

କିମ୍ବା

"ସାଧବବୋହୂଲୋ ସାଧବବୋହୂ
ନାଲି ଟୁକୁଟୁକୁ, କୁଆଡ଼େ ଯାଉ ?"

ବା

"ଟୁଉକୁ ମୂଷି, ଟୁକେଇ ମୂଷି
ଧାନଭରଣକ ଖାଉଥା ବସି ।"

ସରଳ ଛନ୍ଦ ଓ ଧ୍ୱନି, ସେଗୁଡ଼ିକର ସହଜ ଅନୁକରଣ, ପୁନରାବୃତ୍ତିର ସାବଲୀଳତା ପ୍ରଭୃତି ଏହିସବୁ ପଲ୍ଲୀଗୀତର ବିଶେଷତ୍ୱ ଓ ପିଲାମାନଙ୍କର ସ୍ୱତନ୍ତ୍ର ଆକର୍ଷଣ ।

ଗାଁ ଅବଧାନ ଚାଟଶାଳୀରେ ପିଲାମାନଙ୍କୁ ପଢ଼ାଇବା ପାଇଁ ମନବୋଧ ଚଉତିଶା, କେଶବ କୋଇଲି, ଗୋପୀଭାଷା, ଭାଗବତ, ମଥୁରା ମଙ୍ଗଳ ପ୍ରଭୃତି ବ୍ୟବହାର କରୁଥିଲେ । ପିଲାମାନଙ୍କର ବୋଧଗମ୍ୟ ନହେଲେ ସୁଦ୍ଧା ଏସବୁ କବିତା ପାଠ୍ୟ ଭାବରେ ଆଦୃତ ହୋଇଥିଲା । ଏଗୁଡ଼ିକ ମୁଖ୍ୟତଃ ପୌରାଣିକ ଓ ଧର୍ମସମ୍ବନ୍ଧୀୟ । ପିଲାମାନଙ୍କର ନୀତିଶିକ୍ଷା ଓ ଲିଖନପଠନରେ ଏସବୁ ସହାୟକ ହୋଇଥିଲେ ହେଁ ଶବ୍ଦ-କ୍ଲିଷ୍ଟତା ଓ ଭାବଗତ ଜଟିଳତା ରସବୋଧରେ ବାଧକ ହୋଇଥିଲା । କିନ୍ତୁ ପିଲାମାନେ ଉଚ୍ଚ ସ୍ୱରରେ ସେଗୁଡ଼ିକ ଗାନ କରି ଗଗନପବନ ମୁଖରିତ କରୁଥିଲେ । ସେଗୁଡ଼ିକର ଛନ୍ଦଲାଳିତ୍ୟ, ତାନମାନଲୟ କିଶୋର ଛାତ୍ରଛାତ୍ରୀମାନଙ୍କୁ ଆମୋଦିତ କରୁଥିଲା । ଉଦାହରଣ ସ୍ୱରୂପ,

‘‘କଳା କଳେବର କହ୍ନେଇ ସଂଗେ ରୋହିଣୀ ସୁତ
କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।’’

ଅଥବା

‘‘କମଳଲୋଚନ ଶ୍ରୀହରି, କରେଣ ଶଙ୍ଖଚକ୍ରଧାରୀ
ଖଗ ଆସନେ ଖଗପତି, ଖଟନ୍ତି ଲକ୍ଷ୍ମୀସରସ୍ୱତୀ ।’’

**ଉନ୍ମେଷକାଳ :**

ଊନବିଂଶ ଶତାବ୍ଦୀର ଅର୍ଦ୍ଧଭାଗରେ ମିସନାରୀମାନଙ୍କ ଚେଷ୍ଟାରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଘଟିଲା । ମିସନାରୀମାନେ ପାଠ୍ୟପୁସ୍ତକ ଲେଖିବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହୋଇ ପାରିନଥିଲେ । ବଙ୍ଗଭାଷାରୁ ଅନୂଦିତ ହୋଇ କେତେକ କବିତା ପୁସ୍ତକ ବିଦ୍ୟାଳୟରେ ପ୍ରଚଳିତ ହେଲା ।

ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ ପ୍ରମୁଖ ସାହିତ୍ୟ-ସାଧକଗଣ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ମୌଳିକ କବିତା ଲେଖିବାରେ ମନୋନିବେଶ କଲେ । ରାଧାନାଥ ଓ ମଧୁସୂଦନଙ୍କ ମିଳିତ ଉଦ୍ୟମରେ କବିତାବଳୀ (୧୮୭୬) ଓ ଛାନ୍ଦମାଳା(୧୮୮୦-୮୧) ପ୍ରଥମ ଭାଗ ପ୍ରକାଶିତ ହେଲା । ରାଧାନାଥଙ୍କ ଉଚ୍ଚାଙ୍ଗ କାବ୍ୟକବିତା ଶିଶୁମନକୁ ସ୍ପର୍ଶ କରିବା ପାଇଁ ଉପଯୁକ୍ତ ହେଲାନାହିଁ । କିନ୍ତୁ ମଧୁସୂଦନଙ୍କ କବିତାଗୁଡ଼ିକର ଭାଷା, ଭାବ, ଦୃଷ୍ଟିଭଙ୍ଗୀ, ରୁଚିବୋଧ ପ୍ରଭୃତି ଶିଶୁ ମନସ୍ତତ୍ତ୍ୱର ଅଧିକ ନିକଟବର୍ତ୍ତୀ ହୋଇପାରିଥିଲା । ତେଣୁ ଯଥାର୍ଥରେ ତାଙ୍କୁ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ଜନକ ବୋଲି କୁହାଯାଏ ।

ତାଙ୍କ ରଚିତ ''କବିତାବଳୀ'' ଓ ''ଛାନ୍ଦମାଳା''ରେ ସନ୍ନିବେଶିତ ପ୍ରଭାତ, ସଂଧ୍ୟା, ଛଅଋତୁ, ପୃଥିବୀପ୍ରତି, ନଦୀପ୍ରତି, ଜନ୍ମଭୂମି, ପରିବାର, ପଦ୍ମ, ସୀତାବନବାସ ପ୍ରଭୃତି କବିତାଗୁଡ଼ିକ ଖୁବ୍ ସଫଳ ଶିଶୁକବିତା । ଶିଶୁମନକୁ ଈଶ୍ୱରଭକ୍ତି, ନୀତିଜ୍ଞାନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟପ୍ରୀତିରେ ରସାଣିତ କରିବାକୁ ତାଙ୍କ ପଦ୍ୟସାହିତ୍ୟରେ ପର୍ଯ୍ୟାପ୍ତ ସୁଯୋଗ ଥିଲା । ସେ ଲେଖିଥିଲେ,

''ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ,
ଜଗତର କର୍ତ୍ତା ପରମଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।
ମୋ ପାଶେ ଅଛନ୍ତି ଦିବସ ରଜନୀ ମହାପ୍ରଭୁ ପରାତ୍ପର,
ଏକଥା ସୁମରି ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର ।''

ମଧୁସୂଦନଙ୍କ ''ବର୍ଣ୍ଣବୋଧ'' (୧୮୯୫) ଏକ ଅମର ଓ ଅବିସ୍ମରଣୀୟ କୃତି । ଶିଶୁମନକୁ ସ୍ପର୍ଶ କଲାଭଳି ସରଳ ତରଳ ଭାଷା, ଶୈଳୀ ଓ ଦୈନନ୍ଦିନ ଜୀବନର ନିଛକଚିତ୍ର ତାର କବିତା ଓ ପଦାବଳୀକୁ ଅତ୍ୟନ୍ତ ଆକର୍ଷଣୀୟ ଓ ରସାଳ କରିଛି । ଏଠାରେ ତାର କେତୋଟି ଦୃଷ୍ଟାନ୍ତ ଦେବାର ଲୋଭ ସମ୍ବରଣ କରି ହେଉନାହିଁ ।

''ପ୍ରଜାପତିଟି ହରଷରେ
ବସିଛି ଫୁଲର ଉପରେ ।''

ବା ''ମଧୁର ବିନୟ ବଚନ
କହି ତୋଷିବ ଜନମନ ।''

ବା ''ଶ୍ୟାମଳ ଦୂର୍ବାଦଳେ ଶୋଭିତ ମହୀ
ସାଧବବୋହୂ ତଥିପରେ ଶୋଭଇ ।''

ଏହା ବ୍ୟତୀତ ତାଙ୍କ ଲିଖିତ '' ଉତ୍କଳଗାଥା'', ''ଜନ୍ମଭୂମି'', ''ଜାତୀୟ ସଂଗୀତ'' ପ୍ରଭୃତି ଦେଶାତ୍ମବୋଧ କବିତା ଖୁବ୍ ଲୋକପ୍ରିୟ ହୋଇଥିଲା ।

ସାମସାମୟିକ ସାହିତ୍ୟ-ସେନାପତି ଫକୀରମୋହନ ଆଧୁନିକ ଓଡ଼ିଆ କଥାସାହିତ୍ୟର ଜନକ । କିନ୍ତୁ ସେତେବେଳେ ଶିଶୁସାହିତ୍ୟର ବିଶେଷ ଅଭାବ ଥିବାରୁ ସେ ମଧ୍ୟ ଏଦଗରେ ନିଶ୍ଚେଷ୍ଟ ନଥିଲେ । ତାଙ୍କର ''ପୁଷ୍ପମାଳା''(୧୮୯୪) ଓ ''ଅବସର ବାସରେ'' (୧୯୦୮) ପୁସ୍ତକ ଦ୍ୱୟରେ ଅନେକ ଶିଶୁ ଓ କିଶୋରସୁଲଭ କବିତା

ଆତ୍ମପ୍ରକାଶ କରିଛି । ସେଗୁଡ଼ିକ ମଧ୍ୟରେ ଶଙ୍ଖୀବିରାଡ଼ି, ଚାନ୍ଦମଣିର ଅଙ୍ଗୀ, ଭାଇଭଉଣୀ, ଡାଆଣୀ ଆଲୁଅ, ଚକୁଆଚକୋଇ ଇତ୍ୟାଦି ଶିଶୁ ସମାଜରେ ଖୁବ୍ ଆଦୃତ ହୋଇଥିଲା ।

ସ୍ୱଭାବକବି ଗଙ୍ଗାଧର, କବିଶେଖର ଚିନ୍ତାମଣି ପ୍ରମୁଖ ଉଚ୍ଚକୋଟୀର କାବ୍ୟକବିତା ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ଶିଶୁକବିତା କ୍ଷେତ୍ରରେ ସେମାନଙ୍କର ବିଶେଷ ଅବଦାନ ନାହିଁ କହିଲେ ଚଳେ । କିନ୍ତୁ ପଲ୍ଲୀକବି ନନ୍ଦକିଶୋର ଶିଶୁ କବିତାର ଏକ ସୁଦକ୍ଷ ସାଧକ । ତାଙ୍କ ରଚିତ ପଲ୍ଲୀଚିତ୍ର (୧୮୯୮)ରେ ସନ୍ନିବେଶିତ କବିତାଗୁଡ଼ିକ ଶିଶୁସୁଲଭ ବିଷୟବସ୍ତୁ, ଭାଷା ଓ ଛନ୍ଦରେ ଉପାଦେୟ ଓ ଆକର୍ଷଣୀୟ ହୋଇପାରିଛି । ଓଡ଼ିଶାର ପଲ୍ଲୀପ୍ରକୃତି ତାଙ୍କ ରଚନାରେ ଜୀବନ୍ତ ଏବଂ ପ୍ରାଚୀନ ଛନ୍ଦରାଗରେ ରସୋତ୍ତୀର୍ଣ୍ଣ ହୋଇପାରିଛି । ତାଙ୍କ ସଫଳ କବିତାକୃତିର କିଞ୍ଚିତ ଉଦାହରଣ ହେଲା-

''ଡାମରା କାଉରେ ଡାମରା କାଉ
ଉଞ୍ଚପରବତେ ବୋବାଉ ଥାଉ
ଉଞ୍ଚପରବତ କୁଞ୍ଚିକୁଞ୍ଚିକା
ତହିଁରେ ବସିଛି ତିନି ମଞ୍ଚିକା ।''

ବା

''ଡାଆଣିଆ ଖରା ପଡ଼ିଛି ବେଳ ଯାଉଇ ବୁଡ଼ି
କି ସୁନ୍ଦର ପାରାଯୋଡ଼ିଏ ଯାଉ ଅଛନ୍ତି ଉଡ଼ି ।
ଆସ ଆସ ପାରାଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ ରସ ।
ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାମୁଁଘରୁ ମୁଁ ଆଣି ।''

ସୁବିଖ୍ୟାତ ''ଭାଷାକୋଷ''ର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ ମଧ୍ୟ ଜଣେ କୃତୀ ସାହିତ୍ୟିକ ଥିଲେ । ଶିଶୁସାହିତ୍ୟ ପ୍ରତି ତାଙ୍କର ବିଶେଷ ଅବଦାନ ନଥିଲେ ହେଁ ତାହା ଉଲ୍ଲେଖଯୋଗ୍ୟ । ସେ ଗାଁ ଗହଳିରୁ ଲୁପ୍ତପ୍ରାୟ ଲୋକକାହାଣୀ, ଲୋକଗୀତି, ପ୍ରହେଳିକା, ଢଗଢମାଳି ଇତ୍ୟାଦି ସଂଗ୍ରହ କରିଥିଲେ । ଏହା ବ୍ୟତୀତ ତାଙ୍କର ମୌଳିକ କୃତି ମଧ୍ୟ ଅସାମାନ୍ୟ ଥିଲା । ଏହା ବ୍ୟତୀତ ତାଙ୍କର ମୌଳିକ କୃତି ମଧ୍ୟ ଅସାମାନ୍ୟ ଥିଲା । ତାଙ୍କ

ରଚିତ ''ଧୋରେ ବାୟା ଧୋ'' ଶିଶୁକବିତା ପୁସ୍ତକଟି ଖୁବ୍ ଲୋକପ୍ରିୟ ହୋଇଥିବାରୁ ସେଥିମଧ୍ୟରେ ବିଶେଷ ଆଦୃତ ହୋଇଥିଲା ''ଝୁଲରେ ହାତୀଝୁଲ'', ଯାହାର ଦୁଇପଦ ହେଲା-

''ହାତୀ ଝୁଲୁଥାଏ ରାଜା ବଗିଚାରେ
କିଆ କନ୍ଦା ଖାଇବାକୁ
କହ୍ନେଇ ଝୁଲଣ୍ଟି ମୋହରି କୋଳରେ
ଦୁଧକଳେ ଖାଇବାକୁ ।''
ଝୁଲୁ ଝୁଲୁ ହାତୀ ଢୁଲାଇ ପଡୁଛି
ଧୂଳିରେ ଧୂସର ଦିହ,
ବାଆପାଣି ପିଇ ପଙ୍କେ ଲୋଟି ହୋଇ
ଝୁଲୁ ତୁ କିପରି କହ ?''

୧୯୦୬ ମସିହାରେ ବାମଣ୍ଡାର ରାଜା ସୁତଳଦେବଙ୍କ ସାହାଯ୍ୟରେ ''ଜହ୍ନମାମୁଁ'' ଶୀର୍ଷକ ଏକ ଶିଶୁକବିତା ସଂକଳନ ପ୍ରକାଶିତ ହୋଇଥିଲା । ସେଥିରେ ବାରଟି କବିତା ସନ୍ନିବେଶିତ ହୋଇଥିଲା । କିନ୍ତୁ ସେଥିରେ ବିଷୟବସ୍ତୁ ବା ଭାଷାଶୈଳୀରେ କୌଣସି ନୂତନତ୍ୱ ନଥିବାରୁ ତାହା ଆଦୃତ ହୋଇପାରିନଥିଲା ।

ଆଦର୍ଶ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କ ଲିଖିତ ''କଥାବଳି''ରେ ଚଉଦଟି କବିତା ଆତ୍ମପ୍ରକାଶ କରିଥିଲା । ତା ମଧ୍ୟରୁ ଛଅଟି ଥିଲା ଋତୁବର୍ଣ୍ଣନା ଏବଂ ସେଥିରେ ମଧୁସୂଦନଙ୍କ ଭାଷା ଓ ଶୈଳୀ ସୁସ୍ପଷ୍ଟ । ତେବେ ସେଗୁଡ଼ିକ ଶିଶୁମନୋରଞ୍ଜକ ଓ ଶିକ୍ଷଣୀୟ ଥିଲା । ''ବେଙ୍ଗରାଜା'' ଶୀର୍ଷକ ଗୋଟିଏ ଲୋକପ୍ରିୟ କବିତାରୁ ପଦେ ହେଲା-

''ପାଣି ବରଷିଲା ଟପର ଟପର
କେସୁର ମାଇଲା ଗଜା,
ସାରୁଗଛମୂଳେ ବେଙ୍ଗଟିଏ ବସି
ଆପେ ବୋଲାଉଛି ରଜା ।''

ଅନ୍ୟତମ ଶିକ୍ଷକ ମୃତ୍ୟୁଞ୍ଜୟ ରଥ ଅନ୍ୟାନ୍ୟ ସାହିତ୍ୟିକ କୃତି ମଧ୍ୟରେ ଶିଶୁକବିତା ରଚନାରେ ମଧ୍ୟ ନିଜର ସ୍ୱାକ୍ଷର ପ୍ରଦାନ କରି ଯାଇଛନ୍ତି ।

(**ନବରାଗ** ଅକ୍ଟୋବର ୧୯୮୩)

• • • • • • •

# ଓଡ଼ିଆ ଶିଶୁ କବିତାର କଥାବସ୍ତୁ

**ଉପକ୍ରମ :**

ଆଧୁନିକ ଓଡ଼ିଆ ଶିଶୁ-ସାହିତ୍ୟର ବିକାଶ ଓ ପ୍ରସାର ହୋଇଛି ଅଭୂତପୂର୍ବ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବିକାଶ ଜ୍ଞାନର ବିସ୍ଫୋରଣ, ଯୋଗାଯୋଗ କ୍ଷେତ୍ରରେ ବିଭିନ୍ନ ବୈଦ୍ୟୁତିକ ମାଧ୍ୟମର ଉପଯୋଗ ଆମ ସାହିତ୍ୟ ବିଶେଷତଃ ଓଡ଼ିଆ ଶିଶୁ-ସାହତ୍ୟକୁ ନାନା ରୂପରେ ପ୍ରଭାବିତ କରିଛି । ପୁସ୍ତକର ମୁଦ୍ରଣ ଓ ପରପାଟୀର ବର୍ଣ୍ଣବିଭା ଓ ବହୁମୁଖିତା ସହିତ 'କଥାବସ୍ତୁ'ର ବ୍ୟାପକତା ଓ ବୈଚିତ୍ର୍ୟ ପରିଲକ୍ଷିତ ହୋଇଛି । ସୁତରାଂ ଶିଶୁ-ସାହିତ୍ୟ ପୁସ୍ତକ ଓ ପତ୍ରିକା ଆଜି ନୂତନ ରୂପ, ରସ, ଛନ୍ଦ ଓ ବର୍ଣ୍ଣବିଭାରେ ଖୁବ୍ ଆକର୍ଷଣୀୟ ହୋଇପାରିଛି । ଶିଶୁ ସାହିତ୍ୟକୁ ଓ ଶିଳ୍ପୀମାନଙ୍କର ସୃଜନଶୀଳତା ଓ କଳ୍ପନାପ୍ରବଣତା ଆଦି ଉତ୍ତୁଙ୍ଗ ଶିଖରକୁ ଉନ୍ନୀତ ହୋଇଛି ।

କବିତା ଯୁଗେ ଯୁଗେ ଶିଶୁ ଓ କିଶୋରପ୍ରାଣକୁ ଆକୃଷ୍ଟ କରିଛି । ତା'ର ସ୍ୱର, ଛନ୍ଦ, ତାନିମାନ ତାକୁ ମୁଗ୍ଧ କରିଛି । ପର୍ବପର୍ବାଣି, ମେଳା-ମହୋତ୍ସବ, ଏମିତିକି ବିପଦ ଆପଦରେ ଏହା ତାକୁ ଆନନ୍ଦ, ଉଲ୍ଲାସ, ଉତ୍ସାହ ପ୍ରେରଣା, ଶକ୍ତି ସାହସ ଆଦି ପ୍ରଦାନ କରିଛି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହା ଜୀବନକୁ ଗଭୀର ଭାବରେ ସ୍ପର୍ଶ କରିଥାଏ । ତେଣୁ ପ୍ରାୟ ସମସ୍ତ ଭାଷାରେ ଏଥିରୁ ସାହିତ୍ୟର ଜନ୍ମ ଏବଂ ସେଥିରୁ ହିଁ ଶିଶୁସାହିତ୍ୟର ଉନ୍ମେଷ । କ୍ରନ୍ଦନରତ ଶିଶୁକୁ ସାନ୍ତ୍ୱନା ଦେବା ପାଇଁ, ଅବୁଝା ଶିଶୁକୁ ବୁଝାଇବା ପାଇଁ, ଶିଶୁକୁ ଶୁଆଇବା, ଖୁଆଇବା ଆଦି ପାଇଁ ବ୍ୟବହୃତ ନାନା ବାୟାଗୀତ (Nursery rhymes), ଲୋକଗୀତ(Folk songs), ପ୍ରହେଳିକା (Riddles), ନାମଦିଆ (Naming), ଢଗଢ଼ମାଳି (Proverbs) ଇତ୍ୟାଦି ମୌଖିକ ଶିଶୁଗୀତ ଶିଶୁସାହିତ୍ୟ ତଥା କବିତାର ମୂଳ ଉତ୍ସ । ଏସବୁର କ୍ଷୀଣ ନିର୍ଝରିଣୀ କାଳକ୍ରମେ ବିରାଟ ସ୍ରୋତସ୍ୱିନୀର ରୂପ ନେଇଛି ।

## ୨) କବିତାର ଆତ୍ମିକ ଓ ଆଙ୍ଗିକ ବିଭାବ

ଶିଶୁ କବିତାକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ଗୋଟିଏ ହେଲା ଆତ୍ମିକ (Content or Theme) ଏବଂ ଅନ୍ୟଟି ହେଲା ଆଙ୍ଗିକ (Form or Format) । ବୃକ୍ଷର କାଣ୍ଡ, ଶାଖା, ପତ୍ରଫୁଲ ଓ ଫଳ ପରି ଶିଶୁ କବିତାର ବିଷୟବସ୍ତୁ । ଗୋଟିଏ ବୀଜ କ୍ଷୁଦ୍ର, ଅତି କ୍ଷୁଦ୍ର ହେଲେ ବି ତା' ଭିତରେ ବିରାଟ ବୃକ୍ଷର ସମ୍ଭାବନା ଥାଏ । ଲେଖକର ଏକ ସାମାନ୍ୟ ଧାରଣା ବା ପ୍ରତ୍ୟୟ (Concept) ମଧ୍ୟରେ ବିରାଟ ପୁସ୍ତକର ସୃଷ୍ଟି-ସମ୍ଭାବନା ନିହିତ । ବିଭିନ୍ନ ତଥ୍ୟ, ଭାଷା, ବିଷୟବସ୍ତୁର ବର୍ଣ୍ଣନା ଆଦି ଗୋଟିଏ ପୂର୍ଣ୍ଣାଙ୍ଗ କବିତାରେ ରୂପାୟିତ ହୋଇଥାଏ । ମାତ୍ର ଏଥିପାଇଁ ଉପାଦାନ ଓ ଅନୁକୂଳ ପରିବେଶ ଏକାନ୍ତ ଆବଶ୍ୟକ । ଦେହରେ 'ଆତ୍ମା' ପରି ଶିଶୁକବିତାରେ 'କଥାବସ୍ତୁ'ର ଅସ୍ତିତ୍ୱ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଏହି ଆତ୍ମିକ ବିଭାବ କ୍ଷୀଣ ଓ ଅମୂର୍ତ୍ତ ହେଲେ ହେଁ ବିଭିନ୍ନ ରୂପରେ ଏହା ଆତ୍ମପ୍ରକାଶ କରିଥାଏ । ବୃକ୍ଷର ଆକୃତି, ପତ୍ରବିନ୍ୟାସ, ପୁଷ୍ପର ସୁରଭି ଓ ଫଳର ସ୍ୱାଦରେ ସ୍ୱତନ୍ତ୍ର୍ୟ ରହିଲା ପରି ଶିଶୁ କବିତାର ପ୍ରକାଶଭଙ୍ଗୀ, ଭାଷାବିଭବ ଓ ଭାବର ବ୍ୟଞ୍ଜନାରେ ସ୍ୱକୀୟତା ଥାଏ । ଏହା ହେଲା ଶିଶୁ କବିତାର ଆଙ୍ଗିକ ବିଭାବ । ଭାଷା, ଚିତ୍ର, ମୁଦ୍ରଣ ପରିପାଟୀ, କାଗଜ ବନ୍ଧେଇ ଆଦି ଶିଶୁ କବିତାର ଆଙ୍ଗିକ ପରିସରଭୁକ୍ତ । ଉଭୟ ଆତ୍ମିକ ଓ ଆଙ୍ଗିକ ବିଭାବର ମଧୁର ସମନ୍ୱୟରେ ଶିଶୁକବିତା ତଥା ତା'ର ପୁସ୍ତକ ଆକର୍ଷଣୀୟ ହୋଇଥାଏ ।

### ୩. କଥାବସ୍ତୁର ବିଶେଷତ୍ୱ :

ଶିଶୁସାହିତ୍ୟର କଥାବସ୍ତୁ ନିମ୍ନଲିଖିତ ନୀତି ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ ।

(କ) ମଣିଷର ଆତ୍ମା ପରି ଶିଶୁକବିତାର ଆତ୍ମିକ ବିଭାବ ଗୁରୁତ୍ୱପୂର୍ଣ୍ଣ ।

(ଖ) କଥାବସ୍ତୁ ବ୍ୟତୀତ କୌଣସି ରଚନାର ଅସ୍ତିତ୍ୱ ଅସମ୍ଭବ ।

(ଗ) ଅଙ୍କୁରୋଦ୍‌ଗମ ପାଇଁ ଅନୁକୂଳ ପରିବେଶ ଓ ଉପଯୁକ୍ତ ଉପାଦାନ ପରି ଶିଶୁକବିତାର ସୃଷ୍ଟି ପାଇଁ ଲେଖକର ଜ୍ଞାନ, କୌଶଳ, କଳା, ଚେତନା, ଆବେଗ ଆଦି ଏକାନ୍ତ ଆବଶ୍ୟକ ।

(ଘ) କଥାବସ୍ତୁର ନୂତନତା ଓ ବୈଚିତ୍ର୍ୟ ପିଲାମାନଙ୍କ ରଚନାକୁ ଆକର୍ଷଣୀୟ କରିଥାଏ ।

(ଙ) କଥାବସ୍ତୁରେ ନୀତିବାଣୀର ପ୍ରଚାର କରିବା ଉଚିତ ନୁହେଁ । ପରୋକ୍ଷ ଭାବରେ ଏହା ପ୍ରଦତ୍ତ ହେଲେ ଅଧିକ ଗ୍ରାହ୍ୟ ହୋଇଥାଏ ।

(ଚ) ବିଷୟବସ୍ତୁ ଓ ପରିବେଷଣ ଶୈଳୀ ମଧ୍ୟରେ ସାମଞ୍ଜସ୍ୟ ରହିବା ବାଞ୍ଛନୀୟ ।

(ଛ) କବିତାର ଉପଜୀବ୍ୟ ଶିଶୁର ଉପଭୋଗ୍ୟ ହେବା ଉଚିତ ।

(ଜ) କଥାବସ୍ତୁ ଜାତୀୟ ଶିକ୍ଷାନୀତିର ପରିପୋଷକ ହେବା ଆବଶ୍ୟକ ।

(ଝ) ବିଷୟବସ୍ତୁ ବାସ୍ତବ ବା କାଳ୍ପନିକ ହୋଇପାରେ, ମାତ୍ର ତାହା ପାଠକର ଶ୍ରଦ୍ଧା ଓ ବିଶ୍ୱାସର ଭାଜନ ହେବା ଉଚିତ ।

(ଞ) ବିଷୟ ଓ ବର୍ଣ୍ଣନା ଶିଶୁ ତଥା କିଶୋରର ବ୍ୟକ୍ତିତ୍ୱ-ବିକାଶକ ହେବା ଦରକାର ।

(ଟ) ବିଷୟବସ୍ତୁ ଓ ଶୈଳୀ ପରସ୍ପର ପରିପୂରକ ହେବା ଉଚିତ ।

(ଠ) କଥାବସ୍ତୁ ପାଠକ ପ୍ରାଣରେ ଆଶା, ଆନନ୍ଦ ଓ ଆଲୋକ ଭରିଦେବା କାମ୍ୟ ।

## ୪. ଓଡ଼ିଆ ଲୋକଗୀତ ତଥା ମୌଖିକ ଶିଶୁଗୀତ

ଓଡ଼ିଆ ଲୋକଗୀତ ତଥା ମୌଖିକ ଶିଶୁଗୀତ ମଧ୍ୟରେ ନାନାବାୟା ଗୀତର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଶିଶୁକୁ ବୁଝାଇବା ପାଇଁ, ଗେହ୍ଲା କରିବା ପାଇଁ, ଶୁଆଇବା ପାଇଁ, ଖୁଆଇବା ପାଇଁ, ଉଠାଇବା ପାଇଁ ଏହା ବ୍ୟବହୃତ । ଜହ୍ନମାମୁଁ, ଚଢ଼େଇ, କୁକୁର, ବିରାଡ଼ି, ଆଦି ଦେଖାଇ ମାଆ, ଆଈ ଓ ଧାଈମାନେ ଏହା ଗାଇଥାନ୍ତି । ଯୁଗ ଯୁଗ ଧରି ସବୁ ଭାଷାରେ ଏହାର ବ୍ୟବହାର ହୋଇଆସିଛି । ସରଳ ଭାଷା, ମଧୁର ଧ୍ୱନି ଏହି ଗୀତଗୁଡ଼ିକର ବିଶେଷତ୍ୱ । ଉଦାହରଣ ସ୍ୱରୂପ -

''ଝୁଲରେ ହାତୀ ଝୁଲ, ବାଆପାଣି ପିଇ ଫୁଲ
ବଣେ ବୁଲୁଥାଏ ବାଇଆ ହାତୀ, ଆଇମାଆ କୋଳେ ଅବୁଝା ନାତି ।''

ଅଥବା

''ଝୁଲରେ ହାତୀ ଝୁଲ, ବାଆପାଣି ଖାଇ ଫୁଲ ।''

''ହାତୀ ଝୁଲୁଥାଏ ରଜା ବଗିଚାରେ କିଆକନ୍ଦା ଖାଇବାକୁ
କହ୍ନେଇ ଝୁଲଇ ତା' ମାଆ କୋଳରେ ଦୁଧ କଳେ ଖାଇବାକୁ ।''

କି ସୁନ୍ଦର ତୁଳନା ମଧ୍ୟରେ ଏହି ଗୀତ ସ୍ଥାନୀୟ ଅବସ୍ଥା ଦୃଷ୍ଟିରୁ କାଳକ୍ରମେ ଅବଶ୍ୟ ପରିବର୍ତ୍ତିତ ହୋଇଥାଏ । ଗାୟିକାର ସୃଜନଶୀଳତା ମଧ୍ୟ ଏଥିପାଇଁ ଦାୟୀ ।

ପିଲାଟି ବଡ଼ ହେଲେ ଗପ ଶୁଣିବାକୁ ଚାହେଁ, ଅଜା-ଆଇ ପାଖରେ ଅଳି କରେ । ସେମାନଙ୍କୁ ଗପ କହିବାକୁ ପଡ଼େ । ମାତ୍ର କଥାର ଲଥା ପରି ଗପ ସହିତ ଗୀତଟିଏ ଯୋଡ଼ା ହୋଇଥାଏ । କେତେବେଳେ କଥା ଭିତରେ ତ କେତେବେଳ କଥା ସରିଲେ । ଉଦାହରଣ ସ୍ୱରୂପ :

''ଦେ' କମାର ଦେ' ଦାଆ
କାଟେ ଘାସ, ଖାଉ କାଳୀଗାଈ ଦେଉ ଦୁଧ,
ଖାଉ ମିରିଗ, ଦେଉ ଶିଙ୍ଗ
ଖୋଳେ ମାଟି, ଗଢୁ କୁମ୍ଭାର କଳସୀ ଗୋଟି,
କାଢ଼େ ପାଣି, ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।''

ଅବା

''ମୋ କଥାଟି ସରିଲା ଫୁଲ ଗଛଟି ମରିଲା
ହଇରେ ଫୁଲ ଗଛ କାହିଁକି ମଲୁ ?

xxx xxx xxx xxx

''ମୁଁ ଭୂଇଁ ତଳେ ତଳେ ଥାଏ ।
କଅଁଳ ମାଉଁସ ଟିକିଏ ପାଇଲେ ରୁଟ୍ କିନା ଖାଏ ।''

ଶିଶୁ ତଥା କିଶୋର ଗୀତ ଶୁଣିବାକୁ ଓ ଗାଇବାକୁ ସୁଖପାଏ । ଗୀତର ଲାଳିତ୍ୟ, ଭାଷାର ସାବଲୀଳତା, ପୁନରୁକ୍ତି, କ୍ରମିକତା, ଛନ୍ଦ ଆଦି ପିଲାର ସରଳ ମନକୁ ଛୁଇଁଥାଏ । ଜୀବନର ସବୁ ସ୍ତରରେ ସେ ଗୀତ ଶୁଣି ଆହ୍ଲାଦିତ ହୁଏ । ପିଲାର ପରିବେଶ, ସାମାଜିକ ଚଳଣି, ପୋଷା ପଶୁପକ୍ଷୀ, ଆଦିକୁ ନେଇ ଶିଶୁଗୀତ ରୂପାୟିତ ହୁଏ । ସାମାଜିକ ଓ

ପ୍ରାକୃତିକ ଘଟଣା ମଧ୍ୟ ଏହାର ମୁଖ୍ୟ ଉପାଦାନ ହୁଏ । ପର୍ବପର୍ବାଣି, ଓଷାବ୍ରତ ଆସେ । ପିଲାମାନେ ଗୀତ ଗାଆନ୍ତି ଆଉ ଶୁଣନ୍ତି -

"କୁଆଁର ପୁନେଇ ଜହ୍ନ ଲୋ, ଫୁଲ ବଉଲବେଣୀ"

ଅଥବା

"ବନରେ ଡାକଇ ଗଜ, ବରଷକେ ଥରେ ଆସିଛି ରଜ ।"

**୫. ପ୍ରାଚୀନ ପଠନ ସାମଗ୍ରୀ**

ପିଲା ଯାଏ ଚାଟଶାଳୀ ବା ଚାହାଳିକୁ ପାଠ ପଢ଼ିବା ପାଇଁ । ଏଥିପାଇଁ ଦରକାର ପଡ଼େ ପଠନ ସାମଗ୍ରୀ । 'କଳା କଳେବର କହ୍ନେଇ', 'ମନବୋଧ ଚଉତିଶା', 'କମଳଲୋଚନ ଚଉତିଷା' ଆଦି ଏଥିପାଇଁ ବ୍ୟବହୃତ ହୁଏ । ଗୀତର ଛନ୍ଦ ଲାଳିତ୍ୟ ସେମାନଙ୍କୁ ମୁଗ୍ଧ କରେ । ଅର୍ଥ ନବୁଝି ମଧ୍ୟ ସେମାନେ ଗାଆନ୍ତି, ସହଜରେ ମନେ ରଖି ଦିଅନ୍ତି । ଯଥା :

କ-କ-କାଳିନ୍ଦୀ ତୀରେ

ଖ-ଖ-ଖେଳନ୍ତି ଧୀରେ

xxx xxx xxx xxx

ଷ-ଶ-ସାରଙ୍ଗ ପାଣି

ସ-ସ-ସୁନ୍ଦର ମଣି

ହ-ହ-ହରି ଦାସିଆ

କ୍ଷ-କ୍ଷ-କ୍ଷମା କାରିଆ

(କାଳିନ୍ଦୀ ତୀରେ ଚଉତିଶା- ହରିଦାସ)

ଏହିପରି ବହୁ ଚଉତିଶା, ଭଜନ, ଜଣାଣ ଏବଂ ଛାନ୍ଦ, କୋଇଲି, ଭାଗବତ ଆଦି ପଠନ ସାମଗ୍ରୀ ଭାବରେ ବ୍ୟବହୃତ ହେଉଥିଲା ।

**୬. ପାଠ୍ୟପୁସ୍ତକ :**

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ବା ୧୮୧୩ ମସିହାରେ ଇଂରେଜ ସରକାର ଶିକ୍ଷାଦାନରେ ନିଜର ଭୂମିକା ଗ୍ରହଣ କରିଥିଲେ । ଆଧୁନିକ ଶିକ୍ଷା ପ୍ରଣାଳୀ ପ୍ରଚଳିତ

ହେଲା । ମିସନାରୀମାନେ ଧର୍ମପ୍ରଚାର ସହିତ ଶିକ୍ଷାଦାନକୁ ନିଜର କର୍ତ୍ତବ୍ୟ ମଣିଲେ । ଏଥିପାଇଁ ପାଠ୍ୟପୁସ୍ତକର ଅଭାବ ଅନୁଭୂତ ହେଲା । ବଙ୍ଗଳା ପାଠ୍ୟପୁସ୍ତକ ରଚନାର ଅନୁବାଦ ଓ ଅନୁସରଣ ହେଲା । ତା'ପରେ କେତେଜଣ ମୌଳିକ ପାଠ୍ୟପୁସ୍ତକ ରଚନାରେ ନିଜର ସାଫଲ୍ୟ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରେ ଘନଶ୍ୟାମ ମିଶ୍ର, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦଚନ୍ଦ୍ର ଶର୍ମା ପ୍ରମୁଖ ବର୍ଣ୍ଣ ଶିକ୍ଷା କ୍ଷେତ୍ରରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ପ୍ୟାରୀମୋହନ ସେନ୍, ପ୍ରଭାକର ଚୂଡ଼ାମଣି, ପ୍ରଭାକର ବିଦ୍ୟାରତ୍ନ, କପିଳେଶ୍ୱର ବିଦ୍ୟାଭୂଷଣ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ମିସନାରୀମାନେ "ପିଲାମାନଙ୍କ ଧର୍ମଗୀତ" (୧୯୬୭) ଓ ମନୋରଞ୍ଜନ (୧୮୭୪) ଓ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଢ଼ଗମାଳା (୧୮୭୫) ଓ ଢ଼ଗମାଳିକା (୧୮୭୫) ରଚନା କରି ପିଲାମାନଙ୍କ ପାଇଁ ପଠନ ସାମଗ୍ରୀର ଅଭାବ ପୂରଣ କରିଥିଲେ । କ୍ଷୀଣ ଭାବରେ ହେଉ ପଛେ ଶିଶୁସାହିତ୍ୟର ସ୍ପନ୍ଦନ ଓ ଜୀବନ ଅନୁଭୂତ ହୋଇଥିଲା ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏବଂ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହେଲା, ଉକ୍ତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ।

ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରଚେଷ୍ଟାରେ ଶିଶୁସାହିତ୍ୟ ବିଶେଷତଃ ଶିଶୁ କବିତା ଲୋକପ୍ରିୟ ହେଲା । କବିବର ରାଧାନାଥ ରାୟ ମଧ୍ୟ ତାଙ୍କ ସହିତ ଏ ଦିଗରେ ସହଯୋଗ କରିଥିଲେ । କବିତାବଳୀ (୧ମ ଭାଗ-୧୮୭୬), ଛନ୍ଦମାଳା (୧୮୮୦-୮୧), କବିତାବଳୀ (୧୮୮୬) ଏମିତିକି ବର୍ଣ୍ଣବୋଧ (୧୮୯୫) ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହୋଇ ସେଥିରେ ଶିଶୁକବିତାର ଆତ୍ମପ୍ରକାଶ ଘଟିଥିଲା । ଶିଶୁର ପରିବେଶରୁ ହିଁ ଏଥିପାଇଁ ମୁଖ୍ୟ ଉପାଦାନ ସଂଗୃହୀତ ହୋଇଥିଲା । ପ୍ରଭାତ, ସଂଧ୍ୟା, ହାତୀ, ମଇଁଷି, ଗାଈ, ଛେଳି, ବିଲେଇ, କୁକୁର ଆଦିଙ୍କୁ ନେଇ କବିତାଗୁଡ଼ିକ ରଚିତ ହେଲା । ତା'ର କେତୋଟି ଦୃଷ୍ଟାନ୍ତ ହେଲା -

"ତୁ-ତୁ-ତୁ ଡାକିଲି ମୁହିଁ
ଦୌଡ଼ି ଆସିଲୁ କୁକୁର ତୁହି
ଆଉଁସି ଦେବିରେ ଦେହ ତୋହର
ଖାଇବାକୁ ଦେବି ଭାତ ମୋହର"

ବ୍ୟାସକବି ଫକୀରମୋହନ ମଧ୍ୟ ପିଲାଙ୍କ ପାଠ୍ୟପୁସ୍ତକ ରଚନାରେ ଦକ୍ଷତା ଦେଖାଇଥିଲେ । ଅବଶ୍ୟ ତାଙ୍କର ପଦ୍ୟ ଅପେକ୍ଷା ଗଦ୍ୟ ଅଧିକ ଆଦୃତ ହୋଇଥିଲା ।

ଏମିତିକି ତାଙ୍କର ପୁଷ୍ପମାଳା (୧୮୮୪) ଓ ଅବସର ବାସରେ (୧୯୦୮)ରେ ସ୍ଥାନିତ କେତୋଟି କବିତା ଶିଶୁ/କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସ୍ୱନାମଧନ୍ୟ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କର 'କଥାବଳୀ' (୧୯୧୬-୧୭)ରେ ଉଭୟ ଗଦ୍ୟ ଓ ପଦ୍ୟ ସ୍ଥାନିତ ହୋଇଥିଲା ଏବଂ 'ପ୍ରକୃତି' ଥିଲା ପ୍ରଧାନ ଉପଜୀବ୍ୟ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସଂପାଦିତ (ବାମଣ୍ଡା ରାଜା ମୁଦ୍ଗଳ ଦେବଙ୍କ ଦ୍ୱାରା) ''ଜହ୍ନମାମୁଁ' କବିତା ସଂକଳନ ଏକ ସାର୍ଥକ ସାମୂହିକ ଉଦ୍ୟମ । ଏହାର ସମସ୍ତ କବିତା 'ଜହ୍ନମାମୁ' ଉପରେ ହିଁ ଆଧାରିତ । ଶିଶୁର ପ୍ରିୟବସ୍ତୁ 'ଜହ୍ନ' ଉପରେ ଏହାର ସମସ୍ତ କବିତା ଆଧାରିତ ହୋଇଥିଲେ ହେଁ ଅଧିକାଂଶ କବିତାର ଭାଷା ଖୁବ୍ କ୍ଲିଷ୍ଟ ଥିଲା ।

ସୁସାହିତ୍ୟିକ ଗୋପାଳଚନ୍ଦ୍ର ପ୍ରହରାଜ ''ଉତ୍କଳ କାହାଣୀ'ରେ ଲୋକକଥା ପ୍ରକାଶ କରିବା ବ୍ୟତୀତ ଲୋକଗୀତ, ଢ଼ଗଢ଼ମାଳି, ପ୍ରହେଳିକା ଆଦିର ସଂକଳନ କରିଥିଲେ । ସେ ମଧ୍ୟ କେତୋଟି ମୌଳିକ କବିତା ପିଲାମାନଙ୍କ ପାଇଁ ରଚନା କରିଥିଲେ । ସେଗୁଡ଼ିକ ମଧ୍ୟରେ 'ଧୋରେ ବାୟା ଧୋ' ଗୀତିଗୁଚ୍ଛଟି ଖୁବ୍ ଲୋକପ୍ରିୟ ହୋଇଥିଲା ।

ପଲ୍ଲୀକବି ନନ୍ଦକିଶୋର ବଳ ଶିଶୁକବିତାର ସାର୍ଥକତା ସଂପାଦନ କରିଥିଲେ । ତାଙ୍କ ରଚିତ ''ନାନାବାୟା ଗୀତ'' (୧୯୧୫)ରେ ପଲ୍ଲୀପ୍ରକୃତିର ଜୀବନ୍ତ ଚିତ୍ରମାନ ପ୍ରକାଶିତ । ପୋଷାକୁକୁର, ଚୁଟିଆ ମୂଷା, ବିଲେଇ, ବଣି, ବାୟାଚଢ଼େଇ, ଘରଚଟିଆ ଆଦି ପଶୁପକ୍ଷୀ ଏସବୁ କବିତାର ମୁଖ୍ୟବସ୍ତୁ । ତାଙ୍କ ରଚିତ କବିତାର କେତୋଟି ଦୃଷ୍ଟାନ୍ତ ହେଲା-

ଜହ୍ନିଫୁଲ ଠୋ-ଠା-<br>
ଚୁଟିଆ ମୂଷା କହି ଯାଇଛି<br>
ଚାଉଳ ମୁଠିଏ ଦେଇଯା' (ଚୁଟିଆ ମୂଷା)

କିମ୍ବା

''ମେଘ ବରଷଇ ଟପର ଟପର<br>
କେଶୁର ମାଇଲା ଗଜା,<br>
କେଉଁ ରାଇଜରେ ରହିଲେ ରଜା ଗୋ<br>
ତେଲିଙ୍ଗି ବାଇଦ ବଜା'' (ବର୍ଷା ଗୀତ)

ସରଳ ଭାଷା ସହିତ ସାବଲୀଳ ଶୈଳୀ ଓ ଶିଶୁମନର ସୁଖଦୁଃଖ, ସ୍ନେହ ସହାନୁଭୂତିର ଆବେଗାନୁଭୂତି ଖୁବ୍ ସୁନ୍ଦର ଭାବରେ ଏଥିରେ ଅଭିବ୍ୟକ୍ତ ।

**୭. ଆଧୁନିକ ଶିଶୁ କବିତାର ବିଷୟବସ୍ତୁ**

ସର୍ବଶ୍ରୀ ଚିନ୍ତାମଣି ମହାନ୍ତି, ମୃତ୍ୟୁଞ୍ଜୟ ରଥ ପ୍ରମୁଖ କବିଗଣ ପୂର୍ବପରି ପରିଚିତ ପଶୁପକ୍ଷୀ ଓ ପ୍ରାକୃତିକ ଘଟଣାର ବର୍ଣ୍ଣନା ସହିତ ପ୍ରାର୍ଥନାକୁ ଶିଶୁସାହିତ୍ୟରେ ସ୍ଥାନ ଦେଇଥିଲେ । ସେମାନଙ୍କ ପରେ ଆସିଲେ ସତ୍ୟବାଦୀ ଯୁଗର ଶିକ୍ଷକ ଓ ମନୀଷୀଗଣ - ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଗୀତିକବି ଗୋଦାବରୀଶ, କାନ୍ତକବି ଲକ୍ଷ୍ମୀକାନ୍ତ, କବିଚନ୍ଦ୍ର କାଳୀଚରଣ, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ବାଳକୃଷ୍ଣ କର ପ୍ରମୁଖ ଉପରୋକ୍ତ ବିଷୟବସ୍ତୁ ବ୍ୟତୀତ ଜାତିପ୍ରେମ, ମାତୃଭୂମିର ମମତା, ମାନବିକ ମୂଲ୍ୟବୋଧ ଇତ୍ୟାଦିକୁ ସେମାନଙ୍କ କବିତାରେ ଗୁରୁତ୍ୱ ଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନ ପରିପ୍ରେକ୍ଷୀରେ ଛାତ୍ରସମାଜ, ଶିଶୁ ଓ କିଶୋରମାନଙ୍କ ପ୍ରାଣରେ ଜାତୀୟ ଉନ୍ମାଦନା ଓ ସ୍ୱଦେଶପ୍ରେମର ବିକାଶ ପାଇଁ ସେମାନେ ସଫଳ ଉଦ୍ୟମ କରିଥିଲେ ।

ସର୍ବଶ୍ରୀ ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡ଼ଙ୍ଗୀ, ଅଗଣି ଦାସ, ଗୋଦାବରୀଶ ମହାପାତ୍ର, କୃଷ୍ଣଚନ୍ଦ୍ର କର, କୃଷ୍ଣମୋହନ ପଟ୍ଟନାୟକ, ଚକ୍ରଧର ମହାପାତ୍ର, ଚିନ୍ତାମଣି ଆଚାର୍ଯ୍ୟ, ପଦ୍ମଚରଣ ପଟ୍ଟନାୟକ, ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ, ବଂଶୀଧର ସାମନ୍ତରାୟ, ଭିକାରୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସ୍ୱ ସ୍ୱ କୃତିଗୁଡ଼ିକ ଦ୍ୱାରା ଓଡ଼ିଆ ଶିଶୁସାହିତ୍ୟକୁ ସମୃଦ୍ଧ ଓ ସାର୍ଥକ କରି ତୋଳିଥିଲେ । ସେମାନଙ୍କ କବିତାରେ ଜାତୀୟ ମମତା ଛଡ଼ା ବିଜ୍ଞାନ, ଭୂଗୋଳ, ସମାଜ ବିଷୟକ ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟି କରିବାକୁ ସଫଳ ଉଦ୍ୟମ ହୋଇଥିଲା । ପିଲାମାନଙ୍କ ମନସ୍ତତ୍ତ୍ୱ, କୌତୂହଳ, ଆଗ୍ରହ, ଅଭିରୁଚି, ରାଗରୋଷ, ସ୍ନେହମମତା ଆଦି ମାନବିକ ଆବେଗ ଓ ପ୍ରବୃତ୍ତି ଶିଶୁକବିତାରେ ମୁଖ୍ୟ ଉପଜୀବ୍ୟ ହେଲା ।

ଆଧୁନିକ ଶିଶୁ କବିତାର ବିଷୟବସ୍ତୁକୁ ସାଧାରଣତଃ ନିମ୍ନଲିଖିତ ୮ଟି ଭାଗରେ ବିଭକ୍ତ କରଯାଇପାରେ (କ) ପ୍ରାକୃତିକ, (ଖ) ବୈଜ୍ଞାନିକ, (ଗ) ଜାତୀୟ (ଘ) ଆନ୍ତର୍ଜାତୀୟ (ଙ) ଆଧ୍ୟାତ୍ମିକ, (ଚ) ସାମାଜିକ (ଛ) ମନସ୍ତାତ୍ତ୍ୱିକ, (ଜ) ସାଂପ୍ରତିକ ସମସ୍ୟାମୂଳକ । ନିମ୍ନରେ ସେହିସବୁ କଥାବସ୍ତୁ ଖୁବ୍ ସଂକ୍ଷେପରେ ଆଲୋଚିତ ହେଲା ।

**(କ) ପ୍ରାକୃତିକ :** ଯୁଗ ଯୁଗ ଧରି ପ୍ରକୃତି ସାହିତ୍ୟର ମୌଳିକ ଉତ୍ସ ତଥା ଚିନ୍ତା ଓ ଚେତନାର ପ୍ରାଣକେନ୍ଦ୍ର ହୋଇଆସିଛି । ଶିଶୁ କବିତାରେ ପ୍ରଥମରୁ ତାହା ଉପଜୀବ୍ୟ ହୋଇଆସିଛି । ବିଭିନ୍ନ ଋତୁ, ପଶୁପକ୍ଷୀ, ଗଛଲତା, ଆଦିକୁ ନେଇ କବିତା ରଚିତ ହୋଇଛି । ପ୍ରାୟ ସବୁ କବିଙ୍କ ସୃଷ୍ଟିରେ ପ୍ରକୃତିର ସ୍ଥାନ ଅପରିହାର୍ଯ୍ୟ । ଶ୍ରୀ ସୂର୍ଯ୍ୟମଣି ସାମନ୍ତରାୟଙ୍କ ''ବରଷା ସବୁରି ମିତ''ର ଗୋଟିଏ ପଦ ହେଲା :

''କଳା କଳା ବଉଦ ଭେଳାରେ ଆକାଶ ଗଲାଣି ଛାଇ ।
ଧଳା, ଧଳା, ଧଳା ବଗ ଧାଡ଼ି ବସିଲେଣି ମାଛଖାଇ ।
ହୁଳୁ ହୁଳୁ ହୁଳୁ ବେଙ୍ଗ ଦେଲେ ରଡ଼ି ସାରୁଗଛତଳେ ଥାଇ ।
କୁଳୁ କୁଳୁ କୁଳୁ ଝରଣା ଝରିଲା ମନଫୁଲା ଗୀତ ଗାଇ ।''

**(ଖ) ବୈଜ୍ଞାନିକ :** ଆଧୁନିକ ଯୁଗରେ ପ୍ରଯୁକ୍ତି ବିଦ୍ୟା ଓ ବିଜ୍ଞାନର ପ୍ରଭାବ ସବୁସ୍ତରରେ ଅନୁଭୂତ ହୋଇଥାଏ । ଶିଶୁ ଓ କିଶୋର ସମାଜ ଏହି ପ୍ରଭାବ ସଂପର୍କରେ ସଚେତନ ହେବା ସ୍ୱାଭାବିକ । ପ୍ରଚଳିତ ପାଠ୍ୟପୁସ୍ତକରୁ ଗୋଟିଏ ଦୃଷ୍ଟାନ୍ତ ହେଲା :-

''ପାଣି ଖେଳଇ ଦୋଳିରେ ଭାଇ, ପାଣି ଖେଳଇ ଦୋଳି
ତଳୁ ଉପର ଉପରୁ ତଳ, ଦେଖାଏ କେତେ ଠାଣି ।''

**(ଗ) ଜାତୀୟ :** ସ୍ୱାଧୀନତା ସଂଗ୍ରାମବେଳେ ସବୁରି ହୃଦୟରେ ସ୍ୱଜାତି ପ୍ରେମର ଉଦ୍ରେକ କରିବା ଏକାନ୍ତ ଆବଶ୍ୟକ ଥିଲା । ହସି ହସି ପ୍ରାଣବଳି ଦେବା, ପୋଲିସଠାରୁ ନିର୍ଯ୍ୟାତନା ସହିବା ପଛରେ ଥିଲା ତୀବ୍ର ଜାତିପ୍ରେମ । ପିଲାମାନେ ମଧ୍ୟ ଏଥିପାଇଁ ବିଦ୍ୟାଳୟ ଛାଡ଼ି ବାନରସେନାରେ ଯୋଗଦେଇ ମଦଦୋକାନ ପାଖରେ ଧାରଣା ଦେବା, ବିଦେଶୀଲୁଗା ପୋଡ଼ିବା ଆଦି କାର୍ଯ୍ୟରେ ଲିପ୍ତ ହେଉଥିଲେ । ଜାତୀୟକବି ବୀରକିଶୋର ତେଣୁ ଗାଇଥିଲେ-

''ଜାତି ପଦ୍ମବନେ ରାତି ପାହିଲାଣି
ଡାକ ଶୁଭେ ଭାଇ ଭାଇ ।
ଆମେ ସବୁ ଆଜି ବସି ଶେଯେ ବସି
ଅଳସେ ମାରୁଛେଁ ହାଇ ।''

**(ଘ) ଆନ୍ତର୍ଜାତୀୟ :** ବିଶ୍ୱଭ୍ରାତୃତ୍ୱ ଆଧୁନିକ ବିଶ୍ୱର ଶାନ୍ତି ଓ ପ୍ରଗତି ପାଇଁ ଏକାନ୍ତ ଆବଶ୍ୟକ । ସମସ୍ତେ ଭାଇଭଉଣୀ ପରି ଚଳିବା ଏବଂ ନିଜ ଭିତରେ ଓ ବାହାରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଖେଳାଇବା ପ୍ରତ୍ୟେକ ଦେଶ ତଥା ସମାଜ ପାଇଁ ଶ୍ଳାଘ୍ୟ । ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ମହାନ୍ତିଙ୍କ ଲିଖିତ ''ସରବେ ଆମେ ଭାଇଭଉଣୀ'' ଶୀର୍ଷକ କବିତାର ଗୋଟିଏ ଦୁଇଟି ହେଲା,

''ଆମେ ସକଳ ଶିଶୁ
ସବୁରି ଦୁଃଖେ ଦୁଃଖିତ ଆମେ
ସବୁରି ସୁଖେ ହସୁ
ଧନୀ ଗରିବ ପିଲା ସବୁରି
ଭଗାରି ନୁହେଁ କେହି କାହାରି
ସରବେ ଆମେ ସାଥୀ
ନାଚିବା ଆସ ଖେଳିବା ଆସ
ଗାଇବା ଗୀତ ମାତି ।''

**(ଙ) ଆଧ୍ୟାତ୍ମିକ :** ଆଧ୍ୟାତ୍ମିକ ଚିନ୍ତାଧାରା ପିଲାମାନଙ୍କ ପକ୍ଷେ ଅବୋଧ ହୋଇପାରେ । କିନ୍ତୁ ଚରିତ୍ରଗଠନ ପାଇଁ ଏହାର ବିଶେଷ ଆବଶ୍ୟକତା ରହିଛି । ସେଥିପାଇଁ ଭକ୍ତକବି ମଧୁସୂଦନଙ୍କ ଠାରୁ ରାମକୃଷ୍ଣ ନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରାର୍ଥନା, ଜଣାଣ ଆଦି ରଚନା କରିଛନ୍ତି ବିଭିନ୍ନ ରୂପରେ । ଯଥା-

''ଆହେ ଦୟାମୟ ବିଶ୍ୱବିହାରୀ
ଘେନ ଦୟା ବହିମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ,
ତୁମ ଲୀଳା ସବୁଠାରେ ପ୍ରକାଶ ।''

**(ଚ) ସାମାଜିକ :** ଅର୍ଥନୈତିକ ବୈଷମ୍ୟ, ସାମାଜିକ କୁସଂସ୍କାର ଆଦି ପିଲାମାନଙ୍କ ମନରେ ନାନାପ୍ରଶ୍ନ ଓ ସଂଶୟ ସୃଷ୍ଟି କରିଥାଏ । ଦରିଦ୍ରପିଲା ଧନୀପିଲାର ଆଡ଼ମ୍ବର ଦେଖି ଆଚମ୍ବିତ ହୁଏ ଓ କେତେବେଳେ ଧନୀପିଲା ଗରିବ ସାଥୀର ଦୁଃଖିରେ ସମଦୁଃଖୀ ହୁଏ । ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କ କବିତା 'ଟିକିର ଚିଠି'ରୁ କେତୋଟି ପଦ ହେଲା-

ମାଲୋ ମା' ଲେଖୁଚି ଚିଠି ତୁମର ଟିକି ସୁନା
ମୋଅର ଗୋଟିଏ ରହିଛି ସାଥୀ ନାଆଁଟି ତାର କୁନା
ଜୋତା ନାହିଁକି, ନାହିଁ ତା ଛତା ବହୁତ ଦୂରେ ଘର ।
ବରଷା ଦିନେ ହୁଏ ସେ ଓଦା ହେବ ନାହିଁକି ଜର ?
ଛତାଟି ମୋର ଦେଇଛି ତାକୁ ତା ମନ କଥା ଜାଣି ।
ଭିଜିବ ନାହିଁ ବାଟରେ ଆଉ ବରଷୁ ଯେତେ ପାଣି ।''

**(ଛ) ମନସ୍ତାତ୍ତ୍ୱିକ :** ଶିଶୁ ଓ କିଶୋରମାନଙ୍କ ମନସ୍ତତ୍ତ୍ୱ - ସେମାନଙ୍କ ଆଗ୍ରହ ଅଭିରୁଚି, କୌତୂହଳ ଅନୁସାରେ କବିତାଗୁଡ଼ିକ ରଚିତ ହେଲେ ସେମାନଙ୍କ ଦ୍ୱାରା ଆଦୃତ ହୁଏ । ସେମାନେ କବିତାଗୁଡ଼ିକ ମଧ୍ୟରେ ନିଜକୁ ପା'ନ୍ତି । ଶ୍ରୀ ଭଗବାନ ପାଢ଼ୀଙ୍କର ''ଆଜି ଦିନଟି ଛୁଟି ଆମର'' କବିତାର ଗୋଟିଏ ପଦ ଦେଖନ୍ତୁ-

ଆଜି ଦିନଟି ଛୁଟି ଆମର ପଢ଼ିବା ନାହିଁ ପାଠ,
ଆସରେ ଯେତେ ମୀନା ଓ ମୀନି ହାଲୁକାମନ ପରାଣ ଘେନି
ଖେଳିବା ଖେଳ ନାନା ଜାତିକା ବୁଲିବା ବିଲପାଟ ।

**(ଜ) ସାଂପ୍ରତିକ ସମସ୍ୟାମୂଳକ :** ଆଜିର ସମାଜ ବହୁ ସମସ୍ୟାର ସମ୍ମୁଖୀନ । ସେଗୁଡ଼ିକ ସଂପର୍କରେ ପିଲାମାନଙ୍କୁ ସଚେତନ କରାଇବା ଉଚିତ । କାରଣ ସେମାନେ ନାଗରିକ ହୋଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପାଦନ କରିବେ । ଦୃଷ୍ଟାନ୍ତ ସ୍ୱରୂପ, ପରିବେଶ ପ୍ରଦୂଷଣ, ଜନସଂଖ୍ୟାବୃଦ୍ଧି, ଦୁର୍ନୀତି ଆଦି ସଂପର୍କରେ ଶିଶୁ ସାହିତ୍ୟିକଗଣ କବିତା ରଚନା କରି ପିଲାମାନଙ୍କ ମନରେ ଆବଶ୍ୟକ ଜ୍ଞାନ ଓ ଆଗ୍ରହ ସୃଷ୍ଟି କରୁଛନ୍ତି । ଶ୍ରୀ ବୀରକିଶୋର ପାଢ଼ୀ ତାଙ୍କ ''ଗଢ଼ିବା ଦେଶ ନୂଆ''ରେ ଗାଇଛନ୍ତି,

''ଯେଉଁଠି ଥିଲା ଗହନ ବନ ସେଇଠି ଆଜି କଳ
ଶୁଭିଲା ନାହିଁ କାକଳି ସ୍ୱନ ଝରଣା କଳ କଳ ।
ସବୁଜଶିରୀ ଯାଇଛି ମରି, କୋଠା ମାଳକୁ ମାଳ ।
ପାହାଡ଼ ଛାତି ଯାଇଛି ଫାଟି ଖରାରେ ଚଉଫାଳ ।''

**ଉପସଂହାର :**

ଶିଶୁକବିତାଗୁଡ଼ିକର କଥାବସ୍ତୁ ଏମତି ବିଚିତ୍ର ଓ ବର୍ଣ୍ଣାଢ୍ୟ ହୋଇଛି । ଅତୀତର ନାନାବାୟା ଗୀତ, ନାଁ ଦିଆ, ଢ଼ଗଢ଼ମାଳି, ପ୍ରହେଳିକା, ପ୍ରକୃତି ବର୍ଣ୍ଣନା ବ୍ୟତୀତ ସମାଜ,

ବିଜ୍ଞାନ, ମନସ୍ତତ୍ତ୍ୱ, ଜାତୀୟତା, ବିଶ୍ୱଭ୍ରାତୃତ୍ୱ ଆଦି ବିଭିନ୍ନ ଭାବଧାରାକୁ ନେଇ ଆଜିର କବିତା ସରସ ଓ ସାର୍ଥକ ହୋଇପାରିଛି । ଆଧୁନିକ ଗଣମାଧ୍ୟମଗୁଡ଼ିକର ବିଶେଷତ୍ୱକୁ ଚାହିଁ ଶିଶୁ କବିତାମାନ ରଚିତ ହେବା ଉଚିତ । ଶିଶୁ ଓ କିଶୋରର ମନସ୍ତାତ୍ତ୍ୱିକ ବିକାଶ ବିଭିନ୍ନ ବୟସରେ ସ୍ୱତନ୍ତ୍ର ହୋଇଥାଏ । ଗୋଟିଏ ସ୍ତରରେ ଶିଶୁ ତାର ଦେହ, ତାର ପରିବାର ଓ ତାର ଜିନିଷପତ୍ର ପ୍ରତି ଖୁବ୍ ଆକୃଷ୍ଟ ହେଲାବେଳେ, ଅନ୍ୟସ୍ତରରେ କିଶୋର ତାର ସାଙ୍ଗସାଥୀଙ୍କୁ ଅଧିକ ଆଦର କରେ ଏବଂ ଦୁଃସାହସିକ କାର୍ଯ୍ୟ କରିବାରେ ଆଗ୍ରହୀ ହୁଏ । ପକ୍ଷାନ୍ତରରେ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ କଥାରେ କହିଲେ- "ଆଜିର ପିଲା ବଡ଼ ହୋଇଗଲେଣି । ଅର୍ଥାତ୍ ଜ୍ଞାନର ବିସ୍ଫୋରଣ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରଭାବରେ ଆଜିର ପିଲା ନିଜ ବୟସ ତୁଳନାରେ ଅଧିକ ଜାଣିଲେଣି ଓ ବୁଦ୍ଧିମାନ ହେଲେଣି । ଆମେ ଯଦି ଗତାନୁଗତିକ ବୟସାନୁସାରେ କଥାବସ୍ତୁ ନିର୍ଦ୍ଧାରଣ କରିବା, ହୁଏତ ସେଥିରୁ କେତେକ ସେମାନଙ୍କ ପାଇଁ ଅବାନ୍ତର ଓ ଅନୁପଯୋଗୀ ହୋଇପାରେ ।

ଏହି ପ୍ରସଙ୍ଗରେ ଖଲିଲ ଗିବ୍ରାନଙ୍କ ପରାମର୍ଶ ପ୍ରଣିଧାନଯୋଗ୍ୟ । "ତୁମେ ତୁମର ସ୍ନେହ ସେମାନଙ୍କୁ ଦେଇପାର, ମାତ୍ର ତୁମ ଚିନ୍ତାଧାରାକୁ ଦେଇପାରିବ ନାହିଁ । କାରଣ ସେମାନଙ୍କର ସ୍ୱକୀୟ ଚିନ୍ତାଧାରା ରହିଛି । ତୁମେ ସେମାନଙ୍କର ଶରୀରକୁ ସୁରକ୍ଷା ଦେଇପାର ମାତ୍ର ସେମାନଙ୍କ ଆତ୍ମାକୁ ନୁହେଁ । କାରଣ ତାହା ଭବିଷ୍ୟତ ଗର୍ଭରେ ସ୍ଥାନିତ, ଯାହାକୁ ତୁମେ ବାସ୍ତବରେ ଦେଖିବା ତ ଦୂରର କଥା, ସ୍ୱପ୍ନରେ ମଧ୍ୟ ନୁହେଁ (You may give them your love, but not your thoughts, for they have their own thoughts. you may house their bodies, but not their souls, for their souls dwell in the house of tomorrow which you cannot visit, not even in your dreams) । ସୁତରାଂ ଆଜିର ସ୍ୱପ୍ନ କାଲି ହୁଏତ ହେବ ଅତୀତ ଏବଂ ଆଜି ଆମ ଲକ୍ଷ୍ୟରେ, ଆମ କଳ୍ପନାରେ ଥିବା ବିଷୟ, ହୁଏତ କାଲି ହେବ ବିରାଟ ବାସ୍ତବତା, ଅତି ଆପଣାର । ଆଜିର ସ୍ୱପ୍ନ ହେବ କାଲିର ସାର୍ଥକତା । ଆଧୁନିକ ଶିଶୁକବିତାର ଉପଜୀବ୍ୟ, ତେଣୁ ଆଜିର ସ୍ୱପ୍ନ ଓ ବାସ୍ତବତାରେ ସୀମିତ ନୁହେଁ, ତାହା ସୁଦୂରପ୍ରସାରୀ, ସୀମାତୀତ ଓ ସ୍ୱପ୍ନାତୀତ । ଦୂରଦ୍ରଷ୍ଟା ଓ ସୃଜନଶୀଳ ଶିଶୁସାହିତ୍ୟ ସ୍ରଷ୍ଟାହିଁ ଆଗାମୀଯୁଗ ପାଇଁ ବଜାଇବ ନୂତନ କବିତାର ପାଞ୍ଚଜନ୍ୟ ।

**ସହାୟକ ପୁସ୍ତକ ଓ ପତ୍ରିକାସୂଚୀ :**

୧. ଓଡ଼ିଶା ସାହିତ୍ୟ ଏକାଡ଼େମୀ, **କୋଣାର୍କ** ଶିଶୁ-ସାହିତ୍ୟ ବିଶେଷାଂକ ଅକ୍ଟୋବର, ୧୯୯୫, ଭୁବନେଶ୍ୱର ।

୨. ଦାସ, ନରେନ୍ଦ୍ର କୁମାର (ସଂ) **ଓଡ଼ିଆ ଶିଶୁସାହିତ୍ୟ : କଥା ଓ କବିତା,** ୧୯, ପାରାଦ୍ୱୀପ, ଜଗତସିଂହପୁର, ୧୯୯୩

୩. ନନ୍ଦ, ରାମକୃଷ୍ଣ (ସଂ) **ଓଡ଼ିଆ ଶିଶୁ-ସାହିତ୍ୟ ସଂକଳନ,** ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୯୨ ।

୪. ପାଢ଼ୀ, ଭଗବାନ **ଫୁଲଟିଏ ଫୁଟିଲା** ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ ଭୁବନେଶ୍ୱର, ୧୯୯୫ ।

୫. ବ୍ରହ୍ମା, ଦିଗରାଜ **ଶିଶୁ-ସାହିତ୍ୟର ଶୈକ୍ଷିକ ତାତ୍ପର୍ଯ୍ୟ (ଇଂ)** ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୯୫ ।

୬. ମହାନ୍ତି, ମନୀନ୍ଦ୍ର **ଓଡ଼ିଆ ଶିଶୁ-ସାହିତ୍ୟ : ଉନ୍ମେଷ ଓ ବିକାଶ,** ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ଭୁବନେଶ୍ୱର, ୧୯୯୨ ।

୭. ମହାନ୍ତି, ମନୀନ୍ଦ୍ର **ଶିଶୁ-ସାହିତ୍ୟବିଧାନ** ଅପର୍ଣ୍ଣା ପ୍ରକାଶନୀ, ଭଦ୍ରକ, ୧୯୯୫ ।

୮. ମହାନ୍ତି, ଜଗନ୍ନାଥ **ଓଡ଼ିଆ ଶିଶୁ ସାହିତ୍ୟ : ପ୍ରଗତି ଓ ସମ୍ଭାବନା (ଇଂ)** ଓଡ଼ିଶା ଏକାଡ଼େମୀ, ୧୯୯୨, ଭୁବନେଶ୍ୱର ।

୯. ମହାନ୍ତି, ଜଗନ୍ନାଥ, **ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଓ ପ୍ରସାର,** ଝଙ୍କାର ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ ଜୁଲାଇ ୧୯୯୫.

୧୦. ମହାନ୍ତି, ଜଗନ୍ନାଥ, **ଓଡ଼ିଆ ଶିଶୁ ସାହିତ୍ୟର ଭବିଷ୍ୟତ** ଝଙ୍କାର ଫେବୃୟାରୀ ୧୯୯୨ ।

୧୧. ମିଶ୍ର, ଇନ୍ଦୁଭୂଷଣ , **ପିଲାଙ୍କ ଟାଙ୍ଗୁଡ଼ି,** ପିଡ଼ିସି ନେଟୱାର୍କ, ଭୁବନେଶ୍ୱର, ୧୯୯୬ ।

୧୨. ଶିଶୁ ସାହିତ୍ୟ ଏକାଡ଼େମୀ **ଶିଶୁକବିତା ସଂକଳନ,** ଭୁବନେଶ୍ୱର ।

୧୩. ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ **ଆମ ପରିବେଶ** (କବିତା) ପୁରୀ, ୧୯୯୫ ।

*(ସାଂପ୍ରତିକ ଶିଶୁସାହିତ୍ୟ, ୧୯୯୮)*

• • • • • • • • • • •

# ବିଜ୍ଞାନଭିତ୍ତିକ ଓଡ଼ିଆ ଶିଶୁସାହିତ୍ୟ

**ବିଜ୍ଞାନ ଯୁଗର ଶିଶୁ :**

ଆଜିର ଯୁଗ ଜ୍ଞାନବିଜ୍ଞାନର ଯୁଗ । ଜ୍ଞାନର ବିସ୍ଫୋରଣ ସବୁ ଦିଗରେ, ବିଜ୍ଞାନର କୁହୁକ ସବୁ କ୍ଷେତ୍ରରେ । ଜ୍ଞାନ ବିଜ୍ଞାନ ବଳରେ ମଣିଷ ଆଜି ବଳୀୟାନ । ଗଣିତ, ଭାଷା, ଭୂଗୋଳ, ଇତିହାସ ଇତ୍ୟାଦି ପ୍ରତ୍ୟେକ ବିଷୟରେ ଜ୍ଞାନର ଅଭୂତପୂର୍ବ ଅଗ୍ରଗତି । ବିଜ୍ଞାନର ଯାଦୁକରୀ ଶକ୍ତି ସାହାଯ୍ୟରେ ମଣିଷ ପ୍ରକୃତି ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ବସିଛି । ସେ ଆଜି ତା'ର ଉଦ୍ଭାବିତ ଯନ୍ତ୍ର ବଳରେ ପ୍ରାକୃତିକ ଦୁର୍ବିପାକ ଯଥା ଝଡ଼, ବତାସ, ଭୂମିକମ୍ପ, ଅତିବୃଷ୍ଟିର ସନ୍ଧାନ ବହୁପୂର୍ବରୁ ପାଇପାରୁଛି । ସାଗରର ଅତଳ ଗର୍ଭରେ ବିଚରଣ କରିପାରୁଛି ଏବଂ ମହାଶୂନ୍ୟର ଅନନ୍ତ ବକ୍ଷରେ ଯାତ୍ରା କରୁଛି । କଠିନ ଦୁରାରୋଗ୍ୟ ରୋଗଗୁଡ଼ିକର ନିୟନ୍ତ୍ରଣ କରିପାରୁଛି ଏବଂ କୃଷି ଉତ୍ପାଦନରେ ଗୁଣ ଓ ପରିମାଣ ଦୃଷ୍ଟିରୁ ଚମତ୍କାରିତା ପ୍ରଦର୍ଶନ କରିପାରୁଛି । ମଣିଷଜୀବନକୁ ସହଜ,ସରସ ଓ ସାର୍ଥକ କରିବା ପାଇଁ ବୈଦ୍ୟୁତିକ ଯନ୍ତ୍ରପାତି, ଟେଲିଫୋନ୍, ଟେଲିଭିଜନ, ଫିଲ୍ମ, କମ୍ପ୍ୟୁଟର ପ୍ରଭୃତିର ଅବଦାନକୁ ଅସ୍ୱୀକାର କରିହେବନାହିଁ । ପକ୍ଷାନ୍ତରରେ ମାରଣାସ୍ତ୍ରଗୁଡ଼ିକର ଉଦ୍ଭାବନ, ସେହିସବୁ ଯନ୍ତ୍ରର ପ୍ରାଧାନ୍ୟ, କଳକାରଖାନା ଓ କୀଟାଣୁନାଶକ ଦ୍ରବ୍ୟଗୁଡ଼ିକ ଯୋଗୁଁ ପରିବେଶ ଦୂଷିତୀକରଣ ଇତ୍ୟାଦିର କୁପ୍ରଭାବ ମଣିଷ ଜୀବନକୁ ବିପର୍ଯ୍ୟସ୍ତ ଓ ବିପଦସଂକୁଳ କରିବାକୁ ଯାଉଛି ।

ମଣିଷ ଏସବୁର ସ୍ରଷ୍ଟା ଓ ଭୋକ୍ତା । ସେ ସୃଷ୍ଟିର ଗୌରବ ଓ ଧ୍ୱଂସର କଳଙ୍କର ଅଧିକାରୀ । ତା ଜୀବନର ପ୍ରତିଟି ମୁହୂର୍ତ୍ତ ଏସବୁ ଦ୍ୱାରା ପ୍ରଭାବିତ । ତେଣୁ ତାର ସାହିତ୍ୟ,କଳା,ଶିକ୍ଷା,ଦୀକ୍ଷା ପ୍ରଭୃତି ଏଥିରୁ ମୁକ୍ତହେବ କିପରି? ବିଶେଷତଃ ସାହିତ୍ୟର ଉଭୟ ଆଙ୍ଗିକ ଓ ଆତ୍ମିକ ବିଭାବ ବିଜ୍ଞାନ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବା ସ୍ୱାଭାବିକ । କିନ୍ତୁ ଅତୀତର ପରମ୍ପରା ଓ ସଂସ୍କୃତିକୁ ଅବହେଳା କରିବା ଅନୁଚିତ । ଅବଶ୍ୟ ଯୁଗଯୁଗ ଧରି ଏଥିରେ ରହିଆସିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପରିତ୍ୟାଗ କରିବାକୁ ପଡ଼ିବ । ଏଗୁଡ଼ିକ ବୈଜ୍ଞାନିକ ଚିନ୍ତାଧାରାର ପରିପନ୍ଥୀ । ବିଶେଷ ଜ୍ଞାନ,ବିଜ୍ଞାନ କହିଲେ ସ୍ପଷ୍ଟ ହେଉନାହିଁ । ଗୋଟିଏ ବିଷୟରେ କେବଳ ପର୍ଯ୍ୟାପ୍ତ ଜ୍ଞାନ ଅର୍ଜନ କଲେ ଜଣେ

ବିଜ୍ଞାନୀ ବା ବୈଜ୍ଞାନିକ ହୋଇଯାଏନାହିଁ। ଏଥିରେ ଗଭୀର ଅବବୋଧ ବା ବୋଧଗମ୍ୟତା, ଅନୁକୂଳ ଅଭିରୁଚି, ନିର୍ବ୍ୟକ୍ତିକ ମନୋବୃତ୍ତି ବିଶ୍ଳେଷଣାତ୍ମକ ଚିନ୍ତାଧାରା ପ୍ରଭୃତିକୁ ନେଇ ବିଜ୍ଞାନ। ଆଧୁନିକ ଯୁଗର ପ୍ରତ୍ୟେକ ମଣିଷ, ପ୍ରତ୍ୟେକ ନାଗରିକ ଏହିସବୁ ସଦ୍‌ଗୁଣର ଅଧିକାରୀ ହେବା ବାଞ୍ଛନୀୟ।

**ସମାଜ ଅନୁସାରେ ଶିଶୁସାହିତ୍ୟ :**

ଶିଶୁସାହିତ୍ୟ ଭାବୀ ନାଗରିକ, ଆଗାମୀଯୁଗର ମଣିଷ ପାଇଁ ମାନସିକ ଖାଦ୍ୟ ତଥା ଆବେଗିକ ଆହାର। ଶିଶୁ ଓ କିଶୋରମାନଙ୍କର ମାନସିକ ଓ ଆବେଗିକ ଅଭିବୃଦ୍ଧି ପାଇଁ ଶିଶୁ ସାହିତ୍ୟରେ ସମସ୍ତ ଉପାଦାନ ରହିବା ଉଚିତ। ଯୁଗ ଓ ସମାଜର ଆବଶ୍ୟକତାକୁ ଚାହିଁ ସେଥିରେ ସମସ୍ତ ସହାୟକ ସାମଗ୍ରୀ ରହିବା ଦରକାର। ଅତୀତ ଯୁଗରେ ମଣିଷ ଥିଲା ପ୍ରକୃତିର ଅଲିଅଳ ସନ୍ତାନ। ପୁରପଲ୍ଲୀର ସରଳଶାନ୍ତ ପରିବେଶ ମଧ୍ୟରେ ତାର ଜୀବନ ଅତିବାହିତ ହେଉଥିଲା। ସେତେବେଳେ ତେଣୁ ଢଗଢମାଳି, ନାନାବାୟାଗୀତ, ଖେଳଗୀତ, ନାଁ ଦିଆ ପ୍ରଭୃତି ସରଳ ସହଜ ଲୋକଗୀତକୁ ନେଇ ଶିଶୁସାହିତ୍ୟ ପରିପୁଷ୍ଟ ହୋଇଥିଲା। ଯଥା :-

"ମୋତେ ଯେତେ ମାଠିବୁ ମାଠ
ମୁଁ ସେଇଦରପୋଡ଼ା କାଠ।" (ଢଗଢମାଳି)

"ଧୋ'ରେ ବାୟା ଧୋ'
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେଇ କିଆରୀରେ ଶୋ........." (ନାନାବାୟାଗୀତ)

"ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପଇଁଚ।
ନାଲ ପେଁ ପେଁ ବାଜଇ ହୀରା
ଗୋଟିକ ଉପରେ ଗୋଟିଏ ଚୀରା।" (ଖେଳଗୀତ)

ସରଗରୁ ପଡ଼ିଲା ଟେକାଟାଏ
ତା ମୁଣ୍ଡରେ ଟୋପିଟିଏ। (ନାଁ ଦିଆ)

ତାପରେ ଭଗବାନ ତଥା ଧର୍ମପୁରୁଷଙ୍କୁ ନେଇ ଲିଖିତ ଲେଖାଗୁଡ଼ିକ ପିଲାମାନଙ୍କର ପାଠ୍ୟ ହେଲା । ଶିଶୁମାନଙ୍କୁ ଧର୍ମପ୍ରାଣ କରିବା ଓ ସେମାନଙ୍କର ନୈତିକ ଜୀବନ ଗଠନ କରିବା ଥିଲା ଉକ୍ତ ସାହିତ୍ୟର ଲକ୍ଷ୍ୟ । ଉଦାହରଣ ସ୍ୱରୂପ,

କୋଇଲି, କେଶବ ଯେ ମଥୁରାକୁ ଗଲା
କାହାବୋଲେ ଗଲାପୁତ୍ର ବାହୁଡ଼ି ନଇଲା ଲୋ କୋଇଲି (ମାର୍କଣ୍ଡ ଦାସ)
କଳାକଳେବର କହ୍ନେଇ ସଂଗେ ରୋହିଣୀସୁତ
କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ । (ଭକ୍ତ ଚରଣ ଦାସ)

ଏହାପରେ ସ୍ୱାଭାବିକତା ତଥା ପ୍ରାକୃତିକତା ଶିଶୁସାହିତ୍ୟର ମୁଖ୍ୟ ଆଧାର ହେଲା । ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର ପ୍ରମୁଖ ଯୁଗାବତାରଙ୍କ ଶୈଶବ ଓ କୈଶୋର ଜୀବନର ବର୍ଣ୍ଣନା ମଧ୍ୟରେ ମାନବସନ୍ତାନ ତାର ଅନୁଭୂତିର ପ୍ରତିବିମ୍ବନ ଦେଖିଲା । ତେଣୁ ସେହି କାବ୍ୟକବିତା ଶିଶୁସାହିତ୍ୟ ଭାବରେ ପରିଗଣିତ ହେଲା । ଦୃଷ୍ଟାନ୍ତ ସ୍ୱରୂପ,

ଉଠିଲୁ ଏଡ଼େ ବେଗି କାହିଁକିରେ ଦୁଃଖୀଧନ,
ଦଧି ମନ୍ଥାଇ ଦେବୁ ନାହିଁକି ରେ,
ଦେହ ପାସୋରି ଦଣ୍ଡେ ନିଦ ନଗଲୁ ଏଡ଼େ
ବିଟୋଳ ହେଲୁ ମୋର ପାଇଁକିରେ । (ଗୋପାଳକୃଷ୍ଣ ପଟ୍ଟନାୟକ)

## ପ୍ରକୃତି ବିଜ୍ଞାନ

ମାତାର ବାତ୍ସଲ୍ୟମମତା, ଶିଶୁର କ୍ରୀଡ଼ା, ଚପଳତା ଇତ୍ୟାଦି ସ୍ୱାଭାବିକତା ସହିତ ପ୍ରକୃତିର ବର୍ଣ୍ଣନା ଶିଶୁସାହିତ୍ୟର ଉପଜୀବ୍ୟ ହେଲା । ଦୈନନ୍ଦିନ ଜୀବନର ଘଟଣା ଓ ବସ୍ତୁକୁ ନେଇ ଲେଖକମାନେ ଲେଖିଲେ । ଉଦାହରଣ -

ଚାନ୍ଦମଣି ଦିନେ ଅଙ୍ଗାଟିଏ ପାଇଁ
ମାତାପାଶେ କଲେ ଅଳି,
ଶୁଣି ଶୁଣି ମାତା ବୋଇଲେ ପୁତ୍ରକୁ
ବହୁତ ହୋଇ ସେ ଚଳି
ଆରେ ଦୁଷ୍ଟ ପିଲା ତୋ ଦେହ ମାପରେ
ଅଙ୍ଗା ଆଣିବି କିପରି ?

ନିତିନିତି ତୁହି        ପଦାକୁ ବାହାରୁ
     ନାନାବିଧ ରୂପ ଧରି ।        (ଫକୀରମୋହନ ସେନାପତି)

ଆକାଶ ଦିଶେ କି ସୁନ୍ଦର        ତାହାକୁ ରଚିଲେ ଈଶ୍ୱର ।
ଉଜ୍ଜ୍ୱଳ ସୂର୍ଯ୍ୟଚନ୍ଦ୍ର ତାରା        ନୀଳସମୁଦ୍ର ଶ୍ୟାମ ଧାରା ।  (ମଧୁସୂଦନ ରାଓ)

ଡାମରା କାଉରେ        ଡାମରା କାଉ
ଉଅଁପରବତେ        ବୋବାଉଥାଉ ।
ଉଅଁ ପରବତ        କୁଅଁକୁଅଁକା
ତହିଁରେ ବସିଚି        ତିନି ମଞ୍ଜିକା ।        (ନନ୍ଦକିଶୋର ବଳ)

**ବିଜ୍ଞାନର ଉତ୍ସ :**

ବିଂଶ ଶତାବ୍ଦୀର ତୃତୀୟ ଦଶକରୁ ଶିଶୁସାହିତ୍ୟ ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହେଲା । ଏଦିଗରେ ଗୋଦାବରୀଶ, ନୀଳକଣ୍ଠ, ବାଳକୃଷ୍ଣ ପ୍ରମୁଖ ଅଗ୍ରଦୂତ ହେଲେ । ଗୀତିକବି ଗୋଦାବରୀଶ ପ୍ରକୃତି ଓ ମଣିଷର କୃତିତ୍ୱମୂଳକ କବିତା ବହୁସଂଖ୍ୟାରେ ରଚନା କରିଥିଲେ । ଶିଶୁ ତଥା କିଶୋର ମନର ପ୍ରଶ୍ନବାଚୀ ଯାହାକି ବିଜ୍ଞାନର ଆଦିମାତା, ତାହା ତାଙ୍କର ରଚିତ ପୁସ୍ତକ ''ପିଲାଙ୍କ କାହିଁକି ?''ରେ ବିଶେଷ ଭାବରେ ଆଲୋଚିତ ହୋଇଛି । ଆକାଶ ନୀଳ ଦିଶେ କାହିଁକି, ପିଆଜ କାଟିଲେ ଆଖି ପୋଡ଼େ କାହିଁକି ଇତ୍ୟାଦି ଶହ ଶହ ପ୍ରଶ୍ନର ବିଜ୍ଞାନ ସମ୍ମତ ଉତ୍ତରମାନ ସେଥିରେ ଦିଆଯାଇଥିଲା ।

ପ୍ରଖ୍ୟାତ ଶିକ୍ଷକ-ସାହିତ୍ୟିକ ବାଳକୃଷ୍ଣ ଯଥାର୍ଥରେ ବିଜ୍ଞାନକୁ ଶିଶୁସାହିତ୍ୟର ଏକ ମୌଳିକ ଉତ୍ସ ଭାବରେ ଚିହ୍ନି ଅନ୍ୟମାନଙ୍କୁ ଚିହ୍ନାଇଥିଲେ । ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ଶିଶୁମାନଙ୍କ ବୋଧଗମ୍ୟ ଭାଷା ଓ ଶୈଳୀରେ ତାଙ୍କଦ୍ୱାରା ରୂପାୟିତ ହେଲା । ତାଙ୍କ ସୁସମ୍ପାଦିତ ଶିଶୁପତ୍ରିକା ''ଜହ୍ନମାମୁଁ'' ଓ ''ମଧୁକୋଷ''ରେ ଶିଶୁଉପଯୋଗୀ ପ୍ରହେଳିକାଠାରୁ ଆରମ୍ଭ କରି ବୈଜ୍ଞାନିକ ରଚନା ଓ ଗଳ୍ପମାନ ଲେଖିବାରେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହେଲେ । ସ୍ଥୂଳତଃ ସେ ଓଡ଼ିଆ ଶିଶୁ ସାହିତ୍ୟର ଏକ ବୈଜ୍ଞାନିକ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ ।

ବାଳକୃଷ୍ଣଙ୍କ ସଂପାଦିତ ''ଶିଶୁ ସଂଖାଳି''ର ପ୍ରଥମ ଖଣ୍ଡ ୧୯୫୭ରେ ଆତ୍ମପ୍ରକାଶ କରିଥିଲା । ଶିଶୁସାହିତ୍ୟରେ ଜ୍ଞାନବିଜ୍ଞାନର ଏକ ନିର୍ଭରଯୋଗ୍ୟ ଓ ଶକ୍ତିଶାଳୀ ପ୍ରଥମ ବାର୍ତ୍ତାବହ ଭାବରେ ଏହାର ସ୍ଥାନ, ଖୁବ୍ ଉଚ୍ଚରେ । କିନ୍ତୁ ଏହାଥିଲା ତାଙ୍କର ଦୀର୍ଘ ୨୫ ବର୍ଷ ତଳର ପରିକଳ୍ପନା । ଏହି ସମୟ ମଧ୍ୟରେ ତାଙ୍କର ସଂକଳିତ ''ବିଚିତ୍ର ଜୀବଜଗତ'', ''ବିଚିତ୍ର ଇତିହାସ'' ପ୍ରକାଶିତ ହୋଇଥିଲା । ଏହି ଦୁଇଟି ପ୍ରକାଶନ ଓଡ଼ିଶାର ପାଠକମହଲରେ ଖୁବ୍ ଆଦୃତ ହୋଇପାରିଥିଲା । ସେ ଏଥିରେ ଉତ୍ସାହିତ ହୋଇ ''ଶିଶୁ ସଙ୍ଖାଳି'' ପ୍ରକାଶ କରିବାକୁ ପ୍ରସ୍ତୁତ ହେଲାବେଳେ ୧୯୩୯ ରୁ ୧୯୪୫ ମଧ୍ୟରେ ସଂଘଟିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଧକ୍କା ସବୁ ବିପର୍ଯ୍ୟସ୍ତ କରିଦେଲା । ''ଶିଶୁ ସଂଖାଳି''ର ଅଗ୍ରଦୂତ ଭାବରେ ଆତ୍ମପ୍ରକାଶ କରିଥିବା ପୂର୍ବବର୍ଣ୍ଣିତ ପୁସ୍ତକଗୁଡ଼ିକ ଶେଷ ହୋଇଗଲା । ମୁଦ୍ରଣ ସାମଗ୍ରୀ ଦୁର୍ମୂଲ୍ୟ ହେବାରୁ ଶିଶୁସଙ୍ଖାଳିର ପ୍ରକାଶନ ବିଳମ୍ବିତ ହେଲା ।

''ଶିଶୁସଙ୍ଖାଳି''ର ପ୍ରଥମ ଖଣ୍ଡ ''ବିଚିତ୍ରବିଶ୍ୱ''ର ମୁଖବନ୍ଧରେ ବାଳକୃଷ୍ଣ ଲେଖିଥିଲେ, ''ଉତ୍କଳର ଶିଶୁମାନଙ୍କ ମନରେ ବୈଜ୍ଞାନିକ ଧାରଣା ଜନ୍ମାଇବା 'ଶିଶୁସଙ୍ଖାଳି'ର ପ୍ରଧାନ ଲକ୍ଷ୍ୟ । ସେହି ଲକ୍ଷ୍ୟ ସାଧନ ସକାଶେ ଆମେ ଶିଶୁସଙ୍ଖାଳିର ପୂର୍ବାନୁକ୍ରମ ବଦଳାଇ ଦେଇ ବିଜ୍ଞାନ ସଂବନ୍ଧୀୟ ଖଣ୍ଡମାନ ପ୍ରଥମେ ପ୍ରକାଶ କରୁଛୁ । ପୃଥିବୀର ବିରାଟ ପରିବର୍ତ୍ତନ ଏବଂ ବିଜ୍ଞାନର ନିତ୍ୟନୂତନ ଉଦ୍ଭାବନ ସହିତ ସାମଞ୍ଜସ୍ୟ ରକ୍ଷା କରିବା ସକାଶେ ଏହା କରିବାକୁ ହିଁ ପଡ଼ିବ । ତା ନ ହେଲେ ଆମେ ବହୁତ ପଛରେ ପଡ଼ିଯିବୁ ।''

ବାଳକୃଷ୍ଣ ଆଠଖଣ୍ଡରେ ଏହି 'ଶିଶୁସଂଖାଳି'କୁ ପ୍ରକାଶ କରିବାକୁ ମନସ୍ଥ କରିଥିଲେ । ଏନ୍‌ସାଇକ୍ଲୋପେଡ଼ିଆ ବା ଜ୍ଞାନକୋଷଠାରୁ ଏହାକୁ ଆହୁରି ପୂର୍ଣ୍ଣାଙ୍ଗ ଓ ସରସ କରିବାକୁ ଥିଲା ତାଙ୍କର ପରିକଳ୍ପନା । ସେଥିପାଇଁ ସେ କହିଥିଲେ, ''ଗୋଟିଏ ବିଷୟ ଜାଣିବାକୁ ହେଲେ ଅନ୍ୟ ଏନ୍‌ସାଇକ୍ଲୋପେଡ଼ିଆରେ ବହୁଖଣ୍ଡ ନଦେଖିଲେ ଜ୍ଞାତବ୍ୟ ବିଷୟ ମିଳିବ ନାହିଁ । କିନ୍ତୁ ଶିଶୁସଂଖାଳିର ପ୍ରତ୍ୟେକ ଖଣ୍ଡ ସ୍ୱୟଂସଂପୂର୍ଣ୍ଣ ହୋଇଥିବାରୁ ଶିଶୁମାନଙ୍କ ପକ୍ଷରେ କୌଣସି ବିଷୟ ଖୋଜିବା କଷ୍ଟକର ହେବନାହିଁ ।'' ଦୁର୍ଭାଗ୍ୟବଶତଃ ବାଳକୃଷ୍ଣ ସେହିବର୍ଷ (୧୯୫୭) ଇହଲୀଳା ସାଙ୍ଗ କଲେ ଏବଂ ତାଙ୍କର ଏହି ବିରାଟ ପରିକଳ୍ପନା ଅସଂପୂର୍ଣ୍ଣ ରହିଗଲା ।

''ଶିଶୁସଂଖାଳି''ର ଭାଷା ଓ ଶୈଳୀ ସଂପର୍କରେ ଏଠାରେ ଗୋଟିଏ ଦୃଷ୍ଟାନ୍ତ ଦେବାର ଲୋଭ ସମ୍ବରଣ କରି ହେଉନାହିଁ। ''ସୃଷ୍ଟିର ଏ ବିଚିତ୍ର ଲୀଳାଦେଖି ଆମ ମନରେ କେତେ ପ୍ରଶ୍ନ ଉଠେ। ଆମ ପୃଥିବୀଟା କେଡ଼େ ବଡ଼ ? ଏହା ଅଛି କେଉଁଠି ? ଚାନ୍ଦୁଆ ଭଳି ବିରାଟ ଆକାଶଟା ସତେ କଅଣ ଏହା ଦେହକୁ ଲାଗିରହିଛି ? ସେ ଆକାଶଟା ପୁଣି କାହିଁରେ ତିଆରି ହୋଇଛି ? ଦିନର ଆଲୁଅ, ଯାହାକୁ ଆମେ ସୂର୍ଯ୍ୟ କହୁ, ଆଉ ରାତିର ସେଇ ବଡ଼ ଆଲୋକ ଯାହାକୁ ଆମେ ଚନ୍ଦ୍ର କହୁ। ଏଦୁହେଁ ନିତିନିତି ପୂର୍ବ ଦିଗରେ ଉଇଁ ପଶ୍ଚିମ ଦିଗକୁ ଯା'ନ୍ତି କାହିଁକି ? ଯାଆନ୍ତି ଅବା କୁଆଡ଼େ ? ପୁଣି ଆସନ୍ତି କେଉଁଠୁ ? ଆମେ ତ ସବୁ ଦିନେ ଗୋଟାଏ ସ୍ଥାନରେ ସ୍ଥିରହୋଇ ରହିଛୁ। ଏମାନେ ଏପରି ନିତିନିତି ଘୂରୁଛନ୍ତି କାହିଁକି ? ଦିନରେ ସୂର୍ଯ୍ୟ ଥିଲାବେଳେ ରାତିର ସେହି ଜୁଳୁଜୁଳିଆ ପୋକଭଳି ଦେଖାଯାଉଥିବା ଆଲୁଅ ବିନ୍ଦୁଗୁଡ଼ିକ ଯାଆନ୍ତି ଅବା କୁଆଡ଼େ ? ପୁଣି ସେମାନେ ଆସନ୍ତି କୁଆଡୁ ?

ଏହି ପ୍ରଶ୍ନବାଚୀଗୁଡ଼ିକ ହେଲା ବିଜ୍ଞାନର ମୌଳିକ ଉତ୍ସ। ଶିଶୁ ଓ କିଶୋର ମନର ଏହିପରି ପ୍ରଶ୍ନକୁ ପ୍ରଶ୍ରୟ ଦେବା ଉଚିତ। ଗୋଦାବରୀଶ ମହାପାତ୍ର ଏହି ପ୍ରଶ୍ନଗୁଡ଼ିକୁ ରୂପ ଦେବାରେ ସଫଳ ହୋଇଛନ୍ତି। ''ପାଣି ଗୋ ପାଣି'' ଶୀର୍ଷକ ଏକ କବିତାରେ ଗାଇଛନ୍ତି-

ପାଣିଗୋ ପାଣି ସରଗରାଣୀ
କୁଆଡୁ ମେଘ ତୁମକୁ ଆଣି
ବରଷିଗଲା ଆମରି ଚାଳେ ?
ଚାଳରୁ ଗଡ଼ି ବହୁତ ନାଳେ
ପାଣିକି କଥା ଶୁଣିବ ନାହିଁ ?
ତୁମରି ପାଇଁ ରହିବି ଚାହିଁ।

**ବିଜ୍ଞାନ-ଆଧାରିତ ଶିଶୁସାହିତ୍ୟ :**

ଶିଶୁସାହିତ୍ୟକୁ ବିଜ୍ଞାନ-ଆଧାରିତ କରିବାରେ ରାମକୃଷ୍ଣ ନନ୍ଦଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ତାଙ୍କ ଲିଖିତ ''ସଂଗ୍ରାମ ଓ ସାଧନା'' ବିଜ୍ଞାନର ଜୟଯାତ୍ରାର କାହାଣୀ। ବହୁ ଆବିଷ୍କାର, ଉଦ୍ଭାବନ, ଦୁଃସାହସିକ ଯାତ୍ରା ଓ ଚମକପ୍ରଦ ଘଟଣା ଉପରେ ଆଧାରିତ ଏହି ପୁସ୍ତକ। ବହୁଦିନ ଧରି ଏହା ପାଠ୍ୟପୁସ୍ତକ ରୂପେ ଖୁବ୍ ଆଦୃତ ହୋଇଥିଲା। ତାଙ୍କଦ୍ୱାରା ସୁସଂପାଦିତ ''ସଂସାର'' ୧୯୫୧ ମସିହାରୁ କିଶୋରକିଶୋରୀମାନଙ୍କ

ଉଦ୍ଦେଶ୍ୟରେ ଏକ ଜ୍ଞାନବିଜ୍ଞାନମୂଳକ ମାସିକ ପତ୍ରିକା ଭାବରେ ସୁନାମ ଅର୍ଜନ କରିଥିଲା । ମାତ୍ର ୧୯୭୦ ମସିହାରେ ଏହାର ପ୍ରକାଶନ ବନ୍ଦହୋଇ ପୁଣି ୧୯୮୨ ମସିହାରୁ ପୁନଃ ଅମ୍ପ୍ରକାଶ କରିଛି । ବିଜ୍ଞାମୂଳକ ବିଷୟଗୁଡ଼ିକ କିଶୋରକିଶୋରୀମାନଙ୍କୁ ସୁବୋଧ୍ୟ ଓ ସରସ ଭାବରେ ପରିବେଷଣ କରିବାରେ ଏହି ପତ୍ରିକା ଖୁବ୍ ପ୍ରତିଷ୍ଠା ଲାଭ କରିପାରିଛି ।

ରାମକୃଷ୍ଣଙ୍କ ଲିଖିତ "ପ୍ରକୃତିର ଗଳ୍ପପୁରୀ" ୧୯୮୧) ଜୀବବିଜ୍ଞାନ ଓ ଉଦ୍ଭିଦବିଜ୍ଞାନର କେତୋଟି ଜୀବନ୍ତ ଓ ଚିତ୍ତାକର୍ଷକ କାହାଣୀ । ମହୁମାଛି, ପାଇନଗଛ, ଓଟ, ଚା, ବୁଢ଼ୀଆଣୀ, କୋଇଲା, ସୂର୍ଯ୍ୟମୁଖୀ, ଝିଙ୍କ, ଗଙ୍ଗେଇ, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ପ୍ରଭୃତି ପଶୁପକ୍ଷୀ, ଗଛଲତା, ଫୁଲଫଳ ଓ ଘଟଣାଗୁଡ଼ିକର ସରସସୁନ୍ଦର ଗଳ୍ପଛଳରେ ବର୍ଣ୍ଣିତହୋଇଛି । ବହିଟିକୁ ପାଠକଲେ ପ୍ରକୃତି ଯେମିତି ଅସଂଖ୍ୟ ଗଳ୍ପର ଏକ, ବିରାଟ ଗ୍ରନ୍ଥ ! ଉପରୋକ୍ତ ବହିର "ମାଛରାଣୀର ରାଜ୍ୟ" ଶୀର୍ଷକ ବିଷୟର ଏକ ଉଦ୍ଧୃତାଂଶରୁ ରାମକୃଷ୍ଣଙ୍କ ଲେଖନୀର କାଉଁରୀ ସ୍ପର୍ଶ ଅନୁଭୂତ ହେବ ।

"ବଣ ଭିତରେ ଗୋଟିଏ ଗଛ ଡାଳରେ ହଳଦିଆ କନିଅର ଫୁଲଟିଏ ପବନରେ ଝୁଲୁଥିଲା । ମହୁମାଛିଟିଏ ତା' କୋଳ ଭିତରକୁ ପଶିଯାଇ ରସ ଶୋଷିବାକୁ ଆରମ୍ଭ କଲା । ଫୁଲଗଛ ପଚାରିଲା, "ତୁ ଏ ରସ ନେଇ କ'ଣ କରିବୁ ?" ମହୁମାଛି କହିଲା - "ନାନୀ, ଅନେକ ଦିନ ହେଲା ଆମେ ସବୁ ଭୋକିଲା ଅଛୁ । ତୋ ରସକୁ ମହୁ ତିଆରି କରି ଖାଇବୁ ।

ଫୁଲ ପୁଣି ପଚାରିଲା, "ତୁ ତ ରସକୁ ଢ଼ୋକି ଦେଉଛୁ । ତାକୁ ମହୁ ତିଆରି କରିବୁ ବୋଲି କ'ଣ କହୁଛୁ ?

-"ସେଇଟା ତ ଆମ ବାହାଦୁରୀ । ଆମ ପେଟ ଭିତରେ କେତେକ ଜିନିଷ ଅଛି । ତା' ସଙ୍ଗେ ଏ ରସ ମିଶି ମହୁ ପାଲଟିଯିବ । ଆମେ ସେଇ ମହୁକୁ ପୁଣି ପାଟିବାଟେ କାଢ଼ି ସମସ୍ତଙ୍କୁ ଖାଇବାକୁ ଦେବୁ । ମଣିଷ ପରା ଖୁବ୍ ବୁଦ୍ଧିଆ ବୋଲି ନିଜକୁ କହେ । ସେ ମହୁ ତିଆରି କରିପାରିବ ନା ?"

-"ମୁଁ ସେ କଥା ଜାଣିନାହିଁ । କିନ୍ତୁ ତୁମେ ମୋ ଦେହରେ ସେମିତି ଗୋଡ଼ କାହିଁକି ଘଷୁଛୁ ?" ମତେ ସଲସଲ ଲାଗୁଛି ।"

''କ୍ଷମା କରିବୁ ନାନୀ । ମୁଁ ଗୋଡ଼ରେ ପରାଗ ସଂଗ୍ରହ କରୁଛି । ଯେତେ ସାବଧାନ ହେଲେ ବି ତୋ କଅଁଳ ଦେହକୁ କଷ୍ଟ ହେଉଥିବ, ମୁଁ ଜାଣେ । କିନ୍ତୁ ଏହି ପରାଗ ଧୂଳି ନନେଇ ମୁଁ ଯିବିନାହିଁ । ରାଣୀଙ୍କ ଆଦେଶ ମାନିବାକୁ ହେବ । ଏହି ଫୁଲରେଣୁରେ ଆମେ ପରା ମହମ ତିଆରି କରି ନୂଆଘର ଗଢ଼ିବୁ । ତୁ ସିନା ତୋ ମା' କୋଳରେ ଝୁଲୁଛୁ, ଆମର ତ ଘର ଦରକାର ।''

ଗୋକୁଳାନନ୍ଦ ମହାପାତ୍ର ବିଜ୍ଞାନଭିତ୍ତିକ ଶିଶୁସାହିତ୍ୟ ରଚନାରେ ସିଦ୍ଧହସ୍ତ । ବୟସ୍କମାନଙ୍କ ପାଇଁ ବୈଜ୍ଞାନିକ ବିଷୟଗୁଡ଼ିକ ଉପରେ ଗଳ୍ପ ଉପନ୍ୟାସଠାରୁ ଆରମ୍ଭ କରି ରଚନା, ରୂପକ ପର୍ଯ୍ୟନ୍ତ ଲେଖି ସେ ଅପୂର୍ବ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଶିଶୁ ଓ କିଶୋରମାନଙ୍କ ପାଇଁ ତାଙ୍କର ଅବଦାନ କମ୍ ନୁହେଁ । କୃତ୍ରିମ ଉପଗ୍ରହ, ଛବି କେମିତି କଥା କହେ, ଯନ୍ତ୍ର ମଣିଷ ତରଳ ବାୟୁ ଆଉ ତତଲା ବରଫ, ରେଡ଼ିଓ ଓ ରାଡ଼ାର୍, ଦୂରବୀକ୍ଷଣ ଯନ୍ତ୍ର ପ୍ରଭୃତି ବହୁ ସଂଖ୍ୟକ ପୁସ୍ତକ ତାଙ୍କ ଲେଖନୀର ଜୟଗାନ କରେ । ସରଳ ଭାଷା ଓ ସାବଲୀଳ ଶୈଳୀରେ ବିଜ୍ଞାନର ଜଟିଳ ବିଷୟଗୁଡ଼ିକୁ ବର୍ଣ୍ଣନା କରିବାରେ ତାଙ୍କର ଅପୂର୍ବ ସିଦ୍ଧି ! ନିମ୍ନୋକ୍ତ ଉଦ୍ଧୃତିରୁ ତାହା ସ୍ପଷ୍ଟ ଜାଣିହେବ ।

''ସକାଳୁ ଉଠିଲା ବେଳୁଁ ମୁଁ ଭାବି ହେଉଥାଏ, ଏ ତରଳ ବାୟୁ, ତତଲା ବରଫ କ'ଣ ? ତରଳ ବାୟୁ ପ୍ରକୃତରେ କେମିତିକା ହୋଇଥିବ ! ମୁଁ ଜାଣି ପାରୁନଥାଏ । ତା'ଛଡ଼ା ପୁଣି ତତଲା ବରଫ । ପରଫ ତ ଥଣ୍ଡା, ଧରିଲେ ହାତ କାଲୁଆ ମାରିଯିବ । ଖରାଦିନେ ସର୍ବତକୁ ଥଣ୍ଡା କରିବା ପାଇଁ ସର୍ବତରେ ଏହି ବରଫ ମିଶାଇ ଦିଅନ୍ତି । ଯେଉଁ ବରଫ ଏତେ ଥଣ୍ଡା, ସେ ପୁଣି ତତଲା ହେବ କିମିତି ? ସେଦିନ ଦାଦା କହୁଥିଲେ ଏତେ ଗରମ ଯେ, ହାତ ମାରିଲେ ହାତ ଫୋଟକା ହୋଇଯିବ । ଟକମକ ଫୁଟୁଥିବା ପାଣିଠାରୁ ବି ଏହା ଆହୁରି ଗରମ । ଏମିତି ବରଫ ଯେ, କେମିତି ହେବ, ମୁଁ ଭାବି ପାରୁନଥାଏ ।

କୁଳମଣି ସାମଲ ବିଜ୍ଞାନମୂଳକ ଶିଶୁସାହିତ୍ୟର ଅନ୍ୟତମ ସୁଖ୍ୟାତ ଶିଳ୍ପୀ । ଶିଶୁ ଓ କିଶୋରମାନଙ୍କ ପାଇଁ ବିଜ୍ଞାନର କଠିନ ତତ୍ତ୍ୱକୁ ସରଳତରଳ ଓ ସରସ ରୂପରେ ପ୍ରକାଶ କରିବାରେ ସେ ଅସାଧାରଣ ସାଫଲ୍ୟ ପ୍ରଦର୍ଶନ କରିଛନ୍ତି । ମହାକାଶର ଆହ୍ୱାନ, ସଭ୍ୟତାର ତିନୋଟି ସୋପାନ, ଶୁଣିଲା ଲୋକକୁ ମିଛ ପ୍ରଭୃତି ପୁସ୍ତକଗୁଡ଼ିକ ବିଜ୍ଞାନ ଆଧାରିତ ହେଲେ ହେଁ ଖୁବ୍ ସୁବୋଧ୍ୟ ଓ ସାର୍ଥକ ହୋଇଛି । ତାଙ୍କ ସଂପାଦିତ

'ବିଜ୍ଞାନ ପ୍ରଭା'' ପତ୍ରିକାରେ ବୈଜ୍ଞାନିକ ବିଷୟଗୁଡ଼ିକ ସଂପର୍କରେ ପିଲାମାନଙ୍କ ଉପଯୋଗୀ ଲେଖାମାନ ପ୍ରକାଶିତ ହୋଇଥାଏ । ତାଙ୍କ ଲେଖାର ଭାଷା ଓ ଶୈଳୀର ବୈଶିଷ୍ଟ୍ୟ ନିମ୍ନୋକ୍ତ ଉଦ୍ଧୃତାଂଶରୁ ଅନୁଭୂତ ହେବ ।

''ସଂସାରରେ ଆଜିକାଲି ଲୋକେ କଳାଗୋରା, ହିନ୍ଦୁ ମୁସଲମାନ, ଧନୀ ଦରିଦ୍ର ପ୍ରଭୃତି ଭେଦ ଜନ୍ମାଇ ହଣାକଟା ଲଗାଇଛନ୍ତି । ଅଥଚ ସମସ୍ତ ଶରୀର ରକ୍ତ, ମାଂସ ଓ ଅସ୍ଥିରେ ଗଢ଼ା । ସେମିତି ଆମ ସମସ୍ତଙ୍କ ଶରୀର ନ୍ୟୁଟ୍ରନ୍, ପ୍ରୋଟନ୍ ଓ ଇଲେକ୍ଟ୍ରନ୍‌ରେ ଗଢ଼ା । କେବଳ ଏଗୁଡ଼ିକର ସଂଖ୍ୟାଭେଦରେ ଆମ୍ଭମାନଙ୍କର ଏତେ ନାମ ଓ ପ୍ରକୃତି । ସତରେ ଦେଖିଲେ ଆମେ ସମସ୍ତେ ଭାଇ ଭାଇ ।''

(''ଆମେ ସବୁ ଭାଇ ଭାଇ'' ମୀନାବଜାର, ୧୯୮୦)

ଶାନ୍ତନୁ କୁମାର ଆଚାର୍ଯ୍ୟ ବିଜ୍ଞାନାଧାରିତ ଶିଶୁସାହିତ୍ୟ ରଚନାରେ ବିଶେଷ ପାରଦର୍ଶିତା ପ୍ରର୍ଦନ କରିଛନ୍ତି । ସେ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ରଚନାରେ ଲବ୍ଧପ୍ରତିଷ୍ଠ ହେବା ସଂଗେ ସଂଗେ ଶିଶୁ ଓ କିଶୋରମାନଙ୍କ ଉପଯୋଗୀ ବିଜ୍ଞାନ ସାହିତ୍ୟ ଲେଖିବାରେ ଆଗ୍ରହୀ ଥିଲେ । ଶେଷୋକ୍ତ ସାହିତ୍ୟ ମଧ୍ୟରେ ତାଙ୍କ ରଚିତ ମୋ କାଠଘୋଡ଼ା କଥା କହେ, ଆକାଶକୁ ସାତୋଟି ପାହାଚ, ରାଜକୁମାର ମୋହନ, ବାଗ୍‌ବଗିଚାର ସୌଦାଗର ପ୍ରଭୃତି ପ୍ରଧାନ । ବିଜ୍ଞାନ ବିଷୟଗୁଡ଼ିକୁ ସେ ନିଜର କଳ୍ପନା ଓ ଭାଷାର ଇନ୍ଦ୍ରଜାଲ ସାହାଯ୍ୟରେ ମନୋମୁଗ୍ଧକର କରି ତୋଳିଥାନ୍ତି । ତାଙ୍କ ଲିଖିତ ''ଆକାଶକୁ ସାତୋଟି ପାହାଚ''ରୁ ଗୋଟିଏ ଦୃଷ୍ଟାନ୍ତ ଦେଲେ ଏହାର ସତ୍ୟତା ପ୍ରତିପାଦିତ ହେବ ।

''ଢଂ କରି ଗୋଟାଏ ଘଣ୍ଟା ବାଜିଲା । ଜଣେ ଡାକ୍ତର କୋଉଠି ଥିଲେ ବାହାରିଆସି ଆମ ଆଗରେ ଠିଆହେଲେ । ଆମକୁ ପରୀକ୍ଷାଗାର ଭିତରକୁ ନେଇ ସେ ହାତବଢ଼େଇ କଅଣ ଦେଖେଇଲେ । ଆମେ ଦେଖିଲୁ । ସାତୋଟି ବଡ଼ ବଡ଼ ବାକ୍ସ ଥୁଆହୋଇଛି । ତା'ପରେ ଡାକ୍ତର କହିଲେ - ଶୁଣ, ଏ ହଉଚି ସ୍ୱର୍ଗକୁ ଯିବା ପାଇଁ ସାତୋଟି ପାହାଚ । ଯାକୁ ଯେ ଟପିଯିବ, ସେ ସ୍ୱର୍ଗକୁ ଯାଇପାରିବ ବୋଲି ଆମେ ଜାଣିଚୁ । ତେଣୁ ସେ ରକେଟ୍ ପାଇଲଟ୍ ହବା ପାଇଁ ତାଲିମ ପାଇବ ।

ଏତକ କହି ସେ ମୋ ଆଡ଼କୁ ଆଙ୍ଗୁଠି ଦେଖେଇଲେ । ମୁଁ ଚାଲିଲି ପ୍ରଥମ ବାକ୍ସ ଆଡ଼କୁ ।''

**ବିଜ୍ଞାନର  ସରଳ ତରଳ ସାହିତ୍ୟ :**

ବିନୋଦ କାନୁନ୍‌ଗୋ ଶିଶୁ ଓ କିଶୋର ଉପଯୋଗୀ ଅନେକ ଉପାଦେୟ ପୁସ୍ତକର ପ୍ରଣେତା । ୧୯୫୮ ମସିହାରୁ ତାଙ୍କ ଦ୍ୱାରା ଏକ ଲୋକପ୍ରିୟ ଶିଶୁପତ୍ରିକା "ଶିଶୁସଂପଦ" ପ୍ରକାଶିତ ହୋଇ ଶିଶୁସାହିତ୍ୟର ବିକାଶରେ ବିଶେଷ ସହାୟକ ହୋଇଥିଲା । ଜ୍ଞାନବିଜ୍ଞାନର ଜଟିଳ ତଥ୍ୟ ଓ ଘଟଣାକୁ ଅତି ଚିତ୍ତାକର୍ଷକ ଭାବରେ ଉପସ୍ଥାପନ କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଥିଲା । "ଜ୍ଞାନମଣ୍ଡଳ"ର ଯଶସ୍ୱୀ ସଂକଳକ ଭାବରେ ସେ ବିଜ୍ଞାନର ନାନା ବିଷୟକୁ ସରଳ ସରସ ଭାବରେ ପରିବେଷଣ କରିପାରିଛନ୍ତି । ତାଙ୍କ ଲିଖିତ ଶିଶୁସାହିତ୍ୟ ମଧ୍ୟରେ "ଛାତିକୁ ପଥର କରି", "ମିଠେଇ ଦେହରେ ଲାଗିଲା ଡେଣା", "ଚଳନ୍ତା ରାଇଜର ଅମୁହାଁ ନଈ" ପ୍ରଭୃତି ପୁସ୍ତକଗୁଡ଼ିକ ଖୁବ୍ ଆଦୃତ । ତାଙ୍କର ଭାଷା ଓ କଳ୍ପନା କିପରି ଇନ୍ଦ୍ରଜାଲର ମାୟା ସୃଷ୍ଟି କରିଛି, ଦେଖନ୍ତୁ । ଆମ ଦେହର ରକ୍ତ ସଂଚାଳନ ପ୍ରଣାଳୀକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି -

"ମୁଁ ଧରିନେଲି ଯେ ମୋ କଥା ସେମାନେ ବୋଧହୁଏ ବୁଝିପାରୁନାହାନ୍ତି । ଧୀରେ ଧୀରେ ବୁଝାଇ କହିଲି - ଆଚ୍ଛା, ଏହି ଯେଉଁ ନଈଟା ଦେଖୁଛ, ସେଇଟା ବାହାରିଛି କେଉଁ ପାହାଡ଼ରୁ ? ପଡ଼ିଛି କେଉଁ ସମୁଦ୍ରରେ ? ତାଙ୍କ ଭିତରୁ ଜଣେ କହିଉଠିଲା - ଏଁ, ବାହାରିଛି କେଉଁଠୁ କ'ଣ ? ପୁଣି ପଡ଼ିଛି କେଉଁଠି କ'ଣ ? ଯେଉଁ ପର୍ବତରୁ ବାହାରିଛି, ସେହି ପର୍ବତରେ ଯାଇ ପଡ଼ିଛି । ଏଇ ଗୋଟିଏ କ'ଣ ? ଏଇ ଯେତେ ନଈ ଦେଖୁଛ, ସବୁଗୁଡ଼ାକ ଗୋଟିଏ ମାତ୍ର ପର୍ବତରୁ ବାହରି ଦେଶର ଚାରିଆଡ଼କୁ ଖେଳେଇ ହୋଇ ଯାଇଛନ୍ତି । ପୁଣିକ୍ରମେ ଏକାଠି ହୋଇ ଶେଷରେ ଯାଇ ସେଇ ପର୍ବତରେ ପଡ଼ିଯାଇଛନ୍ତି ।

ମୁଁ ସେତେବେଳକୁ ଜାଣି ବୋକା ପାଲଟିଗଲିଣି । ଆଚ୍ଛା, ବିଚିତ୍ର ରାଇଜ ଏଇଟା ! ପର୍ବତରୁ ନଦୀ ବାହାରି ସମୁଦ୍ରରେ ପଡ଼ିନାହିଁ । ପୁଣିଯାଇ ପର୍ବତରେ ପଡ଼ିଛି ।"

(ଚଳନ୍ତା ରାଇଜର ଅମୁହାଁ ନଈ)

ଅନନ୍ତ ପଟ୍ଟନାୟକ କବି ଭାବରେ ଲବ୍ଧପ୍ରତିଷ୍ଠ ହେବା ପରେ ଶିଶୁ ସାହିତ୍ୟ କ୍ଷେତ୍ରରେ ଦକ୍ଷତା ଦେଖାଇ ପାରିଛନ୍ତି । ଶିଶୁସାହିତ୍ୟ ସମିତି ତଥା "ଶିଶୁ ଲେଖା"

ପତ୍ରିକାର ସଂପାଦକ ଭାବରେ ସେ ଶିଶୁ ସାହିତ୍ୟର ବିକାଶରେ ତାଙ୍କର ପରିପକ୍ୱ ସାହିତ୍ୟିକ ସାଧନାର ସଦୁପଯୋଗ କରିଛନ୍ତି । ତାଙ୍କର ଶିଶୁ ସାହିତ୍ୟ ମଧ୍ୟରେ ଛବିଟି କି ଗପଟିଏ, କୁନୁମୁନି, ନାଲି ଟୁକୁ ଟୁକୁ, ଛାଇକି ଛିଟା ପ୍ରଭୃତି ପୁସ୍ତକଗୁଡ଼ିକ ପ୍ରଧାନ । ତାଙ୍କର ବହୁ ବୈଜ୍ଞାନିକ ବିଷୟ - ଆଧାରିତ ଲେଖା ପ୍ରାଥମିକ ସାହିତ୍ୟ ପାଠ୍ୟପୁସ୍ତକ ଓ 'ଶିଶୁଲେଖା'ରେ ଆତ୍ମପ୍ରକାଶ କରିଥିଲା । ବିଜ୍ଞାନର ବହୁ ଘଟଣା ଓ ବସ୍ତୁକୁ କବିତାକାରରେ ରୂପାୟିତ କରିବାରେ ତାଙ୍କର ଦକ୍ଷତା ପ୍ରକଟିତ ହୋଇଛି । ୫ମ ଶ୍ରେଣୀ 'ସାହିତ୍ୟ' ପାଠ୍ୟପୁସ୍ତକର ''ଇନ୍ଦ୍ରଧନୁ'' କବିତାର ଦୁଇଟି ପଦ ଏଠାରେ ପ୍ରଣିଧାନଯୋଗ୍ୟ ।

ସୂର୍ଯ୍ୟଠାରେ ଥିଲା ସେ କାହିଁ,
ସଲିଳ କଣା ପରଶ ପାଇ;
ସଜାଇ ରୂପ ବର୍ଣ୍ଣବାହୀ
ସବୁରି ମନ ମୋହେ,
ସାତୋଟି ତହିଁ ରଙ୍ଗ ଖେଳି,
ସବୁଜ ପୀତ, ଲୋହିତ, ନେଳି
ବାଇଗଣି ଓ କମଳା ଝଳି
ନିବିଡ଼ ନୀଳ ଶୋହେ ।..

**ବିଜ୍ଞାନର ବିଭିନ୍ନ ଧାରା :**

ଉଦୟନାଥ ଷଡ଼ଙ୍ଗୀ ଶିଶୁସାହିତ୍ୟର ବିଭିନ୍ନ ବିଭାଗରେ ସିଦ୍ଧହସ୍ତ । ବିଜ୍ଞାନମୂଳକ ଗଳ୍ପ ଓ ବିଭିନ୍ନ ଜୀବଜନ୍ତୁ କାହାଣୀ ରଚନାରେ ତାଙ୍କର ଅସାଧାରଣ ଦକ୍ଷତା ଅଭିବ୍ୟକ୍ତ ହୋଇଛି । ସମ୍ଭବତଃ ଶିଶୁ ଓ କିଶୋରମାନଙ୍କ ପାଇଁ ସେ ସର୍ବାଧିକ ପୁସ୍ତକ ଲେଖିଛନ୍ତି । ସରଳ ଓ ସାବଲୀଳ ଭାଷା ଓ ଭଙ୍ଗୀରେ ବିଜ୍ଞାନର ସୁକ୍ଷ୍ମ ବିଷୟ କିପରି ରସୋତ୍ତୀର୍ଣ୍ଣ ହୋଇଛି ତା'ର ଉଦାହରଣ ଦେଖନ୍ତୁ । ଅସୁନ୍ଦର ସଂବାଳୁଆ କିପରି ସୁନ୍ଦର ପ୍ରଜାପତିର ରୂପ ଗ୍ରହଣ କରେ, ସେଇ କଥା ସେ ''ଆଃ କି ଅସନା ! ଓଃ କି ସୁନ୍ଦର !'' ଗଳ୍ପଟିରେ ବର୍ଣ୍ଣନା କରିଛନ୍ତି ।

''ବଗିଚା ଭିତରକୁ ଗଲା । ପତରରୁ ଥପ୍ ଥପ୍ ହୋଇ କାକର ପଡୁଛି । ଗଛରେ କେତେ ପ୍ରକାର ଫୁଲ ଫୁଟିଅଛି । ସୁଲୁସୁଲିଆ ପବନରେ ଫୁଲପେଣ୍ଡା ଦୋଳି ଖେଳୁଅଛି । ଗୁଡ଼ିଏ ପ୍ରଜାପତି ସୁନ୍ଦର ଡେଣା ହଲାଇ ଏଠୁ ସେଠାକୁ ଉଡ଼ିଯାଉଛନ୍ତି ।

ଟିକି ପ୍ରଥମେ ଭାବିଥିଲା, ଗଛର ଫୁଲସବୁ ଏପରି ଉଡ଼ି ବୁଲୁଛନ୍ତି । ପାଖକୁ ଯାଇ ଦେଖିଲା, ଫୁଲ ନୁହେଁ; ଫୁଲପରି ସୁନ୍ଦର ପ୍ରଜାପତି । ଖୁବ୍ ଖୁସି ହୋଇଗଲା । ତା' ପାଟିରୁ ବାହାରିପଡ଼ିଲା; ଓଃ କି ସୁନ୍ଦର !''

ବସନ୍ତ କୁମାର ବେହୁରା କିଶୋରକିଶୋରୀମାନଙ୍କ ପାଇଁ ବିଭିନ୍ନ ପଶୁପକ୍ଷୀଙ୍କ ସଂପର୍କରେ ପୁସ୍ତକ ପ୍ରଣୟନ କରିଛନ୍ତି । ଓଡ଼ିଶାର ସାପ, ଓଡ଼ିଶାର ବେଙ୍ଗ ପ୍ରଭୃତି କେତେ ପୁସ୍ତକର ସେ ଲେଖକ । କିନ୍ତୁ ସେଗୁଡ଼ିକ ବିଶେଷ ଭାବରେ ତଥ୍ୟମୂଳକ ହୋଇଥିବାରୁ ଶୁଷ୍କ ନୀରସ ହୋଇଥାଏ ।

କେଶବଚନ୍ଦ୍ର ସାହୁ, ଯୋଗମାୟା ପଟ୍ଟନାୟକ, ଗୋପାଳଚନ୍ଦ୍ର ପଟ୍ଟନାୟକ, ଗୁରୁପ୍ରସାଦ ମହାନ୍ତି, ଜ୍ୟୋତ୍ସ୍ନା ପଟ୍ଟନାୟକ ପ୍ରମୁଖ ଚିକିତ୍ସକଗଣ ସ୍ୱାସ୍ଥ୍ୟ ଓ ଶରୀରର ବିଭିନ୍ନ ଅଂଶ ସଂପର୍କରେ ଅନେକ ଲେଖାଲେଖି କରିଛନ୍ତି । ଗଦାଧର ମିଶ୍ର, ହରିହର ମିଶ୍ର ପ୍ରମୁଖ ଅଧ୍ୟାପକଗଣ ବିଜ୍ଞାନର ବହୁ ତଥ୍ୟପୂର୍ଣ୍ଣ ପୁସ୍ତକ ଲେଖିଛନ୍ତି ।

ରାମପ୍ରସାଦ ମହାନ୍ତି ''ମୋ ଦେଶ'' ପତ୍ରିକାର ସହସମ୍ପାଦକ, ପରେ ନୂତନ ପ୍ରସ୍ଥ ''ମୋ ଦେଶ''ର ସଂପାଦକ ଓ ଦୀର୍ଘକାଳ ଧରି ଜହୁରୀ ଭାଇ ନାମରେ ''ମୀନାବଜାର'ର ସଂପାଦନା କରି ଶିଶୁସାହିତ୍ୟର ପ୍ରଭୂତ ପ୍ରଗତି ସାଧନ କରିଛନ୍ତି । ପରେ ସେ ''ଶିଶୁଲେଖା' ସଂପାଦକ ଭାବରେ ବିଜ୍ଞାନମୂଳକ ଲେଖା ପ୍ରକାଶ କରିବାରେ ଖୁବ୍ ଆଗ୍ରହୀ । ଏହିପରି ଲେଖା ଲେଖିବାରେ ନିଜେ ସଚେଷ୍ଟ ହେବା ସଂଗେ ସଂଗେ ଅନ୍ୟମାନଙ୍କୁ ଉତ୍ସାହିତ କରି ଆସିଛନ୍ତି । ଗଳ୍ପଛଳରେ ସେ ବିଜ୍ଞାନର ବହୁ ଘଟଣା ଓ ପଦାର୍ଥକୁ ସରସ ଭାବରେ ଫୁଟାଇଥାନ୍ତି । ପିମ୍ପୁଡ଼ିମାନଙ୍କ ବସତି ସଂଗଠନ ସଂପର୍କରେ କହିବାକୁ ଯାଇ ''ଜାହାଜିଆ ଆଣ୍ଟ''ରେ ଲେଖିଛନ୍ତି ।

''ରାଣୀପିମ୍ପୁଡ଼ି ଥରକେ ପ୍ରାୟ ହଜାରେ ଡିମ୍ବ ଦିଏ । ଏହି ଡିମ୍ବକୁ ଜଗାରଖା କରିବା ପାଇଁ ଓ ଛୁଆ ପିମ୍ପୁଡ଼ିଙ୍କୁ ପାଳିବା ପାଇଁ ରାଣୀ ପିମ୍ପୁଡ଼ି ଗୁଡ଼ିଏ ନର୍ସ ରଖିଥାଏ ।

ବେଶୀ ପିମ୍ପୁଡ଼ି ହୋଇଗଲେ ସେମାନଙ୍କ ପାଇଁ ତ ଅଧିକ ଘର ଦରକାର । ସେଥିପାଇଁ ଦୁର୍ଗକୁ ଆହୁରି ବଢ଼ାଇବାକୁ ପଡ଼ିବ । ଏ କାମ କିରବ କିଏ ? ଏହି କାମ କରିବାକୁ ଅଛନ୍ତି କାରିଗର ପିମ୍ପୁଡ଼ି ।

ପିମ୍ପୁଡ଼ି ରାଇଜର ରାସ୍ତାଘାଟ କଥା ବୁଝିବା ପାଇଁ ଦଳେ ଇଞ୍ଜିନିୟର ପିମ୍ପୁଡ଼ି ମଧ୍ୟ ଥାଆନ୍ତି ।

ସେହିପରି ଦଳେ ଶିଳ୍ପୀ ପିମ୍ପୁଡ଼ି ଅଛନ୍ତି । ସେମାନଙ୍କୁ ଇଟାରେ କମକୂଟ କରିବା ଓ କାଠଖୋଦେଇ କରିବା କାମ ବେଶ୍ ଜଣା । ସେମାନେ ଇଟା ଓ କାଠକୁ ଏଡ଼େ ସୁନ୍ଦର ଭାବେ କାଟି କାଟି ଚିତ୍ରବିଚିତ୍ର କରନ୍ତି ଯେ, ମଣିଷ ନିହଣ କି ଛୁଞ୍ଚି ମୂନରେ ମଧ୍ୟ ସେପରି କାରୁକାମ କରିପାରିବ ନାହିଁ । (ଶିଶୁଲେଖା, ଏପ୍ରିଲ୍ ୧୯୮୪)

ଜଗନ୍ନାଥ ମହାନ୍ତି ଶିଶୁସାହିତ୍ୟରେ ଜୀବନୀ, ଏକାଙ୍କିକା, କାହାଣୀ, କବିତା ପ୍ରଭୃତି ବିଭିନ୍ନ ବିଭାବରେ ପୁସ୍ତକ ରଚନା କରିଛନ୍ତି । ତାଙ୍କର ବିଜ୍ଞାନ ବିଷୟକ ପୁସ୍ତକ ମଧ୍ୟରେ ''ଆଲୁଅର କୁହୁକ ଆଉ ଶବଦର ଲୁଚକାଳି'' (ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ), ''ଯାହାର ମନ ଯେଡ଼େ'', ''ଦରିଆ ଅଜାର ମଜା ଦୁନିଆ'' (ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପୁରସ୍କୃତ) ବିଶେଷ ଆଦୃତ ହୋଇପାରିଛି । ଗୋଟିଏ କ୍ଷୁଦ୍ର ନମୁନାରୁ ତାଙ୍କ ଲେଖାର ବିଶେଷତ୍ୱ ଜାଣିହେବ ।

''ସେଥିପାଇଁ ସଞ୍ଜ ଆଉ ସକାଳର କଅଁଳ ସୁନେଲି କିରଣରେ ଆମ ଚଉଦିଗର ଦୃଶ୍ୟ ସୁନ୍ଦର ଦିଶେ । ଦିପହରର ଟାଇଁ ଟାଇଁ ଖରାରେ ସେ ଶୋଭା କୁଆଡ଼େ ଲୁଚିଯାଏ । ପୁଣି ସୂର୍ଯ୍ୟକିରଣରେ ଗୋଟିଏ ପ୍ରାକୃତିକ ଦୃଶ୍ୟ ଯେପରି ଦେଖାଯାଏ, ଜହ୍ନ ରାତିରେ ତା'ଠାରୁ ଆହୁରି ଲୋଭନୀୟ ଆଉ ସୁନ୍ଦର ଦିଶେ ।

ଆଶିଷକୁ କେଉଁ କୁହୁକପୁରୀରେ ଥିଲା ପରି ଲାଗୁଛି । ସେ ଭାବୁଛି, ସତେ ଏଇ ଆମର ନିତିଦିନିଆ ଅତି ଆଦରର ମାଟିମାଆ କେଡ଼େ ବିଚିତ୍ର ଆଉ କେଡ଼େ ମନୋହର ! ଆଲୁଅର କାଉଁରୀକାଠି ଛୁଇଁ ଆପଣାର ଏଇ ପୁରୁଣା ଦୁନିଆଟା ସତେ ଯେମିତି ସଦାବେଳେ ନୂତନ ଆଉ ସୁନ୍ଦର ହୋଇ ରହିଛି ।''

ଦେବକାନ୍ତ ମିଶ୍ର, ଗୋରାଚାନ୍ଦ ମିଶ୍ର, ଯମେଶ୍ୱର ତ୍ରିପାଠୀ, ଅପୂର୍ବ ରଞ୍ଜନ ରାୟ, ରମେଶ ଧଳ, ପରମାନନ୍ଦ ଅଧିକାରୀ, ନଟବର ସାହୁ, ଯୋଗେନ୍ଦ୍ର ମହାନ୍ତି ପ୍ରମୁଖ

ବୈଜ୍ଞାନିକମାନଙ୍କ ଜୀବନୀ ଲେଖି ପିଲାମାନଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି । ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ଜାତୀୟ ପୁରସ୍କାରପ୍ରାପ୍ତ ବହୁ ପୁସ୍ତକ ଯଥା ଟୁଆଟୁଇଁଙ୍କ ଚାଷ, ଟୁଆଁଟୁଇଁଙ୍କ ଘର, ନଈ ବହିଲା ପ୍ରଭୃତିରେ ବିଜ୍ଞାନର ବହୁକଥା ଖୁବ୍ ଚିତ୍ତାକର୍ଷକ ଭାବରେ ପରିବେଷିତ ହୋଇଛି । ନିକୁଞ୍ଜ କିଶୋର କାନୁନ୍‌ଗୋ, ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହ, ପ୍ରଫୁଲ ଗିରି, ରମେଶ ଭଞ୍ଜ, ବଟକୃଷ୍ଣ ଓଝା ପ୍ରମୁଖ ଲେଖକଗଣ ନିଜର ଶିଶୁ ସାହିତ୍ୟରେ ବିଜ୍ଞାନର ବହୁ ବିଷୟ ମନୋରମ ଭାବରେ ଆଲୋଚନା କରିଛନ୍ତି । କମଳ କୁମାରୀ ପଟ୍ଟନାୟକ, ସୂର୍ଯ୍ୟମଣି ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ଶଶିନାରାୟଣ ମହାପାତ୍ର, ନରେନ୍ଦ୍ରପ୍ରସାଦ ଦାସ, ଉମେଶଚନ୍ଦ୍ର ପରିଡ଼ା, ରେଖା ଦାସ, ଦିଗରାଜ ବ୍ରହ୍ମା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଗଣ ବିଜ୍ଞାନର ବିଭିନ୍ନ ବିଷୟରେ ଉପାଦେୟ ଲେଖାମାନ ରଚନା କରି ନିଜ ସୃଜନଶୀଳ ପ୍ରତିଭାର ସୂଚନା ଦେଇଛନ୍ତି । ସର୍ବଶ୍ରୀ ସହଦେବ ସାହୁ, ସୂର୍ଯ୍ୟମଣି ବେହେରା, ନଟବର ସାହୁ, ବୀରେନ୍ଦ୍ର ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି, ସୂର୍ଯ୍ୟମଣି ସାମନ୍ତରାୟ ପ୍ରମୁଖ ବିଜ୍ଞାନଭିତ୍ତିକ ରଚନାର ଖ୍ୟାତି ଅର୍ଜନ କରିଛନ୍ତି । ଗଳ୍ପଛଳରେ ସରଳ ଭାଷା ଓ ସରସ ଶୈଳୀର ସଦୁପଯୋଗ କରି ସେମାନେ ବିଜ୍ଞାନର ଘଟଣାଗୁଡ଼ିକୁ ଚିତ୍ତାକର୍ଷକ କରି ତୋଳିଛନ୍ତି ।

ଶିଶୁ ଓ କିଶୋରମାନଙ୍କ ଉପଯୋଗୀ ବିଜ୍ଞାନ ସାହିତ୍ୟର ବିକାଶରେ ଆଜିକାଲି ବହୁ ପତ୍ରପତ୍ରିକାର ବିଶେଷ ଅବଦାନ ରହିଛି । ସେଗୁଡ଼ିକ ମଧ୍ୟରେ ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ସଂପାଦିତ "ବିଜ୍ଞାନାଲୋକ" ପ୍ରଫେସର କୁଳମଣି ସାମଲଙ୍କ ସଂପାଦନରେ ପ୍ରକାଶିତ, "ଆଜିର ବିଜ୍ଞାନ", ଶ୍ରୀ ରାମକୃଷ୍ଣ ନନ୍ଦଙ୍କ ସଂପାଦନାରେ ପ୍ରକାଶିତ "ସଂସାର", ଶ୍ରୀ ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ ସଂପାଦିତ "ଛାତ୍ରସାଥୀ", ଶ୍ରୀରାମପ୍ରସାଦଙ୍କ "ଶିଶୁଲେଖା" ଅଗ୍ରଗଣ୍ୟ ।

ଏକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ, ଆଜିର ଶିଶୁ ଓ କିଶୋରଗଣ ବିଜ୍ଞାନ ବିଷୟକ ସାହିତ୍ୟରେ ସର୍ବାଧିକ ଆଗ୍ରହୀ । ବିଜ୍ଞାନର ଆବିଷ୍କାର ଓ ଉଦ୍‌ଭାବନର ଚମକପ୍ରଦ କାହାଣୀ ପାଠ କରିବାକୁ ସେମାନେ ଅଧିକ ସୁଖପାନ୍ତି । ବିଜ୍ଞାନାଧାରିତ ଶିଶୁ ସାହିତ୍ୟ ରଚନା ପାଇଁ ଏହା ଏକ ଶୁଭସୂଚନା ଏବଂ ଲେଖକଗଣ ଏହାଦ୍ୱାରା ଅନୁପ୍ରାଣିତ ହେବେ ବୋଲି ଆଶା ।

ଭାବୀ ନାଗରିକ ଗଠନ କରି ଆଗାମୀ ବିଜ୍ଞାନପ୍ରଧାନ ଯୁଗ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ଓଡ଼ିଆ ଶିଶୁସାହିତ୍ୟ ଆହୁରି ସମୃଦ୍ଧ, ବର୍ଣ୍ଣାଢ଼୍ୟ ଓ ବ୍ୟାପକ ହେବା ଆବଶ୍ୟକ। ଆଶା, ପ୍ରତିଭାଶାଳୀ ଲେଖକ-ଲେଖିକାଗଣ ବିଜ୍ଞାନ-ଭିତ୍ତିକ ଶିଶୁସାହିତ୍ୟ ରଚନା ଓ ସଂପାଦନରେ ମନୋନିବେଶ କରି ଆମ ସମାଜର ଶ୍ରୀବୃଦ୍ଧି ସାଧନ କରିବେ।

**ସହାୟକ ସାମଗ୍ରୀ :**


୧- ରାମକୃଷ୍ଣ ନନ୍ଦ (ସଂ), **ଓଡ଼ିଆ ଶିଶୁସାହିତ୍ୟ ସଂକଳନ**, ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୨

୨- ଦେବକାନ୍ତ ମିଶ୍ର, ''ଗତ ପଚିଶ ବର୍ଷ ମଧ୍ୟରେ ରଚିତ ବୈଜ୍ଞାନିକ ସାହିତ୍ୟ : ଏକ ସମୀକ୍ଷା'', **କୋଣାର୍କ** ରଜତ ଜୟନ୍ତୀ ସଂଖ୍ୟା, ୧୯୮୨

୩- ରାମକୃଷ୍ଣ ନନ୍ଦ, **ଓଡ଼ିଆ ଶିଶୁସାହିତ୍ୟ ଓ ପତ୍ରିକା**, ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୨

୪- ଶିଶୁସାହିତ୍ୟ ଏକାଡେମୀ, ଓଡ଼ିଶା, ଭୁବନେଶ୍ୱର, **ସ୍ମରଣିକା** ୧୯୮୪

5- Jagannath Mohanty, "Development of Children's Literature in Orissa" **Writer & Illustrator,** Octo-Dec 1982

6- Jagannath Mohanty, "Children's Magazines in Oriya" **Writer & Illustrator,** April & June 1983.

7- Jagannth Mohanty & D. Brahma, "The Reading Interests of Children in Orissa" **Writer & Illustrator,** Octo-December, 1983.

୮- ଜଗନ୍ନାଥ ମହାନ୍ତି, ''ଓଡ଼ିଆ ଶିଶୁ ସାହିତ୍ୟର କ୍ରମବିକାଶ'', **ଝଙ୍କାର,** ଡିସେମ୍ବର, ୧୯୮୩

୯- ଜଗନ୍ନାଥ ମହାନ୍ତି, ''ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ବିକାଶ ଧାରା'' **ଅମୃତାୟନ,** ୪ର୍ଥ ବର୍ଷ ୨ୟ ସଂଖ୍ୟା, ଏପ୍ରିଲ୍, ୧୯୮୪।

# ଶିଶୁ ସାହିତ୍ୟ ଓ ଶିଶୁଶିକ୍ଷା :
# ଉଭୟଙ୍କ ସମ୍ବନ୍ଧ ଓ ସମସ୍ୟା

**ଶିଶୁ ସାହିତ୍ୟ :**

ଶିଶୁ ଓ କିଶୋରମାନଙ୍କ ଉଦ୍ଦେଶ୍ୟରେ ଯେଉଁ ସାହିତ୍ୟ ରଚିତ ହୁଏ, ତାହା ଶିଶୁସାହିତ୍ୟ । କାରଣ ବୟସ୍କମାନଙ୍କର ସାହିତ୍ୟ ସେମାନଙ୍କ ପାଇଁ ଉପଯୁକ୍ତ ତଥା ଉପଯୋଗୀ ହୋଇ ନଥାଏ । ଶିଶୁ ଓ କିଶୋରମାନେ ମନସ୍ତାତ୍ତ୍ୱିକ ଓ ସାମାଜିକ ଦୃଷ୍ଟିକୋଣରୁ ବୟସ୍କମାନଙ୍କଠାରୁ ସ୍ୱତନ୍ତ୍ର । ସେମାନଙ୍କର ଅଭୀପ୍ସା ଓ ଅଭିରୁଚି, ଶକ୍ତି ଓ ସାମର୍ଥ୍ୟ, ଆଶା ଓ ଆକାଂକ୍ଷା ଅନ୍ୟମାନଙ୍କଠାରୁ ପୃଥକ୍ । ଉଭୟ ଆକାର ଓ ପ୍ରକାର, ଗୁଣ ଓ ପରିମାଣ ଦୃଷ୍ଟିରୁ ଶିଶୁ ଓ କିଶୋରମାନଙ୍କର ଜ୍ଞାନ ଓ ବୋଧଶକ୍ତି, ଆଗ୍ରହ ଓ ଆବଶ୍ୟକତା ଅଲଗା ହେବା ସ୍ୱାଭାବିକ । ମାତ୍ର ଶିଶୁ ଓ କିଶୋରମାନଙ୍କୁ କେଉଁ ବୟସଗୋଷ୍ଠୀରେ ନିଆଯିବ, ସେଥିପାଇଁ ମତପାର୍ଥକ୍ୟ ଘଟିଥାଏ । କାରଣ ବୟଃକ୍ରମ ଅନୁସାରେ ସେମାନଙ୍କର ଶାରୀରିକ, ମାନସିକ, ସାମାଜିକ ଓ ନୈତିକ ବିକାଶ ଘଟିଥାଏ । ଅବଶ୍ୟ ଏହା ପୁଣି ସଂପୃକ୍ତ ସମାଜର ଅଗ୍ରଗତି - ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତିର ସ୍ତରକୁ ଚାହିଁ ନିର୍ଣ୍ଣିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ, ସବୁ କ୍ଷେତ୍ରରେ ଉନ୍ନତ ଆମେରିକାରେ ଦଶବର୍ଷର ପିଲା ହୁଏତ ଅନୁନ୍ନତ ଆଫ୍ରିକାର କୋଡ଼ିଏ ବର୍ଷର ଯୁବକଠାରୁ ମଧ୍ୟ ଶିକ୍ଷାଦୀକ୍ଷା, ସମାଜ ସଚେତନତା, ସାମାଜିକ ଆଚରଣ ଆଦିରେ ବିଶେଷ ଅଗ୍ରଗତି କରିଥାଏ । ଗୋଟିଏ ସମାଜର ଶିଶୁ ବା କିଶୋରଗଣ ପଚାଶ ବର୍ଷ ତଳେ ଯେଉଁ ବୌଦ୍ଧିକ ଓ ସାମାଜିକ ସ୍ତରରେ ଉପନୀତ ହୋଇଥିଲେ, ସେହି ସମାଜରେ ଆଜି ସେମାନେ ବହୁଦିଗରେ ଅଧିକ ସଚେତନ, ଚତୁର ଓ ସମ୍ବେଦନଶୀଳ ହୋଇଛନ୍ତି । ସେଥିପାଇଁ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଯଥାର୍ଥରେ କହିଥିଲେ ଯେ, ଆଜିର ପିଲାମାନେ ବଡ଼ ହୋଇଗଲେଣି ।

ଆଜିକାଲି ପୁଣି ଶିଶୁ ତଥା କିଶୋରମାନଙ୍କ ବୟସ ନିର୍ଦ୍ଧାରଣରେ ସମତା ନଥାଏ । ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଏହି ବୟସ ଭିନ୍ନ ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ,

ପ୍ରାଥମିକ ଶିକ୍ଷା ପାଇଁ ଆମ ସଂବିଧାନର ନିର୍ଦ୍ଦେଶାତ୍ମକ ନୀତିରେ ୬ରୁ ୧୪ ବର୍ଷ ନିର୍ଦ୍ଧାରିତ ହୋଇଛି। କୈଶୋର ନ୍ୟାୟ ଆଇନ ଅନୁସାରେ ପ୍ରାୟ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ/କିଶୋର ବୋଲି ଧରାଯାଉଛି। ଜାତିସଂଘ ଓ ୟୁନେସ୍କୋ ବିଚାରରେ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁ/କିଶୋର ଗୋଷ୍ଠୀରେ ଅନ୍ତର୍ଭୁକ୍ତ। ମାତ୍ର ଆମ ସମ୍ବିଧାନ ୧୪ ବର୍ଷକୁ ନିଯୁକ୍ତି ଦୃଷ୍ଟିରୁ ନିମ୍ନତମ ବୟସ ବୋଲି ଉଲ୍ଲେଖ କରିଛି। ଶ୍ରମ ଆଇନ (୧୯୫୮) ଓ କାରଖାନା ଅଇନ (୧୯୪୮) ଅନୁସାରେ ୧୪ ବର୍ଷରୁ କମ୍ ପିଲାଙ୍କୁ ଶ୍ରମିକ ଭାବରେ ନିଯୁକ୍ତି ଦେବା ନିୟମବିରୁଦ୍ଧ। ତେବେ ଆମ ଦେଶର ଜନଗଣନାରେ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ଶିଶୁ/କିଶୋର ବୋଲି ଧରାଯାଇଛି। ସ୍ଥୂଳତଃ ଆମେ ୧୪ ବର୍ଷ ବୟସ ହୋଇନଥିବା ସମସ୍ତଙ୍କୁ ଶିଶୁ ତଥା କିଶୋର ଗୋଷ୍ଠୀରେ ନିଆଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସାହିତ୍ୟକୁ ଶିଶୁସାହିତ୍ୟ କହିପାରିବା। ଏହି ସାହିତ୍ୟ ମଧ୍ୟ ବାଳ ସାହିତ୍ୟ, କିଶୋର ସାହିତ୍ୟ, କଳିକା ସାହିତ୍ୟ ଆଦି ନାମରେ ପରିଚିତ। ଏହା ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ବୟସ୍କମାନଙ୍କ ସାହିତ୍ୟଠାରୁ ସ୍ୱତନ୍ତ୍ର ହୋଇଥାଏ।

**ଶିଶୁଶିକ୍ଷା :-**

ଶିଶୁର ସହଜାତ ଶକ୍ତି ଓ ସାମର୍ଥ୍ୟର ବିକାଶକୁ ଆଧୁନିକ ଶିକ୍ଷାର ଜନକ କମେନିୟସ୍ ଶିକ୍ଷାର ଲକ୍ଷ୍ୟ ବୋଲି କହିଛନ୍ତି। ଆମ ଜାତି ପିତା ମହାତ୍ମା ଗାନ୍ଧିଙ୍କ ମତରେ ଶିଶୁ ତଥା ମନୁଷ୍ୟର ଶରୀର, ମନ ଓ ଆତ୍ମାର ସର୍ବତୋମୁଖୀ ଓ ସର୍ବୋତ୍କୃଷ୍ଟ ଉନ୍ନତି ହିଁ ଶିକ୍ଷା। ବିଶିଷ୍ଟ ପାଶ୍ଚାତ୍ୟ ଶିକ୍ଷାବିତ୍ ପେଷ୍ଟାଲୋଜି ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ହିଁ ଶିକ୍ଷା ବୋଲି କହିଛନ୍ତି। ଆଧୁନିକ ଶିଶୁଶିକ୍ଷାର ଅନ୍ୟତମ ଦିଗ୍‌ଦର୍ଶକ ଫ୍ରୋବେଲ୍ କହନ୍ତି ଯେ, ଶିଶୁର ସୁପ୍ତ ଶକ୍ତିଗୁଡ଼ିକର ସୁଷମ ଓ ସୁସଂହତ ବିକାଶ ହିଁ ଶିକ୍ଷା। ସାଧକ-ଦାର୍ଶନିକ ଶ୍ରୀ ଅରବିନ୍ଦଙ୍କ ମତରେ ମନୁଷ୍ୟର ଆତ୍ମବିକାଶରେ ଶିକ୍ଷା ସହାୟକ ହୁଏ। ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍ ସତ୍ୟ, ଶିବ ଓ ସୁନ୍ଦରର ଉପଲବ୍ଧିକୁ ଶିକ୍ଷା ବୋଲି କହିଥାନ୍ତି ଏବଂ ଅନ୍ୟତମ ବରିଷ୍ଠ ଗ୍ରିକ୍ ପଣ୍ଡିତ ସକ୍ରେଟିସ୍ ଶିଶୁମାନଙ୍କ ମଧ୍ୟରେ ସଦାଚାର ଓ ସଦ୍‌ଗୁଣାବଳୀର ବିକାଶକୁ ଶିକ୍ଷା ବୋଲି ବୁଝିଥାନ୍ତି। ସ୍ୱାମୀ ବିବେକାନନ୍ଦ ମନୁଷ୍ୟ ମଧ୍ୟରେ ଥିବା ସ୍ୱର୍ଗୀୟ ସତ୍ତାର ସ୍ଫୂରଣକୁ ଶିକ୍ଷା ଏବଂ ବିଶ୍ୱକବି ରବୀନ୍ଦ୍ରନାଥ କହନ୍ତି, ମନୁଷ୍ୟକୁ ଚିରନ୍ତନ ସତ୍ୟ ଉପଲବ୍ଧି କରିବାରେ ଶିକ୍ଷା ସହାୟକ ହୋଇଥାଏ। ସ୍ଥୂଳତଃ ଶିଶୁର ଅନ୍ତର୍ନିହିତ ଶକ୍ତିସାମର୍ଥ୍ୟର ବିକାଶ ଓ ପ୍ରକାଶକୁ ହିଁ ଶିକ୍ଷା କୁହାଯାଏ।

ଶିଶୁ ଶିକ୍ଷଣପ୍ରବଣ । ତା'ର ପରିବେଶରୁ ସେ ଶିକ୍ଷାଲାଭ କରେ । ପ୍ରତ୍ୟେକ ଅନୁଭୂତି ହିଁ ଶିକ୍ଷଣର ଏକ ଉପାଦାନ । ତେଣୁ ଶିକ୍ଷା ତା'ର ଜୀବନବ୍ୟାପୀ । ଶିକ୍ଷଣ ହିଁ ଜୀବନ ଓ ଜୀବନ ହିଁ ଶିକ୍ଷା । ଉଭୟେ ହାତ ଧରାଧରି ହୋଇ ଚାଲିଥାନ୍ତି ଜନ୍ମରୁ ମୃତ୍ୟୁଯାଏ ବା ଏନ୍ତୁଡ଼ିଶାଳରୁ ମଶାଣିଭୂଇଁ ଯାଏ । ଶିଶୁର ମନ ସ୍ୱତନ୍ତ୍ର । ଏହା ବୟସ୍କ ବ୍ୟକ୍ତିର ମନ ପରି ଅନ୍ତରା ହୋଇନଥାଏ । ଶିଶୁର ଅନୁଭୂତି ଓ ଅଭିଜ୍ଞତାର ଅଭାବ ଥାଇପାରେ । ମାତ୍ର ତା'ର ମନ ଶାଣିତ ଓ ସମ୍ବେଦନଶୀଳ ହୋଇଥାଏ । ଜିଜ୍ଞାସା ଓ କୌତୂହଳ ଯୋଗୁଁ ସେ ସବୁ ଜାଣିବାକୁ ଚେଷ୍ଟା କରେ ଏବଂ ସବୁ ଦେଖିଶିଖି ନେବାକୁ ଆତୁର ହୁଏ । ବହୁଜିନିଷ ସେ ଭାଙ୍ଗେ ଓ ଗଢ଼େ । ତା' ମଧ୍ୟରୁ ସେ ଶିକ୍ଷାକରେ । ଏମିତି ତା'ର ଶିକ୍ଷଣ-ଭିତ୍ତିଭୂମି ପ୍ରସ୍ତୁତ ହୁଏ । କ୍ରମେ ଜ୍ଞାନ ଓ ଅନୁଭୂତି ଏହାକୁ ସୁଦୃଢ଼ କରେ । କ୍ରମେ ଶିକ୍ଷାର ପ୍ରବାହ ହୁଏ ପୁଷ୍କଳ, ପ୍ରାଣବନ୍ତ ଓ ପରିପୁଷ୍ଟ ।

ଶିକ୍ଷା ପୁଣି କେବଳ ଜ୍ଞାନଲାଭରେ ସୀମିତ ନୁହେଁ । ଶିଶୁର ଅଭିରୁଚି, ମନୋଭାବ ଓ ବିଚାର ବିଶ୍ଳେଷଣରେ ଶିକ୍ଷା ସାହାଯ୍ୟ କରେ । ତା'ର ମାନସିକ ଓ ମାଂସପେଶୀୟ ଦକ୍ଷତା, ତାର ଆବେଗ ଓ ସାମାଜିକତା, ତା'ର ହାତର କଳାସୌଷ୍ଟବ ସୌନ୍ଦର୍ଯ୍ୟାତ୍ମକ କୌଶଳ ତଥା ମାନସିକତା ଇତ୍ୟାଦିର ବିକାଶ ଘଟେ । କ୍ରମେ ବିଭିନ୍ନ ସ୍ତର ଓ ପର୍ଯ୍ୟାୟରେ ଦକ୍ଷତା ବିକଶିତ ଓ ବହୁଗୁଣିତ ହୁଏ । ଶିଶୁଶିକ୍ଷା ପୁଣି ଅନୌପଚାରିକ ଓ ଆନୁଷଙ୍ଗିକ ଭାବରେ ଆରମ୍ଭ ହୋଇ ଆନୁଷ୍ଠାନିକ ଶିକ୍ଷା, ଗୋଷ୍ଠୀଶିକ୍ଷା, ନିରନ୍ତର ଶିକ୍ଷା ରୂପରେ ପରିପୁଷ୍ଟ ଓ ପରିବର୍ଦ୍ଧିତ ହୋଇଚାଲେ ।

**ଶିଶୁଶିକ୍ଷା ଓ ଶିଶୁସାହିତ୍ୟ :**

ଶିଶୁ ସାହିତ୍ୟ ଶିଶୁଶିକ୍ଷାର ଏକ ସାର୍ଥକ ଓ ସରସ ମାଧ୍ୟମ । ଏହା ଶିକ୍ଷା ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଏହା ପୁଣି ନାନାବାୟା ଗୀତ ବା ନାଁ ଦିଆ ଗୀତ, ଆଇମା କାହାଣୀ, ଲୋକକଥା, ଲୋକଗୀତ ଆଦି ନାନା ରୂପରେ ଆତ୍ମପ୍ରକାଶ କରେ ଏବଂ ବିକଶିତ ହୁଏ । ଶିଶୁଶିକ୍ଷାର ପ୍ରଯତ୍ନ ଓ ପ୍ରସାରଣରେ ଶିଶୁସାହିତ୍ୟ ସହାୟକ ଓ ସମୃଦ୍ଧ ହୁଏ । ଶିଶୁର ମନକୁ ଛୁଇଁଲା ଭଳି ଭାଷା ଓ ଶୈଳୀରେ ଶିଶୁସାହିତ୍ୟ ଅଭିବ୍ୟକ୍ତି ଲାଭ କରେ । ମନୋରଞ୍ଜନ ମାଧ୍ୟମରେ ସେ ଶିଶୁକୁ ଶିଖାଏ - କହେ, ଶୁଣାଏ ଓ ଦେଖାଏ । ଏସବୁ ଭିତରେ ତା'ର ଆନନ୍ଦ ବଢ଼େ ଓ ଆନନ୍ଦ ମଧ୍ୟରେ ଯାହା ଶିକ୍ଷା କରେ,

ତାହା ସଫଳ ଓ ସାର୍ଥକ ହୁଏ । ମନୋରଞ୍ଜନ ଶିଶୁସାହିତ୍ୟର ପ୍ରକୃତି ଓ ଶିକ୍ଷଣର ପରିଣତି । ଉଭୟେ ଶିଶୁଶିକ୍ଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ବିକାଶପ୍ରାପ୍ତ ହୁଅନ୍ତି ।

ସମାଜ ଓ ଜୀବନର ଆବଶ୍ୟକତାକୁ ଚାହିଁ ଶିଶୁକୁ ଶିକ୍ଷା ଦିଆଯାଏ । ସେ କିପରି ସାର୍ଥକ ଭାବରେ ଜୀବନ ସଂଗ୍ରାମରେ ଯୋଗଦାନ କରିପାରିବ, ସଫଳ ମଣିଷଟିଏ ହୋଇପାରିବ, ସୁନାଗରିକ ଭାବରେ ନିଜର କର୍ତ୍ତବ୍ୟ ସଂପାଦନ ସହିତ ନିଜର ଅଧିକାର ମଧ୍ୟ ସାବ୍ୟସ୍ତ କରିପାରିବ ଏହି ଦିଗରେ ଶିକ୍ଷାର ଯେମିତି ଭୂମିକା ରହିଛି, ଶିଶୁ ସାହିତ୍ୟର ସେମିତି ଦାୟିତ୍ୱ ରହିଛି । ଉଭୟେ ତେଣୁ ଶିଶୁର ସହାୟକ ହୁଅନ୍ତି । ଏହିପରି ଶିଶୁଶିକ୍ଷା ଓ ଶିଶୁସାହିତ୍ୟର ଲକ୍ଷ୍ୟ ଏକ, ମାତ୍ର ସାଧନ ବା ମାଧ୍ୟମ ଅନେକ । ପାଠ୍ୟକ୍ରମ୍ ଓ ପାଠ୍ୟପୁସ୍ତକ ଶିଶୁର ମନସ୍ତାତ୍ତ୍ୱିକ ଓ ସାମାଜିକ ଦୃଷ୍ଟିକୋଣରୁ ପ୍ରସ୍ତୁତ ହୁଏ । ସେଥିରେ କେତେକ ଶୃଙ୍ଖଳା, ବିଧିବିଧାନ ଓ ସୀମାସରହଦ ଥାଏ । ଶିଶୁଶିକ୍ଷା ତେଣୁ ଖୁବ୍ ଶୃଙ୍ଖଳିତ ଓ ସୀମିତ ହୁଏ । ତେଣୁ ଶିଶୁର ସ୍ୱଚ୍ଛନ୍ଦ ଓ ଆନନ୍ଦ କେତେକାଂଶରେ ବାଧାପ୍ରାପ୍ତ ହୁଏ ।

ମାତ୍ର ଶିଶୁସାହିତ୍ୟ ସବୁ ସୀମା ଓ ଶୃଙ୍ଖଳାରୁ ମୁକ୍ତ । ସେ ସ୍ୱଚ୍ଛନ୍ଦ ଓ ଆନନ୍ଦଦାୟକ । ବଣର ଝରଣା ପରି ତାହା ମୁକ୍ତ, ଛନ୍ଦୋମୟ । ଏହା ଶିଶୁକୁ ଆନନ୍ଦ ଦିଏ ଓ ଶିକ୍ଷା ଦିଏ । ତେଣୁ ଅଧିକ ସରସ ଓ ସାର୍ଥକ ହୁଏ । ଶିଶୁର ମନ ଓ ହୃଦୟକୁ ଏହା ସ୍ପର୍ଶ କରେ । ଶିଶୁକୁ ଆପଣାର କରେ । ଆନନ୍ଦ ଓ ଶିକ୍ଷା ମଧ୍ୟରେ ବ୍ୟବଧାନ ରଖେ ନାହିଁ । ଶିଶୁର ବ୍ୟକ୍ତିଗତ ଓ ସାମାଜିକ ଆବଶ୍ୟକତାକୁ ପୂରଣ କରିବାରେ ଉଭୟ ଶିକ୍ଷା ଓ ଶିଶୁସାହିତ୍ୟ ସହାୟକ ହୁଏ । ତା'ର ଭାଷା ଓ ଭାବ ଶିଶୁସାହିତ୍ୟରେ ପ୍ରତିଧ୍ୱନିତ ହୁଏ । ତା'ର ମନସ୍ତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଭୟ ଶିଶୁସାହିତ୍ୟ ଓ ଶିକ୍ଷା ନିତାନ୍ତ ଉପଯୁକ୍ତ ଓ ଉପଯୋଗୀ ହୋଇଥାଏ ।

ଶିଶୁମାନଙ୍କର ମାନସିକ, ଆବେଗିକ, ସାମାଜିକ ଓ ନୈତିକ ବିକାଶ ପାଇଁ ଶିକ୍ଷା ପରି ଶିଶୁସାହିତ୍ୟର ଅବଦାନ ମଧ୍ୟ ଯଥେଷ୍ଟ । ଉପଯୁକ୍ତ ଶିଶୁସାହିତ୍ୟ ଓ ଶିକ୍ଷା ଶିଶୁମାନଙ୍କର ଜ୍ଞାନ ବୃଦ୍ଧିରେ ସାହାଯ୍ୟ କରନ୍ତି, ସେମାନଙ୍କର ଆଚରଣଗତ ଓ ନୀତିଗତ ବିକାଶରେ ସହାୟକ ହୁଅନ୍ତି । ବିଭିନ୍ନ ଗବେଷଣାରୁ ଉପଲବ୍ଧ ହୋଇଛି ଯେ, ଉପଯୁକ୍ତ ଶିଶୁସାହିତ୍ୟ ପଠନ ଦ୍ୱାରା ଶିଶୁମାନେ କେବଳ ବିଦ୍ୟାଳୟ ଶିକ୍ଷାରେ ଉନ୍ନତି କରନ୍ତି ନାହିଁ । ସେମାନଙ୍କର ସାମାଜିକ ଆଚରଣ ଓ ମନୋବୃତ୍ତିରେ ସଫଳ

ହୋଇଥାନ୍ତି । ସମାଜ-ବିରୋଧୀ କାର୍ଯ୍ୟକଳାପ କରିବାରୁ ସେମାନେ କ୍ଷାନ୍ତ ହୁଅନ୍ତି ଓ ସମାଜମଙ୍ଗଳ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ସାଫଲ୍ୟ ଅର୍ଜନ କରନ୍ତି । ସରସ ଶିଶୁସାହିତ୍ୟ ପଠନ ଦ୍ୱାରା ଶିକ୍ଷାର୍ଥୀଗଣଙ୍କର ପଠନାଭ୍ୟାସ ଉନ୍ନତ ହୁଏ ଏବଂ ଏହା କ୍ରମେ ବିଭିନ୍ନ ପୁସ୍ତକ ପାଠ କରି ନିଜର ଜ୍ଞାନ ବୃଦ୍ଧି କରିବାରେ ସେମାନଙ୍କୁ ସାହାଯ୍ୟ କରେ । ଫଳତଃ ଛାତ୍ରଛାତ୍ରୀମାନେ ପାଠୋନ୍ନତିରେ ଓ ଅନ୍ୟାନ୍ୟ ଦକ୍ଷତା ବୃଦ୍ଧିରେ ସଫଳ ହୋଇଥାନ୍ତି ।

**ସାର୍ବଜନୀନ ଶିକ୍ଷାରେ ଶିଶୁସାହିତ୍ୟର ଆବଶ୍ୟକତା :**

ଶିକ୍ଷା ଶିଶୁର ମୌଳିକ ଅଧିକାର । ୟୁନେସ୍କୋ ପରି ଅନ୍ତର୍ଜାତୀୟ ସଂସ୍ଥାର ଘୋଷଣାନାମାରେ ଏହା ସ୍ୱୀକୃତ ହୋଇଛି । ଆମ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତିରେ ପ୍ରାଥମିକ ଶିକ୍ଷା ୬ରୁ ୧୪ ବର୍ଷ ବୟସ-ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି । ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ସାର୍ବଜନୀନ ପ୍ରାଥମିକ ଶିକ୍ଷା ଏକାନ୍ତ ଆବଶ୍ୟକ । ଆମ ସମ୍ବିଧାନର ୪୫ ଧାରାରେ ଏହି ଶିକ୍ଷା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ବିଭିନ୍ନ ଉଦ୍ୟମ ସତ୍ତ୍ୱେ ଏହା ଏପର୍ଯ୍ୟନ୍ତ ସାଧିତ ହୋଇନାହିଁ । ସ୍ୱାଧୀନତାପ୍ରାପ୍ତି ପରେ ୫୦ ବର୍ଷ ଗତ ହୋଇଥିଲେ ହେଁ ଆମେ ଏହି ଲକ୍ଷ୍ୟଠାରୁ ଏବେ ବି ବହୁ ଦୂରରେ । ସଂପ୍ରତି ୬ରୁ ୧୧ ବର୍ଷ ବୟସ୍କ ପିଲାମାନଙ୍କ ମଧ୍ୟରୁ ଶତକଡ଼ା ୨୦ ଜଣ ଓ ୧୧ରୁ ୧୪ ବର୍ଷ ବୟସର ପିଲାମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଜଣ କୌଣସି ବିଦ୍ୟାଳୟରେ ପ୍ରବେଶ କରିନାହାନ୍ତି । ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ଏହି ଲକ୍ଷ୍ୟ ସାଧନ କରିବାକୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ନିର୍ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ବିଭିନ୍ନ ସଫଳ ଓ ସ୍ୱତନ୍ତ୍ର ପଦକ୍ଷେପ ନନେଲେ ଏହା ସମ୍ଭବ ହେବ ନାହିଁ ।

ଉପଯୁକ୍ତ ଶିଶୁସାହିତ୍ୟର ପ୍ରସାର ଓ ସଦୁପଯୋଗ ହିଁ ଏହି ଲକ୍ଷ୍ୟସାଧନରେ ସହାୟକ ହେବ । କାରଣ ପ୍ରାଥମିକ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ଅଧେ ପିଲା ଓ ଉଚ୍ଚପ୍ରାଥମିକ ସ୍ତରରେ ଶତକଡ଼ା ୭୦ ଜଣ ପିଲା ମଝିରେ ବିଦ୍ୟାଳୟ ଛାଡ଼ି ଚାଲିଯାଉଛନ୍ତି । ଏତେ ପିଲା ପାଠପଢ଼ା ଛାଡ଼ିଦେବା ଫଳରେ ବିପୁଳ ଅପଚୟ ଘଟୁଛି ଏବଂ "ଗୋଦରା କୋଡ଼େ ଯେତେ ମାଡ଼େ ସେତେ" ଅବସ୍ଥା ହେଉଛି । ଏହି ଅପଚୟର ବିଭିନ୍ନ କାରଣ ମଧ୍ୟରେ ଗୋଟିଏ ହେଲା ଶ୍ରେଣୀ ସଂଗଠନ, ପାଠଦାନ ଓ ପାଠ୍ୟକ୍ରମ ପିଲାମାନଙ୍କର ଆକର୍ଷଣୀୟ ହେଉନାହିଁ । ନୀରସ ଓ ଗତାନୁଗତିକ ଭାବରେ

ପରିବେଶ ସଂଗଠିତ ହେଉଥିବାରୁ ଶିକ୍ଷା ପ୍ରତି ପିଲାମାନେ ବୀତସ୍ପୃହ ହେଉଛନ୍ତି । ତେଣୁ ସରସ ଓ ମନୋରଞ୍ଜକ ଶିଶୁସାହିତ୍ୟର ସଦୁପଯୋଗ ଏକାନ୍ତ ଅପରିହାର୍ଯ୍ୟ । କାରଣ ଏହାଦ୍ୱାରା ପିଲାମାନେ ଆଗ୍ରହ ଓ ଆନନ୍ଦର ସହିତ ସେହି ବହିସବୁ ପାଠ କରି ନିଜର ଜ୍ଞାନ ବୃଦ୍ଧି କରିପାରିବେ ଏବଂ ପଠନାଭ୍ୟାସ ଗଠନ ଫଳରେ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ପାଠକରି ପାଠୋନ୍ନତି ତଥା ବୌଦ୍ଧିକ ବିକାଶରେ ସମର୍ଥ ହୋଇପାରିବେ । ବଡ଼ ଆନନ୍ଦର କଥା, ଆମର ଜାତୀୟ ଶିକ୍ଷାନୀତିକୁ ଯଥାଯଥ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରାଥମିକ ସ୍ତରରେ କଳାପଟା ଅଭିଯାନ ଚାଲୁ ହୋଇଛି ଏବଂ ସେଥିରେ ଶିଶୁସାହିତ୍ୟକୁ ବିଶେଷ ସ୍ଥାନ ଦିଆଯାଇଛି । ଗୋଟିଏ ବିଦ୍ୟାଳୟ ପିଲାମାନଙ୍କ ଉପଯୋଗୀ ଶତାଧିକ ପୁସ୍ତକ ଓ ପତ୍ରିକା ପାଇପାରୁଛନ୍ତି । ମାତ୍ର ପ୍ରକାଶକମାନଙ୍କ ସଂକୀର୍ଣ୍ଣ ସ୍ୱାର୍ଥ ଓ ସରକାରଙ୍କ ଅବହେଳା ଯୋଗୁଁ ଏହି ପ୍ରକଳ୍ପ ଯଥା ସମୟରେ ଓ ପଦ୍ଧତିରେ କାର୍ଯ୍ୟକାରୀ ହେଉନାହିଁ ଏବଂ ଯେଉଁ ବହିପତ୍ର ବିଦ୍ୟାଳୟକୁ ଦିଆଯାଉଛି, ତା'ର ସଦୁପଯୋଗ କରାଯାଉ ନାହିଁ । ତେଣୁ ଏ ଦିଗରେ ସଂପୃକ୍ତ ସମସ୍ତ ସଂସ୍ଥା ଓ ବ୍ୟକ୍ତିଙ୍କ ମଧ୍ୟରେ ବିଶେଷ ସଚେତନତା ଓ ସହଯୋଗ ରହିବା ନିତାନ୍ତ ଆବଶ୍ୟକ ।

**ବହୁମାଧ୍ୟମୀୟ ଶିଶୁଶିକ୍ଷା ଓ ସାହିତ୍ୟ :-**

ଆଜିକାଲି ଶିକ୍ଷା ପରି ସାହିତ୍ୟ ବହୁ ମାଧ୍ୟମୀୟ ହୋଇଛି । ରେଡିଓ, ଟେଲିଭିଜନ୍, ଚଳଚ୍ଚିତ୍ର, ଅଡ଼ିଓ ଓ ଭିଡ଼ିଓ କ୍ୟାସେଟ୍ ଆଦି ମାଧ୍ୟମରେ ଶିଶୁସାହିତ୍ୟ ଓ ଶିକ୍ଷା ଋଦ୍ଧିମନ୍ତ, ସାର୍ଥକ ଓ ସରସ ହୋଇପାରିଛି । ତେଣୁ ଆଜିର ଶିଶୁସାହିତ୍ୟ ଓ ଶିକ୍ଷା ଉଭୟର ଆତ୍ମିକ ଓ ଆଙ୍ଗିକ ବିଭାବରେ ବାଞ୍ଛିତ ପରିବର୍ତ୍ତନ ଆଣିବାକୁ ହେବ । ଶିଶୁଶିକ୍ଷା ଓ ସାହିତ୍ୟରେ ଆଧୁନିକ ରୂପରସ ଛନ୍ଦର ପ୍ରୟୋଗ କରି ବିଭିନ୍ନ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ମାଧ୍ୟମର ସଦୁପଯୋଗ କରିବା ଉଚିତ । ଏହାଫଳରେ ଉଭୟେ ପରସ୍ପର ପରିପୂରକ ହେବା ସଂଗେ ସଂଗେ ଶିଶୁର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିବ । ଏଥିପାଇଁ ସଚେତନ ଓ ସମ୍ବେଦନଶୀଳ ଶିକ୍ଷକ, ଲେଖକ, ପ୍ରକାଶକ, ଚିତ୍ରକର, ପିତାମାତା, ସଂପାଦକ ପ୍ରମୁଖଙ୍କ ସାହାଯ୍ୟ, ସହଯୋଗ ଓ ସମୂହ ପ୍ରଚେଷ୍ଟା ବାଞ୍ଛନୀୟ ।

**ଶିଶୁଶିକ୍ଷା ଓ ସାହିତ୍ୟକ୍ଷେତ୍ରରେ ନୂତନ ସମସ୍ୟା :**

ପ୍ରାକ୍ ପ୍ରାଥମିକ ଶିକ୍ଷା ଆମ ଶିକ୍ଷା-ସୌଧର ଭିତ୍ତିଭୂମି । ସେମିତି ଶିଶୁସାହିତ୍ୟ ଆମ ସାହିତ୍ୟ ସ୍ରୋତସ୍ୱିନୀର ଏକ ସ୍ୱଚ୍ଛଳ ଉତ୍ସ । ଏହି ସ୍ତରରେ ମାତୃଭାଷା ପ୍ରତି ପିଲାମାନଙ୍କର

ଶ୍ରଦ୍ଧା ଓ ଆଦର ବଢ଼ାଇ ପାରିଲେ ସମସ୍ତ ବିଷୟରେ ସେମାନଙ୍କର ପାଠୋନ୍ନତି ସାଧିତ ହୋଇପାରିବ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିକାଲି ଇଂରେଜ ମାଧମୀୟ ବିଦ୍ୟାଳୟ (English Medium Schools) ଛତୁ ଫୁଟିଲା ପରି ସହରଠାରୁ ମଫସଲ ପର୍ଯ୍ୟନ୍ତ ସର୍ବତ୍ର ପ୍ରତିଷ୍ଠିତ ହେଉଛି ଏବଂ ସେହିଠାରେ ମାତୃଭାଷା ଓଡ଼ିଆ ବିଶେଷ ଅବହେଳିତ ହେଉଛି । ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଓଡ଼ିଆ ଭାଷାକୁ ଆଶାନୁରୂପ ଗୁରୁତ୍ୱ ଦିଆଯାଉନାହିଁ । ବରଂ ଇଂରେଜ ଭାଷାର ପ୍ରାଧାନ୍ୟ ଯୋଗୁଁ ଓଡ଼ିଆ ଭାଷା ପ୍ରତି ପିଲାମାନଙ୍କର ଆଦର ଓ ଆଗ୍ରହ ହ୍ରାସ ପାଉଛି । ଦ୍ୱିତୀୟତଃ, ବାଧ୍ୟତାମୂଳକ ଭାବରେ ପିଲାମାନେ ଇଂରେଜ ଭାଷା ଶିକ୍ଷାରେ ଅଧିକ ସମୟ ଓ ଶକ୍ତି ବ୍ୟୟ କରୁଛନ୍ତି । ଫଳରେ ଅନ୍ୟ ବିଷୟଗୁଡ଼ିକ ଶିକ୍ଷା କରିବାରେ ସେମାନେ ପର୍ଯ୍ୟାପ୍ତ ଧ୍ୟାନ ଦେଇପାରୁ ନାହାନ୍ତି ଏବଂ ଶିକ୍ଷାକ୍ଷେତ୍ରରେ ସେମାନଙ୍କର ସଫଳତା ହ୍ରାସ ପାଉଛି ।

ତୃତୀୟତଃ, ଆମ ସମାଜରେ ଯେଉଁ ଶ୍ରେଣୀର ପିତାମାତା ଓ ଅଭିଭାବକଗଣ ଓଡ଼ିଆ ଶିଶୁ ସାହିତ୍ୟ ଓ ପତ୍ରପତ୍ରିକା କିଣି ପିଲାମାନଙ୍କୁ ଦେଇ ପାରନ୍ତେ (ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ), ସେମାନେ ଏ ଦିଗରେ ବୀତସ୍ପୃହ ଏବଂ ଇଂରେଜି ବହିପତ୍ର କିଣିବାରେ ବ୍ୟସ୍ତ । ଓଡ଼ିଆ ଭାଷାରେ ପ୍ରକାଶିତ ଶିଶୁସାହିତ୍ୟ ପାଇଁ କ୍ରେତା ଓ ପାଠକମାନଙ୍କର ଅଭାବ ଅନୁଭୂତ ହେଉଛି । ଚତୁର୍ଥତଃ, ଅନ୍ୟ ଭାଷାରେ ଯେମିତି ପୁସ୍ତକ ରଚନା ଓ ପ୍ରକାଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ସମୂହ ପ୍ରଚେଷ୍ଟା ପରିଲକ୍ଷିତ ହେଉଛି, ଆମ ରାଜ୍ୟରେ ତାର ନିତାନ୍ତ ଅଭାବ ରହିଛି । ତେଣୁ ଓଡ଼ିଆ ସାହିତ୍ୟ, ବିଶେଷତଃ ଶିଶୁସାହିତ୍ୟର ବିକାଶ ବାଧିତ ହେଉଛି । ପଞ୍ଚମତଃ ଆଜିର ପିଲାମାନେ କାଲିର ନାଗରିକ ଓ ରୋଜଗାରକ୍ଷମ ହୋଇ ସେମାନେ ଓଡ଼ିଆ ପୁସ୍ତକ ଓ ପତ୍ରିକା କ୍ରୟ କରନ୍ତେ ଓ ସାହିତ୍ୟର ବିକାଶରେ ସହାୟକ ହୁଅନ୍ତେ, ତାହା ହେଉନାହିଁ । ଫଳତଃ ଓଡ଼ିଆ ଭାଷା ଓ ସାହିତ୍ୟ ଏକ ବିଷଚକ୍ରରେ ପଡ଼ିଛି ଏବଂ ତାର ସଂରକ୍ଷଣ ଓ ସମୃଦ୍ଧି ବିଶେଷ ବାଧାପ୍ରାପ୍ତ ହେଉଛି । ଆମେ ଏଦିଗରେ ଆଶୁ ପଦକ୍ଷେପ ନେବା ନିତାନ୍ତ ଦରକାର ।

ଏହି ପ୍ରସଙ୍ଗରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ପ୍ରଫେସର ୟୁ. ଆର. ଅନନ୍ତମୂର୍ତ୍ତିଙ୍କ ଆଶଙ୍କା ସବୁରି ପ୍ରଣିଧାନଯୋଗ୍ୟ । ସେ ୧୯୯୬ ଜୁଲାଇ ୧୪ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଉତ୍କଳ ସାହିତ୍ୟ ସମାଜଦ୍ୱାରା ସମ୍ବର୍ଦ୍ଧିତ ହୋଇ ସେ ଯଥାର୍ଥରେ କହିଥିଲେ ଯେ ପ୍ରାଥମିକ ବିଦ୍ୟାଳୟରୁ ଇଂରାଜି ମାଧମରେ ଶିକ୍ଷାଦାନ ବ୍ୟବସ୍ଥା

ଭାରତୀୟ ଜୀବନ ଧାରାରେ ବାଧାସୃଷ୍ଟି କରୁଛି ଏବଂ ଏହାକୁ ପ୍ରତିରୋଧ କରାନଗଲେ ଆଗାମୀ ଏକବିଂଶ ଶତାବ୍ଦୀରେ ଭାରତୀୟମାନେ ଇଂରେଜ ପିଲାହୋଇ ଜନ୍ମନେବେ । ସେ ପୁଣି କହିଲେ ଯେ ଆଂଚଳିକ ଭାଷାଗୁଡ଼ିକ ଯେତେ ପୃଥକ୍ ହେଲେ ମଧ୍ୟ ତାହା ଭାରତୀୟ ସଂସ୍କୃତି ଓ ସାମାଜିକ ଜୀବନର ଭିତ୍ତି ଉପରେ ଆଧାରିତ । ମାତ୍ର ଭାରତୀୟ ଜୀବନଧାରାକୁ ଇଂରେଜି ଶିକ୍ଷା ବହୁ ପରିମାଣରେ କ୍ଷତିଗ୍ରସ୍ତ କରୁଛି ।

ଆମ ସଂସ୍କୃତିର ମୂଳଭିତ୍ତି ପ୍ରାଥମିକ ସ୍ତରରୁ ସତେ ଦୋହଲି ଯାଉଛି ଏବଂ ଆମ ଶିଶୁଶିକ୍ଷା ଓ ସାହିତ୍ୟ ଅପମୃତ୍ୟୁର ସମ୍ମୁଖୀନ ହେଉଛି । ତେଣୁ ଏହାକୁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରତିରୋଧ କରିବା ଉପରେ ପ୍ରଫେସର ଅନନ୍ତମୂର୍ତ୍ତି ଗୁରୁତ୍ୱ ଅରୋପ କରି ମତ ଦେଇଥିଲେ ଯେ ଓଡ଼ିଶାରେ ଅମଲାତନ୍ତ୍ରର ପ୍ରାଧାନ୍ୟ ଥିବାରୁ ଏ ଅଂଚଳର ପ୍ରକୃତ ସମସ୍ୟା ଲୋକଲୋଚନକୁ ଆସିପାରୁନାହିଁ । ସୁତରାଂ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ଇଂରେଜି ମାଧ୍ୟମୀୟ ଶିକ୍ଷା-ବ୍ୟବସ୍ଥାର ଅହେତୁକ ଓ ଅବାଞ୍ଛିତ ପ୍ରଭାବକୁ ପ୍ରତିହତ କରି ଓଡ଼ିଆ ମାଧ୍ୟମ ଓ ଶିକ୍ଷାବ୍ୟବସ୍ଥାର ବିଶେଷ ବିକାଶ ଘଟାଇବା ସର୍ବାଦୌ ଆବଶ୍ୟକ ।

*(୧୯୯୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ମାଣିକ-ବିଶ୍ୱନାଥ ସ୍ମୃତିନ୍ୟାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନା ସଭାରେ ଉପସ୍ଥାପିତ ।)*

# ସାର୍ବଜନୀନ ଶିକ୍ଷାରେ ଶିଶୁ ସାହିତ୍ୟର ଭୂମିକା

**ଆମର ସମସ୍ୟା-**

ଭାରତ ପୃଥିବୀର ବୃହତ୍ତମ ଗଣତନ୍ତ୍ର । ସାର୍ବଜନୀନ ଶିକ୍ଷା ବିଶେଷତଃ ପ୍ରାଥମିକ ଶିକ୍ଷା ଯେ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର ମୌଳିକ ଆବଶ୍ୟକତା । ଶିକ୍ଷିତ ନାଗରିକଗଣ ହେଉଛନ୍ତି ଗଣତନ୍ତ୍ରର ମେରୁଦଣ୍ଡ । ତେଣୁ ଆମ ସଂବିଧାନରେ ୬ ରୁ ୧୪ ବର୍ଷ ବୟସ୍କ ପର୍ଯ୍ୟନ୍ତ ସମସ୍ତ ବାଳକବାଳିକାଙ୍କୁ ବାଧ୍ୟତାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ଏହି ସାଂବିଧାନିକ ନିର୍ଦ୍ଦେଶକୁ ୧୯୬୦ ମସିହା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଥିଲେ ହେଁ, ବିଭିନ୍ନ କାରଣରୁ ତାହା ଏ ପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ । ଶିକ୍ଷା ପ୍ରସାରର ସମସ୍ତ ଚେଷ୍ଟା ସତ୍ତ୍ୱେ ଆମ ଦେଶରେ ଆଜି ସାକ୍ଷର ଲୋକଙ୍କ ହାର ଶତକଡ଼ା ମାତ୍ର ୫୦ । ବର୍ତ୍ତମାନ ୬ରୁ ୧୧ବର୍ଷ ଓ ୧୧ଠାରୁ ୧୪ ବର୍ଷ ବାଳକବାଳିକାମାନଙ୍କ ମଧ୍ୟରୁ ଯଥାକ୍ରମେ ଶତକଡ଼ା ୮୩ ଓ ୩୭ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ।

ଏହି ବୟସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଣି ଆବଦ୍ଧତା ଓ ଅପଚୟ ସବୁଠୁଁ ବେଶୀ । ବହୁ ସଂଖ୍ୟାରେ ସେମାନେ ବିଦ୍ୟାଳୟ ତ୍ୟାଗ କରି ଚାଲିଯା'ନ୍ତି କିମ୍ବା ଗୋଟିଏ ଶ୍ରେଣୀରେ ଏକାଧିକ ବର୍ଷ ଅତିବାହିତ କରନ୍ତି । ସାଧାରଣତଃ ପଞ୍ଚମ ଶ୍ରେଣୀ ଶେଷ ହେବା ପୂର୍ବରୁ ଶତକଡ଼ା ୬୦ ଛାତ୍ରଛାତ୍ରୀ ଏବଂ ଅଷ୍ଟମ ଶ୍ରେଣୀ ଶେଷ ପୂର୍ବରୁ ଶତକଡ଼ା ୭୫ ପାଠତ୍ୟାଗ କରିଥାନ୍ତି । ପାଠତ୍ୟାଗ କରିବାର କିଛି କାଳ ପରେ ସେମାନେ ନିରକ୍ଷରରେ ପରିଣତ ହୁଅନ୍ତି । ଏହି ପରିସ୍ଥିତି "ଗୋଦରା କୋଡ଼େ ଯେତେ ମାଡ଼େ ସେତେ" ପରି ନାଗରିକମାନଙ୍କୁ ଶିକ୍ଷିତ ବା ସାକ୍ଷର କରିବା ସମସ୍ୟାକୁ ଜଟିଳ କରୁଛି ।

ପ୍ରାଥମିକ ବିଦ୍ୟାଳୟକୁ ନ ଆସିପାରି ଲକ୍ଷ ଲକ୍ଷ ପିଲା ତ ବାହାରେ ରହିଯାଉଛନ୍ତି । ତା'ଛଡ଼ା ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପୂର୍ବରୁ ବହୁସଂଖ୍ୟକ ଛାତ୍ରଛାତ୍ରୀ ପାଠତ୍ୟାଗ କରୁଛନ୍ତି । ଏମାନଙ୍କୁ କେଉଁ ଉପାୟରେ ସାକ୍ଷର କରିବାକୁ ହେବ ବା ସାକ୍ଷର ଅବସ୍ଥାରେ ରଖିବାକୁ ହେବ, ତାହା ଗୋଟିଏ ବିରାଟ ସମସ୍ୟା । ଯେଉଁ ପିଲାମାନେ ଆର୍ଥିକ ଅନଟନ, ସାମାଜିକ କୁସଂସ୍କାର ବା ଅନାକର୍ଷଣୀୟ ଶିକ୍ଷା ବ୍ୟବସ୍ଥା ଯୋଗୁଁ ବିଦ୍ୟାଳୟକୁ ଆସିପାରି ନାହାନ୍ତି ବା ଆସି ଏହିପରି କାରଣରୁ ବିଦାୟ ନେଉଛନ୍ତି, ସେମାନଙ୍କୁ ଗତାନୁଗତିକ ଆନୁଷ୍ଠାନିକ ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରିବା ଅନୁଚିତ ଓ ଅସମ୍ଭବ ମଧ୍ୟ ।

**ସମାଧାନ :-**

ସେଥିପାଇଁ କ'ଣ କରାଯାଇପାରେ ? ସେହି ଛାତ୍ରଛାତ୍ରୀମାନଙ୍କର ଅବସର ସମୟରେ ଯେତେବେଳେ ସେମାନେ ଗୃହ କର୍ମରୁ ମୁକ୍ତ, ସେହି ସମୟରେ ସେମାନଙ୍କୁ ଶିକ୍ଷାଦେଲେ ସୁବିଧାଜନକ ହେବ। ଯେଉଁ ପାଠ ପଢ଼ିଲେ ସେମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ତାକୁ ବ୍ୟବହାର କରିପାରିବେ ବା ସେମାନଙ୍କର ବୃତ୍ତିଗତ ଦକ୍ଷତା ତଥା ଉପାର୍ଜନ କ୍ଷମତା ବୃଦ୍ଧିରେ ସହାୟକ ହେବ, ସେହି ପାଠ ସେମାନଙ୍କ ପକ୍ଷେ ଆକର୍ଷଣୀୟ ହେବ। ଯେଉଁ ପଦ୍ଧତିରେ ପାଠ ପଢ଼ାଇଲେ ସେହି ପିଲାମାନେ ଆଗ୍ରହରେ ପଢ଼ିବେ ଆଉ ଯେଉଁ ଉପକରଣ ତଥା ସାମଗ୍ରୀ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ, ସେହି ପଦ୍ଧତି ଓ ସାଧନସାମଗ୍ରୀର ଉପଯୋଗ କରିବାକୁ ହେବ। ଏହି ଶିକ୍ଷା ବ୍ୟବସ୍ଥାରେ କୌଣସି ଆନୁଷ୍ଠାନିକ ଶୃଙ୍ଖଳା, ଧରାବନ୍ଧା ନିୟମକାନୁନ ବା କାଇଦା କଟକଣା ରହିବ ନାହିଁ। ଏହି ଶିକ୍ଷା ପ୍ରଣାଳୀରେ ଗତାନୁଗତିକ ପରୀକ୍ଷା, ଶ୍ରେଣୀବିଭାଗ ବା ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରଭୃତିର କଠିନତା ବା ଦୃଢ଼ତା କିଛି ନ ଥିବ।

ଏହି ନୂତନ ଶିକ୍ଷା ବ୍ୟବସ୍ଥାକୁ ଅଣଆନୁଷ୍ଠାନିକ ଶିକ୍ଷା କୁହାଯାଉଛି ଏବଂ ଏହି ଶିକ୍ଷା ଆନୁଷ୍ଠାନିକ ଶିକ୍ଷାର ପରିପୂରକ ବା ଅନୁପୂରକ ଭାବରେ କାର୍ଯ୍ୟ କରିବ। ଉଭୟ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଶିକ୍ଷାର ସଫଳତା ଉପରେ ହିଁ ଆମ ଦେଶର ସାର୍ବଜନୀନ ଶିକ୍ଷାର କାର୍ଯ୍ୟକାରିତା ନିର୍ଭର କରେ। ବରଂ ଯେଉଁଠି ଆନୁଷ୍ଠାନିକ ଶିକ୍ଷାର ବିଫଳତା, ସେଇଠି ଅଣଆନୁଷ୍ଠାନିକ ଶିକ୍ଷାର ସଫଳତାର ଆଶା ଓ ସମ୍ଭାବନା ରହିଛି।

**ଅଣଆନୁଷ୍ଠାନିକ ଶିକ୍ଷାର ଲକ୍ଷ୍ୟ :-**

ଏହି ଶିକ୍ଷା ବ୍ୟବସ୍ଥା କେଉଁ କେଉଁ ଲକ୍ଷ୍ୟ ସାଧନରେ ଉଦ୍ଦିଷ୍ଟ ? ସେଗୁଡ଼ିକ ହେଲା-

(କ) ୬ ରୁ ୧୪ ବର୍ଷ ବୟସ୍କ ପାଠତ୍ୟାଗୀମାନଙ୍କୁ ଓ ବିଦ୍ୟାଳୟରେ ଆଦୌ ପ୍ରବେଶ ନ କରିଥିବା ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା।

(ଖ) ଏହି ପିଲାମାନଙ୍କ ମଧ୍ୟରେ ସୁସ୍ଥ ନାଗରିକ ଜୀବନଯାପନ ପାଇଁ ଆବଶ୍ୟକ କୌଶଳ, ଅଭ୍ୟାସ ତଥା ଅଭିରୁଚିର ବିକାଶ।

(ଗ) ଦୈନନ୍ଦିନ ଜୀବନରେ ବୈଜ୍ଞାନିକ, ନୈତିକ ତଥା ସାମାଜିକ ନୀତିନିୟମର ପ୍ରୟୋଗ କରିବା ଦିଗରେ ସାମର୍ଥ୍ୟ ଆଣିବା ।

(ଘ) ଶ୍ରବଣ, କଥନ, ପଠନ ଓ ଲିଖନ ମାଧ୍ୟମରେ ପିଲାମାନଙ୍କର ଭାଷାଗତ ନୈପୁଣ୍ୟ ବୃଦ୍ଧି;

(ଙ) ସେମାନଙ୍କ ମଧ୍ୟରେ ପ୍ରୟୋଗାତ୍ମକ ସଂଖ୍ୟା ଜ୍ଞାନର ବିକାଶ, ଏବଂ

(ଚ) ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କାର୍ଯ୍ୟାନୁଭୂତି ତଥା ପାରିବାରିକ, ଜୀବିକାଗତ କୁଶଳତା ବୃଦ୍ଧି ।

**ଶିଶୁସାହିତ୍ୟର ଉପାଦେୟତା :-**

ଶିଶୁମାନଙ୍କ ମନସ୍ତାତ୍ତ୍ୱିକ ଅବସ୍ଥା–ଜ୍ଞାନ, ରୁଚି, ଆଗ୍ରହ ବୁଦ୍ଧିବୃତ୍ତି ପ୍ରଭୃତିକୁ ଚାହିଁ ଯେଉଁ ସାହିତ୍ୟ ରଚିତ, ତାହା ହିଁ ଶିଶୁ ସାହିତ୍ୟ । ଏହି ସାହିତ୍ୟରେ ତରୁଣ ବାଳକବାଳିକାଗଣ ନିଜ ଜୀବନର ଅନୁଭୂତି, କଳ୍ପନା ଓ ସ୍ୱପ୍ନର ସାର୍ଥକତା ଅନୁଭବ କରନ୍ତି ଏବଂ ଏଥିରୁ ସେମାନେ ନୂତନ ଜ୍ଞାନ, ଆନନ୍ଦ ଓ ପ୍ରେରଣା ଲାଭ କରନ୍ତି ।

ଏହି ସାହିତ୍ୟ, ପାଠ୍ୟପୁସ୍ତକର ଜଟିଳତା, ଶୁଷ୍କତା ଓ ବିଷୟଗତ ଜ୍ଞାନର ପ୍ରାଚୁର୍ଯ୍ୟରୁ ମୁକ୍ତ ହୋଇଥିବାରୁ ପିଲାମାନେ ଆଗ୍ରହର ସହିତ ଏହାକୁ ଅଧ୍ୟୟନ କରନ୍ତି । ସରଳତରଳ ଭଷା, ପ୍ରାଣ-ସ୍ପର୍ଶୀ ଶୈଳୀ, ସୁନ୍ଦର ସଜୀବ ଚିତ୍ର ପ୍ରଭୃତି ବିଭାବଗୁଡ଼ିକ ଶିଶୁ ସାହିତ୍ୟକୁ ପିଲାମାନଙ୍କ ପକ୍ଷେ ବିଶେଷ ଆଦରଣୀୟ କରିଥାଏ ।

ସୁତରାଂ ଉପଯୁକ୍ତ ଭାବରେ ଲିଖିତ ଓ ପ୍ରସ୍ତୁତ ଶିଶୁ ସାହିତ୍ୟ ଅଣଆନୁଷ୍ଠାନିକ ଶିକ୍ଷା ପ୍ରତି ନିତାନ୍ତ ଅନୁକୂଳ । ପାଠ୍ୟପୁସ୍ତକ ଯେମିତି ଆନୁଷ୍ଠାନିକ ଶିକ୍ଷାର ଆବଶ୍ୟକ ସାଧନସାମଗ୍ରୀ ରୂପେ ଯୁଗ ଯୁଗ ଧରି ପରିଚିତ, ସେମିତି ଶିଶୁ ସାହିତ୍ୟ ଆଜିର ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ପରମ ପାଥେୟ । ୬ରୁ ୧୪ ବର୍ଷର ଯେଉଁ ପିଲାମାନେ ଗତାନୁଗତିକ ଆନୁଷ୍ଠାନିକ ଶିକ୍ଷାର ନିଗୂଢ଼ ବନ୍ଧନ ଓ ଶୃଙ୍ଖଳାରୁ ମୁକ୍ତ ହୋଇ ନିଜ ରୁଚି, ଆଗ୍ରହ ଆଉ ସୁବିଧା ସୁଯୋଗକୁ ଚାହିଁ ଶିକ୍ଷାଲାଭ କରିବେ, ସେମାନଙ୍କ ପାଇଁ ନିଶ୍ଚୟ ସାବଲୀଳ, ଛବିଳ ଓ ମନୋହର ଶିଶୁ ସାହିତ୍ୟ ହିଁ ଉପଯୁକ୍ତ ।

ସେଥିପାଇଁ ଉପରୋକ୍ତ ଲକ୍ଷ୍ୟଗୁଡ଼ିକୁ ପ୍ରତିଫଳିତ କରୁଥିବା କବିତା, ଗଳ୍ପ, ଏକାଙ୍କିକା, ରୂପକ ପ୍ରଭୃତି ବହୁ ସଂଖ୍ୟାରେ ଲେଖା ଯିବା ଉଚିତ ଏବଂ ଉପଯୁକ୍ତ ଅକ୍ଷର, କାଗଜ, ଛବି ପ୍ରଭୃତିକୁ ବ୍ୟବହାର କରି ସୁମୁଦ୍ରିତ ହେବା ଆବଶ୍ୟକ । ପ୍ରତିଭାସମ୍ପନ୍ନ ଓ ଅଭିଜ୍ଞ ଶିଶୁ ସାହିତ୍ୟିକମାନଙ୍କୁ ଏଥିପାଇଁ ଯଥାଯଥ ସୁଯୋଗ ଦେବା ଉଚିତ । ଶିଶୁ ସାହିତ୍ୟର ମୁଦ୍ରଣ ଓ ପ୍ରକାଶନ ଦିଗରେ କେବଳ ସରକାରୀ ଉଦ୍ୟମ ପର୍ଯ୍ୟାପ୍ତ ହେବ ନାହିଁ । ଏଥିପାଇଁ ବେସରକାରୀ ସଂସ୍ଥାମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଦେବା ନିତାନ୍ତ ଦରକାର । ସମସ୍ତଙ୍କର ସମୂହ ସହଯୋଗ ଫଳରେ ଶିଶୁ ସାହିତ୍ୟର ବିପୁଳ ବିକାଶ ଘଟିପାରିବ ଏବଂ ଅଣଆନୁଷ୍ଠାନିକ ଶିକ୍ଷାର ଅନୁକୂଳ ସାଧନସାମଗ୍ରୀ ଭାବରେ ଏହା ସାର୍ବଜନୀନ ଶିକ୍ଷାର ସଫଳତା ସମ୍ପାଦନ କରିବାରେ ବିଶେଷ ସହାୟକ ହେବ ।

**(ଶିକ୍ଷାଲୋକ,** ଜୁନ୍ ୧୯୭୮ ।)

# ଦ୍ୱିତୀୟ ଭାଗ

## ଓଡ଼ିଆ ଶିଶୁସାହିତ୍ୟର କେତୋଟି ବ୍ୟକ୍ତିତ୍ୱ

- ଓଡ଼ିଆ ଶିଶୁସାହିତ୍ୟକୁ ପଣ୍ଡିତ ଗୋଦାବରୀଶଙ୍କ ଅବଦାନ
- ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦଙ୍କର ଓଡ଼ିଆ ଶିଶୁକିଶୋର ସାହିତ୍ୟକୁ ଅବଦାନ
- ଓଡ଼ିଆ ଶିଶୁସାହିତ୍ୟକୁ ବାଳକୃଷ୍ଣଙ୍କ ଅବଦାନ
- ଶିଶୁସାହିତ୍ୟରଥୀ ଗୋଦାବରୀଶ
- ଓଡ଼ିଆ ଶିଶୁସାହିତ୍ୟର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠ
- ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଶିଶୁଗୀତିରେ ଓଡ଼ିଆ ଜାତୀୟତା
- ଓଡ଼ିଆ ଶିଶୁସାହିତ୍ୟକୁ ଡକ୍ଟର ଜଗନ୍ନାଥ ମହାନ୍ତିଙ୍କର ଅବଦାନ - ଡକ୍ଟର ବସନ୍ତ କିଶୋର ସାହୁ

# ଓଡ଼ିଆ ଶିଶୁ ସାହିତ୍ୟକୁ
# ପଣ୍ଡିତ ଗୋଦାବରୀଶଙ୍କ ଅବଦାନ

**ଏକ ସମ୍ବେଦନଶୀଳ ଘଟଣା**

୧୯୫୬ ମସିହା ଜାନୁୟାରୀ ମାସ ୨୧ ତାରିଖ । ସୀମା କମିଶନ ରିପୋର୍ଟ ପ୍ରକାଶ ପାଇଥାଏ । ସାରା ଓଡ଼ିଶାରେ ସୀମା ଆନ୍ଦୋଳନର ଅଗ୍ନି ଜୁଳି ଦେଇଥିଲା । ଏହା ଓଡ଼ିଆଭାଷୀ ଅଂଚଳ-ସିଂହଭୂମି, ଷଢ଼େଇକଳା, ଖରସୁଆଁ ଆଦିକୁ ଓଡ଼ିଶାରେ ମିଶାଇବାକୁ ସୁପାରିଶ କରି ନଥିଲା । ସେଥିପାଇଁ ଏହି ଅବିଚାର ବିରୁଦ୍ଧରେ ଓଡ଼ିଶାର ଜନସାଧାରଣ, ବିଶେଷ ଭାବରେ ଛାତ୍ରସମାଜ ଖୁବ୍ କ୍ଷୁବ୍ଧ ହୋଇଥିଲେ ।

କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର, ବାଲେଶ୍ୱର ପ୍ରଭୃତି ସ୍ଥାନରେ ଧର୍ମଘଟ, ହରତାଳ ଆଦି ପାଳିତ ହେଲା । ୨୨ ତାରିଖରେ ପୁରୀ ରେଲ ଷ୍ଟେସନରେ କଲେଜ ଛାତ୍ରଛାତ୍ରୀମାନେ ଧାରଣା ଦେଇ ଟ୍ରେନ୍ ଚଳାଚଳ ବନ୍ଦ କରିଦେଇଥିଲେ । ମୁଁ ସେତେବେଳେ ସାମନ୍ତ ଚନ୍ଦ୍ରଶେଖର କଲେଜରେ ପଢୁଥିଲି ।

ଗୋଠମାଡ଼ିଲେ ଖଣ୍ଡିଆ ମାତେ । ସେଇ ନ୍ୟାୟରେ ମୁଁ ସେଦିନ ପୁରୀ ଷ୍ଟେସନ ଓ ତାପାଖ ତାଳବଣିଆରେ ଅନ୍ୟ ଛାତ୍ରମାନଙ୍କ ସହିତ ରେଲ ଲାଇନରେ ଧାରଣା ଦେଇଥିଲି । କୌଣସି ଟ୍ରେନ୍ ସେଦିନ ଯିବା ଆସିବା କରି ପାରିଲା ନାହିଁ । ସେଦିନ କ୍ଲାନ୍ତ ଅପରାହ୍ନ । ତାଳବଣିଆର ବାଲୁକାମୟ ପ୍ରାନ୍ତର ଜନାକୀର୍ଣ୍ଣ !

ରେଲଲାଇନ୍ ଛାଡ଼ି ଚାଲିଯିବାକୁ ସରକାରଙ୍କ ପକ୍ଷରୁ ବାରମ୍ବାର ମାଇକରେ ଅନୁରୋଧ ଓ ଶେଷରେ ଭୟ ପ୍ରଦର୍ଶନ । କ୍ରମେ ଛାତ୍ରମାନଙ୍କ ସଂଖ୍ୟା ଅଧିକରୁ ଅଧିକ ହେଉଥାଏ । ସାଧାରଣ ଲୋକ ମଧ୍ୟ ଏଥିରେ ଯୋଗଦେଇଥାନ୍ତି । ହଠାତ୍ ଲୁହବୁହା ବାଷ୍ପ ପ୍ରୟୋଗ କରାଗଲା । ତା'ପରେ ଲାଠିମାଡ଼ ଆରମ୍ଭ ହେଲା । ଅନେକ ଆହତ ହେଲେ । କେତେକଙ୍କର ଚେତା ବୁଡ଼ିଗଲା । ସେମାନଙ୍କୁ ଡାକ୍ତରଖାନା ନିଆଗଲା ।

ଛାତ୍ରସମାଜ ଏଣେ ବଜ୍ରଦୃଢ଼ ହେଉଥାନ୍ତି । ମରଣକୁ ବରଣ କରିବାକୁ ସେମାନେ ପ୍ରସ୍ତୁତ । ଆମେ ଦେଖିଲୁ ହଠାତ୍ ଖୁବ୍ ଭିଡ଼ ଜମିଉଠିଲା । ଗୁଡୁମ୍ ଗୁଡୁମ୍ ହୋଇ

କେତେଥର ଗୁଳିଫୁଟିଲା । ଚଉଦିଗ ଧୂଆଁଳିଆ ଦିଶିଲା । ଲୋକଙ୍କର ଚିତ୍କାର ଓ ହାହାକାର ଶୁଣାଗଲା । କେତେଜଣ ଲୋକ ଗୋଟିଏ ବାଳକର ମୃତ ଶରୀରକୁ କାନ୍ଧେଇ ନେଇଗଲେ । ତାର ମୁଣ୍ଡରୁ ଖପୁରି ଉଡ଼ିଯାଇଥିଲା । ରକ୍ତର ଧାର ଛୁଟିଥିଲା । କି ଦୁଃଖଦାୟକ ଅବସ୍ଥା, କି ବୀଭତ୍ସ ଦୃଶ୍ୟ !

ଏଇ କରୁଣ ଦୃଶ୍ୟ ସମସ୍ତଙ୍କୁ ଅସମ୍ଭାଳ କରିଦେଲା । ହିଂସା ଓ ପ୍ରତିହିଂସାର ଅଗ୍ନି ଜଳିଉଠିଲା । ପୋଲିସ ଫୋର୍ସ ଉପରେ ପ୍ରବଳ ଆକ୍ରମଣ ଚାଲିଲା । ସରକାରୀ ଅଫିସ ଓ ଯାନବାହନରେ ନିଆଁ ଲାଗିଲା । ସଂଧ୍ୟା ଲାଗିଆସିଲା । ଷ୍ଟେସନଠାରୁ କଲେକ୍ଟରଙ୍କ କୋଠି ପର୍ଯ୍ୟନ୍ତ ଜଳିଉଠିଲା । ଗଭୀର ଅନ୍ଧକାର ମଧ୍ୟରେ ଅଗ୍ନିର ଦିହୁଡ଼ି ! ସାରା ସହରରେ ଅରାଜକତା ଯେମିତି ରାଜପଣ କଲା । ସମାଜବିରୋଧୀ ଲୋକମାନେ ଏଇ ଅବସ୍ଥାକୁ ଆହୁରି ଜଟିଳ କଲେ ।

ପରେ ଜାଣିଲୁ ସେ କିଶୋର ଛାତ୍ରର ନାମ ବେଙ୍ଗ ପାଣିଆ । ସେତେବେଳେ ସେ ଗଦାଧର ହାଇସ୍କୁଲ୍‌ରେ ପାଠପଢୁଥିଲା । ଆଉ ଜଣେ ଛାତ୍ର ସୁନୀଲ ସେ ସହୀଦ ହୋଇଥିଲା କଟକରେ । ଜାନୁୟାରୀ ୨୩ ତାରିଖ ଠାରୁ ଚାଲିଲା ପୋଲିସର ଦମନଲୀଳା । କର୍ଫ୍ୟୁଜାରି ହେବା ସଂଗେ ସଂଗେ ଶହ ଶହ ଲୋକ ବନ୍ଦୀ ହେଲେ । ସାଧାରଣ ଜୀବନ ନିର୍ବାହ କଷ୍ଟକର ହେଲା ।

ନେତାମାନେ ଆସି ସହରରେ ସାଧାରଣ ସଭାକଲେ । ପୋଲିସ ଅତ୍ୟାଚାରର ପ୍ରତିବାଦ କଲେ । ସରକାରଙ୍କ କାର୍ଯ୍ୟର ନିନ୍ଦା କଲେ । ଜାରି କରାଯାଇଥିବା ୧୪୪ ଧାରା ଓ ସାନ୍ଧ୍ୟ ଆଇନର ବିରୋଧ କଲେ । ସେମାନଙ୍କୁ ଗିରଫ କରି ଜେଲରେ ରଖାଗଲା । ପୁରୀ ସିଂହଦ୍ୱାର ସମ୍ମୁଖରେ ବିରାଟ ସଭା ବସିଲା । ସେଥିରେ ସର୍ବଶ୍ରୀ ଗୋଦାବରୀଶ ମିଶ୍ର, ସାରଙ୍ଗଧର ଦାସ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ନିତ୍ୟାନନ୍ଦ ମହାପାତ୍ର, ନିଶାମଣି ଖୁଣ୍ଟିଆ ପ୍ରମୁଖ ଭାଷଣ ଦେଲେ ।

ପଣ୍ଡିତ ଗୋଦାବରୀଶଙ୍କୁ ମୁଁ ସେଦିନ ପ୍ରଥମେ ଦେଖିଲି । ସେ ତାଙ୍କର ସରଳତରଳ ଭାଷାରେ ସୀମାଆନ୍ଦୋଳନର କାରଣ ବୁଝାଇଲେ । ସରକାରଙ୍କ ଅନ୍ୟାୟ କାର୍ଯ୍ୟର ନିନ୍ଦାବାଦ ଓ ଜନସାଧାରଣଙ୍କ ସାହସିକ ପ୍ରତିବାଦର ଜୟଗାନ କଲେ । ଶେଷରେ ସେ ନିଜର ମୁଣ୍ଡ ଦେଖାଇ କହିଲେ ବେଙ୍ଗ ପାଣିଆ ପରି ଗୋଟିଏ ବାଳୁତ ପିଲାକୁ ମାରି

ସରକାର ନିଷ୍ଠୁର ହେଲେ । ଏଇ ବୁଢ଼ାର ପାଚିଲା ମୁଣ୍ଡତ ଥିଲା । ଏଇଟା ହେଲେ ନେଇଥାନ୍ତେ !

ଏତିକି କହି ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିଗଲା । ସେ ଲୁହପୋଛି ଆଉ କିଛି କହିବାକୁ ଚାହିଁଲେ ସୁଦ୍ଧା ଶୋକାକୁଳ ହୃଦୟର ଭାଷା ପରିସ୍ଫୁଟ ହେଲା ନାହିଁ । କଣ୍ଠ ତାଙ୍କର ଶ୍ୱାସରୁଦ୍ଧ ହେଲା । କରୁଣ ନୀରବତାରେ ସମସ୍ତେ ଅଭିଭୂତ ହୋଇପଡ଼ିଲେ । ସମସ୍ତଙ୍କ ଅନ୍ତରରେ ସମ୍ବେଦନା ଓ କାରୁଣ୍ୟର ସ୍ରୋତ ବହିଗଲା ।

**ଗୋଦାବରୀଶଙ୍କ ଶିଶୁସାହିତ୍ୟ ପ୍ରୀତି :**

ସେଦିନର ଏଇ ଅନୁଭୂତି ଗୋଦାବରୀଶଙ୍କ ସାହିତ୍ୟ, ବିଶେଷତଃ ଶିଶୁସାହିତ୍ୟ ପଠନରେ ମୋତେ ପ୍ରେରଣା ଦେଇଥିଲା । ଗୋଦାବରୀଶ ସତେ ଥିଲେ ଦରଦୀ କବି । ନିଜର ପରିବାରରୁ ପରିଜନ, ଛାତ୍ରଠାରୁ ଗୋପାଳ ବାଳକ ପର୍ଯ୍ୟନ୍ତ ସମସ୍ତ ଗୁରୁଜନ ଓ ଲଘୁଜନଙ୍କ ପ୍ରତି ତାଙ୍କ ହୃଦୟରେ ସତେ ଯେମିତି ସମାନ ଭାବରେ ସ୍ନେହ ସହାନୁଭୂତି ଓ କରୁଣାର ସ୍ରୋତସ୍ୱିନୀ କଳକଳ ନାଦରେ ପ୍ରବାହିତ ହୋଇଥିଲା । ସେଥିରେ ନଥିଲା ସଂକୀର୍ଣ୍ଣତା, ଛଳନା, ହୀନମନ୍ୟତା ବା ଆତ୍ମପ୍ରୌଢ଼ି । ଏହାଥିଲା ସ୍ୱାଭାବିକ, ନୈସର୍ଗିକ ଓ ସ୍ୱତଃସ୍ଫୂର୍ତ୍ତ ! ଅବଶ୍ୟ ଶିକ୍ଷକତା ପାଇଁ ତାଲିମ ପାଇଥିଲାବେଳେ ସେ ଶିଶୁ ମନସ୍ତତ୍ତ୍ୱରେ ଜ୍ଞାନ ଲାଭ କରିଥିଲେ । ମାତ୍ର ତାଙ୍କର ଆବେଗିକ ଓ ମାନସିକ ଚିତ୍ତବୃତ୍ତି ଥିଲା ଅତି ସ୍ପର୍ଶକାତର ଓ ସମ୍ବେଦନଶୀଳ । ଅନ୍ୟର ଦୁଃଖସୁଖ ଓ ବିପଦଆପଦରେ ସେ ତେଣୁ ସମଭାଗୀ ଓ ସହୃଦୟ ହୋଇଛନ୍ତି ।

ଏହା ତାଙ୍କର ଶିଶୁସାହିତ୍ୟ ସୃଷ୍ଟିକୁ ଅତି ଆକର୍ଷଣୀୟ ଓ ଆଦରଣୀୟ କରି ତୋଳିଛି । ସେ ସ୍ପଷ୍ଟବାଦୀ ଓ ଅକୃତ୍ରିମ ହୋଇଥିବାରୁ ସେ ସବୁ ବିଷୟ ନିର୍ବିଚାରରେ ପ୍ରକାଶ କରିଛନ୍ତି । ତାଙ୍କ ସାହିତ୍ୟରେ ତେଣୁ ଛଳନା ଓ ଛନ୍ଦକପଟର ସ୍ଥାନ ନାହିଁ । ତାହା ଯେମିତି ଝରଣାର ଜଳ ପରି ନିର୍ମଳ ଓ ଶୀତଳ, ସେମିତି ସ୍ଫଟିକ ପରି ସୁନ୍ଦର ଓ ସ୍ୱଚ୍ଛ । ପରିସ୍ଥିତି କ୍ରମେ ସେ ପାଠ୍ୟପୁସ୍ତକର ରଚୟିତା ହୋଇଥିଲେ ହେଁ ଉଚ୍ଚକୋଟୀର କବି ଓ ଲେଖକ ଭାବରେ ତାଙ୍କର ସୁପ୍ରତିଷ୍ଠା ଥିଲା । କିନ୍ତୁ ଯେତେବେଳେ ତାଙ୍କୁ କେହି ଶିଶୁ ସାହିତ୍ୟ ରଚନା ପାଇଁ ଅନୁରୋଧ କରେ, ସେ ତାହା ଲେଖିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ବରଂ "ପାଠ୍ୟପୁସ୍ତକ ଲେଖକ ଭାବରେ ପରିଚିତ ହୋଇଥିବା ଯୋଗୁଁ ମୁଁ ଏଇ ସମ୍ମାନ ପାଇଛି ବୋଲି କହନ୍ତି ।[୧]

ଦୁଃଖର କଥା ଯେ ଆଜିକାଲି ଶିଶୁସାହିତ୍ୟ ଲେଖି ପ୍ରତିଷ୍ଠା ଅର୍ଜନ କରିଥିବା ସାହିତ୍ୟିକଗଣ ପରବର୍ତ୍ତୀ କାଳରେ ଆଉ ଶିଶୁସାହିତ୍ୟ ଲେଖିବାକୁ ଅସମ୍ମାନଜନକ ମନେ କରନ୍ତି । ଶିଶୁସାହିତ୍ୟକୁ ଏକ ନିମ୍ନସ୍ତରର ଓ ଅପାଂକ୍ତେୟ ସୃଷ୍ଟିବୋଲି ଆତ୍ମସଂକୋଚ ଅନୁଭବ କରନ୍ତି । ସେମାନଙ୍କ ପାଇଁ ବରେଣ୍ୟ ଗୀତିକବି ଗୋଦାବରୀଶଙ୍କ ଶିଶୁସାହିତ୍ୟ ସଂପର୍କୀୟ ଉପରୋକ୍ତ ମନ୍ତବ୍ୟ ଏକ ସୁନ୍ଦର ଓ ସୁଦୃଢ଼ ନିର୍ଦ୍ଦେଶନା !

**ପଦ୍ୟସାହିତ୍ୟ**

ଗୋଦାବରୀଙ୍କ ରଚିତ ଗୀତିକବିତାଗୁଡ଼ିକ ଯେମିତି ସାର୍ଥକ, ସେମିତି ଶିଶୁସୁଲଭ । ତାଙ୍କ ଜୀବନରେ ଅନୁଭୂତ ଓ ଅବଲୋକିତ ବହୁ ବ୍ୟକ୍ତି ଓ ଘଟଣା ସଂପର୍କରେ ତାଙ୍କର ଅଧିକାଂଶ କବିତା ରୂପାୟିତ । ତାଙ୍କ ଲିଖିତ କଳିକା (୧୯୨୧), କିଶଳୟ(୧୯୨୨) ଓ ଚୟନିକା (୧୯୧୭)ରେ ତାଙ୍କ ସୃଷ୍ଟିସମ୍ଭାର ଯେମିତି ଲଳିତ ମଧୁର ସେମିତି ପ୍ରାଣସ୍ପର୍ଶୀ ଓ କରୁଣାରସସିକ୍ତ । ପ୍ରଥମ ଦୁଇଟି ପୁସ୍ତକରେ ଯେମିତି ରଚନାର ମୌଳିକତା ଅନନ୍ୟସାଧାରଣ ଓ ବୈଶିଷ୍ଟ୍ୟପୂର୍ଣ୍ଣ, ସେମିତି ଶେଷୋକ୍ତ ଗ୍ରନ୍ଥରେ ବିଦେଶୀ କବିତା ଅନୁବାଦରେ ତାଙ୍କର କୁଶଳତା ଓ ସାମର୍ଥ୍ୟ ପରିସ୍ଫୁଟ ଓ ପ୍ରମାଣିତ । ଡକ୍ଟର ନଟବର ସାମନ୍ତରାୟ ଯଥାର୍ଥରେ କହିଛନ୍ତି, "ଗୋଦାବରୀଶଙ୍କ ଗୀତିକବିତା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଅନୁଭୂତିର ସର୍ବଶ୍ରେଷ୍ଠ ରୂପାୟନ । ବାସ୍ତବ ଜୀବନର ଦାରିଦ୍ର୍ୟ ଓ ଅନଟନ ତାଙ୍କ ସୃଷ୍ଟିର ଅନ୍ତଃସ୍ୱର କରୁଣରସର ପ୍ରଧାନ ଉତ୍ସ । ସେଥିପାଇଁ କବିତାର କରୁଣ ରସାତ୍ମକ ପରିବେଶ ଚିତ୍ରଣରେ ସେ ଥିଲେ ଅତ୍ୟନ୍ତ ସିଦ୍ଧହସ୍ତ" (୨) । ଇଂରେଜ କବି ସେଲି, (Shelly)ଙ୍କ ଭାଷାରେ ଆମର କରୁଣତମ ଚିନ୍ତାଧାରାକୁ ପ୍ରକାଶ କରୁଥିବା ସଂଗୀତଗୁଡ଼ିକ ହିଁ ମଧୁରତମ (Our sweetest songs are those which tell of saddest thoughts)ସେହି ଦୃଷ୍ଟିରୁ ଗୋଦାବରୀଶଙ୍କ ଗୀତିକବିତାମାନ ଅତ୍ୟନ୍ତ ମଧୁର, ମନୋହର ଓ ମହନୀୟ । ତାଙ୍କର ବହୁ ସରସ କବିତା 'ଚୟନ' ଓ 'ଗୀତିଗୁଚ୍ଛ' ମଧ୍ୟରେ ପ୍ରକାଶିତ ।

ତାଙ୍କ ସୃଷ୍ଟିର କେତୋଟି ମାତ୍ର ନମୁନା ଏଠାରେ ଦେଇ ଆଲୋଚନାକୁ ପ୍ରାସଙ୍ଗିକ କରିବାକୁ ସମୁଚିତ ମନେକରୁଛି । ଗୋଟିଏ ସାଧାରଣ ଭିକାରୀ ପ୍ରତି ତାଙ୍କର କରୁଣା ଓ ସମ୍ବେଦନା ଅସୁମାରି । ସେ ଗାଇଛନ୍ତି-

ଦୁଆର ଦୁଆର ବୁଲିରେ ଭିକାରୀ
ବାଧିବଣି ଅଙ୍ଗଶ୍ରମ
ଏ ଭିକ ମୁଠିକ ଘେନି ଏବେ ଘରେ
ଫେରି ତ ଯାଅ ସହଳ ।

ଘରେ ତାର କ୍ଷୁଧାର୍ତ୍ତ ଶିଶୁଗୁଡ଼ିକ ଚାହିଁ ରହିଥିବେ । ଭିକ୍ଷାବୃତ୍ତି କାହାର ଶ୍ଳାଘ୍ୟ ନୁହେଁ, ମାତ୍ର ଯେ ଅକର୍ମଣ୍ୟତାକୁ ଦୁନିଆଦୁଆରେ ମଜୁରି ପାଇଁ କାମ ମିଳେ ନାହିଁ; ତା'ପାଇଁ ଭିକ୍ଷାବୃତ୍ତି ହିଁ ଏକମାତ୍ର ଜୀବିକା ହୋଇପଡ଼ିଛି । ସେଥିପାଇଁ ସେ ଲୋକଙ୍କର ରାଗରୋଷ ଓ ଛି ଛାକର ବାଣୀ ଶୁଣିଥାଏ । ସଂସାରରେ ଦରିଦ୍ର ପ୍ରତି ଘୃଣା ଓ ଧନୀ ପ୍ରତି ସମ୍ମାନ ସର୍ବଜନବିଦିତ । ତେଣୁ କବି ଲେଖିଛନ୍ତି,

''ଦୁଃଖୀ ପାଇଁ ଦିନେ କାହାର ଜଗତେ
ନ କାନ୍ଦେ ଅନ୍ତର ତିଳେ
ଯାହାର ଯେତିକି ଧନମାନ ଶିରୀ
ପୂଜା ତାର ମହୀତଳେ ।''

ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ସେ ଜଣେ ପ୍ରତିବେଶୀ ଗୋପାଳର ରୋଗଶର୍ଯ୍ୟାରେ ସେବାରତ ଥିଲେ ଏବଂ ତାଙ୍କୁ ଔଷଧ ପିଆଇଲା ବେଳେ ସେଇରୋଗୀ ସବୁଦିନ ପାଇଁ ଆଖିବୁଜିଛନ୍ତି, ଏହି ଦୁଃଖାବହ ଘଟଣା ତାଙ୍କ ହୃଦୟକୁ ବିଦୀର୍ଣ୍ଣ କରିଛି ଏବଂ ତାଙ୍କର ମାନସିକ ଖେଦକୁ ସେ ପ୍ରକାଶ କରିଛନ୍ତି ।

''ଏବେ ଯେ ଗଲା ଚାଲି ଏଭୂଇଁ ତେଜି
ଧରାଗଗନେ କାହିଁ ନପାଏ ଖୋଜି ।
ବାରେ କି ଫେରି ଆଉ ଆସିବ ନାହିଁ ?
ଦୁଧ ଭାରଟି କାନ୍ଦେ ମଉନେ ବାହି ?

ସତ୍ୟବାଦୀ ବନ ବିଦ୍ୟାଳୟ କେବଳ ଏକ ଶୁଷ୍କ ଜ୍ଞାନପୀଠ ନଥିଲା, ଏହା ଥିଲା ପ୍ରକୃତ ମନୁଷ୍ୟସୃଷ୍ଟିର ଏକ ଜୀବନ୍ତ ସ୍ଥଳ । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ସଂଗେ ସଂଗେ ଦୟା, ଦାକ୍ଷିଣ୍ୟ, ସହାନୁଭୂତି ଓ ସୌହାର୍ଦ୍ଦ୍ୟ ଆଦି ସଦ୍‌ଗୁଣଗୁଡ଼ିକର ବିକାଶ ମଧ୍ୟ ଏକ ପ୍ରଧାନ ଲକ୍ଷ୍ୟ ଥିଲା । ଆଜିର ଶିକ୍ଷାନୁଷ୍ଠାନ ପରି କେବଳ ଜ୍ଞାନ ଦାନ କରି ଏହି

ବନବିଦ୍ୟାଳୟ ସନ୍ତୁଷ୍ଟ ନଥିଲା । ଶିକ୍ଷକଗଣ ଛାତ୍ରଛାତ୍ରୀମାନଙ୍କୁ ନିଜ ପରିବାରର ସଭ୍ୟ ଭାବରେ ଗ୍ରହଣ କରୁଥିଲେ । ସେମାନଙ୍କ ସୁଖଦୁଃଖ, ବିପଦ ଆପଦରେ ସମଭାଗୀ ହୋଇଥିଲେ । ଏହାର ଅସଂଖ୍ୟ ଦୃଷ୍ଟାନ୍ତ ରହିଥିଲେ ହେଁ କବି ଗୋଦାବରୀଶଙ୍କ ଏକ କବିତାର ସୃଷ୍ଟି ଏଠାରେ ବିଚାର୍ଯ୍ୟ । ବଂଶୀଧର ନାମକ ଏକ ବାଳକ ସୁଦୂର କଳାହାଣ୍ଡିରୁ ଏହି ବିଦ୍ୟାଳୟକୁ ଅଧ୍ୟୟନ କରିବାକୁ ଆସି ଅଳ୍ପ କେତେଦିନ ଭିତରେ ବିସୂଚିକା ରୋଗରେ ଆକ୍ରାନ୍ତ ହୋଇଛି ଓ ତାପରେ ପ୍ରାଣତ୍ୟାଗ କରିଛି । ସ୍ନେହକାଙ୍ଗାଳ କବି ଏଥିରେ ମର୍ମାହତ ହୋଇ ଗାଇଛନ୍ତି-

''ନିଜହାତେ ଘରୁଁ ତୁରିତେ କରିଦେଲି ଅନ୍ତର
ନିଜକାନ୍ଧେ ପରା ବହି ମୁଁ ନେଲି ବନ ଭିତର
ନିଜେ ମୁହିଁ ଚିତା ଅନଳ ଦେଲି ଯତନେ ଜାଳି
ଯେହୁ ତୁମ ଜଳା ଚିତାରେ ଦିନେ ଥାଆନ୍ତା ଜଳି ।''

ଏଥିରୁ କବିଙ୍କର ଅକୃତ୍ରିମ ସ୍ନେହପ୍ରୀତି ଓ ସମ୍ବେଦନା ଅଭିବ୍ୟକ୍ତ ହୋଇଛି । ପ୍ରସିଦ୍ଧ ଗୀତି କବି ପ୍ରଫେସର ଜାନକୀବଲ୍ଲଭ ମହାନ୍ତି ଯଥାର୍ଥରେ କହିଛନ୍ତି, ''ଗୋଦାବରୀଶଙ୍କ ଭଳି ଅନ୍ୟ କୌଣସି ଉତ୍କଳୀୟ କବି ସରସ ମନୋଜ୍ଞ କବିତା ଲେଖିଥିଲା ଭଳି ମନେ ହୁଏନାହିଁ ।'' ସତ୍ୟବାଦୀ ବନ ବିଦ୍ୟାଳୟର ମୁକ୍ତ ପରିବେଶ ସରଳ ବିଦ୍ୟାର୍ଥୀଙ୍କ ସହ ମଧୁର ସଂପର୍କକୁ ଉପଜୀବ୍ୟ କରି 'କଳିକା' ଓ 'କିଶଳୟ'ର ଅଧିକାଂଶ କବିତା ରସମୟ ।[୩]

କବି ଚକ୍ରଧରପୁର ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲାବେଳେ ନିଜ ବସା ପାଖରେଗୋଟିଏ ଚଣ୍ଡାଳ ବାଳକ ଖଣ୍ଡେ ଖପରାରେ ମୁଢ଼ି ଗଣ୍ଡେ ଧରି ଖାଉଥିଲା । ତାକୁ ଚାହିଁଲା ମାତ୍ରେ ସେ ନିଃସ୍ୱ ବାଳକଟି ସେଇ ମୁଢ଼ିରୁ ମୁଠେ କବିଙ୍କୁ ଯାଚିଲା । ସେ ପ୍ରଥମେ ତାକୁ ଗ୍ରହଣ କରିବାକୁ ଦ୍ୱିଧା ବୋଧ କରୁଥିଲେହେଁ, ପିଲାଟିର ମନରେ ଦୁଃଖ ହେବ ବୋଲି ସେଇ ମୁଢ଼ିତକ ସେ ତା'ଠାରୁ ଆଣି ଖାଇଥିଲେ । ପିଲାଟିକୁ ସେ ନିଜର ସାଥୀ ବୋଲି ଆଦରି ନେଇଛନ୍ତି ଏବଂ ନିଜ ମାତାଙ୍କର ସ୍ନେହଶ୍ରଦ୍ଧାକୁ ସ୍ମରଣ କରିଛନ୍ତି । ସେ ତେଣୁ କହିଛନ୍ତି-

''ଏ ମରତେ ବଂଚି ବୋଉ ଥିଲେ ଆଜି ରହି
ଏତେ ହୀନିମାନ ଦୃଢେ ପାରନ୍ତୁ କି ସହି ?

ବେନି କି ନିଅନ୍ତୁ ପରା ବେନି କର ପାତି

ମୁଁ ତୋ ଗଣ୍ଠିଧନ, ଏତୋ ଗଣ୍ଠିଧନ ସାଥୀ ।''

କବି ଗୋଦାବରୀଶ କେବଳ ଦୁଃସ୍ଥ ଦୁର୍ଗତ ମନୁଷ୍ୟ ପ୍ରତି ସମ୍ବେଦନଶୀଳ ନୁହନ୍ତି, ସେ ସାମାନ୍ୟ ପଶୁପକ୍ଷୀଙ୍କର ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇଛନ୍ତି । ସତ୍ୟବାଦୀ ବନବିଦ୍ୟାଳୟରେ ଗୋଟିଏ ମୃଗଶିଶୁର ମୃତ୍ୟୁରେ ସେ ମର୍ମାହତ ହୋଇଛନ୍ତି ଏବଂ ଶୋକାକୁଳ ଭାଷାରେ ଗାଇଛନ୍ତି ।

''ପଶୁହୋଇ ଏଜଗତେ ଲଭି ତୁ ଜନମ

ସରଗଶିରୀ କି ବଳି, ମୋ ପରାଣ ଧନ ।

ମୋ ଦୁଃଖ-ଜୀବନେ କେତେ ପାପତାପ ଶୋକେ

ଦେଖି ତୋତେ ପାସୋରି ତା ଯାଇଛି ପରିକେ ।''

ମୃଗଶିଶୁର ମୃତ୍ୟୁରେ କବି ଜଣେ ଆତ୍ମୀୟର ମୃତ୍ୟୁ ଶୋକ ଅନୁଭବ କରିଛନ୍ତି । ସତ୍ୟବାଦୀର ବନଶ୍ରୀ ତାଙ୍କୁ ଶୁଷ୍କନୀରସ ମରୁପ୍ରାନ୍ତର ପରି ପ୍ରତୀୟମାନ ହୋଇଛି ।

ଦରଦୀକବି ଏକ ପୋଷା ଶୁଆର ମୃତ୍ୟୁରେ କରୁଣ ବିଳାପ କରିଛନ୍ତି ଏବଂ ଗୋଟିଏ ଅନ୍ତରଙ୍ଗ ବନ୍ଧୁର ବିଚ୍ଛେଦ କଷ୍ଟ ଅନୁଭବ କରିଛନ୍ତି । ସେ କାଠଯୋଡ଼ି ନଦୀରେ ତାର ପଞ୍ଜୁରୀଟି ଫିଙ୍ଗିଦେଇ ଲେଖିଛନ୍ତି,

'' ବହିନିଅ ଖରେ          କାଠଯୋଡ଼ି ପାଣି

ବାଲିଶିଳା ପଙ୍କେ ଦିଅରେ ପୋତି

ପରାଣର ଏଯେ          ପଞ୍ଜୁରୀଟି ମୋର

ଫିଙ୍ଗିଦେଲି ତାର ଗରଭେ ଏଥି ।''

ଏହିପରି କବିଙ୍କର ଦୁଃଖଦରଦ ଓ ସ୍ନେହ ସୌହାର୍ଦ୍ଦ୍ୟ ସାର୍ବଜନୀନ ଓ ଅନାବିଳ । ଏହା ଉଚ୍ଚନୀଚ, ମନୁଷ୍ୟ ପଶୁ, ଧନୀ ଦରିଦ୍ରର ବ୍ୟବଧାନ ମାନିନାହିଁ ।

କବିଙ୍କର, ପ୍ରକୃତିପ୍ରେମ ବହୁକବିଙ୍କ ପରି ଅତି ଗଭୀର ଓ ନୈସର୍ଗିକ । ପଶୁପକ୍ଷୀ, ବୃକ୍ଷଲତା, ନଦୀପର୍ବତ, ପୁଷ୍ପଫଳ ଆଦି ସମସ୍ତ ସଜୀବ ଓ ନିର୍ଜୀବ ତାଙ୍କ ପକ୍ଷେ ସମାନ ଓ ସଚେତନ । ମଣିଷର ଦୁଃଖସୁଖରେ ସେମାନେ ସଂବେଦନଶୀଳ ଓ ସହାୟକ । ପରିବେଶର ପ୍ରତ୍ୟେକଟି ଉପାଦାନ ତାଙ୍କର ଅତି ଅନ୍ତରଙ୍ଗ ଓ ପ୍ରିୟ । ଚିଲିକା, ଶାଳିଆ,

ଘଣ୍ଟଶିଳା, ଶୋଲରୀ, ଭାଲେରି ଆଦି ସମସ୍ତ ତାଙ୍କର ବନ୍ଧୁ ଏବଂ ପ୍ରତ୍ୟେକେ ତାଙ୍କ ପ୍ରାଣତନ୍ତ୍ରୀରେ ଅପୂର୍ବ ପୁଲକ ଓ ଆତ୍ମୀୟତାର ସ୍ୱର ଝଙ୍କାର ସୃଷ୍ଟି କରେ । ଇଂରେଜ କବି ୱାର୍ଡ଼ସଓର୍ଥ (Wordsworth)ଙ୍କ ପରି ସେ କୋକିଳର ମଧୁର କୁହୁତାନରେ ଆତ୍ମହରା ହୋଇ ତାଙ୍କୁ ଅମୂର୍ତ୍ତ ଅମୃତଧାରା ତଥା ଏକ ବିଦ୍ୟୁତ୍ ସ୍ରୋତ ଭାବରେ କଳ୍ପନା କରିଛନ୍ତି । ଜୀବନ-ଜଞ୍ଜାଳ ମଧ୍ୟରେ ସେ କେବେ ପ୍ରକୃତିକୁ ଉପଭୋଗ କରିପାରିନାହାଁନ୍ତି । କିନ୍ତୁ ଥରେ ଥରେ ମନ ତାଙ୍କର ଉନ୍ମନା ଓ ଉଦ୍‌ଗ୍ରୀବ ହୋଇ ଉଠିଛି ଏବଂ ସେ ଉତ୍‌କର୍ଣ୍ଣ ହୋଇ କୋକିଳର କୂଜନଙ୍କୁ ଶ୍ରବଣ କରିଛନ୍ତି । ସେ ତାକୁ ସଂବୋଧନ କରି କହିଛନ୍ତି,

"କେତେ କେତେ ଦିନ୍ ଯାଇଛିରେ ପିକ
ବିତି ଏ ଜୀବନେ ମୋର
ନିମିଷକ ଲାଗି ଲୋଡ଼ିନାହିଁ ଏଯେ
ସୁଧାବାଣୀ ତୋ କଣ୍ଠର ।
ଢାଳ ଆଜି ଢାଳ କାନନ ଅତିଥି
ଅଦେହ ଅମୃତ କେଳି,
ଶୂନ୍ୟରୁ ଉଚ୍ଛୁଳି ଶୂନ୍ୟ ଅନ୍ତରୀକ୍ଷେ
ଯାଉ ଏ ତଡ଼ିତ ଖେଳି ।"

ତାଙ୍କ ଲିଖିତ ଗାଥାକବିତାମାନ (Ballads) ଅବିସ୍ମରଣୀୟ ଓ ଅନବଦ୍ୟ । ଓଡ଼ିଶାର ଐତିହ୍ୟ ଓ କିଂବଦନ୍ତୀ ମଧ୍ୟରୁ ସେ ଗରିମାମୟ ଓ ଆକର୍ଷଣୀୟ ଘଟଣା କେତୋଟିକୁ ସାଉଁଟିନେଇ ନିଜର ଅତୁଳନୀୟ କବିପ୍ରତିଭାରେ ଉର୍ଜ୍ଜସ୍ୱଳ କରି ତୋଳିଛନ୍ତି । ତାଙ୍କର ସରଳ ସାବଳୀଳ ଶୈଳୀ ସେଗୁଡ଼ିକୁ ସ୍ୱକୀୟ ମହିମାରେ ଅନନୁକରଣୀୟ କରିଛି । ଆଲେଖିକା (୧୯୨୩)ରେ ସ୍ଥାନିତ ତାଙ୍କରି ଗାଥାକବିତାଗୁଡ଼ିକ ମଧ୍ୟରେ "କାଳିଜାଈ", "ଗାଲମାଧବ", "ପଦ୍ମାବତୀ", "ଧରଣୀଧର" ଆଦି ଖୁବ୍ ଲୋକପ୍ରିୟ । ଲୋକବିଶ୍ୱାସ, ପୁରାଣ ଓ ଇତିହାସର ଆଶ୍ରୟରେ ଓଡ଼ିଶାର ଅତୀତ କୀର୍ତ୍ତି କିମ୍ବା ବ୍ୟକ୍ତିବିଶେଷଙ୍କ ଶୌର୍ଯ୍ୟବୀର୍ଯ୍ୟ ପ୍ରଖ୍ୟାପନ ଏହି କବିତାଗୁଡ଼ିକର ମୌଳିକ ଲକ୍ଷ୍ୟ । କାହାଣୀ ଆକାରରେ ଏପରି ବିଷୟ ଉପସ୍ଥାପନା କୌଶଳ "ବାଲାଡ଼" ବା ଗାଥାକବିତାର ବିଶିଷ୍ଟ ପ୍ରକୃତି । ଏଗୁଡ଼ିକ ଓଡ଼ିଆ ସାହିତ୍ୟରେ ଏକାନ୍ତ ଅଭିନବ ଓ ନିତାନ୍ତ ଚିତ୍ତାକର୍ଷକ । ଡକ୍ଟର ସାମନ୍ତରାୟଙ୍କ ମତରେ "ଓଡ଼ିଆ ଗୀତିକବିତା ରାଜ୍ୟରେ ଗୋଦାବରୀଶଙ୍କର ଏକ ଶିଳ୍ପ ସଂପଦ, ତାଙ୍କର ସରଳ ତରଳ ଭାଷା ଓ ନିର୍ମଳ ଓ ନିରାଡ଼ମ୍ବର ଶୈଳୀ ଏକ ଅକ୍ଷୟ

କୀର୍ତ୍ତି । ଜାତୀୟଭାବ ଏଇ ଗାଥାକବିତାମାନଙ୍କରେ ପ୍ରଧାନ ହେତୁ ହେଲେହେଁ ସେଇ ଭାବର ରସ ରୂପାୟନ ହିଁ କବିତାର ଯଥାର୍ଥ ଆତ୍ମିକ ବିଭବ ।'' (୨-ପୃ. ୬୧୯) ।

ତାଙ୍କର ଲୋକପ୍ରିୟ ''କାଳୀଜାଈ''ର ପ୍ରଥମ ପଦଟି ଯେମିତି ପାଠକମନରେ ପ୍ରତିଧ୍ୱନିତ ହୋଇଥାଏ, ସେମିତି ତାର ହୃଦୟରେ ଏକ ଆବେଗିକ ଆକର୍ଷଣ ସୃଷ୍ଟିକରେ ।

''ଭଲ କରି ନାଆ ବୁହାରେ ନାଉରି
ଝିଅକୁ ମାଡୁଛି ଡର,
ଗଡ଼େ ଗଡ଼ ଲୋକେ ଚାହିଁ ବସିଥିବେ,
ଝିଅ ଯିବ ଶାଶୁଘର ।''

କବିତାଟିର ପ୍ରତ୍ୟେକ ପଦ ଚମକପ୍ରଦ ଭାବରେ ଗଳ୍ପଟିକୁ ଆଗେଇନେବା ସଂଗେ ସଂଗେ ତାର ତରଳ ସରଳ ଭାଷା ଓ ଶୈଳୀରେ ସମଗ୍ର କବିତାଟିକୁ ମନୋମୁଗ୍ଧକର କରିପାରିଛି । କବିତାଟିର ମହତ୍ତ୍ୱ ପ୍ରତିପାଦନ କରିବାକୁ ଆଉ ଗୋଟିଏ ପଦ ଏଠାରେ ଉଦାହରଣ ଦେବାର ଲୋଭ ସମ୍ବରଣ କରି ହେଉନାହିଁ ।

''ଭଲ କରି ନାଆ ବାହୁଛି ନାଉରି
ତଲେଇ କରିଛି ଠିଆ,
ମାମୁଁ ଭଣଜାର କଣରୁ ଆସେ ଲୋ
ବୋହି ସୁଲୁସୁଲୁ ବାଆ''

ପ୍ରକୃତିର ସୁନ୍ଦର ଓ ସ୍ୱାଭାବିକ ବର୍ଣ୍ଣନା ମଧ୍ୟରେ ଜାତୀୟ ମମତା କିପରି ତାଙ୍କର ବହୁ କବିତା ମଧ୍ୟରେ ଆତ୍ମପ୍ରକାଶ କରିଛି, ତାହା ବିଶେଷ ଲକ୍ଷ୍ୟଣୀୟ ।

ଜନମଭୂମି ଯେ ମାଟି ପଥରର
ଜନନୀକୁ ବଳି ବଡ଼ ।
ସେ ଜନମ ଭୂମି ସେବା ଯେ କରଇ
ନରଜନ୍ମ ଧନ୍ୟତାର ।

କବିଙ୍କର ''ଉଦ୍‌ବୋଧନ'' କବିତାଟିରେ ମଧୁର ସାଂଗୀତିକ ମୂର୍ଚ୍ଛନା ମଧ୍ୟରେ ଗଭୀର ଜାତୀୟତାର ପରିପ୍ରକାଶ ଅତ୍ୟନ୍ତ ମନୋମୁଗ୍ଧକର । ତେଣୁ ସେ ଗାଇଛନ୍ତି,

ଆହା ଏ ଉତ୍କଳ କବି ସରଗଭୂମି
ବିଲବନ, ଶୈଳସିନ୍ଧୁ ସୁଷମା ଘେନି ।

ଜନମି ଏ ଦେଶେ ଆଜି
ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ ମରନର ଜୀବନେ ।''

ଜନ୍ମମାଟିର ମମତା, ତାର ରୂପରସ ଗନ୍ଧଛନ୍ଦ କବିଙ୍କୁ ସତେ ଯେମିତି ଆତ୍ମହରା କରିଛି । ବିଭିନ୍ନ ଭାବରେ ସେ ମାତୃଭୂମିର ଆରାଧନା କରିଛନ୍ତି, ଶତକଣ୍ଠରେ ତାର ଜୟଗାନ କରିଛନ୍ତି ।

**ଗଦ୍ୟସାହିତ୍ୟ**

ସତ୍ୟବାଦୀ ଯୁଗରେ ଓଡ଼ିଆ ଗଦ୍ୟସାହିତ୍ୟ ଏକ ବିକଶିତ ଓ ସମୃଦ୍ଧ ସୋପାନରେ ପଦାର୍ପଣ କରିଥିଲା । ଉତ୍କଳମଣି ଗୋପବନ୍ଧୁ ପଣ୍ଡିତ ନୀଳକଂଠ, ପଣ୍ଡିତ ଗୋଦାବରୀଶ ଓ କୃପାସିନ୍ଧୁ ନିଜ ନିଜ କୃତିରେ ଗଦ୍ୟ ସାହିତ୍ୟର ବହୁମୁଖୀ ଉନ୍ନତି ସାଧନ କରିଥିଲେ । ସେଥି ମଧ୍ୟରେ କଥା ଓ କାହାଣୀର ସ୍ଥାନ ବିଶେଷ ଉଲ୍ଲେଖଯୋଗ୍ୟ । ପୁରାଣକଥା, ସାଧାରଣ ଜ୍ଞାନ, ବିଜ୍ଞାନ, ଭୂଗୋଳ ଆଦି ବିଷୟକ ଆଲୋଚନା ଓ ରଚନା କ୍ଷେତ୍ରରେ ଗୋଦାବରୀଶଙ୍କ ସ୍ୱତନ୍ତ୍ର ଅବଦାନ ରହିଛି । ତାଙ୍କ ଲିଖିତ ରାମାୟଣ କଥା, ମହାଭାରତ କଥା, ପଞ୍ଚବୀର ଆଦି ବିଶିଷ୍ଟ ଶିଶୁସାହିତ୍ୟ । ଏହି ପୁରାଣ କଥା ଓ କାହାଣୀଗୁଡ଼ିକରେ ମୌଖିକ ଭାଷଣ ଓ କଥନଭଙ୍ଗୀର ବ୍ୟବହାର ଖୁବ୍ ଆକର୍ଷଣୀୟ ହୋଇଛି । ରାମାୟଣ ଓ କଥନଭଙ୍ଗୀର ବ୍ୟବହାର ଖୁବ୍ ଆକର୍ଷଣୀୟ ହୋଇଛି । ରାମାୟଣ କଥାର ଏକ ସାମାନ୍ୟ ଦୃଷ୍ଟାନ୍ତ- ''ଏକଥା ଶୁଣି ଦଶରଥ କାଠ ହୋଇଗଲେ । ଏକେ ରାମ ପିଲାଲୋକ, ବୟସ ମୋଟେ ପନ୍ଦର ଷୋଳବର୍ଷ । ତା'ପରେ ପୁଣି ତାଙ୍କର ମୁହଁକୁ ଚାହିଁ ସେ ଜୀବନ ଧରି ରହିଛନ୍ତି ।'' ଗଳ୍ପକଥନ ଶୈଳୀରେ ପୁଣି ଉତ୍କଣ୍ଠା ଓ ଆବେଗର ଉପଯୋଗ ଖୁବ୍ ଉପଭୋଗ୍ୟ । ରାମାୟଣ କଥାପରି ମହାଭାରତ କଥାର ପରିବେଷଣ ଶୈଳୀ ବିଶେଷ ସୁପାଠ୍ୟ ଓ ମନୋଜ୍ଞ ।

''ପଞ୍ଚବୀର''ରେ ପଞ୍ଚପାଣ୍ଡବଙ୍କ ଜୀବନ କାହାଣୀ ବିଶେଷ ଶୌର୍ଯ୍ୟବୀର୍ଯ୍ୟ ଓ ସାହସରେ ଭରପୂର । କିଶୋରକିଶୋରୀମାନଙ୍କ କୌତୂହଳ ଏବଂ ଜିଜ୍ଞାସାର ଚରିତାର୍ଥତା ନିମନ୍ତେ ଉପଯୁକ୍ତ ମାନସିକ ଖାଦ୍ୟ ଯୋଗାଇବା ଶିଶୁ ସାହିତ୍ୟିକମାନଙ୍କର ପରମ

କର୍ତ୍ତବ୍ୟ । ବିଶେଷତଃ ଆଧୁନିକ ବିଜ୍ଞାନପ୍ରଧାନ ଯୁଗରେ ଜ୍ଞାନର ବିସ୍ଫୋରଣ ମଧ୍ୟରେ ସେମାନଙ୍କୁ ଗଢ଼ି ଉଠିବାରେ ସାହାଯ୍ୟ କରିବାକୁ ହେବ । ଗୋଦାବରୀଶ ଯଥାର୍ଥ ଶିକ୍ଷକ ଭାବରେ ଏହି ଦାୟିତ୍ୱ ଖୁବ୍ ସାଫଲ୍ୟର ସହିତ ସଂପାଦନ କରିଛନ୍ତି । ପରିବେଶର ବହୁ ଘଟଣା, ବ୍ୟକ୍ତି ଓ ବସ୍ତୁଗୁଡ଼ିକୁ ଦେଖି ପିଲାମାନଙ୍କ ମନରେ ଜାଗି ଉଠୁଥିବା ବିଭିନ୍ନ ପ୍ରଶ୍ନର ଯଥାଯଥ ଉତ୍ତର ପାଇବା ଏକାନ୍ତ ଆବଶ୍ୟକ । ନଚେତ୍ ସେମାନଙ୍କର ମାନସିକ ପ୍ରସ୍ତୁତି ପୂର୍ଣ୍ଣାଙ୍ଗ ହେବନାହିଁ । ଏଦିଗରେ ଗୋଦାବରୀଶ ''ପିଲାଙ୍କ କାହିଁକି''ର ପ୍ରଥମ ଓ ଦ୍ୱିତୀୟ ଭାଗ ଖୁବ୍ ପ୍ରଶଂସନୀୟ ଉଦ୍ୟମ । ଏଥିରେ ଦୈନନ୍ଦିନ ଜୀବନର ବହୁ ଜଟିଳ ପ୍ରଶ୍ନର ଉତ୍ତର ଅତି ସହଜ ଭାବରେ ବୁଝାଇ ଦିଆଯାଇଛି । ''ପିଆଜ କାଟିଲେ ଆମ ଆଖିରୁ କାହିଁକି ପାଣି ବହେ ?, ପେଚା କାହିଁକି ରାତିରେ ବାହାରେ ? ଶୀତରେ ଆମେ କାହିଁକି ଥରୁ ? ଦୁଧରେ ସର କାହିଁକି ପଡ଼େ ? ସାପ କାହିଁକି ସିଧା ଚାଲେ ନାହିଁ ? ଅନ୍ଧାରରେ ଦେଖାଯାଏ ନାହିଁ କାହିଁକି ? ଆଦି ମୋଟ ୮୭ଟି ଶିଶୁସୁଲଭ ପ୍ରଶ୍ନର ସରଳ ଉତ୍ତର ଯେମିତି ଚିତ୍ତାକର୍ଷକ, ସେମିତି ଜ୍ଞାନବର୍ଦ୍ଧକ ।

ପିଲାମାନଙ୍କୁ ଦେଶବିଦେଶର ଭୌଗୋଳିକ, ସାମାଜିକ, ତଥା ପ୍ରାକୃତିକ ଅବସ୍ଥା ସଂପର୍କରେ ସମ୍ୟକ୍ ସୂଚନା ଦେବା ପାଇଁ ଗୋଦାବରୀଶ ଦକ୍ଷିଣ ଆଫ୍ରିକା, ଗ୍ରେଟ ବ୍ରିଟେନ, ଅଷ୍ଟ୍ରେଲିଆ, ମଧ୍ୟ ଆମେରିକା ଆଦି କେତୋଟି ପୁସ୍ତକ ରଚନା କରିଥିଲେ । ସେଥିରେ ଥିବା ପ୍ରସଙ୍ଗଗୁଡ଼ିକର ଉପକରଣ ଖୁବ୍ ମନଲୋଭା । ଏହାଛଡ଼ା କେତେକ ଭ୍ରମଣକାହାଣୀ ଓ ଅଭିଯାନର ବର୍ଣ୍ଣନା ଏହି ଦୃଷ୍ଟିରୁ ଖୁବ୍ ସାର୍ଥକ ହୋଇଛି । ଦୁଇଗୋରାଙ୍କର ଦକ୍ଷିଣ ଆଫ୍ରିକା ଭ୍ରମଣ, କଲମ୍ବସଙ୍କ ଭାରତବର୍ଷ ଅନ୍ୱେଷଣ ଯାତ୍ରା, ଜର୍ଜ ଷ୍ଟିଫେନସନଙ୍କ କାହାଣୀ ଇତ୍ୟାଦି ଖୁବ୍ ସାର୍ଥକ ହୋଇଛି । ନିଜ ପରିବେଶରେ ଥିବା ବହୁ ପଶୁପକ୍ଷୀଙ୍କର ବର୍ଣ୍ଣନା ମଧ୍ୟ ଶିଶୁମାନଙ୍କର ଅତ୍ୟନ୍ତ ଶିକ୍ଷଣୀୟ ଓ ଆଗ୍ରହୋଦ୍ଦୀପକ ।

ଗୋଦାବରୀଶଙ୍କ ବ୍ୟକ୍ତିତ୍ୱ ଓ ସୃଷ୍ଟି ସାମ୍ରାଜ୍ୟର ଏକ ବୈଶିଷ୍ଟ୍ୟ ହେଲା ହାସ୍ୟରସ । ସେ ବ୍ୟକ୍ତିଗତ ଜୀବନରେ ଯେମିତି ହାସ୍ୟ ଓ ବ୍ୟଙ୍ଗର ଏକ କୁଶଳୀ କଳାକାର, ସାହିତ୍ୟ ସୃଷ୍ଟି ମଧ୍ୟରେ ହାସ୍ୟପରିହାସର ପରିବେଷଣ କରିବାରେ ସେମିତି ସିଦ୍ଧହସ୍ତ । ତାଙ୍କ ଲିଖିତ ''ଚଟଣି'' ପୁସ୍ତକଟି ହାସ୍ୟରସାତ୍ମକ ଗଳ୍ପଗୁଡ଼ିକର ସମାହାର । କଥୋପକଥନ ମଧ୍ୟରେ ଲଘୁହାସ୍ୟର ସ୍ୱତଃସ୍ଫୂର୍ତ୍ତ ଆତ୍ମପ୍ରକାଶ ଖୁବ୍ ହୃଦ୍ୟ ଓ ଆଦରଣୀୟ । ଆଜିର ଜଟିଳ ଓ ଶୁଷ୍କଜୀବନରେ ସରଳତରଳ ଓ ଅନାବିଳ ହାସ୍ୟରସର ଆବଶ୍ୟକତା ଓ ଉପାଦେୟତା

ଅତ୍ୟଧିକ । ପିଲାମାନଙ୍କର ସାର୍ଥକ ଅବସର ବିନୋଦନ ଓ ସେମାନଙ୍କ ନିରୀହ ମନୋରଞ୍ଜନ ଏହି ଲଳିତ ଲଘୁସାହିତ୍ୟର ଆଭିମୁଖ୍ୟ ଏବଂ ଏହାକୁ ପୂରଣ କରିବାରେ ଗୋଦାବରୀଶଙ୍କ ସଫଳତା ସ୍ୱୀକୃତ ହୋଇଛି ।

**ଉପସଂହାର**

ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦଙ୍କ ମତରେ ‘‘ପଣ୍ଡିତ ଗୋଦାବରୀଶଙ୍କ ଶିଶୁରଚନାରେ ତାଙ୍କ ଶିକ୍ଷକ ଜୀବନର ପ୍ରଭାବ ପଡ଼ିଥିବା ଅନୁମିତ ହୁଏ । ପିଲାଙ୍କ ପାଇଁ ସେ କେତେଖଣ୍ଡ ପାଠ୍ୟପୁସ୍ତକ ଲେଖିଥିଲେ ଏବଂ ସେଥିଯୋଗୁଁ ସେ ଶିଶୁସାହିତ୍ୟିକ ଭାବେ ସମ୍ମାନିତ ହେଉଥିବା କଥା ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି’’ (୪) । ଶିକ୍ଷକ ଭାବରେ ଶିଶୁ ମନସ୍ତତ୍ୱ, କିଶୋର ଛାତ୍ରଛାତ୍ରୀଙ୍କ ସୁଖଦୁଃଖ ଓ ସମସ୍ୟା ସଂପର୍କରେ ବିଶେଷ ସଚେତନତା ତାଙ୍କର କୃତିଗୁଡ଼ିକୁ ଖୁବ୍ ସଫଳ ଓ ସାର୍ଥକ ସୃଷ୍ଟିର ଗୌରବ ଦେଇଛି । ଗୋଦାବରୀଶଙ୍କ ସ୍ପର୍ଶକାତର (Sensitive) ଓ ସମ୍ବେଦନଶୀଳ (Sympathetic) ମନ ତାଙ୍କର ଜୀବନର ଅଭାବବୋଧ ଓ ଦୁଃଖାନୁଭୂତି, ସଂଗ୍ରାମଶୀଳତା, ପ୍ରକୃତିପ୍ରେମ ଓ ସ୍ୱଦେଶପ୍ରୀତି ସର୍ବୋପରି ଉଚ୍ଚ ମାନବିକତା ଓ ସାର୍ବଜନୀନ ସ୍ନେହ ଓ ସୌହାର୍ଦ୍ଦ୍ୟ ତାଙ୍କର ଶିଶୁ ସାହିତ୍ୟକୁ ଏକାନ୍ତ ରସସିକ୍ତ ଓ ଚିତ୍ତାକର୍ଷକ କରିତୋଳିଛି ।

**ସହାୟକ ଗ୍ରନ୍ଥସୂଚୀ**


୧ : ପଣ୍ଡିତ ଗୋଦାବରୀଶ ମିଶ୍ର, ‘‘ମୁଁ କାହିଁକି ଲେଖେ’’ **ଡଗର** ୧୪ଶ ବର୍ଷ, ୨୧ଶ ସଂଖ୍ୟା, ୧୯୫୧ ପୃ. ୯

୨ : ଡକ୍ଟର ନଟବର ସାମନ୍ତରାୟ, **ଓଡ଼ିଆ ସାହିତ୍ୟର ଇତିହାସ,** ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର, ୧୯୮୩, ପୃ.୬୧୮

୩ : ପ୍ରଫେସର ଜାନକୀବଲ୍ଲଭ ମହାନ୍ତି, ଭୁବନେଶ୍ୱର, ୧୯୮୩, ପୃ. ୬୧୮ **ଆଧୁନିକ ଓଡ଼ିଆ ସାହିତ୍ୟ,** ଗ୍ରନ୍ଥମନ୍ଦିର, କଟକ, ୧୯୭୧, ପୃ. ୭୦

୪ : ଶ୍ରୀ ରାମକୃଷ୍ଣ ନନ୍ଦ, **ଓଡ଼ିଆ ଶିଶୁସାହିତ୍ୟ ସଂକଳନ,** ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ୧୯୮୨, ପୃ. ୨୧

୫ : ଡକ୍ଟର ଜଗନ୍ନାଥ ମହାନ୍ତି, "ଶିଶୁ ସାହିତ୍ୟରଥୀ ଗୋଦାବରୀଶ" **ଓଡ଼ିଶା ପୂଜ୍ୟପୂଜା ସଂସଦ,** କଟକ, ୧୯୮୬ ।

୬ : ଏଜନ୍ **ସମାଲୋଚନା ସଂଗ୍ରହ,** ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୧୯୭୧ ।

୭ : ଡକ୍ଟର ମନୀନ୍ଦ୍ର ମହାନ୍ତି, **ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ,** ପି.ଏଇଚ.ଡ଼ି, ସନ୍ଦର୍ଭ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ୧୯୭୬

# ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦଙ୍କର ଓଡ଼ିଆ ଶିଶୁକିଶୋର ସାହିତ୍ୟକୁ ଅବଦାନ

**ପ୍ରସ୍ତାବନା :**

ସର୍ବଶ୍ରୀ ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦ ଓଡ଼ିଆ ଶିଶୁସାହିତ୍ୟର ଦୁଇଜଣ ମହାରଥୀ । ଉଭୟଙ୍କର ଅବଦାନକୁ ଗୋଟିଏ ନିବନ୍ଧରେ ଆଲୋଚନା କରିବା ଅତ୍ୟନ୍ତ କଷ୍ଟକର । ଦୁଇଟି ସାରସ୍ୱତ ସରିତ୍ ସଦୃଶ ସେମାନେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିଛନ୍ତି, ଏବଂ ଦୁଇଟି ବତୀଘର ପରି ବହୁ ଶିଶୁ ଓ କିଶୋର ସାହିତ୍ୟସ୍ରଷ୍ଟାଙ୍କୁ ଦିଗ୍‌ଦର୍ଶନ ଓ ପ୍ରେରଣାର ଆଲୋକ ଦେଇଛନ୍ତି । ସାହତ୍ୟକାରମାନଙ୍କ ଜୀବନଧାରା ଓ ଜୀବନଦର୍ଶନ ସେମାନଙ୍କର ସୃଷ୍ଟିକୁ ବିଶେଷଭାବରେ ପ୍ରଭାବିତ କରିଥାଏ । ସେହିଦୃଷ୍ଟିରୁ ଉଦୟନାଥ ଓ ରାମକୃଷ୍ଣଙ୍କର ଜୀବନ ସଂଗ୍ରାମ ଓ ମୂଲ୍ୟବୋଧ ସେମାନଙ୍କର ସାହିତ୍ୟିକ କୃତିଗୁଡ଼ିକରେ ରୂପାୟିତ ହେବା ସ୍ୱାଭାବିକ । ଏହି ପ୍ରବନ୍ଧରେ ଦୁହିଁଙ୍କର ଅବଦାନର ମୂଲ୍ୟାୟନ କରିବାକୁ ଯିବା ପୂର୍ବରୁ ସେମାନଙ୍କ ଜୀବନଧାରାରେ ଥିବା ସାମ୍ୟ ଓ ବୈଷମ୍ୟର ସମ୍ୟକ୍ ସୂଚନା ଦେବା ସମୁଚିତ ମନେ କରୁଛି ।

ସଂଶିତ ସାହିତ୍ୟିକ ଦ୍ୱୟ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଜନ୍ମଲାଭ କରିଥିଲେ ଓଡ଼ିଶାର ସୁଦୂର ପଲ୍ଲୀ ଅଂଚଳରେ ଓ କୁଳୀନ ଅଥଚ ନିମ୍ନ ମଧ୍ୟବିତ୍ତ ପରିବାରରେ । ଶିକ୍ଷାଲାଭ କରିବା ପାଇଁ ଉଭୟେ କଠୋର ସଂଗ୍ରାମ କରିଛନ୍ତି ଏବଂ ଛାତ୍ରାବସ୍ଥାରୁ ଭାରତର ଐତିହାସିକ ସ୍ୱାଧୀନତା ସମରରେ ସକ୍ରିୟ ଭାବରେ ଯୋଗଦାନ କରିଛନ୍ତି । ଉଭୟେ ଜାତିର ପିତା ମହାତ୍ମାଗାନ୍ଧିଙ୍କର ସତ୍ୟ, ଶାନ୍ତି ଓ ଅହିଂସା ନୀତିରେ ବିଶେଷ ଭାବରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ । ଓଡ଼ିଶାର ପ୍ରସିଦ୍ଧ ଜାତୀୟ ବିଦ୍ୟାଳୟ ସତ୍ୟବାଦୀ ବନବିଦ୍ୟାଳୟ ଓ ଜାତୀୟ ଶିକ୍ଷାନୁଷ୍ଠାନ ଅଳକାଶ୍ରମରେ ଉଭୟେ ଛାତ୍ର ଥିଲେ ଏବଂ ସେଗୁଡ଼ିକର ଉଚ୍ଚକୋଟୀର ଆଦର୍ଶ, ଆଭିମୁଖ୍ୟ ଓ ଜାତିସେବାର ମହାନ୍ ପରମ୍ପରାରେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ସାକ୍ଷୀଗୋପାଳର ଜାତୀୟ ବିଦ୍ୟାଳୟରେ ଯେଉଁମାନେ ଥିଲେ ଶିକ୍ଷକ, ସ୍ରଷ୍ଟା ଓ ସାରଥୀ, ସେମାନେ ସେତେବେଳେ ଓଡ଼ିଆ ଜାତିର ଜନଜୀବନକୁ ଆଚ୍ଛନ୍ନ ଓ ଅଭିମନ୍ତ୍ରିତ କରିଥିଲେ । ଉଭୟେ ସେମାନଙ୍କର ସଂପର୍କ ଓ

ସାନ୍ନିଧ ଲାଭ କରି ଧନ୍ୟ ହୋଇଥିଲେ । କୌତୂହଳର ବିଷୟ ଯେ ଉଭୟେ ମୁଦ୍ରଣ ଶିଳ୍ପରେ ଗଭୀର ଜ୍ଞାନ ଓ ଦୀର୍ଘ ଅଭିଜ୍ଞତା ଲାଭ କରିଛନ୍ତି ଏବଂ ପତ୍ରପତ୍ରିକା ସଂପାଦନାରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି ।

ସାମ୍ୟ ଅପେକ୍ଷା ବୈଷମ୍ୟ ସେମାନଙ୍କର ଜୀବନଧାରାରେ କମ୍ ପରିଲକ୍ଷିତ ହେଲେ ହେଁ ତାର ସୂଚନା ଦେବା ବାଞ୍ଛନୀୟ । ଉଦୟନାଥଙ୍କର ଔପଚାରିକ ବା ଆନୁଷ୍ଠାନିକ ଶିକ୍ଷା (Formal Education) ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ, ଅଥଚ ଅନୌପଚାରିକ ଶିକ୍ଷାକ୍ଷେତ୍ରରେ ତାଙ୍କର ସାଧନା ଅସୀମ । ମାତ୍ର ରାମକୃଷ୍ଣ ଜଣେ କୃତୀ ଛାତ୍ରଭାବରେ ବାଲ୍ୟକାଳରୁ, ଦୃଢ଼ ପ୍ରମାଣ ପ୍ରଦାନ କରିଛନ୍ତି ଏବଂ ଇଂରେଜି ଭାଷା ଓ ସାହିତ୍ୟରେ ଅନର୍ସ ରଖି କୃତିତ୍ୱର ସହିତ ବି.ଏ. ପାସ୍ କରି ଏମ୍. ଏ. ଶ୍ରେଣୀରେ ଅଧ୍ୟୟନ କରିଛନ୍ତି । ଶିକ୍ଷକତାରେ ତାଲିମ (D.Ed) ପାଇବା ପୂର୍ବରୁ ସେ ଶିକ୍ଷକ ଭାବରେ ସାଫଲ୍ୟ ଓ ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି ଏବଂ ଦୀର୍ଘ ଶିକ୍ଷକତା ପରେ ସେ ଶିକ୍ଷକ ତାଲିମ ପାଇବାକୁ ଯାଇଛନ୍ତି ଏବଂ ସେଥିରେ ସେ ସମଗ୍ର ଓଡ଼ିଶାରେ ସର୍ବପ୍ରଥମ ହୋଇଛନ୍ତି । ତେଣୁ ସେ ଥିଲେ ଜଣେ ନୈସର୍ଗିକ ଶିକ୍ଷକ । ମାତ୍ର ପରିସ୍ଥିତି କ୍ରମେ ଶିକ୍ଷକତାକୁ ତ୍ୟାଗ କରି ସେ ମୁଦ୍ରଣ ଶିଳ୍ପରେ ଦୀର୍ଘକାଳ ସ୍ୱାଧୀନ ଭାବରେ କାର୍ଯ୍ୟ କରିଛନ୍ତି । ପକ୍ଷାନ୍ତରରେ ଉଦୟନାଥ ଆହୁରି ଅଧିକ କାଳ ବରଂ ସମଗ୍ର ଜୀବନକାଳ ମୁଦ୍ରଣ ଶିଳ୍ପରେ ଉତ୍ସର୍ଗ କରିଥିଲେ ଏବଂ ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ଉଭୟେ, ସାହିତ୍ୟ ବିଶେଷତଃ ଶିଶୁକିଶୋର ସାହିତ୍ୟକୁ ଜୀବନସାଧନାର ପ୍ରଧାନ ମାଧ୍ୟମ କରିଛନ୍ତି । ମାତ୍ର ପରିବାର ପୋଷଣରେ ମୁଖ୍ୟ ଉପଜୀବ୍ୟ ବା ବୃତ୍ତି ଭାବରେ ତାକୁ ଗ୍ରହଣ କରିନାହାନ୍ତି ।

ଉଦୟନାଥ ଓ ରାମକୃଷ୍ଣଙ୍କର ଜୀବନ ବହୁମୁଖୀ । ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଂଗଠକ, ଲେଖକ, ଶିକ୍ଷକ, ସାମ୍ବାଦିକ, ମୁଦ୍ରକର, ଚିତ୍ରକର, ସଂପାଦକ ଆଦି ବିଭିନ୍ନ ଭୂମିକାରେ ସେମାନେ କାର୍ଯ୍ୟ କରିଛନ୍ତି ଏବଂ ବ୍ୟକ୍ତିଗତ ଜୀବନ ତଥା ଜାତୀୟ ଜୀବନର କଠୋର ସଂଗ୍ରାମରେ ସକ୍ରିୟ ଭାଗ ନେଇଛନ୍ତି । ସେମାନେ "ବାନରସେନା" ଭାବରେ ସ୍ୱାଧୀନତା ସଂଗ୍ରାମରେ ଯୁଝିଛନ୍ତି, ମାତ୍ର କ୍ଷମତା ରାଜନୀତିରେ ପଶି ସେଥିରୁ ଫାଇଦା ଉଠାଇ ନାହାନ୍ତି । ସ୍ୱାଧୀନତା ପ୍ରାପ୍ତିପରେ ସେମାନେ ନିଜର କର୍ମ କରି ତଥା ବୃତ୍ତି ଧରି ଜୀବନ ନିର୍ବାହ କରିଛନ୍ତି ଓ ପରିବାର ପ୍ରତିପୋଷଣ କରିଛନ୍ତି । ନିଜର କର୍ମମୟ ଜୀବନ ଓ ଜାତିର ସଂଗ୍ରାମ ସାଧନାରେ ସେମାନଙ୍କର ବହୁବିଧ ଅଭିଜ୍ଞତା, ସେମାନଙ୍କର ସାହିତ୍ୟରଚନାକୁ ବିଶେଷ ଭାବରେ ପ୍ରଭାବିତ କରିଛି,

ସମୃଦ୍ଧ କରିଛି । ଏବେ ପ୍ରତ୍ୟେକଙ୍କର ଅବଦାନକୁ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବାକୁ ପ୍ରାସଙ୍ଗିକ ଓ ଯଥାର୍ଥ ମନେ କରୁଛି ।

## ଉଦୟନାଥ ଷଡ଼ଙ୍ଗୀ

### ପୃଷ୍ଠଭୂମି ଓ ପ୍ରସ୍ତୁତି

ଉଦୟନାଥ ଏକ ଦରିଦ୍ର ପରିବାରରେ ୧୯୪୫ ମସିହାରେ ଜନ୍ମଗ୍ରହଣ କରିଥିଲେ ହେଁ ତାଙ୍କର ଦୃଢ଼ ମନୋବଳ, ଗଭୀର ଅଧ୍ୟବସାୟ ଓ ସାଧନା ବାଲ୍ୟକାଳରୁ ପରିସ୍ଫୁଟ ହୋଇଥିଲା । ସେ ସମ୍ବେଦନଶୀଳ ଓ ସ୍ପର୍ଶକାତର ହୋଇଥିବାରୁ ନିଜର ଜୀବନ ଓ ପରିବେଶର ବହୁବ୍ୟକ୍ତି, ବସ୍ତୁ ଓ ଘଟଣା ପ୍ରତି ଖୁବ୍ ସଚେତନ ଥିଲେ ଏବଂ ସେମାନଙ୍କ ସଂପର୍କରେ ନିଜର ଭାବନା ଓ ଅନୁଭୂତିକୁ ପ୍ରକାଶ କରିଥିଲେ ଏବଂ ସେମାନଙ୍କ ସଂପର୍କରେ ନିଜର ଭାବନା ଓ ଅନୁଭୂତିକୁ ପ୍ରକାଶ କରିବାରେ ସଚେଷ୍ଟ ଥିଲେ । ତେଣୁ ସାହିତ୍ୟକୁ ସେ ନିଜ ଦୁଃଖସୁଖର ଅଭିବ୍ୟକ୍ତିର ମାଧ୍ୟମଭାବରେ ଛାତ୍ର ତଥା କୈଶୋରାବସ୍ଥାରୁ ଗ୍ରହଣ କରିନେଇଥିଲେ । ଅଳକାଶ୍ରମରେ ପାଠପଢୁ ଥିଲାବେଳେ ହାତଲେଖା ପତ୍ରିକା ''ଅଳକା''ରେ ତାଙ୍କର ପ୍ରଥମ କବିତା ''ଅଳକା'' ପ୍ରକାଶିତ ହୋଇଥିଲା ।

ତରୁଣ ଜୀବନରେ ଦେଶର ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ତାର କଠୋର ସଂଗ୍ରାମ, ଦୁଃଖକଷ୍ଟ ଓ ପୀଡ଼ନ ସହିତ ଜାତୀୟ ଉନ୍ମାଦନା ଓ ପ୍ରେରଣା ସେ ମର୍ମେ ମର୍ମେ ଉନୁଭବ କରିଥିଲେ । ତତ୍କାଳୀନ ଜାତୀୟ ପ୍ରେମ ଓ ଉଦ୍‌ବୋଧନ ଯେଉଁ କବିତା ଓ ସଂଗୀତଗୁଡ଼ିକରେ ଅଭିବ୍ୟକ୍ତ ହୋଇଥିଲା, ସେଗୁଡ଼ିକର ପାଠ ଓ ଗାନ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଜାତୀୟ କବି ବୀରକିଶୋରଙ୍କ ରଚିତ ''ଏ ଯେ ଗୁଣ୍ଡା ସରକାର, ସବୁବେଳେ ତାର ହୁଣ୍ଡା କାରବାର'', ''ମୋତେ ଯେତେ ମାରିବୁ ମାର, ଦେଶ ପାଇଁ ମୁଣ୍ଡ ପାଣି ଛଡ଼ାଇଛି, ବେତମାଡ଼ କିବା ଛାର'' ତାଙ୍କୁ ଉଦବୁଦ୍ଧ କରିଥିଲା । ପୁଣି ବୈଷ୍ଣବ ପାଣିଙ୍କ ଯାତ୍ରାରେ ଦୁଆରୀ କେତେ ଅଙ୍ଗଭଙ୍ଗୀ କରି ଗାଉଥିଲେ, ସେ ଦେଖି ଅଭିଭୂତ ହୋଇଥିଲେ ।

ଦେଖ ଦେଖ ଭାଇ                ଭାଙ୍ଗିଲାଣି ଆଜି

ଗୋରାଙ୍କ ଜିଅଲଖାନା ହେ,

କାଲିର କାଇଦା                ନାହିଁ ଆଜି ଆଉ

ପଶନ୍ତି ସ୍ୱରାଜ ସେନା ହେ

ଚିହ୍ନିଲାଣି ସରକାର

ଲାଭ ହାନି ପୁଣି କେତେ କର ହେ,

ଏହା ତାଙ୍କୁ ଅନୁପ୍ରାଣିତ କରିଥିଲା

କଟକସ୍ଥ ଟାଉନ ଭିକ୍‌ଟୋରିୟା ହାଇସ୍କୁଲ୍ ଯାହା ପରେ ଭକ୍ତମଧୁ ବିଦ୍ୟାପୀଠ ହୋଇଥିଲା, ସେଠାରେ ଉଦୟନାଥ ମାଟ୍ରିକ ଶ୍ରେଣୀରେ ପଢୁଥିଲାବେଳେ ସ୍କୁଲ୍‌ପତ୍ରିକା ''ମଧୁବାଣୀ''ର ସଂପାଦନା ଓ ପ୍ରକାଶନ ଭାର ଗ୍ରହଣ କରିଥିଲେ । ସେତେବେଳେ ଓଡ଼ିଶାରେ ଶିଶୁପତ୍ରିକା ନଥିଲା କହିଲେ ଚଳେ । ଆଡ଼ଭୋକେଟ ଚିନ୍ତାମଣି ଆଚାର୍ଯ୍ୟ ଓ ଶିକ୍ଷକ ଅଗଣି ଦାଶଙ୍କ ସଂପାଦିତ ''ପଞ୍ଚାମୃତ''ରେ ଉଦୟନାଥ ପିଲାମାନଙ୍କ ପାଇଁ କେତେକ ଐତିହାସିକ ଗଳ୍ପ ପ୍ରକାଶ କରିଥିଲେ ।

**କଥାସାହିତ୍ୟ :**

୧୯୨୮ ମସିହାରେ ସେହି ଗଳ୍ପଗୁଡ଼ିକୁ ଏକତ୍ର କରି ସେ ବ୍ରହ୍ମପୁରସ୍ଥ ଷ୍ଟୁଡ଼େଣ୍ଟସ ଷ୍ଟୋରକୁ ପ୍ରକାଶ କରିବାକୁ ଦେଇଥିଲେ । ତାହା ''ଓଡ଼ିଶାର ଇତିହାସ କଥା'' ନାମରେ ଆତ୍ମପ୍ରକାଶ କରିଥିଲା । ତାହାହିଁ ଥିଲା ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ । ଉଦୟନାଥଙ୍କ ନିଜ ଭାଷାରେ ''ଗଞ୍ଜାମ, କୋରାପୁଟ ସେ ସମୟରେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଥିଲା । ମାନ୍ଦ୍ରାଜ ଟେକ୍‌ଷ୍ଟବୁକ୍ କମିଟି ଓଡ଼ିଆ ସ୍କୁଲ୍‌ରେ ତାକୁ ଅତିରିକ୍ତ ସାହିତ୍ୟ ରୂପେ ମଞ୍ଜୁର କରିଥିବାରୁ ଏପୁସ୍ତକଟି କ୍ରମାନ୍ୱୟରେ ବତିଶଥର ପୁନଃମୁଦ୍ରିତ ହୋଇଥିଲା । ବର୍ତ୍ତମାନ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏବେ ମଧ କହନ୍ତି ଯେ, ପ୍ରାଇମେରୀ ସ୍କୁଲ୍‌ରେ ସେମାନେ ଓଡ଼ିଶାର ଇତିହାସ କଥା ପଢ଼ିଥିଲେ'' (୧୯୮୧, ପୃ. ୧୯୪)

ଉଦୟନାଥଙ୍କର କ୍ଷୁଦ୍ରଉପନ୍ୟାସ ''ବିଲୁଆ ନନାର ବାହାଘର'' ପ୍ରଥମେ ବାଳକୃଷ୍ଣ କରଙ୍କ ସଂପାଦିତ ଶିଶୁପତ୍ରିକା ''ଜହ୍ନମାମୁଁ''ରେ କ୍ରମାନ୍ୱୟରେ ପ୍ରକାଶିତ ହୋଇଥିଲା । ପୁସ୍ତକାକାରରେ ପ୍ରକାଶିତ ହେଲା ପରେ ଛଅଥର ମୁଦ୍ରିତ ହେବାର ଗୌରବ ଲାଭ କରିଛି ।

ସରଳତରଳ ଭାଷା, ସ୍ୱାଭାବିକ କଥନଶୈଳୀ, ମନଛୁଆଁ କବିତାଂଶ, ମଉଜିଆ ଚିତ୍ର ଆଦି ଏହି ପୁସ୍ତକଟିକୁ ଖୁବ୍ ଲୋକପ୍ରିୟ କରିଥିଲା । ତାଙ୍କର ଆକର୍ଷଣୀୟ ଶୈଳୀ ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟହେବ ।

''ଗୋଟିଏ ବଣ ଥିଲା- ଭଲ ବଡ଼ ବଣ । ସେଥିରେ କେତେ ଗଛ, କେତେ ଲଟା, କେତେ ବୁଦା - କେହି କହି ପାରିବନାହିଁ । ତା' ଭିତରେ କେବେହେଲେ ଟିକିଏ ଆଲୁଅ ପଡ଼େ ନାହିଁ । ଗଛରେ ବହୁତ ରକମର ଫୁଲ ଫୁଟିଥାଏ, ଫଳ ଫଳିଥାଏ; କେତେ ଫୁଲ କଢ଼ ହୋଇଥାଏ, କେତେ ଫୁଟି କରି ଗଛରେ ଦୋହଲୁଥାଏ । କେତେ ବା ତଳେ ଝଡ଼ି ଜମା ହୋଇଥାଏ । ସେମିତି କେତେ ଫଳ କଷି ହୋଇଥାଏ, କେତେ ପାଚି ଓହଳିଥାଏ, କେତେପୁଣି ତଳେ ପଡ଼ିଥାଏ । ସେ ଫୁଲ ଆଉ ପାଚିଲାଫଳ ବାସନାରେ ବଣଟାଯାକ ମହକି ଉଠୁଥାଏ । (୧୯୯୧ ପୃ.୧)

ଏହାର ସଫଳତାରେ ଉତ୍ସାହିତ ହୋଇ ଉଦୟନାଥ ପଶୁପକ୍ଷୀ ଆଧାରିତ ବହୁ ପୁସ୍ତକ ରଚନା କଲେ । ସେଗୁଡ଼ିକ ମଧ୍ୟରେ ''ମାଙ୍କଡ଼ର ଦେଶ ଭ୍ରମଣ'', ''ମିନିର ମନକଥା'', ''ବାଦୁଡ଼ି ମହାସଭା'', ''ଆମେ ଦେଖିନଥିବା ଜୀବଜନ୍ତୁ'' ଏବଂ ବାଘଭାଲୁ, କୁମ୍ଭୀର, ଜଳହସ୍ତୀ ସଂପର୍କରେ ପୁସ୍ତିକାମାନ ଆଦରଲାଭ କରିଛି । ତାଙ୍କର ମନୋରଂଜକ ଶୈଳୀ ''ମାଙ୍କଡ଼ର ଦେଶଭ୍ରମଣ'' (୧୯୯୧ ପୃ. ୩-୪)ର ଏକ ଉଦ୍ଧୃତାଂଶରୁ ଜାଣିହେବ ।

''ସବୁଠାରୁ ତାକୁ ଭଲ ଲାଗିଲା ଗୋଟାଏ ଅଦ୍‌ଭୁତ ରକମର ପଶୁ । ସେ ପଶୁ ଠିକ୍ ତାରି ପରି । ତା'ରି ମୁହଁ ପରି ମୁହଁ, ଆଖି, କାନ, ନାକ । କିନ୍ତୁ ସେ ସବୁବେଳେ ଦୁଇଟା ଗୋଡ଼ରେ ଚାଲୁଛି । ତା'ର ପଛଆଡ଼େ ଲାଙ୍ଗୁଡ଼ ନାହିଁ କି ଦେହରେ ବାଳନାହିଁ । ସେ ଶୁଣିଲା ଏହି ପଶୁକୁ ନର କହନ୍ତି । ମନରେ ଭାବିଲା, ଠିକ୍ ଠିକ୍ ଆମ ସାନଭାଇ । ଆମେ ତ ବଡ଼ଭାଇ- ତେଣୁ ଆମେ ବାନର । ସେ ସାନବୋଲି ତା' ନାମ ଆଗରୁ, 'ବା'ଟି କଟିଯାଇଛି; ସେ ହୋଇଛି 'ନର' ।''

ଏହାଛଡ଼ା ଇଶପ, ଜାତକ କଥା, ଜାତକ ଗଳ୍ପ, ବୌଦ୍ଧଜାତକ, ବଣଜଙ୍ଗଲର ଜୀବଜନ୍ତୁ ଆଦିରେ ଉଦୟନାଥ ଶିଶୁ ଓ କିଶୋରମାନଙ୍କର ପ୍ରିୟ ପଶୁପକ୍ଷୀମାନଙ୍କୁ ଚରିତ୍ର ଭାବରେ ଗ୍ରହଣ କରି ଅତି ଶିକ୍ଷଣୀୟ ଓ ମନୋରଞ୍ଜକ କାହାଣୀମାନ ଉପସ୍ଥାପନ କରିଛନ୍ତି । ''କୁତୁକୁତୁ'' ଶୀର୍ଷକ ଏକ ସିରିଜରେ ମନମତାଣିଆ ଗଳ୍ପ ଓ ଚିତ୍ରର ଏକ ମଧୁର ସମନ୍ୱୟ ଘଟାଇଛନ୍ତି ଏବଂ ପିଲାମାନେ ସେଗୁଡ଼ିକ ପାଠକଲେ ହସିହସି ବେଦମ

ହୋଇପଡ଼ିଥାନ୍ତି । ଆଦିବାସୀ କଥା ପୁସ୍ତକଗୁଡ଼ିକରେ ସେ ବିଭିନ୍ନ ଅଂଚଳର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଗଳ୍ପଗୁଡ଼ିକୁ ପ୍ରକାଶ କରିଛନ୍ତି ।

**ରଚନା ଓ ଆଲୋଚନା :**

ଆଧୁନିକ ବିଶ୍ୱରେ ଜ୍ଞାନ ବିଜ୍ଞାନରେ ବିସ୍ଫୋରଣ ଘଟିଛି ପିଲାମାନଙ୍କର ମନଛୁଆଁ ଢ଼ଙ୍ଗରେ ବହୁ ଶିକ୍ଷାପ୍ରଦ ଓ ଜ୍ଞାତବ୍ୟ ତଥ୍ୟ ପରିବେଷଣ କରିବାକୁ ଉଦୟନାଥ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । 'ବିଚିତ୍ର ମାନବ' ଶୀର୍ଷକ ଏକ ସିରିଜରେ ଏସ୍କିମୋ, ଲୋହିତ ଭାରତୀୟ, ବେଦୁଇନ, ଆଫ୍ରିକାର ପିଗ୍‌ମୀ, ଜୁଲକାଫ୍ରି ପ୍ରଭୃତି ମନୁଷ୍ୟଗୋଷ୍ଠୀର ଜୀବନ ଓ ଜଗତ ସଂପର୍କରେ ପିଲା ଓ କିଶୋରମାନଙ୍କୁ ବହୁ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରିଛନ୍ତି । ବହି, କଲମ, କାଗଜ, ଲୁଣ, ଲୁଗା, କିରୋସିନି ପ୍ରଭୃତି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରସ୍ତୁତି ଓ ପରାକାଷ୍ଠା ସଂପର୍କରେ ଉଦୟନାଥ ଅତି ଚିତ୍ତାକର୍ଷକ ପୁସ୍ତକମାନ ରଚନା କରିଛନ୍ତି ।'' ଆମ ଗ୍ରହ ଉପଗ୍ରହ'' ସରିଜରେ ସେ ସୂର୍ଯ୍ୟଚନ୍ଦ୍ର, ପୃଥିବୀ, ମଙ୍ଗଳ, ଧୂମକେତୁ ଇତ୍ୟାଦି ସଂପର୍କରେ ଆଲୋକପାତ କରିଛନ୍ତି । ନୀରସ ବୈଜ୍ଞାନିକ ତଥ୍ୟଗୁଡ଼ିକ ମନୋରଞ୍ଜକ ଶୈଳୀରେ ପରିବେଷିତ ହୋଇ ଖୁବ୍ ଆଦରଲାଭ କରିଛି ।

**ଜୀବନୀ**

ଶିଶୁ ଓ କିଶୋରମାନଙ୍କ ସମ୍ମୁଖରେ ମହାପୁରୁଷମାନଙ୍କର ଜୀବନ ଓ କାର୍ଯ୍ୟକଳାପର ଉଚ୍ଚ ଆଦର୍ଶ ରଖିବା ପାଇଁ ଉଦୟନାଥ ସତତ ଯତ୍ନଶୀଳ । ସେମାନଙ୍କୁ ଜାତୀୟବୀର ତଥା ମହାତ୍ମାମାନଙ୍କର ତ୍ୟାଗ ସେବା ଓ ଉତ୍ସର୍ଗୀକୃତ ଜୀବନର ମୂଲ୍ୟବୋଧ ବିଷୟକ ଧାରଣା ପ୍ରଦାନ କଲେ ସେମାନେ ପ୍ରେରଣା ଲାଭ କରିବେ, ଶିକ୍ଷା କରିବେ ଏବଂ ନିଜର ସ୍ୱଭାବ ଗଠନ କରିବେ । ''ପିଲାଙ୍କ ଜୀବନୀ ଗ୍ରନ୍ଥମାଳା'' ଶୀର୍ଷକ ସିରିଜରେ ସେ ମହାତ୍ମାଗାନ୍ଧି, ପଣ୍ଡିତ ନେହେରୁ ପ୍ରମୁଖ ଜାତୀୟ ବୀରଙ୍କ ଠାରୁ ଆରମ୍ଭ କରି ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର ପ୍ରମୁଖ ଆମ ରାଜ୍ୟର ମହାପୁରୁଷମାନଙ୍କ ଜୀବନୀ ଚିତ୍ତାକର୍ଷକ ଶୈଳୀରେ ପରିବେଷଣ କରିଛନ୍ତି । ''ପିଲାଙ୍କ ବୁଦ୍ଧଦେବ''ରେ ବୁଦ୍ଧଦେବଙ୍କ ଜୀବନ ଚରିତ ସରଳ ଭାଷା ଓ ସୁନ୍ଦର ରୁଚି ମାଧ୍ୟମରେ ବର୍ଣ୍ଣିତ ହୋଇଛି ।

**ଅନୁବାଦ**

ଅନୁବାଦରେ ଉଦୟନାଥ ସାହିତ୍ୟିକ ଜୀବନର ପ୍ରାରମ୍ଭରୁ ନିଜର ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିଛନ୍ତି। ତାଙ୍କର ଅନୂଦିତ ''ଟମକକାଙ୍କ କୁଟୀର'' ଓଡ଼ିଶାର ଘରେ ଘରେ ପରିଚିତ। ଏହି ପୁସ୍ତକଟିର ଅନୁବାଦ ପଛରେ ତାଙ୍କର କେତେ ଆଗ୍ରହ, ଆନନ୍ଦ ଓ ଆବେଗ ରହିଥିଲା, ତାହା ତାଙ୍କର ନିଜ ଆତ୍ମଜୀବନୀରେ ଅଭିବ୍ୟକ୍ତ। ''ସବୁ ସମୟରେ ସବୁ ପ୍ରକାର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପଠନ ସ୍ପୃହା ବଳବତ୍ତର ରହିଥାଏ। କୌଣସି ବନ୍ଧୁଙ୍କଠାରୁ Uncle Tom's Cabin ପୁସ୍ତକଟି ମିଳିଲା ସତ୍ୟବାଦୀ ସ୍କୁଲ୍‌ରେ ପାଠ୍ୟପୁସ୍ତକ ଥିବା ଗୋଟିଏ ଇଂରାଜୀ ସଂକଳନ ପୁସ୍ତକରେ। ଏହି ଉପନ୍ୟାସର 'ଟପ୍‌ସୀ' ଅଧ୍ୟାୟଟି ସ୍ଥାନ ପାଇଥିଲା। ଇଂରାଜୀ ଶିକ୍ଷକ ପଣ୍ଡିତ ଲିଙ୍ଗରାଜ ମିଶ୍ର ଏଭଳି ଭାବରେ ବୁଝାଇଥିଲେ ଯେ ଛାତ୍ରଙ୍କ ମନରେ ତାହା ଗୋଟିଏ ଦାଗ କାଟିଦେଇଥିଲେ। ଉପନ୍ୟାସଟି ଦୁଇଟି ମାତ୍ର ରାତ୍ରି ଅନିଦ୍ରା ହୋଇ ଶେଷ କରିଥିଲି। ତାପରେ ପରେ ବୋଧହୁଏ ୧୯୩୦ରେ କଟକକୁ ଆସିଲା ନିର୍ବାକ ଚଳଚିତ୍ର Uncle Tom's Cabin, ଲାଗଲାଗ ତିନିଦିନ ତାହା ଦେଖିବାକୁ ଗଲି। ଏତେଦୂର ମୁଗ୍ଧହେଲି ଯେ ଉପନ୍ୟାସଟିର ଓଡ଼ିଆ ଅନୁବାଦ କରିପକାଇଲି।'' (୧୯୮୪ ପୃ ୧୯୮)।

ଏହି ପୁସ୍ତକଟିର ଅନୁବାଦରେ ଭାଷାର ସରଳତା ଓ ଶୈଳୀରେ ସାବଲୀଳତା ଖୁବ୍ ମନୋମୁଗ୍ଧକର। ବିଷୟବସ୍ତୁର ସ୍ୱାଭାବିକତା ସହିତ ଲେଖକଙ୍କର ଅନୁବାଦ ଦକ୍ଷତା ଉଚ୍ଚକୋଟୀର। ପୁସ୍ତକଟି ସମଗ୍ର ରାଜ୍ୟରେ ଆଦର ଲାଭ କରିପାରିଛି ଓ ବହିଟିର ବହୁ ସଂସ୍କରଣ ପ୍ରକାଶ ପାଇଛି।

**କବିତା**

ଉଦୟନାଥ ମନୋରଞ୍ଜକ ଓ ଶିକ୍ଷଣୀୟ କବିତା ରଚନାରେ ସିଦ୍ଧହସ୍ତ। ତାଙ୍କର ଶିଶୁ ଓ କିଶୋରସୁଲଭ କବିତା ପୁସ୍ତକଗୁଡ଼ିକ ମଧ୍ୟରେ ''ଟୁଙ୍କୁ ମୂଷି'', ''ଚକାଚକା ଭଉଁରୀ'' ଓ ''ଜହ୍ନମାମୁଁ'' ବିଶେଷ ଉଲ୍ଲେଖଯୋଗ୍ୟ। ଲୋକପ୍ରିୟ ଶିଶୁପତ୍ରିକା ''ଜହ୍ନମାମୁଁ''ର ପ୍ରଥମ ପୃଷ୍ଠାରେ ବହୁଦିନ ଧରି ତାଙ୍କର କବିତାମାନ ଆତ୍ମପ୍ରକାଶ କରିଥିଲା। ସେଗୁଡ଼ିକ ପରେ ''ଟୁଙ୍କୁମୂଷି'' ପୁସ୍ତକଟିରେ ଏକତ୍ର ସନ୍ନିବେଶିତ ହୋଇଛି। ୧୯୫୮ ମସିହାରେ ତାଙ୍କ ରଚିତ ଜହ୍ନମାମୁଁରେ ଉଠ ଉଠ ଧନମଣି, ଆମେ ଛ'ଭାଇ, ଉଡ଼ିଗଲେ ଗେଣ୍ଡାଳିଆ, ମୋ ଜନ୍ମଭୂମି ପ୍ରଭୃତି ୧୮ଟି ହୃଦୟସ୍ପର୍ଶୀ କବିତା ସ୍ଥାନିତ ହୋଇଛି। ତାଙ୍କ କବିତାର ସ୍ୱାଦ ଚାଖିବା ପାଇଁ ତଳେ କେତୋଟି ପଦକୁ ଉଦ୍ଧାର କରାଗଲା।

''ରହ ରହ ଜହ୍ନମାମୁଁ ଯାଉ କାହିଁ ଧାଇଁ
ଇଚ୍ଛା ହୁଏ ମୋର ତୋହ ପାଶେ ଯିବା ପାଇଁ
ନେବୁକିରେ ମୋତେ ଟେକି ?
ଖୁସି ହେଉଥିବି ରାତିଦିନ ତୋତେ ଦେଖି !
ଦେହଗୋଟା ତୋର କଳାଦାଗେ ଅଛି ପୂରି
ଦିନବେଳା ଲୁଚି କାହିଁ ଖେଳୁଥିଲୁ ଧୂଳି ?
ମାଆ ଦେଲେ ନାହିଁ ଝାଡ଼ି
ଯାଉଛୁ କି ତେଣୁ ରୁଷି ଏକା ତାଙ୍କୁ ଛାଡ଼ି ?

ଶିଶୁସୁଲଭ କଳ୍ପନାକୁ ରୂପଦେଇ କବି ଉଦୟନାଥ ଜହ୍ନମାମୁଁଙ୍କୁ କହୁଛନ୍ତି

''କେତେ ଦୂରେ ରହିଛୁ ତୁ ମୁଁ ରହିଛି ତଳେ
ଟାଣି ହୋଇଯାଏ ମନ କି ସେନେହ ବଳେ
ନିଦ ମାଡ଼େ ନାହିଁ ମୋତେ
ଆଖିମଳି ଚାହିଁ ରହିଥାଏ ମୁହିଁ ତୋତେ ।

ସରଳତରଳ ଭାଷା ଓ ଭଙ୍ଗୀରେ ପିଲାମାନଙ୍କ ସ୍ପର୍ଶକାତର ମନର ଦୟାଧର୍ମ, ସ୍ନେହସୌହାର୍ଦ୍ଦ୍ୟର ଭାବ ସୃଷ୍ଟି କରିବାକୁ କବି ଉଦ୍ୟମ କରିଛନ୍ତି । ସେ ''ଉଡ଼ିଗଲେ ଗେଣ୍ଡାଳିଆ'' ରେ ଗାଇଛନ୍ତି-

ଉଡ଼ିଗଲେ ଗେଣ୍ଡାଳିଆ, ଝାଡ଼ିଦେଲେ ପର
ଚାଟଶାଳୀ ଛୁଟିହେଲା ଫେରିଲି ମୁଁ ଘର ।
ବାଟରେ ଦେଖିଲି ଏକ ଭିକମଗା ପିଲା
କାଲିଠାରୁ ଖାଇନାହିଁ ବିକଳେ କହିଲା ।
ଡାକି ଆଣି ମାଆ ପାଶେ କହିଲି ବୁଝାଇ
ମାଆ ଦେଲେ ଭାତ ଡାଲି ସୁଖେ ଗଲା ଖାଇ ।
ଯେଉଁ କାମ କରିବାକୁ ବତାଇଲେ ମାଆ,
ଅଝଟ ନହୋଇ ସଂଗେ ସଂଗେ କଲି ତାହା,
କୋଳକରି କହିଲେ ସେ ସୁନାମୋର ତୁହି,
ଏହିକଥା ନଭୁଲିବି କେବେହେଲେ ମୁହିଁ ।''

ଶିଶୁ ଓ କିଶୋରମାନଙ୍କ ବର୍ଦ୍ଧିଷ୍ଣୁ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସାହିତ୍ୟିକ ଉଦୟନାଥ ସତତ ଯତ୍ନଶୀଳ । ସେମାନଙ୍କ ମଧ୍ୟରେ ସୁଅଭ୍ୟାସମାନ ଗଠନ କରିବା ପାଇଁ ସେ ନିଜ କବିତାଗୁଡ଼ିକ ମାଧ୍ୟମରେ ଚେଷ୍ଟା କରିଛନ୍ତି । ଏହି ଶ୍ରେଣୀର କବିତାଗୁଡ଼ିକ ପାଠ କଲେ ଭକ୍ତକବି ମଧୁସୂଦନ ରାଓଙ୍କ ଶିଶୁକବିତା ସ୍ୱତଃ ମନୋରାଜ୍ୟରେ ପ୍ରକାଶିତ ହୁଏ । ଅବଶ୍ୟ ମନସ୍ତତ୍ତ୍ୱବିତ୍‌ଗଣ ପ୍ରତ୍ୟକ୍ଷ ଭାବରେ କୌଣସି ନୀତି ଶିକ୍ଷା ଦେବା ପିଲାମାନଙ୍କ ପାଇଁ ଅନୁକୂଳ ନୁହେଁ ବୋଲି ମତ ଦିଅନ୍ତି । ମାତ୍ର ପରୋକ୍ଷ ଭାବରେ ମନୋରଞ୍ଜନ ମଧ୍ୟରେ ସେମାନଙ୍କୁ ଶିକ୍ଷାଦାନର ସୁଯୋଗ ଦେବାକୁ କବି ଭୁଲିନାହାନ୍ତି ।

ସେ 'ସକାଳ' ଶୀର୍ଷକ କବିତାରେ ପ୍ରକାଶ କରିଛନ୍ତି ।

ଭାଙ୍ଗିଗଲା ନିଦ ମୋର ଶୁଣି କାଆ କାଆ,
କାଉ ଯେହ୍ନେ କହିଗଲା ମନେ ରଖି ଥାଆ ।
ଯାହା ଅଛି ଆଜି କାମ ଆଜି ଦେବୁ ସାରି
କାଲିକି ରଖିବୁ ନାହିଁ ହେଉ ଯେତେ ଭାରି ।
'ଆଜି' ଗଲେ ନଆସିବ ଆଉ କଦାଚିତେ
ଝୁରି ହେଉଥିବୁ କାଳେ କାଳେ ତୁହି ଚିତ୍ତେ ।

ଏହି ପୁସ୍ତକଟିରେ ଉଠ, ଉଠ ଧନମଣି, ମୋ ଦେଶ, ଆମେ ବାଳକ, ମାଙ୍କଡ଼ ଓ କୁମ୍ଭୀର, ମୋ ଜନ୍ମଭୂମି ଆଦି କବିତାଗୁଡ଼ିକ ଖୁବ୍ ହୃଦ୍ୟ ଓ ଚିତ୍ତଉଲ୍ଲାସକାରୀ । ଶିଶୁ ଓ କିଶୋରମାନଙ୍କର ମନକୁ ଛୁଇଁଲା ଭଳି ଭାଷା ଓ ଭାବର କି ଅପୂର୍ବ ଅଭିବ୍ୟକ୍ତି ।

**ଶିଶୁରାଇଜ :**

ଦୈନିକ 'ସମାଜ' ପୃଷ୍ଠାରେ 'ଶିଶୁରାଇଜ' ଶୀର୍ଷକ ଏକ ବିଭାଗ ଉଦୟନାଥଙ୍କ ସଫଳ ସଂପାଦନାରେ ସାର୍ଥକ । ଶିଶୁ ଓ କିଶୋର ସାହିତ୍ୟ ସୃଷ୍ଟିରେ ଏହା ସହାୟକ ହୋଇଥିଲା । ଶିଶୁ ଓ କିଶୋରମାନଙ୍କୁ ଅମାପ ଜ୍ଞାନବିଜ୍ଞାନ ଓ ପ୍ରଚୁର ଆବେଗିକ ଆନନ୍ଦାନୁଭୂତି ଦେବାକୁ ଏହା ଉଦ୍ଦିଷ୍ଟ ଥିଲା । ଏହି "ଶିଶୁରାଇଜ" ମାଧ୍ୟମରେ ସେ ଏକ ତରୁଣ ସାହିତ୍ୟିକ ଗୋଷ୍ଠୀ ଗଠନ କରିଥିଲେ, ଯେଉଁମାନେ ପରବର୍ତ୍ତୀ ଜୀବନରେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବରେ ନିଜର କୃତିତ୍ୱ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସାମଗ୍ରିକ ଭାବରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ।

# ରାମକୃଷ୍ଣ ନନ୍ଦ

## ପୃଷ୍ଠଭୂମି ଓ ପ୍ରସ୍ତୁତି

ପୂର୍ବରୁ ସୂଚିତ ହୋଇଛି ଯେ, ରାମକୃଷ୍ଣ ନନ୍ଦ ଏକ ଗ୍ରାମ୍ୟ ଓ ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ୧୯୦୬ ମସିହାରେ। ସେ ଥିଲେ ଉଜ୍ଜ୍ୱଳ ଓ ବହୁମୁଖୀ ପ୍ରତିଭାର ଅଧିକାରୀ। ଛାତ୍ରାବସ୍ଥାରୁ ସେ ବୌଦ୍ଧିକ ଉପଲବ୍ଧି ବ୍ୟତୀତ ଚିତ୍ରାଙ୍କନ, ଅଭିନୟ, ଆବୃତ୍ତି, ହସ୍ତଶିଳ୍ପ ଆଦିରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ। ୧୯୨୧ ମସିହା ବେଳକୁ ସେ ଜଣେ ତରୁଣ କୃତୀ ଛାତ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ ହେଁ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଇଂରେଜ ସରକାରଙ୍କ ବିରୋଧରେ ଧାରଣା, ପ୍ରତିବାଦ, ପଟୁଆର ଆଦି ସଂଗଠନ କରିଥିଲେ। କୁହାନଗରୀ ଆଶ୍ରମ, କଟକ ସ୍ୱରାଜ୍ୟାଶ୍ରମ ଓ ଜଗତସିଂହପୁର ଅଳକାଶ୍ରମରେ ରହି ସ୍ୱାଧୀନତା ସଂଗ୍ରାମରେ ''ବାନର ସେନା''ର ଭୂମିକା ଗ୍ରହଣ କରିଥିଲେ। ଶେଷରେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ଛାତ୍ର ଭାବରେ ରହି ତତ୍କାଳୀନ ଓଡ଼ିଶାର ବହୁ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସଂପର୍କରେ ଆସିଥିଲେ।

ଉପରୋକ୍ତ ସ୍ଥାନଗୁଡ଼ିକରେ ଯେଉଁମାନେ ଶିକ୍ଷକ ଥିଲେ, ସେମାନେ ଶିକ୍ଷାଦାନରେ ଯେମିତି, ସମାଜ ସଂଗଠନ ଓ ସାହିତ୍ୟ ସାଧନାରେ ସେମିତି ସ୍ୱନାମଧନ୍ୟ। ତେଣୁ ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ସାହିତ୍ୟ ରଚନା ପାଇଁ ପ୍ରେରଣାଲାଭ ଓ ଶକ୍ତି ସଂଗ୍ରହ କରିବାରେ ସେମାନେ ରାମକୃଷ୍ଣଙ୍କର ବିଶେଷ ସହାୟକ ହୋଇଥିଲେ। ଉଦୟନାଥ ଷଡ଼ଙ୍ଗୀ ଏହି ସମୟର ଏକ ଘଟଣାକୁ ତାଙ୍କ ଆତ୍ମଜୀବନୀ (୧୯୮୪ ପୃ-୪୮)ରେ ଉଲ୍ଲେଖ କରିଛନ୍ତି। ''ଅଳକା ନାମକ ଖଣ୍ଡିଏ ହାତଲେଖା ପତ୍ରିକା ଆଶ୍ରମରୁ ପ୍ରକାଶ କରାଗଲା। ପ୍ରଥମ ବାର୍ଷିକ ଉତ୍ସବରେ ଏହା ଉଦ୍‌ଘାଟିତ ହେଲା। ଶ୍ରୀ ରାମକୃଷ୍ଣ ନନ୍ଦ ପ୍ରଥମ ସଂଖ୍ୟାଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ଅକ୍ଷରରେ ଲେଖିଥିଲେ ଓ ପ୍ରଚ୍ଛଦ ପତ୍ରଟିକୁ ଚିତ୍ରରେ ସୁସଜ୍ଜିତ କରିଥିଲେ।'' ଏଥିରୁ ରାମକୃଷ୍ଣଙ୍କର ସାହିତ୍ୟ ପ୍ରତି ଥିବା ସ୍ୱାଭାବିକ ଶ୍ରଦ୍ଧା ଓ ମୁକ୍ତାନିନ୍ଦିତ ସୁନ୍ଦର ହସ୍ତାକ୍ଷର ତଥା ଚିତ୍ରାଙ୍କନର ସୂଚନା ମିଳେ।

ରାମକୃଷ୍ଣ କୃତୀ ଛାତ୍ର ଭାବରେ ଶିକ୍ଷାର ସବୁ ସ୍ତରରେ ବୃତ୍ତିଲାଭ କରିଥିଲେ । ସେ ଉଚ୍ଚଶିକ୍ଷା ଲାଭ କରିଥିଲେ ରେଭେନ୍ସା କଲେଜରେ । ସେତେବେଳେ ତାଙ୍କର ସାହିତ୍ୟିକ ସାଧନା ଥିଲା ଅନ୍ତଃସଲିଳା ଫଲ୍‌ଗୁଧାରା ପରି । ତାଙ୍କର କିଞ୍ଚିତ୍ ସୂଚନା ମିଳେ ତାଙ୍କର ଆତ୍ମଜୀବନୀ ''ଜୀବନ-ତରଙ୍ଗ'' (୧୯୮୯ ପୃ.୪୨)ରେ । ମୋର ପୂର୍ବତନ ବନ୍ଧୁ କୃଷ୍ଣଚନ୍ଦ୍ର ପ୍ରଧାନ ସେତେବେଳେ କଂଗ୍ରେସ କାମଛାଡ଼ି ପୁସ୍ତକ ବ୍ୟବସାୟ କରୁଥାନ୍ତି । ସେ ମୋଠାରୁ ମଧୁସୂଦନ ରାଓଙ୍କ ବାଲବୋଧ ଓ 'ସାହିତ୍ୟ ପ୍ରସଙ୍ଗ'ର ଦୁଇଖଣ୍ଡ ଟୀକା ବହି ଲେଖାଇ ନେଇ ମୋତେ ଏକଶହ ଟଙ୍କା ଦେଇଥିଲେ । ସେଥିରେ ମୁଁ ଖଣ୍ଡେ ହରକ୍ୟୁଲେସ୍ ସାଇକଲ୍ କିଣିଲି । ତେଣୁ କଲେଜକୁ ଯିବା ଆସିବାରେ ଟିକିଏ ସୁବିଧା ହେଲା । ''ସେ ବି.ଏ. ଓ ଏମ୍.ଏ. ପଢୁଥିଲାବେଳେ କଲେଜ ପତ୍ରିକା Ravenshavian ଓ ରାଜ୍ୟର ଲୋକପ୍ରିୟ ସାହିତ୍ୟପତ୍ରିକା 'ସହକାର'ରେ 'ତୁଳସୀ ଦାସ'ଙ୍କ ଜୀବନୀ ଓ ଦୋହା ସଂପର୍କରେ ଲେଖାମାନ ପ୍ରକାଶିତ ହୋଇଥିଲା । ଏହା ବ୍ୟତୀତ ସେ ମାଇନର୍ ଶ୍ରେଣୀ ଟ୍ରାନ୍ସଲେସନ୍ ଓ ମାଥ୍ୟୁ ଆରନଲଡଙ୍କ Sohrab and Rostum ର ପଦ୍ୟାନୁବାଦର ପାଣ୍ଡୁଲିପିମାନ ପ୍ରସ୍ତୁତ କରିଥିଲେ ।

**ପାଠ୍ୟପୁସ୍ତକ :**

ରାମକୃଷ୍ଣ ଥିଲେ ଆଜନ୍ମ ଶିକ୍ଷକ । ଇଂରେଜୀରେ ଗୋଟିଏ କଥା ଅଛି ''ଟିଚର୍ସ ଆର୍ ବର୍ନ, ନଟ୍ ମେଡ୍'' (Teachers are born, not made) ଶିକ୍ଷକଗଣ ଜନ୍ମିତ ହୋଇଥାନ୍ତି, ଗଢ଼ା ହୋଇନଥାନ୍ତି । ଏହି କଥାଟି ରାମକୃଷ୍ଣଙ୍କ ପରି ଅଳ୍ପ କେତେକ ସ୍ୱଭାବ ଶିକ୍ଷକଙ୍କ ପାଇଁ ପ୍ରଯୁଜ୍ୟ । ସେ ତଥାକଥିତ ଶିକ୍ଷକ ତାଲିମ (ଡି.ଇଡି.) ପାଇବା ପୂର୍ବରୁ ୭/୮ ବର୍ଷ କାଳ ଶିକ୍ଷକତା କରିଥିଲେ । ପୁଣି ବିଶେଷ ଦକ୍ଷତା ଓ ସାଫଲ୍ୟର ସହିତ ପ୍ରଥମରୁ ସେ ଥିଲେ ସତ୍ୟାନୁରାଗୀ, ଶ୍ରମନିଷ୍ଠ, ଜ୍ଞାନଲିପ୍ସୁ ଓ ଅଧ୍ୟବସାୟୀ । ସେ କାହାର ଦୟା, ଅନୁଗ୍ରହ ବା ଅନୁକମ୍ପାର ପ୍ରାର୍ଥୀ ହୋଇନାହାନ୍ତି । ସାରା ଓଡ଼ିଶାରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ବିଦ୍ୟାଳୟମାନଙ୍କରେ ତାଙ୍କର ଯେଉଁ ପ୍ରାର୍ଥନା ପ୍ରତିଦିନ ଛାତ୍ରଛାତ୍ରୀଗଣ ଗାଇଥାନ୍ତି, ତା'ର ଏକ ସାରଗର୍ଭକ ପଦ ''ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି'' ଏହା ଥିଲା ତାଙ୍କ ଜୀବନର ବ୍ରତ ଏବଂ ଏହି ବ୍ରତ ପାଳନରେ ସେ ନିଜର ଜୀବନକୁ କରିଛନ୍ତି ଉତ୍ସର୍ଗୀକୃତ, ବିଶେଷ ଭାବରେ ଓଡ଼ିଶାର ଶିଶୁ ଓ କିଶୋରମାନଙ୍କ ମଙ୍ଗଳ ନିମନ୍ତେ ସମର୍ପିତ । ଏଥିପାଇଁ ସେ ପାଠ୍ୟପୁସ୍ତକକୁ

ପ୍ରଧାନ ଆୟୁଧ ଭାବରେ ଏବଂ ଶିଶୁ/କିଶୋର ସାହିତ୍ୟକୁ ସାର୍ଥକ ମାଧ୍ୟମ ଭାବରେ ଗ୍ରହଣ କରିନେଇଥିଲେ ।

ଏହି ପ୍ରସଙ୍ଗରେ ସେ (ପୃ-୪) ଯଥାର୍ଥରେ କହିଛନ୍ତି "ତରୁଣ ଜୀବନରେ କେତୋଟି ପ୍ରବନ୍ଧ, ଗଳ୍ପ ଓ କବିତା ଲେଖିଥିଲି । ତା'ପରେ ଶିଶୁସାହିତ୍ୟ ରଚନାରେ ମୋର ପ୍ରାଣ ଢାଳିଦେଲି । ସାରା ଜୀବନ ସେଇ ଦିଗରେ ମୋର ଶକ୍ତି ବିନିଯୋଗ କରିଆସିଛି । ବିଶ୍ୱ ସାହିତ୍ୟଭଣ୍ଡାରରୁ ଉପାଦେୟ ଦ୍ରବ୍ୟ ଆହରଣ କରି ପାଠ୍ୟପୁସ୍ତକକୁ ଯୁଗୋପଯୋଗୀ କରିବା ମୋର ଲକ୍ଷ୍ୟ ଥିଲା । ପାଠ୍ୟପୁସ୍ତକ ରଚନାକୁ ସୃଜନଶୀଳ ପ୍ରତିଭାର ଅଧୋଗତି ବୋଲି କେହି କେହି ମନେ କରିଥାନ୍ତି । କିନ୍ତୁ ଉତ୍କୃଷ୍ଟ ପ୍ରତିଭା ଏଇଭଳି ଜାତି ଗଠନ କାର୍ଯ୍ୟରେ ନିୟୋଜିତ ନହେଲେ ପାଠ୍ୟପୁସ୍ତକ ନିତାନ୍ତ ନୀରସ ହୋଇଯାଏ । ଛାତ୍ରମାନଙ୍କ ମନ ଉପଯୁକ୍ତ ଖାଦ୍ୟସାର ଅଭାବରେ ଦୁର୍ବଳ ଓ ପୌରୁଷହୀନ ହୋଇପଡ଼େ । ଜଣେ ଶିକ୍ଷକ ଭାବରେ ସେଭଳି ପାଠ୍ୟପୁସ୍ତକର ଅଭାବ ଅନୁଭବ କରି ମୁଁ ସେ ଦିଗରେ ବ୍ରତୀ ହୋଇଥିଲି । ସାହିତ୍ୟିକ ଯଶଲିପ୍ସାକୁ ଜଳାଞ୍ଜଳି ଦେବାକୁ ହେଲା । ନିଜକୁ କବି, ନାଟ୍ୟକାର ଓ ପ୍ରାବନ୍ଧିକ ଭାବରେ ଗଢ଼ିନଥିଲେ ବି ଶତ ଶତ କିଶୋର ଜୀବନକୁ ସରସ, ସୁନ୍ଦର, ସାହସିକ, ସତ୍ୟବାଦୀ ଓ ତ୍ୟାଗପ୍ରବଣ କରିବା ଲାଗି ଚେଷ୍ଟା କରିଛି । ଏଥିରେ ମଧ୍ୟ ମୋର ପରମ ସନ୍ତୋଷ ।"

ପାଠ୍ୟପୁସ୍ତକ ଯେ ସୃଜନଶୀଳ ସାରସ୍ୱତ ପ୍ରତିଭାର ଅପେକ୍ଷା ରଖେ, ଏହା ରାମକୃଷ୍ଣ ତାଙ୍କର ରଚିତ ପାଠ୍ୟପୁସ୍ତକଗୁଡ଼ିକରେ ସ୍ପଷ୍ଟ ଭାବରେ ଦେଖାଇ ଦେଇଛନ୍ତି । ବାରିପଦାରେ ଶିକ୍ଷକତା କରିବା ସମୟ ଏଥିପାଇଁ ଖୁବ୍ ଅନୁକୂଳ ହୋଇଥିଲା । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ତାଙ୍କ ଲିଖିତ "ସାହିତ୍ୟସୋପାନ" (୧୯୩୪) ଏବଂ ୪ର୍ଥ ଓ ୫ମ ଶ୍ରେଣୀ ପାଇଁ "ସାହିତ୍ୟବୋଧ" (୧୯୩୮) ପାଠ୍ୟପୁସ୍ତକ ତାଙ୍କର ଏହି ସଦୁଦ୍ୟମର ଜ୍ୱଳନ୍ତ ଦୃଷ୍ଟାନ୍ତ । ଜାତୀୟ ବନବିଦ୍ୟାଳୟର ଶିକ୍ଷକ ବାସୁଦେବ ମହାପାତ୍ରଙ୍କ ସହିତ ମିଶି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଉପଯୋଗୀ "ରଚନା ଦର୍ପଣ" ପୁସ୍ତକ ରଚନା କରିଥିଲେ ଏବଂ ତାହା ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋର୍ ଦ୍ୱାରା ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ କାଳରେ "ସାହିତ୍ୟ ସୋପାନ"ର ୩ୟ ଓ ୪ର୍ଥ ଖଣ୍ଡ, "ପାଠ ସୋପାନ"ର ୧ମ, ୨ୟ, ଓ ୩ୟ ଭାଗ ପାଠ୍ୟପୁସ୍ତକ ରୂପେ ଖୁବ୍ ଆଦୃତ ହୋଇଥିଲା ।

ଆଜିର ବିଜ୍ଞାନ ଯୁଗରେ ଛାତ୍ରଛାତ୍ରୀମାନଙ୍କର ମାନସିକ ଦିଗ୍‌ବଳୟର ଉନ୍ମୋଚନ ନିମିତ୍ତ ବୈଜ୍ଞାନିକ ଘଟଣା, ବ୍ୟକ୍ତି ଓ ବସ୍ତୁକୁ ରୂପାୟନ କରିଛନ୍ତି ରାମକୃଷ୍ଣ ତାଙ୍କର ସୁପରିଚିତ ପୁସ୍ତକ "ସଂଗ୍ରାମ ଓ ସାଧନା" (୧୯୩୬ ଓ ୧୯୪୬)ରେ। କେତେବର୍ଷ ପାଇଁ ତାହା ଅତିରିକ୍ତ ସାହିତ୍ୟ ଭାବରେ ବିଭିନ୍ନ ଜିଲ୍ଲାରେ ପ୍ରଚଳିତ ହୋଇଥିଲା।

**ଶିଶୁ/କିଶୋର ସାହିତ୍ୟ :**

ରାମକୃଷ୍ଣ ଯଥାର୍ଥରେ କହିଛନ୍ତି (୧୯୮୨ ପୃ-ଏକ-ଦୁଇ) ଯେ ସାହିତ୍ୟ ଏକପ୍ରକାର ମାନସିକ ଖାଦ୍ୟ। ଶାରୀରିକ ଅବସ୍ଥାକୁ ବିଚାର କରି ଯେପରି ଖାଦ୍ୟ ପ୍ରସ୍ତୁତ କରାଯାଏ, ସେହିପରି ମାନସିକ ଅବସ୍ଥା ଓ ସାମର୍ଥ୍ୟକୁ ଦୃଷ୍ଟିଦେଇ ବିଭିନ୍ନ ସ୍ତରର ସାହିତ୍ୟ ସୃଷ୍ଟି କରାଯାଇଥାଏ। ତେଣୁ ଶିଶୁସାହିତ୍ୟର ଭାଷା ତ ସରଳ ଓ ସୁବୋଧ୍ୟ ହେବା ସର୍ବାଦୌ ଆବଶ୍ୟକ; କିନ୍ତୁ କେବଳ ସହଜ ଭାଷା ଉତ୍ତମ ଶିଶୁସାହିତ୍ୟର ମାନଦଣ୍ଡ ନୁହେଁ। ମଧୁସୂଦନଙ୍କ "ଆକାଶ ପ୍ରତି" କବିତାର "ତୋ ପରି ବୁଝିବ କିଏ ପୃଥିବୀ ବେଦନା" ? କିମ୍ବା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ "ନଚାହିଁଲା ହୋଇ, ପୋଥିଏ କଥା ନୟନେ କହଇ"ରେ କୌଣସି କଠିନ ଶବ୍ଦ ପ୍ରଯୁକ୍ତ ହୋଇନଥିଲେ ହେଁ ଏହାର ମର୍ମ ବୁଝିବା ଶିଶୁପକ୍ଷରେ ସହଜ କି ? ବିଷୟଟି ତା'ର ଅନୁଭୂତି ଓ ଅବଧାରଣା ସାପେକ୍ଷ ହେବା ବାଞ୍ଛନୀୟ।

**କବିତା :**

ଏହି ଦୃଷ୍ଟିରୁ ରାମକୃଷ୍ଣ ଦୈନନ୍ଦିନ ଜୀବନର ସାଧାରଣ ଘଟଣା ବା ବସ୍ତୁଠାରୁ ଜଟିଳ ରହସ୍ୟମୟ ବୈଜ୍ଞାନିକ ସଂଘଟନ ବା ତଥ୍ୟ ପର୍ଯ୍ୟନ୍ତ ସରଳ ସରସ ଓ ସୁବୋଧ୍ୟ ଶୈଳୀରେ ଅଭିବ୍ୟକ୍ତ କରିଛନ୍ତି କବିତା ଓ ଗଳ୍ପରେ। ପ୍ରଥମେ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଥିଲା ଏବଂ ପରେ 'ଝୁମୁକା'ରେ ସଂକଳିତ ହୋଇ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୮୦ ମସିହାରେ ପୁରସ୍କୃତ ହୋଇଥିଲା। "ଆହେ ଦୟାମୟ ବିଶ୍ୱବିହାରୀ"ର ସରଳ ତରଳ ଭାଷା ଓ ଭାବ ଯୋଗୁଁ ତାହା କିପରି ଲୋକପ୍ରିୟ ହୋଇପାରିଥିଲା, ପୂର୍ବରୁ ଆଲୋଚନା କରାଯାଇଛି। ତା'ର ପ୍ରଥମ ପଦଟି ହେଲା -

ଆହେ ଦୟାମୟ ବିଶ୍ୱବିହାରୀ
ଘେନ ଦୟାବହି ମୋର ଗୁହାରି

ଜଳ, ସ୍ଥଳ, ବନ, ଗିରି, ଆକାଶ
ତୁମ ଲୀଳା ସବୁଠାରେ ପ୍ରକାଶ ।

କିଶୋରମନ ସତତ ଅନୁସନ୍ଧିତ୍ସୁ। ପ୍ରାକୃତିକ ଘଟଣାଠାରୁ ସାମାଜିକ ଅଘଟଣା ପର୍ଯ୍ୟନ୍ତ ସବୁ ସେ ବୁଝିବାକୁ ଚାହେଁ । ଆଧୁନିକ ସମାଜର ବୈଷମ୍ୟ ତା' ମନରେ କିପରି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି, ରାମକୃଷ୍ଣ ଅତି ସୁନ୍ଦର ଭାବରେ ''କାହିଁକି'' କବିତାଟିରେ ରୂପାୟନ କରିଛନ୍ତି । ତା'ର କେତୋଟି ପଦ ହେଲା-

ବାବୁଲା ପଢ଼େ ଆମ ସାଥିରେ କହ, ମାଆ !
କେଉଁଠୁ ଆଣେ ଏତେ ପୋଷାକ ନୂଆ ନୂଆ ?
ବଢ଼ିଆ ଯୋତା ମୋଜା କାମିଜ ଭଳି ଭଳି,
କଲମ ଟକ ଟକ ସୁନାରୁ ଦିଶେ ବଳି ।

ଫୁଟିଛି କଣ୍ଟା ମୋର ଏଇ ଯେ, ପାଦ ତଳେ
ଛୋଟେଇ ଚାଲୁଅଛି ନଦେଉ ଜୋତା ହଳେ ।
ପୁରୁଣା ଜାମା ମୋର ହେଲାଣି ସାତ ସିଆଁ,
ଖଣ୍ଡିଏ ନୂଆ କିଣି ଦେଉନୁ ମତେ କିଆଁ ?

XXX XXX XXX. XXX

ବାବୁଲା ସାଥେ ମୁଁ ଯେ ପଢୁଛି ଏକା ପାଠ,
ଦୁହେଁ ତ ସାନ ପିଲା, ଦୁହେଁ ତ ଏକ ଚାଟ;
କହ ମା ! ତେବେ ଆମେ କେଉଁଠି ବଡ଼ ସାନ,
କାହିଁକି ପୁଣି ଏତେ ରହିଛି ଅସମାନ ?

ସମାଜର ଦଳିତ, ନିଷ୍ପେଷିତ ଓ ଅବହେଳିତ ପ୍ରତି ସହାନୁଭୂତି ରହୁ, ଶିଶୁ ଓ କିଶୋରଗଣ ପ୍ରଥମରୁ ସମାଜ ସଚେତନ ହୁଅନ୍ତୁ, ସମାଜର ବୈଷମ୍ୟ ଓ ବ୍ୟଭିଚାର ପ୍ରତି ସ୍ପର୍ଶକାତର ହୁଅନ୍ତୁ, ଏହା ଦରଦୀ ରାମକୃଷ୍ଣଙ୍କ ଉଦ୍ଦେଶ୍ୟ । ଆଉ ଏକ କବିତା ''ସାରଥୀର ଜନ୍ମଦିନ'' ରେ କବି, ଶିକ୍ଷକ ଭାବରେ ପିଲାମାନଙ୍କୁ ବୁଝାଇ ଦେବାକୁ ପଢ଼େ ସାରଥୀ ନାମ ଦରିଦ୍ର ବାଳକଟିଏ ତା'ର ଜନ୍ମଦିନ ପାଳିବାକୁ ଯାଇ କିପରି ବିଶୃଙ୍ଖଳିତ ଓ ସ୍ବେଚ୍ଛାଚାରୀ ହୋଇପଡ଼ିଛି ଏବଂ ଫଳସ୍ୱରୂପ ବହୁ ଦୁଃଖକଷ୍ଟର ଶରବ୍ୟ

ହୋଇଛି । ଶେଷରେ ତା'ର ଅନୁତାପ ହୋଇଛି, ଏହା ରାମକୃଷ୍ଣ ସରସ ଭାବରେ ବର୍ଣ୍ଣନା କରିଛନ୍ତି ।

ମାଇଲା ବୋଲୁଅ, କୁକୁର ରାଗେ ଆସିଲା ଧାଇଁ,
ସାରଥୀ ଗୋଡ଼କୁ କାମୁଡ଼ିଦେଇ ଗଲା ପଳାଇ ।
ବହୁ କଷ୍ଟେ ଉଠି ସାରଥୀ ଚାହେଁ ସଡ଼କ ତଳେ,
ନେଉଳ ଛୁଆଟି ପଶିଛି ବଣବୁଦା ଗହଳେ ।
ଧରିବାକୁ ତାକୁ ଧାଇଁଲା ସାର ପାଗଳ ପରି
ବେତନାସି ଲାଗି ଗାମୁଛା ଖଣ୍ଡ ଗଲା ସେ ଚିରି ।
ତହୁଁ ସେ ମନରେ ବିଚାରେ; ଏବେ ପାଇଲି ଦଗା,
ଖାଇଲି କଚଡ଼ା, କାମୁଡ଼ା, ଚିରଗଲା ମୋ ଲୁଗା ।
ଜାଣିଲି ଏବେ ମୁଁ କାହିଁକି ପିତାମାତା ଯେ, ମୋର
ଶାସନ କରନ୍ତି ମୋଠାରେ ହୋଇ ଏତେ କଠୋର ।

ଏହିପରି ବିଭିନ୍ନ ସ୍ୱାଦର ୧୦୨ ଟି କବିତା ଆଠଟି ଶ୍ରେଣୀରେ ବିଭକ୍ତ ହୋଇ ''ଝୁମୁକା' ପୁସ୍ତକଟିରେ ଆତ୍ମପ୍ରକାଶ କରିଛି ।

**ଗଳ୍ପ ଓ ଆଲୋଚନା :**

ରାମକୃଷ୍ଣଙ୍କ ଲିଖିତ ''ସଂଗ୍ରାମ ଓ ସାଧନା''ର ଦୁଇଟି ଭାଗରେ ବହୁ ଆବିଷ୍କାର ଓ ଉଦ୍‌ଭାବନର କାହାଣୀ ଚିତ୍ତାକର୍ଷକ ଭାବରେ ବର୍ଣ୍ଣିତ ହୋଇଛି । ପ୍ରକୃତିର ଗଳ୍ପପୁରୀ ଶୀର୍ଷକ ଏକ ପୁସ୍ତକରେ ରାମକୃଷ୍ଣ ପ୍ରକୃତିରେ ଘଟୁଥିବା ବିଭିନ୍ନ ଘଟଣା ଓ ଆତଯାତ କରୁଥିବା ପଶୁପକ୍ଷୀଙ୍କ ଜୀବନ ଓ କାର୍ଯ୍ୟକଳାପ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏହାଛଡ଼ା ''ଛଅଟି ଗଳ୍ପ ସିରିଜ'ରେ ବହୁ ସାମାଜିକ, ମନସ୍ତାତ୍ତ୍ୱିକ ଓ ବୈଜ୍ଞାନିକ ଗଳ୍ପ ଆତ୍ମପ୍ରକାଶ କରିଛି । ୧୯୮୪ରୁ ୧୯୮୬ ମସିହା ମଧ୍ୟରେ ୭ଟି ଖୁବ୍ ଉପାଦେୟ ଶିଶୁକିଶୋର ଉପଯୋଗୀ ପୁସ୍ତକ ପ୍ରକାଶିତ ହୋଇଛି । ସେଗୁଡ଼ିକ ହେଲା- ଆମ ଜାତୀୟ ପତାକା ଓ ଜାତୀୟ ସଂଗୀତ, ଆମ ଜାତୀୟ ପୁଷ୍ପ ଓ ଜାତୀୟ ପ୍ରତୀକ, ଆମ ଜାତୀୟ ପଶୁ ଓ ଆମ ଜାତୀୟ ପକ୍ଷୀ, ସୁନାପାହାଡ଼ ଓ ଜୀବନ ରହସ୍ୟ ।

ରାମକୃଷ୍ଣଙ୍କ ରଚିତ 'ରଙ୍ଗପାଖୁଡ଼ା' ୧ମ ଓ ୨ୟ ଭାଗ, ମନର ଫୁଲ, ଅଦେଖା ବଣର ଫଳ, ପଞ୍ଚତନ୍ତ୍ରର କାହାଣୀ ୧ମ, ୨ୟ ଓ ୩ୟ ଭାଗ ୧୯୮୬ରୁ ୧୯୮୯ ମଧ୍ୟରେ

ପ୍ରକାଶିତ ହୋଇଛି । ସେଗୁଡ଼ିକର ଯଥେଷ୍ଟ ଉପାଦେୟତା ଓ ଆଦର ରହିଛି । "ବିଶ୍ୱ ପରିଚୟ" (୧୯୬୨) ଏକ ଅତୁଳନୀୟ ପୁସ୍ତକ ଏବଂ ରାମକୃଷ୍ଣଙ୍କ ଅଧ୍ୟବସାୟର ଏକ ବିରାଟ ସ୍ମାରକୀ । ଏହା ଓଡ଼ିଆ ସାହିତ୍ୟର ଏକ ପ୍ରଥମ ପୂର୍ଣ୍ଣାଙ୍ଗ ଜ୍ଞାନମଣ୍ଡଳ ।

**ଅନୁବାଦ :**

ଶିଶୁ ଓ କିଶୋର ସାହିତ୍ୟର ପରିପୁଷ୍ଟି ପାଇଁ ଅନୁବାଦ ଏକ ବଡ଼ ମାଧ୍ୟମ । ଏଥିପାଇଁ ଉଭୟ ଓଡ଼ିଆ ଓ ଇଂରେଜୀ ଭାଷାରେ ଦକ୍ଷତା ଓ ବିଷୟବସ୍ତୁ ସଂପର୍କରେ ସ୍ପଷ୍ଟ ଧାରଣା ଆବଶ୍ୟକ । ବାରିପଦାରେ ଶିକ୍ଷକତା କରୁଥିଲା ବେଳେ ସେ ପ୍ରସିଦ୍ଧ ହାସ୍ୟରସାତ୍ମକ ଉପନ୍ୟାସ Don Quixote "ଡନ୍ କୁଇ୍ସ୍ତି" ନାମରେ ଓଡ଼ିଆ ଅନୁବାଦ କରି ଖୁବ୍ ଜନପ୍ରିୟତା ଲାଭ କରିଥିଲେ ।

୧୯୮୨ରେ 'ଇନ୍ଦ୍ରଧନୁ' ଓ 'ପ୍ରଦୂଷଣ' ଶୀର୍ଷକ ଦୁଇଟି ଅନୁବାଦ ନେସ୍‌ନାଲ ବୁକ୍ ଟ୍ରଷ୍ଟ (National Book Trust) ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସେହିପରି ୧୯୮୩ରେ 'ବଣଜଙ୍ଗଲର କଥା" ଓ "ଆମ ଶରୀର" ଅନୁବାଦିତ ହୋଇ ଓଡ଼ିଆ ଶିଶୁ ଓ କିଶୋର ସାହିତ୍ୟକୁ ସମୃଦ୍ଧ କରିଛି ।

**"ସଂସାର" ସଂପାଦନା :**

୧୯୫୧ ମସିହାରେ ଓଡ଼ିଆ ଶିଶୁ ଓ କିଶୋର ସାହିତ୍ୟରେ ଏକ ଉପଯୁକ୍ତ ପତ୍ରିକାର ଆବଶ୍ୟକତା ଅନୁଭବ କରି ରାମକୃଷ୍ଣ "ସଂସାର" ପତ୍ରିକାଟି ପ୍ରକାଶ କରିଥିଲେ । ଏଥିରେ ସ୍କୁଲ୍ କଲେଜ ପିଲାମାନଙ୍କ ପାଇଁ ସାହିତ୍ୟ ଓ ଜ୍ଞାନ ବିଜ୍ଞାନର ଏକ ମଧୁର ସମନ୍ୱୟ ଘଟିଛି । ଗଳ୍ପ, କବିତା ବ୍ୟତୀତ ଜ୍ଞାନବିଜ୍ଞାନ ଆଧାରିତ ବହୁ ଲେଖା ଏଥିରେ ସ୍ଥାନଲାଭ କରି ଶିଶୁକିଶୋର ସମାଜରେ ଖୁବ୍ ଆଦର ଲାଭ କରିପାରିଛି । ନିର୍ଭୁଲ୍ ମୁଦ୍ରଣ, ସୁରୁଚିସମ୍ପନ୍ନ ରୂପାୟନ, ଉପାଦେୟ ବିଷୟବସ୍ତୁ ଓ ସୁସମ୍ପାଦନା ଯୋଗୁଁ ଆମ ରାଜ୍ୟରେ ଏହା ଏକ ଆଦର୍ଶ ପତ୍ରିକା ଭାବରେ ସବୁରି ଦୃଷ୍ଟି ଆକର୍ଷଣ କରିଛି । ମାତ୍ର ମୁଖ୍ୟତଃ ରାମକୃଷ୍ଣଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ତା'ର ପ୍ରକାଶନ ବନ୍ଦ ହୋଇଥିଲା । ତା'ର ପୁନଃମୁଦ୍ରଣ ୧୯୮୨ ମସିହାରେ ଘଟି ପ୍ରିୟ ପାଠକ ଓ ଲେଖକ ମହଲରେ ଆନନ୍ଦ ଖେଳାଇ ଦେଇଥିଲା । ଏଥିରେ ଏବେ କବିତା, ଗଳ୍ପ, ଭ୍ରମଣକାହାଣୀ, ସ୍ୱାସ୍ଥ୍ୟ ଓ ବିଜ୍ଞାନ, ଜାଣିବା କଥା, ମନୋରଞ୍ଜନ, ଭାବି ଦେଖନ୍ତୁ, ପୃଥିବୀ କ୍ଷଣକ୍ଷଣକେ ଆନ

ଆଦି ବିଭାଗଗୁଡ଼ିକ ନିୟମିତ ଭାବରେ ପ୍ରକାଶିତ ହୋଇ ସର୍ବାଦୃତ ହୋଇପାରିଛି । ଏଥିମଧ୍ୟରେ ଦୁଇଥର "ସଂସାର"ର ଲେଖକମାନଙ୍କୁ ଉପାୟନ ପ୍ରଦାନ କରାଯାଇଛି ଏବଂ ରାମକୃଷ୍ଣଙ୍କ ସମଗ୍ର ପରିବାର ଖୁବ୍ ନିଷ୍ଠା ଓ ଶ୍ରଦ୍ଧାର ସହିତ ଏହି ଉତ୍ସବମାନ ପାଳନ କରିଥାନ୍ତି । "ସଂସାର" ଲେଖକଗଣ ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି ।

**ଦିଗ୍‌ଦର୍ଶନ ଓ ଚିନ୍ତାମୂଳକ ପୁସ୍ତକ :**

ସାଂପ୍ରତିକ ସମସ୍ୟାଗୁଡ଼ିକ ସଂପର୍କରେ ରାମକୃଷ୍ଣଙ୍କ ସଚେତନତା ସଂବଳିତ ଲେଖାମାନ ବିଶେଷ ଉଲ୍ଲେଖଯୋଗ୍ୟ । ତାଙ୍କର ଦୀର୍ଘ ଅଭିଜ୍ଞତା ଓ ଉଚ୍ଚମନନଶୀଳତା ଏଥିରେ ଅଭିବ୍ୟକ୍ତ ହୋଇଛି । 'ସଂସାର'ର ପ୍ରାୟ ଅଧିକାଂଶ ସଂଖ୍ୟାରେ "ଲେଖନୀର ପାଠଶାଳା" ଶୀର୍ଷକ ଏକ ସ୍ତମ୍ଭ ସ୍ଥାନିତ ହୋଇଥାଏ । ଭାଷା, ସାହିତ୍ୟ, ସଂସ୍କୃତି, ମୁଦ୍ରଣ ଇତ୍ୟାଦିରେ ପ୍ରକାଶିତ ଦୋଷତ୍ରୁଟି ଓ ଅଶୁଦ୍ଧିକୁ ସେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସଙ୍ଗେ ସେଗୁଡ଼ିକର ସଂଶୋଧନ ପାଇଁ ଉପାୟମାନ ବତାଇ ଦେଇଛନ୍ତି । ସେଗୁଡ଼ିକ ପ୍ରତି ଆଖିବୁଜିଦେବା ଆତ୍ମଘାତୀ । 'ସଂସାର'ରେ ପ୍ରକାଶିତ "ଲେଖନୀର ପାଠଶାଳା" ଶୀର୍ଷକ ଲେଖାଗୁଡ଼ିକ ବ୍ୟତୀତ ସମଶ୍ରେଣୀୟ ଆଉ କେତୋଟି ଉପାଦେୟ ଲେଖାକୁ ସଂଯୋଜିତ କରି ସେ ଏହି ନାମରେ ଏକ ପୁସ୍ତକ (୧୯୮୨) ପ୍ରକାଶ କରିଛନ୍ତି । ସେ ଏହି ବହିର 'ପୂର୍ବାଭାସ'ରେ ଲେଖିଛନ୍ତି, "ସଂସାର" ମାସିକ ପତ୍ରିକାର "ଲେଖନୀର ପାଠଶାଳା" ବିଭାଗରେ ବିଭିନ୍ନ ସଂଖ୍ୟାରେ ଯାହାସବୁ ପ୍ରକାଶ ପାଇଥିଲା, ଏ ବହିଟି କେବଳ ତାହାର ଏକ ସମଷ୍ଟି ନୁହେଁ । ଆଗ୍ରହୀ ଓ ଜିଜ୍ଞାସୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏଥିରେ ଅନ୍ୟ କେତୋଟି ବିଷୟ ମଧ୍ୟ ସଂଯୋଜିତ ହୋଇଛି, ଯାହା ସେମାନଙ୍କ ମାତୃଭାଷା ଓ ସାହିତ୍ୟଜ୍ଞାନକୁ ପରିପୁଷ୍ଟ କରିବ । ଏହି ବହିଟିରେ ମୋଟ ୧୦ଟି ଅଧ୍ୟାୟ ରହିଛି ଏବଂ ଏହା ଆଶାତୀତ ଆଦରଲାଭ କରିଛି ।

"ସଂସାର" ପତ୍ରିକାରେ ପ୍ରାୟ ନିୟମିତ ଭାବରେ ପ୍ରକାଶିତ ହେଉଥିବା ଆଉ ଏକ ବିଭାଗ ହେଲା "ଭାବି ଦେଖନ୍ତୁ"ରେ ସାଂପ୍ରତିକ ସମସ୍ୟାଗୁଡ଼ିକ ସଂପର୍କରେ ନିଜର ଉଦ୍‌ବେଗ ପ୍ରକାଶ କରିବା ସଂଗେ ସଂଗେ ରାମକୃଷ୍ଣ ବିଭିନ୍ନ ଦୃଷ୍ଟାନ୍ତ ଓ ଗଳ୍ପ ମାଧ୍ୟମରେ ସେସବୁ ସମସ୍ୟା ସଂପର୍କରେ ନିଜର ମତାମତ ପ୍ରଦାନ କରିଛନ୍ତି । ଏହି ଲେଖାଗୁଡ଼ିକ "ଭାବି ଦେଖନ୍ତୁ" ଶୀର୍ଷକ ପୁସ୍ତକ (୧୯୯୩) ଟିରେ ପ୍ରକାଶିତ

ହୋଇଛି । ଏଥିରେ ୧୨ଟି ବୈଜ୍ଞାନିକ ଓ ସାମାଜିକ ଓ ୧୨ଟି ନୈତିକ ଓ ଆଧାତ୍ମିକ ଲେଖା ସ୍ଥାନିତ ହୋଇଛି । ମୂଳତଃ ସମସ୍ୟାଗୁଡ଼ିକ ବହୁବିଧ ଓ ବୁଦ୍ଧିଦୀପ୍ତ ।

ସଂଶିତ ପୁସ୍ତକ ସଂବନ୍ଧରେ ''ପଦେ''ରେ ଲେଖକ ଯାହା କହିଛନ୍ତି, ତାହା ଏହାର ଆଭିମୁଖ୍ୟ ଓ ଆବଶ୍ୟକତା ସଂପର୍କରେ ସ୍ପଷ୍ଟ । ସେ ଲେଖିଛନ୍ତି, ଯେଉଁ ପ୍ରସଙ୍ଗଗୁଡ଼ିକ ଏ ପୁସ୍ତକରେ ବିଭିନ୍ନ ଅଧ୍ୟାୟରେ ଆଲୋଚିତ ହୋଇଛି । ସାଂପ୍ରତିକ ପରିସ୍ଥିତିରେ ବ୍ୟକ୍ତି ଓ ସମାଜ ଜୀବନରେ ଅଶାନ୍ତି ସୃଷ୍ଟି କରୁଥିବା ଦୋଷତ୍ରୁଟିଗୁଡ଼ିକୁ ଆଖି ଆଗରେ ରଖି ଏହି ବିଷୟଗୁଡ଼ିକୁ ବଛାଯାଇଛି ଏବଂ ଆଲୋଚନା ମାଧ୍ୟମରେ ସେହି ଦୋଷଗୁଡ଼ିକୁ ସୁଧାରିବାର କେତେକ ସୂଚନା ମଧ୍ୟ ଦିଆଯାଇଛି ।

ଏହି ପ୍ରସଙ୍ଗଗୁଡ଼ିକର ଉପାଦେୟତା ଓ ଲେଖକଙ୍କର ଶୈଳୀ ସଂପର୍କରେ ବିସ୍ତୃତ ଆଲୋଚନା କରିବା ଏଠାରେ ସମ୍ଭବ ନୁହେଁ । ତେବେ ଶିକ୍ଷକସୁଲଭ ଭଙ୍ଗୀରେ ସେ ଭାଷା, ସାହିତ୍ୟ, ମୁଦ୍ରଣ, ପରିବେଶ, ବିଜ୍ଞାନ, ଚରିତ୍ର, ଶିଷ୍ଟାଚାର, ସମୟାନୁବର୍ତ୍ତିତା ଆଦି ସଂପର୍କରେ କିଶୋର ପାଠକଗଣଙ୍କୁ ଶିକ୍ଷାଦାନ କରିଛନ୍ତି ।

## ଉଭୟଙ୍କ ସୃଷ୍ଟିର ମୂଲ୍ୟାୟନ

ଉଦୟନାଥ ଓ ରାମକୃଷ୍ଣ ଗୋଟିଏ ଯୁଗର ସମସାମୟିକ ବ୍ୟକ୍ତି । ଉଭୟେ ସାର୍ଥକ ସ୍ରଷ୍ଟା, ସମର୍ଥ ସାରଥୀ ଓ ଜାଗ୍ରତ ପ୍ରହରୀ । ଦୀର୍ଘ ଚାରି ଦଶନ୍ଧି ଧରି ସେମାନଙ୍କର ସୃଷ୍ଟି ସମ୍ଭାର ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ତୋଳିଛି । ସେମାନଙ୍କ ସାହିତ୍ୟ ମାଧ୍ୟମରେ ଗଭୀର ସହାନୁଭୂତି, ରସାନୁଭୂତି, ମାନସିକତା, ଭାବାବେଗ ଓ ଉଚ୍ଚ ଦିଗ୍‌ଦର୍ଶନର ଆଲୋକ ସମଗ୍ର ରାଜ୍ୟରେ ବିଚ୍ଛୁରିତ ହୋଇଛି । କେତେ ପୁରୁଷ ବ୍ୟାପୀ ଓଡ଼ିଆ ଶିଶୁ ଓ କିଶୋର ସମାଜ ସେମାନଙ୍କ ସାହିତ୍ୟ-ସୁଧା ପାନ କରି ଧନ୍ୟ ହୋଇଛନ୍ତି । ସେମାନଙ୍କ ସାହିତ୍ୟର ଉପାଦେୟତା ସମୟର କଷଟି ପଥରରେ ପରୀକ୍ଷିତ ହୋଇସାରିଛି । ସେମାନଙ୍କର ଅବଦାନକୁ ସ୍ୱୀକାର କରି ବହୁ ସାଂସ୍କୃତିକ ଓ ସାହିତ୍ୟିକ ସଂସ୍ଥା ସେମାନଙ୍କୁ ହାର୍ଦ୍ଦିକ ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିଛନ୍ତି ଏବଂ ବହୁ ସରକାରୀ ବେସରକାରୀ ଅନୁଷ୍ଠାନ ଉପାୟନ ଓ ଉପଢୌକନ ପ୍ରଦାନ କରିଛନ୍ତି ।

ଯେତେବେଳେ ଓଡ଼ିଶାରେ ଶିଶୁସାହିତ୍ୟ ବାସ୍ତବିକ ଶିଶୁ ଅବସ୍ଥାରେ ଥିଲା, ସେତେବେଳେ ଏହି ମହାରଥୀ ଦ୍ୱୟ ନିଜର ସାରସ୍ୱତ ସାଧନାରେ ଓଡ଼ିଆ ସାହିତ୍ୟକୁ

ରଦ୍ଧିମନ୍ତ କରିଛନ୍ତି ଏବଂ ଶିଶୁ କିଶୋର ସାହିତ୍ୟରେ ଯୌବନର ଉଦ୍ଦାମତା ଓ ପ୍ରାଣପ୍ରାଚୁର୍ଯ୍ୟ ଭରି ଦେଇଛନ୍ତି । ଏହା ଶିଶୁ ଓ କିଶୋରମାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ସମ୍ବେଦନାର ସୂଚକ । ଶିଶୁପ୍ରେମୀ ଉଦୟନାଥ ନିଜ ଆତ୍ମଜୀବନୀରେ ହୃଦୟ ଖୋଲି ତେଣୁ ଲେଖିଛନ୍ତି, "ଏହି ପିଲାମାନଙ୍କ ପ୍ରତି କେଜାଣି କାହିଁକି ବିଧାତା ଅନ୍ତରକୁ ଅତି ବେଶି ଦୁର୍ବଳ କରିପକାଇଛି । ବୟସ୍କ ବା ସମବୟସର ଲୋକଙ୍କ ଗହଣରେ ବସିବାକୁ ଟିକିଏ କୁଣ୍ଠାବୋଧ ହୁଏ; କିନ୍ତୁ ପିଲାମାନଙ୍କ ସହିତ ମିଳିମିଶି ଗପସପ କରିବା, ନାଚିକୁଦି ଖେଳିବାକୁ ମନ ଅସ୍ଥିର ହୋଇଉଠେ ।" (୧୯୮୧, ପୃ ୩୧୦)

ରାମକୃଷ୍ଣ ଶିକ୍ଷକଙ୍କର ଭୂମିକାରେ ଅଙ୍ଗୀକାରବଦ୍ଧ ହୋଇ ସାହିତ୍ୟ ସୃଷ୍ଟିରେ ପ୍ରବୃତ୍ତ ହୋଇଛନ୍ତି । ସେ ତାଙ୍କ ଆତ୍ମଜୀବନୀ (୧୯୮୯)ର ମୂଳକଥାରେ କହିଛନ୍ତି "ସ୍ୱାଧୀନ ଭାବରେ ଅନୁପ୍ରାଣିତ ହୋଇ ମୁଁ ଗଢ଼ିଆସିଛି କେତୋଟି ଜୀବନ, ଚିକିଟା ମାଟି ପରି ସେସବୁ ନରମ ଥିଲା ବେଳେ ।............ ଜୀବନ ଗଢ଼ିବାରେ ଯେଉଁ ଆନନ୍ଦ, କାବ୍ୟ ବା କୀର୍ତ୍ତି ନିର୍ମାଣର ଆନନ୍ଦଠାରୁ ତାହା ଊଣା ନୁହେଁ । ଜୀବନର ଅର୍ଦ୍ଧଭାଗରୁ ଊର୍ଦ୍ଧ୍ୱ ମୁଁ ଅନ୍ଧକାର ଗୃହରେ ପ୍ରଦୀପ ଜାଳି ଆସିଛି ।"

ସେତେବେଳେ ବାସ୍ତବରେ ଓଡ଼ିଆ ଶିଶୁକିଶୋର ସାହିତ୍ୟର ଅବସ୍ଥା ଥିଲା ଦୟନୀୟ । ସମସ୍ତଙ୍କର ଥିଲା ଏହି ସାହିତ୍ୟ ପ୍ରତି ଅବହେଳା, ଅବମାନନା ଓ ଅନାଦର । ଏ ସଂପର୍କରେ ନିଜର ତିକ୍ତ ଅନୁଭୂତି ଓ ଖେଦ ପ୍ରକାଶ କରି ଉଦୟନାଥ (ଶିଶୁପ୍ରେମୀ ଉଦୟନାଥ, ୧୯୭୮ ପୃ ୨୭) କହିଛନ୍ତି, "ସରଳ ତରଳ କୋମଳମତି ଛୋଟ ପିଲା ଓ ସଦ୍ୟ ଫୁଟିଥିବା ଫୁଲକୁ ଦୁନିଆର କିଏ ବା ଭଲ ନପାଏ ? ଏଥିପାଇଁ ବୌଧହୁଏ ମୋତେ ଶିଶୁ ସାହିତ୍ୟିକ ଆଖ୍ୟା ଦିଆଯାଇଛି । ମାତ୍ର ଶିଶୁସାହିତ୍ୟିକ ସ୍ଥାନ ଆମ ସାହିତ୍ୟିକ ଗୋଷ୍ଠୀଙ୍କ ପାଦତଳେ । ଏମାନେ ନିତାନ୍ତ ଅବହେଳିତ ରେଳଗାଡ଼ି, ବସ୍, ଥିଏଟର, ସର୍କସ ପ୍ରଭୃତିରେ ପିଲାମାନଙ୍କର କେବଳ ଅଧା ଟିକେଟ ହେଲା ଭଳି ଭାଗ୍ୟବାନ୍ ଶିଶୁସାହିତ୍ୟିକ ଆମ ସମାଜରେ କେବଳ ଅଧା ମର୍ଯ୍ୟାଦା ହିଁ ପାଇଥାଏ । ସାହିତ୍ୟିକମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେଉଁ ପୁରସ୍କାର ନିର୍ଣ୍ଣୟ କରିଛନ୍ତି, ଶିଶୁ ସାହିତ୍ୟିକଙ୍କ ପାଇଁ ତା'ର ଅଧା ବା ଅଧାରୁ କମ୍ ନିର୍ଣ୍ଣିତ ହୋଇଛି । ସଭା, ସମ୍ମିଳନୀ, ଉତ୍ସବ ଆଦିରେ ସାହିତ୍ୟିକ ମଞ୍ଚ ଉପରେ ବସିଲେ, ଶିଶୁ

ସାହିତ୍ୟିକମାନଙ୍କୁ ମଞ୍ଚତଳେ ଆସନ ଦିଆଯାଏ ।'' ଅନ୍ୟତ୍ର (୧୯୯୨) ପୃ.୧୫) ସେ ମଧ୍ୟ କହିଛନ୍ତି, ''ସମୟ ଥିଲା, ଯେତେବେଳେ ଶିଶୁସାହିତ୍ୟ ଲେଖକମାନଙ୍କୁ ଅନେକ ବିଜ୍ଞ ବ୍ୟକ୍ତି ସାହିତ୍ୟିକ ଗୋଷ୍ଠୀଭୁକ୍ତ କରିବାକୁ କୁଣ୍ଠାବୋଧ କରୁଥିଲେ । ଆମ ସମାଜରେ ଶିଶୁ ଅବହେଳିତ ଓ ଅଳ୍ପାୟୁ ହେଲାଭଳି ଶିଶୁସାହିତ୍ୟ ଲେଖକ ମଧ୍ୟ ସେହି ପର୍ଯ୍ୟାୟଭୁକ୍ତ ବୋଲି ଧରାଯାଉଥିଲା । ଏପରିକି ସରକାର ମଧ୍ୟ ସାହିତ୍ୟିକଙ୍କଠାରୁ ଶିଶୁସାହିତ୍ୟ ସ୍ରଷ୍ଟାଙ୍କୁ ନ୍ୟୂନ ଶ୍ରେଣୀଭୁକ୍ତ କରୁଥିଲେ । ଏବେ କିନ୍ତୁ ସେ ମତ ବଦଳି ଯାଇଛି - ଆନନ୍ଦର କଥା ।' ସତେ କ'ଣ ବଦଳିଯାଇଛି ? ଏହି ଅବସ୍ଥା ବଦଳି ମଧ୍ୟ ବଦଳି ନାହିଁ । ଶିଶୁକିଶୋର ସାହିତ୍ୟ ଏକ ନିମ୍ନଶ୍ରେଣୀର ସାହିତ୍ୟ, ଏହା ଏବେ ମଧ୍ୟ ଅନେକଙ୍କର ଧାରଣା ।

ଉପରୋକ୍ତ କରୁଣଚିତ୍ର ପରିପ୍ରେକ୍ଷୀରେ ଯେଉଁମାନେ ଏହି ଅପାଙ୍‌କ୍ତେୟ ଓ ଅବହେଳିତ ସାହିତ୍ୟସର୍ଜନାରେ ମନୋନିବେଶ କରିଛନ୍ତି, ଲାଞ୍ଛନା, ବିଡମ୍ବନା ଓ ପ୍ରବଞ୍ଚନା ସତ୍ତ୍ୱେ ସେମାନେ ସାହିତ୍ୟ ମାଧ୍ୟମରେ ଶିଶୁ ଓ କିଶୋର ସମାଜର ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି । ସେମାନଙ୍କ ସାଧନାର ସୀମା, ସିଦ୍ଧିର ସରହଦ କଳନା କରିବା କଷ୍ଟସାଧ । ଓଡ଼ିଆ ଶିଶୁ ସାହିତ୍ୟର ସ୍ୱନାମଧନ୍ୟ ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତି ଉଭୟଙ୍କ ସାହିତ୍ୟିକ ଅବଦାନକୁ ମୂଲ୍ୟାୟନ କରି ଯଥାର୍ଥରେ କହିଛନ୍ତି (୧୯୯୨) ''ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଶିଶୁ ସାହିତ୍ୟରେ ଜନୈକ ଅପ୍ରତିଦ୍ୱନ୍ଦ୍ୱୀ ଶିଶୁ ସାହିତ୍ୟିକ ଭାବରେ ଉଦୟନାଥ ଷଡ଼ଙ୍ଗୀ ସୁପରିଚିତ (ପୃ-୨୬୯) ଏବଂ ''ଏକ ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ, ଓଡ଼ିଆ ଶିଶୁସାହିତ୍ୟକୁ ତାଙ୍କର (ରାମକୃଷ୍ଣଙ୍କର) ଦାନ ସ୍ମରଣୀୟ । ପାଠ୍ୟପୁସ୍ତକ ମଧ୍ୟରେ ଶିଶୁ ରଚନାକୁ ସ୍ଥାନ ଦେଇ ପାଠ୍ୟପୁସ୍ତକର ମାନକୁ ଉନ୍ନତ କରିବା ସଂଗେ ସଂଗେ ଶିଶୁ ସାହିତ୍ୟକୁ ପ୍ରତିଷ୍ଠିତ ରୂପ ପ୍ରଦାନ କରି ସୁପ୍ରଚାରିତ କରିଛନ୍ତି । ଶିଶୁସାହିତ୍ୟର ପରିସର ତେଣୁ କ୍ରମେ ସୁବିସ୍ତୃତ ରୂପ ଗ୍ରହଣ କରିଛି ।'' (ପୃ ୨୭୪)

ଉଦୟନାଥ ଓ ରାମକୃଷ୍ଣ ଓଡ଼ିଆ ସାହିତ୍ୟର ଦୁଇଜଣ ଯୁଗପୁରୁଷ । ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ପୁଷ୍କଳ କରି ତୋଳିବାରେ ସେମାନେ ବହୁବିଧ ପ୍ରଚେଷ୍ଟା କରି ଆସିଛନ୍ତି । ଶିଶୁକିଶୋର ସାହିତ୍ୟ ରଚନାରେ ଶିଶୁସାହିତ୍ୟ ପତ୍ରିକା ସଂପାଦନ

ମାଧ୍ୟମରେ, ନୂତନ ଲେଖକ ଗୋଷ୍ଠୀ ପ୍ରସ୍ତୁତ କରିବାର ଏବଂ ବିଭିନ୍ନ ସାହିତ୍ୟାନୁଷ୍ଠାନ ଓ ସାହିତ୍ୟ ସଂସ୍ଥାକୁ ପ୍ରେରଣା, ପରାମର୍ଶ ଓ ଦିଗ୍‌ଦର୍ଶନ ଦେବାରେ ସେମାନେ ଅଗ୍ରଗଣ୍ୟ ହୋଇଛନ୍ତି । ସାହିତ୍ୟର ଗୁଣାତ୍ମକ ଓ ସଂଖ୍ୟାତ୍ମକ ବିକାଶ ସାଧନ ପାଇଁ ସେମାନଙ୍କର ଅବଦାନ ଅନବଦ୍ୟ ଓ ଅବିସ୍ମରଣୀୟ ।

**ସହାୟକ ଗ୍ରନ୍ଥସୂଚୀ :**


୧- ଶ୍ରୀ ରାମକୃଷ୍ଣ ନନ୍ଦ, **ଜୀବନ ତରଙ୍ଗ,** ଶୁଭକାନ୍ତ ନନ୍ଦ, ସୌଦାମିନୀ ପ୍ରକାଶନ,କଟକ-୭୫୩୦୦୯, ୧୯୮୯

୨- ଶ୍ରୀ ରାମକୃଷ୍ଣ ନନ୍ଦ, **ଜୀବନ ରହସ୍ୟ,** ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୧୯୮୬

୩- ଶ୍ରୀ ରାମକୃଷ୍ଣ ନନ୍ଦ, **ଝୁମୁକା** ସଂସାର ପ୍ରକାଶନୀ, ତଳତେଲଙ୍ଗା ବଜାର, କଟକ, ୧୯୭୫

୪- ଶ୍ରୀ ରାମକୃଷ୍ଣ ନନ୍ଦ, **ବିଶ୍ୱପରିଚୟ,** କଟକ ପବ୍‌ଲିସିଂ ହାଉସ୍, କଟକ, ୧୯୬୨

୫- ଶ୍ରୀ ରାମକୃଷ୍ଣ ନନ୍ଦ, **ପ୍ରକୃତିର ଗନ୍ଧପୁରୀ,** ସଂସାର ପ୍ରକାଶନୀ, ତଳତେଲଙ୍ଗା ବଜାର, କଟକ, ୧୯୮୨

୬- ଶ୍ରୀ ରାମକୃଷ୍ଣ ନନ୍ଦ, **ଲେଖନୀର ପାଠଶାଳା,** ଶୁଭାକାନ୍ତ ନନ୍ଦ, ସୌଦାମିନୀ ପ୍ରକାଶନୀ, କଟକ, ୧୯୯୨

୭- ଶ୍ରୀ ରାମକୃଷ୍ଣ ନନ୍ଦ, **ଭାବି ଦେଖନ୍ତୁ,** ଶୁଭକାନ୍ତ ନନ୍ଦ, ସୌଦାମିନୀ ପ୍ରକାଶନୀ, କଟକ, ୯, ୧୯୯୩

୮- ଶ୍ରୀ ରାମକୃଷ୍ଣ ନନ୍ଦ, **ଓଡ଼ିଆ ଶିଶୁ ସାହିତ୍ୟ ସଂକଳନ,** ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪, ୧୯୮୨

୯- ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, **ଗାନ୍ଧି ମହାରାଜାଙ୍କ ଶିଷ୍ୟ,** ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୪

୧୦- ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, **ଓଡ଼ିଆ ଶିଶୁ ସାହିତ୍ୟର ସଂଜ୍ଞା**, ସଂ ସୁରେଶଚନ୍ଦ୍ର କର, ତମସା ପ୍ରକାଶନୀ, ବାଦାମବାଡ଼ି, କଟକ-୧୨, ୧୯୯୨

୧୧- ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, **ବିଲୁଆ ନନାର ବାହାଘର**, କଟକ ଟ୍ରେଡିଂ କମ୍ପାନୀ, କଟକ, ୧୯୯୧

୧୨- ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, **ମାଙ୍କଡ଼ର ଦେଶଭ୍ରମଣ**, କଟକ ଟ୍ରେଡିଂ କମ୍ପାନୀ, କଟକ, ୧୯୯୧

୧୩- ଶ୍ରୀ ଧ୍ରୁବଚରଣ ପଣ୍ଡା, **ଶିଶୁପ୍ରେମୀ ଉଦୟନାଥ**, ଶ୍ରୀ ଉମେଶ ପ୍ରସାଦ ସାହୁ, ସନ୍ତୋଷ ପବ୍ଲିକେସନ୍ସ, କଟକ, ୧୯୭୮

୧୪- ଡକ୍ଟର ମନୀନ୍ଦ୍ର ମହାନ୍ତି, **ଓଡ଼ିଆ ଶିଶୁ ସାହିତ୍ୟ : ଉନ୍ମେଷ ଓ ବିକାଶ**, ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ଗୌରୀନଗର, ଭୁବନେଶ୍ୱର-୨, ୧୯୯୨

୧୫- ଡକ୍ଟର ଜଗନ୍ନାଥ ମହାନ୍ତି, ''ଶିଶୁ ସାହିତ୍ୟର ବିକାଶ ଓ ପ୍ରସାର'', **ଝଙ୍କାର**, ଜୁଲାଇ ୧୯୮୫, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ ।

୧୬- ଡକ୍ଟର ଜଗନ୍ନାଥ ମହାନ୍ତି, ''ଓଡ଼ିଆ ଶିଶୁ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ'' **ପ୍ରଜାତନ୍ତ୍ର**, ବିଷୁବ ସଂଖ୍ୟା, ୧୩।୪।୮୯, କଟକ

୧୭- ଡକ୍ଟର ଜଗନ୍ନାଥ ମହାନ୍ତି, ''ଓଡ଼ିଆ ଶିଶୁ ସାହିତ୍ୟର ଗବେଷଣା ଓ ଅନୁଧ୍ୟାନ'' **ଝଙ୍କାର**, ଜୁନ୍, ୧୯୯୨, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୧୮- ଡକ୍ଟର ଜଗନ୍ନାଥ ମହାନ୍ତି, ''ଓଡ଼ିଆ ଶିଶୁ ସାହିତ୍ୟର ଭବିଷ୍ୟତ'' **ଝଙ୍କାର**, ଫେବୃଆରୀ, ୧୯୯୨, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

19- Dr. Jagannath Mohanty, "Ramakrushna Nanda : Author & Illustrator for Children" **Writer & Illustrator**, AWIC, New Delhi, July 1993

20- Dr. Jagannath Mohanty, **Children's Literature of Orissa**, Orissa Sahitya Academy, Bhabaneswar, 1993

(**କୋଣାର୍କ**, ଅକ୍ଟୋବର ୧୯୯୩)

• • • • • • •

# ଓଡ଼ିଆ ଶିଶୁସାହିତ୍ୟକୁ ବାଳକୃଷ୍ଣଙ୍କ ଅବଦାନ

ବାଳକୃଷ୍ଣ ଜଣେ କର୍ମଯୋଗୀ । ତାଙ୍କର ସୃଜନଶୀଳ ପ୍ରତିଭା ବହୁଧାରାରେ ବିକଶିତ । ବ୍ୟକ୍ତିର ସୀମା ଅତିକ୍ରମ କରି ସେ ଏକ ଅନୁଷ୍ଠାନରେ ରୂପାୟିତ । ଶତ ସଂଗ୍ରାମ ମଧ୍ୟରେ ତାଙ୍କ ଜୀବନ ଶତସ୍ରାବୀ । ରଚନାଠାରୁ ସଂପାଦନା, ପୁସ୍ତକଠାରୁ ପତ୍ରିକା, ଶିଶୁ ସାହିତ୍ୟଠାରୁ ଜ୍ଞାନକୋଷ ପ୍ରଭୃତି ଅସଂଖ୍ୟ ସୃଷ୍ଟି ଓ କୃତିରେ ତାଙ୍କର ପ୍ରତିଭା ଆତ୍ମପ୍ରକାଶ କରିଛି । ସେ ନିଜେ ଦୀପ୍ତିମନ୍ତ ହେବା ସଂଗେ ସଂଗେ ଅନେକଙ୍କୁ କରିଯାଇଛନ୍ତି ଆଲୋକିତ । ତାଙ୍କର ସାରସ୍ୱତ ସମ୍ଭାର ସୁଦୂରପ୍ରସାରୀ ଓ ବହୁମୁଖୀ ।

ବିଂଶ ଶତାବ୍ଦୀର ତୃତୀୟ ଦଶକରେ ଭାରତରେ ସ୍ୱାଧୀନତା ସଂଗ୍ରାମ ଏକ ଅଭୂତପୂର୍ବ ରୂପ ପରିଗ୍ରହ କରିଥିଲା । ଜାତୀୟ ଜନଜାଗରଣର ମହୋଚ୍ଛ୍ୱାସ ସହିତ ତାଳ ଦେଇଥିଲା ଉତ୍କଳୀୟ ଜାତୀୟତାର ଅପୂର୍ବ ଉନ୍ମାଦନା । ତାର ଫଳଶ୍ରୁତି ଭାବରେ ଘଟିଥିଲା ସ୍ୱତନ୍ତ୍ର ଓଡ଼ିଶାର ଜନ୍ମ । ଓଡ଼ିଆ ପ୍ରାଣରେ ଖେଳିଯାଇଥିଲା ନବୀନ ଉତ୍ସାହ, ଆନନ୍ଦ ଓ ପ୍ରାଣପ୍ରାଚୁର୍ଯ୍ୟ !

ଓଡ଼ିଆ ସାହିତ୍ୟରେ ଏହି ଅଶ୍ରୁତପୂର୍ବ ଜାଗୃତିର ପ୍ରତିଫଳନ ଘଟିଥିଲା ବିଭିନ୍ନ ରୂପ ଓ ଐଶ୍ୱର୍ଯ୍ୟନେଇ । ଏଦିଗରେ ଯେଉଁ କେତେଜଣ ନେତୃତ୍ୱ ନେଇ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଉଚ୍ଚକୋଟୀକୁ ଘେନି ଯିବାକୁ ଆନ୍ତରିକ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ବାଳକୃଷ୍ଣ ଅଗ୍ରଗଣ୍ୟ । ବିଶେଷତଃ ଓଡ଼ିଆ ଶିଶୁସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅନବଦ୍ୟ ଓ ଅତୁଳନୀୟ । ପ୍ରଥମରୁ ବାଳକୃଷ୍ଣ ଥିଲେ ଶିକ୍ଷକ ଓ ଜ୍ଞାନଦାତା । ଶିକ୍ଷାନୀତି ଓ ମନସ୍ତତ୍ତ୍ୱରେ ତାଙ୍କର ଥିଲା ଗଭୀର ପ୍ରବେଶ । ଶିଶୁର ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତା ସଂପର୍କରେ ସେ ଥିଲେ ସଂପୂର୍ଣ୍ଣ ସଚେତନ । ତତ୍କାଳୀନ ବିଶ୍ୱରେ ବିଜ୍ଞାନର ପ୍ରଭୂତ ପ୍ରଭାବ ଅନୁଭୂତ ହେଉଥିଲା ଏବଂ ଛାତ୍ରଛାତ୍ରୀଗଣଙ୍କୁ ସେଥିପାଇଁ ପ୍ରସ୍ତୁତ କରିବା ନିତାନ୍ତ ଦରକାର ଥିଲା । ସରଳତରଳ ଭାଷା ଓ ଚିତ୍ତାକର୍ଷକ ଶୈଳୀରେ ବିଭିନ୍ନ ବିଷୟରେ ଗଳ୍ପ, କବିତା, ରଚନା ଇତ୍ୟାଦି ଲେଖି ପିଲାମାନଙ୍କ ପାଇଁ ଉପଯୁକ୍ତ ସାହିତ୍ୟ ସୃଷ୍ଟି କରିବାକୁ ସେ ଜୀବନର ପବିତ୍ର ବ୍ରତ ଭାବରେ ଗ୍ରହଣ କରିଥିଲେ ।

ବାଳକୃଷ୍ଣଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା ସେ ନିଜେ କରିବା ସଂଗେ ସଂଗେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରୁଥିଲେ । ଉପଯୁକ୍ତ ଶିଶୁସାହିତ୍ୟ ନିଜେ ରଚନା କରିବା

ସଂଗେ ସଂଗେ ସେହି ସାହିତ୍ୟ ରଚନା କରିବାକୁ ସେ ଉପଯୁକ୍ତ ଲେଖକ ଲେଖିକା ପ୍ରସ୍ତୁତ କରିପାରିଥିଲେ । ୧୯୩୦ ମସିହାରେ "ଜହ୍ନମାମୁଁ" ପତ୍ରିକା ପ୍ରକାଶ କରି ସେ ଶିଶୁସାହିତ୍ୟ କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି କରିଥିଲେ ଏବଂ ସବୁଦିନ ପାଇଁ ଉଜ୍ଜ୍ୱଳ ଆଦର୍ଶ ରଖିଯାଇଥିଲେ । ତାଙ୍କର ସୁଦକ୍ଷ ସଂପାଦନାରେ ପତ୍ରିକାଟି ରୁଚିସଂପନ୍ନ, ସଚିତ୍ର ଓ ଚିତ୍ତାକର୍ଷକ ରୂପରେ ଆତ୍ମପ୍ରକାଶ କରିଥିଲା । ବିଭିନ୍ନ ଦେଶର ଗଳ୍ପ, ଆଖ୍ୟାୟିକା ଆବିଷ୍କାର ଓ ଉଦ୍ଭାବନର କାହାଣୀ, ମନୋରଞ୍ଜକ କବିତା, ଗୋଲୋକଧନ୍ଦା,। ହସକଥା, ରଙ୍ଗରସ, ସୁନ୍ଦର ଛବି ପ୍ରଭୃତି ସହ "ଜହ୍ନମାମୁଁ" ଶିଶୁସମାଜର ଅତି ଆଦରଣୀୟ ଓ ଲୋଭନୀୟ ହୋଇପାରିଥିଲା । ବାରତେର ବର୍ଷ ଧରି ଏହି ପତ୍ରିକା ଶିଶୁ ସାହିତ୍ୟର ଏକ ଉଚ୍ଚକୋଟୀର ପରମ୍ପରା ପ୍ରତିଷ୍ଠା କରିପାରିଥିଲା ଏବଂ ଅତ୍ୟନ୍ତ ଲୋକପ୍ରିୟ ହେବାକୁ ସମର୍ଥ ହୋଇପାରିଥିଲା । ଏଥିପାଇଁ ବାଳକୃଷ୍ଣଙ୍କୁ ଅକ୍ଳାନ୍ତ ଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାର କରିବାକୁ ପଡ଼ିଥିଲା । କିନ୍ତୁ ତାଙ୍କର ସାରସ୍ୱତ ନିଷ୍ଠା ଓ ଶିଶୁସାହିତ୍ୟ ପ୍ରୀତି ଏଦିଗରେ ତାଙ୍କୁ ଆଗେଇ ନେଇଥିଲା ।

"ଜହ୍ନମାମୁଁ" ମାଧ୍ୟମରେ ଉନ୍ନତ ଶିଶୁସାହିତ୍ୟ ସୃଷ୍ଟି କରିବା ସଂଗେ ସଂଗେ ବାଳକୃଷ୍ଣ ଏକ ସୁଯୋଗ୍ୟ ସାହିତ୍ୟିକ ଗୋଷ୍ଠୀ ଗଢ଼ିଥିଲେ । ସେ ସେହି ସାହିତ୍ୟିକମାନଙ୍କୁ ଅସୀମ ପ୍ରେରଣା ଓ ପରାମର୍ଶ ଦେଇ ସାହିତ୍ୟ ରଚନା କ୍ଷେତ୍ରରେ ଯଶସ୍ୱୀ କରିପାରିଛନ୍ତି । ସେମାନଙ୍କୁ ମଧ୍ୟରେ ଗୋଦାବରୀଶ ମହାପାତ୍ର, ଉପେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚକ୍ରଧର ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ, କୁଞ୍ଜବିହାରୀ ଦାଶ, ବଂଶୀଧର ସାମନ୍ତରାୟ, କୃଷ୍ଣଚନ୍ଦ୍ର କର, ଭାଗବାନପତି, ରାମପ୍ରସାଦ ସିଂହ, ସତ୍ୟାନନ୍ଦ ମହାନ୍ତି, କୁବେର ଦଳେଇ, ଜଗନ୍ନାଥ ମହାପାତ୍ର, ମଦନମୋହନ ପଟ୍ଟନାୟକ, ରାଧାଚରଣ ପଣ୍ଡା, ଶ୍ରୀଧର ଦାସ, ଡମ୍ବରୁଧର ପରିଡ଼ା, ଗୋପାଳଚନ୍ଦ୍ର ମିଶ୍ର, ଗୌରଚନ୍ଦ୍ର ରାଉତ ପ୍ରମୁଖ ଉଲ୍ଲେଖଯୋଗ୍ୟ । ସେମାନେ ଶିଶୁସାହିତ୍ୟଠାରୁ ଆରମ୍ଭକରି ଉନ୍ନତ ଓ ଉଚ୍ଚକୋଟୀର ସାହିତ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି ।

ବାଳକୃଷ୍ଣ ୧୯୪୭ ମସିହାରେ "ମଧୁକୋଷ" ଶୀର୍ଷକ ଅନ୍ୟଏକ ବିଜ୍ଞାନ ଆଧାରିତ ଓ ତଥ୍ୟମୂଳକ ପତ୍ରିକା ପ୍ରକାଶ କରିଥିଲେ । ଏହା ବିଜ୍ଞାନ, ଭୂଗୋଳ, ଇତିହାସ, ସାହିତ୍ୟ ପରି ବିଭିନ୍ନ ବିଷୟରେ ବହୁ ଭାବବ୍ୟଞ୍ଜକ ଓ ଶିକ୍ଷଣୀୟ ଲେଖାଗୁଡ଼ିକରେ ସମୃଦ୍ଧ ହେଉଥିଲା । "ଜହ୍ନମାମୁଁ" ଠାରୁ "ମଧୁକୋଷ" ଅପେକ୍ଷାକୃତ

ଭାବରେ ଉନ୍ନତ ଶ୍ରେଣୀର ତଥା ଅଧିକ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ପତ୍ରିକା ଜରିଆରେ ମଧ୍ୟ ବାଳକୃଷ୍ଣ ବହୁ ଲେଖକଙ୍କୁ ଗଢ଼ିପାରିଥିଲେ ।

ବାଳକୃଷ୍ଣଙ୍କ ସୁସଂପାଦିତ "ଶିଶୁ ସଙ୍ଖାଳି" ୧୯୩୯ରେ ଆତ୍ମପ୍ରକାଶ କରିଥିଲା ଏବଂ ଏହା ହେଉଛି ଓଡ଼ିଆ ଜ୍ଞାନକୋଷ ପ୍ରଣୟନ କ୍ଷେତ୍ରରେ ସର୍ବପ୍ରଥମ ପଦକ୍ଷେପ । ସେ ଆଠଖଣ୍ଡ ପ୍ରଣୟନ କରିବାକୁ ପରିକଳ୍ପନା କରିଥିଲେ ହେଁ ବହୁ ବାଧାବିଘ୍ନ ମଧ୍ୟରେ ତିନିଖଣ୍ଡ ମାତ୍ର ପ୍ରକାଶ କରିପାରିଥିଲେ । ତାଙ୍କ ସଂକଳିତ "ବିଚିତ୍ର ଜୀବଜଗତ" ଓ "ବିଚିତ୍ର ଇତିହାସ" ଓଡ଼ିଶାର ପାଠକ ମହଲରେ ଚମକ ସୃଷ୍ଟି କରିଥିଲା । ଏହାଦ୍ୱାରା ସେ ଉତ୍ସାହିତ ହୋଇ ତୃତୀୟଖଣ୍ଡ ପ୍ରକାଶ କରିବାକୁ ପ୍ରସ୍ତୁତ ହେଲାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟାଜନିତ ମୁଦ୍ରଣ ସାମଗ୍ରୀର ଅଭାବ ଓ ଦୁର୍ମୂଲ୍ୟତା ଘଟିଥିଲା । ୧୯୫୭ରେ "ବିଚିତ୍ର ବିଶ୍ୱ" ଶୀର୍ଷକ "ଶିଶୁସଂଖାଳି"ର ମୁଖବଂଧରେ ବାଳକୃଷ୍ଣ ଲେଖିଥିଲେ, "ଶିଶୁ ଓ ବୟସ୍କମାନଙ୍କ ସକାଶେ ଇଂରେଜୀରେ ଅନେକ ଏନସାଇକ୍ଲୋପିଡ଼ିଆ ପ୍ରକାଶ ପାଇଛି । ଇଂରେଜୀର ଅନୁକରଣରେ କେତେକ ଭାରତୀୟ ଭାଷାରେ ମଧ୍ୟ ଏନସାଇକ୍ଲୋପିଡ଼ିଆ ପ୍ରକାଶ ପାଇଛି । କିନ୍ତୁ ସେଗୁଡ଼ିକଠାରୁ 'ଶିଶୁସଙ୍ଖାଳି'ର ଅବସ୍ଥା ସଂପୂର୍ଣ୍ଣ ନୂତନ । ଗୋଟିଏ ବିଷୟ ଜାଣିବାକୁ ହେଲେ ଅନ୍ୟ ଏନସାଇକ୍ଲୋପିଡ଼ିଆରେ ସବୁଖଣ୍ଡ ନଦେଖିଲେ ଜ୍ଞାତବ୍ୟ ବିଷୟ ମିଳିବନାହିଁ । କିନ୍ତୁ "ଶିଶୁସଙ୍ଖାଳି"ର ପ୍ରତ୍ୟେକ ଖଣ୍ଡ ସ୍ୱୟଂସଂପୂର୍ଣ୍ଣ ହୋଇଥିବାରୁ ଶିଶୁମାନଙ୍କ ପକ୍ଷରେ କୌଣସି ବିଷୟ ଖୋଜିବା କଷ୍ଟକର ହେବନାହିଁ । କିନ୍ତୁ ଦୁର୍ଭାଗ୍ୟକୁ ସେହିବର୍ଷ ବାଳକୃଷ୍ଣ ଶେଷ ନିଶ୍ୱାସ ତ୍ୟାଗକଲେ ଏବଂ ତାଙ୍କର ବିରାଟ ପରିକଳ୍ପନା ଅପୂର୍ଣ୍ଣ ରହିଗଲା । ହେଲେ, ଭାଷା ଓ ଶୈଳୀ ଦୃଷ୍ଟିରୁ ତାଙ୍କ "ଶିଶୁସଙ୍ଖାଳି"ର ମାନ ଏବେ ବି ଉଚ୍ଚକୋଟୀର ବୋଲି ଅବଶ୍ୟ ସ୍ୱୀକାର୍ଯ୍ୟ ।

ବାଳକୃଷ୍ଣଙ୍କ ରଚିତ "ନୀତିମଞ୍ଜରୀ", "ସପନପୁରୀ", "ଫୁଲଟାଙ୍ଗୁଡ଼ି" ପ୍ରଭୃତି ପୁସ୍ତକଗୁଡ଼ିକ ଶିଶୁମନୋବିଜ୍ଞାନ ଓ ଶିଶୁମନ ତଥା ରୁଚିର ଅନୁକୂଳ । ଏଥିରେ ସନ୍ନିବେଶିତ ଗଳ୍ପଗୁଡ଼ିକର ମଝରେ ମଝିରେ କବିତାଂଶମାନ ରହି ଖୁବ୍ ରସୋତ୍ତୀର୍ଣ୍ଣ ଓ ସାର୍ଥକ ହୋଇପାରିଛି । ଏଗୁଡ଼ିକ ସଂସ୍କୃତ ସାହିତ୍ୟର "ହିତୋପଦେଶ" ଓ "ପଞ୍ଚତନ୍ତ୍ର" ଏବଂ ଇଂରେଜି ସାହିତ୍ୟର ଏସୋପସ ଫାବଲସ୍ (Aesop's Fables) ତଥା ଆଲିସ ଇନ ଦି ୱଣ୍ଡରଲ୍ୟାଣ୍ଡ (Alice in the Wonderland) ପ୍ରଭୃତିର ସମକକ୍ଷ । ବ୍ୟକ୍ତିବସ୍ତୁ ଓ

ପଶୁପକ୍ଷୀଙ୍କର କାଳ୍ପନିକ କଥୋପକଥନ, ବ୍ୟଙ୍ଗବିଦ୍ରୂପ, ହସରସର ଅଭିବ୍ୟକ୍ତି ଓ ଭାବଗର୍ଭକ ପ୍ରଶ୍ନୋତ୍ତର ଖୁବ୍ ମନୋରଞ୍ଜକ ଓ ହୃଦୟଗ୍ରାହୀ ।

ଶିକ୍ଷକ ବାଳକୃଷ୍ଣଙ୍କ ବିଶେଷ ଅବଦାନ ହେଲା ଶିଶୁପାଠ୍ୟପୁସ୍ତକ । ଜାତିର ମହାର୍ଘ ସଂପଦ ଶିଶୁସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ସଂଗେ ସଂଗେ ସେମାନଙ୍କ ମାନସିକ ଅବସ୍ଥା, ଆଗ୍ରହ ଓ ଅଭିରୁଚିକୁ ଚାହିଁ ପଠନସାମଗ୍ରୀ ଦେବା ପାଇଁ ତାଙ୍କର ଉଦ୍ୟମ ଖୁବ୍ ସାର୍ଥକ ଓ ଆଦର୍ଶସ୍ଥାନୀୟ ହୋଇଥିଲା । ତାଙ୍କ ଲିଖିତ "ନୂଆପାଠ" ଓ "ଚାରୁପାଠ" ପ୍ରାଥମିକ ଛାତ୍ରଛାତ୍ରୀଙ୍କ ସାହିତ୍ୟ-ଶିକ୍ଷାଦାନ ପାଇଁ ଉତ୍କୃଷ୍ଟ ବିବେଚିତ ହୋଇଥିଲା । ସେ ଆମ ଦେଶର "ପୁରାଣକଥା", "ବୀର ଚରିତମାଳା" ପ୍ରଭୃତି ଅତିରିକ୍ତ ସାହିତ୍ୟ ଭାବରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲା ।

ଲେଖକ, ପ୍ରକାଶକ, ସାମ୍ବାଦିକ, ସଂପାଦକ, ମୁଦ୍ରକର, ଅନୁବାଦକ, ସଂଗଠକ ଓ ଶିକ୍ଷକ ଭାବରେ ବାଳକୃଷ୍ଣ ବହୁ କ୍ଷେତ୍ରରେ ତାଙ୍କ ବହୁମୁଖୀ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ପ୍ରଦାନ କରିଛନ୍ତି । ଯୁଗଯୁଗ ଧରି ତାଙ୍କର କୀର୍ତ୍ତିଗାଥା ଓଡ଼ିଆପ୍ରାଣକୁ ଅଭିମନ୍ତ୍ରିତ ଓ ଉଦ୍‌ବୁଦ୍ଧ କରିତୋଳିବ । ଓଡ଼ିଆ ସମାଜର କଲ୍ୟାଣ ପାଇଁ ତାଙ୍କର ଅକ୍ଲାନ୍ତ ଓ ଆନ୍ତରିକ ପ୍ରଚେଷ୍ଟା ସର୍ବଦା ଓ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇରହିବ । ମାତ୍ର ଶିଶୁସାହିତ୍ୟ ଯେତ୍ରରେ ତାଙ୍କର ବହୁବିଧ କୃତିଗୁଡ଼ିକ ଅସାଧାରଣ ଓ ଅତୁଳନୀୟ । ତାଙ୍କର ପ୍ରଭୂତ ସାରସ୍ୱତ ସାଧନା ଓ ସିଦ୍ଧି ମଧ୍ୟରେ ସେଗୁଡ଼ିକ ଅମୂଲ୍ୟ ଓ ଅମ୍ଳାନ ମଣିମାଣିକ୍ୟର ଝଟକ ଓ ଝଲକ ନେଇ ଚିରଉର୍ଜ୍ଜସ୍ୱଳ । ବାଳକୃଷ୍ଣ ଶିଶୁସାହିତ୍ୟର ସାଧକ ଭାବରେ ଚିରବନ୍ଦନୀୟ, ଚିରସ୍ମରଣୀୟ ଓ ଅମର ହୋଇ ରହିବେ ।

*(ସହକାର, ଦଶମବର୍ଷ ୧୯୮୫)*

# ଶିଶୁସାହିତ୍ୟରଥୀ ଗୋଦାବରୀଶ

**ପୃଷ୍ଠଭୂମି :**

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ନେତୃତ୍ୱରେ ସତ୍ୟବାଦୀ ବା ସାକ୍ଷୀଗୋପାଳର ବକୁଳକୁଞ୍ଜ ମଧ୍ୟରେ ଗଢ଼ିଉଠିଥିଲା ସେବା ଓ ଶିକ୍ଷାର ତୀର୍ଥକ୍ଷେତ୍ର ବନବିଦ୍ୟାଳୟ । ଏଠାରେ ଶିକ୍ଷକତା କରିଥିଲେ କେତେକଣ ଜାତୀୟତାବାଦୀ, ନିସ୍ୱାର୍ଥପର ଓ ଜନସେବୀ ସୁଧୀ ତଥା ସୁପୁରୁଷ । ଏହି ଶିକ୍ଷକଗଣ କେବଳ ସେବା ଓ ଶିକ୍ଷା କ୍ଷେତ୍ରରେ ଆଦର୍ଶ ନଥିଲେ, ସାରସ୍ୱତ ସାଧନାରେ ଏକ ଗୌରବମୟ ଅଧ୍ୟାୟ ଉନ୍ମୋଚନ କରିଯାଇଛନ୍ତି । ସେମାନଙ୍କ ସାହିତ୍ୟସୃଷ୍ଟିର ମହତ୍ତ୍ୱ ଓ ବିଶେଷତ୍ୱ ସମଧିକ ହୋଇଥିବାରୁ ଏହା "ସତ୍ୟବାଦୀ ସାହିତ୍ୟ ଯୁଗ" ଭାବରେ ଏକ ସ୍ୱାତନ୍ତ୍ର୍ୟ ଦାବି କରେ । ଏହି ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଗୋପବନ୍ଧୁ, ଗୋଦାବରୀଶ, ନୀଳକଂଠ, କୃପାସିନ୍ଧୁ, ଲିଙ୍ଗରାଜ ପ୍ରମୁଖ ଅଗ୍ରଗଣ୍ୟ । ସେମାନେ ଉଚ୍ଚଶିକ୍ଷାପ୍ରାପ୍ତ ଓ ଉଜ୍ଜ୍ୱଳ ବ୍ୟକ୍ତିତ୍ୱସମ୍ପନ୍ନ ହୋଇଥିଲେ ହେଁ ତତ୍କାଳୀନ ସରକାରୀ ସେବାର ମୋହ ଓ ଧନମାନର ଆକର୍ଷଣକୁ ତ୍ୟାଗ କରି ଦେଶସେବାରେ ବ୍ରତୀ ହୋଇ ସମସ୍ତ ଅଭାବ ଅସୁବିଧା ଓ ଦୁଃଖକଷ୍ଟ ବରଣ କରିଥିଲେ ।

ସେତେବେଳେ ଓଡ଼ିଆ ସାହିତ୍ୟରେ ରାଧାନାଥ ଯୁଗର ଅବସାନ ଘଟୁଥାଏ । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସର୍ବତ୍ର ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ଶ୍ରୁତିଗୋଚର ହେଉଥାଏ । ସାହିତ୍ୟରେ ଉଗ୍ର ଜାତୀୟତା, ଉଦାତ୍ତ ମାନବବାଦ ପ୍ରଭୃତି ଅନୁପ୍ରବେଶ କରୁଥାଏ । କୁଳବୃଦ୍ଧ ମଧୁସୂଦନଙ୍କ ଅଧିନାୟକତ୍ୱରେ ଉତ୍କଳ ସମ୍ମିଳନୀ ଓଡ଼ିଆ ପ୍ରାଣରେ କର୍ମନିଷ୍ଠା, ଜାତିପ୍ରୀତି ଓ ସଂହତିର ପରିବେଶ ସୃଷ୍ଟି କରିଥାଏ । ସମାଜରେ ପୂରି ରହିଥିବା କୁସଂସ୍କାର, ଦୁର୍ନୀତି, ଦୁରାଚାର, ଅତ୍ୟାଚର, ଅସ୍ପୃଶ୍ୟତା ପ୍ରଭୃତି ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରାଯାଉଥାଏ ।

୧୯୧୧ ମସିହାଠାରୁ ୧୯୨୦ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁଙ୍କ ଅସାଧାରଣ ଆଦର୍ଶ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ଯେଉଁ ଶିକ୍ଷକଗୋଷ୍ଠୀ ସାକ୍ଷୀଗୋପାଳ ବନବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ, ସେମାନେ ଶିକ୍ଷାଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ

ସ୍ୱାଧୀନଚେତ୍ତା, ଜାତୀୟତାବାଦୀ ଓ କର୍ମନିଷ୍ଠ ଭାବରେ ପ୍ରସ୍ତୁତ କରିବାକୁ ବହୁବିଧ ପଦକ୍ଷେପ ନେଉଥିଲେ । ଭାରତର ମହାଜାତୀୟ ସ୍ରୋତରେ ସେମାନେ ନିଜେ ଝାସ ଦେବା ସଂଗେ ସଂଗେ ଓଡ଼ିଆ ଜାତିର ଉନ୍ନତି ଓ ସମୃଦ୍ଧି ସାଧନରେ ସର୍ବଦା ତତ୍ପର ଥିଲେ । ଓଡ଼ିଶାର ରକ୍ଷଣଶୀଳ ଓ କୀଟଦଂଷ୍ଟ କୁସଂସ୍କାରପୂର୍ଣ୍ଣ ପରମ୍ପରା ବିରୁଦ୍ଧରେ ବଜ୍ରଗମ୍ଭୀର ସ୍ୱର ଉତ୍ତୋଳନ କରିଥିଲେ । ଅବଶ୍ୟ ଏଥି ସହିତ ସେ ଓଡ଼ିଶାର ଅତୀତ ଗୌରବ ଓ ଉଚ୍ଚ ଐତିହ୍ୟ ପ୍ରତି ଯୁବ ଓ ତରୁଣ ଗୋଷ୍ଠୀର ଦୃଷ୍ଟି ଆକର୍ଷଣ କରି ଜାତିପ୍ରୀତି ଓ ଜାତୀୟ ଗର୍ବରେ ଅନୁପ୍ରାଣିତ କରିଥିଲେ । ଏଥିପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସାହିତ୍ୟସେବା ଲିଖନ, ପଠନ, ଆଲୋଚନା, ବିଚାରବିମର୍ଶ ଓ ପ୍ରକାଶନକୁ ସେ ଶକ୍ତିଶାଳୀ ସାର୍ଥକ ମାଧ୍ୟମ ଭାବରେ ଗ୍ରହଣ କରିଥିଲେ ।

**ଗୋଦାବରୀଶଙ୍କ ମାନସିକ ପ୍ରସ୍ତୁତି ଓ ପ୍ରେରଣା :**

ଗୋଦାବରୀଶ ଏକ ଦରିଦ୍ର ପରିବାରରେ ଲାଳିତପାଳିତ ହୋଇଥିଲେ ହେଁ ଜଣେ ତେଜସ୍ୱୀ, ବୁଦ୍ଧିମାନ ଓ କୃତୀଛାତ୍ର ଭାବରେ ବହୁପ୍ରଶଂସା ଓ ସୁନାମର ଅଧିକାରୀ ହୋଇଥିଲେ । ସେତେବେଳର ଦୁର୍ଲ୍ଲଭ ଓ ବହୁବାଞ୍ଛିତ ଇଂରେଜି ଭାଷା ଓ ସାହିତ୍ୟରେ ତାଙ୍କର ଦକ୍ଷତା ଥିଲା ଅସାଧାରଣ । କଲିକତାରେ ଏମ୍. ଏ. ଅଧ୍ୟୟନ କରୁଥିଲାବେଳେ ଇଂରେଜିରେ ସେ ସମସ୍ତଙ୍କୁ ଚମତ୍କୃତ କରୁଥିଲେ । ସେ ଇଚ୍ଛା କରିଥିଲେ ପ୍ରସିଦ୍ଧ ଆଇନଜୀବୀ ହୋଇ ପାରିଥାନ୍ତେ । ଅମାପ ଧନ, ସମ୍ମାନ, ବିଳାସ ଓ ବ୍ୟସନରେ ସେ ଜୀବନନିର୍ବାହ କରିପାରିଥାନ୍ତେ । କିନ୍ତୁ ଜୀବନ ତାଙ୍କର ଭିନ୍ନ ଉପାଦାନରେ ଗଢ଼ା ହୋଇଥିଲା ଏବଂ ଦୁଃଖଦାରିଦ୍ର୍ୟ ତଥା ନିରାଡ଼ମ୍ବର ଜୀବନଯାପନକୁ ଶ୍ରେୟ ବୋଲି ସେ ମନେ କରିଥିଲେ । ଏହି ଦିଗରେ ତାଙ୍କୁ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିଲେ ଦୀନବନ୍ଧୁ ଗୋପବନ୍ଧୁ, ଯାହାଙ୍କର ତ୍ୟାଗ, ନିଷ୍ଠା, ସ୍ୱଦେଶପ୍ରେମ, ସମାଜସେବା ଓ କୃଚ୍ଛ୍ରସାଧନ ଥିଲା ତାଙ୍କ ଜୀବନର ପରମବ୍ରତ । ତାଙ୍କୁ ସେ ଆରାଧ୍ୟ ଦେବତା, ''ପଥପ୍ରଦର୍ଶକ'' ଓ ''ଦର୍ଶନଗୁରୁ'' ଭାବରେ ଗ୍ରହଣ କରିଥିଲେ । ସେ ଏକ ଆବେଗପୂର୍ଣ୍ଣ କବିତାରେ ଗାଇଥିଲେ-

ପରାଣଦେବତା କରି ପୂଜନ୍ତି ଯତନେ
ଦିବାନିଶି ହୃଦପୀଠ ସ୍ନେହ-ସିଂହାସନେ ।
ତୁମରି ନିର୍ଦ୍ଦେଶେ ଆଜି ହୃଦ-ପୀଠେ ଧରି,
କରମ ସାଧନ ଭୂମେ ଅଛି ଅବତରି ।

ଅସୁଖ ବିଷମ ପଥେ ବିହରି ହରଷେ,
ମିଳିବ ଯାବତ ଯାଇ ଦୂର ଧ୍ରୁବ ପାଶେ,
ସେତେବେଳେ ସନମାନେ ନଇବେଦ୍ୟ ଧରି
ପୂଜାତବ, ଆରାଧ୍ୟ ହେ, ପାରିବି ଆଚରି ।''

ଗୋପବନ୍ଧୁଙ୍କ ଦ୍ୱାରା ଗୋଦାବରୀଶ ଏତେ ନିବିଡ଼ ଭାବରେ ପ୍ରଭାବିତ ହୋଇଥିଲେ ଯେ ସେ ଜୀବନର ଚରମ ଦୁର୍ଦ୍ଦିନରେ ମଧ୍ୟ ତାଙ୍କୁ ଗଭୀର ସ୍ନେହ ଓ ଭକ୍ତିରେ ସ୍ମରଣ କରିଛନ୍ତି । ଦୀର୍ଘ ତିନି ଦଶନ୍ଧି ପରେ ମଧ୍ୟ ୧୯୫୧ ମସିହାରେ ସେ ''ଆତ୍ମଚରିତ''ରେ ପ୍ରକାଶ କରିଛନ୍ତି, ''ଏ ଭବ ପାରାବାରରେ ମୋ କ୍ଷୁଦ୍ର ଜୀବନ-ତରୀର କର୍ଣ୍ଣଧାର ସେ । ମୋ ପ୍ରାଣର ଉପାସ୍ୟଦେବତା । ଦୁର୍ବଳ ମୁହୂର୍ତ୍ତମାନଙ୍କରେ ଆଜିସୁଦ୍ଧା ମୁଁ ତାଙ୍କର ମୂର୍ତ୍ତି ଆଖି ଆଗରେ କଳ୍ପନାରେ ଦେଖି ସାନ୍ତ୍ୱନାପାଏ । ଗୋପବନ୍ଧୁଙ୍କ ପରି ସୁହୃଦ, ପଥପଦର୍ଶକ ଓ ଦର୍ଶନଗୁରୁ ନିତାନ୍ତ ବିରଳ ।''

ଏହି ପ୍ରସଙ୍ଗରେ ଗୋଦାବରୀଶଙ୍କ ବର୍ଣ୍ଣିତ ଗୋଟିଏ ଘଟଣା ଖୁବ୍ ଚିତ୍ତାକର୍ଷକ । ୧୯୧୩ ମସିହାର ମେ ମାସ ପହିଲା ତାରିଖ । ଗୋଦାବରୀଶ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍. କରି ସତ୍ୟବାଦୀ ବିଦ୍ୟାଳୟରେ ସେଦିନ ଶିକ୍ଷକ ଭାବରେ ଯୋଗଦେଇଥାନ୍ତି । ତାଙ୍କୁ ସ୍ୱାଗତ କରିବା ପାଇଁ ଛାତ୍ର ଓ ଶିକ୍ଷକମାନଙ୍କର ସଭାଟିଏ ଅନୁଷ୍ଠିତ ହୋଇଥାଏ । ଗୋପବନ୍ଧୁ ତାଙ୍କର ସ୍ୱଭାବସୁଲଭ ଆବେଗଭରା ଭାଷାରେ ଗୋଦାବରୀଶଙ୍କର ପରିଚୟ ଦେଇ ଯାହା କହିଲେ, ସେଥିରେ ''ମୋତେ ସେଦିନ ଆଉ ଥରେ ବ୍ରତ ହେଲା ପରି ଲାଗିଲା । ମୋ ଆଖିରୁ ଅବିରଳ ଲୁହ ବହି ଯାଉଥାଏ । ମୋଠାରୁ ବକ୍ତୃତା ଆଶା କରାଯାଉଥିଲା । ମାତ୍ର ମୁଁ ପାଟି ଫିଟାଇ କିଛି କହିପାରିଲି ନାହିଁ । କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି, ତା ଭାରରେ ମୋ ମୁଣ୍ଡ ଭାଜିପଡୁଥାଏ ।'' ତାପରେ ସେ ଛଅବର୍ଷ ପାଇଁ ଶିକ୍ଷକତାର ''ଗୁରୁଦାୟିତ୍ୱ'' ବହନ କରିଥିଲେ । ଏହି ସମୟ ମଧ୍ୟରେ ସେ କଲିକତାରେ ଶିକ୍ଷକତା-ତାଲିମ ପାଇଥିଲେ । ସ୍ଥୂଳତଃ ସତବାଦୀ ଜାତୀୟ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଜ୍ଞାନଦାନ, ପ୍ରେରଣା ପ୍ରଦାନ ଓ ଉପଯୁକ୍ତ ନାଗରିକ ଗଠନ କରିବା ପାଇଁ ଗୋଦାବରୀଶଙ୍କର ମାନସିକ ଓ ଆବେଗିକ ପ୍ରସ୍ତୁତି ଆଶାନୁରୂପ ହୋଇପାରିଥିଲା ।

**ଗୋଦାବରୀଶଙ୍କ ସାହିତ୍ୟାଦର୍ଶ :**

ସତ୍ୟବାଦୀ ସାହିତ୍ୟିକମାନଙ୍କ ମଧ୍ୟରେ ଗୋଦାବରୀଶ ଅନ୍ୟତମ ଏବଂ ଗୋପବନ୍ଧୁଙ୍କ ଚିନ୍ତାଧାରା ଓ ପ୍ରେରଣାରେ ବିଶେଷ ଉଦ୍‌ବୁଦ୍ଧ ଓ ଉନ୍ମୁଖ । ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର କାଉଁରୀ ସ୍ପର୍ଶରେ ସେ ଖୁବ୍ ଆକୃଷ୍ଟ ହୋଇଥିଲେ ଏବଂ ତାଙ୍କର ତ୍ୟାଗପୂତ ଜୀବନ, ସମାଜସେବା, ଜାତୀୟତା, ସଂସ୍କାରଲିପ୍ସା ଓ ଦୁଃଖଦାରିଦ୍ର୍ୟ ପ୍ରତି ସମ୍ବେଦନା ଗୋଦାବରୀଶଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ଗୋପବନ୍ଧୁ ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ଥିଲେ ସିଦ୍ଧହସ୍ତ ଏବଂ ଗୋଦାବରୀଶ ତାଙ୍କ ପରି ସାହିତ୍ୟର ଉଭୟ ଧାରାରେ ଲେଖନୀ ଚାଳନା କରିଥିଲେ ହେଁ ପଦ୍ୟ ସାହିତ୍ୟ କ୍ଷେତ୍ରରେ ତାଙ୍କ ଦ୍ୱାରା ଅଧିକ ଅନୁପ୍ରେରିତ ହୋଇଥିଲେ ! ସେ "ପୁରୁଷୋତ୍ତମ" ଓ "ମୁକୁନ୍ଦଦେବ" ନାଟକ, 'ଅଭାଗିନୀ', '୧୮୧୭', 'ଘଟାନ୍ତର' ପ୍ରଭୃତି ଉପନ୍ୟାସ, 'ନେପୋଲିୟନ' ଓ 'ଦାସତ୍ୱମୋଚନ' ପରି ଅନୁବାଦିତ ଜୀବନୀ, 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆତ୍ମଜୀବନୀ, ବହୁଗଳ୍ପ, ପ୍ରବନ୍ଧ ଆଦି ରଚନା କରିଥିଲେ ହେଁ ତାଙ୍କ ରଚିତ 'କଳିକା', 'କିଶଳୟ', 'ଆଲେଖିକା', 'ଚୟନ', 'ଗୀତିଗୁଚ୍ଛ', 'ଗୀତାୟନ', ପ୍ରଭୃତି ଗୀତିସାହିତ୍ୟରେ ତାଙ୍କର ଭାସ୍ୱର ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି ।

ଗୋଦାବରୀଶ ଗୋପବନ୍ଧୁଙ୍କ ପରି ପ୍ରସିଦ୍ଧ ଗୀତିକବି ଭାବରେ ସୁପରିଚିତ । ତାଙ୍କର ଗୀତି କବିତାରେ ପ୍ରକୃତିବର୍ଣ୍ଣନା ଥିଲେ ହେଁ, ମନୁଷ୍ୟର ସୁଖଦୁଃଖ, କରୁଣା, ସ୍ନେହମମତା ଓ ସ୍ପର୍ଶକାତରତା ଅଧିକ ଭାବରେ ଉର୍ଜ୍ଜସ୍ୱଳ । ମାନବିକ ସଂପର୍କ, ମାନବିକ ପ୍ରୀତି, ମାନବିକ ଦରଦ ଓ ଅନୁକମ୍ପା ତାଙ୍କର ଅନେକ କବିତାରେ ଜୀବନ୍ତ ଭାବରେ ଆତ୍ମପ୍ରକାଶ କରିଛି । ଶିକ୍ଷକ ଭାବରେ ସେ କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିନାହାନ୍ତି, ସେମାନଙ୍କର ବିପଦଆପଦ, ଦୁଃଖକଷ୍ଟ ଓ ଭଲମନ୍ଦରେ ଅତ୍ୟନ୍ତ ସହାନୁଭୂତିଶୀଳ ହୋଇଛନ୍ତି । ବହୁ ତରୁଣଙ୍କ ସୁସଂପର୍କ, ବନ୍ଧୁତ୍ୱ ଓ ମମତା ତାଙ୍କ କବିପ୍ରାଣକୁ ଗଭୀର ଭାବରେ ସ୍ପର୍ଶକରିଛି । ସାଧାରଣ କବିଙ୍କ ପରି ଉଭୟ ଗୋପବନ୍ଧୁ ଓ ଗୋଦାବରୀଶ ପ୍ରଣୟ ଓ ପରିଣୟର ଚିତ୍ର ସେମାନଙ୍କର କବିକୃତିରେ ରୂପାୟନ କରିନାହାନ୍ତି । ଡଃ ଜାନକୀବଲ୍ଲଭ ମହାନ୍ତି (୧୯୭୧) ଯଥାର୍ଥରେ କହିଛନ୍ତି, "ପରନ୍ତୁ ଏଇ ଦୁଇ କବିଙ୍କ ରଚନା ସୁଗଭୀର ମାନବପ୍ରୀତିରେ ରସାଣିତ, କରୁଣାରେ କୋମଳ ଓ ମମତାରେ ସୁସ୍ନିଗ୍ଧ । ବିଶେଷତଃ ଶିକ୍ଷକ ଓ ବିଦ୍ୟାର୍ଥୀର ମଧୁର ସସ୍ନେହ ସଂପର୍କକୁ ନେଇ ଗୋଦାବରୀଶଙ୍କ ଭଳି କୌଣସି ଉତ୍କଳୀୟ କବି ସରସ ଓ ମନୋଜ୍ଞ କବିତା ଲେଖିଥିଲା ଭଳି ମନେ ହୁଏନାହିଁ ।

**ଗୋଦାବରୀଶଙ୍କ ଶିଶୁସାହିତ୍ୟ :**

ପଣ୍ଡିତ ଗୋଦାବରୀଶ ଖୁବ୍ ସ୍ୱଷ୍ଟବାଦୀ ଓ ସ୍ୱର୍ଶକାତର କବି । ସେ ନିଜର ଦୋଷତ୍ରୁଟି, ଦୁର୍ବଳତା ମଧ୍ୟ ପ୍ରକାଶ କରିବାକୁ ପାଶ୍ଚାତ୍‌ପଦ ହୋଇନାହାନ୍ତି । ତାଙ୍କର କୋମଳପ୍ରାଣ ଅତୀବ ଶିଶୁସୁଲଭ ଏବଂ ନିଜ ଜୀବନର ଆବେଗ ଉଦ୍ଦୀପନା, ହସକାନ୍ଦ ଓ ସୁଖଦୁଃଖର ଅନୁଭୂତି ଅତି ବାସ୍ତବ ଓ ଅତି ସାବଲୀଳ ଭାବରେ ସେ ନିଜର ସାହିତ୍ୟରେ ପ୍ରକାଶ କରିଯାଇଛନ୍ତି । ସେ ଜଣେ ନୈସର୍ଗିକ ଶିକ୍ଷକ ପ୍ରକାଶ କରିଯାଇଛନ୍ତି । ସେ ଜଣେ ନୈସର୍ଗିକ ଶିକ୍ଷକ । ଶିକ୍ଷାର୍ଥୀର ସର୍ବାଙ୍ଗୀନ ବ୍ୟକ୍ତିତ୍ୱର ବିକାଶରେ ସେ ନିରନ୍ତର ସଚେଷ୍ଟ । ଗୋପବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶକ୍ରମେ ସେ ଶିକ୍ଷକତା ବୃତ୍ତି ଗ୍ରହଣ କରିଥିଲେ ହେଁ, ତାଙ୍କର ଥିଲା ପ୍ରକୃତ ଶିକ୍ଷକର ମାନସିକ ଓ ଆବେଗିକ ଭିତ୍ତିଭୂମି । ଅଧିକନ୍ତୁ, ଶିକ୍ଷକତାରେ ଆବଶ୍ୟକ ତାଲିମ ତଥା ପ୍ରଶିକ୍ଷଣପ୍ରାପ୍ତ ହୋଇ ସେ ଶିଶୁ ମନସ୍ତତ୍ତ୍ୱ ଓ ତାର ବିକାଶ ସମ୍ପର୍କରେ ସମ୍ୟକ୍‌ଜ୍ଞାନ ଓ କୌଶଳ ଅର୍ଜନ କରିପାରିଥିଲେ । ତେଣୁ ଶିଶୁସାହିତ୍ୟ ରଚନା ପାଇଁ ତାଙ୍କର ସମସ୍ତ ପ୍ରସ୍ତୁତି ଆବଶ୍ୟକ । ଯଥା ମନସ୍ତାତ୍ତ୍ୱିକ ଓ ଆବେଗିକ, ହୋଇପାରିଥିଲା ।

ଗୋଦାବରୀଶ ''ମୁଁ କାହିଁକି ଲେଖେ'' ଶିରୋନାମାରେ ୧୯୫୧ ମସିହାର ''ଡଗର'' (୧୪ଶ ବର୍ଷ, ୨୧ଶ ସଂଖ୍ୟା)ରେ କହିଥିଲେ, ''ଏବେ ଦେଖୁଛି, କୌଣସି କୌଣସି ଶିଶୁ ସାହିତ୍ୟପ୍ରେମୀ ବେଳେବେଳେ ଶିଶୁଙ୍କ ଉପଯୋଗୀ ଲେଖା ମୋତେ ମାଗନ୍ତି । ପାଠ୍ୟପୁସ୍ତକ ଲେଖକ ଭାବରେ ପରିଚିତ ହୋଇଥିବା ଯୋଗୁଁ ମୁଁ ଏ ସମ୍ମାନ ପାଇଛି ।'' ଶିଶୁଙ୍କ ପାଇଁ ଲେଖିବାରେ ଗୋଦାବରୀଶ ଆତ୍ମସମ୍ମାନ ଲାଭ କରିବା ଏବଂ ପାଠ୍ୟପୁସ୍ତକର ରଚୟିତା ଭାବରେ ଶିଶୁସାହିତ୍ୟ ସ୍ରଷ୍ଟା ହେବାର ଗୌରବ ଲାଭ କରିବା ଏହି ଉକ୍ତିରୁ ସ୍ପଷ୍ଟ ହୋଇଛି । ଗୋଦାବରୀଶଙ୍କ ସାହିତ୍ୟ ପାଠ୍ୟପୁସ୍ତକ ବହୁବର୍ଷ ଧରି ବିଦ୍ୟାଳୟ ସ୍ତରରେ ପ୍ରଚଳିତ ହୋଇଥିଲା । ତାଙ୍କ ରଚିତ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ ଅନେକ କବିତା ଓ ଗଳ୍ପ ଖୁବ୍ ଉଚ୍ଚକୋଟୀର ଏବଂ ଶିଶୁ ତଥା କିଶୋରମାନଙ୍କ ମାନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତା ଅନୁକୂଳ । ସେଗୁଡ଼ିକ ଯଥାର୍ଥ ଶିଶୁସାହିତ୍ୟ ଭାବରେ ଆଦର ଓ ଲୋକପ୍ରିୟତା ଅର୍ଜନ କରିଥିଲା ଏବଂ ସେଥିମଧ୍ୟରୁ ଅଧିକାଂଶ ତାଙ୍କର ଗ୍ରନ୍ଥାବଳୀରେ ସ୍ଥାନ ପାଇଛି ।

ଶିଶୁ ସ୍ୱାଭାବିକ ଭାବରେ ତାର ପୋଷା ଓ ପରିଚିତ ପଶୁପକ୍ଷୀ ତଥା ଗୃହପାଳିତ ଜୀବଜନ୍ତୁଙ୍କୁ ସୁଖପାଏ । ସେମାନଙ୍କ ସାଥିରେ ଖେଳିବାରେ ଆଉ ଗେଲ କରିବାରେ ଅତ୍ୟଧିକ ଆନନ୍ଦ ପାଏ । ଗୋଦାବରୀଶ ଏହି ବିଷୟ ପ୍ରତି ଖୁବ୍ ସଚେତନ ଏବଂ ସେ ବହୁକବିତାରେ ଏହି ପ୍ରିୟ ପଶୁପକ୍ଷୀଙ୍କ କଥାକୁ ଉପଜୀବ୍ୟ କରିଛନ୍ତି । ଗୋଟିଏ ପୋଷା ବିରାଡ଼ି ସଂପର୍କରେ ସେ ଲେଖିଛନ୍ତି,

''ଘରେ ଅଛି ମୋର ଟିକି ପୁଷିଟି, ମୁଁ
କେତେ କରେ ତାକୁ ସ୍ନେହ
ତାକୁ ଯେତେବେଳେ ଧରେ ମୁଁ କୁଣ୍ଢେଇ
ଉଷୁମ ଲାଗେ ତା ଦେହ ।

XXX XXX XXX XXX

ଟାଣିବି ନାହିଁ ତା ଲାଞ୍ଜ ମୁଁ ପଛରୁ
ଆଗେ ଓଗାଳିବି ନାହିଁ,
ଚୁଉଚୁଉ କରି ଡାକିବି ପାଖକୁ
ଦୁଧଭାତ ଦେବା ପାଇଁ
ମୋପାଖେ ବସି ସେ ଦିନରାତି ନିତି
ହେବ ଘୁଡୁ ଘୁଡୁ ସୁଖେ ।
ସେତେବେଳେ ତାକୁ ଆଣି ମୁଁ ଆନନ୍ଦେ
ଜାକି ଧରିବି ମୋ ବୁକେ ।

ଏହି ଭାଷା ଓ ପ୍ରକାଶଭଙ୍ଗୀ କେଡ଼େ ବାସ୍ତବ ! ସେହିପରି ମୂଷା, କୁକୁର, ଜହ୍ନା, ପାରା, ବୁଢ଼ିଆଣୀ, ଗୁଣ୍ଡୁଚିମୂଷା, ପ୍ରଜାପତି ଆଦି ବହୁ ଜୀବଜନ୍ତୁଙ୍କୁ ଉପଜୀବ୍ୟ କରି ସେ ଶିଶୁପ୍ରିୟ କବିତାମାନ ଲେଖିଛନ୍ତି । ଶିଶୁ ଦୃଷ୍ଟିରେ ନିର୍ଜୀବ ମଧ୍ୟ ଜୀବନ୍ତ ଏବଂ ପଶୁପକ୍ଷୀ ମଧ୍ୟ କଥାବାର୍ତ୍ତା କରନ୍ତି, ହସଖୁସି ହୁଅନ୍ତି । କବି ସ୍ୱଭାବସୁଲଭ ଶୈଳୀରେ ଗୋଟିଏ ହାତୀ ଓ ଏକ ମାଛି ମଧ୍ୟରେ ଆଳାପର ସୂତ୍ରପାତ କରିଛନ୍ତି । ତାହା କେତେ ମନୋଜ୍ଞ ଓ ଆକର୍ଷଣୀୟ ହୋଇଛି, ଦେଖନ୍ତୁ । ମାଛିଟି ହାତୀ ଉପରେ ବସି କଷ୍ଟ ହେଉଛି କି ନାହିଁ ପଚାରୁଛି ।

''କହିଲେ ଉଡ଼ି ମୁଁ ଯିବି ଏଇ ଲାଗେ,
ଆନଥାନ ଉଣ୍ଡି ବସିବି ସରାଗେ ।
ତୋ ଅଙ୍ଗେ କିମ୍ପାଇଁ ଲଦିବି ମୋ ଭାରା ?
କହକି କହୁ କହ କଥା ସାରା ?

ହାତୀ ଉତ୍ତର ଦେଉଛି-

''ବସିଲେ ବସ ତୁ ଉଡ଼ିଗଲେ ଯାଆ,
ମୋତେ ପଚାରୁଛୁ କିମ୍ପାଇରେ ବାୟା,
ମୋ ଦେହେ ଆସି ଯେ ବସିଅଛୁ ତୁହି
ସେକଥା ତ କିଛି ନଜାଣଇ ମୁହିଁ ।''

ଏହିପରି ପିମ୍ପୁଡ଼ି ଓ ଝିଣ୍ଟିକା, ମଞ୍ଜି ଓ ମଣିଷ, ପୋଖରୀ ଓ କଇଁଫୁଲ, ବୁଦ୍ଧ ଓ ଗୁଣ୍ଡୁଚିମୂଷା ପ୍ରଭୃତି ମଧ୍ୟରେ ହୋଇଥିବା କଥାବାର୍ତ୍ତା ଖୁବ୍ ଉପଭୋଗ୍ୟ ହୋଇଛି । ଏହି ପର୍ଯ୍ୟାୟରେ ନାକଆଖି ମକଦ୍ଦମା, ଆଖୁଫଳ ମଜା, ବାପାଙ୍କ ଛତା ପ୍ରଭୃତି କବିତାଗୁଡ଼ିକ ଖୁବ୍ ଚିତ୍ତାକର୍ଷକ ।

ଗୋଦାବରୀଶ ଗାଥାକବିତାର କବି ଭାବରେ ବିଶେଷ ପରିଚିତ ଓ ଲବ୍ଧପ୍ରତିଷ୍ଠ । ଲୋକପ୍ରିୟ ଗଳ୍ପଗୁଡ଼ିକୁ ସେ କବିତା ରୂପରେ ଫୁଟାଇବାରେ ଅଧିକ ସିଦ୍ଧହସ୍ତ । ଶିଶୁ ତ ସ୍ୱଭାବତଃ ଗଳ୍ପପ୍ରିୟ । କଥା ଓ କାହାଣୀର ଆକର୍ଷଣ ଶିଶୁ ତଥା କିଶୋର ପାଇଁ ଦୁର୍ନିବାର । ଏହି ଶ୍ରେଣୀର କବିତାଗୁଡ଼ିକ ମଧ୍ୟରେ ଦସ୍ୟୁରୁ ଋଷି, ଗଣେଶ ଓ କାର୍ତ୍ତିକଙ୍କ ବିବାଦ, ତେଲୀ ଓ ପଣ୍ଡିତ, ବିଲୁଆର ଆମ୍ବତୋଳା, ବଗର ବଇଦପଣିଆ, ବିରାଡ଼ି ବୈଷ୍ଣବ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି ଗଳ୍ପଗୁଡ଼ିକ ମଧ୍ୟରୁ କେତେକ ଲୋକକଥା, କେତେକ ପୌରାଣିକ କଥା, କେତେକ ହିତୋପଦେଶ ତଥା ପଞ୍ଚତନ୍ତ୍ରର କଥା । ସରଳ ଓ ସାବଲୀଳ ଭାଷାଶୈଳୀରେ ସେଗୁଡ଼ିକ କବିତା ରୂପ ନେଇ ବିଶେଷ ଶିଶୁ ଉପଯୋଗୀ ଓ ହୃଦୟଗ୍ରାହୀ ହୋଇଛି ।

ଏଠାରେ ''ଗଣେଶ ଓ କାର୍ତ୍ତିକଙ୍କ ବିବାଦ''ରୁ ଏକ ଉଦ୍ଧୃତି ନିଆଯାଇପାରେ । କାର୍ତ୍ତିକ ବିଶେଷ କଷ୍ଟ କରି ବିଶ୍ୱବ୍ରହ୍ମାଣ୍ଡ ପରିକ୍ରମା କରିବା ବେଳେ. ଗଣେଶ ଶିବଙ୍କ ଚତୁର୍ଦ୍ଦିଗରେ ବୁଲି କହିଛନ୍ତି :-

''ଦେହେ ତାଙ୍କ ସବୁ ବ୍ରହ୍ମାଣ୍ଡ ରହିଛି
ତାଙ୍କ ଚଉପାଶେ ବୁଲିଛି ମୁହିଁ ।
ଗାଦିକି ମୋ ଦାବି ହୋଇଲା ସାବ୍ୟସ୍ତ
ତୋତେ ନମିଳିବ ଚାଖଣ୍ଡେ ଭୂଇଁ ।

ଶୁଣି ମହାଦେବ କହିଲେ କାର୍ତ୍ତିକେ
''ଜାଣୁ ଅଟେ ବଡ଼ ଗଣେଶ ଜ୍ଞାନେ ।
ଜ୍ଞାନ ବଳେ ତୋତେ ଜିଣିଲା ସେ ଏବେ
ଗାଦି ତା'ର ହେଲା ନ୍ୟାୟ ପ୍ରମାଣେ ।''

ଶିଶୁ ଓ କିଶୋରମାନଙ୍କୁ ଗୀତ ଛଳରେ ଗପଟିଏ କହି ଶେଷରେ ଗୋଟିଏ ନୀତିବାକ୍ୟ ଶିକ୍ଷାଦେବା ଲେଖକଙ୍କର ଲକ୍ଷ୍ୟ ଏବଂ ଏହି ଲକ୍ଷ୍ୟ ସାଧିତ ହୋଇପାରିଛି । ଗୋଦାବରୀଶଙ୍କ ଅଧିକାଂଶ କବିତା କିଶୋରକିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସେଗୁଡ଼ିକ ମଧ୍ୟରୁ ଅନେକ ପୁଣି କରୁଣ ରସାଶ୍ରୟୀ । ସେଗୁଡ଼ିକରେ ସଖାସୋଦର, ବନ୍ଧୁବାନ୍ଧବ ସର୍ବୋପରି ଯେକୌଣସି ମନୁଷ୍ୟର ମୃତ୍ୟୁ, ବିଚ୍ଛେଦ, ଦୁଃଖକଷ୍ଟ ପ୍ରଭୃତି ପ୍ରଧାନ ଉପଜୀବ୍ୟ କବିଙ୍କର ବ୍ୟଥା, ବେଦନା ଓ ସହାନୁଭୂତି ସତେ ଯେମିତି ଅନ୍ତଃସଲିଳା ଫଲଗୁଧାରା ପରି ସେହି କବିତାମାନଙ୍କରେ ପ୍ରବାହିତ । ସେଥିପାଇଁ ସେଗୁଡ଼ିକ ହୋଇଛି ଖୁବ୍ ସାର୍ଥକ ଓ ମର୍ମସ୍ପର୍ଶୀ । ବିଖ୍ୟାତ ଇଂରେଜ କବି ସେଲି(Shelley)ଙ୍କ ବାଣୀ ''ସବୁଠାରୁ ଅଧିକ ଦୁଃଖମୟ ଭାବଧାରାକୁ ପ୍ରକାଶ କରୁଥିବା ଆମର କବିତାଗୁଡ଼ିକ ହେଲା ସବୁଠାରୁ ମଧୁର'' । (Our Sweetest Songs are those that tell the saddest thoughts.) ଗୋଦାବରୀଶଙ୍କ କବିତାରୁ ଅଳ୍ପ କେତୋଟି ଦୃଷ୍ଟାନ୍ତ ଏଠାରେ ଦିଆଯାଇପାରେ ।

କବି କଲିକତାରେ ଶିକ୍ଷକତା-ତାଲିମ (B.T.) ପାଉଥିଲା ବେଳେ ବଡ଼ଦିନ ଛୁଟି ହେଲା । ସାଙ୍ଗସାଥୀମାନେ ନିଜ ନିଜ ଘରକୁ ଚାଲିଗଲେ । ମାତ୍ର ଗୋଦାବରୀଶ ଏକା ରହି ନିଃସଙ୍ଗବୋଧ କରିଛନ୍ତି ଏବଂ ମନରେ ନାନା ସୁଖଦୁଃଖଜଡ଼ିତ ସ୍ମୃତି ଡେଇଁଉଠିଛି । ସେ ତେଣୁ ଗାଇଛନ୍ତି -

"ଯେ ଯାହାର ପୁରେ ଆଜି
ଯାଅହେ ପୁଲକେ ଚାଲି,
ରହିବି ଏକାଠି ମୁହିଁ,
ବିଜନେ ପରାଣ ଢାଳି ।"

ବିଶ୍ୱବିଖ୍ୟାତ ଇଂରେଜ କବି ୱାଡ଼୍ସଓ୍ୱର୍ଥ (Wordsworth) ବାରମ୍ବାର କହିଯାଇଛନ୍ତି " ସବୁ ସାର୍ଥକ କବିତା ହେଉଛି ସବଳ ଆବେଗାନୁଭୂତିର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ । (all good poetry is the spontaneous overflow of powerful feelings) କବିପ୍ରାଣ ଗୋଦାବରୀଶ ଯେଉଁଠି ଅନ୍ୟର ବ୍ୟଥାରେ ବ୍ୟଥିତ ଓ ଦୁଃଖରେ ଦୁଃଖିତ, ସେଇଠି ତାଙ୍କର କବିତା ହୋଇଛି ଅଧିକ ସଫଳ ଓ ଉପଭୋଗ୍ୟ । ତାଙ୍କର କରୁଣା ଓ ସୌହାର୍ଦ୍ଦ୍ୟର ସ୍ରୋତ ସତେ ଯେମିତି ସୀମା ଟପି ପ୍ରବାହିତ ହୋଇଛି । ଜଣେ କ୍ଳାନ୍ତଶ୍ରାନ୍ତ ଭିକ୍ଷୁକକୁ ଦେଖି ସେ ତା'ର କ୍ଷୁଧାର୍ତ୍ତ ଶିଶୁ ଓ ଅନ୍ୟମାନଙ୍କର ଘୃଣାବ୍ୟଞ୍ଜକ ଭ୍ରୁକୁଟି ଇତ୍ୟାଦି ସ୍ମରଣ କରିଛନ୍ତି ଏବଂ ଅତି ଯଥାର୍ଥରେ ଲେଖିଛନ୍ତି,

"ଦୁଃଖୀ ପାଇଁ ଦିନେ କାହାର ଜଗତେ
ନ କାନ୍ଦେ ଅନ୍ତର ତିଳେ
ଯାହାର ଯେମିତି ଧନ-ମାନ ଶିରୀ
ପୂଜା ତା'ର ମହୀତଳେ ।"

ସାକ୍ଷୀଗୋପାଳଠାରେ କବିଙ୍କର ଜଣେ ପ୍ରତିବେଶୀ ଗୋପାଳର ଅକାଳ ମୃତ୍ୟୁ ତାଙ୍କୁ ଗଭୀର ଦୁଃଖରେ ମ୍ରିୟମାଣ କରିଛି । ସେ ବ୍ୟଥାତୁର ପ୍ରାଣରେ ଗାଇଛନ୍ତି-

"ଏବେ ଯେ ଗଲ ଚାଲି ଏ ଭୂଇଁ ତେଜି
ଧରା ଗଗନେ କାହିଁ ନପାଏ ଖୋଜି,
ବାରେ କି ଫେରି ଆଉ ଆସିବ ନାହିଁ ?
ଦୁଧ ଭାଉଟି କାନ୍ଦେ ମଉନେ ଚାହିଁ ?"

କି ଶୋକାକୁଳ ହୃଦୟର ଭାଷା ଏଠାରେ ଅଭିବ୍ୟକ୍ତ ହୋଇଛି !

ସୁଦୂର କଳାହାଣ୍ଡିରୁ ଆସି ସତ୍ୟବାଦୀ ବନବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବଂଶୀଧର ବୋଲି ବାଳକଟିଏ ବିସୂଚିକାରେ ଆକ୍ରାନ୍ତ ହୋଇ ଅକାଳ ମୃତ୍ୟୁବରଣ କରିଛି ।

କବି ତା'ର ମୃତ୍ୟୁଶଯ୍ୟାରେ ବସି ବ୍ୟାକୁଳ ଓ ବିଷର୍ଣ୍ଣ ହୋଇ ପଡ଼ିଛନ୍ତି । ସେ ନିଜ ଦୁଃଖାବେଗକୁ ପ୍ରକାଶ କରି ଲେଖିଛନ୍ତି -

''ନିଜ ହାତେ ଘରୁ ତୁରିତେ କରିଦେଲି ଅନ୍ତର
ନିଜ କାନ୍ଧେ ପରା ବହି ମୁଁ ନେଲି ବନଭିତର
ନିଜେ ମୁହିଁ ଚିତା ଅନଳ ଦେଲି ଯତନେ ଜାଳି
ଯେହୁ ତୁମ ଜଳା ଚିତାରେ ଦିନେ ଥାଆନ୍ତା ଜଳି ।''

ଗୋଦାବରୀଶଙ୍କ ''ଗଣ୍ଠିଧନ ସାଥୀ'' କବିତାଟି ତାଙ୍କ କୋମଳପ୍ରାଣର ଏକ ରସୋଜ୍ଜ୍ୱଳ ପରିପ୍ରକାଶ । ଗୋଟିଏ ଚଣ୍ଡାଳ ବାଳକ ଖପରା ଖଣ୍ଡକରେ ମୁଠେ ମୁଢ଼ି ଧରି ଖାଉଥିଲା ବେଳେ କବିଙ୍କୁ ଦେଖି ତାହା ଯାଚିଥିଲା । କବି ମଧ୍ୟ ପିଲାଟି ମନରେ ଦୁଃଖ ହେବ ବୋଲି ମନା ନକରି ସେହି ମୁଢ଼ିତକ ଖାଇଥିଲେ । ଏହି ଅବସରରେ ସ୍ପର୍ଶକାତର ମନରେ ତାଙ୍କର ଜାଗିଉଠିଛି ନିଜ ମାତାଙ୍କର ସ୍ନେହଜଡ଼ିତ ସ୍ମୃତି । ସେ ତେଣୁ ଗାଇଛନ୍ତି,

''ଏ ମରତେ ବଞ୍ଚି ବୋଉ ଥିଲେ ଆଜି ରହି
ଏତେ ହୀନିମାନ ହୃଦେ ପାରନ୍ତୁ କି ସହି ?
ବେନି କି ନିଅନ୍ତୁ ପରା ବେନି କରେ ପାତି
ମୁଁ ତୋ ଗଣ୍ଠିଧନ, ଏଯେ ଗଣ୍ଠିଧନ ସାଥୀ ।''

କବିଙ୍କର ସମ୍ବେଦନା କେବଳ ମଣିଷ ମଧ୍ୟରେ ସୀମିତ ନୁହେଁ । ଏହା ନିରୀହ ଅକିଞ୍ଚନ ପଶୁପକ୍ଷୀଙ୍କ ଦୁଃଖରେ ମଧ୍ୟ ଆତ୍ମପ୍ରକାଶ କରିଛି । କାଳିଜାଈଙ୍କ ପାଖରେ ବଳି ପଡୁଥିବା କୁକୁଡ଼ା, ସେଠାରେ ଛଡ଼ା ଯାଉଥିବା ଛେଳିଛୁଆ, ପୋଷା ମିରିଗଛୁଆ ଓ ଶୁଆର ମୃତ୍ୟୁରେ ତାଙ୍କର ପ୍ରାଣ କାନ୍ଦି ଉଠିଛି । ସେ ମୃତ ଶୁଆର ପଞ୍ଜୁରିଟିକୁ କାଠଯୋଡ଼ିରେ ଫିଙ୍ଗିଦେଇ କହିଛନ୍ତି :-

''ବହି ନିଅ ଖରେ କାଠଯୋଡ଼ି ପାଣି
ବାଲିଶିଳା ପଙ୍କେ ଦିଅରେ ପୋତି
ପରାଣର ଏ ଯେ ପଞ୍ଜୁରୀଟି ମୋର
ଫିଙ୍ଗିଦେଲି ତୋର ଗରଭେ ଏଥି ।''

ତାଙ୍କର ସ୍ନେହ ମମତା ଯେମିତି ନୈସର୍ଗିକ, ସେମିତି ସାର୍ବଜନୀନ ।

ଗୋଦାବରୀଶଙ୍କ ପ୍ରକୃତି-ପ୍ରେମ ଗିରି-ନିର୍ଝରିଣୀ ପରି ବହିଯାଇଛି ସିକ୍ତ କରି ତାଙ୍କର ଅନେକ କବିତାକୁ । ପ୍ରକୃତିର ପର୍ବତପ୍ରାନ୍ତର ସୂର୍ଯ୍ୟଚନ୍ଦ୍ର, ନଦୀହ୍ରଦ, ପଶୁପକ୍ଷୀ ପ୍ରଭୃତି ତାଙ୍କର ଅତି ପ୍ରିୟ ଓ ଜୀବନ୍ତ । ସେମାନେ ତାଙ୍କ ଜୀବନର ସଖା, ସୋଦର, ମାତା, ଭଗ୍ନୀ, ପ୍ରେୟସୀ ଭାବରେ ରୂପାୟିତ ହୋଇଛନ୍ତି । ପ୍ରତିଟି ଧୂଳିମାଟି, ଫୁଲଫଳ, ଗଛଲତା ତାଙ୍କର ହୋଇଛି ଅତି ଆପଣାର ଓ ଆଦରର । ବକୁଳବନ, କବିତାଟିରେ ସେ ଗାଇଛନ୍ତି,

"ଫୁଲର କେଶରେ ଫୁଲରେଣୁ ହୋଇ
ନିମିଷେ ଯାଆନ୍ତି ମିଶି,
ଅଳିଦଳ ମଧୁ ଗୁଞ୍ଜନେ ସରବ
ଫୁଲେ ବିହରନ୍ତି ଆସି

XXX XXX XXX

ମାଗି ମୋ ମେଲାଣି ଜୀବନ-ସାୟାହ୍ନେ
ମୁଦନ୍ତେ ମୁଁ ନେତ୍ରବେନି
ଏ ଭୂମିର ମାଟି ମାଟିରେ ମିଶାଇ
ରଖିବ ମୋ ତନୁ ଘେନି ।"

ପ୍ରକୃତିକବି ଗୋଦାବରୀଶ ୱାର୍ଡ୍‌ସଓର୍ଥଙ୍କ ପରି କୋକିଳର ମଧୁର କୁହୁତାନରେ ଆତ୍ମହରା ହୋଇଛନ୍ତି । ତା'ର କୂଜନ ଅମୂର୍ତ୍ତ, ଅମୃତଧାରା ଏକ ଏକ ବିଦ୍ୟୁତ୍ ସ୍ରୋତ ଭାବରେ କଳ୍ପନା କରିଛନ୍ତି । ଜୀବନର ଦୁଃଖଦ ଜଞ୍ଜାଳ ମଧ୍ୟରେ ତାହା ସେ କେବେ ଉପଭୋଗ କରି ପାରି ନାହାନ୍ତି । କିନ୍ତୁ ଦିନେ ସେ ତାକୁ ଯେମିତି ହୃଦୟଭରି ପାନ କରିବାକୁ ଉତ୍‌କର୍ଣ୍ଣ ଓ ଉଦ୍‌ଗ୍ରୀବ ।

"କେତେ କେତେ ଦିନ ଯାଇଛିରେ ପିକ
ବିତି ଏ ଜୀବନ ନୟନେ ମୋର

ନିମିଷକେ ଲାଗି ଲୋଡ଼ିନାହିଁ ଏ ଯେ
ସୁଧାବାଣୀ ତୋ କଣ୍ଠର ।
ଢାଳ ଆଜି ଢାଳ କାନନ ଅତିଥି
ଅଦେହ ଅମୃତ କେଳି,
ଶୂନ୍ୟରୁ ଉଛୁଳି ଶୂନ୍ୟ ଅନ୍ତରୀକ୍ଷେ
ଯାଉ ଏ ତଡ଼ିତ ଖେଳି ।''

କବିଙ୍କର ପରିଚିତ ପରିବେଶର ପ୍ରତ୍ୟେକଟି ଉପାଦାନ ପ୍ରତି ତାଙ୍କର ଅସୀମ ସ୍ନେହଶ୍ରଦ୍ଧା । ଚିଲିକା ହ୍ରଦ, ଶାଳିଆ ନଦୀ, ଘଣ୍ଟଶିଳା ପାହାଡ଼, ଜଗମୋହନ ପୋଖରୀ, ଆଦି ପ୍ରତ୍ୟେକ ତାଙ୍କ ପ୍ରାଣତନ୍ତ୍ରୀରେ ଅପୂର୍ବ ଝଙ୍କାର ତୋଳେ ଏବଂ ସେ ମନରେ ଅପୂର୍ବ ପୁଲକ ସୃଷ୍ଟି କରେ ।

ଗୋଦାବରୀଶ ଗାଥାକବିତାର ଏକ ସିଦ୍ଧହସ୍ତ ସ୍ରଷ୍ଟା । ଓଡ଼ିଶାର ଐତିହ୍ୟ ଓ ଜନଶ୍ରୁତିରୁ ଚିତ୍ତାକର୍ଷକ ଘଟଣାଗୁଡ଼ିକୁ ସେ ଗାଥା କବିତା ରୂପରେ ରଚନା କରି ଅସାଧାରଣ ସାଫଲ୍ୟ ଅର୍ଜନ କରିଛନ୍ତି । ତାଙ୍କର ଲାଳିତ୍ୟପୂର୍ଣ୍ଣ ଭାଷା ଓ ନିରାଡ଼ମ୍ବର ଶୈଳୀ ନିତାନ୍ତ ଅନନୁକରଣୀୟ ଓ ସ୍ୱକୀୟ । ତାଙ୍କର ଜାତିପ୍ରୀତି, ଆବେଗଉଚ୍ଛ୍ୱାସ ଓ ସମ୍ବେଦନଶୀଳତା ଏହି କବିତାଗୁଡ଼ିକ ମଧ୍ୟରେ ସଂଗୀତର ଅପୂର୍ବ ମୂର୍ଚ୍ଛନା ତୋଳିଛି । ତାଙ୍କର 'କାଳିଜାଇ' ଗାଥା କବିତାଟି ଏତେ ଲୋକପ୍ରିୟ ଯେ, ଏଠାରେ ତା'ର ଉଦ୍ଧୃତି ନଦେଲେ ଚଳିବ । ତାଙ୍କର 'ଜନ୍ମଭୂଇଁ' କବିତାଟିରେ ଅନାବିଳ ଜାତୀୟତା ସ୍ପଷ୍ଟ ରୂପେ ଆତ୍ମପ୍ରକାଶ କରିଛି ।

''ଜନମ ଭୂମି ଯେ ମାଟିପଥରର
ଜନନୀକୁ ବଳି ବଡ଼ ।
ସେ ଜନମ ଭୂମି ସେବା ସେ କରଇ
ନର ଜନ୍ମ ଧନ୍ୟ ତା'ର ।

କବିଙ୍କର 'ଗାଲମାଧବ', 'କାଞ୍ଚି ବିଜୟ', ସାକ୍ଷୀଗୋପାଳ' ଆଦି ଗାଥା କବିତାଗୁଡ଼ିକ ବିଶେଷ ଉଲ୍ଲେଖଯୋଗ୍ୟ ।

କବିଙ୍କ 'ଉଦ୍‌ବୋଧନ' କବିତାଟିରେ ମଧୁର ସଂଗୀତ ଓ ଭାବର ମୂର୍ଚ୍ଛନା ଅତ୍ୟନ୍ତ ମନୋମୁଗ୍ଧକର। ତାଙ୍କ ଅନ୍ତରର ଭାଷା ଓ ଉଚ୍ଛାସ ସତେ ଯେମିତି ଗିରିନିର୍ଝର ପରି ଏଥିରେ ଉତ୍ସାରିତ ହୋଇଛି। ସେ ଗାଇଛନ୍ତି :

''ଆହା ଏ ଉତ୍କଳ କିବା ସରଗ ଭୂମି
ବିଲବନ, ଶୈଳସିନ୍ଧୁ ସୁଷମା ଘେନି !
ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ
ମରନର ଜୀବନେ।''

ଜନ୍ମମାଟିର ରୂପ, ରସ ଓ ଛନ୍ଦ କବିଙ୍କୁ ଆତ୍ମହରା କରିଛି। ବିଭିନ୍ନ ରୂପରେ ସେ ମାତୃଭୂମିର ଅର୍ଚ୍ଚନା କରିଛନ୍ତି।

**ପୌରାଣିକ କଥା :**

ସତ୍ୟବାଦୀ ସାହିତ୍ୟ ଯୁଗର ଏକ ବିଶେଷ ଲକ୍ଷ୍ୟଥିଲା କିଶୋର ଓ ତରୁଣ ଛାତ୍ରଛାତ୍ରୀମାନଙ୍କ ଅତୀତ ଐତିହ୍ୟ ତଥା ସଂସ୍କୃତି ସଂପର୍କରେ ସଚେତନ କରାଇବା। ଏହି ଲକ୍ଷ୍ୟପୂରଣ କରିବା ପାଇଁ ସେହି ଯୁଗର ସାହିତ୍ୟିକମାନେ ନିଷ୍ଠାପର ଉଦ୍ୟମ କରିଥିଲେ। ଗୋପବନ୍ଧୁଙ୍କ ''ଧର୍ମପଦ'' ଓ ''ନଚିକେତା ଉପାଖ୍ୟାନ'', ନୀଳକଂଠଙ୍କ ''ପିଲାଙ୍କ ରାମାୟଣ'', ''ପିଲାଙ୍କ ମହାଭାରତ'' ଓ ''ପିଲାଙ୍କ ଭାଗବତ'', କୃପାସିନ୍ଧୁଙ୍କ ''କୋଣାର୍କ'' ପ୍ରଭୃତି ରଚନା ଏହି ଉଦ୍ଦେଶ୍ୟରେ ଅଭିପ୍ରେତ। ଗୋଦାବରୀଶ ମଧ୍ୟ ଏଦିଗରେ ପଶ୍ଚାଦ୍‌ପଦ ହୋଇ ନଥିଲେ। ସେ ''ମୁକୁନ୍ଦଦେବ'' ଓ ''ପୁରୁଷୋତ୍ତମଦେବ'' ନାଟକ ବ୍ୟତୀତ ''ରାମାୟଣ କଥା'', ''ମହାଭାରତ କଥା'' ଓ ''ପଞ୍ଚବୀର'' ପୁସ୍ତକ ରଚନା କରିଥିଲେ। ଗତାନୁଗତିକ ବିଷୟବସ୍ତୁ ହେଲେ ହେଁ ସରଳ ଓ ସଂକ୍ଷିପ୍ତ ଭାଷା ଓ ବାକ୍ୟଗଠନ ପିଲାମାନଙ୍କ ପାଇଁ ନିତାନ୍ତ ଅନୁକୂଳ। ''ରାମାୟଣ କଥା''ର ଆରମ୍ଭରୁ ଲେଖାଯାଇଛି, ''ବହୁକାଳ ପୂର୍ବେ ଦଶରଥ ଅଯୋଧ୍ୟାର ରାଜା ଥିଲେ। ତାଙ୍କର ତିନିରାଣୀ। ସେମାନଙ୍କର ନାମ କୌଶଲ୍ୟା, କୈକେୟୀ ଓ ସୁମିତ୍ରା''। ମହାଭାରତ ଭାଷା ଓ ଶୈଳୀ ମଧ୍ୟ ଅନୁରୂପ।

ଗୋଦାବରୀଶ ସଫଳ ଭାବରେ ଗଳ୍ପକଥନ ଭଙ୍ଗୀକୁ ଲିଖନରେ ଉପଯୋଗ କରିଛନ୍ତି ଏବଂ ଭାଷାଶୈଳୀକୁ ଅତି ସରଳ ଓ ସାବଲୀଳ କରି ପାରିଛନ୍ତି। ଏହିସବୁ ଉପାଦାନକୁ

ଚିତ୍ତାକର୍ଷକ କରିବା ପାଇଁ ସେ କୌତୂହଳ ତଥା (Curiousity) ଉତ୍କଣ୍ଠା (Suspense)ର ସଦୁପଯୋଗ କରିଛନ୍ତି । ଗୋଦାବରୀଶଙ୍କ ଲେଖାର ଚମତ୍କାରିତା ନିମ୍ନୋକ୍ତ ଉଦ୍ଧୃତିରୁ ଦ୍ରଷ୍ଟବ୍ୟ : ''ଏକଥା ଶୁଣି ଦଶରଥ କାଠ ହୋଇଗଲେ । ଏକେ ରାମ ପିଲାଲୋକ, ବୟସ ମୋଟେ ପନ୍ଦରଷୋହଳ ବର୍ଷ । ତାପରେ ପୁଣି, ତାଙ୍କରି ମୁହଁକୁ ଚାହିଁ ସେ ଜୀବନ ଧରି ରହିଛନ୍ତି । +++ ସେ ପିଲାଲୋକ । ରାକ୍ଷସକୁ ଦେଖୁ ଦେଖୁ ତା କଲିଜା ପାଣି ଫାଟିଯିବ । ସେ ଆଉ ଲଢ଼ିବେ କେତେବେଳେ ? ତା ଦ୍ୱାରା ଏକାମ ନୁହେଁ । ମୁଁ ଯିବି, ମୋତେ ନିଅନ୍ତୁ ତାକଥା ଛାଡ଼ନ୍ତୁ'' (ରାମାୟଣ କଥା) ।

ଗୋଦାବରୀଶଙ୍କ ''ପଞ୍ଚବୀର''ରେ ମହାଭାରତର ପଞ୍ଚପାଣ୍ଡବ-ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବଙ୍କ ବୀରତ୍ୱପୂର୍ଣ୍ଣ କାହାଣୀଗୁଡ଼ିକ ବର୍ଣ୍ଣିତ ହୋଇଛି । ସେମାନଙ୍କର ଦୁଃସାହସିକ ଯାତ୍ରା, ରୋମାଞ୍ଚକର କାର୍ଯ୍ୟକଳାପ ପିଲାମାନଙ୍କ ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତାକୁ ପୂରଣ କରିଥାଏ । ପୂର୍ବୋକ୍ତ ଭାଷାଶୈଳୀ ମଧ୍ୟ ଏହି ପୌରାଣିକ କାହାଣୀଗୁଡ଼ିକର ରଚନାରେ ଖୁବ୍ ସାର୍ଥକତାର ସହିତ ରୂପାୟିତ ହୋଇଛି । ପୁରାଣପ୍ରସିଦ୍ଧ ବୀରମାନଙ୍କର ସାହସ, ଧୈର୍ଯ୍ୟ, ବୀରତ୍ୱ, ବୁଦ୍ଧିମତ୍ତା ପ୍ରଭୃତି ସଦ୍‌ଗୁଣଗୁଡ଼ିକ ପିଲାମାନଙ୍କ ପକ୍ଷେ ଶିକ୍ଷଣୀୟ ଆଦର୍ଶ ଭାବରେ ଉପସ୍ଥାପିତ ହୋଇଥିବାରୁ ଏହି କୃତିଟି ଖୁବ୍ ଉପାଦେୟ ।

**ଜ୍ଞାନବିଜ୍ଞାନମୂଳକ ରଚନା :**

ଆଜିର ଜ୍ଞାନବିଜ୍ଞାନ ଯୁଗରେ ପିଲାମାନଙ୍କୁ ଅନେକ କଥା ଜାଣିବାକୁ ସୁବିଧା ଦେବାକୁ ହେବ । ବିଶେଷତଃ ସେମାନଙ୍କର ସ୍ୱଭାବସୁଲଭ ଜିଜ୍ଞାସା ଓ କୌତୂହଳକୁ ଚରିତାର୍ଥ କରିବା ନିତାନ୍ତ ଆବଶ୍ୟକ । ଗୀତ ଓ ଗଳ୍ପ ଦ୍ୱାରା ସେମାନଙ୍କର ଚିତ୍ତବିନୋଦନ ଓ ସାହିତ୍ୟିକ ସାମର୍ଥ୍ୟ ବୃଦ୍ଧି ସମ୍ଭବ ହୋଇଥାଏ । କିନ୍ତୁ ସେମାନଙ୍କର ମନରେ ଯେଉଁସବୁ ପ୍ରଶ୍ନଉଠେ, ସେଗୁଡ଼ିକର ଯଥାର୍ଥ ଉତ୍ତର ପାଇବା ଉଚିତ । ଅନେକ ସମୟରେ ଏ ସଂପର୍କରେ ଆମେ ବହୁପ୍ରକାର ଅନ୍ଧବିଶ୍ୱାସ ଓ ଅମୂଳକ ଧାରଣା ଦେଇଥାଉଁ କିମ୍ବା ଗତାନୁଗତିକ ଭାବରେ ସେଗୁଡ଼ିକ ଭ୍ରାନ୍ତ ରୂପରେ ଚାଲି ଆସିଥାଏ । ଏହି ଅଭାବ ଦୂର କରିବା ପାଇଁ ଗୋଦାବରୀଶ ଏକ ନୂତନ ଧରଣର ପଦକ୍ଷେପ ନେଇ ପାରିଥିଲେ । ତାଙ୍କ ଲିଖିତ ''ପିଲାଙ୍କ କାହିଁକି ?'' ଶୀର୍ଷକ ଦୁଇଖଣ୍ଡି ବହି ଏଦିଗରେ ବିରାଟ କୃତିତ୍ୱ ।

'ପିଲାଙ୍କ କାହିଁକି' ପ୍ରଥମ ଭାଗରେ ୪୫ଟି ସ୍ୱାଭାବିକ ପ୍ରଶ୍ନର ସରଳ ଉତ୍ତର ଦିଆଯାଇଛି । ଏହି ପ୍ରଶ୍ନଗୁଡ଼ିକର ଦୃଷ୍ଟାନ୍ତ ହେଲା- ଆମେ କାହିଁକି କାନ୍ଦୁ ? ଆମେ କାହିଁକି ଶୋଉ ? ଆମେ କାହିଁକି ଛିଙ୍କୁ ? ଦୁଧ କାହିଁକି ଛିଣ୍ଡେ ? ଆକାଶ ନୀଳ ଦିଶେ କାହିଁକି ? ପିଆଜ କାଟିଲେ ଆମ ଆଖି ପୋଡ଼େ କାହିଁକି ? ଇତ୍ୟାଦି । ଶିଶୁମାନଙ୍କର ପ୍ରବଳ ଜିଜ୍ଞାସା ଓ କୌତୂହଳର ପରିତୃପ୍ତି ପାଇଁ ଲେଖକ ଦୈନନ୍ଦିନ ଜୀବନ ଓ ସମୀପବର୍ତ୍ତୀ ପରିବେଶରେ ଘଟୁଥିବା ସାଧାରଣ ଘଟଣା ଓ ପ୍ରଶ୍ନର ବିଜ୍ଞାନସମ୍ମତ ଉତ୍ତର ଦେଇଛନ୍ତି । ପିଲାମାନେ ଯେଉଁ ପ୍ରଶ୍ନର ଉତ୍ତର ପାଇବା ପାଇଁ ବ୍ୟାକୁଳ ହୁଅନ୍ତି ଏବଂ ପିତାମାତା, ଭାଇଭଉଣୀ ତଥା ଗୁରୁଜନମାନଙ୍କୁ ପଚାରି ବ୍ୟସ୍ତ କରିଥାନ୍ତି, ଲେଖକ ଏହି ବହି ଦୁଇଖଣ୍ଡରେ ସେସବୁ ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି । ଏଥିରେ ବ୍ୟବହୃତ ଭାଷା ଓ ଶୈଳୀ ବିଶେଷ ସରଳ ଓ ହୃଦୟଗ୍ରାହୀ । ବିଜ୍ଞାନର ଜଟିଳ ନୀତିଗୁଡ଼ିକ ପିଲାମାନଙ୍କର ଗ୍ରହଣଯୋଗ୍ୟ କରାଯାଇଛି । ଫଳତଃ, ଉକ୍ତ ପୁସ୍ତକ ଦୁଇଟି ସାରା ରାଜ୍ୟରେ ବିଶେଷ ଆଦୃତ ହୋଇପାରିଥିଲା ।

ଗୋଦାବରୀଶଙ୍କ ଆଉ କେତୋଟି ଉପାଦେୟ ରଚନା ହେଲା ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ୍, ଦକ୍ଷିଣ ଆଫ୍ରିକା, ପଶ୍ଚିମ ଗୋଲାର୍ଦ୍ଧ ଓ ମଧ୍ୟ ଆମେରିକା । ସେ ଉକ୍ତ ଦେଶ ତଥା ଅଂଚଳଗୁଡ଼ିକର ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟା, ଜଳବାୟୁ, ନଦୀହ୍ରଦ, ସାଗର; ପର୍ବତ ପ୍ରଭୃତି ଜ୍ଞାତବ୍ୟ ତଥ୍ୟ ପରିବେଷଣ କରିବା ସଂଗେ ସଂଗେ ସେସବୁ ଦେଶରେ ପ୍ରଚଳିତ କେତେକ କିଂବଦନ୍ତୀ, କାହାଣୀ ଓ ଭ୍ରମଣବୃତ୍ତାନ୍ତ ପ୍ରଦାନ କରିଛନ୍ତି । ସୁତରାଂ ଲେଖାଗୁଡ଼ିକ ଖୁବ୍ ଉପାଦେୟ ଓ ରସୋତ୍ତୀର୍ଣ୍ଣ ହୋଇପାରିଛି । ସେସବୁ ଦେଶରେ ପ୍ରଚଳିତ କେତେକ କିଂବଦନ୍ତୀ, କାହାଣୀ ଓ ଭ୍ରମଣ ବୃତ୍ତାନ୍ତ ପ୍ରଦାନ କରିଛନ୍ତି । ସୁତରାଂ ଉକ୍ତ ଲେଖାଗୁଡ଼ିକ ଖୁବ୍ ଉପାଦେୟ ଓ ରସୋତ୍ତୀର୍ଣ୍ଣ ହୋଇପାରିଛି । ସେସବୁ ଭୌଗୋଳିକ ବିଷୟକୁ କେତେକ ଆକର୍ଷଣୀୟ ପରିଚ୍ଛେଦରେ ବିଭକ୍ତ କରି ପିଲାମାନଙ୍କ ମାନସିକ ଅବସ୍ଥା ଓ ରୁଚିର ଅନୁକୂଳ କରାଯାଇଛି । ଉଦାହରଣ ସ୍ୱରୂପ, ପ୍ରକୃତରେ ଥିଲା କ'ଣ ? କିଏ ରହୁଥିଲେ ? ଗୋରା ଆସିଲେ କିପରି ? (ଅଷ୍ଟ୍ରେଲିଆକୁ), ଓଃ ବଂଚିଗଲି ! ବେଙ୍ଗୁଲି ଗୀତ (ଦକ୍ଷିଣ ଆଫ୍ରିକାର) ପ୍ରଭୃତି ପରିଚ୍ଛେଦଗୁଡ଼ିକ ତରୁଣ ପାଠକମାନଙ୍କ ମନରେ ଆଗ୍ରହ ଓ ଜିଜ୍ଞାସା ସୃଷ୍ଟି କରିପାରିବ ଏବଂ ଅଧିକରୁ ଅଧିକ ଅଧ୍ୟୟନ କରିବା ପାଇଁ ଆଗେଇନେବ । ମୂଳତଃ, ଶିଶୁକିଶୋରମାନଙ୍କ ଜ୍ଞାନର ଦିଗନ୍ତ ବିସ୍ତାର କରିବାରେ ସେଗୁଡ଼ିକ ବିଶେଷ ସହାୟକ ହେବ ।

**ଲଘୁସାହିତ୍ୟ :**

ଗୋଦାବରୀଶ ସ୍ୱୟଂ ହାସ୍ୟରସପ୍ରିୟ ଏବଂ ଅନ୍ୟଙ୍କୁ ହସାଇ ରସାଇ ଆନନ୍ଦ ଉପଭୋଗ କରିଥାନ୍ତି । ବିଶେଷତଃ, ପିଲାମାନେ ହାସ୍ୟପରିବେଶକୁ ଖୁବ୍ ସୁଖ ପାଇଥାନ୍ତି । ଏଥିପାଇଁ ଲଘୁସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଗୋଦାବରୀଶ ଏଦିଗରେ ଜଣେ ପଥପ୍ରଦର୍ଶକ । ସେ ''ଚଟଣି'' ନାମକ ନୂତନ ସ୍ୱାଦର ପୁସ୍ତକରେ ୧୯୮ଟି କ୍ଷୁଦ୍ର ହାସ୍ୟରସାତ୍ମକ ଗଳ୍ପ ପ୍ରକାଶ କରିଛନ୍ତି । ସେଗୁଡ଼ିକ ଖୁବ୍ ମନୋରଞ୍ଜକ ଓ ଆନନ୍ଦଦାୟକ । ଆଜିକାଲି ଅଧିକାଂଶ ଶିଶୁପତ୍ରିକାରେ ଏହିପରି ଲେଖା ପ୍ରକାଶ କରାଯାଇଥାଏ ଏବଂ ଏହା ଏକ ସ୍ୱତନ୍ତ୍ର ଆକର୍ଷଣ ରୂପେ ବିବେଚିତ ହୋଇଥାଏ ।

ଗୋଦାବରୀଶ ବର୍ଣ୍ଣନାମୂଳକ ଓ କଥୋପକଥନମୂଳକ ଶୈଳୀରେ ''ଚଟଣି''ର ସଂକ୍ଷିପ୍ତ ହାସ୍ୟରସାତ୍ମକ ଗଳ୍ପଗୁଡ଼ିକ ପରିବେଷଣ କରିଛନ୍ତି । ସେଗୁଡ଼ିକ ସରଳ ଓ ଅନାବିଳ ହାସ୍ୟସୃଷ୍ଟି କାରିବାରେ ସମର୍ଥ । ପିଲାମାନଙ୍କର ଅବସର ବିନୋଦନ ଏବଂ ପ୍ରତ୍ୟୁତ୍ପନ୍ନମତିର ବିକାଶ ପାଇଁ ଏପରି ସାହିତ୍ୟ ଖୁବ୍ ସହାୟକ ଓ ଉପଭୋଗ୍ୟ ।

ନିମ୍ନରେ ଗୋଟିଏ ବର୍ଣ୍ଣନାମୂଳକ ଦୃଷ୍ଟାନ୍ତ ମାଧ୍ୟମରେ ଗୋଦାବରୀଶଙ୍କ ଏହି ଲଘୁସାହିତ୍ୟର ସୂଚନା ଦିଆଯାଇଛି । ''ପୂର୍ବାପର ବିଚାର'' ଶୀର୍ଷକ ଏକ ଗଳ୍ପହେଲା ''ଜଣେ ପଣ୍ଡିତଙ୍କର ଗୋଟିଏ କଣା ଲୋଟା ଥାଏ । ସେ ସେଥିରେ ପାଣିନେଇ ଝାଡ଼ା ଫେରିଯା'ନ୍ତି । ପଣ୍ଡିତଙ୍କର କୋଷ୍ଠବଦ୍ଧ ରୋଗ ଥିବାରୁ ଅନେକ ସମୟରେ ନବସିଲେ ଝାଡ଼ାହୁଏ ନାହିଁ । ଝାଡ଼ାଫେରି ସାରିଲା ବେଳକୁ ଲୋଟାରୁ ପାଣି ବହିଯାଉଥାଏ ।

''କେତେଦିନ ଧରି ଏହି ଅସୁବିଧା ଭୋଗିଲାପରେ ଦିନେ ଝାଡ଼ା ଫେରିଯିବା, ସମୟରେ ପଣ୍ଡିତଙ୍କର ମନେ ପଡ଼ିଲା, 'ଅବଶ୍ୟ କର୍ତ୍ତବ୍ୟେକର୍ମଣି ପୂର୍ବୋପରୋ ବିଚାରୋ ନକର୍ତ୍ତବ୍ୟ ।' ସେ ମନେ ମନେ ଭାବିଲେ ଶୌଚ କରିବା ଅବଶ୍ୟ କର୍ତ୍ତବ୍ୟ କର୍ମ । ଏଥିରେ ଆଉ ପୂର୍ବାପର ବିଚାର କ'ଣ ? ସେଥିପାଇଁ ସେ ଝାଡ଼ାଫେରି ଆସିବା ଆଗରୁ ପ୍ରଥମେ ଶୌଚ କରି ପକାଇଲେ ।''

ଆଉ ଗୋଟିଏ କଥୋକଥନମୂଳକ ଉଦାହରଣ ନିଆଯାଉ । ''ଭଦ୍ରତା'' ଶୀର୍ଷକ ଏକ ଗଳ୍ପରୁ-

ମହନ୍ତ - ତୋ ନାମ କ'ଣ ?

ଭିକାରୀ ପିଲା - ଲକ୍ଷ୍ମଣ ଦାସ ।

ମହନ୍ତ - ତୁ ଭିକ ମାଗିଆସିଚୁ । ତୋର ଭଦ୍ରତା ଶିଖିବା ନିତାନ୍ତ ଦରକାର । ନୋହିଲେ ତୋତେ କିଏ ଭିକ ଦେବ ? ମୋ ପରି ଲୋକଙ୍କ ସଂଗେ କଥା କହିଲାବେଳେ ତୋର ପଦେପଦେ 'ମହାରାଜ' କହିବା ଦରକାର । ଫେରେ କହିଲୁ ତୋର ନାମ କଣ ?

ଭିକାରୀ ପିଲା - ମହାରାଜ ଲକ୍ଷ୍ମଣ ଦାସ ।

**ଉପସଂହାର :**

କବି ଗୋଦାବରୀଶଙ୍କୁ ଯଥାର୍ଥରେ ଓଡ଼ିଶାର ୱାର୍ଡ଼ସ୍ୱର୍ଥ କୁହାଯାଇଛି । ସେ ଉତ୍କଳର ପୁରପଲ୍ଲୀ, ନଦୀହ୍ରଦ, ସାଗରପର୍ବତ ପ୍ରଭୃତି ପ୍ରାକୃତିକ ବସ୍ତୁଗୁଡ଼ିକର ମନୋରମ ଚିତ୍ର ପ୍ରଦାନ କରିବା ସଂଗେ ସଂଗେ ଦୀନଦରିଦ୍ର, ପୀଡ଼ିତ ନିଷ୍ପେଷିତ ମନୁଷ୍ୟ ପ୍ରତି ଗଭୀର ସମ୍ବେଦନା ଜଣାଇଛନ୍ତି, ଅତୀତର ଐତିହ୍ୟ ଓ ସଂସ୍କୃତିକୁ ନୂତନ ରୂପଦେଇ ସେ ପାଠକମାନଙ୍କ ମଧ୍ୟରେ ଦେଶପ୍ରେମ ଭାବ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି । ୱାର୍ଡ଼ସ୍ୱର୍ଥ ଦିନେ କହିଥିଲେ, "Every great poet is a teacher. I wish to be considered as a teacher or as nothing else." ( ପ୍ରତ୍ୟେକ ବଡ଼ କବି ଜଣେ ଶିକ୍ଷକ । ମୁଁ ଜଣେ ଶିକ୍ଷକ ବା କିଛି ନୁହେଁ ବୋଲି ବିଚାରିବା ଉଚିତ । ) ଗୋଦାବରୀଶ ଏକାଧାରରେ ଜଣେ କୃତିତ୍ୱସମ୍ପନ୍ନ କବି ଓ ଶିକ୍ଷକ ଶିଶୁମାନଙ୍କର ମନସ୍ତତ୍ତ୍ୱକୁ ସେ ତନ୍ନତନ୍ନ କରି ଅଧ୍ୟୟନ କରିଥିଲେ । ସେମାନଙ୍କ ସହିତ ମିଶି ଓ କାର୍ଯ୍ୟକରି ସେ ଆହୁରି ଅଭିଜ୍ଞତା ଲାଭ କରିଥିଲେ ସେମାନଙ୍କର ଆଗ୍ରହ, ଅଭିରୁଚି, ଆବଶ୍ୟକତା ସଂପର୍କରେ । ପୁଣି ଗୋଦାବରୀଶଙ୍କ ମାନସିକ ଉର୍ବରତା ଓ ପ୍ରତିଭାର ଉଜ୍ଜ୍ୱଳତା ବିଶେଷ ଉଲ୍ଲେଖଯୋଗ୍ୟ । ବ୍ୟାସକବି ଫକୀରମୋହନ ତେଣୁ ତାଙ୍କୁ ଲକ୍ଷ୍ୟକରି "ଉତ୍କଳ ଭ୍ରମଣ"ରେ ଗାଇଥିଲେ, "ଗୋଦାବରୀ ଉପକୂଳ ସତତ ଉର୍ବର ।" ସୁତରାଂ ସମସାମୟିକ ଅବସ୍ଥା ଏବଂ ଶିଶୁସମାଜର ଆବଶ୍ୟକତାକୁ ଚାହିଁ ସେ ଯେଉଁସବୁ ପୁସ୍ତକ ରଚନା କରିଯାଇଥିଲେ, ସେଗୁଡ଼ିକର ଉପାଦେୟତା ସେତେବେଳେ ପରୀକ୍ଷିତ ହୋଇ ସଫଳତା ଲାଭ କରିଥିଲା । ଆଧୁନିକ ଯୁଗରେ ମଧ୍ୟ ତାଙ୍କର ଅନବଦ୍ୟ ଅବଦାନ ଅବିସ୍ମରଣୀୟ ଏବଂ ଜଣେ କୃତବିଦ୍ୟ ଶିଶୁସାହିତ୍ୟରଥୀ ଭାବରେ ସେ ଚିର ବନ୍ଦନୀୟ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓଡ଼ିଶା ସରକାର, ଶିକ୍ଷାବିଭାଗ, **ଶିଶୁସାହିତ୍ୟ ପରିଚୟ,** ଶିଶୁସାହିତ୍ୟ ସମିତି, ଓଡ଼ିଶା, କଟକ, ୧୯୬୬.

୨. ଶ୍ରୀ ଚିନ୍ତାମଣି ଦାସ, **କବି ଗୋଦାବରୀଶ,** ଓଡ଼ିଶା ବୁକ୍‌ଷ୍ଟୋର, ବ୍ରହ୍ମପୁର, ୧୯୬୦

୩. ଡଃ ଜଗନ୍ନାଥ ମହାନ୍ତି, **ସମାଲୋଚନା ସଂଗ୍ରହ,** ଓଡ଼ିଶା ବୁକ୍‌ଷ୍ଟୋର, କଟକ ୧୯୬୬

୪. ଡଃ ଜାନୀବଲ୍ଲଭ ମହାନ୍ତି, **ଆଧୁନିକ ଓଡ଼ିଆ ସାହିତ୍ୟ,** ଗ୍ରନ୍ଥମନ୍ଦିର, କଟକ, ୧୯୭୧

୫. ପଣ୍ଡିତ ରଘୁନାଥ ମିଶ୍ର, **ସଂ ଗୋଦାବରୀଶ ଗ୍ରନ୍ଥାବଳୀ,** କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ ୧୯୬୮

୬. ଶ୍ରୀ ରାମକୃଷ୍ଣ ନନ୍ଦ, **ସଂ ଓଡ଼ିଆ ଶିଶୁସାହିତ୍ୟ ସଂକଳନ,** ଓଡ଼ିଶାସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୨

୭. ଡଃ ମନୀନ୍ଦ୍ର ମହାନ୍ତି, **ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ** ପି.ଏଚଡ଼ି, ଥେସିସ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ୧୯୭୬


(**ଗୋଦାବରୀଶ ପରିକ୍ରମା,** ପୂଜ୍ୟପୂଜା ସଂସଦ, ୧୯୮୭)

# ଓଡ଼ିଶା ଶିଶୁ ସାହିତ୍ୟର
# ବରେଣ୍ୟ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠ

**ସାଧାରଣ ସୂଚନା :**

ପଣ୍ଡିତ ନୀଳକଂଠ ଥିଲେ ଯଥାର୍ଥରେ ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ତାଙ୍କର ଉଜ୍ଜ୍ୱଳ ମନୀଷା ଓ ଅସାଧାରଣ ପାଣ୍ଡିତ୍ୟ ବହୁମଖୀ ତଥା ସୁଦୂରପ୍ରସାରୀ । ତାଙ୍କର ଉତ୍ତୁଙ୍ଗ ମନସ୍ୱିତା ବହୁ ଦିଗନ୍ତସ୍ପର୍ଶୀ । କବି, ପ୍ରାବନ୍ଧିକ, ସାମ୍ବାଦିକ, ସମାଲୋଚକ, ବିଧାୟକ, ରାଜନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସଂପାଦକ, ଶିକ୍ଷକ ଓ ଶିକ୍ଷାବିତ୍ ଭାବରେ ତାଙ୍କର ପ୍ରତିଷ୍ଠା ଓ କୃତିତ୍ୱ ଅନବଦ୍ୟ । ଆର୍ଯ୍ୟଋଷିକୁଳର ବରପୁତ୍ର ଭାବରେ ତାଙ୍କର ସାଧନା ଓ ସିଦ୍ଧି ଅସାଧାରଣ । ଉଚ୍ଚ ଦାର୍ଶନିକ ଚିନ୍ତାଧାରା ତାଙ୍କ ଜୀବନର ସମସ୍ତ ବିଭାବକୁ ଗଭୀର ଭାବରେ ସ୍ପର୍ଶ କରିଥିଲା ଏବଂ ଜାତିର ବିକାଶ ପାଇଁ ତାଙ୍କର କୃଚ୍ଛ୍ର ସାଧନା ସମସ୍ତଙ୍କୁ ଅଭିଭୂତ କରିଥିଲା । ଆଧୁନିକ ଶିକ୍ଷାଲାଭ ପରେ ଉଚ୍ଚବେତନଭୋଗୀ ରାଜକର୍ମଚାରୀ ହେବାର ସମସ୍ତ ସୁଯୋଗକୁ ପଦଦଳିତ କରି ସେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ପୁନର୍ଗଠନ କାର୍ଯ୍ୟରେ ନିଜକୁ କେବଳ ଉତ୍ସର୍ଗ କରିନଥିଲେ, ଜାତିର ଯଜ୍ଞବେଦୀରେ ନିଜ ଜୀବନର ସଳିତାକୁ ତିଳତିଳ କରି ଜଳାଇଥିଲେ ।

ସାରସ୍ୱତ କ୍ଷେତ୍ରରେ ପଣ୍ଡିତ ନୀଳକଂଠଙ୍କ ଅବଦାନ ଯେମିତି ବ୍ୟାପକ, ସେମିତି ପୁଷ୍କଳ । କାବ୍ୟ ଓ କବିତା, ପ୍ରବନ୍ଧ ଓ ସମାଲୋଚନା, ଆତ୍ମଜୀବନୀ, ସାହିତ୍ୟ ପତ୍ରିକା ସଂପାଦନା ଓ ଅଗ୍ରଲେଖା ପ୍ରଭୃତି ସମସ୍ତ କୃତିରେ ତାଙ୍କ ଶୈଳୀର ସ୍ୱକୀୟତା ତଥା ଭାଷାର ମୌଳିକତା ଅତି ସ୍ପଷ୍ଟ ଓ ସ୍ୱାର୍ଥକ ଭାବରେ ଅଭିବ୍ୟକ୍ତ ହୋଇଛି । କ୍ଷୁଦ୍ର ଅଥଚ ଅର୍ଥପୂର୍ଣ୍ଣ ବାକ୍ୟ, ଭାବଗମ୍ଭୀର ଭାଷା, ଗ୍ରାମ୍ୟ ଓଡ଼ିଆ ଶବ୍ଦ ସହିତ ସଂସ୍କୃତ ଶବ୍ଦର ବ୍ୟବହାର, ସର୍ବୋପରି ଉଦାର ଓ ଉଚ୍ଚକୋଟୀର ବୌଦ୍ଧିକତା ତାଙ୍କର ପ୍ରତ୍ୟେକ ସାହିତ୍ୟିକ କୃତିକୁ ଅପୂର୍ବ ଭାବରେ ତେଜୋଦୀପ୍ତ କରିଛି । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏତେ ତୁଙ୍ଗ ଶିଖରରେ ଅଧିରୂଢ଼ ତେଜସ୍ୱୀ ପୁରୁଷ ନୀଳକଂଠଙ୍କର ହୃଦୟ କେତେ ନିର୍ମଳ, କେତେ କୋମଳ ଓ କେତେ ସରଳ ! ତା ନହୋଇ ଥିଲେ ସେ ଶିଶୁ ସାହିତ୍ୟ କ୍ଷେତ୍ରରେ ଯେଉଁ

ବିପୁଳ ସିଦ୍ଧି ଓ ସାଫଲ୍ୟର ଅଧିକାରୀ ହୋଇ ପାରିଛନ୍ତି, ତାହା ହୁଏତ ସମ୍ଭବ ହୋଇନଥାନ୍ତା।

ତାଙ୍କର ସାହିତ୍ୟିକ କୃତି ଗୋଟିଏ ପକ୍ଷରେ ଆକାଶସ୍ପର୍ଶୀ ତ ଅନ୍ୟ ପକ୍ଷରେ ଭୂମିସ୍ପର୍ଶୀ, ଏକ ପକ୍ଷରେ ଏହା ଉତ୍ତୁଙ୍ଗ ହିମାଚଳ ତ ଅନ୍ୟ ପକ୍ଷରେ ଏହା କୋମଳ ଦୂର୍ବାଦଳ; ଏକ ପକ୍ଷରେ ଏହା ଉତ୍ତପ୍ତ ମାର୍ତ୍ତଣ୍ଡ କିରଣ ତ ଅନ୍ୟ ପକ୍ଷରେ ଏହା ସୁଶୀତଳ ଜ୍ୟୋସ୍ନାଜାଳ। ଏହିପରି ବୈଷମ୍ୟ ଓ ବିସ୍ତୃତିରୁ ନୀଳକଂଠଙ୍କର ଅସାଧାରଣ ସାରସ୍ୱତ ସାଧନାର ଯେମିତି ପରିଚୟ ମିଳିଥାଏ, ଆମେ ତାଙ୍କର ବହୁମୁଖୀ ପ୍ରତିଭାର ସେମିତି ସ୍ପଷ୍ଟ ସୂଚନା ପାଇଥାଉଁ। ଫଳତଃ ନୀଳକଂଠ ଏକ ପକ୍ଷରେ ''କୋଣାର୍କେ'', ''ଖାରବେଳ'', ''ଦାସନାଏକ'', ''ପ୍ରଣୟିନୀ'', ପରି କାବ୍ୟ ''ଆର୍ଯ୍ୟଜୀବନ'', ''ଓଡ଼ିଆ ସାହିତ୍ୟର କ୍ରମପରିଣାମ'', ''ସଂସ୍କୃତ ଓ ସଂସ୍କୃତି'' ପରି ନିବନ୍ଧ ଓ ସମାଲେଚନା ସାହିତ୍ୟ, 'ଉପାସନା', 'ଭକ୍ତିଗାଥା', 'ଗୀତାର ଭାଷ୍ୟ', 'ଆତ୍ମଜୀବନୀ', 'ଓଡ଼ିଆ ବ୍ୟାକରଣ' ପ୍ରଭୃତିର ଲେଖକ, ଅନ୍ୟ ପକ୍ଷରେ ''ପିଲାଙ୍କ ଭାଗବତ'' ''ପିଲାଙ୍କ ରାମାୟଣ'' ଓ ''ପିଲାଙ୍କ ମହାଭାରତ'' ସହିତ ବହୁ ରସାଳ କବିତା ରଚନା କରି ଶିଶୁ ସାହିତ୍ୟର ଅମର ସ୍ରଷ୍ଟା ହୋଇ ପାରିଛନ୍ତି।

**ନୀଳକଠୀ ଶିଶୁସାହିତ୍ୟର ଆଭିମୁଖ୍ୟ :**

ନୀଳକଣ୍ଠଙ୍କର ପ୍ରଖର ବୌଦ୍ଧିକତା ଓ ଅସାଧାରଣ ପାଣ୍ଡିତ୍ୟ ସତ୍ତ୍ୱେ ତାଙ୍କର ସରଳ ତରଳ, ସରସ ଓ ସାବଳୀଳ ଶିଶୁ ସାହିତ୍ୟ ସୃଷ୍ଟି ଏକ ବିରାଟ ବିସ୍ମୟ। କିନ୍ତୁ ଏହି ସର୍ଜନାର ପୃଷ୍ଠଭୂମି ଓ ଆଭିମୁଖ୍ୟ କ'ଣ, ଏହା ପ୍ରଥମେ ଆମର ଆଲୋଚ୍ୟ। ଏହି ପ୍ରସଙ୍ଗରେ ନିଷ୍କାମ କର୍ମୀ ଅନନ୍ତ ମିଶ୍ରଙ୍କ ଅକାଳ ମୃତ୍ୟୁରେ ପଣ୍ଡିତଜୀଙ୍କର ସ୍ମୃତିଚାରଣରୁ କିୟଦଂଶ ଏଠି ଉଲ୍ଲେଖଯୋଗ୍ୟ।

''୧୯୦୧ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମକାଳର ସେ ଚାଂଦନୀ ରାତି ଆଜି ମନେ ପଡୁଚି। ଜୀବନର ସେ ସ୍ମରଣୀୟ ଦିନ ତୁମ ସ୍ମୃତି ସଂଗେ ଜୀବିତ ଅଛି, ରହିବ। ଭାର୍ଗବୀର ଏପାଖେ ବଳପୁର, ସେ ପାଖେ ସୁଆଂଡ଼। ସୁଆଂଡ଼ ପାଖେ ବଂଧ ତଳେ ନଈର ଧାର, ତା'ପରେ ବଳପୁର ପଟକୁ ନଈର ବାଲିଶେଯ ରୂପାପରି ଦାଉ ଦାଉ ଦିଶୁଥାଏ।

''ସଂଧ୍ୟାପରେ କ୍ଷଣିଏ ମାତ୍ର ଦୋପଟା ଚାଂଚ ପକାଇ ଚାରି ଜଣଯାକ (ଗୋପବଂଧୁ, ଅନଂତ, ହରିହର ଓ ନୀଳକଂଠ) ନଈବଂଧ ଉପରେ ବରଗଛ ତଳେ

ଶ୍ମଶାନର ସେଇ ଶିବାରତ ମଧ୍ୟରେ ବସି ଦେଶର ଅବସ୍ଥା ଓ ଜୀବନର ଭବିଷ୍ୟତ କଳ୍ପନା ଓ ଜଳ୍ପନାରେ ରାତ୍ର ଏକାବେଳକେ ପ୍ରଭାତ ହୋଇଯାଇଥିଲା । ପ୍ରଭାତର ଠିକ୍ ପୂର୍ବ ଯାମରେ ସେଇ ସଂକଳ୍ପ କଥା ଆଜି ଅତୀତ ହେଲେ ହେଁ ମୃତ ନୁହେଁ । ସରାକରୀ ଚାକିରୀ କରିବା ନାଇ, ଜନ୍ମବେଳେ ଦେଶକୁ ଯାହା ଦେଖୁଥାଇଁ, ନିଜ କର୍ମରେ ମରିବା ପୂର୍ବରୁ ତାହାଠାରୁ ଉନ୍ନତତର ଦେଖିବା, ଏଇ ସଂକଳ୍ପର ଦ୍ୱିତୀୟ ସାଥି ତୁମର ମଧ୍ୟ ମରିବାର ଦିନ ହୋଇଗଲା ।''(୧)

କର୍ମମୟ ଜୀବନର ପ୍ରାକ୍‌କାଳରେ ଦେଶର ଦୁର୍ଦ୍ଦିନରେ ସେଇ ଅବିସ୍ମରଣୀୟ ମୁହୂର୍ତ୍ତରେ ଯେଉଁ ଆଗ୍ନେୟ ଶପଥ ନିଆଯାଇଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପୌରୋହିତ୍ୟରେ ତାହା ନୀଳକଂଠଙ୍କ ସମଗ୍ର ଜୀବନ-ଦର୍ଶନ ଓ କର୍ମଧାରାକୁ ଅଭିମନ୍ତ୍ରିତ କରିଥିଲା । ସେହି ସାର୍ଥକ ସଂକଳ୍ପ ତାଙ୍କ ଜୀବନ ସାଗର ପଥର ଥିଲା ଏକମାତ୍ର ଧ୍ରୁବତାରା । ତାପରେ ସମାଜ ସଂସ୍କାରମୂଳକ ବିଭନ୍ନ କାର୍ଯ୍ୟକଳାପ, ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ, ସର୍ବୋପରି ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା ଇତ୍ୟାଦି ଏହି ସଂକଳ୍ପର ଅପୂର୍ବ ରୂପାୟନ । ୧୯୧୧ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ କାଳ ବନବିହାରର କୂଳପତି ତଥା ପ୍ରଧାନ ଶିକ୍ଷକ ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ଦିଗରେ ସୁଦୃଢ଼ ପଦକ୍ଷେପମାନ ନେଇଥିଲେ । ସୁପ୍ରତିଷ୍ଠିତ ଶିକ୍ଷାବିଦ୍ ଡଃ ସଦାଶିବ ମିଶ୍ର ଯଥାର୍ଥରେ କହିଛନ୍ତି, ''ନୀଳକଂଠ ଉପଲବ୍ଧି କରିଥିଲେ ଯେ ସାହିତ୍ୟ ଓ ସଂସ୍କୃତି, ସଂସ୍କାର ଓ ବିକାଶ ଏବଂ ଦେଶ ଓ ଜାତିର କଲ୍ୟାଣ ପାଇଁ ଆଧାର ଶୃଙ୍ଖଳିତ ଶିକ୍ଷା । ସତ୍ୟବାଦୀ ସ୍କୁଲ ହେଲା ତାଙ୍କର ଧର୍ମକ୍ଷେତ୍ର, ସାଧନାର ପୀଠ ଓ କୁରୁକ୍ଷେତ୍ର କର୍ମପୀଠ ।''(୨)

ପ୍ରକୃତିର ମନୋରମ କୋଳରେ ଏହି ଜାତୀୟ ବିଦ୍ୟାପୀଠ ଛାତ୍ରଛାତ୍ରୀମାନଙ୍କୁ କେବଳ ଜ୍ଞାନ-ପ୍ରଦାନର ମାଧ୍ୟମ ନହୋଇ ସ୍ୱାଧୀନ ଚିନ୍ତାଧାରା, ଶୃଙ୍ଖଳା ଜ୍ଞାନ, ସାହିତ୍ୟଜ୍ଞାନ, ତର୍କାଲୋଚନା, ପ୍ରଭୃତି ବହୁବିଧ ଶକ୍ତିସାମର୍ଥ୍ୟ-ବିକାଶର ପ୍ରଧାନ ଆୟୁଧ ହୋଇଥିଲା । ନୀଳକଂଠଙ୍କ ଉଦ୍‌ଯୋଗରେ ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କୁଳବୃଦ୍ଧ ମଧୁସୂଦନ କହିଥିଲେ, ''ସତ୍ୟବାଦୀଠାରେ ଗୋପବନ୍ଧୁ, ନୀଳକଂଠ ଡିପୋଟି ଗଢୁନାହାନ୍ତି, ଗଢୁଛନ୍ତି ପ୍ରକୃତ ମନୁଷ୍ୟ । ଉତ୍କଳବାସୀ ସମସ୍ତେ ତାଙ୍କୁ ସବୁମନ୍ତେ ସାହାଯ୍ୟ କରିବା ଦରକାର ।'' ଏହି ବିଦ୍ୟାଳୟର ମେରୁଦଣ୍ଡ, ଆମାସରପ ଥିଲେ ପଣ୍ଡିତ ନୀଳକଂଠ । ଉପଯୁକ୍ତ ମନୁଷ୍ୟ ଗଢ଼ିବା ଏହାର ମୁଖ୍ୟ ଲକ୍ଷ୍ୟ । କ୍ରୀଡ଼ା, ଆଲୋଚନା ସଭା

ପତ୍ରିକା ପ୍ରକାଶନ ଇତ୍ୟାଦି ବିଭିନ୍ନ ପାଠ୍ୟପରିପୂରକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରସମାଜର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ହେଉଥିଲା । ସ୍ନେହସୌହାର୍ଦ୍ଦ୍ୟ ଓ ସହଯୋଗ ମଧ୍ୟରେ ଶିକ୍ଷକ ଓ ଛାତ୍ରଗଣଙ୍କ ଦୈନନ୍ଦିନ ଜୀବନ ଅତିବାହିତ ହେଉଥିଲା । ''ଜାତୀୟ ମମତା'' ଓ ''ବିଶ୍ୱଜନ ପ୍ରୀତି'' ଥିଲା ସେମାନଙ୍କର ଜୀବନ ଓ କାର୍ଯ୍ୟର ମୂଳମନ୍ତ୍ର ।

ଛାତ୍ରଛାତ୍ରୀମାନଙ୍କର ଘନିଷ୍ଠ ସଂପର୍କରେ ଆସି ନୀଳକଂଠ ଶିଶୁମନସ୍ତତ୍ତ୍ୱ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ । ସେମାନଙ୍କ ମାନସିକ ଅବସ୍ଥା ଓ ଆବଶ୍ୟକତା ସଂପର୍କରେ ସେ ଯଥେଷ୍ଟ ଭାବରେ ଅବହିତ ହୋଇ ପାରିଥିଲେ । ଜାତୀୟ ଐତିହ୍ୟ ଓ ସଂସ୍କୃତି ସଂପର୍କରେ ସେମାନଙ୍କୁ ସଚେତନ କରିବା ଏବଂ ସ୍ୱାଧୀନ ନାଗରିକ ଭାବରେ ଗଢ଼ିବା ଥିଲା ତାଙ୍କର ଲକ୍ଷ୍ୟ । ସ୍ୱଦେଶପ୍ରୀତି, ମାନବିକ ସମ୍ବେଦନା, ଚରିତ୍ରବତ୍ତା ଓ ଜାତୀୟ ଚେତନାର ବିକାଶ ଥିଲା ବନବିହାର ଆଦର୍ଶ ଏବଂ ନୀଳକଂଠ ଏହି ଆଦର୍ଶକୁ ରୂପାୟିତ କରିବାରେ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ଭାବରେ ସମସ୍ତ ଉଦ୍ୟମ କରିଥିଲେ । ନୀଳକଂଠଙ୍କ ଶିଶୁସାହିତ୍ୟ ଏହି ପୃଷ୍ଠଭୂମି ଓ ଆଭିମୁଖ୍ୟନେଇ ଗଢ଼ି ଉଠିଥିଲା । ସ୍ଥୂଳତଃ, ସତ୍ୟ ଓ ଶିବ ଓ ସୁନ୍ଦରର ଜୟଗାନ ଥିଲା ତାଙ୍କ ଶିଶୁସାହିତ୍ୟର ମର୍ମବାଣୀ ।

**ନୀଳକଂଠୀ ଶିଶୁସାହିତ୍ୟର ପରିସର ଓ ପ୍ରକାରଭେଦ :**

ଶିଶୁସାହିତ୍ୟ ସାଧାରଣତଃ ଶିଶୁ ଓ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥପାଇଁ ବୟସ ଭେଦରେ ମାନସ୍ତାତ୍ତ୍ୱିକ ଅବସ୍ଥା- ରୁଚି, ଆଗ୍ରହ, ସାମର୍ଥ୍ୟ ପ୍ରଭୃତିର ପରିବର୍ତ୍ତନ ଘଟିଥାଏ । ତିନି ଚାରି ବର୍ଷର ପିଲା ଯାହା ଚାହେଁ ଆଠ ନଅ ବର୍ଷର ପିଲା ତାହା ଦରକାର କରି ନପାରେ । ଦଶ ବାର ବର୍ଷର ପିଲା ଯେଉଁଥିରେ ଆଗ୍ରହୀ, ସତର ଅଠର ବର୍ଷର ତରୁଣ ବା କିଶୋରକୁ ତାହା ସୁଖକର ହୋଇ ନପାରେ । ପୁଣି ବୟସ ବୃଦ୍ଧି ସଂଗେ ବିଷୟଗତ ଜ୍ଞାନ ଓ ଭାଷାଗତ କୌଶଳର ଅଭିବୃଦ୍ଧି ଘଟିଥାଏ । ଶାରୀରିକ ଓ ମାନସିକ ସାମର୍ଥ୍ୟ ମଧ୍ୟ କ୍ରମେ ବୃଦ୍ଧିପ୍ରାପ୍ତ ହୁଏ । ସୁତରାଂ ଏହିସବୁ ଉପାଦାନକୁ ବିଚାରକୁ ନେଇ ଶିଶୁସାହିତ୍ୟ ରଚନା କରିବାକୁ ହୋଇଥାଏ । ଏହା ଯେମିତି ସରଳତରଳ ଓ ସାବଲୀଳ, ସେମିତି ସରସ ଓ ଚିତ୍ତାକର୍ଷକ ହେବା ଏକାନ୍ତ ଆବଶ୍ୟକ ।

ନୀଳକଂଠ ଶିଶୁସାହିତ୍ୟ ସୃଷ୍ଟିର ଏହିସବୁ ମୌଳିକ ଆବଶ୍ୟକତା ସଂପର୍କରେ ଖୁବ୍ ସଚେତନ ଥିଲେ । ତାଙ୍କର ଶିଶୁସାହିତ୍ୟ ମୁଖ୍ୟତଃ ଉଚ୍ଚବୟସ ଗୋଷ୍ଠୀର ପିଲାମାନଙ୍କ

ପାଇଁ ଉଦ୍ଦିଷ୍ଟ । ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠାକାଳରେ ସମ୍ଭବତଃ ୧୯୧୨ ବା ୧୯୧୩ ମସିହାରେ ଶ୍ରୀପଞ୍ଚମୀ ଉତ୍ସବରେ ଛାତ୍ରମାନଙ୍କର ଆବୃତ୍ତି ନିମନ୍ତେ ନୀଳକଂଠ ''ଭକ୍ତିର ଉଦ୍‌ବୋଧନ'' କବିତା ରଚନା କରିଥିଲେ । ତାପରେ ସେ ବିଭିନ୍ନ ସମୟରେ ''ବିଶ୍ୱବାଣୀ'', ''ଆତ୍ମବାଣୀ'', ''କାହିଁ ଅଛ'' ପ୍ରଭୃତି କବିତା ଲେଖିଥିଲେ । ଏହା ବ୍ୟତୀତ ପଣ୍ଡିତଜୀଙ୍କ ନିଜ ଭାଷାରେ କହିଲେ ''ସତ୍ୟବାଦୀ ସ୍କୁଲର ଦୈନନ୍ଦିନ ଉପାସନା ପାଇଁ କେତେକ ବୈଦିକ ଓ ଶାସ୍ତ୍ରୀୟ ମନ୍ତ୍ରସ୍ତୋତ୍ରମାନ ସଂଗ୍ରହ କରି ଅନୁବାଦ କରିଥିଲି । ସ୍ୱର୍ଗୀୟ ପଂଡ଼ିତ ଗୋପବଂଧୁ ଦାସ ତାହା ଆମୂଳଚୂଳ ଦେଖି ମନୋନୀତ କରିଥିଲେ । ତାହା ପ୍ରଥମେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ପରେ ''ଉପାସନା'' ନାମକ ଗୋଟିଏ କ୍ଷୁଦ୍ର ପୁସ୍ତିକା ରୂପେ ବାହାର କରାଯାଇଥିଲା । ଏବେ ଅନେକେ ତାହାର ପୁନଃ ପ୍ରକାଶ ଲୋଡ଼ିବାରୁ ଏହି ପୁସ୍ତକର ଶେଷରେ ତାହା ଦିଆଯାଇ ସମସ୍ତ ପୁସ୍ତକର ନାମ ''ଭକ୍ତିଗାଥା'' ରଖାଯାଇଛି ।''(୩)

ଅତୀତର ଗୌରବାବହ ଐତିହ୍ୟ ସଂପର୍କରେ ସଚେତନ କରାଇ ପୌରାଣିକ ଗଳ୍ପଗୁଡ଼ିକ ମଧ୍ୟରେ ପିଲାମାନଙ୍କର ସାହସ, ସ୍ୱଦେଶପ୍ରୀତି, ବୀରତ୍ୱ, ସତ୍ୟ-ନିଷ୍ଠା, ସ୍ନେହ, ମୈତ୍ରୀ, ସୌହାର୍ଦ୍ଦ୍ୟ ପ୍ରଭୃତି ସଦ୍‌ଗୁଣର ବିକାଶ ଘଟାଇବା ଉଦ୍ଦେଶ୍ୟରେ ନୀଳକଂଠ ''ପିଲାଙ୍କ ଭାଗବତ'', ''ପିଲାଙ୍କ ରାମାୟଣ'' ଓ ''ପିଲାଙ୍କ ମହାଭାରତ'' ରଚନା କରିଥିଲେ । ଏଗୁଡ଼ିକର ବିଷୟବସ୍ତୁ, ଭାଷା ଶୈଳୀ ପ୍ରଭୃତି ଶିଶୁ ଓ କିଶୋରମାନଙ୍କର ମାନସିକ ଓ ଆବେଗିକ ଅବସ୍ଥା ଓ ଆବଶ୍ୟକତାକୁ ଚାହିଁ ଖୁବ୍ ଅନୁକୂଳ ଓ ଉପଯୁକ୍ତ ଚରିତ୍ରମାନଙ୍କୁ ସେ ଆମ ଧୂଳିମାଟିର ରକ୍ତମାଂସ ଦେହଧାରୀ ସାଧାରଣ ମନୁଷ୍ୟ ଭାବରେ ରୂପାୟନ କରି ପିଲାମାନଙ୍କର ନିତାନ୍ତ ଉପଭୋଗ୍ୟ ଓ ବିଶ୍ୱାସଯୋଗ୍ୟ କରିପାରିଛନ୍ତି ।

ପଂଡ଼ିତ ନୀଳକଂଠ ଅନେକ ଶିଶୁ- ଉପଯୋଗୀ କବିତା ରଚନା କରିଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ବାଇଶଟି ପ୍ରଥମ ଖଣ୍ଡ ଗ୍ରନ୍ଥାବଳୀରେ ''ପିଲାଙ୍କ ଗୀତ'' ଶୀର୍ଷକରେ ପ୍ରକାଶିତ ହୋଇଛ । ପିଲାମାନଙ୍କ ନିକଟବର୍ତ୍ତୀ ପରିବେଷ୍ଟନୀର ବହୁ ବିଷୟ ଉପରେ ସେଥିରୁ ଅଧିକାଂଶ କବିତା ଆଧାରିତ । ଯଥା ''ମୋ ଟିକି ଘର'', ''ଟିକି ଭଉଣୀ'', ଆଦି । କେତେକ କବିତା ଐତିହାସିକ, ପୌରାଣିକ ତଥା ଲୋକକଥା ଉପରେ ଆଧାରିତ, ଯଥା- 'ବୁଦ୍ଧ ଓ ବିଧବା' 'ଚକାପଲ ନଖାଉଁ', 'ବଢ଼େଇ ବାଳକ', 'ସିଦ୍ଧାର୍ଥ ଓ ହଂସ' । ଆଉ କେତେକ କବିତା ସଂଳାପମୂଳକ ଓ ଶିକ୍ଷାପ୍ରଦ ଉଦାହରଣ ସ୍ୱରୂପ, 'ବେଙ୍ଗ ଓ ବୁଢ଼ିଆଣୀ', 'ପିଲା ଓ ଚଢ଼େଇ', ଇତ୍ୟାଦି ଉଲ୍ଲେଖଯୋଗ୍ୟ । 'ମହାତ୍ମା ଗାନ୍ଧି', 'ଜୟ

ଭାରତ', 'ଚଷାର ଭାଗ୍ୟ', 'ଆମ ଜାତୀୟ ପତାକା' ପ୍ରଭୃତି କବିତାଗୁଡ଼ିକ ସ୍ୱଦେଶ ପ୍ରେମର ବିକାଶ ପାଇଁ ରଚିତ । ପିଲାମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରୀତିର ଅଭିବୃଦ୍ଧି ପାଇଁ ''କି ସୁନ୍ଦର ଏ ସଂସାର'' ଆଦି ଗଳ୍ପ କେତୋଟି ଉପାଦେୟ କବିତା ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇ ପାରେ ।

ସର୍ବୋପରି ନୀଳକଂଠଙ୍କ ''ଆତ୍ମଜୀବନୀ''ରେ ଅନେକ ଘଟଣା ଏମିତି ସରସ ଭାବରେ ଏବଂ ସାବଲୀଳ ଭାଷା ଶୈଳୀରେ ବର୍ଣ୍ଣିତ ହୋଇଛି ଯେ ଶିଶୁକିଶୋର ଗଣ ଅନାୟସରେ ସେଗୁଡ଼ିକୁ ଉପଭୋଗ କରିପାରିବେ । ବାସ୍ତବ ଅନୁଭୂତିମାନ ଖୁବ୍ ଚିତ୍ତାକର୍ଷକ ଓ ମନୋରଞ୍ଜକ ଭାବରେ ପଣ୍ଡିତଜୀଙ୍କର ଲେଖନୀରୁ ନିଃସୃତ ହୋଇଛି । ନିରୀହ ବାଲ୍ୟକାଳରୁ ଆରମ୍ଭ କରି ସଂଗ୍ରାମମୟ ଜୀବନର ବହୁ ଘଟଣାର ହୃଦୟଗ୍ରାହୀ ବର୍ଣ୍ଣନା ଶିଶୁ ସାହିତ୍ୟରେ ସହଜରେ ଅନ୍ତର୍ଭୁକ୍ତ କରାଯାଇପାରେ ।

**ନୀଳକଂଠଙ୍କ ଶିଶୁ ସାହିତ୍ୟର ଭାଷାଶୈଳୀ :**

ପୂର୍ବରୁ କୁହାଯାଇଛି, ନୀଳକଂଠ ଭାଷା ଓ ଶୈଳୀର ଜଣେ କୁଶଳୀ କଳାକାର ଓ ଏକ ଦକ୍ଷ ବିନ୍ଧାଣୀ । ତାଙ୍କ ଲିଖନ ରୀତିର ମୌଳିକତା ଓ ସ୍ୱକୀୟତା ଅତୁଳନୀୟ । ତାଙ୍କର ଭାଷା-ଶୈଳୀ ଏତେ ସ୍ୱତନ୍ତ୍ର, ଏତେ ନିଜସ୍ୱ ଯେ ତାହା ସହଜରେ ''ନୀଳକଂଠୀ'' ବୋଲି ବାରି ହୋଇପଡ଼େ । ସ୍ୱନାମଧନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଏହି ପ୍ରସଙ୍ଗରେ ଯଥାର୍ଥରେ କହିଛନ୍ତି, ''ତାମିଲ ସାହିତ୍ୟରେ 'ମଣି ପ୍ରବାଳ' ନାମରେ ଏକ ରୀତି ଅଛି । ସଂସ୍କୃତ ଶବ୍ଦ ସହିତ ମିଶି ନିରୋଳା ତାମିଲ ଶବ୍ଦ ସମ୍ଭାରର ରଚନାକୁ 'ମଣିପ୍ରବାଳ' ରୀତିର ରଚନା କୁହାଯାଏ । ପଣ୍ଡିତଜୀଙ୍କ ଭାଷା-ଶୈଳୀ ଏହି 'ମଣିପ୍ରବାଳ' ରୀତିକୁ ସ୍ମରଣ କରାଇଦିଏ । ତତ୍ସମ, ତଦ୍ଭବ ଶବ୍ଦ ସହିତ ଥାଏ ଗୋଟିଏ ଗୋଟିଏ ଅପ୍ରଚଳିତ ନିରୋଳ ଓଡ଼ିଆ ଶବ୍ଦ, ଯାହା ତତ୍ସମ ଶବ୍ଦର ସବୁ ଔଜଲ୍ୟକୁ ବୁଡ଼ାଇ ନିଜେ ଉଜ୍ଜ୍ୱଳତର ହୋଇଉଠେ । ନିରୋଳ ଓଡ଼ିଆ ଶବ୍ଦସବୁ କେତେ ବେଶୀ ଭାବପ୍ରବଣକ୍ଷମ ତାହା ସ୍ପଷ୍ଟ ହୋଇଉଠେ ।'' [୪]

**(କ) ପିଲାଙ୍କ ଭାଗବତ :**

ଏହି ''ମଣିପ୍ରବାଳ'' ଶୈଳୀକୁ ନୀଳକଂଠ ଓଡ଼ିଆ ଶିଶୁ ସାହିତ୍ୟରେ କିପରି ପ୍ରୟୋଗ କରିଛନ୍ତି, ତାହା ଦେଖିବାର କଥା । ''ପିଲାଙ୍କ ଭାଗବତ''ରୁ ଗୋଟିଏ ଦୃଷ୍ଟାନ୍ତ

ନିଆ ଯାଉ । "ବିଭାଘରଟି ଭାରି ଜାକଜମକରେ ହେଲା । ରଜା ଝିଅ ସଂଗେ ରଜାପୁଅର ବିଭାଘର । କାହାରି କିଛି ନଅଣ୍ଟ ନାଇଁ । ସମସ୍ତେ ଆନନ୍ଦରେ ଭୋଜି ଖାଇଲେ । କାଂଗାଳଂକୁ ଚାଉଳ, ଲୁଗା, ଧନ, ରତ୍ନବଂଟା ହେଲା । ଉଗ୍ରସେନ ଜ୍ୱାଇଁକି କେତେ ଯୌତୁକ ଦେଲେ । କେତେ ହାତୀ, କେତେ ଘୋଡ଼ା, କେତେ ରଥ ବସୁଦେବ ଯଉତୁକ ପାଇଲେ, ତାହା ଗଣିହେବ ନାହିଁ । ରଥମାନଙ୍କରେ ସବୁ ସୁନ୍ଦର ସୁନା କଳସ । ପତାକାରେ କେତେ ସୁନା ଚିତ୍ର । ତାହା ଛଡ଼ା କେତେ ଦୁହାଳୀ ଗାଈ, କେତେ ଦାସ ଦାସୀ, ସବୁ ଘେନି ବସୁଦେବ ଦେବକୀଂକ ସଂଗେ ରଥରେ ଚଢ଼ି, ବରକନ୍ୟା ହୋଇ ଘରକୁ ଫେରିଲେ । ଉଗ୍ରସେନ ବରକନ୍ୟା ସଂଗେ କେତେ ବାଟ ଆସି କାଂଦି କାଂଦି ବିଦା ଘେନି ଘରକୁ ଗଲେ । କଂସ ଭଉଣୀ ଭିଣୋଇଙ୍କ ସଂଗେ ରଥରେ ବସି ଘୋଡ଼ାକୁ ଉଡ଼ାଉ ଥାଏ । ସଅଳ ଘରକୁ ଫେରିବାକୁ ତାର ମନ ହେଲା ନାହିଁ ।"

ଏହି ଉଦ୍ଧୃତିରେ ବ୍ୟବହୃତ ନଅଂଟ, ନାଇଁ, କାଂଗାଳ, ଦୁହାଳୀ, ବିଦା, ସଅଳ ଇତ୍ୟାଦି ନିରୋଳା ଓଡ଼ିଆ ଶବ୍ଦଗୁଡ଼ିକର ସ୍ୱକୀୟ ମାଧୁର୍ଯ୍ୟ ଓ ଅର୍ଥଗୌରବ ହୃଦୟଙ୍ଗମ କରିବାକୁ ହେବ । ସଂକ୍ଷିପ୍ତ ବାକ୍ୟଗୁଡ଼ିକର ବ୍ୟବହାର ସହିତ ଗଳ୍ପସୁଲଭ ସାବଲୀଳତା ଓ ଉତ୍କଣ୍ଠା ପାଠକଙ୍କୁ ଅଭିଭୂତ କରେ ।

## (ଖ) ପିଲାଙ୍କ ରାମାୟଣ

ବହୁ ଚିତ୍ତାକର୍ଷକ କାହାଣୀ ଶିଶୁ ଓ କିଶୋରମାନଙ୍କୁ ଆନନ୍ଦ ସହିତ ଶିକ୍ଷା ପ୍ରଦାନ କରିଥାଏ । ସ୍ଥାନ ନେବା ଦୃଷ୍ଟିରୁ କୌଣସି ପୌରାଣିକ ଗଳ୍ପକୁ ପୂର୍ଣ୍ଣାଙ୍ଗ ରୂପରେ ଏଠାରେ ଉଦାହରଣ ଦେବା ସମ୍ଭବ ନୁହେଁ । ମାତ୍ର "ପିଲାଙ୍କ ରାମାୟଣ" (୧୯୨୧)ରୁ କିୟଦଂଶ ଉଲ୍ଲେଖ କରିବାର ଲୋଭ ସମ୍ବରଣ କରିପାରୁନାହିଁ । "ଏକଥା ଶୁଣି ଦଶରଥଙ୍କର ପ୍ରାଣ ଶୁଖିଗଲା । ସେ ମୁହୂର୍ତ୍ତ କାଳ ଅଜ୍ଞାନ ପରି ହୋଇଗଲେ । ତାଙ୍କୁ ସବୁ ଅନ୍ଧାର ଦିଶିଲା । ପିଲା ପୁଅଗୁଡ଼ିକ, ବଣରେ ଯାଇ ରାକ୍ଷସ ଦେଖିଲେ ଡରିଯିବେ । ରାକ୍ଷସଙ୍କୁ ବା ସେ ମାରିବେ କ'ଣ ? ଦଶରଥ ବିଚାରିଲେ, ରାକ୍ଷସମାନେ ବଣରେ ରାମଙ୍କୁ ମାରି ପକାଇବେ । ତହୁଁ ଦଶରଥ କେତେ ସାତପାଞ୍ଚ ବିଚାରି ବିଶ୍ୱାମିତ୍ରଂକୁ କହିଲେ- ରାମ ପନ୍ଦରବର୍ଷର ପିଲା । ଭୟଙ୍କର ରାକ୍ଷସମାନଙ୍କ ସଂଗେ ସେ କିପରି ଯୁଦ୍ଧ କରିବେ ? ଋଷିବର, ରାମର ଯିବା କଥା ମତେ କହନାଇ । ମୁଁ ନିଜେ ଆପଣଂକ ସଂଗେ ଯାଇ ସେ ରାକ୍ଷସମାନଙ୍କୁ ମାରିବି ।" (୬)

କି ସ୍ୱାଭାବିକ ଶଙ୍କା ! କି ଉତ୍କଣ୍ଠା ! କେତେ ବାସ୍ତବ ସଂଳାପ ! ଭାଷା ଓ ଶୈଳୀର କି କାଉଁରୀ ସ୍ପର୍ଶ !! ଶିଶୁ ଓ କିଶୋର କ'ଣ ବୟସ୍କମାନଙ୍କର ମନୋରଞ୍ଜନ କରିବାରେ ଏହା କମ୍ ସହାୟକ ହେବ ନାହିଁ ।

## (ଗ) ପିଲାଙ୍କ ମହାଭାରତ

''ପିଲାଙ୍କ ମହାଭାରତ'' (୧୯୨୩)ରେ ପ୍ରାରମ୍ଭରୁ ପ୍ରଦତ୍ତ ''ବକ୍ତବ୍ୟ''ରେ ନୀଳକଂଠ ଯାହା କହିଛନ୍ତି, ତାହା ଶିଶୁ ସାହିତ୍ୟ ରଚନାର ମୌଳିକ ତତ୍ତ୍ୱ । ଏଥିରୁ ଶିଶୁମନସ୍ତତ୍ତ୍ୱ ଓ ଶିକ୍ଷାଦାନ ନୀତି ତଥା ପଦ୍ଧତି ସଂପର୍କରେ 'କୁଳପତି' ତଥା ପ୍ରଧାନ ଶିକ୍ଷକ ନୀଳକଂଠ କେତେ ସଚେତନ ଥିଲେ ତାହା ସ୍ପଷ୍ଟ ଭାବରେ ଅନୁମିତ ହୁଏ । ସେ କହିଛନ୍ତି, ''ମୁଁ ପିଲାମାନଙ୍କ ପାଇଁ ଏ ପୁସ୍ତକଟି ଲେଖିଚି । ମହାଭାରତ ପୁସ୍ତକ ପିଲାଙ୍କ ପାଇଁ ଲେଖିବା ବଡ଼ ସହଜ କଥା ନୁହେଁ । ମୁଁ ଏହି ପୁସ୍ତକ ଲେଖିବାପାଇଁ, ପିଲାଙ୍କ ପାଇଁ ଲେଖା ହୋଇଥିବା ଅନେକ ମହାଭାରତ ଖୋଜି ଦେଖିଥିଲି । କିନ୍ତୁ ଦେଖିଲି ଅଧିକାଂଶ ପୁସ୍ତକ ମୂଳଗ୍ରନ୍ଥ ଛାଡ଼ି ଇଚ୍ଛା ଅନୁସାରେ ଲେଖା ହୋଇଅଛି । ବଂଗଳାର ''ଛେଲେଦେର ମହାଭାରତ'' ଓ ''The story of the Great war'' ଏହି ଦୁଇଖଣ୍ଡି ପୁସ୍ତକ ମୂଳଗ୍ରନ୍ଥ ଧରି ଲେଖା ହୋଇଥିବାର ଦେଖି ସେହି ଦୁଇ ଗ୍ରଂଥକୁ ଆଦର୍ଶ ଧରି ମୁଁ ଏ ପୁସ୍ତକ ଲେଖିଛି । ତେଣୁ ସେହି ଗ୍ରନ୍ଥକାରମାନଙ୍କଠାରେ ମୁଁ କୃତଜ୍ଞ ।'' (୭) ପୌରାଣିକ ବିଷୟକୁ ବିଶ୍ୱସ୍ତ ଭାବରେ ପିଲାମାନଙ୍କୁ ପରିବେଷଣ କରିବାରେ ଏବଂ ସଂଶିତ ପୁସ୍ତକର ସହାୟତା ଯୋଗୁଁ ତାଙ୍କର ଅକୁଣ୍ଠ କୃତଜ୍ଞତା ଜ୍ଞାପନରେ ନୀଳକଂଠଙ୍କର ଆନ୍ତରିକତା ଓ ମହାନୁଭବତା ଲକ୍ଷ୍ୟଣୀୟ ।

କିନ୍ତୁ ନୀଳକଂଠଙ୍କ ସ୍ୱଭାବ ସମାଲୋଚନାତ୍ମକ, ସେ ଅନ୍ଧ ଅନୁକରଣର ତୀବ୍ର ବିରୋଧୀ । ତାଙ୍କର ବୈଜ୍ଞାନିକ ମନୋବୃତ୍ତି (Scientific temper) ବିଶେଷ ପ୍ରଣିଧାନର ଯୋଗ୍ୟ । ସେ ତେଣୁ ଉକ୍ତ ପୁସ୍ତକ ଦୁଇଟିକୁ ଆଦର୍ଶ ଭାବରେ ଗ୍ରହଣ କରିଥିଲେହେଁ ସେଥିରେ କି ପ୍ରକାର ଦୋଷତ୍ରୁଟି ରହିଛି, ସେ ବିଷୟରେ ମଧ୍ୟ ସଚେତନ ହୋଇଛନ୍ତି ଏବଂ ତାକୁ ନିଜ ଲେଖାରେ ପରିହାର କରିଛନ୍ତି । ତାଙ୍କ ଭାଷାରେ ''ବଂଗଳା ପୁସ୍ତକର ଅନେକ ବର୍ଣ୍ଣନା ପିଲାମାନଙ୍କ ପାଇଁ ବୃଥା ଓ ଅଯଥା ବୋଧ ହେଲା ଏବଂ ରୁଚିବିରୁଦ୍ଧ କଥା ନଦେବାର ଯତ୍ନରେ ବଂଗଳା ଗ୍ରଂଥକାର ଅନେକ ବିଷୟରେ ଏକାବେଳକେ ଭିନ୍ନ ରୂପରେ ପ୍ରକାଶ କରିଛଂତି ।''(୮) ଏଥିରୁ ସ୍ପଷ୍ଟ ହେଉଛି ଯେ ରୁଚିବିରୁଦ୍ଧ କଥା କହିବାରୁ ନଚାହିଁ ପିଲାମାନଙ୍କୁ ଭିନ୍ନ ରୂପରେ ଅସତ୍ୟ ଶିକ୍ଷା ଦେବା ନୀଳକଂଠଙ୍କର ନୀତିବିରୁଦ୍ଧ । ଏହା ସର୍ବଥା ପ୍ରଶଂସନୀୟ, ବିଶେଷତଃ ଶିଶୁସାହିତ୍ୟ କ୍ଷେତ୍ରରେ ।

ପିଲାମାନଙ୍କୁ ପ୍ରତ୍ୟକ୍ଷ ନୀତିଶିକ୍ଷା ଦେବା (Sermonization) ଆଧୁନିକ ଶିକ୍ଷାଦାନ ପଦ୍ଧତି ଓ ଶିଶୁ ମନସ୍ତତ୍ତ୍ୱ ବିରୋଧୀ । ତେଣୁ ଗଳ୍ପ ଛଳରେ ତାହା ପରୋକ୍ଷ ଭାବରେ କରାଯାଇଥାଏ । ନୀଳକଂଠ ଏହି ନୀତିର ସମର୍ଥକ ଥିଲେ । ସେ ତେଣୁ କହିଛନ୍ତି, "ପୁଣି ଇଂରେଜୀ ଗ୍ରଂଥରେ ଅନେକ ଉପଦେଶ ଓ ଉପଦେଶର ବ୍ୟାଖ୍ୟା ଅଛି । ତାହା ପିଲାମାନଙ୍କ ପକ୍ଷରେ ଆଦୌ ଉପଯୋଗୀ ବୋଧ ହେଲାନାହିଁ । ପିଲାମାନଙ୍କୁ ଇତିହାସ, ପୁରାଣାଦି କଥା କହିଲା ବେଳେ କୌଣସି ପ୍ରକାର ସାକ୍ଷାତ ଉପଦେଶ ଦ୍ୱାରା ତାଙ୍କ ମନକୁ କୌଣସି ଆଡ଼େ ଟାଣି ଭର୍ତ୍ତି କରିବା ମୋଟେ ଉଚିତ ନୁହେଁ ।"[୯] ଶେଷରେ ସେ ପିଲାମାନଙ୍କୁ ରୁଚି ଓ ଅଭିଳାଷକୁ ଶିଶୁସାହିତ୍ୟ ରଚନାରେ ଦୃଷ୍ଟିଦେବା ଉଚିତ ବୋଲି କହିଛନ୍ତି ଏବଂ ପୁଣି ଦୀର୍ଘ ସମୟର ଶିକ୍ଷକତା ଫଳରେ ତାଙ୍କୁ ଏହି ଶିକ୍ଷା ମିଳିଛି ବୋଲି ନିଜେ ସ୍ୱୀକାର କରିଛନ୍ତି । ଉପରୋକ୍ତ ନୀତି ଅନୁସାରେ ଲେଖାଯାଇ ଥିବାରୁ ତାଙ୍କର "ପିଲାଙ୍କ ମହାଭାରତ", ଯଥାର୍ଥରେ ଓଡ଼ିଆ ଶିଶୁ ସାହିତ୍ୟର ଏକ ଅମୂଲ୍ୟ ରତ୍ନ ।

**(ଘ) ପିଲାଙ୍କ ଗୀତ**

"ପିଲାଙ୍କ ଗୀତ" ଶୀର୍ଷକରେ ପ୍ରଦତ୍ତ ବାଇଶଟି କବିତା ମଧ୍ୟରୁ ଅଧିକାଂଶ ସାର୍ଥକ ।[୧୦] ବୁଦ୍ଧଦେବଙ୍କ ଜୀବନର ଏକ ଲୋକପ୍ରିୟ ଆଖ୍ୟାୟିକାକୁ କବିତା ରୂପେ ପ୍ରକାଶ କରିଛନ୍ତି ନୀଳକଂଠ "ବୁଦ୍ଧ ଓ ବିଧବା"ର ପ୍ରାରମ୍ଭିକ ପଦଟି ହେଲା-

ତଳେ ଲୋଟି ନାରୀ　　　କହେ, "ମୁଁ ବିଧବା
　　　ଗୋଟିକ ଏ ମୋର ପୁଅ ।
ଏତ ଗଲା, ମୁହିଁ　　　ରହିବି କା ଘେନି
　　　ଏହାକୁ ବଂଚାଇ ଦିଅ ।"

ସାପଖେଳ ଦେଖିବାରେ ପିଲାମାନେ ଖୁବ୍ ଆଗ୍ରହୀ । କବି ନୀଳକଂଠ "ସାପୁଆ କେଳା ।" ଶୀର୍ଷକ କବିତାଟିରେ ଏକ ବାସ୍ତବ ଚିତ୍ର ଦେଇଛନ୍ତି । ସେଥିରୁ ଗୋଟିଏ ପଦ ହେଲା-

ଡାହାଣିଆ ଖରା ଗଲେ ବୁଡ଼ିବ ବେଳା ।
ଆସରେ ଦେଖିବା ପିଲେ ସାପୁଆ କେଳା ।
ଅଂଗାକରେ ପାଂଚପେଡ଼ି　　ଆଣିଚି ଭାର ସଜାଡ଼ି
　　ବଡ଼ସାନ କେତେ ସାପ କରିବେ ଖେଳା
　　ଖରା ଥାଉଁ ଥାଉଁ ଚାଲ ନକର ହେଳା ।

''ମୋ ରଜା'', ''ପିଲା ଓ ଚଢ଼େଇ'' ପ୍ରଭୃତି କେତୋଟି କବିତା ଉପରେ ପାରମ୍ପରିକ ଲୋକଗୀତ ତଥା ନନ୍ଦକିଶୋର ବଳଙ୍କ କବିତା ଶୈଳୀର ପ୍ରଭାବ ଅନୁଭୂତ ହୁଏ । 'ମୋ ରଜା'ର ପ୍ରଥମ ପଦଟି ହେଲା-

ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା
କେଉଁ ରାଇଜରୁ ଅଇଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।
ବଜାରେ ଢୋଲିଆ ବଜା
ହାତୀ ପରମାଣେ କଉଡ଼ି ଦେବି ତୁ
ତେଲିଙ୍ଗି ବାଇଦ ବଜା ।

କିନ୍ତୁ ଏଇ କବିତାଟିରେ ନୀଳକଂଠଙ୍କ ଭାଷାବିଭବ ଓ ମୌଳିକତା ମଧ୍ୟ ସ୍ପଷ୍ଟ । ଏହାର ଶେଷ ପଦଟି ହେଲା-

ଆସେ ପାଟହାତୀ ହଲୁଚି ହାଉଦା
କି ସୁନ୍ଦର ସାଜସଜା,
ଛତି ଟଣା ହୋଇ ଆଡ଼େଣୀ ଦିଶଇ
ଅଇଲେ ପରା ମୋ ରଜା ।
ବଜାରେ ଢ଼ୋଲିଆ ବଜା ।
କୋଟି ପରମାୟୁ ହେଉରେ ତୋହର
ତେଲିଙ୍ଗି ବାଇଦ ବଜା ।

ଗୋସେବା ପ୍ରତି ନୀଳକଂଠଙ୍କର ବିଶେଷ ଆଗ୍ରହ ଥିଲା ପରି ଉପଲବ୍ଧି ହୁଏ । 'ଆମ ନେତ'', ''ମୋଅରି ଗାଈ ସେ ଯାତ'', ''ଆ ମୋ ପାଟ'' ପ୍ରଭୃତି କବିତାଗୁଡ଼ିକ ଏହି ଗୋଟିଏ ବିଷୟ ଉପରେ ଆଧାରିତ । ପୋଷା ଜୀବଜନ୍ତୁଙ୍କ ପ୍ରତି ପିଲାମାନଙ୍କର ସ୍ୱାଭାବିକ ଶ୍ରଦ୍ଧାକୁ କବି ଖୁବ୍ ସଫଳ ଭାବରେ ଫୁଟାଇଛନ୍ତି । ''ଆମ ନେତ''ର ଶେଷ ପଦଟି ହେଲା ।

ଗୋଡ଼ ସନ୍ଧିରେ ମୁହଁ ଗଳାଇ
କୁତୁ କୁତୁ କରି ପହ୍ନା ହଲାଇ
ଚିର ଓଟାରି ଦୁହିଁବି ଦୁଧ
ମାରିବ ନାହିଁ ସେ ନାତ,

ଆସ ଗୋ ବଉଳ ଆ-ରେ ହରି
ଦେଖିବ ଆମ ନେତ
ଦେବି ମୁଁ, ଖାଇବ କଅଁଳ ଦୁବ
ଚାଟିବ ସେ ମୋ ହାତ ।

କେତେ ବାସ୍ତବ ଚିତ୍ରଟିଏ ସତେ ! ଏମିତି ନୈସର୍ଗିକ ଦୃଶ୍ୟ ସତେ ଯେମିତି ଆମ ଆଖି ଆଗରେ ନାଚିଯାଏ ।

''ପିଲା ଓ ଚଢ଼େଇ'' କବିତାରେ ଦୁହିଁଙ୍କର ସଂଳାପ ଯେମିତି ସାବଲୀଳ, ସେମିତି ହୃଦୟଗ୍ରାହୀ ହୋଇଛି । ଶେଷ ପଦଟିରେ ଚଢ଼େଇର ଉକ୍ତିଟି ଖୁବ୍ ସରସ ଓ ଶିକ୍ଷଣୀୟ ।

ଚଢ଼େଇ- ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁମନ ଯୋଗାଇବା ବଡ଼ ବିଷମ ।

''ସିଦ୍ଧାର୍ଥ ଓ ହଂସ'', ''ଚଢ଼େଇ ବାଳକ'' ପ୍ରଭୃତି ଗାଥା କବିତାଗୁଡ଼ିକ ଖୁବ୍ ମନୋଜ୍ଞ ଓ ସାର୍ଥକ । ସ୍ୱାଭାବିକ ସଂଳାପ, ସରଳ ସହଜ ଭାଷାଶୈଳୀ ଓ ପରୋକ୍ଷ ଶିକ୍ଷା- ଏହିସବୁ କବିତାଗୁଡ଼ିକୁ କରିଛି ଶିଶୁମାନଙ୍କର ଅତି ଆଦରଣୀୟ ଓ ଆକର୍ଷଣୀୟ ।

**ଆତ୍ମଜୀବନୀ :**

ମହାପୁରୁଷମାନଙ୍କ ଜୀବନୀ ପିଲାମାନଙ୍କ ପାଇଁ ଖୁବ୍ ଉପାଦେୟ । ମାତ୍ର ସେମାନଙ୍କର ଆତ୍ମଜୀବନୀ ମଧ୍ୟ ଯେ ପିଲାମାନଙ୍କର ସୁବୋଧ୍ୟ ଓ ସୁପାଠ୍ୟ ହୋଇପାରେ, ନୀଳକଂଠ ଏହା ଦେଖାଇ ଦେଇଛନ୍ତି । ତାଙ୍କ ଜୀବନର ଅନେକ ଘଟଣା ଏତେ ସରସ, ସରଳ ଓ ସାବଲୀଳ ଭାବରେ ବର୍ଣ୍ଣିତ ହୋଇଛି ଯେ କିଶୋର ଓ ତରୁଣମାନେ ଗଳ୍ପପରି ସେଗୁଡ଼ିକୁ ପାଠକରି ପାରିବେ । ''ପଣ୍ଡିତଙ୍କ ନାସଦାନି'' ଶୀର୍ଷକ ଘଟଣାଟିଏ ନୀଳକଂଠ କେତେ ସାର୍ଥକ ରୂପେ ବର୍ଣ୍ଣନା କରିଛନ୍ତି, ଦେଖନ୍ତୁ । ''ଆଉଦିନେ ପଣ୍ଡିତେ ଶୋଇଥିଲା ବେଳେ ପିଲାଏ ତାଙ୍କ ଦାନିରୁ ନାସ ଚୋରି କରି ଶୁଂଘିଲେ । ପଂଡ଼ିତଙ୍କର ହଠାତ୍ ନିଦ ଭାଙ୍ଗିଗଲା । ପଂଡ଼ିତେ ଜାଣିପାରି ହଠାତ୍ କହିଲେ, ନିଅ, ନାଶ, ନାଶ ଶୁଂଘିବ, ନାକ ସଫା ହୋଇଯିବ । ସେଦିନ ଯେତେ ପିଲା ଥିଲେ ସମସ୍ତଙ୍କୁ ପଂଡ଼ିତେ ନାଶ ଦେଲେ ।

କିନ୍ତୁ ଆଶ୍ଚର୍ଯ୍ୟର କଥା, ପିଲାଏ ତାପରେ ଆଉ ତାଂକ ଦାନିରେ ହାତ ଦେଇନାହାନ୍ତି କି ନାଶ ଶୁଂଘି ନାହାନ୍ତି।"(୧୧)

ନୀଳକଂଠଂକ ଆପାତ କଠୋର ଓ ଗମ୍ଭୀର ମୁଖଭଙ୍ଗୀ ତଥା ଆଚରଣ ପଛରେ ଯେ ହାସ୍ୟ, ପରିହାସ, ପ୍ରୀତି ଅନ୍ତଃସଲିଳା ଫଲ୍‌ଗୁଧାରା ପରି ପ୍ରବହମାନ ଥିଲା, ଏହା ତାଙ୍କ "ଆତ୍ମଜୀବନୀ"ର ଅନେକ ଘଟଣା ବର୍ଣ୍ଣନାରୁ ଅତି ସ୍ପଷ୍ଟ ହୋଇଥାଏ।

**ଶେଷକଥା :**

ଶିଶୁ ସାହିତ୍ୟ ଏ ପର୍ଯ୍ୟନ୍ତ ଆମ ସାହିତ୍ୟର ଏକ ବିଶିଷ୍ଟ ଅଂଗ ଭାବରେ ଗୃହୀତ ହୋଇନାହିଁ। ସାଧାରଣ ସାହିତ୍ୟ ତୁଳନାରେ ଏହାକୁ ନ୍ୟୂନ ସ୍ଥାନ ଦିଆଯାଇଥାଏ। ଶିଶୁମାନଙ୍କ ପାଇଁ ଲେଖିବା ଅତି ସହଜ ବୋଲି ଅନେକଙ୍କର ଧାରଣା ହୋଇଥାଏ। ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀ ଉଦୟନାଥ ଷଡ଼ଙ୍ଗୀ ଯାଥାର୍ଥରେ କହିଛନ୍ତି, "କେବଳ ସରଳ ଗାଉଁଲି ଭାଷାରେ କଥା ପ୍ରକାଶ କରି ଦେଲେ ଯେ ଶିଶୁ ସାହିତ୍ୟ ହେବ, ତାହା ନୁହେଁ। ପିଲା ମନକୁ ଘେନିଲା ଭଳି ଭାବିଚିନ୍ତି ଯେ ଶବ୍ଦ ସଂଯୋଗ କରିବାକୁ ହେବ, ତାହାର ସୂଚନା ଏଥିରୁ (ନୀଳକଂଠଂକ ଶିଶୁ ସାହିତ୍ୟରୁ) ମିଳିଥାଏ।" (୧୨) ଏଣୁ କୁହାଯାଇଛି, "ଯଦିଓ ଶିଶୁ ସାହିତ୍ୟରେ ସରଳ ଭାଷା ଓ ଶୈଳୀ ବ୍ୟବହାର କରିବାକୁ ହୁଏ, ଏହା ଅଧିକ କଷ୍ଟକର, ଅଧିକ ଅଭିଜ୍ଞତା ଓ ଅନ୍ତର୍ଦୃଷ୍ଟିସାପେକ୍ଷ ହୋଇଥାଏ।" (୧୩)

ପଂଡ଼ିତ ନୀଳକଂଠ ଏହିସବୁ ପ୍ରତିବନ୍ଧକ ଅତିକ୍ରମ କରି ସୁଖପାଠ୍ୟ, ସୁବୋଧ୍ୟ ଓ ସରସ ଶିଶୁ ସାହିତ୍ୟ ରଚନା କରିବାରେ ଅସାଧାରଣ ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି। ତାଙ୍କର ଉଗ୍ର ବୌଦ୍ଧିକତା ଓ ପ୍ରଚଣ୍ଡ ମନସ୍ୱିତା ସତ୍ତ୍ୱେ ସରଳ କୋମଳ ଶିଶୁ ସାହିତ୍ୟରେ ଏପରି ସାଫଲ୍ୟ ଅର୍ଜ୍ଜନ କରିବା ସତେ ଏକ ବିସ୍ମୟକର ସାଧନା। ଡ଼ଃ ନରେନ୍ଦ୍ର ନାଥ ମିଶ୍ର ଯଥାର୍ଥରେ ଲେଖିଛନ୍ତି, "ଜ୍ଞାନ ସାଧନାରେ ଯେତେ ତୁଙ୍ଗ ସ୍ତରକୁ ସେ ଉଠିଲେ ବି ତରଳ ଶ୍ୟାମଳ କେଦାରର ସତେଜ ଶୋଭା ସେ ଯେପରିକି ଭୁଲି ପାରି ନଥିଲେ।" (୧୪)

ନୀଳକଂଠଂକ ନିଜ ଭାଷାରେ କହିଲେ-

ପାହାବେ ଉଠି ଦେଖ ତଳେ କିଆରୀ
ଦେଖିଲେ ଥରେ କେବେ ନ ହେବ ଭୁଲି।
କିଆରୀ ଭେଦି ବହିଯାଉଛି ନଈ
ମହାସାଗରେ ଦୂରେ ମିଶୁଚି ଯାଇ। (୧୫)

ନୀଳକଂଠ ପ୍ରକୃତରେ ନିଜ ପ୍ରଚଣ୍ଡ ପ୍ରତିଭାର ଉତ୍ତୁଙ୍ଗତା ଓ ମାନସ ମହାସାଗରର ଗଭୀରତା ସତ୍ତ୍ୱେ ବସୁନ୍ଧରା ପୃଷ୍ଠରେ ଓଡ଼ିଆ ଶିଶୁ ସାହିତ୍ୟ କେଦାରକୁ ସବୁଜ ଶସ୍ୟରେ ପରିପୂର୍ଣ୍ଣ କରିଛନ୍ତି ଏବଂ ନିଜର ମୌଳିକ ଭାବଧାରା-ରୂପକ ସ୍ରୋତସ୍ୱିତାର ସଲିଳ ସିଂଚନରେ ଏହାକୁ ଚିରସୁନ୍ଦର, ସରସ ଓ ସାର୍ଥକ କରି ତୋଳିଛନ୍ତି । ଓଡ଼ିଆ ଶିଶୁ ସାହିତ୍ୟର ଏକ କୁଶଳୀ କଳାକାର ଓ ଜଣେ ବରେଣ୍ୟ ସ୍ରଷ୍ଟା ଭାବରେ ନୀଳକଂଠ ଆମର ଚିରସ୍ମରଣୀୟ ।

**ସହାୟକ ଗ୍ରନ୍ଥ**


୧. ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ,** ପ୍ରଥମ ଖଣ୍ଡ, କଟକ ଷ୍ଟୁଡ଼େଣ୍ଟସ ଷ୍ଟୋର, କଟକ-୧୯୬୩, ପୃ ୧୩୪, ୧୩୫ ।

୨. ଡଃ ସଦାଶିବ ମିଶ୍ର, ''ପ୍ରଚଣ୍ଡ ପ୍ରତିଭା'' **କୋଣାର୍କ-** ନୀଳକଂଠ ବିଶେଷାଂକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୫୩ ଶ ସଂଖ୍ୟା ୧୯୮୪, ପୃ ୧୩ ।

୩. ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ** ୧ମ ଖଣ୍ଡ କଟକ ଷ୍ଟୁଡ଼େଣ୍ଟସ ଷ୍ଟୋର, କଟକ, ୧୯୬୩ ପୃ ୧୯୭୧ ।

୪. ଶ୍ରୀ ସୁରେନ୍ଦ୍ର ମହାନ୍ତି ''ପଣ୍ଡିତ ନୀଳକଂଠ- ଏକ ମୂଲ୍ୟାଙ୍କନ'' **କୋଣାର୍କ,** ନୀଳକଣ୍ଠ ବିଶେଷାଂକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ୫୩ଶ ସଂଖ୍ୟା, ୧୯୮୪, ପୃ ୪ ।

୫. ପଣ୍ଡତ ନୀଳକଂଠ ଦାସ, **ନୀଳକଣ୍ଠ ଗ୍ରନ୍ଥାବଳୀ** ୨ୟ ଖଣ୍ଡ କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୧୯୬୬ ପୃ ୧ ।

୬. ପଂଡ଼ିତ ନୀଳକଂଠ ଦାସ **ନୀଳକଂଠ ଗ୍ରନ୍ଥାବଳୀ** ୧ମଖଣ୍ଡ ପୃ ୧୦୯ ।

୭. ,, ,, ପୃ ୧୮୯ ।

୮. ,, ,, ପୃ ୧୮୯ ।

୯. ,, ,, ପୃ ୧୮୯ ।

୧୦. ,, ,, ୧ମ ଖଣ୍ଡ ପୃ ୫୦୧-୫୧୮ ।

୧୧. ,, ,, ପୃ ୯ ।

୧୨. ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ, ''ଆମ ହେଡ଼ମାଷ୍ଟର'' **ନୀଳକଂଠ ସ୍ମାରକୀ,** ୨ୟ ଖଣ୍ଡ, ପଣ୍ଡିତ ନୀଳକଂଠ ସ୍ମୃତିସଂସଦ ଭୁବନେଶ୍ୱର ।

୧୩. ଡଃ ଜଗନ୍ନାଥ ମହାନ୍ତି, ''ଶିଶୁ ସାହିତ୍ୟର ବିକାଶ ଓ ପ୍ରସାର'' **ଝଙ୍କାର,** ଜୁଲାଇ, ୧୯୮୫, ପୃ ୩୪୪ ।

୧୪. ଡଃ ନରେନ୍ଦ୍ରନାଥ ମିଶ୍ର, **ପଂଡ଼ିତ ନୀଳକଂଠ : ଜୀବନୀ ଓ କୃତି,** ପଂ.ନୀ.ସ୍ମୃ.ସ ଭୁବନେଶ୍ୱର ପୃ ୧୯୨ ।

୧୫. ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ,** ୧ମ ଖଣ୍ଡ ପୃ ୫୧୧ ।

(**ନୀଳକଂଠ ସ୍ମାରକୀ,** ଚତୁର୍ଥଖଣ୍ଡ, ୧୯୮୭)

# ପଣ୍ଡିତ ନୀଳକଣ୍ଠଙ୍କ ରଚିତ
# ଶିଶୁ ଗୀତିରେ ଓଡ଼ିଆ ଜାତୀୟତା

### ପଣ୍ଡିତ ନୀଳକଣ୍ଠଙ୍କ ସାଧନା ଓ ସିଦ୍ଧି

ପଣ୍ଡିତ ନୀଳକଣ୍ଠ ବହୁମୁଖୀ ପ୍ରତିଭାର ଅଧିକାରୀ । ସାହିତ୍ୟ ରଚନା ଓ ସଂପାଦନ, ସଂଗଠନ ଓ ପ୍ରଶାସନ, ବିଧାନ ଓ ଆଇନ୍ ପ୍ରଣୟନ, ଶିକ୍ଷାଦାନ ଓ ଅଧୀକ୍ଷଣ ଆଦି ବିଭିନ୍ନ ଦିଗରେ ତାଙ୍କ ପ୍ରତିଭାର ଉଜ୍ଜ୍ୱଳ ମୟୂଖ ବିଚ୍ଛୁରିତ । ତାଙ୍କର ସଂଗ୍ରାମ ଓ ସାଧନା, ସିଦ୍ଧି ଓ କୃତିତ୍ୱର ଆକଳନ କରିବା ଖୁବ୍ କଷ୍ଟକର । ଜାତିର ପ୍ରଗତି ପାଇଁ ତାଙ୍କର ତ୍ୟାଗ ଓ ତିତିକ୍ଷା ସୀମାହୀନ । ମାତୃଭୂମିର ବିକାଶ ପାଇଁ ସେ କୈଶୋରାବସ୍ଥାରେ ଯେଉଁ ପ୍ରତିଜ୍ଞା ଗ୍ରହଣ କରିଥିଲେ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ, ତାହା ଜୀବନର ଶେଷ ଯାଏ ଅତୁଟ ଓ ଅଟଳ ଥିଲା । ସ୍ୱାଧୀନତା ସଂଗ୍ରାମର ଜଣେ ସୁଦକ୍ଷ ସାରଥୀ ଭାବରେ ସେ ଯେତିକି ବଳିଦାନ କରିଥିଲେ, ସ୍ୱାଧୀନ ଭାରତର ପୁନର୍ଗଠନ ପାଇଁ ସେ ତତୋଧିକ ଶ୍ରମ ସ୍ୱୀକାର କରିଥିଲେ । ତାଙ୍କ ପରି ପ୍ରତିଭା-ପୁରୁଷ ଓ ମହାନ୍ ମନୀଷୀଆମ ଦେଶରେ ଖୁବ୍ ବିରଳ । ସମାଜରେ ଭରି ରହିଥିବା କୁସଂସ୍କାର ଦୂର କରିବା ପାଇଁ ସେ ଯେତେ ବିପ୍ଳବର ଆହ୍ୱାନ କରିଥିଲେ, ତାର ତୁଳନା ନାହିଁ । ଚଳିତ ପରମ୍ପରା ବିରୁଦ୍ଧରେ ସେ ଯେଉଁ ବଜ୍ରନାଦ କରିଥିଲେ, ତାହା ରକ୍ଷଣଶୀଳ ଓ ଅନ୍ଧବିଶ୍ୱାସୀ ସମାଜନିୟନ୍ତାଙ୍କ ହୃତ୍‌କମ୍ପ ସୃଷ୍ଟି କରିଥିଲା । ମାତୃଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କର ବହୁବିଧ ପ୍ରଚେଷ୍ଟା ସମସ୍ତ ବାଧାବନ୍ଧନ, ଦୁଃଖକଷ୍ଟର ମେଘନାଦ ପାଚିରୀକୁ ଅତିକ୍ରମ କରିଥିଲା । ସେ କେବେହେଲେ ନିଜର ନୀତି ଓ ଆଦର୍ଶକୁ ଜଳାଞ୍ଜଳି ଦେଇନଥିଲେ । ତାଙ୍କର ସମଗ୍ର ଜୀବନ ଥିଲା ସଂଗ୍ରାମମୟ, ସାଧନାମୟ ଓ ମହିମାମୟ ।

### ସାରସ୍ୱତ କୃତିତ୍ୱ ଓ କବିତା

ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ନୀଳକଣ୍ଠଙ୍କ ସାଧନାର ଗୋଟିଏ ଦିଗ ସାହିତ୍ୟ ରଚନା, ସଂପାଦାନ ଓ ସଂଗଠନ । ଏହି କ୍ଷେତ୍ରରେ ସେ ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ଅନନ୍ୟ ଓ ଅସାଧାରଣ ସିଦ୍ଧିର ସ୍ୱାକ୍ଷର ପ୍ରଦାନ କରିଛନ୍ତି । ବୁଦ୍ଧିଦୀପ୍ତ, ଶୃଙ୍ଖଳିତ ଓ ମୌଳିକ ଗଦ୍ୟ ସହିତ ସରଳ ତରଳ, କଳ୍ପନାବିଳାସ ତଥା ଆବେଗଭରା

କାବ୍ୟକବିତାର ସୃଷ୍ଟି ତାଙ୍କୁ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଜନୈକ ଶକ୍ତିଶୀଳୀ ସ୍ରଷ୍ଟାର ଆସନ ପ୍ରଦାନ କରିଥାଏ । ଗୋଟିଏ ଦିଗରେ ଅତୁଳନୀୟ କୃତି ''ଓଡ଼ିଆଭାଷାର କ୍ରମ ପରିଣାମ'', ''ଆର୍ଯ୍ୟଜୀବନ'', ''ଓଡ଼ିଆ ବ୍ୟାକରଣ'' ଏବଂ ଅନ୍ୟଦିଗରେ ଅମର କାବ୍ୟ ''କୋଣାର୍କେ'', ''ଖାରବେଳ'' ''ଦାସ ନାୟକ'' ଇତ୍ୟାଦି; ଏହି ମହାନ୍ ସାରସ୍ୱତ ସିନ୍ଧୁ ମଧ୍ୟରେ ''ମୋ' ଟିକିଘର'', ''ସାପୁଆ କେଳା'' ''ନେତ'', ''ପିଲା ଓ ଚଢ଼େଇ'', ''ଆ' ମୋ ପାଟ'' ପରି କ୍ଷୁଦ୍ର କବିତାଗୁଡ଼ିକ ବିନ୍ଦୁ ପରି ହେଲେହେଁ ସେଗୁଡ଼ିକରେ ସୃଷ୍ଟି ଯେମିତି ବିସ୍ମୟକର, ସେମିତି ବିଭୂତିମୟ ।

**ଶିଶୁଗୀତି**

ଶିଶୁମାନଙ୍କ ପାଇଁ ଯେ ସ୍ୱତନ୍ତ୍ର ସାହିତ୍ୟ ଆବଶ୍ୟକ, ଏକଥା ଊନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଅଜ୍ଞାତ ଥିଲା । ଶିଶୁକୁ ଏକ କ୍ଷୁଦ୍ର ମାନବ ଭାବରେ ଗ୍ରହଣ କରି ''ବଡ଼''ର ମାନଦଣ୍ଡରେ ତାର ବୁଦ୍ଧିବୃତ୍ତି, ଆବେଗଅନୁଭୂତି,ଧାନଧାରଣା ଆଦିକୁ କଳନା କରାଯାଉଥିଲା । ତାର ମାନସିକ ସାମର୍ଥ୍ୟ ଓ ମନସ୍ତାତ୍ତ୍ୱିକ ଅବସ୍ଥା-ଆଶା,ଆନନ୍ଦ, ଆକାଂକ୍ଷା ଓ ଅଭିରୁଚି ଦୃଷ୍ଟିରୁ ଯେ ଶିଶୁ ସ୍ୱତନ୍ତ୍ର ସାହିତ୍ୟ ଚାହେଁ, ଏକଥା ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ରାଷ୍ଟ୍ରର କେତେକ ମନୀଷୀ କହିଥିଲେ । ମାତ୍ର ଉକ୍ତ ଶତାବ୍ଦୀ ଶେଷ ସୁଦ୍ଧା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶିଶୁ ସାହିତ୍ୟର ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ସଂପର୍କରେ ଅଧିକାଂଶ ସଚେତନ ହେଲାବେଳେ, ଆମଦେଶ ଓ ରାଜ୍ୟରେ ବିଂଶ ଶତାବ୍ଦୀ ପ୍ରାରମ୍ଭରୁ ସ୍ୱଳ୍ପସଂଖ୍ୟକ ଶିକ୍ଷାବିତ୍ ଓ ମନସ୍ତତ୍ତ୍ୱବିତ୍ ଏଦିଗରେ ଚିନ୍ତା କରିଥିଲେ । ସଂପ୍ରତି ମଧ୍ୟ ବହୁ ଶିକ୍ଷିତ ଓ ସାହିତ୍ୟିକ ଶିଶୁସାହିତ୍ୟର ସ୍ୱାତନ୍ତ୍ର୍ୟ ସଂପର୍କରେ ସନ୍ଦିହାନ କିମ୍ବା ସେମାନଙ୍କର ଧାରଣା ଖୁବ୍ ସଂକୀର୍ଣ୍ଣ ଓ ସୀମିତ ।

ଆମ ଦେଶ ତଥା ରାଜ୍ୟରେ ପ୍ରଥମେ ପାଠ୍ୟପୁସ୍ତକ ମଧ୍ୟରେ ଲିଖିତ ଶିଶୁସାହିତ୍ୟ ଆତ୍ମପ୍ରକାଶ କରିଥିଲା । ଶିଶୁର ମନସ୍ତତ୍ତ୍ୱ ଦୃଷ୍ଟିରୁ ସ୍ୱତନ୍ତ୍ର ଶିଶୁସାହିତ୍ୟ-ସୃଷ୍ଟି ପ୍ରତି ଆଦୌ ଧ୍ୟାନ ଦିଆଯାଇ ନଥିଲା । ଭକ୍ତକବି ମଧୁସୂଦନ, ଫକୀରମୋହନ, ନନ୍ଦକିଶୋର, ଗୋପବନ୍ଧୁ,ଚନ୍ଦ୍ରମୋହନ, ଗୋପାଳଚନ୍ଦ୍ର ପ୍ରହରାଜ, ଚିନ୍ତାମଣି ମହାନ୍ତି ପ୍ରମୁଖଙ୍କ ସାହିତ୍ୟସାଧନା ଶିଶୁସାହିତ୍ୟର ବିକାଶକ୍ଷେତ୍ରରେ ସହାୟକ ହୋଇଥିଲା । ସେମାନଙ୍କର ଭିତ୍ତିଭୂମି ଉପରେ ନୀଳକଣ୍ଠ, ଗୋଦାବରୀଶ, ଲକ୍ଷ୍ମୀକାନ୍ତ, କାଳୀଚରଣ, ଉପେନ୍ଦ୍ର ତ୍ରିପାଠୀ, ବାଳକୃଷ୍ଣ ପ୍ରମୁଖ ଶିଶୁସାହିତ୍ୟ-ସୌଧ ସୃଷ୍ଟି କରିପାରିଥିଲେ । ମାତ୍ର ନୀଳକଣ୍ଠଙ୍କ

ଶିଶୁ ସାହିତ୍ୟ ପ୍ରଥମେ ପିଲାଙ୍କ ରାମାୟଣ, ପିଲାଙ୍କ ମହାଭାରତ, ପିଲାଙ୍କ ଭାଗବତ ଆଦି ରଚନାରେ ପର୍ଯ୍ୟବଶିତ ହୋଇଥିଲା । ଏଗୁଡ଼ିକ ରଚନା କରିବାରେ ସେ ଇଂରେଜୀ ଓ ବଙ୍ଗଳାରେ ଲିଖିତ ପୁସ୍ତକଗୁଡ଼ିକୁ ବ୍ୟବହାର କରିଥିଲେହେଁ ସେଗୁଡ଼ିକୁ ନିର୍ଭୁଲ ଆଦର୍ଶ ବୋଲି ଗ୍ରହଣ କରି ସ୍ୱକୀୟ ମୌଳିକ ଭାଷା ଓ ଶୈଳୀରେ ସେଗୁଡ଼ିକୁ ଲିପିବଦ୍ଧ କରିଛନ୍ତି । ନୀଳକଣ୍ଠ ନିଜେ କହିଛନ୍ତି, '' ମୁଁ ଦଶ ବର୍ଷରୁ ଅଧିକ କାଳ ଶିଶୁମାନଙ୍କରେ ଶିକ୍ଷକ ଥାଇ ଶିଶୁମାନଙ୍କ ପାଇଁ ଯେପରି ଏସବୁ ଲେଖାହେବା ଉଚିତ ବୋଲି ବୁଝିଛି, ସେହିପରି ଲେଖିବାକୁ ଚେଷ୍ଟା କରିଛି ।'' (ନୀଳକଣ୍ଠ ଗ୍ରନ୍ଥାବଳୀ, ୨ୟଖଣ୍ଡ, ୧୯୬୫ '' ପିଲାଙ୍କ ମହାଭାରତ-ବକ୍ତବ୍ୟ) ୧୯୫୨ ମସିହାରେ ପ୍ରଚଳିତ ପାଠ୍ୟପୁସ୍ତକ ''ସରସପାଠ'' ଓ ନୀଳକଣ୍ଠ ଗ୍ରନ୍ଥାବଳୀର ୧ମ ଖଣ୍ଡରେ ସ୍ଥାନିତ ''ପିଲାଙ୍କ ଗୀତ'' ଅନ୍ତର୍ଭୁକ୍ତ କବିତାମାନ ଏଠାରେ ଆମର ମୁଖ୍ୟତଃ ଆଲୋଚ୍ୟ । ସେଗୁଡ଼ିକ ମଧ୍ୟରୁ ପୁଣି ଓଡ଼ିଆ ଜାତୀୟତା ଉପରେ ଆଧାରିତ କବିତାବଳୀ ଆମର ଉପଜୀବ୍ୟ ।

ପଣ୍ଡିତ ନୀଳକଣ୍ଠ ସ୍ୱାଭାବିକ ଭାବରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଶୃଙ୍ଖଳାପ୍ରେମୀ ଶିକ୍ଷକ । ଛାତ୍ରଛାତ୍ରୀମାନଙ୍କ ଚରିତ୍ରଗଠନ କରି ଦେଶର ସୁଦକ୍ଷ ଓ ସ୍ୱଦେଶପ୍ରେମୀ ନାଗରିକ ଭାବରେ ପ୍ରସ୍ତୁତ କରିବାରେ ସେ ସିଦ୍ଧହସ୍ତ । ଶିକ୍ଷାଦାନ ଥିଲା ତାଙ୍କ ଜୀବନର ବ୍ରତ । କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ଶ୍ରେଣୀ କୋଠରୀ ଠାରୁ ଆରମ୍ଭ କରି ସମାଜ ତଥା ଗୋଷ୍ଠୀ ମଧ୍ୟରେ ସେମାନଙ୍କୁ ସମର୍ଥ କରି ତୋଳିବା ଥିଲା ତାଙ୍କ ସାଧନାର ଆଭିମୁଖ୍ୟ । ତାଙ୍କର ସ୍ୱନାମଧନ୍ୟ ଛାତ୍ର ଚିନ୍ତାମଣି ଦାଶ ଯଥାର୍ଥରେ କହିଛନ୍ତି (ସତ୍ୟବାଦୀରେ ସାତବର୍ଷ, ୨ୟ ମୁଦ୍ରଣ, ୧୯୬୬ ପୃ. ୭୮), ''ସେ ଅତ୍ୟନ୍ତ ଗମ୍ଭୀର, ପିଲାମାନେ କିପରି ପାଠ ଗିଳି ପକାଇ ଶୁଣିବା ମାତ୍ରେ ଶିଖିବେ, ଭାବବ୍ୟକ୍ତ କରିବେ, ଏଥିଲାଗି ଭାରି ତତ୍ପର ଥିବାରୁ ବେଳେ ବେଳେ ଅତ୍ୟନ୍ତ ଅସହନ ହୋଇ ପଡ଼ନ୍ତି ।''

ନୀଳକଂଠଙ୍କ ଶିଶୁସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଶିଶୁମାନସ ତଥା ମନସ୍ତତ୍ତ୍ୱର ଅନୁକୂଳ । ଉପଯୁକ୍ତ ବିଷୟବସ୍ତୁ ସହିତ ଭାଷାଶୈଳୀ ମଧ୍ୟ ପିଲାମାନଙ୍କର ହୃଦୟସ୍ପର୍ଶୀ ହୋଇଛି । ବିଶିଷ୍ଟ ସମୀକ୍ଷକ ଅଧ୍ୟାପକ ପଠାଣି ପଟ୍ଟନାୟକ (କବି ଓ ମନୀଷୀ ନୀଳକଂଠ ୧୯୮୫ ପୃ.୯୪୬) ସ୍ପଷ୍ଟ ଭାବରେ ଲେଖିଛନ୍ତି, ''ନୀଳକଂଠ ଏଥିପାଇଁ ଏକପ୍ରକାର ଗବେଷଣା କରିଥିଲେ କହିଲେ ଚଳେ । ସେ ଅନ୍ୟଭାଷାର ଶିଶୁସାହିତ୍ୟର ଆଶ୍ରୟ ଗ୍ରହଣ କରିଥିଲେ ଏବଂ ତହିଁରେ ସେ ଅନ୍ଧାନୁସରଣ କରିନଥିଲେ । ପିଲାମାନଙ୍କର ମନକୁ ଚିହ୍ନିବା

ପାଇଁ ତାଙ୍କର ଯୋଗ୍ୟତା ଥିଲା ଅପରିସୀମ । କେଉଁ ଭାଷାରେ କେଉଁ କଥାଟି କିପରି କହିଦେଲେ ପିଲାଙ୍କ ମନକୁ ଛୁଇଁଯିବ, ତାହା ନୀଳକଣ୍ଠଙ୍କୁ ଭଲ ଭାବରେ ଜଣାଥିଲା ।'' ଶିଶୁ ଉପଯୋଗୀ କବିତା ଲେଖିଲାବେଳେ ସେ ଶିଶୁମାନଙ୍କ ସ୍ତରକୁ ଉପଯୋଗୀ କବିତା ନେଇ ସେମାନଙ୍କ ଭାଷାରେ ସେମାନଙ୍କ ପ୍ରିୟ ଓ ଶ୍ରେୟ କଥାଗୁଡ଼ିକୁ କହିବାକୁ ଚେଷ୍ଟା କରିଛନ୍ତି । ''କୋଣାର୍କେ''ରେ ନୀଳକଣ୍ଠ ତେଣୁ ଗାଇଛନ୍ତି,

''ମୁହିଁ ଦିନେ ଶିଶୁଥିଲି ମନେ ପଡୁଛି ମୋର
ବସି ଶିଶୁମେଳେ ଦେଖନ୍ତି, ଏ ବିଭବ ରୁଚିର''

**ଜାତୀୟତାର ସ୍ରୋତ**

ଶିକ୍ଷକତା ପରି ସାହିତ୍ୟ ରଚନାରେ ମଧ୍ୟ ନୀଳକଣ୍ଠ ଓଡ଼ିଆ ଶିଶୁ ତଥା ଛାତ୍ର ସାମଜକୁ ସ୍ୱଦେଶପ୍ରେମୀ ନାଗରିକ ଭାବରେ ଗଠନ କରିବାକୁ ସଚେଷ୍ଟ ହୋଇଛନ୍ତି । ସେମାନଙ୍କ ପ୍ରାଣରେ ଦେଶପ୍ରେମର ମନ୍ଦାକିନୀ ବୁହାଇ ସେ ମାତୃଭୂମିର ଆରାଧନା କରିବାକୁ ଚାହିଁଛନ୍ତି । ନିଜଦେଶର ମହିମାକୀର୍ତ୍ତନ କରି ସେ ତାର ଭୌଗୋଳିକ ଓ ଐତିହାସିକ ପରିଚୟ ଦେଇଛନ୍ତି । ସେ ''ଜୟ ଭାରତ''ରେ ଗାଇଛନ୍ତି

ପାହାଡ଼ ହିମାଳୟ ମୁକୁଟ ତୋରା
ଧୁଅଇ ପାଦ ମହାସାଗର ପରା ।
ପାହାଡ଼ ଉଠି ଦେଖେ ତଳେ କିଆରୀ
ଦେଖିଲେ ଥରେ କେବେ ନହେବ ଭୁଲି ।
କିଆରୀ ଭେଦି ବହିଯାଉଛି ନଈ
ମହାସାଗରେ ଦୂରେ ମିଶୁଚି ଯାଇ ।
ଶୀତ ଯାଉଛି ପୁଣି ଆସୁଚି ଖରା
ଚାହୁଁ ଶୀତଳ ପଡ଼େ ପାଣି ଅସରା ।

x x x x x x x x x x

ବେଦପୁରାଣ ବିଦ୍ୟା ବିଜ୍ଞାନକଳା
ଯେତେ କହିଲେ ହେଲେ ନୁହେଁ ସରିଲା ।
ଏପରା ଦେଶେ ଆମ ଧନ୍ୟ ଜନମ
ଜୟଭାରତ ଜୟ ଜୟ ତୋ ନାମ ।

ସ୍ୱାଧୀନତା ସଂଗ୍ରାମରେ ଜାତିପିତା ଗାନ୍ଧିଜୀଙ୍କର ଭୂମିକା ସଂପର୍କରେ ସୂଚନା ଦେଇ ସେ ଭାରତୀୟ ମହାଜାତିକୁ କିପରି ନିର୍ଭୟ ଓ ସାହସୀ କରି ପାରିଥିଲେ, ତାର ବର୍ଣ୍ଣନା କରିଛନ୍ତି ''ମହାତ୍ମାଗାନ୍ଧି'' କବିତାଟିରେ । ଏହା ମାଧ୍ୟମରେ ସେ ଜାତୀୟଭାବ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି-

ଜନମି ଥିଲେ ଗାନ୍ଧି ଏହି ଭାରତେ
ସୁମରୁଥିବେ ତାଙ୍କୁ ଜନେ ଜଗତେ ।
ଗୋରାଂକ ତଳେ ଥିଲା ଆମ ଏଦେଶ,
ଗୋରାଂକୁ ଲୋକଙ୍କର ଡର ବିଶେଷ ।
ତୋପବଂଧୁକ ଧରା ସଇନ ଧରି.
ଗୋରାଏ କଲେ ଏଥି କି ମହାଜୁରି ।
ନ ମଣିଲେ ଆମକୁ କରି ମଣିଷ,
କେହି କିଛି ନକହି ହେଲେ ନିରାଶ ।
ଗାନ୍ଧି କହିଲେ, ''ଡର ଛାଡ଼ହେ ଲୋକେ,
ତୋପ ବଂଧୁକ ଆଗେ ଦେଖାଅ ବୁକେ ।''

''ଆମ ଜାତୀୟ ପତାକା'' ନୀଳକଂଠଙ୍କର ଏକ ସାର୍ଥକ ସୃଷ୍ଟି । ଏଥିରେ ଅଭିବ୍ୟକ୍ତ ଜାତୀୟ ଚେତନା ସତେ ହୃଦୟରେ ସ୍ପନ୍ଦନ ସୃଷ୍ଟି କରିଥାଏ । ଜାତୀୟ ସଂହତିର ମନ୍ତ୍ରଗାନ କରି ସେ ପ୍ରାଣସ୍ପର୍ଶୀ ଭାବରେ ଗାଇଛନ୍ତି,

ଲାଲରଙ୍ଗ ହିନ୍ଦୁ ଶାଗୁଆ ରଙ୍ଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।
ଉଡ଼ରେ ପତାକା ଉଡ଼ନ୍ତୁ ଉଚ୍ଚ ପବନେ ଖେଳି,
ରହୁ ଏଭାରତ ଜଗତେ ତୋଳି ଉଚ୍ଚ ମଉଳି ।
କି ଲାଲ କି ନେଳି କି ଧଳା ସବୁ ଯାଉରେ ମିଶି,
ଗଗନେ ପବନେ ଭାରତ ବାନା ଦିଶୁ ଝଲସି ।

ଭାରତମାତାର ମହତ୍ତ୍ୱ ସାରା ଜଗତରେ ଖେଳିଯାଉ ଏବଂ ସମଗ୍ର ବିଶ୍ୱରେ ଏହା ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁ, ଏହା ସେ ଜାତୀୟ ପତାକାଠାରୁ ଆଶା କରିଛନ୍ତି ।

ବରାବର କରୁ ଥାଆ ତୁ କରୁଅଛୁ ଯେପରି
ଦେଶ ବିଦେଶରେ ଭାରତ ଦେଶ ମହତ ଜାରି ।
ତୁହିରେ ଜାତିର ଜୀବନେ ଆମ ପ୍ରାଣଦେବତା,
ତୋହର ଲୁହରେ ଖେଳୁରେ ଆମ ଶୁଭବାରତା ।
ପରାଣେ ପରାଣେ ଉଠୁରେ ତୋର କଂପନ ଥରି,
ସେ କଂପେ ଜଗତେ ଯାଉରେ ଆମ ଜୀବନ ଭରି ।

"ପିଲା ଓ ଚଢ଼େଇ" କବିତାଟି ସ୍ୱାଧୀନତାର ଜୟଗାନ କରିବା ସଂଗେ ସଂଗେ ଶିଶୁପ୍ରାଣକୁ ତାର ମାଦକତାରେ ଉଦ୍‌ବେଳିତ କରିପାରୁଛି । ପିଲା ଚଢ଼େଇକୁ ସବୁ ସୁଖାଦ୍ୟ ଓ ସୁପାନୀୟ ଦେଇ ସ୍ୱର୍ଣ ପଞ୍ଜୁରୀରେ ତାକୁ ରଖିବାର ପ୍ରଲୋଭନ ଦେବାରୁ ଚଢ଼େଇ ମୁକ୍ତ କଂଠରେ କହିଛି-

ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ
ଖାଇବାକୁ ଅଛି କେତେ ପାଚିଲା ଫଳ;
ପାହାଡ଼ ଝରଣା ପାଣି ପିଏ ମୁଁ ନିତି,
ପତ୍ର ଗହଳରେ ଶୋଇ ପୁହାଏ ରାତି ।
x x x x x x x x x x
ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି ।
ଗୀତଗାଇ ପୋଷାହେବା ନୁହେଁ ମୋ କାମ,
ପ୍ରଭୁମନ ଯୋଗାଇବା ବଡ଼ ବିଷମ ।

ମୁକ୍ତ ରହି ଉପବାସରେ କାଳକାଟିବା ବରଂ ଶ୍ରେୟସ୍କର, ପ୍ରଭୁର ମନକୁ ଜଗି ଗୀତ ଗାଇବା ବା ଅନ୍ୟକୁ କିଛି କହିବା ତାପକ୍ଷେ ଶ୍ଳାଘ୍ୟନୁହେଁ ବୋଲି ପକ୍ଷୀଟି ଉତ୍ତର ଦେଇଛି ।

**ଓଡ଼ିଆ ଜାତୀୟତାର ବିକାଶ**

ମାନବବାଦ, ସାର୍ବଜନୀନଭାବ ଓ ମହାଜାତୀୟତା ଭାବ ସତ୍ତ୍ୱେ ନୀଳକଂଠ କାୟମନୋବାକ୍ୟରେ ଓଡ଼ିଆ ଜାତୀୟତା ଓ ଓଡ଼ିଆ ସଂସ୍କୃତିର ପ୍ରଧାନ ପୃଷ୍ଠପୋଷକ । ଏହି ଜାତିପ୍ରେମ ସେ ତାଙ୍କର ସାରସ୍ୱତ କୃତି ମଧ୍ୟରେ ପ୍ରକାଶ କରିବା ସଂଗେ ସଂଗେ ଶିଶୁ ଗୀତଗୁଡ଼ିକରେ ଓଡ଼ିଆ ଜାତୀୟତା, ଓଡ଼ିଆ ସାମାଜର ପ୍ରତିଚ୍ଛବି ଅଙ୍କନ କରିବା

ଏବଂ ଶିଶୁ ଓ କିଶୋର ପ୍ରାଣରେ ଏହାର ବିକାଶ ଘଟାଇବା ପାଇଁ ସତତ ଚେଷ୍ଟା କରିଛନ୍ତି । "ମୋ ଟିକିଘର" ଗାଁ ଗହଳିର ଶାନ୍ତସବୁଜ ପ୍ରକୃତିକୋଳରେ ଥିବା ଏକ ନିଛାଟିଆ ନିଛକ ଓଡ଼ିଆ ଘରଟିର ବାସ୍ତବ ଚିତ୍ର ରୂପାୟିତ ହୋଇଛି । ସେଥିରୁ ପ୍ରଥମ ପଦଟିହେଲା-

ବନସ୍ତେ ଫୁଟିଲା ଫୁଲ କେଡ଼େ ସୁନ୍ଦର
ଝାଟିମାଟି କାନ୍ଥ ଦେଇ ତୋଳିଲେ ଘର ।
ନଥିଲା ମୋ ନଡ଼ା ପାଳ
ପାଇ ଯାଇଥିଲା କାଳ
ବାଉଁଶ ପତରେ ଘର କଲି ଛପର
ବନସ୍ତେ ପାଚିଲା କେତେ ପଣସ ତାଳ ।

କେତେ ସରଳତରଳ ଭାଷା ଓ ଶୈଳୀ ତଥା ସ୍ୱାଭାବିକ ଭାବରେ ଓଡ଼ିଆ ଜୀବନର ଏକ ଜ୍ୱଳନ୍ତ ଚିତ୍ର ଏଠାରେ ପରିସ୍ଫୁଟ ହୋଇଛି । ଅତୀତର ପୁରପଲ୍ଲୀ କିମ୍ବା ଘଞ୍ଚ ବନଦେଶରେ ଅବସ୍ଥିତ ଏକ ଆଦିବାସୀ ଘରର ଚିତ୍ର ଯେମିତି ଏଥିରେ ଆତ୍ମପ୍ରକାଶ କରିଛି । ପରିଚିତ ପକ୍ଷୀଗୁଡ଼ିକର ବର୍ଣ୍ଣନା କେତେ ବାସ୍ତବ ହୋଇଛି ଦେଖନ୍ତୁ-

ବସିଥାଏ, ଆଡ଼ଙ୍ଗେ ମୁଁ ଶୁଆକୁ ଚାହିଁ
ଡାକୁଥାଏ ଶାରୀ ଗଛେ ଗହଳେ ଥାଇ
ବୁଣେ ମୁହିଁ ଖୁଦ କଣି
ଖୁଣ୍ଟି ଖାଉଥାଏ ବଣି
ଘୁମୁରି ଘୁମୁରି ତେଣୁ ଆସଇ ପାରା
ଡେଇଁ ଉଡ଼ିଯାଏ ବଣ ନଦିଏ ଧରା ।

ଶୁଆଶାରୀ, ବଣି ପାରା ପ୍ରଭୃତି ଯେମିତି ଓଡ଼ିଆ ଗ୍ରାମ୍ୟ ଜୀବନର ଏକ ଏକ ପ୍ରତିରୂପ ! ସେମାନଙ୍କର ଚଳଣି, ଆହାର ଓ ଧ୍ୱନି ଯେମିତି ଓଡ଼ିଆ ଶିଶୁପ୍ରାଣରେ ପ୍ରତିବିମ୍ବିତ ଓ ପ୍ରତିଧ୍ୱନିତ ହେଉଛି । ପରିବେଶର କି ମନୋଜ୍ଞ ଚିତ୍ର !

"ବଢ଼େଇ ବାଳକ" ପଦ୍ୟଟିରେ ଧର୍ମପଦର ଆତ୍ମାହୁତିର ଚିତ୍ର ଦିଆଯାଇ ଜଳନ୍ତ ଜାତୀୟତାର ମହିମାଗାନ କରାଯାଇଛି । ପଣ୍ଡିତ ନୀଳକଂଠ ଗୋପବଂଧୁଙ୍କ "ଧର୍ମପଦ" କାବ୍ୟର ବିଷୟବସ୍ତୁକୁ ଐତିହାସିକ ଦୃଷ୍ଟିକୋଣରୁ ଭ୍ରାନ୍ତ ଓ ଅମୂଳକ ବୋଲି ସମାଲୋଚନା କରିଥିଲେ । ପିଲାମାନଙ୍କ ପାଇଁ ଏହି କାହାଣୀ କାଳ୍ପନିକ ହେଲେହେଁ ଜାତୀୟତା

ଶିକ୍ଷାଦେବା ପାଇଁ ଏକ ସାର୍ଥକ ଓ ସରସ ଉପାଦାନ, ଏହା ନୀଳକଂଠ ସ୍ୱୀକାର କରିଛନ୍ତି । ଫଳତଃ ସେ ସଂକ୍ଷିପ୍ତ କବିତାଟିରେ ଧର୍ମପଦ କାହାଣୀର ସାରବତ୍ତା ଫୁଟାଇଛନ୍ତି-

ତିନିଦିନ ଅଛି ମୁଁ ବାବୁ ଦେଖିଲି ତତେ,
ମାଆଙ୍କୁ ବୁଝାଇ କହିବୁ, ମାଆ ଯିବ ପରତେ ।
ଶୁଣି ସେ ବାଳକ କହିଲା ଯିବ ଦେଉଳ ଦେଖି
ଦେଉଳ ମୁଦାରେ ମନ ତା ଏବେ ରହିଲା ଲାଖି ।

ଧର୍ମପଦର ମନ ''ଦେଉଳ ମୁଦାରେ'' ଲାଖି ରହିଲା ଏବଂ ଏହି ଅସାଧାରଣ ପ୍ରତିଭାର କିଶୋର ଏକାଗ୍ର ଚିତ୍ତରେ ଚିନ୍ତାକରି କଳସଟି ବସାଇ ପାରିଲା । ଦେଉଳର ମୁଣ୍ଡିମାରିବା ପରେ ଜାତିର ସ୍ୱାର୍ଥଦୃଷ୍ଟିରୁ କିପରି ସେ ପ୍ରାଣବଳି ଦେଲା, କବି ନୀଳକଂଠ ଚୁମ୍ବକରେ ବର୍ଣ୍ଣନା କରିଛନ୍ତି,

ବାଳକ ବୁଝିଲା କିଅବା ମୋର ଛାର ଜୀବନ
ମୋ ପାଇଁ କାହିଁକି ବାରଶ ସତେ ଖାଇବେ ହାଣ ।
ରାତି ନପାଉଁ ସେ ଉଠିଲା ସୂର୍ଯ୍ୟ ଦେଉଳ ଚୂଳେ
ବିଭୁଙ୍କୁ ସୁମରି ଆନନ୍ଦେ ଡେଇଁ ପଡ଼ିଲା ଜଳେ ।

''ଚଷାର ଭାଗ୍ୟ'' କବିତାଟି ପଂଡିତ ନୀଳକଂଠ ଇଂରେଜ କବି ସେଲି (Shelley)ଙ୍କ 'To man of England' ଛାୟାରେ ରଚନା କରିଥିଲେ ହେଁ, ଏଥିରେ ତାଙ୍କର ମୌଳିକ ଚିନ୍ତାଧାରା ଅଭିବ୍ୟକ୍ତ ହୋଇଛି । ଶ୍ରୀଯୁକ୍ତ ରବିନାରାୟଣ ଦାସ (ନୀଳକଂଠ ସ୍ମାରକୀ, ୧୯୮୨, ପୃ ୨୧୬) ଯଥାର୍ଥରେ ମତ ଦେଇଛନ୍ତି, ''ସେଥିରେ (ସେଲିଙ୍କ କବିତାରେ) ଥିବା ବିପ୍ଳବର ସୂଚନା ପରିବର୍ତ୍ତେ ବିତରଣ ତଥା ତ୍ୟାଗରେ ଆନନ୍ଦର ଉତ୍କର୍ଷ ପ୍ରତିପାଦିତ ହୋଇଛି । ଆଉ ମଧ୍ୟ ପଣ୍ଡିତ ନୀଳକଂଠ ଚଷାର କର୍ମକୁ ସମ୍ମାନ କରି ତାକୁ ଅନୁଶୋଚନାରୁ ମୁକ୍ତ କରିବା ପାଇଁ ସେଥିରେ ସୂଚନା ଦେଇଛନ୍ତି ଓ ତାର ଭାଗ୍ୟୋଦୟ ପାଇଁ ପ୍ରଭୁଙ୍କ କୃପାର କଳ୍ପନା କରିଛନ୍ତି ।'' ସେ ତେଣୁ ଗାଇଛନ୍ତି ।

ତାହାରି ବଂଟାରେ ଭୁଂଜେ ସୁଖଶାନ୍ତି ଏ ମହୀ
ତାହାରି କରମ ଫଳେ ରାଜ୍ୟଲକ୍ଷ୍ମୀ ହସଇ ।

ଓଡ଼ିଆ କୃଷକର ତ୍ୟାଗ ଓ ଶ୍ରମର ମହତ୍ତ୍ୱ ଫୁଟାଇବା ସହିତ କବି ଶିଶୁ ପ୍ରାଣରେ ସମାଜ ପ୍ରତି ତାର ଅନବଦ୍ୟ ତଥା ତା'ପ୍ରତି ସହାନୁଭୂତି ସୃଷ୍ଟି କରିବାର ଉଦ୍ୟମ କରିଛନ୍ତି ।

''ସାପୁଆ କେଳା'' ସେମିତି ଓଡ଼ିଆ ଗ୍ରାମ୍ୟ ଜୀବନର ଏକ ନିଛକ ଚିତ୍ର । ଏକ ପାରମ୍ପରିକ ଜୀବିକା ନିର୍ବାହ ସହିତ ଚିତ୍ତ ବିନୋଦନର ମାଧ୍ୟମ ରୂପେ ସାପୁଆ କେଳାର ଏହି ବୃତ୍ତି । ଖରାବର୍ଷା, ଶୀତକାକରରେ ଗାଁ ଗାଁ ବୁଲି ସେ ନାନା ଜାତିର ସାପଙ୍କୁ ଖେଳାଇ ସରଳ ଗ୍ରାମବାସୀଙ୍କ ମନରେ ବିସ୍ମୟ ଓ ଆନନ୍ଦ ସୃଷ୍ଟି କରିଥାଏ । ବିଷଧର ସର୍ପମାନଙ୍କୁ କ୍ରୀଡ଼ନକ କରି ସେ ମଧ ଗର୍ବ ଅନୁଭବ କରେ । ''ଆଶାକରେ ପାଞ୍ଚପେଡ଼ି'' ଲେଖାଁ ଭାରଟି ସାନବଡ଼ ସାପନେଇ ସେ ''ଡାହାଣିଆ ଖରା'' ଚାଲିଯିବ ବୋଲି ତରତର ହୋଇ ଧାଇଁଥାଏ । ଗୋଟିଏ ପଦରେ ସେ କି ଚମତ୍କାର ଚିତ୍ରଟିଏ ଆଙ୍କିଛନ୍ତି ସତେ !

ଅହିରାଜ କାଢ଼ିବ ସେ ଅଠର ଜାତି
କୋଳଥିଆ ନାଗ ଏବେ ଛାଡ଼ିବ କାତି
ତମ୍ବାପରି ତମ୍ପମାନ କେତେ ନାଗ ବଡ଼ସାନ
ଚାରିଆଡ଼େ ଫଣାଟେକି ଉଠିବେ ମାତି
ଖେଳାଇବ କେଳା ଏକା ଫୁଲାଇ ଛାତି ।

କେଳା କିପରି ପଦ୍ମତୋଳା ବୋଲି ସାପ ଖେଳାଇଥାଏ ଏବଂ ପେଟ ଦେଖାଇ ପଇସା ମାଗେ, ତାର ଏକ ମନଛୁଆଁ ଚିତ୍ରଟିଏ ଦେଇଛନ୍ତି ।

କାହୁଁ ସେ ପେଡ଼ିରେ ତମ୍ପମାନ ପୂରାଇ
ଅହିରାଜ ମୁହଁ ଧରି ଗେଲାଇ ହୋଇ
ପଦ୍ମତୋଳା ବୋଲି ବୋଲି ଦେହଯାକ ନାଗେ ଭରି
ବୁଲିବ ପଇସା ମାଗି ପେଟଦେଖାଇ
ଆସରେ ଆସରେ ପିଲେ ସଅଳ ହୋଇ ।

ସବୁଠୁଁ ବେଶୀ ହୃଦୟଗ୍ରାହୀ ନୀଳକଂଠଙ୍କ 'ପଶୁପକ୍ଷୀପ୍ରୀତି ବିଶେଷତଃ ଗୋଜାତି ପ୍ରତି ତାଙ୍କର ସ୍ନେହଆଦର । ସେ ତିନୋଟି କବିତା- 'ଆମ ନେତ', 'ମୋଅରି ଯାତ', 'ଆ' ମୋ ପାଟ'ରେ ପିଲାମାନଙ୍କ ମନରେ ଗୋମାତାର ମହିମା ସହିତ ତାପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଯତ୍ନ କିପରି ବଢ଼ିବ, ସେଥିପାଇଁ ଉଦ୍ୟମ କରିଛନ୍ତି । ''ଆମେ ନେତ''ର ଦୁଇଟି

ପଦରେ ଶିଶୁମନରେ ଗଭୀରତମ ପ୍ରଦେଶକୁ ସେ ସ୍ପର୍ଶ କରିପାରିଛନ୍ତି-

ଆସ ମୋ ବଉଳ ଆସରେ ହରି
ଦେଖିବ ଆମ ନେତ ।
ଦେବି ମୁଁ, ଖାଇବ କଅଁଳ ଦୁବ
ଚାଟିବ ସେ ମୋ ହାତ
ଗୋଡ଼ ସନ୍ଧିରେ ମୁହଁ ଗଳାଇ
କୁତୁକୁତୁ କରି ପହ୍ଲା ହଲାଇ
ଚିର ଓଟାରି ଦୁହିଁଙ୍କ ଦୁଧ
ମାରିବ ନାହିଁ ସେ ନାତ ।
ଆସ ମୋ ବଉଳ ଆରେ .........ହରି ।

ସରଳ ଭାଷା ସହିତ ସାବଲୀଳ ଶୈଳୀରେ ହୃଦୟସ୍ପର୍ଶୀ ଭାବରାଜିର ସମାହାର । ଆହୁରି ସରଳ ତରଳ ଭାଷାରେ "ମୋଅରି ଗାଇ ଯାତ" ର ରୂପାୟନ ।

ମୋଅରି ଗାଇ ସେ ଯାତ
ତାହାରି ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ ।
ଆମଘରେ ଅଛି ନଅଟି ଗାଇ
ଆମେ ଦୁହେଁ ଅଛୁ ଭଉଣୀ ଭାଇ
ଗୋଟିଏ ଅଛି ପିଇସୀ ନାନୀ
ହଲିଆଦିଏ କୁଟା ତୋରାଣୀ ।
ସକାଳୁ ଉଠି ଗୁହାଳ ପୋଛି
ଗାଇଟିକୁ ଦୁହେଁ ମାଆ ।
ବାପାଯାଇଛନ୍ତି ବିଲକୁ ଉଠି
କୁଆ ନ ବୋବାଉଁ କାଆ ।

ଗାଇଗୋରୁ ଓଡ଼ିଆଘରେ ଯେମିତି ପରିବାରଭୁକ୍ତ । ସେମାନେ ଓଡ଼ିଆ ଜୀବନ ର ସବୁ ସ୍ତରରେ ସବୁ ସୁଖ ଦୁଃଖରେ ଭାଗୀ ହୁଅନ୍ତି । ଓଡ଼ିଆ କୃଷକ ପରିବାରରେ ଗୋଜାତି

ଯେମିତି ଅମୂଲ୍ୟ ଧନ, ଆପଣା ଜନ। ଏହିପରି ଗୋମାତା ପ୍ରତି ବିଶେଷ ଭାବରେ ସୌହାର୍ଦ୍ଦ୍ୟ ଓ ସଂବେଦନା ସୃଷ୍ଟି କରିବା ପାଇଁ ନୀଳକଂଠ ସଫଳ ଉଦ୍ୟମ କରିଛନ୍ତି।

ପଣ୍ଡିତ ନୀଳକଂଠ ପିଲାମାନଙ୍କ ପାଇଁ ଅଳ୍ପ କେତୋଟି କବିତା ଲେଖିଥିଲେ ହେଁ ସେଥିରୁ ଅଧିକାଂଶରେ ସେ ଜାତୀୟ ଚେତନା ବିଶେଷତଃ ଓଡ଼ିଆ ଜାତୀୟତାର ନିର୍ଝରିଣୀ ସୃଷ୍ଟି କରିଛନ୍ତି। ସଂଶିତ କବିତାଗୁଡ଼ିକର ଜାତୀୟ ଚିନ୍ତନ ତଥା ଓଡ଼ିଆ ସଂସ୍କୃତି ପ୍ରତି ଶ୍ରଦ୍ଧା ଉପଜୀବ୍ୟ ହେବା ସଂଗେ ସଂଗେ ସରଳ ତରଳ ଭାଷା ଓ ଶୈଳୀରେ ସେଗୁଡ଼ିକ ଶିଶୁ ମନକୁ ସ୍ପର୍ଶ କରିବାରେ ସମର୍ଥ ହୋଇପାରିଛି। ନୀଳକଂଠଙ୍କ ଶିକ୍ଷକସୁଲଭ ଆଭିମୁଖ୍ୟ ପ୍ରତିଟି କବିତାରେ ପ୍ରତିଫଳିତ ହୋଇଛି ଏବଂ ଶିଶୁମନରେ ଜାତୀୟତାର ଜାଗରଣ ଅନ୍ତଃସଲିଳା ଫଲ୍‌ଗୁ ପରି ପ୍ରଚ୍ଛନ୍ନ ଭାବରେ ପ୍ରବାହିତ ହୋଇଛି।

**ସହାୟକ ପୁସ୍ତକ**


୧. ପଣ୍ଡିତ ନୀଳକଂଠ ଦାସ **ନୀଳକଂଠ ଗ୍ରଂଥାବଳୀ,** କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର କଟକ, ୧୯୭୩

୨. ଡକ୍ଟର ସଦାଶିବ ମିଶ୍ର ପ୍ରମୁଖ **ନୀଳକଂଠ ସ୍ମାରକୀ,** ପଣ୍ଡିତ ନୀଳକଂଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୨

୩. ଡକ୍ଟର ଜଗନ୍ନାଥ ମହାନ୍ତି (ସଂ) **ନୀଳକଂଠ ସ୍ମାରକୀ,** ୪ର୍ଥ ଖଣ୍ଡ (ଓଡ଼ିଆ ଶିଶୁ ସାହିତ୍ୟ) ପଣ୍ଡିତ ନୀଳକଂଠଙ୍କ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୭

୪. ଅଧ୍ୟାପକ ପଠାଣି ପଟ୍ଟନାୟକ, **କବିମନୀଷୀ ନୀଳକଂଠ** ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୪।

୫. ଅଧ୍ୟାପକ ଚିନ୍ତାମଣି ଦାସ **ମନୀଷୀ ନୀଳକଂଠ** ପଣ୍ଡିତ ନୀଳକଂଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୨।

# ଓଡ଼ିଆ ଶିଶୁସାହିତ୍ୟକୁ
# ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ଅବଦାନ

**ଡକ୍ଟର ବସନ୍ତ କିଶୋର ସାହୁ**

ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଓ ଶିକ୍ଷାବିତ୍ ଡକ୍ଟର ଜଗନ୍ନାଥ ମହାନ୍ତି ପୁରୀଜିଲ୍ଲା ଅନ୍ତର୍ଗତ ଜଙ୍ଗଲବୋରୀ ଗ୍ରାମରେ ଇଂରାଜୀ ୧୯୩୭ ମହିହା ଜାନୁଆରୀ ୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ମହାନ୍ତି ଓ ମାତାଙ୍କ ନାମ ମାଣିକ ଦେବୀ । ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରି ମଧ ନିଜର ନିଷ୍ଠା, ଆଗ୍ରହ ଓ ଅଧ୍ୟବସାୟ ବଳରେ ସେ ନିଜକୁ  ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ଶିଶୁ ସାହିତ୍ୟିକ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି । ସମ୍ପ୍ରତି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ଶିଶୁ ସାହିତ୍ୟ ରଚନାରୁ ନିବୃତ୍ତ ହୋଇନାହାଁନ୍ତି । ଶିକ୍ଷା ଓ ଶିଶୁ ସାହିତ୍ୟର ସମୃଦ୍ଧି ପାଇଁ ସେ ତାଙ୍କ ସ୍ୱର୍ଗୀୟ ପିତାମାତାଙ୍କ ନାମରେ ଗଠନ କରିଛନ୍ତି ''ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ'' । ଏହି ଅନୁଷ୍ଠାନ ତରଫରୁ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ଓଡ଼ିଆ ଶିଶୁ-ସାହିତ୍ୟର ପ୍ରଥମ ଗବେଷଣା ନିବନ୍ଧ-'ଓଡ଼ିଆ ଶିଶୁ ସାହିତ୍ୟ : ଉନ୍ମେଷ ଓ ବିକାଶ' ଏବଂ ବିଶିଷ୍ଟ ଶିଶୁ-ସାହିତ୍ୟିକ ଶ୍ରୀ ଭଗବାନ ପାଢ଼ୀଙ୍କ 'ଫୁଲଟିଏ ଫୁଟିଲା' ପୁସ୍ତକ ଦ୍ୱୟ ପ୍ରକାଶ କରାଯାଇଛି । ଏହା ବ୍ୟତୀତ ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ରାଜ୍ୟର ଜଣେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଓ ଜଣେ ପ୍ରତିଭାବାନ କୃତୀ ଶିକ୍ଷକଙ୍କୁ ପୁରସ୍କୃତ କରିବାର ଯୋଜନା କରାଯାଇଛି ।

**ସୃଷ୍ଟି ଓ ସମ୍ପାଦନା :**

ଡକ୍ଟର ମହାନ୍ତି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ଶିଶୁସାହିତ୍ୟ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ଜଣାଯାଏ । ଏପର୍ଯ୍ୟନ୍ତ ତାଙ୍କର ଶିଶୁ ଓ କିଶୋରଙ୍କ ପାଇଁ ୬୦ ଖଣ୍ଡ, ପ୍ରୌଢ଼ମାନଙ୍କ ପାଇଁ ୭୫ ଖଣ୍ଡ, ସାହିତ୍ୟ ସମାଲୋଚନା ଓ ଶିକ୍ଷା ସମ୍ପର୍କୀୟ ୯ ଖଣ୍ଡ ଏବଂ ଇଂରାଜୀରେ ୧୮ ଖଣ୍ଡ ପୁସ୍ତକ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶ ପାଇଛି ।

ମୌଳିକ ସାହିତ୍ୟ ସୃଷ୍ଟି ବ୍ୟତୀତ ଗବେଷଣାଧର୍ମୀ ଆଲୋଚନା କ୍ଷେତ୍ରରେ ଡକ୍ଟର ମହାନ୍ତି ମଧ୍ୟ ସିଦ୍ଧହସ୍ତତା ଲାଭ କରିଛନ୍ତି । ତାଙ୍କ ସୃଷ୍ଟି ଆଲୋଚନାମାନଙ୍କ ମଧ୍ୟରେ, ଶିଶୁ ସାହିତ୍ୟ ସମ୍ପର୍କୀୟ ଆଲୋଚନାର ସଂଖ୍ୟା ସର୍ବାଧିକ । ଓଡ଼ିଆ ଶିଶୁ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ଦିଗ ସମ୍ପର୍କରେ ଡକ୍ଟର ମହାନ୍ତି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗବେଷଣାଧର୍ମୀ ଆଲୋଚନା ରଚନା କରି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରାଇଛନ୍ତି । ଦିଲ୍ଲୀରୁ ପ୍ରକାଶିତ Writer and illustrator ପତ୍ରିକାରେ ଡକ୍ଟର ମହାନ୍ତି ଓଡ଼ିଆ ଶିଶୁ ସାହିତ୍ୟ ଓ ସାହିତ୍ୟିକଙ୍କ ସମ୍ପର୍କରେ ବହୁ ଆଲୋଚନା ଇଂରାଜୀରେ ଲେଖି ପ୍ରକାଶ କରିଛନ୍ତି । ତାଙ୍କ ଲିଖିତ ତଥା ଓଡ଼ିଆ ଶିଶୁ ସାହିତ୍ୟ ଏକାଡ଼େମୀ ପ୍ରକାଶିତ 'Children's Literature of Orissa' ପୁସ୍ତକଟି ଓଡ଼ିଆ ଶିଶୁ ସାହିତ୍ୟର ଏକ ମାଇଲ ଖୁଣ୍ଟ । ଏହା ଓଡ଼ିଆ ଶିଶୁ ସାହିତ୍ୟ ସମ୍ପର୍କରେ ଅଣଓଡ଼ିଆ ବ୍ୟକ୍ତିମାନଙ୍କୁ ଯଥେଷ୍ଟ ସହାୟତା ପ୍ରଦାନ କରିଥାଏ । ଏସବୁ ବ୍ୟତୀତ ଓଡ଼ିଆ ଶିଶୁ ସାହିତ୍ୟ ଏକାଡ଼େମୀର ସଭାପତି ଥିବା ସମୟରେ ତାଙ୍କ ବଳିଷ୍ଠ ସମ୍ପାଦନାରେ ଶିଶୁ ସାହିତ୍ୟର ସମସ୍ୟା ଓ ସମାଧାନ, ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା ପରିଚୟ, ଓଡ଼ିଆ, ଶିଶୁଗଳ୍ପ ସଂକଳନ, ଓଡ଼ିଆ ଶିଶୁ କବିତା ସଂକଳନ, ନୀଳକଣ୍ଠ ସ୍ମାରକୀ (୪ର୍ଥ ଖଣ୍ଡ, ୧ମ ଭାଗ) ଆଦି ପୁସ୍ତକମାନ ପ୍ରକାଶ ପାଇଛି ।

**ପୁରସ୍କାର ଓ ସମ୍ମାନ :**

ଡକ୍ଟର ମହାନ୍ତି ଜାତୀୟ ସ୍ତରରେ ଶିଶୁ ସାହିତ୍ୟ ପାଇଁ ଦୁଇଥର ଓ ପ୍ରୌଢ଼ ସାହିତ୍ୟ ପାଇଁ ତିନିଥର ପୁରସ୍କୃତ ହୋଇଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ତାଙ୍କ "ଆଲୁଅର କୁହୁକ ଆଉ ଶବଦର ଲୁଚକାଳି" ପୁସ୍ତକଟି ୧୯୭୫ ମସିହାର ଶ୍ରେଷ୍ଠ ଶିଶୁ ସାହିତ୍ୟ ପୁସ୍ତକ ଭାବେ ପୁରସ୍କୃତ ହେବା ସହିତ ତାଙ୍କ ଭ୍ରମଣ କାହାଣୀ ପୁସ୍ତକ "ଦୂରଦିଗନ୍ତ" ପାଇଁ ସେ ସାହିତ୍ୟ ଏକାଡ଼େମୀ ତରଫରୁ ଉପାୟନପ୍ରାପ୍ତ ହୋଇଛନ୍ତି । ଏହା ବ୍ୟତୀତ ରାଜ୍ୟସରକାରଙ୍କ ଦ୍ୱାରା ସାହିତ୍ୟରେ ୭ଥର ପୁରସ୍କାର ଓ ଉପାୟନ ଲାଭ କରି ସେ ନିଜ କୃତିତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ଶିଶୁର ଜ୍ଞାନାଭିବୃଦ୍ଧି ଓ ଜିଜ୍ଞାସା ପ୍ରବୃତ୍ତିର ବିକାଶ ପାଇଁ ଶିଶୁ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାଏ । ଏହାର ଗୁରୁତ୍ୱ ଉପଲବ୍ଧି କରି ଡକ୍ଟର ମହାନ୍ତି ଶିଶୁର ଜୀବନ ଗଠନ ପାଇଁ ତାଙ୍କର ସଂଖ୍ୟାଧିକ ସୃଷ୍ଟିରେ ପ୍ରୟାସ କରିଛନ୍ତି । ଇତିହାସ ଓ ପୁରାଣର ବିଭିନ୍ନ ଚରିତ୍ରମାନଙ୍କ ମହନୀୟତା, ମହାପୁରୁଷ ଓ ସାଧୁସନ୍ଥଙ୍କ ଜୀବନର

ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ, ବିଜ୍ଞାନର ନୂତନ ଉଦ୍ଭାବନ ତଥା ସୂକ୍ଷ୍ମତତ୍ତ୍ୱ ଆଦି ବିଭିନ୍ନ ଦିଗକୁ ନେଇ ତାଙ୍କର ଲେଖନୀ ସମୃଦ୍ଧ ହୋଇଛି । ଶିଶୁ ଉପଯୋଗୀ ଭାଷା ଓ ଶିଶୁ ମନସ୍ତତ୍ତ୍ୱକୁ ନେଇ ତାଙ୍କର ରଚନା ସମୂହ ବିଭିନ୍ନ ବୟସ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ନିଜେ ଦେଖିଥିବା କେତେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ଡକ୍ଟର ମହାନ୍ତି ଭ୍ରମଣ କାହାଣୀ ମଧ୍ୟ ରଚନା କରିଛନ୍ତି । ସେ ସବୁର ଅଧ୍ୟୟନ କାଳରେ ପାଠକ ସ୍ୱତଃ ସେସବୁ ସ୍ଥାନ ସ୍ୱଚକ୍ଷୁରେ ଦର୍ଶନ କଲାଭଳି ଅନୁଭବ କରେ ।

ଲେଖକଙ୍କର ପ୍ରାୟ ଅର୍ଦ୍ଧ ଶତାଧିକ ଶିଶୁ ପୁସ୍ତକ ମଧ୍ୟରୁ ସବୁଗୁଡ଼ିକୁ ଗୋଟି ଗୋଟି କରି ଆଲୋଚନା କରିବା ସମ୍ଭବପର ହେବ ନାହିଁ । ତେଣୁ, ରଚନାର ସାମଗ୍ରିକ ଦୃଷ୍ଟିଭଙ୍ଗୀ ସଂପର୍କରେ ଯତ୍‌କିଞ୍ଚିତ୍ ଆଲୋଚନା କରିବାର ଆବଶ୍ୟକତା ରହିଛି । ଡକ୍ଟର ମହାନ୍ତିଙ୍କ ଶିଶୁ ସାହିତ୍ୟ ପୁସ୍ତକ ସମୂହରେ ଶିଶୁ ମନସ୍ତତ୍ତ୍ୱର ସ୍ୱରୂପ କିପରି ପ୍ରକାଶ ପାଇଛି ତାହା ଦର୍ଶାଇ ଦେବାର ଆବଶ୍ୟକତା ରହିଛି, ଯାହାକି ନିମ୍ନରେ ଆଲୋଚନା କରାଗଲା ।

**ପରିବେଶ :**

ବିଦଗଧ ସାହିତ୍ୟ ସମାଜର ଦର୍ପଣ ପରି ଶିଶୁସାହିତ୍ୟ ଶିଶୁ ସମାଜର ଦର୍ପଣ । ଶିଶୁ ସାହିତ୍ୟର ବିଷୟବସ୍ତୁ, ବର୍ଣ୍ଣନା, ଚରିତ୍ର ଆଦି ଶିଶୁ ପରିବେଶ ଓ ପରିବେଷ୍ଟିନୀକୁ ନେଇ ରଚିତ ହୋଇଥିବା ସାହିତ୍ୟ ଶିଶୁ ମନକୁ ଅଧିକ ଆକୃଷ୍ଟ କରେ । କାରଣ ନିଜ ପରିବେଶ ସହିତ ଶିଶୁପୂର୍ବରୁ ପରିଚିତ ଥାଏ । ଏଠି ଶିଶୁ ପରିବେଶ କହିଲେ ତାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଜୀବଜନ୍ତୁ, କୀଟପତଙ୍ଗ, ଗଛଲତା ଓ ପରିବାରର ସଦସ୍ୟମାନଙ୍କୁ ବୁଝାଏ । ଅର୍ଥାତ୍, ନିଜର ଦୈନନ୍ଦିନ ଜୀବନରେ ଶିଶୁ ଯେଉଁମାନଙ୍କ ଘନିଷ୍ଠ ସମ୍ପର୍କରେ ଆସିଥାଏ, ତାର ପରିଚିତ ଜୀବଜନ୍ତୁ ସମ୍ପର୍କରେ ଶିଶୁ ଗଳ୍ପ ଓ କବିତା ପାଠକଲେ ଆନନ୍ଦରେ ଅଧୀର ହୋଇପଡ଼େ । ଡକ୍ଟର୍ ମହାନ୍ତିଙ୍କ ଶିଶୁସାହିତ୍ୟରେ କଥାବସ୍ତୁ ଶିଶୁର ପରିବେଶରୁ ଗୃହୀତ ହୋଇଥିବା ଲକ୍ଷ୍ୟ କରାଯାଏ ।

ପରଜାପତି
ଫୁଲର ସାଥୀ
ଫୁଲ ଫୁଲ ବୁଲି ମହୁ ପିଏଟି
ପରଜାପତି

*- ପରଜାପତି ମୋ ଖେଳ ସାଥୀ*

**ପରିଚୟବୋଧ :**

ଶିଶୁ ସାହିତ୍ୟ ସମଗ୍ର ସାହିତ୍ୟ ଜଗତର ମୂଳଦୁଆ ସଦୃଶ । ଶିଶୁ ସାହିତ୍ୟ ମାଧ୍ୟମରେ ଶିଶୁ ତା ଜ୍ଞାନର ଅଭିବୃଦ୍ଧି ଘଟାଇଥାଏ । ଜାଣିଥିବା କଥା, ଚିହ୍ନିଥିବା ବସ୍ତୁ, ଜୀବଜନ୍ତୁ, ଗଛଲତା ଓ ପଶୁପକ୍ଷୀମାନଙ୍କ ସଂପର୍କରେ ଶିଶୁ ଯେତେବେଳେ ପୁନର୍ବାର ଶିଶୁସାହିତ୍ୟରେ ପଢ଼େ, ସେତେବେଳେ ସେ ଆନନ୍ଦରେ ଉଲ୍ଲସିତ ହୋଇଉଠେ । ଅର୍ଥାତ୍, ସ୍ମୃତିଚାରଣ ବା ମନେ ପକାଇଦେବା ପାଇଁ ଶିଶୁସାହିତ୍ୟ ଶିଶୁକୁ ସହାୟତା ପ୍ରଦାନ କରେ । ମୋଟା ମୋଟି ଭାବେ ଶିଶୁ ସାହିତ୍ୟ ବିଭିନ୍ନ ବିଷୟରେ ଶିଶୁକୁ ଶିକ୍ଷା ପ୍ରଦାନ ବା ପରିଚିତ କରାଇଥାଏ । ଡକ୍ଟରର ମହାନ୍ତିଙ୍କ କେତେକ ଲେଖାରେ ଏହାର ସ୍ୱରୂପ ନିର୍ଣ୍ଣୟ କରିହୁଏ-

ଟୁଉକୁ ମୂଷିରେ ଟୁକେଇ ମୂଷି
କାମ ନକରି ତୁ ଖାଉଛୁ ବସି
ପର ଦରବ ତୁ ଖାଉଛୁ ବସି
ଟୁଉକୁ ମୂଷିରେ......... ।

- ଟୁଉକୁ ମୂଷି ।

**କଳ୍ପନା :**

ଅନେକ ସମୟରେ ଶିଶୁ କେତେକ ଅଜବ କଳ୍ପନା ଆଙ୍କି ବସେ । ଶିଶୁର କଳ୍ପନାର ଆଦି ଅନ୍ତ ନଥାଏ । କାରଣ ସେ ବାଧାବନ୍ଧନ ଓ ଦାୟିତ୍ୱହୀନ ଜୀବନ ଯାପନ କରିଥାଏ । ଶିଶୁ ସାହିତ୍ୟ ପାଠ ମାଧ୍ୟମରେ ଶିଶୁ ନିଜ କଳ୍ପନାର ସମାନତା ଦେଖିଲେ ଆନନ୍ଦ ପ୍ରକାଶ କରେ । ଲେଖକ ଶିଶୁର କଳ୍ପନା ପ୍ରତି ଗୁରୁତ୍ୱ ଆରୋପ କରି ଅନେକ ଗଳ୍ପ ଓ କବିତା ସୃଷ୍ଟି କରିଛନ୍ତି-

ଯଥା - ଆକାଶ କି କନିଆଁ
ବାହାବେଳେ ଆଖିରୁ ତା'
ଝରେ ଲୁହ ବନିଆଁ !
ହେବ ସିଏ ଘରଣୀ

ଘଡ଼ ଘଡ଼ି ବାଜା ବାଜେ
ଚଡ଼ଚଡ଼ି ରୋଷଣି !
ଆକାଶ କି ବଗିଚା !
ଜହ୍ନ ଫୁଲ ଫୁଟି ଦିଶେ
ସତେ କେତେ ଫରଚା !

**ମଣିଷତ୍ୱ ଆରୋପ** (Personification) :

ନିର୍ଜୀବ ବସ୍ତୁଠାରେ ଜୀବନ ସଂଚାର କରିବାକୁ ଶିଶୁ ମନୋବିଜ୍ଞାନରେ ସର୍ବପ୍ରାଣବାଦ କୁହାଯାଏ । କିନ୍ତୁ, ପଶୁପକ୍ଷୀ, ଗଛଲତା ଆଦି ମଣିଷମାନଙ୍କ ପରି କଥାବାର୍ତ୍ତା କରିବା ଓ ଆଚରଣ ପ୍ରଦର୍ଶନ କରିବାକୁ ଶିଶୁ ମନୋବିଜ୍ଞାନରେ ମଣିଷତ୍ୱ ଆରୋପ କୁହାଯାଏ । ମାନବେତର ଜୀବଜନ୍ତୁମାନେ କଥାବାର୍ତ୍ତା ହେଉଥିବାର ଶିଶୁସାହିତ୍ୟରେ ପଢ଼ି ଆନନ୍ଦ ଅନୁଭବ କରେ । ଡକ୍ଟର ମହାନ୍ତିଙ୍କର କେତେକ ଗଳ୍ପରେ ଏହାର ସ୍ୱରୂପ ନିର୍ଣ୍ଣୟ କରିହୁଏ । ଲେଖକଙ୍କର "ଯାହା ନ ଦେଖିବ ବେନି ନୟନେ ପରତେ ନଯିବ ଗୁରୁବଚନେ" ଗଳ୍ପରେ ଠେକୁଆ ଗିନି ହଳେ ଧରି ନାମ କୀର୍ତ୍ତନ କରିବା, କୋକୀଟିଏ ଜଙ୍ଘିଆ ଆଉ ଗଞ୍ଜିପିନ୍ଧି ବାଡ଼ି ଧରିବା, ମିରିଗଟି, ଚିତା ପଇତା କରି ଲୁଗା ଖଣ୍ଡେ ପିନ୍ଧି କାନ୍ଧରେ ଚାଦର ପକାଇବା, ବାଘ ମାମୁଁ ରାଜ ପୋଷାକ ପିନ୍ଧି ଚଲାବୁଲା କରିବା ଆଦି ବର୍ଣ୍ଣନାରେ ମାନବେତର ଚରିତ୍ରମାନଙ୍କ ଠାରେ ବ୍ୟକ୍ତିତ୍ୱ ଆରୋପ କରି ଲେଖକ ସେହି ଗଳ୍ପଗୁଡ଼ିକରେ ଶିଶୁର ମନକୁ ଜୟ କରିବାକୁ ପ୍ରୟାସ କରିଛନ୍ତି । କେବଳ ରୂପ ବର୍ଣ୍ଣନାରେ ନୁହେଁ, ଆଚରଣରେ ମଧ୍ୟ ପଶୁପକ୍ଷୀମାନେ ମଣିଷମାନଙ୍କ ପରି କଥାବାର୍ତ୍ତା କରିଛନ୍ତି । ତାଙ୍କ 'ଦୁଇ ଜଣଙ୍କ କଳିରେ ତୃତୀୟ ଜଣଙ୍କ ଲାଭ' ଗଳ୍ପରେ ବଣି ଓ କପୋତ ମଣିଷମାନଙ୍କ ପରି କଥାବାର୍ତ୍ତା କରିଛନ୍ତି । ବଣି ଓ କପୋତ ପରସ୍ପର ମଧ୍ୟରେ ହୋଇଥିବା କଳିକୁ ଭାଙ୍ଗିବା ପାଇଁ ବିରାଡ଼ି ବୈଷ୍ଣବର ଆଶ୍ରୟ ଗ୍ରହଣ କରିଛନ୍ତି । ବିରାଡ଼ି ବୈଷ୍ଣବ ସେମାନଙ୍କଠାରୁ ସବୁ ଶୁଣି କହିଲେ-

ତୁମ ଦୁହିଁଙ୍କର କଳି କଥା ଶୁଣି
ଲାଗଇ ଦୁଃଖ
ନିଜ ନିଜ ମଧ୍ୟେ ଏପରି କଥାଟା
ନୁହଁଇ ସୁଖ ।

ତେବେ ଯାହା ହେଲା  କରମ ଅବଳୁ
ତୁଟାଇ ଦେବି
ତୁମମାନଙ୍କର  ଆନନ୍ଦ ଦେଖି
ସୁଖୀ ମୁଁ ହେବି ।

**କଥନଧର୍ମିତା ଓ ଗୀତିର ପ୍ରୟୋଗ :**

ଗପ କହିବା ଓ ଶୁଣିବା ମଣିଷର ସହଜାତ ପ୍ରବୃତ୍ତି । ଶିଶୁ ମଧ୍ୟ ସେଥିରୁ ନିବୃତ୍ତ ହୁଏ ନାହିଁ । ଏଣୁ ଗପ ଶୁଣିବା ପାଇଁ ପିଲାମାନେ ସାଧାରଣତଃ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ବା ସଦସ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି । ବିଶେଷ କରି ଜେଜେମା ଓ ଆଈଙ୍କ ଉପରେ ଶିଶୁମାନେ ଅଧିକ ନିର୍ଭର କରିଥାନ୍ତି । ଉତ୍କଳ ମହାନ୍ତି ତାଙ୍କ 'ଗପୁଡ଼ି ବୁଢ଼ୀର କାହାଣୀ ପେଢ଼ି' ପୁସ୍ତକର ସୂଚନା ପ୍ରଦାନ କରି ଆମ ପରମ୍ପରାର କଥା ସୂଚେଇ ଦେଇଛନ୍ତି ।

'ଚକା ପାରି ଥରେ ବସିଗଲେ ଆଈ
ଝରି ଝରି ଯାଏ ଗପର ଝର,
କହି ଯାଉଥିଲେ, ବହି ଯାଉଥାଏ
ଅସର, ଅମର ଅମୃତ ଧାର ।
ଶୁଣି ଅଲିଅଲୀ ନାତି ନାତୁଣୀଏ
ହସି ହସି ସବୁ ଯାଆନ୍ତି ଗଡ଼ି
ଅନ୍ତରେ ତୋଳେ ଅନନ୍ତ ପିପାସା
ଗପୁଡ଼ି ବୁଢ଼ୀର କାହାଣୀ ପେଢ଼ି ।

ତା ସହିତ ଉକ୍ତ ପୁସ୍ତକରେ ଆଈଙ୍କର କଥନଧର୍ମିତା ସହିତ ମହତ୍ତ୍ୱର ଗୁଣାବଳୀର ପ୍ରତିଷ୍ଠା ଓ ପ୍ରାଧାନ୍ୟ ପାଇଁ ଗୋଟିଏ ଗଳ୍ପର ପରବର୍ତ୍ତୀ ଗଳ୍ପ ସହିତ ସମ୍ପର୍କ (ଚେନଷ୍ଟୋରୀ) ଶୈଳୀରେ ଗଳ୍ପର ସଂଯୋଜନା କରି ମାନବେତର ଚରିତ୍ରମାନଙ୍କର ଅବତାରଣା କରି ଗାଳ୍ପିକ ନିଜ ପ୍ରକାଶଧର୍ମିତାର ପରାକାଷ୍ଠା ପ୍ରଦାନ କରିଛନ୍ତି । ତା ସହିତ ଗଳ୍ପର ଚରିତ୍ରମାନେ ପରସ୍ପର ମଧ୍ୟରେ କଥୋପକଥନ କରିବା ସହିତ ମଝିରେ ମଝିରେ ଗୀତର ବ୍ୟବହାର ମଧ୍ୟ କରାଯାଇଛି । ଏହି ଶୈଳୀ ଶିଶୁକୁ ଅଧିକ ଆକୃଷ୍ଟ କରିଥାଏ । ଏହାର ସ୍ୱରୂପ ନିମ୍ନ ଉଦାହରଣରୁ ମିଳେ-

''ସେଦିନ ଗୋଟିଏ ଠେକୁଆ ସକାଳୁ ଉଠି ଗିନି ହଳେ ଧରି ନାମ କୀର୍ତ୍ତନ କରୁଥିଲା । ସେ କୋକିର ଦଉଡ଼ା ଦେଖିଲା । ସେ ଗିନି ହଳ ଫିଙ୍ଗିଦେଇ ଆସି ପଚାରିଲା -

ଆହେ କୋକି ଭାଇ, କି କଥା ପାଇଁ
ଏତେ ଦଉଡୁଛୁ, କି ଧଇଁ ସଇଁ !

କୋକିଟି ଦଉଡୁ ଦଉଡୁ ଉତ୍ତର ଦେଲା-

ନ ପଚାର ଆଉ ଠେକୁଆ ନନାରେ
ଉଛୁର ହେଲାଣି ବେଳ
ପୃଥିବୀ ଫାଟିଲା, ପାତାଳ ଦିଶିଲା
ପୂରିଗଲା ଆମ କାଳ ॥

ଏସବୁ କଥୋପକଥନ ଶିଶୁକୁ ଯେତିକି ଆନନ୍ଦ ପ୍ରଦାନ କରେ, ମିରିଗ ଦାଦା, ମଇଁଷ ମଉସା, ହାତୀ ପିଉସା ଆଦି ସମ୍ବୋଧନ ମଧ୍ୟ ଶିଶୁ ମନରେ ସେତିକି ହାସ୍ୟରସ ସୃଷ୍ଟି କରିଥାଏ । ମୋଟ ଉପରେ ଡକ୍ଟର ମହାନ୍ତିଙ୍କର ଅଧିକାଂଶ ଗଳ୍ପ ଶିକ୍ଷାମୂଳକ ହେଲେହେଁ, ସେଥିରେ ଶିଶୁ ମନସ୍ତତ୍ତ୍ୱର ସମସ୍ତ ଉପାଦାନ ଗଚ୍ଛିତ ହୋଇରହିଛି ।

**ଆତ୍ମଚରିତ୍ର ଓ ଜାତୀୟ ଚରିତ୍ର ପାଇଁ ଦିଗ୍‌ଦର୍ଶନ :**

ଚରିତ୍ର ପ୍ରତ୍ୟେକ ମଣିଷ ପାଇଁ ମୂଲ୍ୟବାନ । ସେଥିପାଇଁ ବୟସ୍କ ବ୍ୟକ୍ତିମାନେ ସର୍ବଦା ଚରିତ୍ର ଗଠନ ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି । ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇ ଶିଶୁ ନିଜ ଚରିତ୍ର ସଂଶୋଧନ କରିଥାଏ । ଡକ୍ଟର ମହାନ୍ତି ଶିଶୁର ଚରିତ୍ର ଗଠନ ପାଇଁ ତାଙ୍କର ଅନେକ ଗଳ୍ପରେ ଚେଷ୍ଟା କରିଛନ୍ତି । ସାମାଜିକ ଗଳ୍ପ ବ୍ୟତୀତ ଇତିହାସ ଗଳ୍ପରେ ଚେଷ୍ଟା କରିଛନ୍ତି । ସାମାଜିକ ଗଳ୍ପ ବ୍ୟତୀତ ଇତିହାସ ପୁରାଣରୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ସଂପର୍କୀୟ ଘଟଣାବଳୀକୁ ଗାଳ୍ପିକ ଗଳ୍ପ ଛଳରେ ଶିଶୁମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଗାନ୍ଧୀ, ପଟେଲ, ସୁଭାଷବୋଷ, କସ୍ତୁରବା ଗାନ୍ଧୀ, ମଧୁବାବୁ, ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ, ଉତ୍କଳମଣି ଗୋପବନ୍ଧୁ ଓ ବିନୋବା ଭାବେ ଆଦି ମହାପୁରୁଷଙ୍କ ଜୀବନର ସ୍ମରଣୀୟ ଘଟଣାବଳୀକୁ ଉପସ୍ଥାପନ କରି ଗାଳ୍ପିକ ଶିଶୁମାନଙ୍କ ଚରିତ୍ର ସଂଶୋଧନ ଓ ଗଠନ ପାଇଁ ଚେଷ୍ଟା କରିଛନ୍ତି ।

ଶିଶୁ ମନରୁ ହୀନମନ୍ୟତା ଦୂରକରି ଜାତୀୟ ଚରିତ୍ର ଗଠନ ପାଇଁ ଶିଶୁ ସାହିତ୍ୟହିଁ ପ୍ରେରଣା ଯୋଗାଇଥାଏ । ତା ସହିତ ଶିଶୁ ସାହିତ୍ୟ ମାଧ୍ୟମରେ ଜାତୀୟ ସଂହତି

ମଧ୍ୟ ପ୍ରତିଷ୍ଠା ହୋଇଥାଏ । ଗାନ୍ଧିକ ମହାନ୍ତିଙ୍କ ଅନେକ ସୃଷ୍ଟିରେ ଜାତୀୟ ଏକତା ଗଠନ ପାଇଁ ପ୍ରେରଣା ମିଳିଥାଏ । ତାଙ୍କର ବଡ଼ ମଣିଷଙ୍କ କଥା, ମହାମାନବଙ୍କ ମହିମା କଥା, ଆମରି ଦେଶର ଅଭୁଲା କଥା, ତୁଳସୀ ଦୁଇ ପତ୍ରରୁ ବାସେ, ଯାହାର ମନ ଯେଡ଼େ, ସେତ ସବୁରି ମାଆ ଆଦି ପୁସ୍ତକଗୁଡ଼ିକ ଶିଶୁ ମନରେ ଜାତୀୟ ଚେତନା ସୃଷ୍ଟି କରିବା ପାଇଁ ପ୍ରେରଣା ଦେଇଥାଏ ।

ଏହା ବ୍ୟତୀତ ଡକ୍ଟର ମହାନ୍ତି ବିଭିନ୍ନ ଜାତି ଓ ଦେଶର ଲୋକଗଳ୍ପ ଶିଶୁମାନଙ୍କ ପାଇଁ ସଂଗ୍ରହ କରି ନିଜର ସ୍ୱତନ୍ତ୍ର ପରିବେଷଣ ଶୈଳୀ ଦ୍ୱାରା ଶିଶୁମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି । ଦେଶ ବିଦେଶର ଲୋକକଥା, ଆଦିବାସୀ ଲୋକକଥା, ଦେଶ ବିଦେଶର ଗାଉଁଲି ଗପ, ଆଦିବାସୀ ଗଳ୍ପ ସଂକଳନରୁ ଶିଶୁ ବିଭିନ୍ନ ଦେଶର ଆଚାର ବ୍ୟବହାର, ଚାଲିଚଳଣି ଓ ଚିନ୍ତାଧାରା ସଂପର୍କରେ ଅବଗତ ହୁଏ । ଫଳରେ ଗୋଟିଏ ଦେଶକୁ ନଯାଇ ମଧ୍ୟ ସେ ଦେଶ ଓ ତାର ଅଧିବାସୀଙ୍କ ସଂପର୍କରେ ଜାଣିବା ପାଇଁ ସକ୍ଷମ ହୁଏ । ଲେଖକଙ୍କ ''ଆମ ଆଦିବାସୀ ଭାଇଭଉଣୀ'' ''ଆମେ ଓ ଆମ ଓଡ଼ିଶା'' ପୁସ୍ତକ ଦ୍ୱୟରୁ ଶିଶୁ ବିଭିନ୍ନ ଜାତି ସଂପ୍ରଦାୟ, ମେଳା ମଉଛବ ସଂପର୍କରେ ଅବଗତ ହୁଏ । ସୁତରାଂ, ଏସବୁ ପୁସ୍ତକ ଡକ୍ଟର ମହାନ୍ତିଙ୍କର ମୌଳିକ ରଚନା ନହେଲେ ମଧ୍ୟ ସେଗୁଡ଼ିକ ଶିଶୁର ଆତ୍ମ ଚରିତ୍ର ଓ ଜାତୀୟ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ ।

**ଜିଜ୍ଞାସା ପ୍ରବୃତ୍ତି ଅବସାନ :**

ବୟସ ବଢ଼ିବା ସଂଗେ ସଂଗେ ଶିଶୁ ବିଭିନ୍ନ କଥା ଜାଣିବାକୁ ଆଗ୍ରହ ପ୍ରକାଶ କରିଥାଏ । କିଏ, କ'ଣ, କାହିଁକି, କେମିତି, ଆଦି ବିଭିନ୍ନ ପ୍ରଶ୍ନ ପଚାରି ଶିଶୁ ବୟସ୍କ ବ୍ୟକ୍ତିମାନଙ୍କୁ ବିଚଳିତ କରିପକାଏ । ଏହାକୁ ଅନୁଭବ କରି ଲେଖକ ବିଜ୍ଞାନର ଜଟିଳତତ୍ତ୍ୱକୁ ଗଳ୍ପ ଶୈଳୀରେ ରଚନା କରି ଶିଶୁମାନଙ୍କର ଜିଜ୍ଞାସା ପ୍ରବୃତ୍ତିର ଅବସାନ କରାଇବା ପାଇଁ ଯତ୍ନବାନ ହୋଇଛନ୍ତି । 'ଆଲୁଅର କୁହୁକ ଆଉ ଶବ୍ଦର ଲୁଚକାଳି' ପୁସ୍ତକରେ ଇନ୍ଦ୍ରଧନୁ, ଶବ୍ଦ, ଆଲୋକ ଓ ର୍‌ୟାଡ଼ର ଆଦିର ସୃଷ୍ଟି, କାର୍ଯ୍ୟ ଓ ଉପାକର ଆଦିକୁ ଗଳ୍ପ ଶୈଳୀରେ ଅବତାରଣା କରି ଲେଖକ ବିଜ୍ଞାନର ଗୂଢ଼ତତ୍ତ୍ୱକୁ ଶିଶୁମାନଙ୍କ ନିକଟରେ ଉପସ୍ଥାପନ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କର 'ଦରିଆ ଅଜାର ମଜା ଦୁନିଆ', 'ଛପା ବହିର ଇତିକଥା', 'ମଣିଷ ସେବାରେ ବିଜ୍ଞାନ', 'ଯୁଗେ ଯୁଗେ ଯୋଗାଯୋଗ' ଆଦି ପୁସ୍ତକ ସମୂହରୁ ଶିଶୁ ଅନେକ କଥା ଜାଣିବା ପାଇଁ ସକ୍ଷମ ହୋଇଥାଏ ।

ଶିଶୁମାନଙ୍କ ପାଇଁ ଲେଖକ ଅନେକ ଭ୍ରମଣ କାହାଣୀ ମଧ୍ୟ ରଚନା କରିଛନ୍ତି, ଯେଉଁଥିରୁକି ଶିଶୁ ବିଭିନ୍ନ ଦର୍ଶନୀୟ ସ୍ଥାନ, ମନ୍ଦିର, ଦେଶ ବିଦେଶର ଐତିହ୍ୟ ଓ ସଂସ୍କୃତି ସହିତ ପରିଚିତ ହୁଏ । ପରୋକ୍ଷ ଭାବରେ ହେଲେ ମଧ୍ୟ ଶିଶୁ ଉକ୍ତ ପୁସ୍ତକଗୁଡ଼ିକରୁ ଅନେକ ଜ୍ଞାନ ଲାଭ କରେ । ଲେଖକଙ୍କ ସପନ ଭୂଇଁ ଲଣ୍ଡନ ଏଇ, ସାତ ଦରିଆ ସେପାରି କଥା, ହିମାଳୟ ପାଦଦେଶ, ଭାରତ ଭ୍ରମଣ ଆଦି ପୁସ୍ତକ ସମୂହରୁ ଶିଶୁ ଅନେକ ସ୍ଥାନ ଓ ସେ ସ୍ଥାନର ବିଶେଷତ୍ୱ ସହିତ ପରିଚିତ ହୁଏ ।

**ଶିଶୁପ୍ରୀତି :**

ଶିଶୁ ସାହିତ୍ୟ ଶିଶୁଙ୍କ ସାହିତ୍ୟ । ଅର୍ଥାତ୍ ଏହା ବୟସ୍କମାନଙ୍କ ଦ୍ୱାରା ଶିଶୁମାନଙ୍କ ପାଇଁ ରଚିତ ହୋଇଥାଏ । ଶିଶୁ ସାହିତ୍ୟଙ୍କଠାରେ ଶିଶୁ ପ୍ରୀତି ପ୍ରକାଶ ନପାଇଲେ, ସେ ସଫଳ ସାହିତ୍ୟ ସୃଷ୍ଟି କରିପାରି ନଥାଏ । ଏଥିପାଇଁ ବୟସ୍କ ସାହିତ୍ୟିକଙ୍କୁ ମାନସିକ ସ୍ତରରେ ଶିଶୁର ମାନସିକ ସ୍ତରକୁ ଅବତରଣ କରିବାକୁ ହୋଇଥାଏ । ଶିଶୁ ସାହିତ୍ୟିକର ସବୁଠାରୁ ବଡ଼ ଯୋଗ୍ୟତା ହେଉଛି ଶିଶୁମାନଙ୍କୁ ସ୍ନେହ ଆଦର ପ୍ରକାଶ କରିବା । ଡକ୍ଟର ମହାନ୍ତିଙ୍କର କେତେକ ରଚନାରେ ଏହାର ସ୍ୱରୂପ ଲକ୍ଷ୍ୟ କରାଯାଏ-

କିଏ ସେ ସାନ କିଏ ସେ ବଡ଼
କିଏ ସେ ଉଚ୍ଚା କିଏ ସେ ଗେଡ଼ା
କିଏ ସେ ଦିଶେ ଗୋଲ
ଆମେ ସଭିଏଁ ଫୁଲ ।

x x x x x x x x x

ମାଟି ମାଆର କୋଳେ ସବୁରେ
ହୋଇଚୁ ଆସି ଠୁଳ
ଆମେ ସଭିଏଁ ଫୁଲ ।

*- ଆମେ ସଭିଏଁ ଫୁଲ*

**ମୌଖିକ ଶିଶୁସାହିତ୍ୟର ପ୍ରଭାବ:**

ସ୍ରଷ୍ଟାର ଅଗୋଚରରେ ତାଙ୍କ ସୃଷ୍ଟି ଉପରେ କୌଣସି ନା କୌଣସି ପୂର୍ବବର୍ତ୍ତୀ ଲେଖକଙ୍କର ପ୍ରଭାବ ପଡ଼ିଥାଏ । ନିଜେ ସାହିତ୍ୟ ସୃଷ୍ଟି କରିବା ପୂର୍ବରୁ ସ୍ରଷ୍ଟା ଅନେକ ପୁସ୍ତକ ପାଠ କରିଥାଏ । ପୂର୍ବରୁ ପାଠକରିଥିବା ବିଷୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା

ବା କେତେକ ଗୁରୁତ୍ୱପୂର୍ଣ୍ଣ ଧାଡ଼ି ତାଙ୍କ ସ୍ମୃତି ପଟରେ ଏକ ଅଲିଭା ଗାର ପରି ରହିଥାଏ । ନିଜେ ସାହିତ୍ୟ ସୃଷ୍ଟି କରିବା ସମୟରେ ସେ ସବୁ ତାଙ୍କ ସ୍ମୃତିରେ ମୌଖିକ ଶିଶୁ ସାହିତ୍ୟର ପ୍ରଭାବ ପଡ଼ିଥିବା ଲକ୍ଷ୍ୟ କରାଯାଏ । ଏହି ପ୍ରଭାବ ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗରୁ ପଡ଼ିଥିବା ଲକ୍ଷ୍ୟ କରାଯାଏ ।

ତାଙ୍କର 'ଝୁଲରେ ହାତୀ ଝୁଲ', 'ଟୁଉକୁ ମୂଷି' ଆଦି କବିତାଗୁଡ଼ିକର ନାମକରଣ ଓ ଶୈଳୀ ମୌଖିକ ଶିଶୁ ସାହିତ୍ୟରୁ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଏ-

ଝୁଲରେ ହାତୀ ଝୁଲ
କିଆକନ୍ଦା ଖାଇ ଫୁଲ
ଆମ କୁନିଆର ଜନମ ଦିନ
ଆଜି ଆମ ଘରେ କେତେ ଯତନ ।

*- ଝୁଲରେ ହାତୀ ଝୁଲ*

ପୂର୍ବେ ପିଲାମାନଙ୍କୁ ଗଣିତ ଶିକ୍ଷାଦେବା ପାଇଁ ଗୀତର ଆଶ୍ରୟ ଗ୍ରହଣ କରାଯାଥିଲା । ଫଳରେ ଶିଶୁ ପାଠ ପଢ଼ିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଥିଲା । ଲେଖକ ମଧ୍ୟ ସେହି ଶୈଳୀକୁ ଅନୁସରଣ କରିଛନ୍ତି-

xxx xxx xxx xxx

ସାପ ହୁଏ ଫଅଁ ଫଅଁ
ନାଆଁଟି ତମର କହ
ପାଞ୍ଚ ଏକ ମିଶି ଛଅ ।
ସବୁ କାମେ ଲୋଡ଼ା ହାତ
ହାତ ଚଳାଇଲେ ଭାତ
ଛଅ ଏକ ମିଶି ସାତ ।

*- ସୂରୁଯ ଉଠିଲା ଉଇଁ*

କବିତା ବ୍ୟତୀତ 'ତିନି ତୁଣ୍ଡରେ ଛେଳି କୁକୁର', 'ଠେଙ୍ଗାଟା ଯାହାର ଗାଈଟି ତାହାର' ଆଦି ଲୋକଗଳ୍ପଗୁଡ଼ିକରୁ ଗ୍ରହଣ କରାଯାଇଥିବା ସ୍ଥଳେ ଆହୁରି ଅନେକ ଗଳ୍ପ ଲୋକଗଳ୍ପ ଶୈଳୀରେ ରଚିତ ହୋଇଛି ।

ଗାଳ୍ପିକଙ୍କ କେତେକ ଗଳ୍ପରେ ଲୋକୋକ୍ତିର ପ୍ରୟୋଗ ଦେଖିବାକୁ ମିଳେ। ଯଥା-

"ଯାହା ନ ଦେଖିବ ବେନି ନୟନେ
ପରତେ ନଯିବ ଗୁରୁ ବଚନେ।"

ଏତଦଭିନ୍ନ ଲୋକଗଳ୍ପର ବାକ୍ୟାଂଶମାନ ମଧ୍ୟ ଗାଳ୍ପିକ ତାଙ୍କ ଗଳ୍ପଗୁଡ଼ିକରେ ପ୍ରୟୋଗ କରିଥିବା ଲକ୍ଷ୍ୟ କରାଯାଏ । ଯଥା- ଉପରୁ ସୋରିଷ ସେରେ ପକାଇଲେ, ତଳେ ଗୋଟିଏ ହେଲେ ପଡ଼ିବନାହିଁ ଏବଂ ବରଡ଼ା ପତ୍ର ପରି ଥରିବା ଇତ୍ୟାଦି । ଏହି ଲୋକୋକ୍ତି ବା ବାକ୍ୟାଂଶଗୁଡ଼ିକ ଡକ୍ଟର ମହାନ୍ତିଙ୍କ ଗଳ୍ପଗୁଡ଼ିକୁ ଅଧିକ ମନୋରଞ୍ଜନଧର୍ମୀ ଓ ଶିଶୁପ୍ରିୟ କରିବାରେ ସହାୟକ ହୋଇଛି ।

**ଭାଷା :**

ଶିଶୁ ସାହିତ୍ୟର ପ୍ରାଣ ହେଉଛି ଭାଷା । ସହଜ, ସରଳ, ବୋଧଗମ୍ୟ ଓ ସାବଲୀଳ ଭାଷାରେ ରଚିତ ଶିଶୁସାହିତ୍ୟ ଶିଶୁର ମନକୁ ସାହିତ୍ୟ ପ୍ରତି ଆକର୍ଷିତ କରିଥାଏ । ଏ ସମସ୍ତ ଦିଗରୁ ବିଚାର କଲେ ଡକ୍ଟର ମହାନ୍ତିଙ୍କର ଭାଷା ଶିଶୁ ଉପଯୋଗୀ ଓ ମନଛୁଆଁ । ଧ୍ୱନ୍ୟାତ୍ମକ ଶବ୍ଦ ପ୍ରତି ଶିଶୁଠାରେ ଅଧିକ ଦୁର୍ବଳତା ପ୍ରକାଶ ପାଇଥାଏ । ଲେଖକଙ୍କର ଅନେକ ରଚନାରେ ଏହି ଧ୍ୱନ୍ୟାତ୍ମକ ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ । ଯଥା- ପତୁରି ପତୁରି, ବତୁରି ବତୁରି, ଥୁରୁଥୁରୁ, ଧଡ଼ଧଡ଼ି, ଘଡ଼ଘଡ଼ି ଇତ୍ୟାଦି ।

ତା ସହିତ ଶିଶୁମାନଙ୍କ ବୁଝିବା ପାଇଁ ସହଜ ଓ ବୋଧଗମ୍ୟ ହେବ ବୋଲି ଗାଳ୍ପିକ କଷ୍ଟଶବ୍ଦମାନଙ୍କୁ ସରଳ କରି ପ୍ରକାଶ କରିଛନ୍ତି । ଏହିସବୁ ଶବ୍ଦ ଶିଶୁ ପକ୍ଷେ ବୁଝିବା ପାଇଁ ସହଜ ହେବା ସହିତ ତା ମନରେ ଏକ କାବ୍ୟିକ ଭାବ ସୃଷ୍ଟି କରିଥାଏ ଯଥା- ପୁନିଅ (ପୂର୍ଣ୍ଣିମା), ସରଜେ(ସର୍ଜନା); ସମରଥ (ସମର୍ଥ), ପଉରୁଷ (ପୌରୁଷ), ସଉଭାଗ୍ୟ (ସୌଭାଗ୍ୟ) ଇତ୍ୟାଦି କଠିନ ଶବ୍ଦର ସରଳୀକରଣ ପଦ୍ଧତି ଶିଶୁ ମନରେ ଗଭୀର ପ୍ରଭାବ ପକାଇଥାଏ ।

ଭାବ ପ୍ରକାଶ ଓ ବୁଝିବା ପାଇଁ ସହଜ ହେବ ବୋଲି  କଥାବାର୍ତ୍ତା ସମୟରେ ଅନେକ ଅନର୍ଥକ ଶବ୍ଦ କୌଣସି ଶବ୍ଦର ପୂର୍ବରୁ କିମ୍ବା ପରେ ବ୍ୟବହାର କରାଯାଇଥାଏ । ଏହି ଶବ୍ଦସମୂହ ଭାଷାର ଗାମ୍ଭୀର୍ଯ୍ୟ ବଢ଼ାଏ, ଯଦିଓ ସେ ସବୁର କୌଣସି ଆଭିଧାନିକ ଅର୍ଥ

ନଥାଏ । ସେହି ଶବ୍ଦପୁଞ୍ଜି ଭାଷାର ଅମୂଲ୍ୟ ସମ୍ପଦ । ଡକ୍ଟରର ମହାନ୍ତିଙ୍କ ଅନେକ ରଚନାରେ ଏହି ଅନର୍ଥକ ଶବ୍ଦର ବ୍ୟବହାର ଦେଖାଯାଏ । ଏହା ବ୍ୟତୀତ ଶିଶୁ କଥିତଶବ୍ଦ ପ୍ରତି ନିଜର ଦୁର୍ବଳତା ଅଧିକ ପ୍ରକାଶ କରିଥାଏ । କାରଣ ତାକୁ ଅଧିକ ସମୟ ପରିବାରର ମାଆ, ଜେଜେମା ଓ ଭଉଣୀମାନଙ୍କ ସହିତ ଅତିବାହିତ କରିବାକୁ ହୋଇଥାଏ । ପରିବାରର ମହିଳାମାନେ ଶୁଦ୍ଧ ଭାଷା ପରିବର୍ତ୍ତେ ଅଧିକ କଥିତ ଶବ୍ଦର ବ୍ୟବହାର କରିଥାନ୍ତି । ତେଣୁ, କଥିତ ଶବ୍ଦ ପ୍ରୟୋଗ କରାଯାଇଥିବା ସାହିତ୍ୟ, ଶିଶୁକୁ ଅଧିକ ଆକୃଷ୍ଟ କରିଥାଏ । କଥିତ ଶବ୍ଦ ଭିନ୍ନ ଉଷତ ପ୍ରୟୋଗ କରାଯାଇଥିବା, ଟୁବ (ଡୁବ) ଓ ଅଢ଼ଙ୍ଗ ଆଦି ଆଞ୍ଚଳିକ ଶବ୍ଦର ବ୍ୟବହାର ଲେଖକଙ୍କର କେତେକ ରଚନାରେ ଦେଖାଯାଏ ।

**ପ୍ରାନ୍ତ କଥନ :**

ଡକ୍ଟର ମହାନ୍ତି ଓଡ଼ିଆ ଶିଶୁ ସାହିତ୍ୟର ଏକ ବହୁମୁଖୀ ପ୍ରତିଭା । ଶିଶୁ ଉପଯୋଗୀ ଗଳ୍ପ, କବିତା ଓ ଏକାଙ୍କିକା ରଚନା କ୍ଷେତ୍ରରେ ସେ ଯେପରି ଭାବରେ ନିଜ ସର୍ଜନଶୀଳ ମନୋବୃତ୍ତିର ପରିଚୟ ପ୍ରଦାନ କରିଛନ୍ତି, ସେହିପରି ଶିଶୁ ସାହିତ୍ୟ ସଂପର୍କିତ ନିରପେକ୍ଷ ସମାଲୋଚନା ଲେଖି ନିଜ ଗବେଷକ ମନୋବୃତ୍ତିର ପରିଚୟ ପ୍ରଦାନ କରିଛନ୍ତି । ଏବେ ବି ଶିଶୁମାନଙ୍କ ପାଇଁ ତାଙ୍କ ଲେଖନୀ ଚଳଚଞ୍ଚଳ । ଏହି କ୍ଷୁଦ୍ର ରଚନା ମାଧ୍ୟମରେ ତାଙ୍କ ବହୁମୁଖୀ ପ୍ରତିଭାର ବିଚାର କରିବା ସହଜ ନୁହେଁ । ତେବେ ତାଙ୍କ ପ୍ରତିଭା ସଂକ୍ରାନ୍ତରେ ଏତିକି କହିଲେ ଯଥେଷ୍ଟ ହେବ ଯେ ସ୍ୱାଧୀନୋତ୍ତର କାଳରେ ଯେଉଁ କେତେ ଜଣ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଓଡ଼ିଆ ଶିଶୁ ସାହିତ୍ୟକୁ ଏକ ଜାତୀୟ ପ୍ରତିଷ୍ଠା ଆଣି ଦେଇଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ମହାନ୍ତି ଅନ୍ୟତମ । ସରକାରୀ ଚାକିରୀରୁ ଅବସର ଗ୍ରହଣ ପରେ, ଶିଶୁ ମନଲାଖି ଅଧିକରୁ ଅଧିକ ସର୍ଜନଶୀଳ ଲେଖା ସୃଷ୍ଟିକରି ସେ ଓଡ଼ିଆ ଶିଶୁସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବେ ବୋଲି ଆମେ ଆଶା କରୁ ।

(**ସହକାର** ଜୁଲାଇ, ୧୯୯୭)

# ତୃତୀୟ ଭାଗ

## ଓଡ଼ିଆ ଶିଶୁସାହିତ୍ୟର ଅଧ୍ୟୟନ ଓ ଅନୁଧ୍ୟାନ

- ଓଡ଼ିଆ ଶିଶୁସାହିତ୍ୟ : ଗବେଷଣା ଓ ଅଧ୍ୟୟନ
- ଓଡ଼ିଆ ଶିଶୁସାହିତ୍ୟର ଗବେଷଣା ଓ ଅନୁଧ୍ୟାନ
- ଶିଶୁସାହିତ୍ୟ ପ୍ରତି ପିଲାମାନଙ୍କର ଆଗ୍ରହ :
  ଏକ ଅଧ୍ୟୟନ - ସହଯୋଗୀ ଡକ୍ଟର ଦିଗରାଜ ବ୍ରହ୍ମା
- ଓଡ଼ିଆ ଶିଶୁସାହିତ୍ୟ ପତ୍ରିକା : ଏକ ସର୍ବେକ୍ଷଣ

# ଓଡ଼ିଆ ଶିଶୁ ସାହିତ୍ୟ : ଗବେଷଣା ଓ ଅଧ୍ୟୟନ

**ଉପକ୍ରମ : ଗବେଷଣା ଓ ସାହିତ୍ୟ :**

ଜ୍ଞାନର ବିକାଶ ଓ ସତ୍ୟର ସନ୍ଧାନ ହିଁ ଗବେଷଣାର ମୁଖ୍ୟ କାର୍ଯ୍ୟ ଓ ଆଭିମୁଖ୍ୟ । ଗବେଷଣା ତେଣୁ ଏକ ଅନନ୍ତ ଓ ଅବିରତ ପ୍ରକ୍ରିୟା (Process) । ଜ୍ଞାନର ଯେମିତି ଆଦି ନାହିଁ କିମ୍ବା ଅନ୍ତ ନାହିଁ, ସେହିପରି କୌଣସି ବିଷୟରେ ଚୂଡ଼ାନ୍ତ ସତ୍ୟରେ ଉପନୀତ ହେବା ସହଜସାଧ୍ୟ ନୁହେଁ । ଜ୍ଞାନର ଦିଗ୍‌ବଳୟ ଯେମିତି ସୁଦୂରପ୍ରସାରୀ, ସତ୍ୟର ସନ୍ଧାନ ସେମିତି ମନୁଷ୍ୟ ସମାଜର ଏକ ଚିରନ୍ତନ ପ୍ରଚେଷ୍ଟା । ଗବେଷଣା ମାଧ୍ୟମରେ ନୂତନ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରାଯାଏ ଏବଂ ମୂଲ୍ୟାୟନ ତଥା ସମୀକ୍ଷା କରାଯାଇ ସତ୍ୟାସତ୍ୟ ନିରୂପଣ କରାଯାଏ । ଫଳତଃ ପୁରାତନ ତଥ୍ୟ ଓ ଗତାନୁଗତିକ ଧାରଣାରେ ପରିବର୍ତ୍ତନ ଘଟେ ଏବଂ ନୂତନ ଚିନ୍ତାଧାରା ଓ ଦର୍ଶନ ଜନ୍ମ ନିଏ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ମୁଖ୍ୟତଃ ମୌଳିକ(Fundamental) ଓ ପ୍ରୟୋଗାତ୍ମକ(Applied) ଗବେଷଣା କରାଯାଇଥାଏ । ଏହିପରି ଗବେଷଣା କାର୍ଯ୍ୟ ଯୋଗୁଁ ସାହିତ୍ୟ, ବିଜ୍ଞାନ, କଳା, ସାମାଜିକ ଶିକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରରେ ନୂତନ ଜ୍ଞାନ, କୌଶଳ, ପଦ୍ଧତି ଓ ପ୍ରକ୍ରିୟାର ସନ୍ଧାନ ମିଳିଥାଏ । ସ୍ଥୂଳତଃ, ପ୍ରାୟ ସମସ୍ତ ଆବିଷ୍କାର ଓ ଉଦ୍ଭାବନ ହିଁ ବିଭିନ୍ନ ପ୍ରକାର ଗବେଷଣାରୁ ଉଦ୍ଭବ ହୋଇଥାଏ ।

ଗବେଷଣାର ବ୍ୟୁତ୍ପତ୍ତିଗତ ଅର୍ଥ ବିଚାର କରାଯାଇପାରେ ଇଂରେଜୀରେ ଏହାକୁ Research (Re + Search) କୁହାଯାଏ । ଅର୍ଥାତ୍ ପୁନଃସନ୍ଧାନ ବା ଅନ୍ୱେଷଣ କରିବାକୁ ଗବେଷଣା ବୁଝାଇଥାଏ । ସେମିତି ସଂସ୍କୃତରେ 'ଗୋ' ଓ 'ଏଷଣା', ଏହି ଦୁଇଟି ଶବ୍ଦକୁ ମିଶାଇ ଏହା ବୁଝାଇଥାଏ । ଆର୍ଯ୍ୟ ସମାଜରେ ଗୋସମ୍ପଦ ଥିଲା ସର୍ବଶ୍ରେଷ୍ଠ ସାଂସାରିକ ସଂପଦ ଏବଂ ଗୋଟିଏ ଗାଭୀ ନିଘଞ୍ଚ ଅରଣ୍ୟରେ ହଜିଗଲେ ବା ଦୃଷ୍ଟି ଅନ୍ତରାଳରେ ରହିଗଲେ, ତାକୁ ଦେଖିବା, ଖୋଜିବା ବା ଅନୁସନ୍ଧାନ କରବିାକୁ ଗବେଷଣା କୁହାଯାଇଥିଲା । ଏବେ ଆମେ ପ୍ରାୟ ଅଧିକାଂଶ ଭାରତୀୟ ସାହତ୍ୟରେ 'ଗବେଷଣା'

ଶବ୍ଦଟି ମନୁଷ୍ୟ ସମାଜର ବିଭିନ୍ନ ଜ୍ଞାନବିଜ୍ଞାନ ଧାରାରେ ପ୍ରୟୋଗ କରାଯାଏ ନୂତନ ଜ୍ଞାନର ସନ୍ଧାନ ଓ ପ୍ରାଚୀନ ଜ୍ଞାନର ସଂସ୍କାର ଓ ପରିମାର୍ଜନା ପାଇଁ, ଯାହାଫଳରେ ଜ୍ଞାନ-ରାଜ୍ୟ ନିରନ୍ତର ସଂପ୍ରସାରିତ ହୋଇଥାଏ ଏବଂ ଜ୍ଞାନଭଣ୍ଡାର ପରିପୁଷ୍ଟ ହେବାରେ ଲାଗିଥାଏ । ଏହି ଅନୁସନ୍ଧାନ ଓ ଅନ୍ୱେଷଣ ସଂପ୍ରତି ଏକ ବିଜ୍ଞାନସମ୍ମତ, ନିରପେକ୍ଷ ଓ ବିଧିବଦ୍ଧ ବିଚାର ଓ ପ୍ରକ୍ରିୟାରେ ପରିଣତ ହୋଇଛି ।

ସାହିତ୍ୟ କ୍ଷେତ୍ରରେ ଗବେଷଣା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ବିଜ୍ଞାନସମ୍ମତ ଓ ପ୍ରବିଧି-ଅନୁସାରୀ ହୋଇପାରି ନାହିଁ । ସ୍ୱଳ୍ପସଂଖ୍ୟକ ଗବେଷଣା ବୈଜ୍ଞାନିକ ରୀତିରେ ସଂପାଦିତ ଅନୁଶୀଳନ ଓ ଅନୁସନ୍ଧାନ ଉପରେ ଆଧାରିତ । ମାତ୍ର ଅଧିକାଂଶ ଗବେଷଣା ବ୍ୟକ୍ତିକୈନ୍ଦ୍ରିକ ଓ ଆତ୍ମନିଷ୍ଠ ହୋଇଥାଏ । ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟ ଓ ଉକ୍ତିମାନଙ୍କୁ ସଂକଳନ କରାଯାଇ ସେଗୁଡ଼ିକ ପ୍ରସ୍ତୁତ ହୋଇଥାଏ । ସେହି ତଥ୍ୟମାନଙ୍କୁ ନିର୍ବ୍ୟକ୍ତିକ ଓ ବୈଜ୍ଞାନିକ ରୀତିରେ ଅନୁଶୀଳନ, ବ୍ୟାଖ୍ୟା ଓ ମୂଲ୍ୟାୟନ କରାଯାଇ ନଥାଏ । ତେଣୁ ଉକ୍ତ ଗବେଷଣା ଦ୍ୱାରା କୌଣସି ନୂତନ ଜ୍ଞାନ ଉପଲବ୍ଧ ହେଉନାହିଁ କିମ୍ବା କୌଣସି ନୂତନ ଦିଗନ୍ତ ଉନ୍ମୋଚିତ ହେଉନାହିଁ । ସଫଳ ସାହିତ୍ୟ ଜ୍ଞାନ ଓ ଅବବୋଧ ବ୍ୟତୀତ ଭାବାବେଗ(Emotion), କଳ୍ପନା(Imagination), ଉପଭୋଗ(Appreciation), ଦୃଷ୍ଟିଭଙ୍ଗୀ(Attitude), ଆଗ୍ରହ ଇତ୍ୟାଦିର ଅପେକ୍ଷା ରଖେ । ତେଣୁ ତା'ର ଗବେଷଣା ବିଜ୍ଞାନସମ୍ମତ ଓ ବୌଦ୍ଧିକ (Cognitive) ହେବା ସହିତ ଆବେଗପ୍ରବଣ ବା ସ୍ପର୍ଶକାତର (Sensitive) ଓ ଉତ୍ତରଦାୟୀ (Responsive) ହେବା ଉଚିତ । ସେଥିପାଇଁ କେଉଁପ୍ରକାର ଗବେଷଣା କରବାକୁ ହେବ ଏବଂ କେଉଁପ୍ରକାର ଆୟୁଧ (Tools)ପ୍ରସ୍ତୁତ କରି ବା ପୂର୍ବରୁ ପ୍ରସ୍ତୁତ ହୋଇଥିଲେ, ତାକୁ ବ୍ୟବହାର କରି ତଥ୍ୟସଂଗ୍ରହ କରିବାକୁ ହେବ, ତାହା ସର୍ବାଦୌ ନିର୍ଦ୍ଧାରଣ କରିବାକୁ ହେବ ।

**ଓଡ଼ିଆ ଶିଶୁ ସାହିତ୍ୟରେ ଗବେଷଣା :**

ଶିଶୁସାହିତ୍ୟରେ ସମ୍ୟକ୍ ଓ ସୁସଂଗଠିତ ଗବେଷଣାର ଆବଶ୍ୟକତା ଯଥେଷ୍ଟ ରହିଛି । କାରଣ ଉକ୍ତ ସାହିତ୍ୟ ଏକ ଗଠନଶୀଳ ଓ ବର୍ଦ୍ଧିଷ୍ଣୁ ବୟସଗୋଷ୍ଠୀ(Age-group)ର ପାଠକମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଏହାକୁ ନିର୍ଭୁଲ୍, ସାର୍ଥକ ଓ ଉପଯୁକ୍ତ ଭାବରେ ରଚନା ଓ ପ୍ରକାଶ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ସେଥିପାଇଁ

ଗବେଷଣା ଓ ଅଧ୍ୟୟନ ଏକାନ୍ତ ଆବଶ୍ୟକ । ଶିଶୁ ସାହିତ୍ୟର ଯଥାର୍ଥ ସଂଜ୍ଞା ଓ ପରିସର ନିରୂପଣ କରିବା, ବିଭିନ୍ନ ବୟସଗୋଷ୍ଠୀ ପାଇଁ କେଉଁ କେଉଁ ରୁଚି ଓ କି କି ଆବଶ୍ୟକତାରକୁ ଚାହିଁ ପୁସ୍ତକ ରଚନା କରିବାକୁ ହେବ, ସେମାନଙ୍କର ଶବ୍ଦ ଭଣ୍ଡାର(Vocabulary) ଓ ଧାରଣା(Concept)ର ସ୍ତର କେତେ, ସେମାନଙ୍କୁ ବାଞ୍ଛିତ ମୂଲ୍ୟବୋଧଗୁଡ଼ିକୁ କିପରି ଶିକ୍ଷାଦେବାକୁ ହେବ ଇତ୍ୟାଦି ଉଭୟ ତାତ୍ତ୍ୱିକ (Theoretical) ଓ ପରୀକ୍ଷଣମୂଳକ (Experimental)ଗବେଷଣା ମାଧ୍ୟମରେ ସ୍ଥିର କରିବା ଉଚିତ । କାଳକ୍ରମେ ଶିଶୁସାହିତ୍ୟର ବିକାଶ କିପରି ଓ କେଉଁ କେଉଁ ଉପାଦାନ ଓ ପରିବେଶକୁ ନେଇ ଘଟିଛି, ତାକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ଐତିହାସିକ ଗବେଷଣାର ସାହାଯ୍ୟ ନେବାକୁ ହୋଇଥାଏ । ସେମିତି କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଶିଶୁସାହିତ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ ସେହି କାର୍ଯ୍ୟ କେତେଦୂର ଓ କେଉଁ କେଉଁ ବିଭାବରେ ବିଶେଷ ପ୍ରଭାବ ବିସ୍ତାର କରିଛି, ସେଥିରେ କି କି ମୌଳିକତା ଓ ସ୍ୱାତନ୍ତ୍ର୍ୟ ରହିଛି, ସେଗୁଡ଼ିକ ମଧ୍ୟ ବିଧିବଦ୍ଧ ଭାବରେ ଅଧ୍ୟୟନ କରାଯିବା ଉଚିତ । ବିଭିନ୍ନ ସାହିତ୍ୟିକ ଭାବଧାରା ଓ ବାଦ (Ism) ଶିଶୁସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିଭାବରେ କି କି ପ୍ରଭାବ ପକାଇଛି, ତା'ର ସମୀକ୍ଷା ଓ ଅନୁଶୀଳନ ମଧ୍ୟ ଆବଶ୍ୟକ । ଏହିପରି ବୈଜ୍ଞାନିକ ଓ ନିର୍ବ୍ୟକ୍ତିକ(Objective) ଭାବରେ ତଥ୍ୟ ସଂଗ୍ରହଠାରୁ ତା'ର ବିଶ୍ଳେଷଣ(Analysis) କରିବା ଯାଏ ପୁଣି ସେଗୁଡ଼ିକୁ ଯଥାଯଥ ଭାବରେ ବ୍ୟାଖ୍ୟାକରଣ(Interpretation) ଓ ବିବରଣୀ ପ୍ରସ୍ତୁତି(Reporting) ହେଉଛି, ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଅଂଗ ଓ କାର୍ଯ୍ୟ । ଗବେଷଣା ଓ ଅଧ୍ୟୟନ ଫଳରେ ହିଁ ଶିଶୁସାହିତ୍ୟର ଗତିଧାରା ସମୁଚିତ ଭାବରେ ତ୍ୱରାନ୍ୱିତ ଓ ବାଞ୍ଛନୀୟ ଦିଗାନୁସାରୀ ହୋଇପାରିବ ।

ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ଗବେଷଣାର ବିଶେଷ ଅଭାବ ଅନୁଭୂତ ହେଉଛି । ସାହିତ୍ୟର ଦିଗ୍‌ଗଜମାନେ ଓଡ଼ିଆ ଶିଶୁସାହିତ୍ୟର ଅସ୍ତିତ୍ୱ, ସ୍ୱାତନ୍ତ୍ର୍ୟ ଓ ସ୍ୱକୀୟତା ସମ୍ପର୍କରେ ସନ୍ଦିହାନ ଥିଲାବେଳେ, ଏ ଦିଗରେ ଗବେଷଣା ଓ ଅଧ୍ୟୟନ କରିବା ବା କରାଇବା ଥିଲା ସୁଦୂର ପରାହତ । ଏବେ ଏହି ଚିନ୍ତାଧାରାରେ କିଛି ପରିବର୍ତ୍ତନ ଘଟିଥିଲେ ହେଁ ଆଶାନୁରୂପ ହୋଇନାହିଁ ଏବଂ ଯୁଗଯୁଗ ଧରି ରହିଥିବା ସ୍ଥାଣୁତ୍ୱ, ଅଜ୍ଞତା ଓ ଉଦାସୀନତାର ଅବସାନ ଘଟିନାହିଁ । ସରକାରୀ ଓ ଆନୁଷ୍ଠାନିକ ସ୍ତରରେ ତ ଶିଶୁ ସାହିତ୍ୟ

ଗବେଷଣା ଆଦୌ ହୋଇନାହିଁ । ବ୍ୟକ୍ତିଗତ ଭାବରେ ଯେଉଁ କେତେଜଣ ଗବେଷକ ଏ ଦିଗରେ ପଦକ୍ଷେପ ନେଇଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ମନୀନ୍ଦ୍ର ମହାନ୍ତି,. ଡଃ ସ୍ନେହ ମହାପାତ୍ର, ଡଃ ଦିଗରାଜ ବ୍ରହ୍ମା, ଡଃ ମହେଶ୍ୱର ମହାନ୍ତି, ଡଃ କୃତ୍ତିବାସ ନାୟକ, ଡଃ ବସନ୍ତ କିଶୋର ସାହୁ ଡଃ ଭାଗବତ ପ୍ରସାଦ ଲେଙ୍କା ଓ ଡଃ ସୁରେଶ ଚନ୍ଦ୍ର କରଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନେ ବିଶ୍ୱବିଦ୍ୟାଳୟର ଉଚ୍ଚତର ଡିଗ୍ରୀ (ପି.ଏଚ୍.ଡି. ଓ ଡି.ଲିଟ୍.) ଲାଭ ପାଇଁ ନିଜ ନିଜ ଆଗ୍ରହ ଓ ଅଭିଜ୍ଞତା ଦୃଷ୍ଟିରୁ ଗବେଷଣା ପ୍ରକଳ୍ପମାନ ସଂପାଦନ କରି ସଂନ୍ଦର୍ଭ ଉପସ୍ଥାପନ କରିଥିଲେ । ଏମାନଙ୍କର ସାଫଲ୍ୟ ଓ କୃତିତ୍ୱ ବ୍ୟକ୍ତିଗତ ହେଲେ ହେଁ ଶିଶୁ ସାହିତ୍ୟର ବିକାଶ ପାଇଁ ଏଗୁଡ଼ିକର ଅବଦାନ ବିଶେଷ ସ୍ମରଣୀୟ ।

**ଓଡ଼ିଆ ଶିଶୁ ସାହିତ୍ୟରେ ଅଧ୍ୟୟନ (ପି.ଏଇଚ.ଡି ଡିଗ୍ରୀ)**

ଡକ୍ଟର ମନୀନ୍ଦ୍ର ମହାନ୍ତି ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଏବଂ ୧୯୭୭ ମସିହାରେ ଏହି କାର୍ଯ୍ୟଟି ପୂର୍ଣ୍ଣାଙ୍ଗ ହୋଇଥିଲେ ହେଁ ତାର କେତେବର୍ଷ ପୂର୍ବରୁ ତାଙ୍କ ସ୍ୱପ୍ନ ଏବଂ ସାଧନା ଆରମ୍ଭ ହୋଇଥିଲା । ସେ ନିଜେ ଏ ସଂପର୍କରେ କହିଛନ୍ତି, ୧୯୭୨ ମସିହାରେ ଯେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗରେ Junior Research Fellow ପାଇଁ ବିଜ୍ଞାପନ ପ୍ରକାଶ ପାଇଲା, ସେତେବେଳେ ମୁଁ ଆବେଦନ କଲି ଓ ଫେଲୋସିପ ପାଇଲି ମଧ୍ୟ । ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଦ୍ୱିତୀୟ ଗବେଷକ । ଆବେଦନ କଲାବେଳେ ଓଡ଼ିଆ ଶିଶୁ ସାହିତ୍ୟ ବିଷୟ ରଖିଥିଲି । ସେତେବେଳେ ମୋର ଅନ୍ୟତମ ଗୁରୁଦେବ ଡଃ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ରଚିତ ''ଓଡ଼ିଆ ଶିଶୁ ସାହିତ୍ୟ'' (ଆଧୁନିକ ଓଡ଼ିଆ ସାହିତ୍ୟ) ଆଲୋଚନା ପ୍ରଥମେ ମୋର ଦୃଷ୍ଟି ଆକର୍ଷଣ କରିଥିଲା ଅନ୍ଧାରରେ ଲହୁଡ଼ି ପାଇଲା ପରି ସେହି ଶିଶୁସାହିତ୍ୟ ବିଷୟକୁ ଜାବୁଡ଼ି ଧରିଲି ଆଉ ଛାଡ଼ିଲି ନାହିଁ (ବାଇଶ ପାହାଚ, ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ, ୧୯୯୨)

ଡକ୍ଟର ମହାନ୍ତି ୧୯୭୭ ମସିହାରେ ''ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ'' ଶୀର୍ଷକ ସନ୍ଦର୍ଭ ରଚନା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି ଡିଗ୍ରୀ ଲାଭ କରିଥିଲେ । ଏହି ଗବେଷଣାରେ ସେ ୧୯୪୭ ପର୍ଯ୍ୟନ୍ତ ଓଡ଼ିଆ ଶିଶୁ ସାହିତ୍ୟର ବିକାଶ-ଇତିହାସ ପ୍ରଦାନ କରିଛନ୍ତି । ଏଥିରେ ସେ ବିଷୟବସ୍ତୁ, ଶୈଳୀ, ମନସ୍ତାତ୍ତ୍ୱିକ ଓ

ସମାଜତାତ୍ତ୍ୱିକ ପୃଷ୍ଠଭୂମି ଇତ୍ୟାଦିର ପର୍ଯ୍ୟାଲୋଚନା କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଶିଶୁସାହିତ୍ୟ ଉପରେ ସେ ମଧ୍ୟ ଏକଶହ ପୃଷ୍ଠାର ବିବରଣୀ ଦେଇଛନ୍ତି । ଡକ୍ଟର ମହାନ୍ତିଙ୍କ ପରେ ଡକ୍ଟର ସ୍ନେହ ମହାପାତ୍ର ମଧ୍ୟପ୍ରଦେଶର ରାୟପୁର ବିଶ୍ୱବିଦ୍ୟାଳୟରୁ ''ହିନ୍ଦି ଓ ଓଡ଼ିଆ ଶିଶୁସାହିତ୍ୟର ଏକ ତୁଳନାତ୍ମକ ଅଧ୍ୟୟନ'' କରି ପି.ଏଇଚ.ଡି ଡିଗ୍ରୀ ଲାଭ କରିଥିଲେ ।''

ଡକ୍ଟର ଦିଗରାଜ ବ୍ରହ୍ମା ''ଶିଶୁ ସାହିତ୍ୟର ଶୈକ୍ଷିକ ଗୁରୁତ୍ୱ'' (Educational Implications of Children's Literature) ଶୀର୍ଷକ ପ୍ରକଳ୍ପ ଉପରେ ଗବେଷଣା କରିଛନ୍ତି । ୧୯୮୫ ମସିହାରେ ସେ ତାଙ୍କ ସନ୍ଦର୍ଭ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି. ଡିଗ୍ରୀ ଲାଭ କରିଥିଲେ । ତାଙ୍କ ଗବେଷଣାର ବିଶିଷ୍ଟ ଉପଲବ୍ଧିମାନ ହେଲା ଯେ ସର୍ବାଧିକ ଛାତ୍ରଛାତ୍ରୀ ବିଜ୍ଞାନଭିତ୍ତିକ ବିଷୟବସ୍ତୁରେ ବିଶେଷ ଆଗ୍ରହୀ ଏବଂ ଦୁଃଖ ଦୁର୍ଘଟଣା ଆଦିରେ ବୀତସ୍ପୃହ । ସଂଖ୍ୟାଧିକ ଛାତ୍ରଛାତ୍ରୀ ଗଳ୍ପ ପୁସ୍ତକକୁ ପସନ୍ଦ କରିଥିଲେ ଏବଂ କ୍ରମାନ୍ୱୟରେ କବିତା, ଏକାଙ୍କିକା, ଚିତ୍ରଗଳ୍ପ, ଉପନ୍ୟାସ ଆଦିକୁ ଆଦର କରିଥିଲେ । ପୁସ୍ତକ ନିର୍ବାଚନ ଓ ପାଠ କରିବାରେ ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ସେମାନଙ୍କର ଗୁରୁଜନ ଓ ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ଯେଉଁ ଲେଖକ ଓ କବିଙ୍କର ଲେଖା ପାଠ୍ୟପୁସ୍ତକରେ ସ୍ଥାନିତ, ସେହିମାନେ ଶିକ୍ଷାର୍ଥୀଗଣଙ୍କ ପାଖରେ ଅଧିକ ପରିଚିତ । ସର୍ବାଧିକ ଦୟନୀୟ ତଥ୍ୟ ତାଙ୍କ ଅଧ୍ୟୟନରୁ ସ୍ପଷ୍ଟ ହେଲାଯେ ପ୍ରାଥମିକ ବିଦ୍ୟାଳୟରୁ ଜଣପିଛା ଛାତ୍ରଛାତ୍ରୀ ୦.୬୨ରୁ ଆରମ୍ଭ କରି ୧୬ ଖଣ୍ଡ ପର୍ଯ୍ୟନ୍ତ ପୁସ୍ତକ ପାଠ କରିଥିଲେ । ପୁଣି ସେହି ପିଲାମାନଙ୍କର ମୁଣ୍ଡପିଛା ପୁସ୍ତକକ୍ରୟରେ ଖର୍ଚ୍ଚ ହୋଇଥିଲା ପ୍ରାୟ ୨୯ ପଇସା ଏବଂ ଶତକଡ଼ା ୫୨ ବିଦ୍ୟାଳୟରେ ଶିଶୁପୁସ୍ତକ କ୍ରୟ କରିବା ପାଇଁ ଆଦୌ ସମ୍ବଳ ନଥିଲା । ମାତ୍ର ଶୈକ୍ଷିକ ସଫଳତା ଉପରେ ଶିଶୁସାହିତ୍ୟର ଯଥେଷ୍ଟ ପ୍ରଭାବ ରହିଥିଲା ବୋଲି ଅଧିକାଂଶ ଶିକ୍ଷକ ମତ ଦେଇଥିଲେ ।

ଡକ୍ଟର ମହେଶ୍ୱର ମହାନ୍ତି ''ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ପୃଷ୍ଠଭୂମି'' ସଂପର୍କରେ ଏକ ଗଭୀର ଅଧ୍ୟୟନ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୮୯ ମସିହାରେ ପି.ଏଇଚଡି ଉପାଧିଲାଭ କରିଛନ୍ତି । ଶିଶୁର ଶାରୀରିକ ଓ ମାନସିକ ବିକାଶ ଦିଗରେ ସମାଜର ଭୂମିକା ସଂବନ୍ଧରେ ବିସ୍ତୃତ ଆଲୋଚନା କରି ପ୍ରତିବେଶୀ ଅସମୀୟା ଓ ବଙ୍ଗଳା ଶିଶୁ ସାହିତ୍ୟର ବିଶେଷ ଅଗ୍ରଗତି ବିଷୟରେ ସମ୍ୟକ୍ ସୂଚନା ଦେଇଛନ୍ତି । ଓଡ଼ିଆ ଶିଶୁ ସାହିତ୍ୟର ଆଦ୍ୟଝଙ୍କାର କିପରି ଲୋକଗୀତ ଓ ଗଳ୍ପରେ ଝଙ୍କୃତ ହୋଇଛି, ଆଲୋଚନା କରି ଡକ୍ଟର ମହାନ୍ତି ୧୯ଶ ଶତାବ୍ଦୀର ନବ ଜାଗରଣ, ପାଠ୍ୟପୁସ୍ତକ ଆନ୍ଦୋଳନ ଓ ଆଧୁନିକ ଓଡ଼ିଆ

ଶିଶୁ ସାହିତ୍ୟରେ ପ୍ରାଣପ୍ରତିଷ୍ଠା ବିଷୟରେ ଆଲୋଚନା କରିଛନ୍ତି । ଯୁଗସ୍ରଷ୍ଟା ମଧୁସୂଦନଙ୍କ ସାଧନାରେ ନୀତିମୂଳକ କର୍ମଭିତ୍ତିକ ଶିଶୁ ସାହିତ୍ୟର ବିକାଶ ଘଟିବା ଓ ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଶିଶୁ ସାହିତ୍ୟର ସ୍ୱାତନ୍ତ୍ର୍ୟ କିପରି ବିଭିନ୍ନ ଦିଗରେ ପ୍ରଦର୍ଶିତ ହୋଇଥିଲା, ତା'ର ସମ୍ୟକ୍ ଆଲୋଚନା କରାଯାଇଛି । ଉପସଂହାରରେ ଗବେଷକ ଭାରତୀୟ ଶିଶୁ ସାହିତ୍ୟର ଉତ୍ତରଣ ସହିତ ଓଡ଼ିଆ ଶିଶୁ ସାହିତ୍ୟର ସ୍ୱାଧୀନତା ପରବର୍ତ୍ତୀ କାଳରେ କିପରି ଅଗ୍ରଗତି ଘଟିଛି ଏବଂ ପ୍ରଦୂଷିତ ସମାଜ ଦ୍ୱାରା ଏହି ସାହିତ୍ୟ କିପରି ପ୍ରଭାବିତ ହୋଇଛି, ତା'ର ବିଚାର କରିଛନ୍ତି । ପରିଶିଷ୍ଟରେ ଗବେଷକ କେତେକ ଦୁର୍ଲ୍ଲଭ ପାଠ୍ୟପୁସ୍ତକ, ପତ୍ରପତ୍ରିକାର ସୂଚନା ଦେଇ ଧନ୍ୟବାଦାର୍ହ ହୋଇଛନ୍ତି ।

ଡକ୍ଟର କୃତ୍ତିବାସ ନାୟକଙ୍କ ସନ୍ଦର୍ଭ (୧୯୯୨) ''ଓଡ଼ିଆ ଶିଶୁଗଳ୍ପର ସ୍ୱରୂପ ଓ ବିକାଶ'' ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପି.ଏଇଚ୍‌ଡି ଉପାଧି ନିମନ୍ତେ ପ୍ରସ୍ତୁତ ହୋଇ ଲକ୍ଷ୍ୟସ୍ଥଳରେ ଗବେଷକଙ୍କୁ ପହଞ୍ଚାଇ ପାରିଛି । ଏଥିରେ ଗବେଷକ ଶିଶୁଗଳ୍ପର ସୃଷ୍ଟି, ସଂଜ୍ଞା, ବିଷୟବସ୍ତୁ, ଚରିତ୍ର ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ଏବଂ ଶିଶୁ ଗଳ୍ପ ସାହିତ୍ୟର ବିକାଶଧାରା ଦେଖାଇଛନ୍ତି । ଡକ୍ଟର ନାୟକ ଓଡ଼ିଆ ଶିଶୁ ଗଳ୍ପର ପ୍ରକାର ଭେଦ ଓ ଶିଶୁ ଗଳ୍ପର ବିକାଶ-ପଥରେ ପତ୍ରପତ୍ରିକାର ଅବଦାନ ବର୍ଣ୍ଣନା କରିଛନ୍ତି । ଉପସଂହାରରେ ଶିଶୁ ଗଳ୍ପର ଚିରନ୍ତନ ମୂଲ୍ୟବୋଧ, ପ୍ରାଚୀନ ଓ ଆଧୁନିକ ଶିଶୁ ଗଳ୍ପର ଏକ ତୁଳନାତ୍ମକ ମୂଲ୍ୟାୟନ ସ୍ଥାନିତ ହୋଇଛି ।

ଡକ୍ଟର ବସନ୍ତ କିଶୋର ସାହୁ (୧୯୯୨) ଓଡ଼ିଆ ମୌଖିକ ଶିଶୁସାହିତ୍ୟ ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟଠାରୁ ପିଏଇଚ.ଡି ଡିଗ୍ରୀ ଲାଭ କରିଛନ୍ତି । ଗବେଷକ ପ୍ରଥମେ ଶିଶୁସାହିତ୍ୟର ପରିଚୟ, ପ୍ରକାର ଭେଦ ସମ୍ପର୍କରେ ସମ୍ୟକ୍ ଆଲୋଚନା କରି ଓଡ଼ିଆ ମୌଖିକ ଶିଶୁ ସାହିତ୍ୟର ଘନିଷ୍ଠ ସମ୍ପର୍କ ଓ ଲିଖିତ ଶିଶୁ ସାହିତ୍ୟ ଉପରେ ଏହାର ପ୍ରଭାବ ମଧ ବର୍ଣ୍ଣିତ ହୋଇଛି । ମୌଖିକ ଶିଶୁ ସାହିତ୍ୟରେ ତତ୍କାଳିକ ସମାଜର ଚିତ୍ର କିପରି ପ୍ରତିଫଳିତ ହୋଇଛି ଡକ୍ଟର ସାହୁ ଦୃଷ୍ଟାନ୍ତମାନ ଦେଇ ଆଲୋଚନା କରିଛନ୍ତି ଏବଂ ଉପସଂହାରରେ ସମଗ୍ର ସନ୍ଦର୍ଭର ଏକ ବିହଙ୍ଗାବଲୋକନ କରିଛନ୍ତି ।

ଡକ୍ଟର ସୁରେଶଚନ୍ଦ୍ର କର (୧୯୯୩) ''ଓଡ଼ିଆ ଶିଶୁ ସାହିତ୍ୟକୁ ଉଦୟନାଥ ଷଡଙ୍ଗୀଙ୍କ ଅବଦାନ'' ସମ୍ପର୍କରେ ନିବନ୍ଧ ରଚନା କରି ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା

ପି.ଏଇଚଡି ପ୍ରାପ୍ତ ହୋଇଛନ୍ତି । ଶିଶୁ ସହିତ ସମାଜ ଓ ସାହିତ୍ୟର ନିଗୂଢ ସମ୍ପର୍କ, ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ନିରୂପଣ କରିବା ସଙ୍ଗେ ସଙ୍ଗେ ତା'ର କ୍ରମ ବିକାଶ ରାଜ୍ୟ ଓ ଜାତୀୟ ସ୍ତରରେ ଆଲୋଚନା କରିଛନ୍ତି । ଶିକ୍ଷା ବିସ୍ତାର ସହିତ ଶିଶୁ ସାହିତ୍ୟର ଘନିଷ୍ଠ ସମ୍ବନ୍ଧ ଦେଖାଇ ସେ ସ୍ରଷ୍ଟା ଉଦୟନାଥ ଷଡଙ୍ଗୀଙ୍କ ଜୀବନୀ ଓ ଜୀବିକା ସହିତ ତାଙ୍କ ଶିଶୁ ସାହିତ୍ୟ ସାଧନାର ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଛନ୍ତି । ଶିଶୁ ସାହିତ୍ୟରେ ଉଦୟନାଥଙ୍କ ଦୃଷ୍ଟି ଓ ଦର୍ଶନ ବିଷୟ କିପରି ପ୍ରକାଶିତ ହୋଇଛି, ଗବେଷକ ସ୍ୱଷ୍ଟ ରୂପେ ଦେଖାଇଛନ୍ତି ଏବଂ ତାଙ୍କ ଶିଳ୍ପକଳା ବା ରୀତିର ଏକ ଉଜ୍ଜ୍ୱଳ ଆକଳନ କରିଛନ୍ତି । ଉପସଂହାରରେ ଡକ୍ଟର କର ଉଦୟନାଥଙ୍କ ସମଗ୍ର ଶିଶୁ ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦାନ କରି ତାଙ୍କର ଅବଦାନ ସମ୍ପର୍କରେ ସମ୍ୟକ୍ ଆଲୋଚନା କରିଛନ୍ତି ।

ଡକ୍ଟର ଭାଗବତ ପ୍ରସାଦ ଲେଙ୍କା ୧୯୯୭ ମସିହାରେ ତାଙ୍କର ଗବେଷଣା ସନ୍ଦର୍ଭ ''ସ୍ୱାଧୀନତା ପରବର୍ତ୍ତୀ ଶିଶୁସାହିତ୍ୟ : ଏକ ବିଶ୍ଳେଷଣାତ୍ମକ ଅନୁଧ୍ୟାନ'' ଦାଖଲ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଉପାଧି ଲାଭ କରିଛନ୍ତି । ସେ ଶିଶୁସାହିତ୍ୟର ସଂଜ୍ଞା ଓ ସ୍ୱରୂପ, ସାମାଜିକ, ନୈତିକ, ଅର୍ଥନୈତିକ ଓ ଐତିହାସିକ ଭିତ୍ତିଭୂମି ଓଡ଼ିଆ ଶିଶୁସାହିତ୍ୟର କବିତା, କଥା, ଭ୍ରମଣ କାହାଣୀ, ନାଟକ, ଏକାଙ୍କିକା, ଶିଶୁପତ୍ରିକା, ନୂତନ ଧାରା ଇତ୍ୟାଦି ସଂପର୍କରେ ଆଲୋଚନା କରିଛନ୍ତି । ଏହା ବ୍ୟତୀତ ଓଡ଼ିଆ ଶିଶୁସାହିତ୍ୟରେ ସେ ବିଭିନ୍ନ ସମସ୍ୟାର ସମାଧାନ ପୂର୍ବକ ଏହାର ଉନ୍ନତି ବିଧାନ ପାଇଁ ପରାମର୍ଶମାନ ଦେଇଛନ୍ତି । ଓଡ଼ିଆ ଶିଶୁସାହିତ୍ୟରେ ସମ୍ଭବତଃ ଏହା ସର୍ବପ୍ରଥମ ଡି.ଲିଟ୍. ଉପାଧିପ୍ରାପ୍ତ ସନ୍ଦର୍ଭ ।

ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସନ୍ଦର୍ଭ ୧୯୯୨-୯୩ ମସିହାରେ ଆତ୍ମପ୍ରକାଶ କଲା ଏବଂ ଡକ୍ଟର ବ୍ରହ୍ମାଙ୍କ ଇଂରେଜିରେ ଲିଖିତ ସନ୍ଦର୍ଭ ୧୯୮୯ରେ ପ୍ରକାଶିତ ହୋଇଛି । ଡକ୍ଟର ମହାପାତ୍ରଙ୍କ ସନ୍ଦର୍ଭ ହିନ୍ଦିରେ ରଚିତ ହୋଇଛି, ମାତ୍ର ପ୍ରକାଶିତ ହେବାର ସୂଚନା ମିଳିନାହିଁ, ମାତ୍ର କେତୋଟି ନିକଟ ଭବିଷ୍ୟତରେ ଆତ୍ମପ୍ରକାଶ କରିବାର ଆଶା ରହିଛି । ଡକ୍ଟର ମନୀନ୍ଦ୍ର ମହାନ୍ତି ଶିଶୁ ସାହିତ୍ୟ ରଚନାରେ ଶିଶୁ ମନୋବିଜ୍ଞାନର ଓ ଡକ୍ଟର ବ୍ରହ୍ମା ଶୈକ୍ଷିକ ତାତ୍ପର୍ଯ୍ୟ ଓ ଡକ୍ଟର ସାହୁ ମୌଖିକ ଶିଶୁସାହିତ୍ୟରେ ଗୁରୁତ୍ୱ ସମ୍ୟକ୍ ରୂପେ ଆଲୋଚନା କରିଛନ୍ତି । ଡକ୍ଟର ନାୟକ ଶିଶୁଗଳ୍ପର ବିଶେଷ ଅନୁଧ୍ୟାନ କଲାବେଳେ ଡକ୍ଟର କର ଅନ୍ୟତମ ଶିଶୁ ସାହିତ୍ୟ ସ୍ରଷ୍ଟା ଉଦୟନାଥଙ୍କ ସାରସ୍ୱତ ସାଧନା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

**ଆଉ କେତୋଟି ଅନୁଧ୍ୟାନ :**

ପି.ଏଇଚଡି ଉପାଧି ପ୍ରାପ୍ତି ନିମନ୍ତେ ଯେଉଁମାନେ ଗବେଷଣା ସନ୍ଦର୍ଭମାନ ଲେଖିଛନ୍ତି, ସେମାନଙ୍କ ବ୍ୟତୀତ ଆଉ କେତେ ଜଣ ଏକାକୀ କିମ୍ବା ସେମାନଙ୍କ ମଧ୍ୟରୁ କାହା ସହିତ ନିଜର ବୌଦ୍ଧିକ ଜିଜ୍ଞାସା ଚରିତାର୍ଥ କରିବାକୁ କେତେକ ଅନୁଧ୍ୟାନ କରିଛନ୍ତି । ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ସେମାନଙ୍କର ଦୂରନ୍ତ ଲକ୍ଷ୍ୟ । ସତ୍ୟର ସନ୍ଧାନ ପାଇଁ ସେଗୁଡ଼ିକ କ୍ଷୀଣ ଆଲୋକ ହେଲେ ବି ତା'ର ଗୁରୁତ୍ୱକୁ ଅସ୍ୱୀକାର କରି ହେବ ନାହିଁ ।

୧୯୮୨ ମସିହାରେ ଏହି ଲେଖକ ଡକ୍ଟର ବ୍ରହ୍ମାଙ୍କ ସହିତ ''ଓଡ଼ିଶାରେ ପିଲାମାନଙ୍କର ପଠନ ସ୍ପୃହା'' ଉପରେ ଏକ ଅଧ୍ୟୟନ କରିଥିଲେ । ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଓଡ଼ିଆ ଛାତ୍ରଛାତ୍ରୀଗଣ ବିଭିନ୍ନ ଶୈଳୀ ମଧ୍ୟନ କବିତାକୁ ସର୍ବାଧିକ ଏବଂ ତା'ପଛ କଥାକୁ ବେଶୀ ପାଠ କରିବାକୁ ଚାହାନ୍ତି । ସେମାନେ ବିଜ୍ଞାନ, ପୁରାଣ, ଲୋକକଥା ଓ ପରୀକଥାକୁ ସୁଖ ପା'ନ୍ତି । ମାତ୍ର ସ୍ୱାଧୀନ ଭାବରେ ଗଳ୍ପ ଉପନ୍ୟାସ ପାଠ କରିବାକୁ ଖୁବ୍ ପସନ୍ଦ କରନ୍ତି । ବଡ଼ ଅକ୍ଷରରେ ସୁମୁଦ୍ରିତ ଓ ମାନ୍ଦ୍ରାଜରୁ ପ୍ରକାଶିତ ''ଜହ୍ନମାମୁଁ'' ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ''ଶିଶୁଲେଖା'', ତା'ପଛକୁ ଛାତ୍ରସାଥୀ ପ୍ରେସରୁ ପ୍ରକାଶିତ ''ମନ ପବନ'' ପତ୍ରିକାକୁ ଅଧିକ ପାଠ କରିଥାନ୍ତି ।

ପୁଣି ଏହି ଲେଖକଦ୍ୱୟ (୧୯୮୬) ''ଓଡ଼ିଶାର ଶିଶୁ ସାହିତ୍ୟ ପତ୍ରିକାର ସମୀକ୍ଷା'' ଶୀର୍ଷକ ଏକ ଅଧ୍ୟୟନ କରିଥିଲେ । ପତ୍ରିକାଗୁଡ଼ିକର ସାଂପ୍ରତିକ ଅବସ୍ଥା ସଂପର୍କରେ ଏହି ଅନୁଧ୍ୟାନ ସଂପାଦନ କରି ସେଗୁଡ଼ିକର ମାନ (Standard) ଓ ଲୋକପ୍ରିୟତା କିପରି ବଢ଼ିବ, ସେଦିଗରେ ପରାମର୍ଶ ପରାମର୍ଶ ପ୍ରଦାନ କରିଥିଲେ । ଏହି ଅଧ୍ୟୟନରେ ପ୍ରଧାନ ଉପଲବ୍ଧିଗୁଡ଼ିକ ହେଲା - ଅଧିକାଂଶ ପତ୍ରିକା ମାସିକୀ ଓ ସେମାନଙ୍କର ଏକକିତା (Copy)ର ମୂଲ୍ୟ ଟ.୧.୨୫ ପଇସାରୁ ୨ ଟଙ୍କା ମଧ୍ୟରେ ହୋଇଛି । ୧୫୦୦ ରୁ ୨୦୦୦ କିତାରେ ଏଗୁଡ଼ିକ ଛପାଯାଏ ଏବଂ ବଂଚିଥିବା ପତ୍ରିକାଗୁଡ଼ିକ ମଧ୍ୟରୁ ସବୁଠୁଁ ଅଧିକକାଳ ବଂଚିଥିବା କାଳ ହେଲା ୩୫ ବର୍ଷ । ଏହି ପତ୍ରିକାଗୁଡ଼ିକରେ ଅଧିକାଂଶ ଲେଖା ବିଜ୍ଞାନ, ମନୋରଞ୍ଜନ, ଶିକ୍ଷା ଓ ତଥ୍ୟମୂଳକ ଏବଂ ଏଗୁଡ଼ିକର ସଂପାଦନାରେ ବା ଲେଖାନିର୍ବାଚନରେ କୌଣସି ନିର୍ଦ୍ଦିଷ୍ଟନୀତି ବା ଆଭିମୁଖ୍ୟ ନଥିଲା । ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶିତ ''ଶିଶୁଲେଖା'' ବ୍ୟତୀତ ଅନ୍ୟଗୁଡ଼ିକରେ କେବଳ ଧଳାକଳାଛବି ସେଥିରେ ପ୍ରକାଶିତ ହେଉଥିଲା । ଏଗୁଡ଼ିକ ମଧ୍ୟରୁ କୌଣସି ପତ୍ରିକା ପ୍ରକାଶିତ ଲେଖା ପାଇଁ ପାରିଶ୍ରମିକ

ଦେଉନଥିଲା ବେଳେ କେବଳ ''ଶିଶୁଲେଖା'' ପ୍ରତିଲେଖା ପିଛା ୨୦ ଟଙ୍କାରୁ ୫୦ଟଙ୍କା ଦେଉଥିଲା । କେତେକ ପତ୍ରିକାର ସଂପାଦକ ତଥା ପରିଚାଳକ ସମୟ ସମୟରେ ଲେଖକମାନଙ୍କୁ ସମ୍ବର୍ଦ୍ଧନା ତଥା ଉପାୟନ ପ୍ରଦାନ କରୁଥିଲେ ।

ଶ୍ରୀ ବଂଶୀଧର ସାହୁ (୧୯୮୮) ''ଶିଶୁସାହିତ୍ୟ ପ୍ରତି ପିତାମାତାଙ୍କର ଦୃଷ୍ଟିଭଙ୍ଗୀ ଓ ପିଲାମାନଙ୍କ ମଧ୍ୟରେ ପଠନାଭ୍ୟାସ'' ଶୀର୍ଷକ ଏକ ଅଧ୍ୟୟନ ସଂପାଦନ କରିଥିଲେ । ଶିଶୁ ଓ କିଶୋରମାନଙ୍କର ଶିଶୁ ସାହିତ୍ୟ ପଠନ ପ୍ରତି ଅଭିଭାବକମାନଙ୍କରେ ଦୃଷ୍ଟିଭଙ୍ଗୀ ଏବଂ ଏହି ଅଭ୍ୟାସ ଗଠନରେ ସେମାନଙ୍କର ସହଯୋଗ କେତେ ଜାଣିବା, ଉକ୍ତ ଅନୁଧ୍ୟାନରେ ଆଭିମୁଖ୍ୟ ଥିଲା । ଭୁବନେଶ୍ୱର ଓ ଦିଲ୍ଲୀରେ ରହୁଥିବା ପିତାମାତା ଓ ଛାତ୍ରଛାତ୍ରୀମାନଙ୍କଠାରୁ ଆବଶ୍ୟକ ପରିସଂଖ୍ୟାନ ସଂଗୃହୀତ ହୋଇଥିଲା ଓ ଉକ୍ତ ସର୍ବେକ୍ଷଣର ମୁଖ୍ୟ ଉପଲବ୍ଧିଗୁଡ଼ିକ ହେଲା- ଦିଲ୍ଲୀରେ ଶତକଡ଼ା ୯୪ ଓ ଭୁବନେଶ୍ୱର ଶତକଡ଼ା ୮୮ ଅଭିଭାବକ ଚାହାନ୍ତିଯେ ସେମାନଙ୍କର ପିଲାମାନେ ପାଠ୍ୟପୁସ୍ତକ ବ୍ୟତୀତ ଶିଶୁ ପତ୍ରିକା ଓ ପୁସ୍ତକ ପାଠ କରନ୍ତୁ । ଦିଲ୍ଲୀରେ ୪୬.୬% ଓ ଭୁବନେଶ୍ୱରରେ ୬୧.୩% ପିତାମାତା ଭାବନ୍ତି ଯେ ଏସବୁର ଅଧ୍ୟୟନ ପିଲାମାନଙ୍କର ଜ୍ଞାନ ଓ ବୁଦ୍ଧିରେ ସହାୟକ ହେବ । ଦିଲ୍ଲୀର ୯୫.୭% ଓ ଭୁବନେଶ୍ୱର ୯୦.୯% ପିତାମାତା ସେମାନଙ୍କର ପିଲାମାନଙ୍କୁ ପତ୍ରପତ୍ରିକା ଓ ପୁସ୍ତକ ଯୋଗାଉଥିଲେ । ପୁଣି ମଜାର କଥା ଏହିଯେ ଦିଲ୍ଲୀର ୭୬.୫% ଓ ଭୁବନେଶ୍ୱରର ୨୯.୬% ପିତାମାତାଙ୍କ ମତରେ ସେମାନେ ପିଲାଙ୍କୁ ଚିତ୍ରକଥା (Comic) ପାଠ କରିବାକୁ ଦେଇଥାନ୍ତି । ଭୁବନେଶ୍ୱରର ୭୨.୭% ଓ ଦିଲ୍ଲୀର ୪୨.୮% ପିତାମାତା ପାଠ୍ୟପୁସ୍ତକ ଆଦି ପଠନ ସାମଗ୍ରୀ ଯୋଗାଉ ଥିଲେ । ଦିଲ୍ଲୀର ପିଲାମାନେ ପାଠାଗାରରେ ଶିଶୁସାହିତ୍ୟ ପୁସ୍ତକଗୁଡ଼ିକ ପାଠ କରୁଥିଲେ ।

ଏହି ଲେଖକ ପୁଣି ୧୯୮୬ରେ ''ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ସର୍ବେକ୍ଷଣ'' ଶୀର୍ଷକ ଏକ ଅଧ୍ୟୟନ ସଂପାଦନ କରିଥିଲେ । ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ଉନ୍ମେଷ ଓ ବିକାଶର ଧାରା ଓ ଜିଲାଜିଲା (ଅବିଭକ୍ତ) ମଧ୍ୟରେ କି କି ପାର୍ଥକ୍ୟ ପରିଲକ୍ଷିତ ହୋଇଛି, ସେସବୁର ସୂଚନା ଦେବା ଏହି ଅଧ୍ୟୟନର ଲକ୍ଷ୍ୟ ଥିଲା । ମୋଟ ସମଗ୍ର ରାଜ୍ୟର ମୃତ ଓ ଜୀବିତ ୧୮୬ଟି ପତ୍ରିକା ସଂପର୍କରେ ତଥ୍ୟ ସଂଗୃହୀତ ହୋଇଥିଲା ଏବଂ ସେଥିରୁ ମିଳିଥିବା ପ୍ରଧାନ ଉପଲବ୍ଧିଗୁଡ଼ିକ ହେଲା ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ ମାତ୍ର ଗୋଟିଏ ଲେଖାଁ ଶିଶୁସାହିତ୍ୟ ପତ୍ରିକା ଆତ୍ମପ୍ରକାଶ କରିଥିଲା । ତୃତୀୟ ଓ ଚତୁର୍ଥ ଦଶନ୍ଧିରେ

କୌଣସି ନୂତନ ପତ୍ରିକା ପ୍ରକାଶିତ ହୋଇନଥିଲା । ପଞ୍ଚମ, ଷଷ୍ଠ ଓ ସପ୍ତମ ଦଶକରେ ପାଞ୍ଚୋଟି ଲେଖାଁ ପତ୍ରିକା ପ୍ରକାଶିତ ହୋଇଥିଲା । ଅଷ୍ଟମ ଦଶନ୍ଧିରେ ସର୍ବାଧିକ ୮୪ଟି ଶିଶୁ ପତ୍ରିକା ପ୍ରକାଶ ପାଇଥିଲା । ନବମ ଦଶନ୍ଧିରେ ମଧ୍ୟଭାଗ ଅର୍ଥାତ୍ ୧୯୮୪ ମସିହା ସୁଦ୍ଧା ଏହି ପତ୍ରିକାର ମୋଟ ସଂଖ୍ୟା ପ୍ରାୟ ୧୦୦ରେ ପହଞ୍ଚିବାର ସମ୍ଭାବନା ଥିଲା । କଟକ ଜିଲ୍ଲାରେ ସର୍ବାଧିକ ୭୫ଟି ଓ ତାପରେ ପୁରୀ ଜିଲ୍ଲାରେ ୩୪ଟି, ବାଲେଶ୍ୱର ଜିଲ୍ଲାରେ ୧୦ଟି, ଗଞ୍ଜାମ ତଥା କୋରାପୁଟ ଜିଲ୍ଲାରେ ଗୋଟିଏ ଲେଖାଁ ପତ୍ରିକା ପ୍ରକାଶିତ ହୋଇଥିଲା । କଳାହାଣ୍ଡିରେ ଏକ ମାତ୍ର ପତ୍ରିକା ପ୍ରକାଶିତ ଓ ବୌଦ୍ଧଫୁଲବାଣୀରେ କୌଣସି ପତ୍ରିକା ପ୍ରକାଶିତ ହୋଇନଥିଲା । ଓଡ଼ିଶା ବାହାରେ ଦୁଇଟି ପତ୍ରିକା (ମାନ୍ଦ୍ରାଜରୁ "ଜହ୍ନମାମୁଁ" ଓ ପଣ୍ଡିଚେରୀରୁ "ନବପ୍ରକାଶ") ପ୍ରକାଶିତ ହେଉଥିଲା । ସଂଶିତ ପତ୍ରିକାଗୁଡ଼ିକ ମଧ୍ୟରୁ ଶତକଡ଼ା ୮୦ ଭାଗର ପ୍ରକାଶନ ବନ୍ଦ ହୋଇଯାଇଥିଲା ବା ସାମୟିକଭାବରେ ପ୍ରକାଶିତ ହେଉଥିଲା । ବାକୀ ୨୦ ପ୍ରତିଶତ ପତ୍ରିକା କଟକ ଓ ପୁରୀ ଜିଲ୍ଲାରେ ଆତ୍ମପ୍ରକାଶ କରୁଥିଲା ।

ସଂପ୍ରତି କେତେକ ଗବେଷକ ଶିଶୁସାହିତ୍ୟରେ ଉଚ୍ଚତମ ଡିଗ୍ରୀ (ଡିଲିଟ୍) ବା ଉପାଧି ପାଇଁ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରେ ଡକ୍ଟର ଅଶୋକ କୁମାର ହୋତା, ଡଃ କୃତ୍ତିବାସ ନାୟକଙ୍କ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ଆନୁଷ୍ଠାନିକ ଭାବରେ ଓଡ଼ିଶା ଶିଶୁସାହିତ୍ୟ ଗବେଷଣା ପରିଷଦ, ଶିଶୁସାହିତ୍ୟ ଏକାଡ଼େମୀ, ଓଡ଼ିଶା ଗବେଷଣା ପରିଷଦ ଆଦି ଓଡ଼ିଆ ଶିଶୁସାହିତ୍ୟ କ୍ଷେତ୍ରରେ ଗବେଷଣା ଓ ଅଧ୍ୟୟନ କରୁଛନ୍ତି ଏବଂ ଗବେଷଣାରତ ବ୍ୟକ୍ତିଗଣଙ୍କୁ ସହଯୋଗ କରୁଛନ୍ତି । ମାତ୍ର ଏସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଓଡ଼ିଆ ଶିଶୁସାହିତ୍ୟରେ ଗବେଷଣାର ଅବଦାନ ଆଶାନୁରୂପ ହୋଇନାହିଁ ।

**ସାଂପ୍ରତିକ ସମସ୍ୟା ଓ ଅଭାବଅସୁବିଧା :**

ଗବେଷଣା ଓ ଅଧ୍ୟୟନ ପାଇଁ ଯେଉଁପରି ଏକାଗ୍ରତା, ସାଧନା ଓ ନିଷ୍ଠା ଆବଶ୍ୟକ, ଆଜିକାଲି ଯୁବ ଗବେଷକମାନଙ୍କ ମଧ୍ୟରେ ତାହା ପରିଦୃଷ୍ଟ ହେଉନାହିଁ । ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଡିଗ୍ରୀଲାଭ କରିବାକୁ ଏକମାତ୍ର ଧେୟ ମନେ କରି ଗବେଷଣା କରିବାରେ ପୁରୁଷାର୍ଥ ମିଳିପାରେ, ମାତ୍ର ବାଞ୍ଛିତ ସାରସ୍ୱତ ଲକ୍ଷ୍ୟଗୁଡ଼ିକ ପୂରଣ ହୋଇପାରେ ନାହିଁ କିମ୍ବା ଏତଦ୍ୱାରା ସାହିତ୍ୟର ବହୁମୁଖୀ ବିକାଶ ଘଟିନଥାଏ । ଦ୍ୱିତୀୟତଃ ଶିଶୁ ସାହିତ୍ୟ ପରି ସମ୍ଭାବନାପୂର୍ଣ୍ଣ ଓ ସମ୍ବେଦନଶୀଳ (Sensitive) କ୍ଷେତ୍ରରେ ଗବେଷକମାନେ ଯେପରି ଯତ୍ନଶୀଳ ଓ

କଷ୍ଟସହିଷ୍ଣୁ ହେବା କଥା ତାହା ପରିଲକ୍ଷିତ ହେଉନାହିଁ । ଅନାୟସରେ ସମ୍ମାନ ଓ ସ୍ୱୀକୃତି ଲାଭ କରିବା ଅନେକଙ୍କର ଆଦର୍ଶ ଓ କାର୍ଯ୍ୟଧାରା ହୋଇଛି । ତୃତୀୟତଃ, ରାଜ୍ୟ ଓ କେନ୍ଦ୍ର ସରକାର, ବିଶ୍ୱବିଦ୍ୟାଳୟ ଓ ବୌଦ୍ଧିକ ସଂସ୍ଥାମାନଙ୍କ ତରଫରୁ ଏପ୍ରକାର ଗବେଷଣା ପାଇଁ ଯେପରି ସାହାଯ୍ୟ ଓ ପୃଷ୍ଠପୋଷକତା ଦେବା ଦରକାର, ତାର ଘୋର ଅଭାବ ରହିଛି ।

ଚତୁର୍ଥତଃ, ଗବେଷଣା ବିଶେଷତଃ ଐତିହାସିକ ଅଧ୍ୟୟନ କ୍ଷେତ୍ରରେ ଗ୍ରନ୍ଥାଗାର, ଅଭିଲେଖାଗାର ଇତ୍ୟାଦିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ସେସବୁ ସଂସ୍ଥାଗୁଡ଼ିକରେ ସଂଗୃହୀତ ପୁସ୍ତକ, ପତ୍ରପତ୍ରିକା, ନଥିପତ୍ର ଇତ୍ୟାଦିକୁ ବହୁ ଜ୍ଞାତବ୍ୟ ତଥ୍ୟ ମିଳିଥାଏ । ପୂର୍ଣ୍ଣାଙ୍ଗ ଗବେଷଣା ପାଇଁ ଅନ୍ୟତ୍ର ସେସବୁ ତଥ୍ୟ ପାଇବା ସମ୍ଭବ ନୁହେଁ । ମାତ୍ର ଅନେକ ଗ୍ରନ୍ଥାଗାର ଶିଶୁସାହିତ୍ୟ କ୍ଷେତ୍ରରେ ଆନୁଷଙ୍ଗିକ ରେକର୍ଡ଼, ପତ୍ରପତ୍ରିକା, ପୁସ୍ତକଆଦି ସଂଗ୍ରହ ଓ ସଂରକ୍ଷଣ କରିବା ପରିଦୃଷ୍ଟ ହେଉନାହିଁ । ବହୁ ଗ୍ରନ୍ଥାଗାର ଶିଶୁସାହିତ୍ୟକୁ ଏକ ସ୍ୱତନ୍ତ୍ରସ୍ଥାନ ଦେଇନାହିଁ କିମ୍ବା ସେହି ପର୍ଯ୍ୟାୟର ବହିପତ୍ର ଆଦୌ କିଣୁନାହିଁ । ଏହା ନିତାନ୍ତ ପରିତାପର ବିଷୟ । ପଞ୍ଚମତଃ ଏହିସବୁ ଅନୁଷ୍ଠାନ ଗବେଷକମାନଙ୍କୁ ଏଠାରେ ଥିବା ପ୍ରାଚୀନ ନଥିପତ୍ର, ପୁସ୍ତକାଦିର ସଦୁପଯୋଗ କରିବା ପାଇଁ ଆଶାନୁରୂପ ଭାବରେ ସୁଯୋଗ ଓ ସ୍ୱାଧୀନତା ଦେଉନାହିଁ । ଡକ୍ଟର କର (୧୯୯୪ ପୃ ୬-୭) ଏହି ପ୍ରସଙ୍ଗରେ ଦୁଃଖପ୍ରକାଶ କରି ଲେଖିଛନ୍ତି, ‘‘ଦୈନିକ ସମାଜ ଏକ ପୁରାତନ ସାରସ୍ୱତ ଅନୁଷ୍ଠାନ । ସେଠାରେ ବହୁ ତଥ୍ୟାବଳୀ ଥିବାର ଅନୁମାନ କ[illegible] । ଅଥଚ ଏକ ସାର୍ବଜନୀନ ସଂସ୍ଥା ହୋଇଥିଲେ ମଧ୍ୟ ସମାଜର ପାଠାଗାର ସାଧାରଣ ପାଠକ, ଏପରିକି ଗବେଷକମାନଙ୍କ ନିମନ୍ତେ ମଧ୍ୟ ନିଷେଧ’’ । ଗବେଷଣା କାର୍ଯ୍ୟ ପାଇଁ ଯେଉଁ ମୁକ୍ତମନ, ଐକାନ୍ତିକ ନିଷ୍ଠା ଓ ଉଦାରତାର ଆବଶ୍ୟକତା ରହିଛି, ଆମ ରାଜ୍ୟରେ ତାର ବିଶେଷ ଅଭାବ ଅନୁଭୂତ ହୋଇଥାଏ ।

**ଉପସଂହାର**

ଶିଶୁସାହିତ୍ୟ ଏକ ଉଦୀୟମାନ (Emerging) ଓ ସମ୍ଭାବନାପୂର୍ଣ୍ଣ (Prospective)ବିଭାଗ । ଏହା ଆମ ଦେଶରେ ବିଶେଷତଃ ଆମ ରାଜ୍ୟରେ ଏକ ବିଧିବଦ୍ଧ ଓ ବିଜ୍ଞାନସମ୍ମତ ଆସନ ଲାଭ କରିପାରିନାହିଁ । ଏହା ସାହିତ୍ୟରଥୀମାନଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିଦ୍‌ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରା ଅବହେଳିତ, ଅବିଚାରିତ ଓ ଅନୁଦାରତାର ଶିକାର ହେଉଛି । ସାହିତ୍ୟର ସର୍ବାଙ୍ଗୀନ ସମୃଦ୍ଧି ଓ ଆଗାମୀ ଯୁଗର ଭାବୀ ନାଗରିକ ତଥା

ଶିଶୁସମାଜର ମାନସିକ ଓ ଆବେଗିକ ସୁଖଶାନ୍ତି ଓ ସ୍ୱାସ୍ଥ୍ୟ ପାଇଁ ଶିଶୁସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଗବେଷଣା ଏକାନ୍ତ ଆବଶ୍ୟକ ।

ଆଧୁନିକ ଶିଶୁସାହିତ୍ୟ ପୁଣି ଏକ ମାଧ୍ୟମ ଯଥା ମୁଦ୍ରଣ ମଧ୍ୟରେ ସୀମାବଦ୍ଧ ନୁହେଁ । ଏହା ବହୁ ମାଧ୍ୟମ- ରେଡ଼ିଓ, ଟେଲିଭିଜନ, କମ୍ପ୍ୟୁଟର ଆଦିରେ ସଂପ୍ରସାରିତ ଓ ସଂପ୍ରକାଶିତ । ସେହିପରି ଶିଶୁସାହିତ୍ୟ କେବଳ ସାହିତ୍ୟ ବା ଇତିହାସ, ମନୋବିଜ୍ଞାନ ବା ସମାଜ ବିଜ୍ଞାନ ମଧ୍ୟରେ ସୀମିତ ନୁହେଁ, ଏହାର ପରିସର ବହୁବ୍ୟାପକ (Comprehensive) ଓ ବହୁବିଷୟକ (Multidisciplinary) । ସୁତରାଂ ଶିଶୁସାହିତ୍ୟରେ ଗବେଷଣା ଓ ଅଧ୍ୟୟନକୁ ସାର୍ଥକ ଓ ସଫଳ କରିବା ପାଇଁ ଏହାର କର୍ମଧାରା ତଥା ପଦ୍ଧତି ବହୁ- ମାଧ୍ୟମୀୟ ଓ ବହୁବିଷୟକ ହେବା ନିତାନ୍ତ ଦରକାର ।

ଅତୀତର ସଂସ୍କୃତି ଶିଶୁସାହିତ୍ୟର ଭିତ୍ତିଭୂମି ହେଲେ ହେଁ, ସାଂପ୍ରତିକ ସମସ୍ୟାଗୁଡ଼ିକର ସୁସମାଧାନରେ ଏହାର ସାହାଯ୍ୟ ଓ ଯୋଗଦାନ ରହିଥାଏ । ଅନାଗତ ଭବିଷ୍ୟତର ସୁନାଗରିକ ଓ ଭାବୀ ବଂଶଧରମାନଙ୍କ ଆଶା, ଆକାଙ୍କ୍ଷା ଓ ସ୍ୱପ୍ନକୁ ସାକାର କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଥିଯୋଗୁଁ ଶିଶୁସାହିତ୍ୟର ଗବେଷଣାରେ ସମ୍ୟକ୍ ଦୂରଦୃଷ୍ଟି, ଗଭୀର ଅନ୍ତର୍ଦୃଷ୍ଟି, ପର୍ଯ୍ୟାପ୍ତ ଆକଳନ (Forecasting) ଓ ଅବଧାରଣା (Conceptualisation or Visualisation) ଏକାନ୍ତ ଆବଶ୍ୟକ । ଏଦିଗରେ ଆମର ସାରସ୍ୱତ ସାଧକ, ସଂପାଦକ, ଚିତ୍ରକର, ଶିକ୍ଷକ ଓ ଗବେଷକମାନେ ସଚେତନ ଓ ସଚେଷ୍ଟ ହେବେ, ଏହା ଆଶା ଓ ବିଶ୍ୱାସ ।

**ସହାୟକ ପୁସ୍ତକ ଓ ପତ୍ରିକା :**


ମହାନ୍ତି, ମନୀନ୍ଦ୍ର : **ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ** ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତି-ନ୍ୟାସ, ଭୁବନେଶ୍ୱର - ୧୯୯୨ ।

ବ୍ରହ୍ମା, ଦିଗରାଜ : **Children's Literature and Education in India**, Deep & Deep publications, New Delhi, 1989.

ମହାନ୍ତି, ମହେଶ୍ୱର : **ଓଡ଼ିଆ ଶିଶୁ ସାହିତ୍ୟର ସାମାଜିକ ପୃଷ୍ଠଭୂମି : ଏକ ଅଧ୍ୟୟନ**, ପି. ଏଇଚଡ଼ି ନିବନ୍ଧ, ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୮୯ ।

ନାୟକ, କୃତ୍ତିବାସ : **ଓଡ଼ିଆ ଶିଶୁଗଳ୍ପର ସ୍ୱରୂପ ଓ ବିକାଶ** , ପିଏଚଡ଼ି ସନ୍ଦର୍ଭ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୯୨ ।

ସାହୁ, ବସନ୍ତ କିଶୋର : **ଓଡ଼ିଆ ମୌଖିକ ଶିଶୁସାହିତ୍ୟ,** ପି.ଏଚଇଡ଼ି. ସନ୍ଦର୍ଭ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୯୨ ।

କର, ସୁରେଶ ଚନ୍ଦ୍ର : **ତମସା ଶିଶୁସାହିତ୍ୟକୁ ଉଦୟନାଥ ଷଡ଼ଙ୍ଗୀଙ୍କ ଅବଦାନ,** ପି.ଏଚଡ଼ି. ସନ୍ଦର୍ଭ, ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୯୩ ।

ମହାନ୍ତି, ଜଗନ୍ନାଥ ଓ ଦିଗରାଜ ବ୍ରହ୍ମା : "Reading Interests of children in Orissa," **Writer and Illustrator,** AWIC/ Delhi, 1984.

ଏଜନ୍ - An appraised of Children's Journals in Orissa **Wiriter and Illustrator,** AWIC, Delhi, 1984.

ମହାନ୍ତି, ଜଗନ୍ନାଥ : "A Survey of children's Journals in Oriya" **Writer and Illustrator** AWIC, Delhi, 1986.

ଏଜନ୍ - "Research in Oriya Children's Literature" **Sishuvatra**, Balasore, July - Sept., 1989.

ଏଜନ୍ ''ଉଦୟନାଥ ଷଡଙ୍ଗୀ ଓ ରାମକୃଷ୍ଣ ନନ୍ଦଙ୍କର ଓଡ଼ିଆ ଶିଶୁକିଶୋର ସାହିତ୍ୟକୁ ଅବଦାନ **''କୋଣାର୍କ''**, ଅକ୍ଟୋବର ୧୯୯୩, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ।

ଏଜନ୍ ''ଓଡ଼ିଶା ଶିଶୁ ସାହିତ୍ୟରେ ଗବେଷଣା ଓ ଅନୁଧ୍ୟାନ, **ଝଙ୍କାର**, ଜୁନ, ୧୯୯୨, କଟକ ।

ଏଜନ୍ **Children's Literature of Orissa,** Orissa Sahitya Academy, 1993

ସାହୁ, ବଂଶୀଧର : "A study of parental view towards children's literature and practices in fostering reading habit in their children" **Orissa Education Magazine,** SCERT, 1986.

*(କୋଣାର୍କ, ଅକ୍ଟୋବର ୧୯୯୫)*
ପରେ ପରିବର୍ଦ୍ଧିତ

• • • • •

# ଓଡ଼ିଆ ଶିଶୁ ସାହିତ୍ୟରେ
# ଗବେଷଣା ଓ ଅନୁଧ୍ୟାନ

ଓଡ଼ିଆ ଶିଶୁସାହିତ୍ୟ ସଂପ୍ରତି ଏକ ସ୍ୱର୍ଣ୍ଣଯୁଗର ଦ୍ୱାରଦେଶରେ ଅବତୀର୍ଣ୍ଣ । ଏହାର ବିକାଶ ଆଜି ବହୁମୁଖୀ ଓ ବର୍ଣ୍ଣାଢ଼୍ୟ । କଥା, କବିତା, ଏକାଙ୍କିକା, ଜୀବନୀ, ଲୋକକଥା, ପୁରାଣକଥା, ଭ୍ରମଣକାହାଣୀ ଆଦି ବିଭିନ୍ନଧାରାରେ ଏହାର ସ୍ରୋତ ପ୍ରବାହିତ । ଆଧୁନିକ ଯୁଗର ବୈଜ୍ଞାନିକ ଓ ଔଦ୍ୟୋଗିକ ଉନ୍ନତି ବିଶେଷତଃ ମୁଦ୍ରଣ ଶିଳ୍ପର ଅପୂର୍ବ ଦକ୍ଷତା ଓ ସାମର୍ଥ୍ୟ ଏହି ସାହିତ୍ୟପୁସ୍ତକ ଓ ପତ୍ରପତ୍ରିକାକୁ ଖୁବ୍ ଆକର୍ଷଣୀୟ ଓ ଲୋଭନୀୟ କରିତୋଳିଛି । ବହୁ ସଂସ୍ଥା ଓ ସଂଗଠନ ଆଜି ଶିଶୁ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟରତ । କଳାପଟା ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ହଜାର ହଜାର ଶିଶୁସାହିତ୍ୟ ପୁସ୍ତକ ସରକାରଙ୍କ ସାହାଯ୍ୟରେ କ୍ରୟ କରାଯାଇ ପ୍ରାଥମିକ ବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯାଉଛି । ଉତ୍କୃଷ୍ଟ ଶିଶୁସାହିତ୍ୟ ରଚନା ଦିଗରେ ପ୍ରେରଣା ଓ ପ୍ରୋତ୍ସାହନ ଦେବା ପାଇଁ କେତେକ ସଂସ୍ଥା କୃତୀ ଲେଖକମାନଙ୍କୁ ପୁରସ୍କାର ଓ ଉପାୟନ ପ୍ରଦାନର ବ୍ୟବସ୍ଥା କରିଛନ୍ତି ।

ଏହିସବୁ ନୂତନ ଆଭିମୁଖ୍ୟ ଓ ଆବେଦନ ଯୋଗୁଁ ବହୁ ସାହିତ୍ୟସ୍ରଷ୍ଟା ଶିଶୁସାହିତ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି । ଶିଶୁସାହିତ୍ୟ ସଂପର୍କରେ ଯୁଗଯୁଗ ଧରି ରହିଥିବା ବିତୃଷ୍ଣା ଓ ଉଦାସୀନତାର ଘନ ଶୀତଳ ବରଫ ଆଜି ତରଳି ତରଳି ଯାଉଛି । କିନ୍ତୁ ଶିଶୁସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଏବେ ବି ଅନେକଙ୍କ ଧାରଣା ସ୍ପଷ୍ଟ ହୋଇନାହିଁ । ଶିଶୁ ସାହିତ୍ୟର ସ୍ୱାତନ୍ତ୍ର୍ୟ ସଂପର୍କରେ ବହୁ ସାହିତ୍ୟିକ ଏବେ ବି ସନ୍ଦିହାନ । ଶିଶୁସମାଜର ସ୍ୱତନ୍ତ୍ର ଆବଶ୍ୟକତା, ପୁଣି ବିଭିନ୍ନ ବୟସ-ଗୋଷ୍ଠୀର ଶିଶୁ ତଥା କିଶୋରମାନଙ୍କର ମନସ୍ତାତ୍ତ୍ୱିକ, ସାମାଜିକ, ଆବେଗିକ ଓ ଆଧ୍ୟାତ୍ମିକ ବିକାଶର ଅବସ୍ଥା ଓ ଆବଶ୍ୟକତା ସଂପର୍କରେ ସ୍ପଷ୍ଟ ଓ ନିର୍ବ୍ୟକ୍ତିକ ଧାରଣା ଓ ଜ୍ଞାନ ଲାଭ କରିବା, ସେମାନଙ୍କର ଶବ୍ଦ- ଭଣ୍ଡାରର କଳନା କରିବା ଏବଂ ବାଞ୍ଛିତ ଦିଗରେ ଶିଶୁ ସମାଜର ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ସାହିତ୍ୟ ସୃଷ୍ଟି କରିବାକୁ ଗବେଷଣା ଓ ଅନୁଧ୍ୟାନ ଏକାନ୍ତ ଆବଶ୍ୟକ ।

ଯେ କୌଣସି ସାହିତ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଗବେଷଣା ଏକ ମୌଳିକ ଆୟୁଧ । କିନ୍ତୁ ଗବେଷଣା ବିଜ୍ଞାନସମ୍ମତ, ନିରପେକ୍ଷ, ନିର୍ବ୍ୟକ୍ତିକ ଓ ବିଶ୍ୱାସଯୋଗ୍ୟ ହେବା ଉଚିତ ।

ପ୍ରତ୍ୟେକ ଭୌଗୋଳିକ ଓ ରାଜନୈତିକ ପୃଷ୍ଠଭୂମିର ବିଧିବଦ୍ଧ ପର୍ଯ୍ୟାଲୋଚନା କରିବା ଯେମିତି ଏକପ୍ରକାର ଗବେଷଣା, ଗୋଟିଏ ପାଠକଗୋଷ୍ଠୀର ଆବଶ୍ୟକତା ଓ ରୁଚି ନିର୍ଦ୍ଧାରଣ କରି ସେହି ଅନୁସାରେ ସାହିତ୍ୟ ରଚନା କରିବା ସେମିତି ଏକ ଗବେଷଣା । ଗୋଟିଏ ପ୍ରକାର ପାଠକଗୋଷ୍ଠୀ ପାଇଁ କୌଣସି ବିଷୟବସ୍ତୁ ବା ପରିବେଷଣ ଶୈଳୀ ଉପଯୁକ୍ତ ହେଉଛି କି ନାହିଁ ବିଜ୍ଞାନସମ୍ମତ ଭାବରେ ପରୀକ୍ଷା କରି ଦେଖିବା ମଧ୍ୟ ଗବେଷଣା । ଯୁଗ ଯୁଗ ଧରି କୌଣସି ସାହିତ୍ୟ ବା ତା'ର ଏକ ସ୍ରୋତ କିପରି ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ବହିଚାଲିଛି ତାର ଅବିକଳ ଓ ପର୍ଯ୍ୟାପ୍ତ ଅନୁଶୀଳନ ମଧ୍ୟ ଗବେଷଣା ପର୍ଯ୍ୟାୟଭୁକ୍ତ । ଏଥିପାଇଁ ବିଭିନ୍ନ ସାହିତ୍ୟିକ ଚିନ୍ତାଧାରା, ଆଙ୍ଗିକ ଓ ଆତ୍ମିକ ଶୈଳୀର ସମୀକ୍ଷା ଓ ମୂଲ୍ୟାୟନ ମଧ୍ୟ ଏଥିପାଇଁ କରାଯାଇଥାଏ । ସ୍ଥୂଳତଃ, ସାହିତ୍ୟର ଯେ କୌଣସି ବିଭାବରେ ବିଧିବଦ୍ଧ (Systematic)ଓ ବିଜ୍ଞାନସମ୍ମତ (Scientific) ବିଚାରବିମର୍ଶ, ଗବେଷଣା ତଥା ଅନୁଧ୍ୟାନର ପର୍ଯ୍ୟାୟଭୁକ୍ତ ।

ଏହି ଗବେଷଣା ଓ ଅନୁଧ୍ୟାନ ଫଳରେ ଆମେ ସାହିତ୍ୟର ଭିତ୍ତିଭୂମି, ପ୍ରଗତିଧାରା, ଆବଶ୍ୟକତା ତଥା ଆଭିମୁଖ୍ୟ ସଂପର୍କରେ ସଚେତନ ହୋଇପାରିବା ଏବଂ ବାଞ୍ଛିତ ଦିଗରେ ସାହିତ୍ୟ-ସ୍ରୋତକୁ ପ୍ରବହମାନ କରିପାରିବା । ବିଭିନ୍ନ ଭାଷାର ଶିଶୁସାହିତ୍ୟ କ୍ଷେତ୍ରରେ ଗବେଷଣା ଓ ଅନୁଧ୍ୟାନ ତୁଳନାତ୍ମକ ଭାବରେ ସୀମିତି ଏବଂ ଓଡ଼ିଆ ଶିଶୁସାହିତ୍ୟରେ ତାହା ଆହୁରି ସ୍ୱଳ୍ପ । ଅନୁମାନ, କଳନା, କଳ୍ପନା ଓ ବ୍ୟକ୍ତିଗତ ମତାମତ ଉପରେ ସବୁକିଛି ସମୀକ୍ଷା ନିର୍ଭର କରୁଥିଲା । ସଂପ୍ରତି ଏହି କ୍ଷେତ୍ରରେ କେତେକ ପରିବର୍ତ୍ତନ ସମ୍ଭବ ହୋଇଥିଲେ ହେଁ ଆଶାନୁରୂପ ହୋଇନାହିଁ । ଆଜିସୁଦ୍ଧା ଏଦିଗରେ ଯାହା କିଛି କାର୍ଯ୍ୟ ବା ଅଗ୍ରଗତି ସାଧିତ ହୋଇଛି, ତାର ସମ୍ୟକ୍ ଆଲୋଚନା କରିବା ଏହି ନିବନ୍ଧର ଲକ୍ଷ୍ୟ । ଗବେଷଣା ସାଧାରଣତଃ ବ୍ୟକ୍ତିଗତ ତଥା ସ୍ୱକୀୟ । ଯେଉଁ ବିଷୟରେ ଯାହାର ବିଶେଷ ଆଗ୍ରହ ତଥା ବ୍ୟୁତ୍ପତ୍ତି ରହିଛି, ସେହିଦିଗରେ ସେ ଗବେଷଣା ବା ଗଭୀର ଅନୁଧ୍ୟାନ କରିଥାନ୍ତି । ଆଜିକାଲି ଏହି କାର୍ଯ୍ୟ ବ୍ୟୟବହୁଳ ଓ ବହୁଜନସାପେକ୍ଷ ହୋଇଥିବାରୁ ଗୋଟିଏ ଗୋଟିଏ ଅନୁଷ୍ଠାନ ଆନୁକୂଲ୍ୟରେ ଏହା କରାଯାଉଛି । କୌଣସି ଅଧ୍ୟୟନ ପାଇଁ ବହୁବିଧ ଜ୍ଞାନ ଓ ଅଭିଜ୍ଞତାର ଆବଶ୍ୟକତା ଥାଏ । କେତେକ ଗବେଷଣା ତେଣୁ ବହୁ ବହୁ ବିଷୟକ (Multidisciplinary)ତଥା ଆନୁଷ୍ଠାନିକ ହୋଇଥାଏ । ସମସ୍ତ ଗବେଷଣାକୁ ବ୍ୟକ୍ତିଗତ (Individual) ଓ ଆନୁଷ୍ଠାନିକ (Institutional), ଏହି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

ବ୍ୟକ୍ତିଗତ ଗବେଷଣା ସାଧାରଣତଃ ବିଶ୍ୱବିଦ୍ୟାଳୟ ଡିଗ୍ରୀ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଅବଶ୍ୟ ଏହାର ପୃଷ୍ଠଭୂମିରେ ଗବେଷକଙ୍କର ଅଭିରୁଚି ଓ ଅଭିଜ୍ଞତା ରହିଥାଏ । କେତେକ

ଗବେଷଣା କୌଣସି ସମସ୍ୟାର ସମାଧାନ ପାଇଁ ବା ନିଜର ବୌଦ୍ଧିକ ଦକ୍ଷତା ଓ ଆଗ୍ରହ ଦୃଷ୍ଟିରୁ ସଂପାଦିତ ହୋଇଥାଏ । ଡକ୍ଟର ମନୀନ୍ଦ୍ର କୁମାର ମହାନ୍ତି ୧୯୭୭ ମସିହାରେ "ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ" ଶୀର୍ଷକ ସନ୍ଦର୍ଭ ରଚନା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୯୪୭ ପର୍ଯ୍ୟନ୍ତ ଓଡ଼ିଆ ଶିଶୁ ସାହିତ୍ୟର ବିକାଶ-ଇତିହାସ ପ୍ରଦାନ କରିଥିଲେ । ଏଥିରେ ସେ ବିଭିନ୍ନ ବିଷୟବସ୍ତୁ, ପ୍ରକାଶଭଙ୍ଗୀ, ମନସ୍ତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ପୃଷ୍ଠଭୂମି ଇତ୍ୟାଦିର ପର୍ଯ୍ୟାଲୋଚନା କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଶିଶୁସାହିତ୍ୟ ଉପରେ ସେ ମଧ୍ୟ ଏକଶହ ପୃଷ୍ଠାର ବିରବଣୀ ଦେଇଛନ୍ତି । ଡକ୍ଟର ମହାନ୍ତିଙ୍କ ପରେ ଡକ୍ଟର ସ୍ନେହ ମହାପାତ୍ର ମଧ୍ୟପ୍ରଦେଶର ରାୟପୁର ବିଶ୍ୱବିଦ୍ୟାଳୟରୁ "ହିନ୍ଦି ଓ ଓଡ଼ିଆ ଶିଶୁସାହିତ୍ୟର ଏକ ତୁଳନାତ୍ମକ ଅଧ୍ୟୟନ" କରି ପି.ଏଇ.ଡ଼ି. ଡ଼ିଗ୍ରୀ ଲାଭ କରିଥିଲେ ।

୧୯୮୨ ମସିହାରେ ଏହି ଲେଖକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସହିତ "ଓଡ଼ିଶାରେ ପିଲାମାନଙ୍କର ପଠନସ୍ପୃହା ଉପରେ ଏକ ଗବେଷଣା ଆରମ୍ଭ କରିଥିଲେ । ମାତ୍ର ଡକ୍ଟର ମହାନ୍ତି ଏଥିପାଇଁ ସମୟ ଦେଇ ନପାରିବାକୁ ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ସହଯୋଗରେ ଏହି ଅନୁଧ୍ୟାନଟି ସଂପାଦିତ ହୋଇଥିଲା । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର "ପ୍ରଶ୍ନାବଳୀ" (Questionnaire) ପ୍ରସ୍ତୁତ ହୋଇଥିଲା ଏବଂ ଶତାଧିକ ପ୍ରଶ୍ନାବଳୀର ତଥ୍ୟ ସଂଗୃହୀତ ତଥା ସଂକଳିତ ହୋଇ ନିମ୍ନଲିଖିତ ଫଳାଫଳ ମିଳିଥିଲା ।

(୧) ବିଭିନ୍ନ ଶୈଳୀ ମଧ୍ୟରୁ ଛାତ୍ରଛାତ୍ରୀମାନେ ପଦ୍ୟକୁ ସର୍ବାଧିକ ସୁଖ ପା'ନ୍ତି ଏବଂ ତା ପଛକୁ ଗଳ୍ପ ପାଠ କରିବାକୁ ଭଲ ପା'ନ୍ତି ।

(୨) ସର୍ବାଧିକ ଛାତ୍ରଛାତ୍ରୀ ବିଜ୍ଞାନ, ପୁରାଣ, ଲୋକକଥା ଓ ପରୀକଥାକୁ ପସନ୍ଦ କରନ୍ତି ।

(୩) ମାତ୍ର ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ କ୍ରୟରେ ପୂର୍ଣ୍ଣସ୍ୱାଧୀନତା ଦେଲେ ସେମାନେ ସର୍ବାଧିକ ଗଳ୍ପଉପନ୍ୟାସ ପାଠ କରିବାକୁ ପସନ୍ଦ କରନ୍ତି ।

(୪) ବଡ଼ ଅକ୍ଷରରେ ସ୍ପଷ୍ଟ ଭାବରେ ମୁଦ୍ରିତ ଓ ସଚିତ୍ର ପୁସ୍ତକ ପିଲାମାନେ ଭଲପା'ନ୍ତି ।

(୫) ସର୍ବାଧିକ ଛାତ୍ରଛାତ୍ରୀ ମାନ୍ଦ୍ରାଜରୁ ପ୍ରକାଶିତ "ଜହ୍ନମାମୁଁ", ତାପରେ ଓଡ଼ିଶା ସରକାରଙ୍କ ପ୍ରକାଶିତ "ଶିଶୁଲେଖା" ଓ "ଛାତ୍ରସାଥୀ ଦ୍ୱାରା ପ୍ରକାଶିତ "ମନପବନ" ପତ୍ରିକା ପାଠକରିବାକୁ ସୁଖପା'ନ୍ତି ।

ଡକ୍ଟର ଦିଗରାଜ ବ୍ରହ୍ମା'' ଶିଶୁସାହିତ୍ୟର ଶୈକ୍ଷିକ ଗୁରୁତ୍ୱ'' ଉପରେ ଗବେଷଣା କରି ୧୯୮୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଠାରୁ ପି.ଏଇଚଡି. ଡିଗ୍ରୀ କରିଥିଲେ । ସେ ରାଜ୍ୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷାବିଦ୍‌ମାନଙ୍କଠାରୁ ବିଭିନ୍ନ ତଥ୍ୟ କେତେକ ''ପ୍ରଶ୍ନାବଳୀ'' (Questionnaire) ସାହାଯ୍ୟରେ ସଂଗ୍ରହ କରିଥିଲେ ଏବଂ ସଂକଳିତ ତଥ୍ୟର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ଓ ସଂଖ୍ୟାତ୍ମକ ବିଶ୍ଳେଷଣ କରିଥିଲେ । ଉକ୍ତ ଗବେଷଣାର ନିମ୍ନଲିଖିତ ମୁଖ୍ୟ ଉପଲବ୍ଧିମାନ ଉଲ୍ଲେଖଯୋଗ୍ୟ ।

(୧) ସର୍ବାଧିକ ଛାତ୍ରଛାତ୍ରୀ ବିଜ୍ଞାନଭିତ୍ତିକ ବିଷୟବସ୍ତୁରେ ଆଗ୍ରହ ଓ ଦୁର୍ଘଟଣା ପ୍ରଭୃତିରେ ବିତୃଷ୍ଣା ପ୍ରଦର୍ଶନ କରିଥିଲେ ।

(୨) ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଗଳ୍ପପୁସ୍ତକକୁ ପସନ୍ଦ କରିଥିଲେ ଏବଂ ତାପରେ କବିତା, ଏକାଙ୍କିକା, ଚିତ୍ରଗଳ୍ପ, ଉପନ୍ୟାସ ପ୍ରଭୃତି ସୁଖ ପାଇଥିଲେ ।

(୩) ପୁସ୍ତକ ନିର୍ବାଚନ ଓ ପଠନରେ ସର୍ବାଧିକ ଛାତ୍ରଛାତ୍ରୀ ସେମାନଙ୍କର ଗୁରୁଜନ ଓ ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ।

(୪) ଯେଉଁ ଲେଖକ ଓ କବିଙ୍କର ଲେଖା ପାଠ୍ୟପୁସ୍ତକରେ ସ୍ଥାନିତ, ସେହିମାନେ ଛାତ୍ରଛାତ୍ରୀଙ୍କ ପାଖରେ ଅଧିକ ପରିଚିତ ।

(୫) ସର୍ବାଧିକ ଛାତ୍ରଛାତ୍ରୀ ରଙ୍ଗୀନ ଛବି, ବଡ଼ଅକ୍ଷର, ସୁଦୃଶ୍ୟ ପଚ୍ଛଦପଟ ଓ ସୁଦୃଢ଼ ବନ୍ଧେଇ ପାଇଁ ଅନୁକୂଳ ମତ ପ୍ରଦାନ କରିଥିଲେ ।

(୬) ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଜଣପିଛା ୦.୬୨ରୁ ଆରମ୍ଭ କରି ୧୬ ଖଣ୍ଡ ପର୍ଯ୍ୟନ୍ତ ପୁସ୍ତକ ପାଠ କରିଥିଲେ ।

(୭) ପ୍ରାଥମିକ ବିଦ୍ୟାଳୟରେ ବର୍ଷକୁ ଜଣପିଛା ପ୍ରାୟ ୨ ପଇସା ମାତ୍ର ପୁସ୍ତକ କ୍ରୟରେ ଖର୍ଚ୍ଚ ହେଉଥିଲା ଏବଂ ଶତକଡ଼ା ୫୨ ବିଦ୍ୟାଳୟରେ ଶିଶୁପୁସ୍ତକ କ୍ରୟ ପାଇଁ କୌଣସି ଆର୍ଥିକ ବ୍ୟବସ୍ଥା ନଥିଲା ।

(୮) ଶତକଡ଼ା ୭୫ ପ୍ରାଥମିକ ଶିକ୍ଷକଙ୍କ ମତ ଯେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତା ଉପରେ ଶିଶୁସାହିତ୍ୟର ଯଥେଷ୍ଟ ପ୍ରଭାବ ରହିଥାଏ ।

(୯) ସେମାନଙ୍କର ଆହୁରି ମତ ଯେ ତର୍କ ପ୍ରତିଯୋଗିତା, ପତ୍ରିକା ପ୍ରକାଶନ ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କ ପଠନସ୍ପୃହା ବୃଦ୍ଧି ଦିଗରେ ସହାୟକ ହୋଇଥାଏ ।

(୧୦) ଶିଶୁସାହିତ୍ୟର ସଦୁପଯୋଗ ପାଇଁ ବିଦ୍ୟାଳୟ ପାଠାଗାର ନିମିତ୍ତ ଅଧିକ ଅର୍ଥବ୍ୟବସ୍ଥା କରାଯିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା ।

ଏହି ଲେଖକ ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ସହଯୋଗରେ "ଓଡ଼ିଶାରେ ଶିଶୁ ପତ୍ରିକାର ସମୀକ୍ଷା" ଶିର୍ଷକ ଏକ ଅନୁଧାନ ସଂପାଦନା କରିଥିଲେ । ସାଂପ୍ରତିକ ଶିଶୁପତ୍ରିକାଗୁଡ଼ିକରେ ବାସ୍ତବ ଅବସ୍ଥା ଅନୁଧାନ କରି ସେଗୁଡ଼ିକର ଭଲମନ୍ଦ, ଦୋଷଗୁଣର ବିଚାର କରିବା ଏବଂ ସେଗୁଡ଼ିକର ଅବସ୍ଥା ଓ ମାନବୃଦ୍ଧି ଦିଗରେ ସମୁଚିତ ପରାମର୍ଶ ଦେବା ଏହାର ଉଦ୍ଦେଶ୍ୟ ଥିଲା । ଏହି ଅନୁଧାନର ମୁଖ୍ୟ ଉପଲବ୍ଧି ହେଲା -

(୧) ଅଧିକାଂଶ ଶିଶୁପତ୍ରିକା ମାସିକୀ ଓ ସେମାନଙ୍କର ମୂଲ୍ୟ ଏକ ଖଣ୍ଡକୁ ଟ.୧.୨୫ ରୁ ଟ. ୨.୦୦ ପର୍ଯ୍ୟନ୍ତ ଥିଲା ।

(୨) ଏହି ପତ୍ରିକାର ଛାପା ସଂଖ୍ୟା ୧୫୦୦ ରୁ ୨୦,୦୦୦ କପି ଏବଂ ସର୍ବାଧିକ ସମୟ ବଂଚି ରହିଥିବା ପତ୍ରିକାର କାର୍ଯ୍ୟକାଳ ହେଲା ୩୫ ବର୍ଷ ।

(୩) ଶିଶୁ ପତ୍ରିକାର ଅଧିକାଂଶ ଲେଖା ବିଜ୍ଞାନ, ମନୋରଞ୍ଜନ, ଶିକ୍ଷା ଓ ତଥ୍ୟମୂଳକ ଏବଂ ପତ୍ରିକା ସଂପାଦନାରେ ବା ଲେଖା ନିର୍ବାଚନରେ କୌଣସି ନୀତିନିୟମ ଲାଗୁ ହୋଇନଥିଲା ।

(୪) ସରକାରୀ ପତ୍ରିକା 'ଶିଶୁଲେଖା' ବ୍ୟତୀତ ଅନ୍ୟ ଶିଶୁପତ୍ରିକାଗୁଡ଼ିକରେ କେବଳ ଧଳାକଳା ଛବି ଥିଲା ।

(୫) ପତ୍ରିକାଗୁଡ଼ିକର ମାସିକ ଆୟ ଟ.୨,୩୦,୦୦୦ରୁ ଟ. ୨୫,୦୦,୦୦୦ ଏବଂ ବ୍ୟୟ ଟ.୨,୩୦,୦୦୦ରୁ ଟ.୧୦,୦୦,୦୦୦ ।

(୬) କୌଣସି ପତ୍ରିକା ଲେଖକମାନଙ୍କୁ ସେମାନଙ୍କ ଲେଖା ପାଇଁ ପାରିଶ୍ରମିକ ଦିଏ ନାହିଁ । କେବଳ ସରକାରୀ ପତ୍ରିକାଟି ପ୍ରକାଶିତ ଲେଖା ପିଛା ଟ. ୫୦.୦୦ ଦେଉଥିଲା ।

(୭) କେତେକ ପତ୍ରିକା ଲେଖକଲେଖିକାମାନଙ୍କ ମଧ୍ୟରୁ କେତେକଙ୍କୁ ସମୟ ସମୟରେ ସଂବର୍ଦ୍ଧନା ଓ ଉପାୟନ ପ୍ରଦାନ କରୁଥିଲା ଏବଂ ସଭାସମିତିର ଆୟୋଜନ କରୁଥିଲେ ।

ଶ୍ରୀ ବଂଶୀଧର ସାହୁ "ଶିଶୁ ସାହିତ୍ୟ ପ୍ରତି ପିତାମାତାଙ୍କ ଦୃଷ୍ଟିଭଙ୍ଗୀ ଓ ପିଲାମାନଙ୍କ ମଧ୍ୟରେ ପଠନାଭ୍ୟାସ ଶୀର୍ଷକ ଏକ ଅନୁଧାନ କରିଥିଲେ । ଶିଶୁ ଓ କିଶୋରମାନଙ୍କ

ଶିଶୁସାହିତ୍ୟ ପଠନ ପ୍ରତି ପିତାମାତାଙ୍କ ମନୋବୃତ୍ତି, ଏହି ଅଭ୍ୟାସ ବୃଦ୍ଧିରେ ସେମାନଙ୍କ ସହଯୋଗ ଓ ପିଲାମାନଙ୍କୁ ପଠନସାମଗ୍ରୀ ପ୍ରଦାନରେ ପିତାମାତାଙ୍କ ଆଗ୍ରହର ଅନୁଧ୍ୟାନ ଏହାର ଉଦ୍ଦେଶ୍ୟ। ଭୁବନେଶ୍ୱର ଓ ଦିଲ୍ଲୀରେ ରହୁଥିବା ପିତାମାତାଙ୍କ ଠାରୁ ଏହି ତଥ୍ୟ ସଂଗୃହୀତ ହୋଇଥିଲା ଏବଂ ଏହି ସର୍ବେକ୍ଷଣର ମୁଖ୍ୟ ଉପଲବ୍ଧ ହେଲା :

(୧) ଅଧିକାଂଶ ପିତାମାତା ଦିଲ୍ଲୀରେ ୯୪% ଓ ଭୁବନେଶ୍ୱରରେ ୮୮% ମତ ଯେ, ପିଲାମାନଙ୍କୁ ସେମାନଙ୍କ ପାଠ୍ୟପୁସ୍ତକ ବ୍ୟତୀତ ସମ୍ବାଦପତ୍ର, ପତ୍ରିକା, ପୁସ୍ତକ ଆଦି ଦିଆଯିବା ଉଚିତ।

(୨) ଦିଲ୍ଲୀର ୪୬.୬ ଓ ଭୁବନେଶ୍ୱରର ୬୧.୩% ପିତାମାତା ଭାବନ୍ତି ଯେ, ଏହିସବୁ ପତ୍ରପତ୍ରିକା ଓ ପୁସ୍ତକ ପଠନରେ ସେମାନଙ୍କର ଜ୍ଞାନ ଓ ଚିନ୍ତାଧାରାରେ ଉନ୍ନତି ସାଧିତ ହେବ।

(୩) ଅଧିକ ସଂଖ୍ୟକ ପିତାମାତା (ଦିଲ୍ଲୀର ୯୫.୭% ଓ ଭୁବନେଶ୍ୱରର ୯୦.୯% ସେମାନଙ୍କର ପିଲାମାନଙ୍କୁ ପତ୍ରପତ୍ରିକା ଓ ପୁସ୍ତକ ଯୋଗାଇଥାନ୍ତି।

(୪) ମଜାର କଥା ଯେ, ଦିଲ୍ଲୀର ୭୬.୫% ଓ ଭୁବନେଶ୍ୱରର ୨୯.୬% ପିତାମାତା କହିଥିଲେ ଯେ, ସେମାନଙ୍କ ପିଲାମାନଙ୍କୁ ଚିତ୍ରକଥା (କମିକ୍) ଦିଆଯାଏ।

(୫) ଭୁବନେଶ୍ୱରର ୭୨.୭% ଓ ଦିଲ୍ଲୀର ୪୬.୮% ପିତାମାତାଙ୍କ ଅନୁସାରେ ଏହି ପଠନ ସାମଗ୍ରୀ କ୍ରୟ କରି ଯୋଗାଇଥାନ୍ତି। ଦିଲ୍ଲୀର ଅଧିକାଂଶ ପିଲା ପାଠାଗାରରେ ବହିପତ୍ର ପାଠ କରିଥାନ୍ତି।

ଏହି ଲେଖିକଙ୍କ ଦ୍ୱାରା "ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ଏକ ସର୍ବେକ୍ଷଣ" ୧୯୮୬ ମସିହାରେ ସଂପାଦିତ ହୋଇଥିଲା ଏବଂ ଏହାର ଲକ୍ଷ୍ୟ ଥିଲା କାଳକ୍ରମେ ଓ ଜିଲ୍ଲାଭିତ୍ତିରେ ଶିଶୁପତ୍ରିକାଗୁଡ଼ିକର ପ୍ରକାଶନ କିପରି ଭାବରେ ସମ୍ଭବ ହୋଇଛି ଜାଣିବା। ଏଥିପାଇଁ ମୋଟ ୧୮୬ଟି ପତ୍ରିକାର ସଂପାଦକ, ଚିତ୍ରକର ଓ ଲେଖକମାନଙ୍କଠାରୁ ତଥ୍ୟ ସଂଗୃହୀତ ହୋଇଥିଲା। ପତ୍ରିକାଗୁଡ଼ିକର ନାମ, ପ୍ରକାଶନ ସ୍ଥାନ ଓ କାଳ, ସଂପାଦକଙ୍କ ନାମ ଇତ୍ୟାଦି ସଂପର୍କୀୟ ବିବରଣୀ ସଂକଳନ କରାଯାଇ ନିମ୍ନଲିଖିତ ଉପଲବ୍ଧି ମିଳିଥିଲା।

୧- ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ମାତ୍ର ଗୋଟିଏ ଲେଖାଁ ପତ୍ରିକା ଆତ୍ମପ୍ରକାଶ କରିଥିଲା ।

୨- ତୃତୀୟ ଓ ଚତୁର୍ଥ ଦଶନ୍ଧିରେ କୌଣସି ପତ୍ରିକାର ପ୍ରକାଶନ ସମ୍ଭବ ହୋଇନଥିଲା ।

୩- ୫ମ, ଷଷ୍ଠ ଓ ୭ମ ଦଶକରେ ପାଞ୍ଚୋଟି ଲେଖାଁ ପତ୍ରିକା ଆତ୍ମପ୍ରକାଶ କରିଥିଲା ।

୪- ୮ମ ଦଶନ୍ଧି (୧୯୭୧-୧୯୮୦) ମଧ୍ୟରେ ସର୍ବାଧିକ ୮୪ଟି ଶିଶୁପତ୍ରିକା ପ୍ରକାଶିତ ହୋଇଥିଲା ।

୫- ୯ମ ଦଶନ୍ଧି (୧୯୮୫- ମସିହା ସୁଦ୍ଧା) ୭୯ଟି ପତ୍ରିକା ପ୍ରକାଶିତ ହୋଇଥିଲା ଏବଂ ୧୯୯୦ ମସିହା ସୁଦ୍ଧା ଏହାର ସଂଖ୍ୟା ପ୍ରାୟ ୧୦୦ରେ ପହଞ୍ଚିବା ସମ୍ଭାବନା ଥିଲା ।

୬- କଟକ ଜିଲ୍ଲାରେ ସର୍ବାଧିକ ୮୫ଟି ପତ୍ରିକା ପ୍ରକାଶିତ ହୋଇଥିଲା । ତା'ପଛକୁ ପୁରୀ ଜିଲ୍ଲାରେ ୪୩ଟି, ବାଲେଶ୍ୱରରେ ୧୦ଟି ଓ ଗଞ୍ଜାମ ତଥା କୋରାପୁଟରେ ଗୋଟିଏ ଲେଖାଏଁ ପତ୍ରିକା ଆତ୍ମପ୍ରକାଶ କରିଥିଲା ।

୭- କଳାହାଣ୍ଡି ଜିଲ୍ଲାରେ ସେପର୍ଯ୍ୟନ୍ତ (୧୯୮୫) ଏକମାତ୍ର ପତ୍ରିକା ପ୍ରକାଶିତ ହୋଇଥିଲା ଏବଂ ବୌଦ୍ଧ, ଫୁଲବାଣୀରେ କୌଣସି ପତ୍ରିକାର ପ୍ରକାଶନ ସମ୍ଭବ ହୋଇନଥିଲା ।

୮- ରାଜ୍ୟ ବାହାରେ ଦୁଇଟି ପତ୍ରିକା (ମାନ୍ଦ୍ରାଜରେ 'ଜହ୍ନମାମୁଁ' ଓ ପଣ୍ଡିଚେରୀରେ 'ନବପ୍ରକାଶ') ପ୍ରକାଶିତ ହୋଇଥିଲା ।

୯-ଶତକଡ଼ା ୮୦ ଭାଗ ଶିଶୁପତ୍ରିକାର ପ୍ରକାଶନ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିଲା ବା ସାମୟିକ ଭାବରେ ପ୍ରକାଶିତ ହେଉଥିଲା । ବାକି ୨୦% ପତ୍ରିକା କଟକ ଓ ପୁରୀ ଜିଲ୍ଲାରେ ପ୍ରକାଶିତ ହୋଇଥିଲା ।

ସଂପ୍ରତି କେତେକ ଗବେଷକ ଶିଶୁସାହିତ୍ୟର ବିଭିନ୍ନ ବିଭାବ ତଥା ପ୍ରସଙ୍ଗ ଉପରେ ଗବେଷଣା କରୁଛନ୍ତି, ବିଶେଷ ଭାବରେ ସେମାନଙ୍କର ପିଏଚ୍.ଡି. ଡିଗ୍ରୀ ପାଇଁ । ମାତ୍ର

ଗବେଷଣା ପାଇଁ ଯେଉଁ ନିଷ୍ଠା ଓ ଏକାଗ୍ରତା ଆବଶ୍ୟକ, ଆଜିକାଲି ତା'ର ବିଶେଷ ଅଭାବ ପରିଦୃଷ୍ଟ ହେଉଛି । ଆନୁଷ୍ଠାନିକ ଭାବରେ ଶିଶୁସାହିତ୍ୟ ସଂପର୍କରେ ଗବେଷଣା କରିବାକୁ ଶିଶୁସାହିତ୍ୟ ଗବେଷଣା ପରିଷଦ ଓ ଶିଶୁ ସାହିତ୍ୟ ଏକାଡେମୀ, ଓଡ଼ିଶା ୧୯୮୨ ମସିହାରୁ ଅନ୍ୟତମ ଲକ୍ଷ୍ୟ ଭାବରେ ନିଜ ନିଜ ସଂବିଧାନରେ ଘୋଷଣା କରିଥିଲେ । ମାତ୍ର ଏ ଦିଗରେ ଆଶାନୁରୂପ ଅଗ୍ରଗତି କରିପାରି ନାହାନ୍ତି । ଜାତୀୟ ସ୍ତରରେ କେତେକ ସଂସ୍ଥା ମଧ୍ୟ ଏପରି ଗବେଷଣା ପାଇଁ ଆର୍ଥିକ ସହାୟତା ଯୋଗାଇ ପାରୁଛନ୍ତି । ମାତ୍ର ତାହା ଖୁବ୍ ସ୍ୱଳ୍ପ ସୁତରାଂ, ଶିଶୁସାହିତ୍ୟର ବିଭିନ୍ନ ବିଭାବରେ ବିଜ୍ଞାନସମ୍ମତ ଓ ବିଧିବଦ୍ଧ ଗବେଷଣାମାନ ସଂପାଦନ କରି ଏହି କ୍ଷେତ୍ରରେ ପରିଦୃଷ୍ଟ ଅଭାବ ଅସୁବିଧା ଦୂର କରିବା ଓ ସମସ୍ୟାର ସମାଧାନରେ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ । ଅନ୍ୟାନ୍ୟ କ୍ଷେତ୍ର ପରି ଶିଶୁସାହିତ୍ୟରେ ଗବେଷଣାକୁ ବହୁମୁଖୀ ବିକାଶର ଏକ ଶକ୍ତିଶାଳୀ ଆୟୁଧ ଭାବରେ ଉପଯୋଗ କରିବା ବାଞ୍ଛନୀୟ ।

**ସହାୟକ ପୁସ୍ତକ ଓ ପତ୍ରିକା :**


୧- ମନୀନ୍ଦ୍ର ମହାନ୍ତି — ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ ପିଏଚ୍.ଡି ସନ୍ଦର୍ଭ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ୧୯୭୭ ।

୨- ଦିଗରାଜ ବ୍ରହ୍ମା — ଶିଶୁସାହିତ୍ୟର ଶୈକ୍ଷିକ ଗୁରୁତ୍ୱ, ପିଏଚ୍.ଡି. ସନ୍ଦର୍ଭ, ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୮୪ ।

୩- ଜଗନ୍ନାଥ ମହାନ୍ତି ଓ ଦିଗରାଜ ବ୍ରହ୍ମା — ''ଓଡ଼ିଶାରେ ଶିଶୁମାନଙ୍କର ପଠନ ସ୍ପୃହା'' ନୂଆଦିଲ୍ଲୀ, Writer and Illustrator ଅକ୍ଟୋବର ୧୯୮୪ ।

୪- '' — ''ଓଡ଼ିଶାରେ ଶିଶୁପତ୍ରିକାଗୁଡ଼ିକର ଏକ ସମୀକ୍ଷା'' Writer and Illustrator ନୂଆଦିଲ୍ଲୀ, ଜୁଲାଇ-ସେପ୍ଟେମ୍ବର, ୧୯୮୪ ।

୫- ଜଗନ୍ନାଥ ମହାନ୍ତି ''ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାର ସର୍ବେକ୍ଷଣ'' Writer & Illustrator ନୂଆଦିଲ୍ଲୀ, ଅକ୍ଟୋବର-ଡିସେମ୍ବର, ୧୯୮୬।

୬- ଜଗନ୍ନାଥ ମହାନ୍ତି ''ଓଡ଼ିଆ ଶିଶୁସାହିତ୍ୟରେ ଗବେଷଣା ଶିଶୁବାର୍ତ୍ତା, ଭଦ୍ରକ, ମାର୍ଚ୍ଚ ୧୯୮୬।

୭- ଜଗନ୍ନାଥ ମହାନ୍ତି ''ଓଡ଼ିଆ ଶିଶୁସାହିତ୍ୟରେ ଗବେଷଣା'' Writer & Illustrator ନୂଆଦିଲ୍ଲୀ, ଜୁଲାଇ-ସେପ୍ଟେମ୍ବର, ୧୯୮୯।

୮- ବଂଶୀଧର ସାହୁ ''ଶିଶୁସାହିତ୍ୟ ପ୍ରତି ପିତାମାତାଙ୍କ ଦୃଷ୍ଟିଭଙ୍ଗୀ ଓ ପିଲାମାନଙ୍କ ପଠନାଭ୍ୟାସର ଅନୁଧ୍ୟାନ'' Orissa Education Magazine ଭୁବନେଶ୍ୱର, ସେପ୍ଟେମ୍ବର, ୧୯୮୮।

୯- ଶିଶୁସାହିତ୍ୟ ଏକାଡେମୀ ଓଡ଼ିଆ ଶିଶୁସାହିତ୍ୟ ପତ୍ରିକା ପରିଚୟ ଭୁବନେଶ୍ୱର, ୧୯୮୮।

*(**ଝଙ୍କାର**, ଜୁନ୍ ୧୯୯୨)*

# ଶିଶୁସାହିତ୍ୟ ପ୍ରତି ପିଲାମାନଙ୍କର ଆଗ୍ରହ : ଏକ ଅଧ୍ୟୟନ

ପ୍ରଫେସର ଜଗନ୍ନାଥ ମହାନ୍ତି
ପ୍ରାଧ୍ୟାପକ ଦିଗରାଜ ବ୍ରହ୍ମା

## ୧. ଅଧ୍ୟୟନର ଆବଶ୍ୟକତା (Rationale)

ଶିଶୁସାହିତ୍ୟର ବିକାଶରେ ଶିଶୁସମାଜର ରୁଚି ଓ ଆଗ୍ରହ ଏକାନ୍ତ ବିଚାର୍ଯ୍ୟ । ଉପଯୁକ୍ତ ଶିଶୁସାହିତ୍ୟ ପ୍ରସ୍ତୁତି କ୍ଷେତ୍ରରେ ପିଲାମାନଙ୍କର ଆଗ୍ରହକୁ ଆଗ ବିଚାର କରିବାକୁ ହୋଇଥାଏ । ଲେଖକ ଓ ସଂପାଦକମାନେ ସେମାନଙ୍କ ଅଭିରୁଚି ଓ ଆଗ୍ରହକୁ ଆଖିଆଗରେ ରଖି ଉପାଦେୟ ରଚନା ତଥା ସଂପାଦନା କରିଥାନ୍ତି । ନଚେତ୍ ସେମାନଙ୍କ ସୃଷ୍ଟି ସାର୍ଥକ ଓ ସଫଳ ହୋଇପାରେ ନାହିଁ । ଏ ସଂପର୍କରେ ବିଶିଷ୍ଟ ଶିଶୁସାହିତ୍ୟ ଲେଖକ ଶ୍ରୀ ଏ.ଚାରୀ ଯଥାର୍ଥରେ କହିଛନ୍ତି ଯେ, ପିଲାମାନଙ୍କ ପାଇଁ ଯେଉଁ ଶିକ୍ଷଣ ତଥା ଅଧ୍ୟୟନ ସାମଗ୍ରୀ ସରସ ଓ ସରଳ ହୁଏ ଏବଂ ଯେଉଁଥିରେ ସେମାନେ ଆଗ୍ରହ ପ୍ରକାଶ କରିଥାନ୍ତି, ସେହି ସବୁର ଶିକ୍ଷଣ ସହଜସାଧ୍ୟ ହୁଏ । ଯେଉଁ ପୁସ୍ତକଗୁଡ଼ିକ ଏହି ଦୃଷ୍ଟିକୋଣରୁ ସେମାନଙ୍କର ଆଗ୍ରହୋଦ୍ଦୀପକ ହୋଇଥାଏ, ସେଗୁଡ଼ିକ ପିଲାମାନଙ୍କ ପାଇ ଅଧିକ ଶିକ୍ଷଣୀୟ ଓ ସୁଫଳଦାୟକ ହେବା ସ୍ୱାଭାବିକ ।

ଏତଦ୍‌ବ୍ୟତୀତ ଶିଶୁସାହିତ୍ୟର ସ୍ରଷ୍ଟାଙ୍କୁ ଶିଶୁର ଆବଶ୍ୟକତା ଓ ଆଗ୍ରହକୁ ନେଇ ଶିଶୁସାହିତ୍ୟ ରଚନା କରିବାକୁ ହୋଇଥାଏ । ସେତେବେଳେ ଶିଶୁମାନଙ୍କର ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତା ପ୍ରତି ଦୃଷ୍ଟିଦେବାକୁ ପଡ଼େ । ଅତୀତରେ ପିଲାମାନେ ବଡ଼ମାନଙ୍କ ପାଇଁ ଉଦ୍ଦିଷ୍ଟ ବହିପତ୍ରକୁ ଅଧ୍ୟୟନ କରିବାକୁ ବାଧ୍ୟ ହେଉଥିଲେ । ପିଲାମାନଙ୍କର ସ୍ୱତନ୍ତ୍ର ରୁଚି ଓ ଆଗ୍ରହ ତଥା ଆବଶ୍ୟକତା ଅଛି ବୋଲି ସେମାନେ ଭାବି ପାରିନଥିଲେ । ବଡ଼ମାନଙ୍କ ଆଗ୍ରହ ଓ ଆବଶ୍ୟକତାକୁ ଚାହିଁ ପୁସ୍ତକ ପ୍ରସ୍ତୁତ ହେଉଥିଲା । ଫଳତଃ ପିଲାମାନଙ୍କ ପାଇଁ ପୁସ୍ତକ ପାଠ ଅନାକର୍ଷକ ଅବୋଧ୍ୟ ଓ ଆଗ୍ରହହୀନ ହେଉଥିଲା । ମାତ୍ର ଭୌତିକ ଓ ସାମାଜିକ ବିଜ୍ଞାନର ପ୍ରଭୂତ ଉନ୍ନତିସାଧିତ ହେବା ସଂଗେ ସଂଗେ ଏହା ଅନୁଭୂତ ହେଲା ଯେ, ଶିଶୁସାହିତ୍ୟ ସ୍ରଷ୍ଟାଗଣ ଶିଶୁମନର ବିଭିନ୍ନ ଅବସ୍ଥା ଓ ଅଭିରୁଚିକୁ

ଜାଣି ରଚନା କ୍ଷେତ୍ରରେ ଅଗ୍ରସର ହେବା ଉଚିତ । ସ୍ଥୂଳତଃ, ଶିଶୁସମାଜର ଜନ୍ମଗତ ପ୍ରବୃତ୍ତି, ବର୍ଦ୍ଧିଷ୍ଣୁ ଆବଶ୍ୟକତା ଓ ଅନୁକୂଳ ମନୋବୃତ୍ତିକୁ ସମ୍ୟକ୍ ଦୃଷ୍ଟି ରଖି ଉପଯୁକ୍ତ ସାହିତ୍ୟ ରଚନା କରିବା ବାଞ୍ଛନୀୟ ।

ପିଲାମାନଙ୍କର ଆଗ୍ରହ ସାଧାରଣତଃ ସେମାନଙ୍କର ପରିବେଶ ଓ ମନସ୍ତାତ୍ତ୍ୱିକ ତଥା ଜୈବିକ ଆବଶ୍ୟକତା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଆଗ୍ରହ ମଧ୍ୟ ସେମାନଙ୍କ ବୟସ ବୃଦ୍ଧି ଅନୁସାରେ ପୃଥକ୍ ହୁଏ । ଉଦାହରଣ ସ୍ୱରୂପ, ଦୁଇବର୍ଷ ପିଲାର ଆଗ୍ରହ ବାରବର୍ଷ ବୟସର ପିଲାର ଅଭିରୁଚିଠାରୁ ସଂପୂର୍ଣ୍ଣ ଭିନ୍ନ । ଏତଦ୍‌ବ୍ୟତୀତ ଏହା ମଧ୍ୟ ଜଣାପଡ଼ିଛି ଯେ, ପିଲାର ବୟସ, ସାମର୍ଥ୍ୟ ଓ ସଂସ୍କୃତି ଏବଂ ପିତାମାତାଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା ଓ ଶିକ୍ଷାଗତ ଯୋଗ୍ୟତା ଦ୍ୱାରା ଆଗ୍ରହ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ ।

ଭାରତ, ବିଶେଷତଃ ଓଡ଼ିଶାରେ ପିଲାମାନଙ୍କର ଆଗ୍ରହ ସଂପର୍କରେ ଖୁବ୍ କମ୍ ଅଧ୍ୟୟନ ଅନୁଷ୍ଠିତ ହୋଇଛି । ତେଣୁ ଶିଶୁସାହିତ୍ୟ ସୃଷ୍ଟିରେ ଲେଖକମାନଙ୍କୁ ଠିକ୍ ଭାବରେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପିଲାମାନଙ୍କ ଆଗ୍ରହର ପର୍ଯ୍ୟାପ୍ତ ଅନୁଧ୍ୟାନ ଓ ଆକଳନ ହେବା ଦରକାର । ଏହି ଦୃଷ୍ଟିରୁ ଗବେଷକ ଦ୍ୱୟ ଶିଶୁସାହିତ୍ୟ ପ୍ରତି ପିଲାମାନଙ୍କର ଆଗ୍ରହ ଜାଣିବା ପାଇଁ ନିମ୍ନଲିଖିତ ଆଭିମୁଖ୍ୟକୁ ଆଖିଆଗରେ ରଖି ଏକ ଅଧ୍ୟୟନ ସଂପାଦନ କରିଛନ୍ତି ।

**୨. ଅଧ୍ୟୟନର ଲକ୍ଷ୍ୟ (Objectives) :**

ସଂପୃକ୍ତ ଅଧ୍ୟୟନର ନିମ୍ନଲିଖିତ ଲକ୍ଷ୍ୟଗୁଡ଼ିକ ହେଲା :-

(୧) ବିଭିନ୍ନ ପ୍ରକାର (Form) ଶିଶୁସାହିତ୍ୟ (ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ) ପିଲାମାନଙ୍କର ଆଗ୍ରହ ଜାଣିବା ।

(୨) ଶିଶୁସାହିତ୍ୟର ବିଭିନ୍ନ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ।

(୩) ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକର ବିଷୟବସ୍ତୁ, ଅଙ୍ଗସଜ୍ଜା ତଥା ପରିପାଟୀ ସ୍ଥିର କରିବା ।

(୪) ପିଲାମାନଙ୍କ ପ୍ରିୟ ପତ୍ରିକାଗୁଡ଼ିକୁ ଜାଣିବାକୁ ଚେଷ୍ଟା କରିବା ।

(୫) ପତ୍ରିକାଗୁଡ଼ିକ ପ୍ରତି ସେମାନଙ୍କର ଆଗ୍ରହ ଜାଣିବା ।

**୩-ଅଧ୍ୟୟନର ପରିସର ଓ ପ୍ରଶ୍ନାବଳୀ (Scope and Tools):**

୮ରୁ ୧୧ ବର୍ଷ ବୟସର ପିଲାମାନଙ୍କୁ ଏହି ଅଧ୍ୟୟନରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିପାଇଁ ତୃତୀୟ ଶ୍ରେଣୀରୁ ୬ଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଆଗ୍ରହ ଅନୁଧ୍ୟାନ କରାଯାଇଛି। ୧୯୮୨-୮୩ ମସିହାରେ ଭୁବନେଶ୍ୱର ଓ କଟକ ଜିଲ୍ଲାର ଉଭୟ ସହର ଓ ମଫସଲର ପିଲାମାନଙ୍କ ଉପରେ ପ୍ରଶ୍ନାବଳୀର ପ୍ରୟୋଗ କରାଯାଇ ସେମାନଙ୍କର ପୁସ୍ତକ ଓ ପତ୍ରିକା ପ୍ରତି ଥିବା ଆଗ୍ରହ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା।

**୪-ତଥ୍ୟ ସଂଗ୍ରହର ପଦ୍ଧତି ଓ ପ୍ରବିଧି (Methods & Techniques) :**

ପ୍ରଥମେ ଏକ ଚିଠା ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇ ୮-୧୧ ବର୍ଷ ପିଲାମାନଙ୍କୁ ପୂରଣ କରିବାକୁ ଦିଆଯାଇଥିଲା ଏବଂ ସେମାନଙ୍କର ପୂରଣ କରିବା ସୁବିଧା ଅସୁବିଧା ଓ ମତାମତ ଅନୁସାରେ ପ୍ରଶ୍ନାବଳୀଟି ଚୂଡ଼ାନ୍ତ କରାଯାଇଥିଲା। ସଂପୃକ୍ତ ବିଦ୍ୟାଳୟଗୁଡ଼ିକର ଶିକ୍ଷକବନ୍ଧୁଗଣଙ୍କୁ ଉକ୍ତ ଅଧ୍ୟୟନର ଆବଶ୍ୟକତା ସଂପର୍କରେ ଅଭିହିତ କରାଯାଇ ପିଲାମାନେ ଶ୍ରେଣୀରେ ପ୍ରଶ୍ନାବଳୀକୁ ପୂରଣ କରୁଥିବାବେଳେ କୌଣସି ବାଧା ସୃଷ୍ଟି ନକରିବାକୁ ପରାମର୍ଶ ଦିଆଯାଇଥିଲା। ପିଲାମାନେ ସ୍ୱଚ୍ଛନ୍ଦରେ ଏହାକୁ ପୂରଣ କରୁଥିଲେ ଏବଂ କୌଣସି ସ୍ଥାନରେ ବୁଝିନପାରିଲେ ଭାଷାଗତ ତଥା ଅର୍ଥବୋଧ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଦିଆଯାଇଥିଲା। ସୁତରାଂ ପିଲାମାନଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ଓ ଆବଶ୍ୟକ ସାହିତ୍ୟ ପ୍ରଦାନ କରାଯାଇଥିଲା। ଗବେଷକଦ୍ୱୟ କେତେକ ବିଦ୍ୟାଳୟକୁ ଯାଇ ତଥ୍ୟ ସଂଗ୍ରହ ଯଥାବିଧି ହେଉଛି କି ନାହିଁ ପର୍ଯ୍ୟବେକ୍ଷଣ ଓ ପରାମର୍ଶ ପ୍ରଦାନ କରିଥିଲେ।

ପ୍ରଶ୍ନାବଳୀର ବିଭିନ୍ନ ବିଭାଗଗୁଡ଼ିକ ହେଲା : (୧) ପିଲାମାନେ କେଉଁ ପ୍ରକାର, (୨) କେଉଁ ବିଷୟବସ୍ତୁ, (୩) କେଉଁ ପରିପାଟୀ, (୪) ଦଶଟଙ୍କା ପ୍ରାପ୍ତିରେ ପିଲାମାନେ କି କି ବହି ଓ ପତ୍ରିକା କିଣିବାକୁ ଚାହିଁବେ, (୫) ପାଠ୍ୟପୁସ୍ତକ ବାହାରେ ସେମାନେ କି କି ବହିପତ୍ର ପଢ଼ିବାକୁ ଭଲ ପାଆନ୍ତି, (୬) କେଉଁ ଶିଶୁପତ୍ରିକା ପଢ଼ିବାକୁ ସେମାନେ ସର୍ବାଧିକ ଭଲ ପାଆନ୍ତି ଏବଂ (୭) ସେମାନେ କେଉଁ କାରଣରୁ ଏହି ପତ୍ରିକାଟିକୁ ପାଠ କରିବାକୁ ଚାହାନ୍ତି।

**୫. ତଥ୍ୟାବଳୀର ବିଶ୍ଳେଷଣ ଓ ବ୍ୟାଖ୍ୟା (Analysis and Interpretation) :**

ତଥ୍ୟଗୁଡ଼ିକର ଏକତ୍ରୀକରଣ ପରେ ନିର୍ଣ୍ଣୟ କରାଯାଇଛି। (କ) ଶିଶୁସାହିତ୍ୟର ବିଭିନ୍ନ ବିଭାଗ, (ଖ) ବିଷୟବସ୍ତୁ (ଗ) ବ୍ୟକ୍ତିଗତ ପସନ୍ଦ (ଘ) ପିଲାମାନଙ୍କ ଦ୍ୱାରା

ପଠିତ ପତ୍ରପତ୍ରିକା, (ଙ) ପ୍ରିୟ ଶିଶୁପତ୍ରିକା ଓ (ଚ) ପିଲାମାନଙ୍କର ପତ୍ରିକାଗୁଡ଼ିକୁ ଭଲ ପାଇବାର କାରଣ ।

**୫.କ - ଶିଶୁ ସାହିତ୍ୟର ବିଭିନ୍ନ ବିଭାବ :** ଶିଶୁ ସାହିତ୍ୟର ବିଭିନ୍ନ ବିଭାବଗୁଡ଼ିକର ସାମଞ୍ଜସ୍ୟ, ସ୍ୱରୂପ ଓ ସେମାନଙ୍କର ଉପାଦେୟତା ଦୃଷ୍ଟିକୋଣରୁ ନିମ୍ନଲିଖିତ ଶ୍ରେଣୀ ବିଭାଗ କରାଯାଇଥିଲା । (କ) ଗୀତ ଓ ସଂଗୀତ, (ଖ) ଗଳ୍ପ ଓ ଉପନ୍ୟାସ, (ଗ) ଏକାଙ୍କିକା ଓ ନାଟକ (ଘ) ଜୀବନୀ ଓ ଆତ୍ମଜୀବନୀ, (ଙ) ଯାତ୍ରା ଓ ଦୁଃସାହସିକ ଯାତ୍ରା, (ଚ) ରଚନା ଓ ପ୍ରବନ୍ଧ ।

ମୋଟ ୬ଗୋଟି ବିଭିନ୍ନ ଶ୍ରେଣୀର ବିଷୟବସ୍ତୁ ଥିବାରୁ ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରଥମ ପସନ୍ଦକୁ ଛଅ ନମ୍ବର, ଦ୍ୱିତୀୟ ପସନ୍ଦକୁ ୫ ନମ୍ବର, ତୃତୀୟକୁ ୪ ନମ୍ବର, ଚତୁର୍ଥକୁ ୩ ନମ୍ବର, ପଞ୍ଚମକୁ ଦୁଇ ନମ୍ବର ଓ ଷଷ୍ଠକୁ ୧ ନମ୍ବର ଦିଆଯାଇଛି । ଏହିପରି ପିଲାମାନଙ୍କର ବିଭିନ୍ନ ବିଷୟବସ୍ତୁର ସପକ୍ଷରେ ଦିଆଯାଇଥିବା ପସନ୍ଦଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା । ସାରଣୀ ୧ରେ ସେଗୁଡ଼ିକ ପ୍ରଦତ୍ତ ହୋଇଚି

**ସାରଣୀ - ୧**

**ଶିଶୁ ସାହିତ୍ୟର ବିଭିନ୍ନ ବିଭାବର ଗୁରୁତ୍ୱ ନିରୂପଣ (ସଂଖ୍ୟା-୧୨୦)**

| କ୍ରମିକ ନଂ | ଶିଶୁ ସାହିତ୍ୟ ବିଭିନ୍ନ ବିଭାବ | ଗୁରୁତ୍ୱ | ଶତକଡ଼ା | ଶ୍ରେଣୀ |
|---|---|---|---|---|
| (କ) | ଗୀତ ଓ କବିତା | ୬୦୯ | ୨୪.୭୫ | ୧ |
| (ଖ) | ଗଳ୍ପ ଓ ଉପନ୍ୟାସ | ୪୬୮ | ୧୯.୦୨ | ୨ |
| (ଗ) | ଏକାଙ୍କିକା ଓ ନାଟକ | ୪୩୨ | ୧୭.୫୬ | ୩ |
| (ଘ) | ଜୀବନୀ ଓ ଆତ୍ମଜୀବନୀ | ୩୮୪ | ୧୫.୬୦ | ୪ |
| (ଙ) | ଯାତ୍ରା ଓ ଦୁଃସାହସିକ | ୩୨୧ | ୧୩.୦୪ | ୫ |
| (ଚ) | ରଚନା ଓ ପ୍ରବନ୍ଧ | ୨୪୬ | ୧୦.୦୦ | ୬ |

ଉପଯୁକ୍ତ ସାରଣୀରୁ ଏହା ସ୍ପଷ୍ଟ ହୁଏ ଯେ, ସର୍ବାଧିକ (୨୪.୭୫%) ପିଲା ଗୀତ ଓ କବିତା ପାଠ କିବାକୁ ଭଲ ପାଆନ୍ତି । ଏହି ପିଲା ମଧ୍ୟରୁ ଶତକଡ଼ା ୧୯.୦୨ ଜଣ ଗଳ୍ପ ଓ ଉପନ୍ୟାସ ପତ୍ରିକାକୁ ଆଗ୍ରହୀ ହୋଇଥାନ୍ତି । ଯଥାକ୍ରମେ ୧୭.୫୬, ୧୫.୬୦,

୧୩.୦୪ ଓ ୧୦.୦୦ ପିଲା ସେମାନଙ୍କର ଆଗ୍ରହ ନାଟକ ଓ ଏକାଙ୍କିକା, ଜୀବନୀ ଓ ଆତ୍ମଜୀବନୀ, ଯାତ୍ରା ଓ ଦୁଃସାହସିକ ଯାତ୍ରା ଏବଂ ରଚନା ଓ ପ୍ରବନ୍ଧ ପାଇଁ ସୂଚାଇଛନ୍ତି । ସେମାନେ କବିତାକୁ ପ୍ରଥମ, ଗଳ୍ପକୁ ଦ୍ୱିତୀୟ, ଏକାଙ୍କିକାକୁ ତୃତୀୟ, ଭ୍ରମଣ ବା ଯାତ୍ରାକୁ ୫ମ ରଚନା ଓ ପ୍ରବନ୍ଧକୁ ଷଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି ।

**୫.୨ ବିଷୟବସ୍ତୁ ଓ ଆଗ୍ରହ :**

ସାହିତ୍ୟର ବିଭିନ୍ନ ବିଷୟବସ୍ତୁ ପ୍ରତି ପିଲାମାନଙ୍କର ସମାନ ଆଗ୍ରହ ନଥାଏ । ଏପରି ବ୍ୟକ୍ତିଗତ ପାର୍ଥକ୍ୟ ସ୍ୱାଭାବିକ ହେଲେ ମଧ୍ୟ ବିଭିନ୍ନ ବିଷୟ ପ୍ରତି ପିଲାମାନଙ୍କର ସାଧାରଣ ଆଗ୍ରହ ଜାଣିବା ଏକାନ୍ତ ଆବଶ୍ୟକ । ନିମ୍ନଲିଖିତ ବିଷୟବସ୍ତୁ ସପକ୍ଷରେ ପିଲାମାନଙ୍କର ଆଗ୍ରହ କ'ଣ ଜାଣିବାକୁ ପ୍ରଶ୍ନ କରାଯାଇଥିଲା : (କ) ଆବିଷ୍କାର ଓ ଉଦ୍‌ଭାବନ (ଖ) ପୁରାଣ କଥା (ଗ) ପରୀଗପ ଓ ଲୋକକଥା (ଘ) ଦେଶାତ୍ମବୋଧକ ଲେଖା (ଙ) ବ୍ୟଙ୍ଗ ବିଦ୍ରୂପ, (ଚ) ଭୂତପ୍ରେତ ଓ (ଛ) ଗୋଇନ୍ଦା/ରୋମାଞ୍ଚକର କଥା ।

ସାତଗୋଟି ପ୍ରକାର ବିଷୟବସ୍ତୁ ଥିବା ହେତୁ ପିଲାମାନେ ଅଗ୍ରାଧିକାର ବା ବଳ ଦୃଷ୍ଟିରୁ ପ୍ରଥମ ମତକୁ ୭ ନମ୍ବର, ଦ୍ୱିତୀୟ ମତକୁ ୬ ନମ୍ବର, ୩ୟକୁ ୫ନମ୍ବର, ୪ର୍ଥକୁ ୪ ନମ୍ବର, ୫ମକୁ ୩ ନମ୍ବର, ୬ଷ୍ଠକୁ ୨ ନମ୍ବର ଓ ସପ୍ତମ ୧ ନମ୍ବର ଦିଆଯାଇ ସେଗୁଡ଼ିକର ବଳକା ଗୁରୁତ୍ୱକୁ ହିସାବ କରାଯାଇଥିଲା । ନିମ୍ନରେ ପ୍ରଦତ୍ତ ସାରଣୀଟି ପିଲାମାନଙ୍କର ବିଭିନ୍ନ ବିଷୟବସ୍ତୁ ପ୍ରତି ଆଗ୍ରହର ସୂଚନା ପ୍ରକାଶ କରେ ।

**ସାରଣୀ-୨**

**ବିଭିନ୍ନ ବିଷୟବସ୍ତୁର ଗୁରୁତ୍ୱ ସୂଚନା**

| କ୍ର. ନମ୍ବର | ବିଷୟବସ୍ତୁ | ଗୁରୁତ୍ୱ | ଶତକଡ଼ା | ଶ୍ରେଣୀ |
|---|---|---|---|---|
| ୧ | ଆବିଷ୍କାର ଓ ଉଦ୍ଭାବନ | ୭୧୪ | ୨୨.୨୦ | ୧ |
| ୨. | ପୌରାଣିକ ବିଷୟ | ୬୦୩ | ୧୮.୩୨ | ୨ |
| ୩. | ପରୀକଥା/ଲୋକକଥା | ୪୧୪ | ୧୨.୮୭ | ୪ |
| ୪. | ଦେଶାତ୍ମବୋଧକ ଲେଖା | ୪୮୦ | ୧୪.୯୩ | ୩ |
| ୫. | ବ୍ୟଙ୍ଗ ବିଦ୍ରୂପ | ୩୮୭ | ୧୨.୦୩ | ୫ |
| ୬. | ଭୂତପ୍ରେତ | ୩୬୦ | ୧୧.୧୯ | ୬ |
| ୭. | ଗୋଇନ୍ଦା/ରୋମାଞ୍ଚକର | ୨୫୭ | ୭.୯୯ | ୭ |

ସାରଣୀ ୨ରୁ ସ୍ପଷ୍ଟ ହୁଏ ଯେ, ସର୍ବାଧିକ ପିଲା (୨୨.୨୦% ଆବିଷ୍କାର ଓ ଉଦ୍ଭାବନ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ୧୮.୭୫% ପୌରାଣିକ, ୧୨.୮୭% ପରୀ ଓ ଲୋକକଥା, ୧୪.୯୩ ଦେଶାତ୍ମବୋଧକ, ୧୨.୦୩% ପରୀ ଓ ଲୋକକଥା, ୧୨.୦୩ ବ୍ୟଙ୍ଗାତ୍ମକ, ୧୧.୦୯% ଭୂତ ଓ ରହସ୍ୟାତ୍ମକ ଏବଂ ୭.୯୯% ରୋମାଞ୍ଚକର/ଗୋଇନ୍ଦା ଲେଖା ପ୍ରତି ସେମାନଙ୍କର ଆଗ୍ରହ ସୂଚାଇଛନ୍ତି ।

ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ପସନ୍ଦକୁ ବିଚାର କରି ବିଜ୍ଞାନ ୧ମ, ପୁରାଣ ୨ୟ, ଦେଶାତ୍ମବୋଧ ୩ୟ, ପରୀ ଓ ଲୋକକଥା ୪ର୍ଥ ଏବଂ ଭୂତପ୍ରେତ ୫ମ ସ୍ଥାନ ଲାଭ କରିଛି ।

**୫.୩ ଆଙ୍ଗିକ ବିଭାବ (Physical Aspects) :**

ଲକ୍ଷ୍ୟ କରାଯାଇଛି ଯେ, ବହିଟିର ଆଙ୍ଗିକ ବିଭାବଗୁଡ଼ିକ ଉପରେ ଏହାର ଲୋକପ୍ରିୟତା ନିର୍ଭରଶୀଳ । ଆଙ୍ଗିକ ବିଭାବଗୁଡ଼ିକ ମଧ୍ୟରେ (କ) ଭଲଛବି, (ଖ) ସ୍ପଷ୍ଟ ମୁଦ୍ରଣ, (ଗ) ବହିପତ୍ରର ଆକାର (ଘ) ବଡ଼ ଅକ୍ଷର ଓ (ଙ) ଭଲ ବନ୍ଧାଇ ପ୍ରଧାନ ।

ଉପରୋକ୍ତ ୫ଟି ଆଙ୍ଗିକ ବିଭାବଗୁଡ଼ିକ ମଧ୍ୟରୁ ପିଲାମାନଙ୍କର ପ୍ରଥମମତକୁ ୫ ନମ୍ବର, ଦ୍ୱିତୀୟମତକୁ ୪ ନମ୍ବର, ତୃତୀୟକୁ ୩ ନମ୍ବର ୪ର୍ଥକୁ ୨ ଓ ୫ମକୁ ୧ ନମ୍ବର ପ୍ରଦତ୍ତ କରାଯାଇ ସେମାନଙ୍କର ଗୁରୁତ୍ୱ ନିରୂପଣ କରାଯାଇଛି ।

ନିମ୍ନୋକ୍ତ ସାରଣୀ-୩ ଶିଶୁପୁସ୍ତକ ଓ ପତ୍ରିକା ପ୍ରତି ପିଲାମାନଙ୍କର ଆଗ୍ରହ ପ୍ରକାଶ କରିଛି ।

**ସାରଣୀ-୩**

**ଶିଶୁପୁସ୍ତକ ଓ ଶିଶୁପତ୍ରିକାର ଆଙ୍ଗିକ ବିଭାବ**

| କ୍ର.ନମ୍ବର | ଆଙ୍ଗିକ ବିଭାବ | ଗୁରୁତ୍ୱ | ଶତକଡ଼ା | ସ୍ଥାନ |
|---|---|---|---|---|
| ୧. | ଭଲ ଚିତ୍ର | ୫୭୧ | ୨୭.୩୯ | ୧ |
| ୨. | ସ୍ପଷ୍ଟ ମୁଦ୍ରଣ | ୫୪୭ | ୨୮.୭୫ | ୨ |
| ୩. | ବଡ଼ ଆକାର | ୩୪୫ | ୧୮.୧୩ | ୩ |
| ୪. | ବଡ ଅକ୍ଷର | ୨୭୦ | ୧୪.୧୯ | ୪ |
| ୫. | ଦୃଢ଼ ବନ୍ଧେଇ ଓ ମଲାଟ | ୨୧୯ | ୧୧.୫୧ | ୫ |

ସାରଣୀ ୩ରୁ ଜଣାପଡ଼େ ଯେ, ସର୍ବାଧିକ ଶତକଡ଼ା ୨୯.୩୦ ପିଲା ଭଲ ଛବି ୨୮.୭୫% ସ୍ୱଷ୍ଟ ମୁଦ୍ରଣ, ୧୮.୦୩% ପତ୍ରିକା ଓ ବହିର ବଡ଼ ଆକାର, ୧୨.୧୧ ବନ୍ଧେଇ ଓ ମଲାଟ ଥିବା ବହିକୁ ପସନ୍ଦ କରିଛନ୍ତି ୫.୪ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରତି ବ୍ୟକ୍ତିଗତ ଆଗ୍ରହ :

ପିଲାମାନଙ୍କର ପୁସ୍ତକ ପ୍ରତି ବ୍ୟକ୍ତିଗତ ରୁଚି ଜାଣିବା ପାଇଁ ଏକ ପ୍ରଶ୍ନ ପଚରା ଯାଇଥିଲା । ପ୍ରଶ୍ନଟି ହେଲା "ତୁମକୁ ଯଦି ୧୦ ଟଙ୍କା ଦିଆଯାଏ, ତୁମେ କେଉଁ କେଉଁ ବହି କିଣିବ ?'' ଏହି ପ୍ରଶ୍ନଟିର ଉତ୍ତରଗୁଡ଼ିକୁ ଅନୁଶୀଳନ କରି ବିଭିନ୍ନ ବିଷୟବସ୍ତୁ ପ୍ରତି ସେମାନଙ୍କର ଆଗ୍ରହ ଜଣାପଡ଼ିଛି ଏ ସଂପର୍କୀୟ ତଥ୍ୟ ସାରଣୀ ୪ରେ ସ୍ପଷ୍ଟ ହୋଇଛି ।

**ସାରଣୀ-୪**

**ପିଲାମାନଙ୍କର ପସନ୍ଦ ଅନୁସାରେ ପୁସ୍ତକଗୁଡ଼ିକର ବର୍ଣ୍ଣନ**

| କ୍ର.ନମ୍ବର | ବହିର ପ୍ରକାର | ମତସଂଖ୍ୟା | ଶତକଡ଼ା | ଆଙ୍ଗିକ |
|---|---|---|---|---|
| ୧. | ଗଳ୍ପ ଉପନ୍ୟାସ | ୭୮ | ୬୫.୦ | ଆଙ୍ଗିକ |
| ୨. | ନାଟକ ଓ ଏକାଙ୍କିକା | ୬୯ | ୫୭.୫ | ଆଙ୍ଗିକ |
| ୩. | ଗୀତ | ୬୬ | ୫୫.୦ | ଆଙ୍ଗିକ |
| ୪. | କାବ୍ୟ କବିତା | ୬୩ | ୫୨.୫ | ଆଙ୍ଗିକ |
| ୫. | ରଚନା ପ୍ରବନ୍ଧ | ୫୭ | ୪୭.୫ | ଆଙ୍ଗିକ |
| ୬. | ଏକାଙ୍କିକା ନାଟକ | ୩୩ | ୨୭.୫ | ଆଙ୍ଗିକ |
| ୭. | ଗଳ୍ପ ଉପନ୍ୟାସ | ୩୦ | ୨୫.୦ | ଆଙ୍ଗିକ |
| ୮. | ଜୀବନୀ ଆତ୍ମଜୀବନୀ | ୨୭ | ୨୨.୫ | ଆଙ୍ଗିକ |
| ୯. | ପ୍ରାର୍ଥନା ଜଣାଣ | ୧୫ | ୧୨.୫ | ଆତ୍ମିକ |
| ୧୦. | ବିଜ୍ଞାନ | ୩୦ | ୨୫.୦୦ | ଆତ୍ମିକ |
| ୧୧. | ଭୂତପ୍ରେତ | ୨୪ | ୨୦.୦ | ଆତ୍ମିକ |
| ୧୨. | ପୁରାଣ | ୧୧ | ୯.୧୬ | ଆତ୍ମିକ |
| ୧୩. | ସାମାଜିକ ବିଜ୍ଞାନ | ୬ | ୫.୦ | ଆତ୍ମିକ |
| ୧୪. | ଚଳଚ୍ଚିତ୍ର ପୁସ୍ତକ | ୩ | ୨.୫ | ଆତ୍ମିକ |

ସାରଣୀ ୪ରୁ ଜଣାପଡ଼େ ଯେ, ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ସର୍ବାଧିକ ପିଲା (୬୫%) ଗଳ୍ପ ଉପନ୍ୟାସ କିଣିବା ପାଇଁ ମତବ୍ୟକ୍ତ କରିଛନ୍ତି । ତା'ପରେ ଶତକଡ଼ା ୫୭.୫% ପିଲା ଏକାଙ୍କିକା ନାଟକ ପ୍ରତି ଓ ୫୫% ଗୀତ ପାଇଁ, ୫୨.୫% କାବ୍ୟକବିତା ଏବଂ ୪୭.୫% ରଚନା ପ୍ରବନ୍ଧ ବହି କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

ସେହିପରି ବିଷୟବସ୍ତୁ ତଥା ଆତ୍ମିକ ଦୃଷ୍ଟିକୋଣରୁ ପିଲାମାନଙ୍କର ମତ ଉକ୍ତ ସାରଣୀରେ ଉଲ୍ଲେଖ କରାଯାଇଛି । ଏଠାରେ ସର୍ବାଧିକ (୨୫%) ପିଲା ବିଜ୍ଞାନ ପ୍ରତି ଆଗ୍ରହ ଅଭିବ୍ୟକ୍ତ କରିଛନ୍ତି । ସେମାନଙ୍କ ପରେ ୮.୨୦% ଭୂତପ୍ରେତ ଏବଂ ୯.୧୬ ପୌରାଣିକ ବିଷୟ ପ୍ରତି ମତପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ, ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସର୍ବାଧିକ ସଂଖ୍ୟାରେ କବିତା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ହେଁ ଏଠାରେ ଗଳ୍ପ ଉପନ୍ୟାସ ପୁସ୍ତକ କ୍ରୟ କିରବା ପାଇଁ ମତପ୍ରକାଶ କରିଛନ୍ତି । ଆବଶ୍ୟ ସେଠାରେ ଏହା ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲା ।

**୪.୫ ପିଲାମାନଙ୍କ ଦ୍ୱାରା ପଠିତ ପତ୍ରିକା :**

ଶିଶୁପତ୍ରିକା ଶିଶୁ ସାହିତ୍ୟର ଏକ ଉପାଦେୟ ବିଭାଗ ହୋଇଥିବାରୁ ପିଲାମାନଙ୍କୁ ସେମାନଙ୍କର ପ୍ରିୟ ଶିଶୁପତ୍ରିକାର ନାମ ଉଲ୍ଲେଖ କରିବା ପାଇଁ କୁହାଯାଇଥିଲା । ଏ ସଂପର୍କୀୟ ମୋନଙ୍କର ମତ ସାରଣୀ-୫ରେ ପ୍ରଦତ୍ତ ହୋଇଛି ।

**ସାରଣୀ-୫**

**ଶିଶୁପତ୍ରିକା ପ୍ରତି ପିଲାମାନଙ୍କରେ ଆଗ୍ରହ**

| କ୍ର.ନମ୍ବର | ପତ୍ରିକାର ନାମ | ମତ ସଂଖ୍ୟା | ଶତକଡ଼ା |
|---|---|---|---|
| ୧. | ଜହ୍ନମାମୁଁ | ୭୫ | ୬୨.୫ |
| ୨. | ଶିଶୁଲେଖା | ୫୪ | ୪୫.୦ |
| ୩. | ମନପବନ | ୪୮ | ୪୦.୦ |
| ୪. | ବାରମଜା | ୪୨ | ୩୫.୦ |
| ୫. | ଟିକିଫୁଲ | ୧୫ | ୧୨.୫ |
| ୬. | କୁନିରାଇଜ | ୧୨ | ୧୦.୦ |
| ୭. | ସୁନାପିଲା | ୯ | ୭.୫ |
| ୮. | ଜହ୍ନ ରାଇଜ | ୯ | ୭.୫ |
| ୯ | କୁଆଁତାରା | ୬ | ୫.୦ |
| ୧୦. | ବାଲିରାଇଜ | ୩ | ୨.୫ |

ସାରଣୀ-୫ରୁ ସ୍ପଷ୍ଟ ହେଉଛି ଯେ, ସର୍ବାଧିକ ପିଲା (୬୨.୫) ଜହ୍ନମାମୁଁ ପଢୁଥିଲେ । ଏହାପରେ ୪୫% ଶିଶୁଲେଖା, ୪୦% ମନପବନ, ୩୫% ବାରମଜା ଓ ୧୨.୫% ଟିକିଫୁଲ ପଢୁଥିଲେ । ଜହ୍ନମାମୁଁ ମାନ୍ଦ୍ରାଜ ସହରରେ ପ୍ରକାଶିତ ଓ ହିନ୍ଦୀ 'ଚାନ୍ଦମାମା'ର ଓଡ଼ିଆ ଭାଷାନ୍ତର ହୋଇଥିଲେ ହେଁ ଏହା ବିଭିନ୍ନ ସ୍ୱାଦର ଲେଖା ଓ ରଙ୍ଗୀନ୍ ଚିତ୍ର ପ୍ରକାଶ କରି ଏକ 'ପରିବାର ପତ୍ରିକା' (Family Magazine) ହୋଇଥିଲା । ଅଧିକ ପରିବାରକୁ ଏହି ପତ୍ରିକା ଆସୁଥିବାରୁ ସର୍ବାଧିକ ପିଲା ଏହାକୁ ପାଠ କରିବାର ସୁଯୋଗ ଲାଭ କରିଥାନ୍ତି । ଅଥଚ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ପ୍ରକାଶିତ 'ଶିଶୁଲେଖା' ଦ୍ୱିତୀୟ ସ୍ଥାନ ଗ୍ରହଣ କରି ଆଶାନୁରୂପ ଭାବରେ ପିଲାମାନଙ୍କ ଦ୍ୱାରା ପାଠ କରାଯାଉନଥିଲା । ଏ ଦିଗରେ ଏହାର ପ୍ରଚାର ଓ ପ୍ରସାର ଅଧିକାର ଆବଶ୍ୟକତା ଥିଲା । ମାତ୍ର କଟକର ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରକାଶିତ 'ମନପବନ' ତୃତୀୟ ସ୍ଥାନ ଲାଭ କରିଥିଲା ।

### ୫.୬ ଅତିପ୍ରିୟ ଶିଶୁପତ୍ରିକା :

ଗୋଟିଏ ପ୍ରଶ୍ନ ଥିଲା - ''ତୁମଙ୍କୁ କେଉଁ ପତ୍ରିକା ସବୁଠାରୁ ଅଧିକ ଭଲ ଲାଗେ ?'' ଏହାର ଉତ୍ତର ସହିତ ପୂର୍ବ ପ୍ରଶ୍ନର ଉତ୍ତରର ସାମଞ୍ଜସ୍ୟ ଥିଲା । ପିଲାମାନଙ୍କ ମତର ଦୃଢ଼ତା ଜାଣିବା ଉପରୋକ୍ତ ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ ଥିଲା । ଉତ୍ତରଗୁଡ଼ିକର ଚିତ୍ର ସାରଣୀ ୬ରେ ପ୍ରଦର୍ଶିତ ହୋଇଛି ।

**ସାରଣୀ-୬**

**ସବୁଠାରୁ ପ୍ରିୟ ଶିଶୁପତ୍ରିକାର ତଥ୍ୟ**

| କ.ନମ୍ବର | ପତ୍ରିକାର ନାମ | ମତ ସଂଖ୍ୟା | ଶତକଡ଼ା |
|---|---|---|---|
| ୧. | ମନପବନ | ୪୫ | ୩୭.୫ |
| ୨. | ଜହ୍ନମାମୁଁ | ୨୪ | ୨୦.୦ |
| ୩. | ବାରମଜା | ୧୮ | ୧୫.୦ |
| ୪. | ଶିଶୁଲେଖା | ୧୫ | ୧୨.୫ |
| ୫. | ଟିକିଫୁଲ | ୬ | ୫.୦ |
| ୬. | ଜହ୍ନ ରାଇଜ | ୬ | ୫.୦ |

ଏଥିରୁ ସ୍ପଷ୍ଟ ହୁଏ ଯେ, ସର୍ବାଧିକ (୩୭.୫%) ପିଲା ''ମନପବନ''କୁ ଅତି ପ୍ରିୟ ପତ୍ରିକା କହି ପ୍ରଥମ ସ୍ଥାନ ଦେଇଥିଲେ । ଅଥଚ ପୂର୍ବରୁ ''ଜହ୍ନମାମୁ'କୁ ସର୍ବାଧିକ ପସନ୍ଦ ମିଳିଥିବା ସତ୍ତ୍ୱେ ଏଠାରେ ଏହା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ପକ୍ଷାନ୍ତରରେ ଓଡ଼ିଶା ସରକାରଙ୍କ ଦ୍ୱାର ପ୍ରକାଶିତ ପତ୍ରିକା 'ଶିଶୁଲେଖା' ୪ର୍ଥ ସ୍ଥାନ ଲାଭ କରିଥିଲା ।

**୫.୭ ପତ୍ରିକା ପ୍ରତି ପିଲାମାନଙ୍କର ବ୍ୟକ୍ତିଗତ ଆଗ୍ରହର କାରଣ :**

ଉପରୋକ୍ତ ପତ୍ରିକାଗୁଡ଼ିକୁ ଭଲ ପାଇବାର କାରଣ ଜାଣିବା ପାଇଁ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା । ପିଲାମାନେ ନିମ୍ନଲିଖିତ କାରଣମାନ ଉଲ୍ଲେଖ କରିଥିଲେ ।

(କ) ସେଥିରେ ଅଧିକ ଛବି ଥିଲା ।

(ଖ) ଅଧିକ ଗଳ୍ପ ଓ କବିତା ଥିଲା ।

(ଗ) ଅଧିକ ଦେଶ ବିଦେଶର ଗଳ୍ପ ସ୍ଥାନ ପାଇଥିଲା ।

(ଘ) ଅଧିକ ଆନନ୍ଦ ଓ ଉତ୍ସାହମୂଳକ ବିଷୟମାନ ସ୍ଥାନ ପାଇଛି ।

(ଙ) ବହୁ ଶିକ୍ଷଣୀୟ ତଥ୍ୟ ସ୍ଥାନ ପାଇଥିଲା ।

ଉପରୋକ୍ତ କାରଣଗୁଡ଼ିକ କେବଳ ନିର୍ଦ୍ଦିଷ୍ଟ ପତ୍ରିକା ପ୍ରତି ପ୍ରଯୁଜ୍ୟ ନୁହେଁ । ଏଗୁଡ଼ିକ ପ୍ରତ୍ୟେକ ଶିଶୁସାହିତ୍ୟ ପତ୍ରିକା ପାଇଁ ଏକାନ୍ତ ଆବଶ୍ୟକ ।

**୬. ଫଳାଫଳ**

ଶଂସିତ ଅଧ୍ୟୟନର ଫଳାପଳ ନିମ୍ନରେ ପ୍ରଦତ୍ତ ହେଲା-

(୧) ସର୍ବାଧିକ ପିଲା (୨୪.୭୫) କାବ୍ୟକବିତା ପାଠ କରିବାକୁ ସୁଖ ପାଇଥିଲେ । ତା'ପରେ ୧୯.୦୨% ପିଲା ଗଳ୍ପ ଓ ଉପନ୍ୟାସ ସପକ୍ଷରେ ମତପ୍ରକାଶ କରିଥିଲେ । ସେହିପରି ୧୭.୫୬% ନାଟକ ଓ ଏକାଙ୍କିକା, ୧୫.୬୦% ଜୀବନୀ, ୧୩.୦୪ ଭ୍ରମଣ ଓ ୧୦.୦% ରଚନା ପ୍ରତି ସେମାନଙ୍କ ଆଗ୍ରହ ଜଣାଇଥିଲେ ।

(୨) ଶିଶୁ ସାହିତ୍ୟର ବିଭିନ୍ନ ବିଭାବ ପ୍ରତି ପିଲାମାନଙ୍କର ଆଗ୍ରହ ସ୍ପଷ୍ଟ ହୋଇଥିଲା । କବିତା ପ୍ରଥମ, ଗଳ୍ପ ଉପନ୍ୟାସ ଦ୍ୱିତୀୟ, ନାଟକ ତୃତୀୟ, ପରିଭ୍ରମଣ ୪ର୍ଥ ଓ ରଚନା ପଞ୍ଚମ ସ୍ଥାନ ପାଇଥିଲା ସେମାନଙ୍କ ନିଜ ବିଚାରରେ ।

(୩) ସର୍ବାଧିକ ୨୨.୨୦% ପିଲା ସେମାନଙ୍କ ଆଗ୍ରହସୂଚକ ମତ ଉଦ୍‌ଭାବନ ଓ ଆବିଷ୍କାରମୂଳକ ଲେଖା ସପକ୍ଷରେ ବ୍ୟକ୍ତ କରିଥିଲେ । ତା'ପରେ ୧୮.୩୬% ପୁରାଣ, ୧୪.୯୭ ଦେଶାତ୍ମବୋଧକ ଲେଖା, ୧୨.୮୭% ପରୀ ଓ ଲୋକକଥା ଏବଂ ୭.୯୯% ରହସ୍ୟମୂଳକ ତଥା ଗୋଇନ୍ଦା ଲେଖା ସପକ୍ଷରେ ଜଣାଇଥିଲେ ।

(୪) ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ଗୁରୁତ୍ୱ-କ୍ରମିକ ହେଲା -

(କ) ବିଜ୍ଞାନ, (ଖ) ପୁରାଣ, (ଗ) ଦେଶାତ୍ମବୋଧକ, (ଘ) ପରୀ ଓ ଲୋକକଥା ଏବଂ (ଙ) ରହସ୍ୟାତ୍ମକ ଓ ଗୁଇନ୍ଦା କାହାଣୀ ।

(୫)ସର୍ବାଧିକ ୧୭.୩୯% ପିଲା ଅଧିକ ଛବିଥିବା ପୁସ୍ତକ ପାଠ କରିବାକୁ ଭଲ ପାଇଥିଲେ । ସ୍ୱଷ୍ଟ ମୁଦ୍ରଣ ନିମିତ୍ତ ୨୮.୭୫%, ପୁସ୍ତକ ବା ପତ୍ରିକାର ବଡ଼ ଆକାର ପାଇଁ ୧୮.୧୩%, ବଡ଼ କଳା ଅକ୍ଷର ପାଇଁ ୧୪.୧୯% ଏବଂ ସୁଦୃଢ଼ ବନ୍ଧେଇ ଓ ପ୍ରଚ୍ଛଦପଟ ସପକ୍ଷରେ ୧୧.୫୧% ମତ ପ୍ରକାଶ କରିଥିଲେ ।

(୬) ସର୍ବାଧିକ ପିଲା ୬୨.୫% ଜହ୍ନମାମୁଁ, ୪୫% ଶିଶୁଲେଖା, ୪୦% ମନପବନ, ୩୫% ବାରମଜା ଓ ୧୨.୫% ଟିକିଫୁଲ ପାଠ କରନ୍ତି ବୋଲି ମତ ଦେଇଥିଲେ । ଯଦିଓ ଓ ''ଜହ୍ନମାମୁଁ'' ମାନ୍ଦ୍ରାଜରୁ ପ୍ରକାଶିତ ଚାନ୍ଦମାମାର ଓଡ଼ିଆ ଅନୁବାଦ, ତାହା ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପତ୍ରିକା ''ଶିଶୁଲେଖା'' ଠାରୁ ଅଧିକ ଲୋକପ୍ରିୟ ହୋଇଥିଲା ।

(୭) ''ଜହ୍ନମାମୁଁ'' ସର୍ବାଧିକ ପିଲାଙ୍କ ଦ୍ୱାରା ପଠିତ ହେଲେ ହେଁ ପିଲାମାନଙ୍କ ପସନ୍ଦ ଅନୁସାରେ ତା'ର ସ୍ଥାନ ଦ୍ୱିତୀୟ ହେଲାବେଳେ, କଟକର ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରକାଶିତ ପତ୍ରିକା ''ମନପବନ'' ପ୍ରଥମ ସ୍ଥାନ ଲାଭ କରିଥିଲା । ଅଥଚ ଆମ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ''ଶଶୁଲେଖା'' ୪ର୍ଥ ସ୍ଥାନ ଓ ''ବାରମଜା'' ୩ୟ ସ୍ଥାନ ଅଧିକାର କରିଥିଲା ।

(୮) ଅଧିକ ଛବି, କବିତା, ଗଳ୍ପ, ମନୋରଞ୍ଜକ ଓ ତଥ୍ୟମୂଳକ ପତ୍ରିକା ପିଲାମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିବାର ଜଣାପଡ଼ିଥିଲା ।

**ସହାୟକ ଗ୍ରନ୍ଥସୂଚୀ :**


୧. ଶ୍ରୀ ଏ.ଚାରୀ — "Considérations in the Development of a Reader Service" in **Teaching Reading, a Challange,** NCERT, New-Delhi, 1972.

୨. ଶ୍ରୀ ଜଗନ୍ନାଥ ମହାନ୍ତି — **"The Book Through Ages,** G. Mohapatra & Co, Cuttack, 1972.

୩. ଏଜନ୍ — ''ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକାଗୁଡ଼ିକର ବିକାଶଧାରା'', **ଅମୃତାୟନ** ଭୁବନେଶ୍ୱର, ଏପ୍ରିଲ୍, ୧୯୮୪

୪. ଏଜନ୍ — ''ଓଡ଼ିଆ ଶିଶୁସାହିତ୍ୟର କ୍ରମବିକାଶ'', **ଝଙ୍କାର,** କଟକ, ଡିସେମ୍ବର, ୧୯୮୩ ।

୫. ଶ୍ରୀ ଜଗନ୍ନାଥ ମହାନ୍ତି — "Development of Children's Literature in Orissa, **Writer & Illustrator,** New Dehli, October-December 1982.

୬. ଏଜନ୍ — "Children's Magazines in Oriya", **Writer & Illustrator,** April, 1983.

# ଓଡ଼ିଆ ଶିଶୁସାହିତ୍ୟ ପତ୍ରିକା
# ଏକ ସର୍ବେକ୍ଷଣ

**ସର୍ବେକ୍ଷଣର ଆବଶ୍ୟକତା :**

ପତ୍ରିକାଗୁଡ଼ିକ ହେଉଛି ସମସାମୟିକ ସାହିତ୍ୟର ମୁକୁର । ଏଥିରେ ବିବିଧ ସାହିତ୍ୟିକ ପ୍ରକୃତି ଓ ପ୍ରକାର ପ୍ରତିବିମ୍ବିତ ହୁଏ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସାହିତ୍ୟର ବହୁମୁଖୀ ବିକାଶ ଏବଂ ମାନ (Standard) ଓ ସ୍ତର (Level)ର ପତ୍ରିକାଗୁଡ଼ିକର ପ୍ରକାଶ ପରସ୍ପର ଘନିଷ୍ଠ ଭାବରେ ନିର୍ଭରଶୀଳ । ପତ୍ରିକା ମାଧ୍ୟମରେ ଲେଖକଲେଖିକା ଗଣ ଆତ୍ମପ୍ରକାଶ କରନ୍ତି ଏବଂ ପାଠକପାଠିକା ତଥା ସଂପାଦକଙ୍କଠାରୁ ଯେଉଁ ମତାମତ ଓ ପ୍ରତିକ୍ରିୟା ପା'ନ୍ତି, ତାହା ସେମାନଙ୍କ କୃତି ସଂପର୍କରେ ସମ୍ୟକ୍ ସୂଚନା ଦିଏ । ସେହି ଅନୁସାରେ ସେମାନେ ସାଂପ୍ରତିକ, ତଥା ଭାବୀ ସାରସ୍ୱତ ସାଧନା ପାଇଁ ବାଞ୍ଛିତ ଦିଗ୍‌ଦର୍ଶନ ତଥା ପ୍ରେରଣା ପାଇଥା'ନ୍ତି । ସୁତରାଂ ପତ୍ରିକାଗୁଡ଼ିକ କବି, କଥାକାର, ନାଟ୍ୟକାର, ଚିତ୍ରକର ପ୍ରଭୃତିଙ୍କ ପାଇଁ ଏକ ପ୍ରକୃଷ୍ଟ ପ୍ରସ୍ତୁତି-କ୍ଷେତ୍ର ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଓଡ଼ିଆ ସାହିତ୍ୟ ପତ୍ରିକାର ଆବିର୍ଭାବ ଘଟେ । ସେହି କାଳରୁ ଓଡ଼ିଆ ସାହିତ୍ୟ ବିଭିନ୍ନ ଦିଗରେ ବିକାଶଲାଭ କରେ । ବିଶେଷତଃ, ଓଡ଼ିଆ ଶିଶୁସାହିତ୍ୟ ଏହି କାଳରେ ଆତ୍ମପ୍ରକାଶ କରିଥିଲା । ୧୯୦୯ ମସିହାରେ ରେବାରାୟଙ୍କ ସଂପାଦିତ ''ପ୍ରଭାତ'' ପ୍ରଥମ ଶିଶୁସାହିତ୍ୟ ପତ୍ରିକା ଭାବରେ ସୂର୍ଯ୍ୟଲୋକର ସନ୍ଧାନ ଦେଇଥିଲା । ତାପରେ ପ୍ରତିଦଶକରେ ଗୋଟିକରୁ ପାଞ୍ଚୋଟି ମଧ୍ୟରେ ଶିଶୁସାହିତ୍ୟ କ୍ଷେତ୍ରରେ ପତ୍ରିକାର ପରିପ୍ରକାଶ ଘଟିଥିଲା ୧୯୭୦ ମସିହା ପର୍ଯ୍ୟନ୍ତ ।

୧୯୭୦ ମସିହା ପରେ ବହୁ ସଂଖ୍ୟକ ଶିଶୁପତ୍ରିକା ଜନ୍ମଲାଭ କରି ଅନୁନ୍ନତ ଦେଶର ଅକାଳ ଶିଶୁମୃତ୍ୟୁର ନୈରାଶ୍ୟ ଓ ଦୁଃଖ ଜାତ କରେ । ଅପରିପକ୍ୱ ସଂପାଦନା, ଅକୁଶଳ ପରିଚାଳନା ଓ ଅସନ୍ତୋଷଜନକ ପାଠକ ସଂଖ୍ୟା ଶିଶୁପତ୍ରିକାର ଉଚ୍ଚ ମୃତ୍ୟୁହାର ପାଇଁ ଦାୟୀ । ଏହା ତେଣୁ ଶିଶୁସାହିତ୍ୟର ବିକାଶରେ ବିରାଟ ବାଧକ ଓ ଖୁବ୍ କ୍ଷତିକାରକ ବୋଲି ଅନେକଙ୍କର ମତ ପ୍ରକାଶ ପାଏ । ସୁତରାଂ ବାସ୍ତବ ସ୍ଥିତି ଜାଣିବା ପାଇଁ ଏହି ଅନୁଧ୍ୟାନର ଆବଶ୍ୟକତା ଅନୁଭୂତ ହେଲା ଏବଂ ଏହା ଶିଶୁସାହିତ୍ୟ ପତ୍ରିକାର ସମସ୍ୟା ସଂପର୍କରେ ଆଲୋକପାତ କରିବ ବୋଲି ଆଶା ରହିଲା ।

## ସାରଣୀ -୧

ବିଗତ ଦଶନ୍ଧିଗୁଡ଼ିକରେ ଆତ୍ମପ୍ରକାଶ କରିଥିବା ଶିଶୁସାହିତ୍ୟଗୁଡ଼ିକର ସଂଖ୍ୟା

(ଡିସେମ୍ବର, ୧୯୮୬)

| ଦଶନ୍ଧି | ଜଣାପଡ଼ିଥିବା ପତ୍ରିକାଗୁଡ଼ିକର ସଂଖ୍ୟା | ଜଣାପଡ଼ିନଥିବା ପତ୍ରିକାଗୁଡ଼ିକର ସଂଖ୍ୟା | ମନ୍ତବ୍ୟ |
|---|---|---|---|
| ୧୯୦୧-୧୦ | ୧ | ୬ | ସମସ୍ତ ଉଦ୍ୟମ ସତ୍ତ୍ୱେ ୬ଟି ପତ୍ରିକାର ଜନ୍ମ କାଳ ଜାଣିବା ସମ୍ଭବ ହୋଇପାରିନାହିଁ । |
| ୧୯୧୧-୨୦ | ୧ | - | |
| ୧୯୨୧-୩୦ | - | | |
| ୧୯୩୧-୪୦ | - | | |
| ୧୯୪୧-୫୦ | ୫ | | |
| ୧୯୫୧-୬୦ | ୫ | | |
| ୧୯୬୧-୭୦ | ୫ | | |
| ୧୯୭୧-୮୦ | ୮୪ | | |
| ୧୯୮୧-୯୦ | ୭୯ | | |
| | ୧୮୦ | ୬ | = ୧୮୬ ମୋଟସଂଖ୍ୟା |

## ସାରଣୀ -୨

### ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ଜିଲ୍ଲାୱାରୀ ସଂଖ୍ୟା

| କ୍ର.ନଂ | ଜିଲାନାମ | ପତ୍ରିକାର ସଂଖ୍ୟା | ରାଜ୍ୟବାହାରେ ପତ୍ରିକାର ସଂଖ୍ୟା | ମନ୍ତବ୍ୟ |
|---|---|---|---|---|
| ୧ | ବାଲେଶ୍ୱର | ୧୦ | ୨ | ସବୁପ୍ରକାର |
| ୨. | ବଉଦ-ଫୁଲବାଣୀ | - | - | ଉଦ୍ୟମ ସତ୍ତ୍ୱେ |
| ୩. | ବଲାଙ୍ଗୀର | ୪ | - | ୩ଟି ପତ୍ରିକାର |
| ୪. | ଢ଼େଙ୍କାନାଳ | ୯ | - | ପ୍ରକାଶନ. ସ୍ଥାନ |
| ୫. | ଗଞ୍ଜାମ | ୧୦ | - | ଜଣା ପଡ଼ିଡ଼ଥିଲା । |
| ୬. | କଳାହାଣ୍ଡି | ୧ | - | |
| ୭. | କେଉଁଝର | ୫ | - | |
| ୮. | କୋରାପୁଟ | ୧୦ | - | |
| ୯. | ମୟୂରଭଞ୍ଜ | ୩ | - | |
| ୧୦. | ପୁରୀ | ୩୪ | - | |
| ୧୧. | ସମ୍ବଲପୁର | ୩ | - | |
| ୧୨. | ସୁନ୍ଦରଗଡ଼ | ୫ | - | |
| ୧୩. | କଟକ | ୮୫ | - | |
| | | ୧୮୧ | ୨ | ୩ |

ସର୍ବମୋଟ - ୧୮୬

**ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ :**

ଓଡ଼ିଆ ଶିଶୁସାହିତ୍ୟ ପତ୍ରିକା-ସୃଷ୍ଟିର ପ୍ରାରମ୍ଭରୁ ଏଯାବତ୍ ଯେଉଁସବୁ ଆତ୍ମପ୍ରକାଶ ଘଟିଛି, ସେଗୁଡ଼ିକର ତଥ୍ୟ ସଂଗ୍ରହ ଏକ ଦୁରୂହ ସମସ୍ୟା । କାରଣ ସମସ୍ତ ପତ୍ରିକା ଇତିହାସ କୌଣସି ପୁସ୍ତକ ବା ବିବରଣୀ (Report)ରେ ଲିପିବଦ୍ଧ ହୋଇପାରି ନଥିଲା । ଅଧିକାଂଶ ପତ୍ରିକାର ସତ୍ତା ମଧ୍ୟ ଅତୀତ କୋଳରେ ହଜିଯାଇଛି । ସେଗୁଡ଼ିକ ସଂପର୍କରେ ଜାଣିବା ଖୁବ୍ କଷ୍ଟକର । ଶିଶୁସାହିତ୍ୟ ଲେଖକ ତଥା ମନପବନର ସୁଯୋଗ୍ୟ ସଂପାଦକ ଶ୍ରୀ ମହେଶ୍ୱର ମହାନ୍ତି ଓ ଏଇ ଲେଖକ ଶିଶୁପତ୍ରିକାଗୁଡ଼ିକରେ ଆନୁସଙ୍ଗିକ ତଥ୍ୟ ସଂଗ୍ରହ ପାଇଁ ଏକ ସଂକ୍ଷିପ୍ତ ପ୍ରୋଫର୍ମା ପ୍ରସ୍ତୁତ କରିଥିଲେ । ଏହାକୁ ନେଇ ବୟୋଜ୍ୟେଷ୍ଠ ସମାଜସେବୀ ଓ ସାହିତ୍ୟପ୍ରେମୀ ଶ୍ରୀ ଦାଶରଥି ପଟ୍ଟନାୟକ ସାରା ରାଜ୍ୟରେ ବୁଲି ତଥ୍ୟ ସଂଗ୍ରହ କରିଥିଲେ । ଏସବୁ ତଥ୍ୟର ସଂକଳନରେ ସର୍ବଶ୍ରୀ ପ୍ରଦୀପ ପଟ୍ଟନାୟକ, ରଘୁନାଥ ରଥ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ପ୍ରକାଶଚନ୍ଦ୍ର ଖଟେଇ ସାହାଯ୍ୟ କରିଥିଲେ । ମାତ୍ର ସଂକଳିତ ତଥ୍ୟାବଳୀର ବିଶ୍ଳେଷଣ ସଂପାଦନା ଏକ ସହଜ ଓ ସରଳ ବିଷୟ ହୋଇନଥିଲା । ତେବେ ଉକ୍ତ କାର୍ଯ୍ୟ ଏହି ଅଧ୍ୟୟନର ଭିତ୍ତିଭୂମି ହୋଇଥିଲା ।

୧୯୦୯ ମସିହାରୁ ଏଯାବତ ସମଗ୍ର କାଳକୁ ୯ଟି ଦଶକରେ ବିଭକ୍ତ କରାଯାଇଛି ଯଥା- ୧୯୦୧-୧୦, ୧୯୧୧-୨୦, ୧୯୨୧-୩୦, ୧୯୩୧-୪୦, ୧୯୪୧-୫୦, ୧୯୫୧-୬୦, ୧୯୬୧-୭୦, ୧୯୭୧-୮୦, ଓ ୧୯୮୧-୯୦ । ସାରଣୀ -୧ରୁ ଏହିସବୁ ଦଶନ୍ଧିରେ କେତୋଟି ଲେଖାଁ ପତ୍ରିକା ଆତ୍ମପ୍ରକାଶ କରିଥିଲା, ସ୍ପଷ୍ଟ ହୋଇପାରିବ ।

ଉଲ୍ଲିଖିତ ସାରଣୀ ୧-ରୁ ସ୍ପଷ୍ଟ ହେଉଛି ଯେ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଗୋଟିଏ ଲେଖାଁଏ ପତ୍ରିକା ଆତ୍ମପ୍ରକାଶ କରିଥିଲା । ତୃତୀୟ ଓ ଚତୁର୍ଥ ଦଶନ୍ଧିରେ ଆଦୌ କୌଣସି ପତ୍ରିକାର ପ୍ରକାଶନ ସଂପର୍କରେ ସୂଚନା ମିଳେନାହିଁ । ୫ମ, ୬ଷ୍ଠ ଓ ୭ମ ଦଶକରେ ଅର୍ଥାତ୍ ୧୯୭୧-୮୦ ମଧ୍ୟରେ ସର୍ବାଧିକ ୮୪ଟି ଶିଶୁପତ୍ରିକା ଆତ୍ମପ୍ରକାଶ କରିଥିଲା । ଚଳିତ ଦଶକରେ ଏପର୍ଯ୍ୟନ୍ତ ମୋଟ ୭୯ଟି ପତ୍ରିକା ପ୍ରକାଶନର ତଥ୍ୟ ମିଳିଥିଲା । ଏହି ଦଶନ୍ଧିରୁ ବାକୀଥିବା ଅନ୍ୟ ୪ ବର୍ଷ ମଧ୍ୟରେ ଆଉ କେତୋଟି ପତ୍ରିକା ପ୍ରକାଶ ପାଇବାର ସମ୍ଭାବନା ରହିଛି ।

ଅଧିକ ସ୍ପଷ୍ଟ ଧାରଣା ନିମନ୍ତେ ଜିଲାଓ୍ୱାରୀ ପତ୍ରିକାଗୁଡ଼ିକୁ ବିଭକ୍ତ କରାଯାଇଛି । ସାରଣୀ-୨ ଜିଲାଗୁଡ଼ିକ ସହିତ ପତ୍ରିକାଗୁଡ଼ିକର ସଂଖ୍ୟା ପ୍ରଦତ୍ତ ହୋଇଛି ।

ସାରଣୀ-୨ରୁ ସ୍ପଷ୍ଟ ହୁଏ ଯେ ସର୍ବାଧିକ ଶିଶୁସାହିତ୍ୟ ପତ୍ରିକା-୯୫ କଟକ ଜିଲ୍ଲାରେ ପ୍ରକାଶିତ ହୋଇଛି । ତାପରେ ପୁରୀ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ମଧ୍ୟରୁ ପ୍ରତ୍ୟେକରେ ୧୦ଟି ଲେଖାଁ ଏବଂ ସମ୍ବଲପୁର ଓ ମୟୂରଭଞ୍ଜରେ ୩ଟି ଲେଖାଁ ପତ୍ରିକା ପ୍ରକାଶିତ ହୋଇଛି । ଢେଙ୍କାନାଳ ଜିଲ୍ଲାରେ ୯ଟି ଓ ବଲାଙ୍ଗୀର ଜିଲ୍ଲାରେ ୪ଟି ପତ୍ରିକା ଆତ୍ମପ୍ରକାଶ କରିଥିଲା । ଏଥିରୁ ଜଣାପଡ଼େ ଯେ ଏପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ ମାତ୍ର ଗୋଟିଏ ପତ୍ରିକା ପ୍ରକାଶିତ ହୋଇଛି ଏବଂ ବୌଦ-ଫୁଲବାଣୀ ଜିଲ୍ଲାରେ ଆଦୌ କୌଣସି ଶିଶୁସାହିତ୍ୟ ପତ୍ରିକା ଆତ୍ମପ୍ରକାଶ କରିନାହିଁ । ଏଥିରୁ ଆଉ ଗୋଟିଏ ବିଷୟ ଉଲ୍ଲେଖଯୋଗ୍ୟ ଯେ ଶିଶୁସାହିତ୍ୟ ପତ୍ରିକାର ସଂଖ୍ୟା ସହିତ ଜିଲ୍ଲାର ସାକ୍ଷରସଂଖ୍ୟା ପରସ୍ପର ସମ୍ବନ୍ଧଶୀଳ ହୋଇଛି । ମାତ୍ର ଏହା ମଧ୍ୟ ଚିତ୍ତାକର୍ଷକ ଯେ କୋରାପୁଟ ଜିଲାର ସାକ୍ଷରତା ସର୍ବନିମ୍ନ ହେଲେହେଁ ଅନ୍ୟ ଉନ୍ନତ ଜିଲ୍ଲାମାନଙ୍କ ତୁଳନାରେ ଅଧିକ ଶିଶୁ ପତ୍ରିକା ପ୍ରକାଶିତ ହୋଇଛି ।

ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ବାହାରେ ୨ଟି ଶିଶୁପତ୍ରିକା ପ୍ରକାଶିତ ହୋଇଛି । ଗୋଟିକର ନାଁ ଜହ୍ନମାମୁଁ ଯାହା ମାନ୍ଦ୍ରାଜରୁ ପ୍ରକାଶିତ ହେଉଥିବା ''ଚାନ୍ଦମାମା''ର ଓଡ଼ିଆ ସଂସ୍କରଣ । ଆଉ ଗୋଟିଏ ଶିଶୁ/କିଶୋର ପତ୍ରିକା ପଣ୍ଡିଚେରୀରୁ ''ନବପ୍ରକାଶ'' ନାମରେ ଆତ୍ମପ୍ରକାଶ କରେ । କିନ୍ତୁ ଆଉ ଗୋଟିଏ ମଜାକଥା ହେଲା ଉପରୋକ୍ତ ପତ୍ରିକାଗୁଡ଼ିକ ମଧ୍ୟରୁ ଶତକଡ଼ା ୮୦ ଭାଗ ବର୍ତ୍ତମାନ ମୃତ ଏବଂ ବାକୀ ଶତକଡ଼ା ୨୦ଭାଗ ପତ୍ରିକା ମଧ୍ୟରୁ ଅଧିକାଂଶ କଟକ ଓ ପୁରୀ ଜିଲ୍ଲାରେ ପ୍ରକାଶିତ ହୋଇଥାଏ । ମନପବନ, ମୀନାବଜାର, ସଂସାର ପ୍ରଭୃତି ମୁଷ୍ଟିମେୟ କେତୋଟି ଲୋକପ୍ରିୟ ପତ୍ରିକା ସେମାନଙ୍କର ରଜତ ଜୟନ୍ତୀ ପାଳନ କରୁଛନ୍ତି ବା ପାଳନ କରିବା ଅବସ୍ଥାରେ ପହଞ୍ଚିଛନ୍ତି ।

**ଉପସଂହାର :**

ଉପରୋକ୍ତ ତଥ୍ୟରୁ ଏହି ସୂଚନା ମିଳେ ଯେ ଦିନକୁଦିନ ଗ୍ରାହକ ସଂଖ୍ୟା ବଢୁଥିଲେ ହେଁ ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାର ଆଙ୍ଗିକ ଓ ଆତ୍ମିକ ଉନ୍ନତି ଆଶାନୁରୂପ ହୋଇପାରିନାହିଁ । ଦିନକୁ ଦିନ ପତ୍ରିକାର ସଂଖ୍ୟା ବଢୁଥିଲେ ହେଁ ସେଗୁଡ଼ିକର ଜୀବନ-କାଳ ଓ ଗୁଣାତ୍ମକମାନ ହ୍ରାସ ପାଉଛି । ଏଥିପାଇଁ କେତେକ ଦୃଢ଼ ପଦକ୍ଷେପ ନନେଲେ ଶିଶୁପତ୍ରିକା ତଥା ଶିଶୁସାହିତ୍ୟର ବିକାଶ ସନ୍ତୋଷଜନକ ହୋଇପାରିବ ନାହିଁ ।

ଏକ୍ଷେତ୍ରରେ ପ୍ରଥମ ଅସୁବିଧା ହେଲା ସଂପାଦନାର ଦୁର୍ବଳତା । ତରୁଣ ଓ ଅନଭିଜ୍ଞ ଲେଖକ ଶିଶୁପତ୍ରିକା ପ୍ରକାଶନକୁ ଏକ ସହଜ ଓ ସୁନାମ ଅର୍ଜନରେ ସରଳ ଉପାୟ ବୋଲି ଭାବି ନେଉଛନ୍ତି । ଶିଶୁମାନଙ୍କ ଉପଯୋଗୀ ଲେଖା ବା ଚିତ୍ରର ଏତେ ଅଭାବ ନାହିଁ । ମାତ୍ର ଅପରିପକ୍ୱ ସଂପାଦନା ଫଳରେ ପତ୍ରିକାଗୁଡ଼ିକର ମାନବୃଦ୍ଧି ଘଟୁନାହିଁ କିମ୍ବା ପତ୍ରିକା ବହୁଦିନ

ପାଇଁ ସ୍ଥାୟୀ ହୋଇପାରୁନାହିଁ । ପ୍ରାଚୀନ "ଜହ୍ନମାମୁଁ" ଓ ଆଜିର "ସଂସାର" ପତ୍ରିକାର ସଂପାଦନାକୁ ଏଦିଗରେ ଆଦର୍ଶ ଭାବରେ ଗ୍ରହଣ କରିବାକୁ ହେବ ।

ଦ୍ୱିତୀୟଟି ହେଲା ଶିଶୁପତ୍ରିକାର ପରିଚାଳନାରେ ବିଶେଷ ତ୍ରୁଟି ପରିଲକ୍ଷିତ ହେଉଛି । ପତ୍ରିକାଗୁଡ଼ିକ କିପରି ସୁଦୃଶ୍ୟହେବ, ଯଥା ସମୟରେ ପ୍ରକାଶିତ ହେବ ଏବଂ ଲେଖକଲେଖିକା ତଥା ଚିତ୍ରକାରମାନେ ସେମାନଙ୍କର ପ୍ରାପ୍ୟ ପାଇବେ (ଖାଲି ଆର୍ଥିକ ନୁହେଁ) ସେଥିପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉନାହିଁ । "ଯେନ ତେନ ପ୍ରକାରେଣ" ପତ୍ରିକାଟି ପ୍ରକାଶିତ ହୋଇଗଲେ ସେମାନଙ୍କର କର୍ତ୍ତବ୍ୟ ସାଙ୍ଗ ହୋଇଗଲାବୋଲି ଧାରଣା ହେଉଛି । ଚିତ୍ରକାର ଓ ଲେଖକଲେଖିକାମାନେ ଆର୍ଥିକ ପାରିଶ୍ରମିକ ପାଇବାତ ଦୂରର କଥା, ପତ୍ରିକାଖଣ୍ଡେ ପାଇବା ମଧ୍ୟ ସମ୍ଭବ ହେଉନାହିଁ ।

ତୃତୀୟତଃ, ଶିଶୁ ଓ କିଶୋରମାନଙ୍କ ପାଇଁ ଲେଖିବା ଖୁବ୍ ସହଜ ବୋଲି ଅନେକଙ୍କର ଧାରଣା । କିନ୍ତୁ ସେମାନଙ୍କ ପାଇଁ ଉପଯୁକ୍ତ ଉଚ୍ଚମାନର ଗଳ୍ପ, କବିତା, ଏକାଙ୍କିକା, ରୂପକ ଆଦି ଲେଖିବା ଯେ ଗଭୀର ମନନଶୀଳତା ଓ ମନସ୍ତାତ୍ତ୍ୱିକତାର ଅପେକ୍ଷା ରଖେ, ଏଥିରେ ଆଦୌ ସନ୍ଦେହ ନାହିଁ । ସେଥିପାଇଁ ନୂତନ ଶିଶୁସାହିତ୍ୟିକ ଓ ଶିଳ୍ପୀମାନଙ୍କୁ ଉପଯୁକ୍ତ ଉତ୍ସାହ ଓ ଦିଗ୍‌ଦର୍ଶନ ପ୍ରଦାନର ଆବଶ୍ୟକତା ରହିଛି ।

ଚତୁର୍ଥତଃ, ଶିଶୁସାହିତ୍ୟ ପତ୍ରିକା ପ୍ରକାଶନ ମଧ୍ୟ ବ୍ୟୟବହୁଳ । କାରଣ ଏଥିରେ ମୁଦ୍ରଣ, ଚିତ୍ରଣ, କାଳି କାଗଜ ଇତ୍ୟାଦିର ବ୍ୟବହାର ଉନ୍ନତ ଧରଣର ହୋଇଥିବାରୁ ଅଧିକ ଅର୍ଥସାପେକ୍ଷ ହେବା ସ୍ୱାଭାବିକ । ତେଣୁ ସରକାରୀ ବିଜ୍ଞାପନଦାନ, ରହାତି ଦରରେ ଭଲ କାଗଜ ଯୋଗାଣ, ଉତ୍ତମ ମୁଦ୍ରଣଯନ୍ତ୍ର ପାଇଁ ସାହାଯ୍ୟ ତଥା ଋଣଦାନ ପ୍ରଭୃତି ପ୍ରେରଣ ଏକାନ୍ତ ବାଞ୍ଛନୀୟ ।

ଶିଶୁସାହିତ୍ୟର ଲେଖକ, ସଂପାଦକ ଓ ଚିତ୍ରକରମାନଙ୍କ ତାଲିମ ଓ କର୍ମଶାଳାର ଆୟୋଜନ ପାଇଁ ଓଡ଼ିଆ ଶିଶୁ, ସାହିତ୍ୟ ଗବେଷଣା ପ୍ରତିଷ୍ଠାନ, ଓଡ଼ିଆ ଶିଶୁସାହିତ୍ୟ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରଭୃତି ସଂସ୍ଥା ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ । ଏଦିଗରେ ପାରସ୍ପରିକ ସାହାଯ୍ୟ ସହଯୋଗ ଓ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ । ଶିଶୁପତ୍ରିକାର କର୍ମକର୍ତ୍ତାଗଣଙ୍କ ତରଫରୁ ଆୟୋଜିତ ଲେଖକଲେଖିକା ସମ୍ମେଳନ ସଂଯୋଜିତ ଓ ସୁପରିଚାଳିତ ହେବା ବାଞ୍ଛନୀୟ । ସାମୟିକ ଭାବରେ ହେଉପଛେ କେତେକ ପତ୍ରିକା ସଂପାଦକ ଓ ପରିଚାଳକ ସେମାନଙ୍କର କୃତୀ ଲେଖକ ଲେଖିକାମାନଙ୍କୁ ସମ୍ବର୍ଦ୍ଧନା ଓ ଉପାୟନ ପ୍ରଦାନ କରିବାର ପ୍ରଶଂସନୀୟ ପଦକ୍ଷେପ ନେଇଥାନ୍ତି । ଶିଶୁସାହିତ୍ୟ ତଥା ପତ୍ରିକାର ସର୍ବାଙ୍ଗୀନ ବିକାଶ ପାଇଁ ସାମୂହିକ ଓ ସକ୍ରିୟ ଉଦ୍ୟମ, ଆନ୍ତରିକ ସାଧନା ଓ ପର୍ଯ୍ୟାପ୍ତ ସରକାରୀ ସାହାଯ୍ୟ ନିତାନ୍ତ ଦରକାର ।

# ଚତୁର୍ଥ ଭାଗ

## ଓଡ଼ିଆ ଶିଶୁସାହିତ୍ୟରେ କେତୋଟି ସମୀକ୍ଷା ଓ ସମାଲୋଚନା

- ଓଡ଼ିଆ ଶିଶୁସାହିତ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ-
  *ପ୍ରଯୋଜନା* : ଶ୍ରୀ ଜଗତ୍‌ଜ୍ୟୋତି ମାଜି
- ଶିଶୁସାହିତ୍ୟରେ ମୋର କଲମ : ପ୍ରଯୋଜନା ଡକ୍ଟର କୃତ୍ତିବାସ ନାୟକ
- ସବୁରି ସହଯୋଗରେ ଶିଶୁସାହିତ୍ୟ ଏକ ସାରସ୍ୱତ ସମାବେଶ
- ଶିଶୁ ଅଧିକାର ଓ ଶିଶୁସାହିତ୍ୟ : ଏକ ଆଲୋଚନା
- ଓଡ଼ିଆ ଶିଶୁସାହିତ୍ୟ : ଏକ ସମୀକ୍ଷା
- ଶିଶୁ ସାହିତ୍ୟ ଓ ଶିଶୁ ଶିକ୍ଷା : ଏକ ଆଲୋଚନା

# ଓଡ଼ିଆ ଶିଶୁସାହିତ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ

### ଉପସ୍ଥାପନା - ଜଗତଜ୍ୟୋତି ମାଝି

ଏଇ କେତେଦିନ ତଳେ ଜଣେ ଉତ୍ସାହୀ ଯୁବକ (ଜଗତଜ୍ୟୋତି) ମୋତେ ବସାରେ ଦେଖାକରି କହିଲେ- ମ୍ୟାଡାମ୍(ଶ୍ରୀମତୀ ନନ୍ଦିନୀ ଶତପଥୀ) ଆପଣଙ୍କ ପରି ୨/୩ ଜଣ ଶିଶୁସାହିତ୍ୟିକଙ୍କ ଠାରୁ ''ଧରିତ୍ରୀ''ର ଜନ୍ମ ସଂଖ୍ୟା ପାଇଁ ଲେଖା ଚାହିଁଛନ୍ତି ।

ମୁଁ ପ୍ରଥମେ ଆଶ୍ଚର୍ଯ୍ୟ ହେଲି ଏବଂ ଯୁବବଂଧୁଙ୍କୁ କହିଲି- ମ୍ୟାଡ଼ାମ୍ ତ ଏବେ ରାଜନୀତିର ଘଟଘଟା ମଧ୍ୟରେ ଖୁବ୍ ବ୍ୟସ୍ତ ହୋଇପଡ଼ିଛନ୍ତି, ସେ କିପରି ପିଲମାନଙ୍କ କଥା ଭାବିବାକୁ ବେଳ ପାଉଛନ୍ତି । ପୁଣି ଆମ ପରି ଲେଖକଙ୍କ କଥା କିପରି ତାଙ୍କର ମନକୁ ଆସିଲା ?

ସେହି ବଂଧୁ କହିଲେ- ନାହିଁ, ସେ ଶିଶୁସାହିତ୍ୟରେ ଖୁବ୍ ଆଗ୍ରହୀ । 'ଧରିତ୍ରୀ'ରେ ନିୟମିତ ଭାବରେ ଏଥିପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଛି । ମୁଁ ତାଙ୍କ ତତ୍ତ୍ୱାବଧାନରେ ଏହାକୁ ସଂପାଦନା କରୁଛି । ଆପଣ ତ ପିଲାମାନଙ୍କ ପାଇଁ ଲେଖନ୍ତି । ଆପଣ ମଧ୍ୟ ଶିଶୁସାହିତ୍ୟ ଏକାଡ଼େମୀର ସଭାପତି । ଶିଶୁସାହିତ୍ୟ ସମିତିର ସଂପାଦକ ରାମପ୍ରସାଦବାବୁଙ୍କୁ ମଧ୍ୟ ମୁଁ କହିଛି । ସେ ଲେଖା ଦେବାକୁ କହିଛନ୍ତି ।

ମୁଁ କହିଲି- ମ୍ୟାଡ଼ାମ ଜଣେ ସୁସାହିତ୍ୟିକା ଓ ସାହିତ୍ୟପ୍ରେମୀ । ଶିଶୁସମାଜ ଜାତିର ସର୍ବୋତ୍କୃଷ୍ଟ ସମ୍ବଳ । ସେମାନଙ୍କ ପାଇଁ ଉନ୍ନତ ସାହିତ୍ୟ ସୃଷ୍ଟି ସେ କାମନା କରିବା ସ୍ୱାଭାବିକ । ତେବେ ଏହି ଲେଖା ପାଇଁ କିଛି ସ୍ୱତନ୍ତ୍ର ଆଭିମୁଖ୍ୟ ଅଛି କି ?

ସେ ବୁଝାଇଲେ- ଆପଣଙ୍କ ପିଲାଦିନେ ଶିଶୁସାହିତ୍ୟ କିପରି ଥିଲା, ଏବେ କିପରି ଅବସ୍ଥାରେ ଅଛି ଏବଂ ଭବିଷ୍ୟତରେ ଆପଣ ତାହା କିପରି ହେବ ବୋଲି ଭାବୁଛନ୍ତି ? ଏହିସବୁ କଥା ଆପଣଙ୍କ ଲେଖାଟିରେ ରହିବା ବାଞ୍ଛନୀୟ ।

ମୁଁ ଟିକିଏ ଚିନ୍ତାରେ ପଡ଼ିଲି । ଗୋଟିଏ ଲେଖାରେ ଏତେ କଥା ! ଛୋଟ ଲେଖାଟିର ବହୁତ ବଡ଼ ଆଭିମୁଖ୍ୟ !! ତେବେ ଯାହାହେଉ ଲକ୍ଷ୍ୟତ ମହାନ୍ । ଉଦ୍ୟମଟିଏ କରାଯାଉ ।

ପ୍ରଥମେ ଆମ ପିଲାଦିନ ଶିଶୁସାହିତ୍ୟର ଅବସ୍ଥା । ସତେ ସେତେବେଳେ ଶିଶୁସାହିତ୍ୟର ସ୍ୱତନ୍ତ୍ର ରୂପ କିଛି ନଥିଲା । ଅବଶ୍ୟ ପିଲାମାନଙ୍କ ପାଇଁ କେତୋଟି ଜୀବନୀ, ଅନୁବାଦ ପୁସ୍ତକ ଆଦି ପ୍ରକାଶ ହୋଇଥିଲା । ଶିଶୁ ପତ୍ରିକାର ତ ନାମଗନ୍ଧ ନଥିଲା । ଯାହା ବି ଥିଲା, ତାହା ଆମପରି ମଫସଲୀ ପିଲାମାନଙ୍କ ଭାଗ୍ୟରେ ପଡ଼ିନଥିଲା । ଗୁରୁବାର ପ୍ରଜାତନ୍ତ୍ରରେ ଜହୁରୀ ଭାଇଙ୍କ ସଂପାଦନାରେ ''ମୀନାବଜାର'' ପରେ ବାହାରିଲା । ତାପରେ ଅନ୍ୟ କେତୋଟି ପତ୍ରିକା ଆତ୍ମପ୍ରକାଶ କରିଥିଲା । ସେଗୁଡ଼ିକ ମଧ୍ୟରେ ''ସଂସାର'', ''ମନ ପବନ'', ''ମୀନାବଜାର'' ପ୍ରଭୃତି ଏପର୍ଯ୍ୟନ୍ତ ଓଡ଼ିଶାର ଶିଶୁମାନଙ୍କ ମଧ୍ୟରେ ପରିଚିତ ହୋଇପାରିଛି ।

ଆଜିକାଲି ଶିଶୁ ସାହିତ୍ୟର ଅବସ୍ଥା ! ନିଶ୍ଚୟ ଉନ୍ନତତର, ଏଥିରେ ସଂଦେହ ନାହିଁ । ବହୁ ପତ୍ରିକା ବର୍ତ୍ତମାନ ଶିଶୁମାନଙ୍କ ପାଇଁ ପ୍ରକାଶିତ । ମୁଁ ଗୋଟିଏ ସର୍ବେକ୍ଷଣ (Survey) କରି ଜାଣିପାରିଛି ଯେ ଏପର୍ଯ୍ୟନ୍ତ ଓଡ଼ିଶାରେ ଗତ ୮୦ ବର୍ଷ (ପ୍ରଥମ ଓଡ଼ିଆ ଶିଶୁସାହିତ୍ୟ-ପତ୍ରିକା ''ପ୍ରଭାତ'' ୧୯୦୯ରେ ପ୍ରକାଶିତ) ମଧ୍ୟରେ ପ୍ରାୟ ୨୫୦ଟି ଶିଶୁ ପତ୍ରିକା ପ୍ରକାଶିତ ହୋଇଛି । ମାତ୍ର ଆମ ଦେଶରେ ଶିଶୁମୃତ୍ୟୁ (Child mortality) ପରି ଶିଶୁପତ୍ରିକାର ମୃତ୍ୟୁ । ଏତେ ସଂଖ୍ୟକ ପତ୍ରିକା ମଧ୍ୟରୁ ପ୍ରାୟ ୫୦ଟି ଆଜିକାଲି ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରକାଶିତ ହେଉଛି । ମାତ୍ର ୮/୧୦ଟି ଶିଶୁ ଓ କିଶୋରମାନଙ୍କ ପତ୍ରିକାକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଅନୁପଯୁକ୍ତ । ଭାଷାରେ ଥିବା ଭୁଲଗୁଡ଼ିକ ଅକ୍ଷମଣୀୟ, ତଥ୍ୟଗତ ଭ୍ରମ ଅକଳନୀୟ, ବିଷୟଗତ ଅନୁପଯୋଗିତା ଅଚିନ୍ତନୀୟ ଏବଂ ପତ୍ରିକାଗୁଡ଼ିକର କାଗଜ, ଛପା ଓ ଚିତ୍ରର ଅବସ୍ଥା ନିତାନ୍ତ ଶୋଚନୀୟ ।

ଏଥିପାଇଁ କାହାକୁ ଦାୟୀ କରିବା ? ଲେଖକ ? ସଂପାଦକ ? ପ୍ରକାଶକ ? ଲେଖକର ଦାୟିତ୍ୱ ନିଶ୍ଚୟ ସ୍ୱୀକାର କରିବାକୁ ହେବ । ପିଲାମାନଙ୍କ ପାଇଁ ଲେଖିବା ନିମନ୍ତେ ଯେଉଁ ସାଧନା ବା ପ୍ରସ୍ତୁତି ଆବଶ୍ୟକ, ସେମାନଙ୍କର ନାହିଁ ବା ଅର୍ଜନ କରିବା ପାଇଁ ଧୈର୍ଯ୍ୟ ନାହିଁ । ତେବେ ସେମାନଙ୍କ ଲେଖା ଅନୁପଯୋଗୀ ହେଲେ ପ୍ରକାଶ କରିବାକୁ କେହି ବାଧ୍ୟ ନୁହେଁ । ପୁଣି ବାଳକୃଷ୍ଣ କର, ବୀରକିଶୋର ଦାସ, ରାମକୃଷ୍ଣ ନନ୍ଦ ଓ ରାମପ୍ରସାଦ ମହାନ୍ତିଙ୍କ ପରି ସଂପାଦକ ଲେଖାଗୁଡ଼ିକୁ ସଂପାଦନା ତଥା ସଂଶୋଧନ କରି ସେମାନଙ୍କର ପତ୍ରିକାରେ ଛାପୁଥିଲେ ବା ଛାପୁଛନ୍ତି । ମାତ୍ର ଆଜିକାଲି କେତେଜଣ ସଂପାଦକ ଏହା କରୁଛନ୍ତି ବା କରିପାରିବେ ?

ତାପରେ ସଂପାଦକଙ୍କ ଦାୟିତ୍ୱ । ଲେଖକ ତିଆରି କରିବାରେ ସଂପାଦକଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେମାନେ ତେଣୁ ନିଜକୁ ସେଥିପାଇଁ ପ୍ରସ୍ତୁତ କରିବାକୁ ହେବ । ସବୁ ପ୍ରକାର-ମାନସିକ, ଶାରୀରିକ ଓ ମନସ୍ତାତ୍ତ୍ୱିକ ଭାବରେ । ଅର୍ଥାତ୍ ଅଧିକ ପଢ଼ି, ଅଧିକ ଜାଣି, ଅଧିକ ଲେଖି ନିଜର ମାନସିକ ସାମର୍ଥ୍ୟର ବିକାଶ ଘଟାଇବା ଉଚିତ । ପିଲାମାନଙ୍କ ପାଇଁ ନିର୍ଭୁଲ (ଭାଷାଗତ, ତଥ୍ୟଗତ, ବିଷୟଗତ ଓ ପରିବେଷଣଗତ) ସାହିତ୍ୟ ସୃଷ୍ଟି କରିବାକୁ ହେବ । ଉପଯୁକ୍ତ ମାନସିକ ପ୍ରସ୍ତୁତି ବ୍ୟତୀତ ଶିଶୁ ତଥା କିଶୋର ସାହିତ୍ୟ ପତ୍ରିକାର ସଂପାଦକ ହେବାର ଗୌରବ ଲାଭ କରିବା ସହଜ ନୁହେଁ । ଶାରୀରିକ ପ୍ରସ୍ତୁତି କହିବାର ଉଦ୍ଦେଶ୍ୟ ହେଲା, ଏଥିପାଇଁ ସଂପାଦକ ଅଧିକ କଷ୍ଟ ସ୍ୱୀକାର କରିବେ । ସେମିତି ମନସ୍ତାତ୍ତ୍ୱିକ ପ୍ରସ୍ତୁତିର ଲକ୍ଷ୍ୟ ହେଲା, ସେମାନେ ସହଜରେ ସାଧକ ହୋଇପାରିବେ ନାହିଁ । ସେଥିପାଇଁ ଦୀର୍ଘ ଓ ନିରବଚ୍ଛିନ୍ନ ପ୍ରସ୍ତୁତି ଦରକାର । ହଠାତ୍ ପ୍ରତିଷ୍ଠାଲାଭ କରିବା ବା ସହଜରେ ଅର୍ଥଲାଭ କରିବାର ଲୋଭ ସମ୍ବରଣ କରିବାକୁ ହେବ । ନଚେତ୍ ପିଲାମାନଙ୍କର ଉପକାର କରିବା ବଦଳରେ ଅପକାର କରୁଛନ୍ତି ବୋଲି କହିବାକୁ ହେବ ।

ତାପରେ ପ୍ରକାଶକର ଦାୟିତ୍ୱ । ସାଧାରଣତଃ ଆମ ରାଜ୍ୟରେ ପ୍ରକାଶକ ଓ ସଂପାଦନକ ସ୍ୱତନ୍ତ୍ର ନୁହନ୍ତି । ମାତ୍ର ମନପବନ, ମୀନାବଜାର, ଶିଶୁଲେଖା ଆଦି କ୍ଷେତ୍ରରେ ଏହି ସ୍ୱାତନ୍ତ୍ର୍ୟ ସ୍ୱୀକାର କରିବାକୁ ହେବ । ପ୍ରକାଶକ ସାଧାରଣତଃ ସମସ୍ତ ଅର୍ଥବ୍ୟୟ କରିଥାନ୍ତି । ତେଣୁ ସେମାନେ ପତ୍ରିକାର ଅଧିକ ପ୍ରସାର କାମନା କରିବା ସ୍ୱାଭାବିକ । ମାତ୍ର ସେମାନେ ଏଥିପାଇଁ ଅଧିକ ବ୍ୟୟ କରୁଛନ୍ତି ଓ କ୍ଷତି ସହୁଛନ୍ତି ବୋଲି କହନ୍ତି । ଏହା ହୁଏତ ମିଥ୍ୟା ହୋଇପାରେ ବା ଏଥିପାଇଁ ପରିଚାଳନାଗତ ଦୋଷ ଦାୟୀ ହୋଇପାରେ । ନଚେତ୍ ସୁପରିଚାଳିତ ଓ ସୁସଂପାଦିତ ଶିଶୁପତ୍ରିକା ପ୍ରକାଶନରେ କ୍ଷତିହେବା ଅନୁଚିତ । ଟାଲି ନଜାଣି ବାଟର ଦୋଷ । ମାନ୍ଦ୍ରାଜରୁ ପ୍ରକାଶିତ "ଜହ୍ନମାମୁଁ" ପରି ଅନୁବାଦ ଆଧାରିତ ଓ ବୟସ୍କମାନଙ୍କ ପାଇଁ ବହୁଲେଖା ପରିପୁଷ୍ଟ ପତ୍ରିକା ଓଡ଼ିଶା ଭୂଇଁରେ ଅନ୍ୟୁନ ୨୦/୩୦ ହଜାର ବିକ୍ରିହେଉଥିଲା ବେଳେ ମୌଳିକ ଓ ନିରୋଳା ଶିଶୁଲେଖାକୁ ନେଇ ପ୍ରକାଶିତ ଶିଶୁପତ୍ରିକା ଅନାଦୃତ ଓ କ୍ଷତିସାପେକ୍ଷ ହେବ କାହିଁକି ?

ଏହି ପ୍ରସଙ୍ଗରେ ଶିଶୁପୁସ୍ତକ କଥା କହିବା ମଧ୍ୟ ଦରକାର ଶିଶୁସାହିତ୍ୟର ଲେଖକମାନଙ୍କ ମଧ୍ୟରେ ସାଧନାର ଅଭାବ ରହିଛି ସତ୍ୟ । ମାତ୍ର ଅନେକଙ୍କ ମଧ୍ୟରେ ଉଜ୍ଜ୍ୱଳ ପ୍ରତିଭାର ସନ୍ଧାନ ମିଳିଥାଏ ସେମାନଙ୍କର ଯତ୍ନନେଲେ ରତ୍ନ ମିଳିବ । ଅନୁପଯୁକ୍ତ ଶିଶୁସାହିତ୍ୟିକ ସ୍ୱତଃ ଅବହେଳିତ ହେବେ ବା ସେମାନେ ନିଜକୁ ସମର୍ଥ କରିବାକୁ ସଚେଷ୍ଟ

ହେବେ । ଯେଉଁମାନେ ସରସ ଓ ସଫଳ ଶିଶୁସାହିତ୍ୟ ଲେଖୁଛନ୍ତି, ସେମାନଙ୍କୁ ଉତ୍ସାହ ଦେବାକୁ ହେବ, ପ୍ରେରଣା ଦେବାକୁ ହେବ । ଏଥିପାଇଁ ନାସିକା କୁଞ୍ଚନ କଲେ ବା ଈର୍ଷାପରାୟଣ ହେଲେ ଚଳିବ ନାହିଁ ।

ଏବେ ମଧ୍ୟ ଶିଶୁସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ପକ୍ଷେ ସମ୍ଭବ ହୋଇନାହିଁ । ସେମାନେ ନିଜେ ଲେଖିପାରୁନାହାନ୍ତି ବା ଲେଖିବାକୁ ଘୃଣା କରୁଛନ୍ତି । ଅଥଚ ଶିଶୁସାହିତ୍ୟିକଗଣ ପ୍ରଶଂସା ବା ଅଧିକ ପ୍ରାପ୍ୟ ପାଇଲେ ସେମାନଙ୍କର ଦେହ ସହୁନାହିଁ । ଲିଓ ଟଲଷ୍ଟୟ, ରବୀନ୍ଦ୍ରନାଥଙ୍କ ପରି ସୁସାହିତ୍ୟିକ ମଧ୍ୟ ଶିଶୁସାହିତ୍ୟ ରଚନାରେ ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି । ମାତ୍ର ଆମର ତଥାକଥିତ ସାହିତ୍ୟରଥୀଗଣ ଶିଶୁସାହିତ୍ୟକୁ ଉପଯୁକ୍ତ ସମ୍ମାନ ଦେବାକୁ ଏପର୍ଯ୍ୟନ୍ତ ଶିଖିନାହାନ୍ତି ।

ସଂପ୍ରତି ଅପରେସନ ବ୍ଲାକ୍‌ବୋର୍ଡ଼ ବା କଳାପଟା ଅଭିଯାନ ନାଁରେ ଅନ୍ୟପଦାର୍ଥଗୁଡ଼ିକ ସହିତ ଶିଶୁ ଉପଯୋଗୀ ପୁସ୍ତକ ଓ ପତ୍ରିକାଗୁଡ଼ିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଯୋଗାଇବା ପାଇଁ କେନ୍ଦ୍ରସରକାର ଅର୍ଥ ପ୍ରଦାନ କରୁଛନ୍ତି । ମାତ୍ର ବିଭିନ୍ନ କାରଣରୁ ଉପଯୁକ୍ତ ପୁସ୍ତକ ଓ ପତ୍ରିକା ନିର୍ବାଚନ ସମାଲୋଚିତ ହୋଇଛି । ସେଥିପାଇଁ ରାଜନୀତିଜ୍ଞ ଓ ପ୍ରକାଶକଙ୍କୁ ମୁଖ୍ୟତଃ ଦାୟୀ କରାଯାଇଥାଏ । ପ୍ରଶାସନିକ ଦୋଷତ୍ରୁଟି ବା ଶିଥିଳତା ରହିବା ମଧ୍ୟ ସ୍ୱାଭାବିକ । ଅନେକ ଈର୍ଷାପରାୟଣ ହୋଇ ବା ନିଜ ସ୍ୱାର୍ଥସାଧନ ପାଇଁ ସମାଲୋଚନା କରୁଛନ୍ତି ।

କଳାପଟା ଅଭିଯାନ ଶିଶୁସାହିତ୍ୟ କ୍ଷେତ୍ରରେ ସ୍ୱର୍ଣ୍ଣଯୁଗର ସୂଚନା ଦେଇଥାଏ । ଲେଖକ ଓ ପ୍ରକାଶକମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଯେଉଁ ବହି ବର୍ଷ ବର୍ଷ ଧରି ଏକହଜାର କପି ବିକ୍ରି ହୋଇପାରେ ନାହିଁ, ସେହି ବହି ଆଜି ଆଠଦଶହଜାର ସଂଖ୍ୟାରେ କିଣାଯାଇ ପାରିବ । ମାତ୍ର ଦୁଃଖର କଥା ଏହା ଯେ ଅନେକ ପ୍ରକାଶକ ପ୍ରଲୁବ୍ଧ ଓ ବୁଭୁକ୍ଷୁ ବୁଢ଼ିଆଣୀ ପରି ବହୁଜଟିଳ ଜାଲ ବିସ୍ତାର କରି ଚାଲିଛନ୍ତି ଏବଂ ଏହି ବିକ୍ରୟଲବ୍ଧ ଧନକୁ ଶତକଡ଼ା ପନ୍ଦରଭାଗ ମଧ୍ୟ ଲେଖକଙ୍କୁ ଦେବା ପାଇଁ କୁଣ୍ଠିତ ହେଉଛନ୍ତି । ଏଥିପାଇଁ ସେମାନେ ନାନା ଅନ୍ତରାଳ ଓ ଗୁପ୍ତ ଖର୍ଚ୍ଚର ଆଳ ଦେଖାଇ ବା ସତ୍ୟପ୍ରକାଶ କରୁଥିଲେ ହେଁ ବିଚରା ଲେଖକଙ୍କୁ ତାଙ୍କର ନିମ୍ନତମ ଅଧିକାରରୁ ବଂଚିତ କରିବା ଶୋଭନୀୟ ତଥା ସଠିକ ହେଉନାହିଁ ।

ମୁଣି ଜଣେ ଜଣେ ପ୍ରଶାସକ ତଥା ସାହିତ୍ୟିକ ଶିଶୁସାହିତ୍ୟକୁ ଏପରି ପ୍ରୋତ୍ସାହନ ଦାନକୁ ବନ୍ଦ କରିବା ପକ୍ଷରେ ଯୁକ୍ତି କରୁଛନ୍ତି । ଏହା ଦ୍ୱାରା ଉପଯୁକ୍ତ ପୁସ୍ତକ ନିର୍ବାଚିତ

ହେଉନାହିଁ ବା ଲେଖକ ତାର ଉପଯୁକ୍ତ ପ୍ରାପ୍ୟ ପାଉନାହିଁ ବୋଲି କୁହାଯାଉଛି । ମାତ୍ର ଶିରବ୍ୟଥା ଯୋଗୁଁ ଶିରଚ୍ଛେଦ କରିବା ଯାହା, ପୁସ୍ତକ ନିର୍ବାଚନ ତଥା ସଂପୃକ୍ତ ବ୍ୟକ୍ତିଙ୍କୁ ଉଚିତ ପ୍ରାପ୍ୟପ୍ରଦାନରେ ଅସୁବିଧା ଯୋଗୁଁ ଶିଶୁ ସାହିତ୍ୟ କ୍ରୟକୁ ବନ୍ଦ କରିବା ତାହା । ଉପଯୁକ୍ତ ପ୍ରଶାସନିକ ପଦକ୍ଷେପ ନନେଇ ଏହିପରି ଅସୂୟାମୂଳକ ତଥା ଅବିଚାରମୂଳ ମନ୍ତବ୍ୟ ଦେବା ଆତ୍ମଘାତୀ ବୋଲି କହିବାକୁ ହେବ । ଶିଶୁସାହିତ୍ୟର ବିକାଶ ପାଇଁ ଏହି ସୁଯୋଗକୁ ଅବହେଳା କରିବା ସେମାନଙ୍କର ନୈତିକ ଅପରାଧ ହେବ ।

ଶିଶୁସାହିତ୍ୟର ବିକାଶ ପାଇଁ ଭବିଷ୍ୟତ ବହୁ ସୁଯୋଗ ଧରି ଦଣ୍ଡାୟମାନ । କେବଳ ତାର ସଦୁପଯୋଗ କରିବା ଆଜିର ଲେଖକ, ପ୍ରକାଶକ, ଚିତ୍ରକର ଓ ସଂପାଦକମାନଙ୍କର ଏକ ଗରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ଆଜିର ମୁଦ୍ରଣଶିଳ୍ପ ବହୁ ରଙ୍ଗୀନ ଚିତ୍ର ଓ ସ୍ୱଷ୍ଟ ସୁନ୍ଦର ମୁଦ୍ରଣର ସୁବିଧା ଦେଇଛି । ରେଡ଼ିଓ, ଟେଲିଭିଜନ, ଚଳଚିତ୍ର ଆଦି ବହୁ ମାଧ୍ୟମରେ ଶିଶୁସାହିତ୍ୟର ପରିବେଷଣ ଓ ପରିପ୍ରଚାର ସମ୍ଭବ ହୋଇଛି । ତେଣୁ ଶିଶୁ ସାହିତ୍ୟକୁ ଆଜିଠାରୁ ଏଥିପାଇଁ ପ୍ରସ୍ତୁତ କରିବାକୁ ହେବ । ଯେଉଁ ସମାଜ, ଯେଉଁ ରାଜ୍ୟ ଓ ଯେଉଁ ବ୍ୟକ୍ତି ଏଦିଗରେ ଅବହେଳା କରିବ, ସେ ନିଶ୍ଚୟ ଅନୁତାପ କରିବ; ପ୍ରଗତି ପରିବର୍ତ୍ତେ ସେ ହେବ ଅଧୋଗତି ବା ଦୁର୍ଗତିର ଶିକାର !

ଆଗାମୀ ଶିଶୁ ସମାଜକୁ ଉପଯୁକ୍ତ ଭାବରେ ଗଢ଼ିବାକୁ ହେଲେ ଆଜିର ଶିଶୁସାହିତ୍ୟ ନିଜକୁ ସରସ, ସୁନ୍ଦର ଓ ସମୃଦ୍ଧ କରିବାକୁ ହେବ । ଶିଶୁସାହିତ୍ୟର ସାଧକମାନଙ୍କୁ ନୂତନ ସୂର୍ଯ୍ୟର ଅରୁଣିମାରେ ସାଧନାଦୀପ୍ତ ଓ ଆଶାନ୍ୱିତ ହେବାକୁ ପଡ଼ିବ । ନିଜେ ଦୃଢ଼ପାଦରେ ଦଣ୍ଡାୟମାନ ହେବା ସଂଗେ ସଂଗେ ଅନ୍ୟକୁ ସାହସ ଓ ଶକ୍ତି ଦେବାକୁ ସେମାନେ ନିଜର ହସ୍ତ ପ୍ରସାରଣ କରିବା ଉଚିତ । ସବୁରି ସହଯୋଗରେ ଭବିଷ୍ୟତର ଶିଶୁ ସାହିତ୍ୟ ସମୁଜ୍ଜ୍ୱଳ ଓ ସାର୍ଥକ ହୋଇପାରିବ, ଏହା ଆଶା ଓ ବିଶ୍ୱାସ ।

(**ଧରିତ୍ରୀ,** ବିଶେଷାଙ୍କ, ଡିସେମ୍ବର ୩୦, ୧୯୮୯)

# ଶିଶୁସାହିତ୍ୟରେ ମୋର କଲମ

## ସଂଯୋଜନା : ଡକ୍ଟର କୃତ୍ତିବାସ ନାୟକ

ଏଇ ନାଁରେ ଲେଖାଟିଏ ଦେବାକୁ କୃତ୍ତିବାସବାବୁଙ୍କ ଠାରୁ ଯେତେବେଳେ ଅନୁରୋଧ ପାଇଲି, କ'ଣ ଲେଖିବାକୁ ହେବ ଭାବିଲି । ଶିଶୁ ସାହିତ୍ୟରେ ମୁଁ କିପରି କଲମ ଚଳାଇଲି, ସେଇ କଥା ଏଥିରେ ଲେଖିବାକୁ ଠିକ୍ କଲି ।

ପିଲାଦିନଟି ମୋର ବହୁ ଅଭାବ ଅସୁବିଧା ମଧ୍ୟରେ କଟିଥିଲା । ପାଠପଢ଼ିଲା ବେଳେ ଦରମା ଦେବାଠାରୁ ବହି କିଣିବା, ଏମିତିକି ଠିକ୍ ସମୟରେ ଗଣ୍ଡେ ଖାଇ ସ୍କୁଲ୍‌କୁ ଯିବା ମଧ୍ୟ ସକ୍ଷମ ହେଉନଥିଲା । ତେଣୁ ମୁଁ ଦିଅଁଙ୍କୁ ଡାକେ । ତାଙ୍କୁ ଗୁହାରି ଜଣାଏ ।

ମନର କଥାକୁ ଥରେ ଥରେ ଖଣ୍ଡେ ଖଣ୍ଡେ କାଗଜରେ ଲେଖିଦିଏ । ସେଥିରେ ମନ ହାଲୁକା ହୁଏ । ଶାନ୍ତି ଲାଗେ, ପରେ ତାକୁ ପଢ଼ି ଆନନ୍ଦ ପାଏ ।

ଆମ ଗାଁଟି ଛୋଟ । ଗୋଟିଏ ବଡ଼ ପୋଖରୀର ତିନି ପାଖରେ ତିନୋଟି ପଡ଼ା । ଗୋଟିଏ ରାଉତ ସାହି, ଗୋଟିଏ ଖଟେଇ ସାହି, ଆଉ ଗୋଟିଏ ମହାନ୍ତି ସାହି । ସାଇପଡ଼ିଶା ଭାଇଭାଇ ହୋଇ ଏଇ ଗାଁର ଲୋକମାନେ ଚଳୁଥିଲେ । ସୁଖଦୁଃଖରେ ସାଥୀ ହୋଉଥିଲେ । ବିପଦ ଓ ସମ୍ପଦରେ ଭାଗୀ ହେଉଥିଲେ ।

ସେଇ ପୋଖରୀଟି ଖୁବ୍ ବଡ଼ ଥିଲା । ତାର ନେଳିଆ ପାଣିରେ ଲହରୀ ଖେଳୁଥିଲା । କଇଁଫୁଲ ଅସୁମାରି ଫୁଟେ । ତାର ଗୋଲ ଗୋଲ ପତ୍ରରେ ପୋଖରୀର ଗୋଟିଏ ଗୋଟିଏ ଅଂଶ ଭରପୂର ହୋଇଥାଏ । ପାଣି ମଧ୍ୟ ଦିଶେ ନାହିଁ । କେତେ ଜାତିର ଚଢ଼େଇ ପାଣି ଉପରେ ପହଁରି ବୁଲନ୍ତି । ଖିଚିରି ମିଚିରି ଶବ୍ଦ କରନ୍ତି ।

ନୀଳଗଙ୍ଗେଇ ଚଢ଼େଇ ଉପରୁ ପାଣି ଭିତରକୁ କୁଦି ପଡ଼େ । ଟିକିଟିକି ମାଛ ଶିକାର କରେ । ମାଛରଙ୍କା ଚଢ଼େଇ ଡେଣା ମେଲି ଘୂରିବୁଲେ । ପାଣିକୁଆ ଲମ୍ବା ଥଣ୍ଟ ଟେକି ପହଁରି ଥାଏ । ଥରେ ଥରେ ପାଣିରେ ବୁଡ଼ିଯାଇ ମାଛ ଧରେ । ଥଣ୍ଟରେ ତାକୁ ଧରି ଖପ୍‌ଖପ୍ ଖାଇଦିଏ । ସତେ, ଭାରି ମଜା ଲାଗେ ଦେଖିବାକୁ ।

ପୋଖରୀ ଉପରେ ପବନ ବହିଯାଏ । ନିଜେ ଶୀତଳ ହୁଏ ଆଉ ଆମକୁ ଛୁଇଁ ଆମ ଦେହକୁ ଶୀତଳ କରିଦିଏ । ପାଣିରେ ଲହରୀ ଉଠାଏ । ତା'ଉପରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ

ପଡ଼ି ଢ଼ଳଢ଼ଳ କରେ । ଅସୁମାରି ତାରା ସତେ ଯେମିତି ସେଇ ପାଣିରେ ଫୁଟି ଉଠେ । ଚଉଦିଗ ଝିଲମିଲ୍ ଦିଶେ । ଏସବୁ ଦେଖି ମୋର ମନ ଖୁସି ହୋଇଯାଏ । ଛୋଟ ଛୋଟ କବିତାରେ ସେଇସବୁ କଥା ଲେଖି ପକାଇବାକୁ ଚେଷ୍ଟା କରେ । କେତେବେଳେ ରଫ୍‌ଖାତାରେ ତ କେତେବେଳେ ଛିଣ୍ଡା କାଗଜଖଣ୍ଡରେ ।

ପ୍ରାଥମିକ ଶିକ୍ଷା ପରେ ଶିଙ୍ଗପାନିଆ ମାଇନର ସ୍କୁଲ୍‌ରେ ନାଁ ଲେଖାଇଲି । ସାଧୁ ପଣ୍ଡିତେ ଆମକୁ ସାହିତ୍ୟ ପଢ଼ାଇଲେ । ଥରେ ଥରେ ରଚନା ଓ ପତ୍ର ଲେଖାନ୍ତି । ଲଣ୍ଡା ବରଗଛ ଆଉ ହଡ଼ା ବଳଦର ଆତ୍ମକାହାଣୀ ଲେଖିବାକୁ ଦିଅନ୍ତି । ମୁଁ ସେଥିରେ ମୋର ମନ କଥା ଲେଖିଦିଏ । ଭଲ ହୁଏ ବୋଲି ମୋର ସେ ଶ୍ରେଣୀରେ ତାକୁ ପଢ଼ି ଶୁଣାନ୍ତି । ଏମିତି ଲେଖିବାକୁ ଉତ୍ସାହ ଦିଅନ୍ତି । ମନରେ ଆନନ୍ଦ ହୁଏ, ଉତ୍ସାହ ଆସେ ।

ତା'ପରେ ମାଟ୍ରିକ୍ ପଢ଼େ ନୂଆହାଟରେ ନୂଆଖୋଲିଥିବା ସ୍କୁଲଟିରେ । ସ୍କୁଲର ଘରଦ୍ୱାର, ଶିକ୍ଷକ, ଉପକରଣ ଆଦି ସବୁଥିରେ ଅଭାବ ଅସୁବିଧା । ଯେଉଁ ପିଲାଙ୍କର ଅବସ୍ଥା ଅନ୍ୟ ସ୍କୁଲ୍‌କୁ ଯାନ୍ତି । ଆମପରି ଯେଉଁମାନଙ୍କର ଅଭାବ, ସେମାନେ ଏଠାରେ ପଢ଼ନ୍ତି । ସୁଖଦୁଃଖର ଅନୁଭୂତିକୁ ନେଇ ମୁଁ କଲମ ଚଳାଏ । ଅସୁବିଧା ଭିତରେ ପାଠପଢ଼େ । ଶେଷରେ ସେଇ ହାଇସ୍କୁଲ୍ ମଞ୍ଜୁରୀ ପାଇଲା ନାହିଁ । ଆମେ କେତେଜଣ ନିମାପଡ଼ା ହାଇସ୍କୁଲ୍‌ର ଘରୋଇ ଛାତ୍ର ଭାବରେ ପୁରୀ ଜିଲ୍ଲାସ୍କୁଲ୍ କେନ୍ଦ୍ରରେ ପରୀକ୍ଷା ଦେଲୁ । ମୁଁ ଏକା ମାଟ୍ରିକ୍ ପାସ୍ କଲି, ଆମ ସ୍କୁଲ୍‌ର ଅନ୍ୟ ପିଲାମାନେ ଫେଲ ହୋଇଗଲେ ।

ମୋର ଜଣେ ଦାଦିପୁଅ ଯୋଗୀଭାଇ ମୋତେ ପାଠପଢ଼ାରେ ଭାରି ସାହାଯ୍ୟ କରୁଥିଲେ । ପାଠପଢ଼ାଇ ଦେଉଥିଲେ, ମାଟ୍ରିକ୍ ପାସ୍ କଲେ ପୁରୀ କଲେଜରେ ପାଠ ପଢ଼ାଇବାର ସ୍ୱପ୍ନ ଜଗାଇଦିଅନ୍ତି । ସେ ନିଜେ ପୁରୀ କଲେଜରେ ପାଠପଢୁଥିଲେ । ଛୁଟିରେ ଗାଁକୁ ଆସି ମୋତେ ପାଠପଢ଼ାନ୍ତି, ନୂଆ ଆଶା ଦିଅନ୍ତି ।

ମୋର ବଡ଼ ଭାଇ ମଧ ପୁରୀରେ ଚାକିରୀ କରୁଥିଲେ । ତେଣୁ ଖରାଛୁଟିରେ ପୁରୀକୁ ଗଲି । ଗାଁରୁ ଚାଲି ଚାଲି ଯାଉ । ପ୍ରାୟ ୩୦ କିଲୋମିଟର ଦୂର । ସକାଳୁ ବାହାରି ସଞ୍ଜ ଲାଗିଲାବେଳକୁ ପୁରୀରେ ହାଜର । ବାଟରେ ଖରାବେଳେ ରୋଷେଇ ହୁଏ ତ ଜଳଖିଆରେ କାମ ଚଳେ ।

୧୯୫୩ ମସିହାର କଥା । ପୁରୀ କଲେଜର ନାଁ ଲେଖାଇବାକୁ ମନ । ଘରେ କିନ୍ତୁ ଅଭାବର ଅନ୍ଧାର ଘୋଟିରହିଥାଏ । ବଡ଼ ଭାଇ ତେଣୁ ମୋତେ ଚାକିରୀ ବା ତାଲିମ ଲେ

ପୂରାଇଦେବାକୁ ଚାହିଁଥିଲେ । ବାପାତ ମାଇନର ପଢ଼ିଲାବେଳୁ ସେ ପୁରକୁ ଚାଲିଯାଇଥିଲେ ।

ପୁରୀ ସହରର ଦରିଆ କୂଳ, ଦେଉଳବେଢ଼ା ଆଉ ପାଠାଗାର ମଧ୍ୟରେ ମୁଁ ଘୂରିବୁଲେ । ଖରାବେଳେ ଦରିଆ କୂଳରେ ବୁଲେ । ପାଖରେ ଥିବା କେଉଁ ଘରବାରଣ୍ଡାରେ ବସି କେତେ କ'ଣ ଗାରେଇଯାଏ । ସଂନ୍ଧ୍ୟାହେଲେ ପୁରୀ ଟାଉନହଲ, ରାମକୃଷ୍ଣ ମିସନ ପାଠାଗାର କିମ୍ବା ସିଂହଦ୍ୱାର ପାଖ ରଘୁନନ୍ଦନ ପାଠାଗାର ମଧ୍ୟରେ ପଢ଼ାପଢ଼ି କରେ । ଦିନେ ଦିନେ ବଡ଼ ଦେଉଳକୁ ଯାଇ ତିନିଠାକୁରଙ୍କୁ ଦର୍ଶନ କରେ । ଲକ୍ଷ୍ମୀଙ୍କ ଆଗରେ ବା ବେଢ଼ାରେ ବସି କିଛି ସମୟ କଟାଏ ।

ପୁରୀ କଲେଜରେ ନାଁ ଲେଖାଇଲି । ବଡ଼ ବଡ଼ ଅଧାପକ ପାଠ ପଢ଼ାଇଲେ । ସାହିତ୍ୟରଥୀ ସର୍ବଶ୍ରୀ ରାଜକିଶୋର ରାୟ, କାହ୍ନୁ ଚରଣ ମିଶ୍ର, ଚିନ୍ତାମଣି ବେହେରା ଓ ଉପେନ୍ଦ୍ର ମିଶ୍ର ଓଡ଼ିଆ ସାହିତ୍ୟ ପଢ଼ାଇଲେ । ମୋର ଲେଖାଲେଖିରେ ଖୁସିହେଲେ । ମୋତେ ଉତ୍ସାହ ଦେଲେ ।

ସେତେବେଳେ ଆଜିକାଲି ପରି ଏତେ ସଂଖ୍ୟାରେ ଶିଶୁପତ୍ରିକା ନଥିଲା । କେବଳ ''ମୀନାବଜାର'' ଓ ''ସଂସାର'' ଥିଲା ଶିଶୁ ସାହିତ୍ୟର ପତ୍ରିକା । ''ମନ ପବନ'' ପରେ ଆସିଲା । 'ଡଗର'ରେ 'ନାଗବଚା' ନାଁରେ କୋଚୋଟି ପୃଷ୍ଠା ଶିଶୁସାହିତ୍ୟ ପାଇଁ ଥାଏ । ଗୁରୁବାର ପ୍ରଜାତନ୍ତ୍ରରେ ପିଲାଙ୍କ ଲେଖା ପ୍ରକାଶ ପାଏ । ନିତାନ୍ତ ଚିହ୍ନାଜଣା ନଥିଲେ ଲେଖାଟିଏ କାହାର ବାହାରିବା କାଠିକର ପାଠ, ତେଣୁ ସାହସ ହୁଏ ନାହିଁ ।

ମୋର ଗୋଟିଏ ଲେଖା ପ୍ରଥମେ ପ୍ରଜାତନ୍ତ୍ରର ସାପ୍ତାହିକ ମୀନାବଜାରରେ ବାହାରିଥିଲା । ମାତ୍ର ଏବେ ତାର ଚିହ୍ନବର୍ଣ୍ଣ ନାହିଁ । ୧୯୫୬ ମସିହା ଫେବୃୟାରୀ ସଂଖ୍ୟା ''ସଂସାର''ରେ ଗୋଟିଏ ଇଂରାଜୀ କାହାଣୀ ଛାୟାରେ ଲିଖିତ ''ଦାର୍ଶନିକ'' ଗଳ୍ପଟିଏ ପ୍ରକାଶ ପାଇଥିଲା । ସେତେବେଳେ କଲିକତାରୁ ପ୍ରକାଶ ପାଉଥିବା ''ଶ୍ରମିକ'', ''ଆସନ୍ତାକାଲି'', କଲେଜ ପତ୍ରିକା, ବ୍ରହ୍ମପୁରରୁ ବାହାରୁଥିବା ''ଛାତ୍ର''. କଟକରୁ ବାହାରୁଥିବା ''ନବଜୀବନ'', ପୁରୀରୁ ପ୍ରକାଶ ପାଉଥିବା ''ବାଣୀ''ରେ ମୋର ଲେଖାମାନ ସ୍ଥାନ ପାଇଥିଲା । ୧୯୫୮ ବର୍ଷ କଟକ ରାଧାନାଥ ଟ୍ରେନିଂ କଲେଜରେ ପଢୁଥିଲା ବେଳେ ଫକୀରମୋହନଙ୍କ ଶ୍ରାଦ୍ଧଉପଲକ୍ଷେ ଗୋଟିଏ ଲେଖା ପଠାଇଥିଲି । ସ୍ୱର୍ଗୀୟ ସୁରେନ୍ଦ୍ର ମହାନ୍ତି ତାକୁ ତାଙ୍କ ସଂପାଦନାରେ କଟକ ଚଣ୍ଡୀଛକ ପାଖରୁ ପ୍ରକାଶ

ପାଉଥିବା ଏକ ଦୈନିକ ପତ୍ରିକାରେ ଛାପିଥିଲେ । ମନରେ ଭାରି ଦମ୍ଭ ଆସିଥିଲା । ସୁରେନ୍ଦ୍ରବାବୁଙ୍କୁ ସାକ୍ଷାତ କରିଥିଲି । ସେ ପ୍ରେରଣା ଦେଇଥିଲେ ।

ସେତେବେଳେ ''ମୀନାବଜାର'' ପତ୍ରିକାର ସଂପାଦକ ଥିଲେ ଓଡ଼ିଶା ସାରା ପରିଚିତ ''ଜହୁରୀଭାଇ'' । ସେହି ପତ୍ରିକାରେ ମୋର କେତୋଟି ଲେଖା ପ୍ରକାଶିତ ହୋଇଥିଲା । ସେଥିପାଇଁ ୧୯୫୮ ବିଷୁବ ସମ୍ମିଳନୀରେ ମୋତେ ଗୋଟିଏ ପୁରସ୍କାର ମିଳିଥିଲା ୫୦ ଟଙ୍କାର । କିନ୍ତୁ ତାହା ମୋତେ ଭାରି ସାହାଯ୍ୟ କରିଥିଲା । ପୂର୍ବରୁ ଟ୍ରେନିଂ କଲେଜରୁ ଉତ୍ତର ଭାରତ ଭ୍ରମଣ ଯିବାରେ ଜଣେ ବନ୍ଧୁ ୫୦ଟଙ୍କା ଧାରଦେଇ ଥିଲେ । ଏଇ ପୁରସ୍କାର ଟଙ୍କାରେ ତାଙ୍କ ଧାର ସୁଝିଦେଲି । ପରେ ଜହୁରୀଭାଇଙ୍କ ସହିତ କଥାବାର୍ତ୍ତା କରି ଜାଣିବାକୁ ପାଇଲି ଯେ ତାଙ୍କ ଘର ଆମ ଗାଁ ପାଖରେ । ତାଙ୍କର ପ୍ରକୃତ ନାଁ ଥିଲା ଦୁର୍ଗାଚରଣ ମହାନ୍ତି । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର ନାଁ ବଦଳାଇ ରଖିଥିଲେ ଶ୍ରୀ ରାମପ୍ରସାଦ ମହାନ୍ତି ।

ସେଇ ସମୟରେ ମୋର ସଂପର୍କ ହୋଇଥିଲା ସ୍ୱର୍ଗୀୟ ବିନୋଦ କାନୁନ୍‌ଗୋଙ୍କ ସହିତ । ପରେ ସେ ସିନା 'ଜ୍ଞାନମଣ୍ଡଳ' ଯୋଗୁଁ ସୁପରିଚିତ ହୋଇ ପଦ୍ମଶ୍ରୀ ଉପାଧି କେନ୍ଦ୍ରସରକାରଙ୍କ ଠାରୁ ପାଇଥିଲେ । ମାତ୍ର ସେ ନିମଚୌଡ଼ି ପାଖ ଗୋଟିଏ ପୁରୁଣା ଘରେ ରହୁଥିଲେ । ଅନ୍ଧାରିଆ ପକ୍କାଘରଟିଏ । ଦାଣ୍ଡଘରଟିରେ ଅଫିସ୍ କରି ଗୋଟିଏ ଶିଶୁପତ୍ରିକା ''ଶିଶୁ ସଂପଦ'' ପ୍ରକାଶ କରୁଥାନ୍ତି । ମାତ୍ର ଜ୍ଞାନମଣ୍ଡଳ ପାଇଁ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଅନେକ ଫାଇଲ ଖେଳାଇ ସମ୍ଭବତଃ କେତେକ ସଂକ୍ଷିପ୍ତ ଜ୍ଞାନମଣ୍ଡଳ ପ୍ରକାଶ କରିଥାନ୍ତି ବା କରିବା ଉଦ୍ୟମରେ ଥାନ୍ତି ।

ମୁଁ ରାଧାନାଥ ଟ୍ରେନଂ କଲେଜରେ ପଢୁଥିଲାବେଳେ ୧୯୫୮-୫୯ରେ ବିନୋଦବାବୁଙ୍କ ପାଖକୁ ମଝିରେ ମଝିରେ ଯାଉଥିଲି । ଓଡ଼ିଆ ଶିଶୁ ସାହିତ୍ୟ ସଂପର୍କରେ ଆଲୋଚନା ହୁଏ । ''ଜ୍ଞାନମଣ୍ଡଳ''ର ଯୋଜନା ବିଷୟରେ ସେ ଅନେକ କଥା କହନ୍ତି । ମୋର କେତୋଟି ଲେଖା ''ଶିଶୁସଂପଦ''ରେ ପ୍ରକାଶ ପାଇଥିଲା । ପ୍ରଥମ ପ୍ରକାଶିତ ମୋର ଶିଶୁକବିତା ''ମନ ମୋର ବଡ଼, ଉଚ୍ଚେ ଉଡ଼େ ନିତି'' ୧୯୫୮ ମାର୍ଚ୍ଚ ସଂଖ୍ୟାରେ ବାହାରିଥିଲା ।

୧୯୫୯ ବର୍ଷ ଅଗଷ୍ଟ ମାସରେ ମୁଁ ବାଣପୁର ସ୍କୁଲ୍ ସବ୍ ଇନସ୍‌ପେକ୍ଟର (ସ୍କୁଲ୍‌ବାବୁ ବୋଲି ସମସ୍ତେ କହନ୍ତି) ଭାବରେ ଯୋଗଦେଲି । ସେଇ ଅଂଚଳର ବଣପାହାଡ଼, ନଦୀହ୍ରଦ

ଆଦିର ଶୋଭା ମୋତେ ମୁଗ୍ଧକଲା । ମୁଁ ସ୍କୁଲ ଦେଖିବା ସହିତ ଛୋଟ ଛୋଟ ପିଲାମାନଙ୍କ ସଂପର୍କରେ ଆସିଲି । ସେମାନଙ୍କ ସମସ୍ୟା, ଆଚରଣ, ସୁଖଦୁଃଖ ଆଦି, ଜାଣିବାକୁ ପାଇଲି । ୧୯୬୦ରେ ମୋର ବିଭାଘର ହେଲା । ବର୍ଷକ ପରେ ମୋର ନିଜ ପିଲାମାନେ ମଧ ଆସିଲେ । ସେମାନଙ୍କୁ ଅତି ପାଖରେ ଦେଖିଲି, ଶୁଣିଲି, ମିଶିଲି ଓ ଜାଣିଲି । ସେମାନଙ୍କ ସହ ମୋର ଅନୁଭବ ନିବିଡ଼ ହେଲା । ସେଇସବୁ ଅନୁଭୂତି ମୋତେ ଶିଶୁସାହିତ୍ୟ ରଚନାରେ ସାହାଯ୍ୟ କଲା, ପ୍ରେରଣା ଦେଲା ।

ସେତେବେଳେ ବାଣପୁରର ଗୋଦାବରୀଶ ମହାପାତ୍ର ''ନିଆଁଖୁଣ୍ଟା''ର ସଂପାଦକ ଭାବରେ ଭାରି ପରିଚିତ ହୋଇଥିଲେ । ସେ ଗୋଟିଏ ଶିଶୁ ପତ୍ରିକା ''ଟୁଆଁ ଟୁଇଁ'' ସଂପାଦନ କରୁଥିଲେ । ରଙ୍ଗୀନ କାଳିରେ ତାହା ଛପାଯାଉଥିଲା ଏବଂ ସୁନ୍ଦର ଚିତ୍ରମାନ ମଧ ଲେଖାରେ ସ୍ଥାନ ପାଉଥିଲା । ତେଣୁ ପତ୍ରିକାଟି ଖୁବ୍ ଆଦର ଲାଭ କରୁଥିଲା । ଗୋଦାବରୀଶବାବୁ ବାଣପୁର ଗଲେ ପାଖକୁ ଯା'ନ୍ତି । ସେ 'ଟୁଆଁ ଟୁଇଁ' ପାଇଁ ଲେଖା ମାଗୁଥିଲେ । ମୋର କେତୋଟିଲେଖା ସେଥିରେ ପ୍ରକାଶିତ ହୋଇଥିଲା ।

ମୋର ପ୍ରଥମ କବିତା ସଂକଳନ ''କିଶୋର ସଂସାର'' ୧୯୫୯ ମସିହାରେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ଏବଂ ୧୯୬୧ରେ ମୋର ଦ୍ୱିତୀୟ ଶିଶୁକବିତା ସଂକଳନ ''ମୋ ଧୂଳିଘର'' ବହିଟି ମଧ ସେଇ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ତାର ଉପର ମଲାଟ ଛବି ଓ ଭିତର ଛବିଗୁଡ଼ିକୁ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋ ଅଙ୍କନ କରିଥିଲେ । ସେହିବହି ଦୁଇଟି ରାଜ୍ୟ ସରକାରଙ୍କ ଶିଶୁସାହିତ୍ୟ ସମିତି ଦ୍ୱାରା ପୁରସ୍କୃତ ହୋଇଥିଲା ।

୧୯୬୧ ମସିହାରେ କଟକ ଟ୍ରେଡ଼ିଂ କମ୍ପାନୀଙ୍କ ଦ୍ୱାରା ମୋର ଏକ ଶିଶୁଗଳ୍ପର ସଂକଳନ ''ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା'' ପ୍ରକାଶିତ ହୋଇଥିଲା । ଦିନେ ୧୧ଟା ବେଳେ ମୁଁ ବାଲୁଗାଁ ପାଖ ବିଷ୍ଣୁଡିହ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲି । ତାର ପ୍ରଧାନ ଶିକ୍ଷକ ମହେଶ୍ୱର ଦାଶ ମୋତେ କହିଲେ- ସାର, ଆଜି ସକାଳ ରେଡ଼ିଓ ସମ୍ବାଦରେ କହିଲା ଆପଣଙ୍କର କେଉଁ ବହିଟି କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି । ମୁଁ ଏକଥା ଶୁଣି ଆଶ୍ଚର୍ଯ୍ୟହେଲି, ''କେଉଁ ବହି'' ପଚାରିଲି । ସେ କହିଲେ- କ'ଣ ଗୋଟେ କୁକୁର ଲାଙ୍ଗୁଡ଼ ବଙ୍କା'' । ମୋର ମନେପଡ଼ିଲା ସେହି ଗଳ୍ପବହି କଥା । ସମ୍ଭବତଃ ଟ୍ରେଡ଼ିଂ କମ୍ପାନୀ ସେଇ ବହିଟିକୁ ଜାତୀୟ ପ୍ରତିଯୋଗିତା ପାଇଁ ଦାଖଲ କରିଥିଲେ । ପରେ

ମୁଁ କଟକ ଆସି ପ୍ରକାଶକ ସର୍ବେଶ୍ୱର ମିଶ୍ରଙ୍କୁ ଦେଖାକଲି । ସେ କହିଲେ- ଆପଣ ରାମକୃଷ୍ଣ(ନନ୍ଦ) ବାବୁଙ୍କୁ ଦେଖା କରିବେ । ସେ ବହିଟି ପୁରସ୍କାର ପାଇବା କଥା କହୁଥିଲେ ଏବଂ ଆପଣଙ୍କୁ ଦେଖା କରିବାକୁ ଚାହିଁଥିଲେ ।

ମୁଁ ତ ''ସଂସାର''ର ସୁଯୋଗ୍ୟ ସଂପାଦକ ଓ ''ଆହେ ଦୟାମୟ ବିଶ୍ୱବିହାରୀ''ର ବିଖ୍ୟାତ ଲେଖକ ଭାବରେ ତାଙ୍କୁ ଆଗରୁ ଜାଣିଥିଲି । ତେଣୁ ଦିନେ ଆନନ୍ଦରେ ମୁଁ ତାଙ୍କୁ ଦେଖା କରିବାକୁ ଯାଇଥିଲି । ସେ ''ସଂସାର'' ପ୍ରେସରେ ଥିଲେ । ମୋତେ ଦେଖି ଖୁସିହେଲେ ଏବଂ କହିଲେ- ଆପଣଙ୍କ ବହିଟି ଭଲ ଲାଗିଲା । କେବଳ ବହିର ଛବି ଓ ଛପା ରଙ୍ଗୀନ ହୋଇଥିଲେ ଭଲ ହୋଇଥାନ୍ତା । ମୁଁ ଦିଲ୍ଲୀରେ ଏବା ପରାମର୍ଶଦାତା ସମିତି ବୈଠକରେ ଯୋଗଦେଇଥିଲି । ସେଠାରେ ଅନ୍ୟ ଭାଷାରେ ବହିଗୁଡ଼ିକ ଦେଖି ଆପଣଙ୍କ ବହିର ଛପା ଓ ଚିତ୍ର କିପରି ଉନ୍ନତ ହୋଇପାରିବ ଭାବୁଥିଲି ।

ମୁଁ କହିଲି- ଏ କାମ ତ ପ୍ରକାଶକଙ୍କର । ଓଡ଼ିଆ ବହି ବେଶୀ ସଂଖ୍ୟାରେ ବିକ୍ରୀ ହେଉନାହିଁ ବୋଲି ସେମାନେ ଶିଶୁ ପୁସ୍ତକ ପ୍ରକାଶନରେ ଅଧିକ ଖର୍ଚ୍ଚ କରୁନାହାନ୍ତି । ତେଣୁ ଆପଣ ବହିର ଅବସ୍ଥା ଏମିତି ଦୟନୀୟ ହେଉଛି ।

ଆମେ ଦୁହେଁ ଶିଶୁ ସାହିତ୍ୟର ଉନ୍ନତି ସଂପର୍କରେ ବହୁ ଆଲୋଚନା କରିଥିଲୁ । ତାଙ୍କର ଉତ୍ସାହଦାନ ମୋତେ ଶିଶୁସାହିତ୍ୟ ରଚନାରେ ଖୁବ୍ ସାହାଯ୍ୟ କରିଥିଲା ।

୧୯୬୧ ମସିହାର କଥା । ମୁଁ ତ ବାଣପୁରରେ ଥାଏ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ । ପ୍ରାଥମିକ ଶିକ୍ଷା ସ୍ତରରେ ନୂତନ ସିଲାବସ ପ୍ରସ୍ତୁତ କରାଯାଇ ଜାତୀୟକରଣ ପାଠ୍ୟପୁସ୍ତକ ରଚନା ଓ ପ୍ରକାଶନ ହେଲା । ସେଥିପାଇଁ ଖୁବ୍ ଗୋପନୀୟତା ରକ୍ଷା କରାଯାଉଥିଲା । ଜାତୀୟକବି ବୀରକିଶୋର ଦାସ ଥିଲେ ଏଥିପାଇଁ ଗଢ଼ାଯାଇଥିବା ଶିଶୁସାହିତ୍ୟ ରଚନା ଓ ପ୍ରକାଶନ ସମିତିର ସଂପାଦକ । ସୌଭାଗ୍ୟକୁ ମୋର କେତେଗୁଡ଼ିଏ ଲେଖା ଏଥିପାଇଁ ମନୋନୀତ ହୋଇଥିଲା । ସେତେବେଳେ ଆମ ରାଜ୍ୟର ଶିକ୍ଷାନିର୍ଦ୍ଦେଶକ ଥିଲେ ଡକ୍ଟର ସଦାଶିବ ମିଶ୍ର । ତାଙ୍କ ଅଫିସ ଥିଲା କାଠଯୋଡ଼ି ନଈକୂଳରେ ଥିବା ପୁରୁଣା ନାଲିକୋଠା (ଏବେ ଯେଉଁଠି ରାଧାନାଥ ଟ୍ରେନିଂ କଲେଜର ମହିଳା ଛାତ୍ରାବାସ ହୋଇଛି )ରେ । ସେତେବେଳର ପାଠ୍ୟପୁସ୍ତକର ମୋ ର କିଛି ଅଂଶ ରହିଥିଲା । ମାତ୍ର ତୃତୀୟ ଶ୍ରେଣୀ ସାହିତ୍ୟ ବହିରେ ମୋର ୩/୪ଟି ଲେଖା

ସ୍ଥାନ ପାଇଥିଲା । ସେଗୁଡ଼ିକ ମଧ୍ୟରେ ''ତୁମ ପରି ଛୋଟ ପିଲାଟିଏ'', ''ଶ୍ରମିକ ଭାଇରେ ଲାଗିପଡ଼'' ଆଦି ମନେପଡୁଛି । ଲେଖକମାନଙ୍କୁ ଡକାଇ ଡି.ପି. ଆଇଙ୍କ ଅଫିସରେ ଏଥିପାଇଁ ପାରିଶ୍ରମିକ ଦିଆଯାଇଥିଲା ।

ଏଇ ପଦ୍ଧତିରେ କେଜାଣି କାହିଁକି ପରିବର୍ତ୍ତନ ହୋଇଥିଲା । କେତେଜଣ ଲେଖକଙ୍କୁ ନେଇ ଗୋଟିଏ ଲେଖାଁ ସମିତି ଗଠିତ ହୋଇଥିଲା । ସେମାନେ ବିଚାର ଆଲୋଚନା କରି ବିଭିନ୍ନ ଶ୍ରେଣୀର ବହିଲେଖିଥିଲେ । ମୁଁ ପଞ୍ଚମ ଶ୍ରେଣୀ ସାହିତ୍ୟବହି ପାଇଁ ଗଠିତ ସମିତିରେ ରହିଥିଲି । ସେଥିରେ ମୋଛଡ଼ା ଥିଲେ ଡକ୍ଟର କୁଞ୍ଜବିହାରୀ ଦାଶ, ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡ଼ଙ୍ଗୀ, ଡମ୍ବରୁଧର ପରିଡ଼ା, ଅନନ୍ତ ପଟ୍ଟନାୟକ ପ୍ରମୁଖ । ଭଲ ଭଲ ବିଷୟରେ ଅନ୍ୟମାନେ ଲେଖିଲେ । ମୋ ପାଇଁ ଲେଖିବାକୁ ଥିଲା - କୁକୁଡ଼ାଚାଷ, ପ୍ଲାଷ୍ଟିକ୍, ଖଣ୍ଡିଆଭୂତ, ହକି ଇତ୍ୟାଦି । ଲେଖିସାରିଲା ପରେ ସେଗୁଡ଼ିକ ସମିତି ବୈଠକରେ ଆଲୋଚିତ ହୋଇ ଗୃହୀତ ହେଉଥିଲା ।

ଗାନ୍ଧୀଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଗୋଟିଏ ବହି ତାଙ୍କର ଜୀବନୀରୁ ସଂଗୃହୀତ ବିଭିନ୍ନ ଘଟଣା ଉପରେ ଲେଖା ଯାଇଥଲା । ସେତେବେଳେ ଶିକ୍ଷାମନ୍ତ୍ରୀ ଥିଲେ ବନମାଳୀ ପଟ୍ଟନାୟକ । ସେ ଏହି ବହିଟିର ରଚନାରେ ଆଗ୍ରହୀ ଥିଲେ । ଲେଖକମାନଙ୍କ ମଧ୍ୟରେ ଥିଲେ- ସର୍ବଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ମହାରଣା, ଉଦୟନାଥ ଷଡଙ୍ଗୀ ପ୍ରମୁଖ । ଏମାନଙ୍କ ସହିତ ମୁଁ ମଧ୍ୟ ଯୋଗଦେଇ କାର୍ଯ୍ୟ କରିବାର ସୁଯୋଗ ପାଇଥିଲି । ଗୋଟିଏ ସମିତି ଗଢ଼ାଯାଇ ଏଇ ବହିଟିର ଲେଖାଗୁଡ଼ିକୁ ଆଲୋଚନା କରାଯାଇଥିଲା । ଅନନ୍ତ ପଟ୍ଟନାୟକ ଥିଲେ ସେତେବେଳେ ଶିଶୁସାହିତ୍ୟ ସମିତିର ସଂପାଦକ । ବୀରକିଶୋର ବାବୁ ବିଦାୟ ନେଇଥାନ୍ତି ।

''ଶିଶୁଲେଖା'' ପତ୍ରିକାଟି ଅନନ୍ତବାବୁଙ୍କ ଚେଷ୍ଟାରେ କେବଳ ପ୍ରକାଶିତ ହୋଇନଥଲା, ତାକୁ ମଧ୍ୟ ସରସସୁନ୍ଦର କରିବା ସମ୍ଭବ ହୋଇଥିଲା । ସେଥିରେ ମୋର ଅନେକ ଲେଖା ପ୍ରକାଶ ପାଇଥିଲା । ସେ ମଧ୍ୟ ଶିଶୁସାହିତ୍ୟ ସଂପର୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ରର ଆୟୋଜନ କରିଥିଲେ । ବହି ଓ ପାଣ୍ଡୁଲିପି ବାଛି ପୁରସ୍କାର ପ୍ରଦାନ କରିଥିଲେ ।

୧୯୬୪ ମସିହାରେ ମୁଁ ବାଣପୁରରୁ ରଣପୁର ହାଇସ୍କୁଲ୍‌କୁ ବଦଳି ହେଲି । ମାତ୍ର ୨/ ୩ ମାସ ପରେ ସେଠାରୁ ମୁଁ ପୁଣି ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟାପକ ଭାବରେ ନିଯୁକ୍ତି

ପାଇ ଭୁବନେଶ୍ୱର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଏଥିଯୋଗୁଁ ଗବେଷଣା, ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ସହିତ ପ୍ରକାଶନ ମଧ୍ୟ ଏକ ମାଧ୍ୟମ ଥିଲା । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଦିଗ୍‌ଦର୍ଶନ ଲାଭ କରି ଏବଂ ପ୍ରଫେସର ପ୍ରାଣବନ୍ଧୁ କର, ଶ୍ରୀମତୀ ରେଣୁକା ଦେବୀ ଓ ମୋର ସହଯୋଗରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ବହିପତ୍ର ପ୍ରକାଶିତ ହେଲା । ''ଶିକ୍ଷାଲୋକ'' ନାଁରେ ଏକ ପତ୍ରିକା ''ଶିଶୁମଞ୍ଚ'' ନାଁରେ ଏକ ଏକାଙ୍କିକା-ସଂଚୟନ ଓ ''ବିଜ୍ଞାନଗଳ୍ପ'' ନାଁରେ ଏକ ଶିଶୁ ଉପଯୋଗୀ ସଂକଳନ ପ୍ରକାଶିତ ହେଲା । ତେଣୁ ଓଡ଼ିଶା ଲୋକସେବା ଆୟୋଗ (OPSC)ରେ ଅଧ୍ୟାପକ ଚାକିରୀ ପାଇଁ ସାକ୍ଷାତ୍‌କାର ହେଲା । ଏହାର ମାନ୍ୟବର ସଭ୍ୟଗଣ ଶିକ୍ଷାର ଉନ୍ନତି ପାଇଁ ପ୍ରକାଶନର ଗୁରୁତ୍ୱ ଓ ସେ ଦିଗରେ ମୋର କୃତିତ୍ୱକୁ ବିଚାର କରିଥିଲେ ବୋଲି ମୁଁ ଭାବୁଛି ।

ରାଜ୍ୟଶିକ୍ଷା ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିଲା ବେଳେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ କରିଷଦ (NCERT) ଦ୍ୱାରା ପ୍ରକାଶନ ସଂପର୍କରେ ଏକ କର୍ମଶାଳା ୧୯୬୫-୬୬ ମସିହାର ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସେଥିରେ କଲିକତାସ୍ଥ ଓରିଏଣ୍ଟ ଲଙ୍ଗମ୍ୟାନସ୍(Orient Longmans)ର ପରିଚାଳକ ଜଣେ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଥିଲେ । ସେ ମୋର ଲେଖାଲେଖିରେ ଖୁସିହୋଇ ତାଙ୍କ ସଂସ୍ଥା ତରଫରୁ ଓଡ଼ିଆରେ ଏକ ଶିଶୁ ସାହିତ୍ୟ-ପୁସ୍ତକ ପ୍ରକାଶ କରିବାକୁ ଚାହିଁଥିଲେ । ମୁଁ ତେଣୁ ''ଦରିଆ ଅଜାର ମଜା ଦୁନିଆ'' ଶୀର୍ଷକ ଏକ ପାଣ୍ଡୁଲିପି ଦେଇଥିଲେ ଏବଂ ଓରିଏଣ୍ଟ ଲଙ୍ଗମାନସ୍ ଦ୍ୱାରା ଏହା ପ୍ରକାଶିତ ହୋଇଥିଲା । ସମ୍ଭବତଃ ଏହା ଉକ୍ତ ସଂସ୍ଥାର ପ୍ରଥମ ଓଡ଼ିଆ ପ୍ରକାଶନ ବିଶେଷତଃ ଶିଶୁସାହିତ୍ୟରେ । ଏହି ବହି ପୁଣି ୧୯୭୧ ମସିହାରେ ମୁଁ ଇଂଲଣ୍ଡରେ ଅଧ୍ୟୟନ କରୁଥିଲାବେଳେ ଏନ୍‌ସିଇଆରଟି (NCERT) ଦ୍ୱାରା ଜାତୀୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା ।

ସେହିବର୍ଷ ମଧ୍ୟ ମୋର ଅନ୍ୟଏକ ପୁସ୍ତକ ''ଆଲୁଅର କୁହୁକ ଆଉ ଶବଦର ଲୁଚୁକାଳି'' ଓଡ଼ିଆ ଶିଶୁସାହିତ୍ୟ ଏକାଡ଼େମୀ ଦ୍ୱାରା ଉପାୟନପ୍ରାପ୍ତ ହୋଇଥିଲା । ଏହିପରି ଭାବରେ ଶିଶୁସାହିତ୍ୟ କ୍ଷେତ୍ରରେ ମୋର କଲମ ସକ୍ରିୟ ହୋଇଥିଲା ଏବଂ ବିଭିନ୍ନ ଧାରାରେ ମୁଁ ସାହିତ୍ୟସୃଷ୍ଟିରେ ପ୍ରବୃତ୍ତ ହୋଇଥିଲି । କବିତା, ଗଳ୍ପ, ଏକାଙ୍କିକା, ଜୀବନୀ,

ଭ୍ରମଣକାହାଣୀ, ପ୍ରବନ୍ଧ ଆଦି ବିଭିନ୍ନ ଶ୍ରେଣୀର ଶିଶୁସାହିତ୍ୟ ରଚନା କରିଥିଲି । ସଂପ୍ରତି ଏହିସବୁ ପୁସ୍ତକର ସଂଖ୍ୟା ଶତାଧିକ ଏବଂ ସେଥିରୁ ପ୍ରାୟ ଦଶୋଟି ବହି ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ପୁରସ୍କାର ଓ ପ୍ରଶଂସା ଲାଭକୁ କେହି ମୁଖ୍ୟ ଭାବରେ ବିବେଚନା କରିବା ଅନୁଚିତ । ମାତ୍ର ଏହା ଯେ ଲେଖକଙ୍କୁ ପ୍ରେରଣା ଓ ସ୍ୱୀକୃତି ଦେଇଥାଏ ଏବଂ ନିଜ ସୃଷ୍ଟିର ମୂଲ୍ୟାୟନର ସହାୟକ ହୋଇଥାଏ, ଏଥିରେ ସନ୍ଦେହ ନାହିଁ ।

ଶିଶୁସାହିତ୍ୟର ବିଶେଷତ୍ୱ ଓ ମହତ୍ୱ ସଂପର୍କରେ ଏବେ ବି ଅନେକ ସାହିତ୍ୟିକବଂଧୁ ସନ୍ଦିହାନ ଓ ଅଜ୍ଞ । ଏହା ଏପର୍ଯ୍ୟନ୍ତ ନ୍ୟାଯ୍ୟ ଓ ବାଞ୍ଛିତ ସ୍ଥାନ ଲାଭ କରିନାହିଁ । ସାରସ୍ୱତ କ୍ଷେତ୍ରରେ ଶିଶୁସାହିତ୍ୟ ଆବଶ୍ୟକ ଆଦର ପାଇନାହିଁ । ଲେଖକ, ପ୍ରକାଶକ ଓ ପାଠକ ମହଲରେ ମଧ୍ୟ ଏହାର ସମ୍ମାନ ଊଣା । ମାତ୍ର ଶିଶୁସାହିତ୍ୟ ରଚନାକୁ ଏକ ସାଧନା ଭାବରେ ଗ୍ରହଣ କରି ଲେଖକବଂଧୁମାନେ ନିଜ ପ୍ରତିଭାର ପରିଚୟ ଦିଅନ୍ତୁ । ସିଦ୍ଧି ଓ ସ୍ୱୀକୃତି ସ୍ୱତଃ ଆସିବ ଏବଂ ସେଥିପାଇଁ କାହାର ଅନୁସରଣ କରିବାକୁ ହେବ ନାହିଁ । ଏହା ମୋର ବ୍ୟକ୍ତିଗତ ଅନୁଭୂତି ଓ ଜୀବନର ସନ୍ଦେଶ ।

*(ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦ,* ***ସ୍ମରଣିକା*** *- ୧୯୯୩)*

## ସବୁରି ସହଯୋଗରେ ଶିଶୁସାହିତ୍ୟ ଏକ ସାରସ୍ୱତ ସମାବେଶ

୧୯୯୧ ମସିହା, ସେପ୍ଟେମ୍ବର ୨୬ ଓ ୨୭ ତାରିଖ। ଚଣ୍ଡୀଗଡ଼ର ''କୃଷକଭବନ''ରେ ପଞ୍ଜାବ ସରକାରଙ୍କ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡ଼େମୀର ମିଳିତ ସହଯୋଗରେ ଶିଶୁସାହିତ୍ୟ ସଂପର୍କରେ ଏହି ଜାତୀୟ ଆଲୋଚନାଚକ୍ରଟି ଅନୁଷ୍ଠିତ ହେଉଥିଲା। ୧୯୮୭ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ସଂଗଠନ (Textbook Bureau) ଆନୁକୂଲ୍ୟରେ ପ୍ରଥମ ଜାତୀୟ ପାଠଚକ୍ରଟି ଆୟୋଜିତ ହୋଇଥିଲା। ପ୍ରଫେସର ଆତ୍ମଜିତ ସିଂହ ଏହି ସଂସ୍ଥାର ନିର୍ଦ୍ଦେଶକ ଭାବରେ ଏହାକୁ ସଂଗଠନ କରିଥିଲେ। ମୁଁ ସେଥିରେ ଯୋଗଦେଇଥିଲି ସେ ମୋତେ ଦେଖାକରି କହିଲେ- ମୁଁ ଏଠାରୁ ମୋର ପୂର୍ବ ବିଶ୍ୱବିଦ୍ୟାଳୟ ଅମୃତସରକୁ ଚାଲିଯାଇଛି। ସେଠାରେ ମୁଁ ଏହିପରି ଏକ ପାଠଚକ୍ରର ଆୟୋଜନ କରୁଛି ଓ ଆପଣଙ୍କୁ ସେଥିପାଇଁ ମୁଁ ନିମନ୍ତ୍ରଣ କରିବ, ଆପଣ ନିଶ୍ଚୟ ଆସିବେ।

ଏହି ଚଳିତ ପାଠଚକ୍ର ପାଇଁ ପ୍ରାୟ ୨୦୦ ବିଶିଷ୍ଟ ଶିକ୍ଷାବିତ୍ ଓ ଶିଶୁସାହିତ୍ୟିକଙ୍କୁ ସାରା ଦେଶରୁ ନିମନ୍ତ୍ରଣ କରାଯାଇଛି। ଅବଶ୍ୟ ପଞ୍ଜାବରୁ ଅଧିକ ସଂଖ୍ୟାରେ ପ୍ରତିନିଧିଗଣ ଯୋଗ ଦେଇଛନ୍ତି। ଶିଶୁ ସାହିତ୍ୟର ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା ଚାଲିଛି। ବିଚାରବିମର୍ଶ ହେଉଛି।

ଏଠାରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ଆହ୍ଲୁୱାଲିଆ ସଂସ୍କୃତି ବ୍ୟତୀତ ପର୍ଯ୍ୟଟନ, ପୁରାତତ୍ତ୍ୱ, ସଂଗ୍ରହାଳୟ, ଅଭିଲେଖାଗାର ଆଦି ବିଭିନ୍ନ ସଂସ୍ଥାର ମୁଖ୍ୟ। କିନ୍ତୁ ସେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ପାଠଚକ୍ରର ବିଭିନ୍ନ ଦାୟିତ୍ୱ ନିଜେ ବୁଝୁଥାନ୍ତି। ସବୁ ଜଞ୍ଜାଳ ସତ୍ତ୍ୱେ ସେ ହସ ହସ ମୁହଁରେ ସମସ୍ତଙ୍କ ସହିତ ଆଳାପ ଆଲୋଚନା କରିବା ଏବଂ କାହାର କ'ଣ ସମସ୍ୟା ଓ ଅଭିଯୋଗ ଧୈର୍ଯ୍ୟର ସହିତ ଶୁଣିବା ବଡ଼ ଆଶ୍ଚର୍ଯ୍ୟଜନକ ବୋଧ ହେଉଥିଲା।

**ଟ୍ରେନ୍ ଯାତ୍ରାରେ ଘୋର ଅବ୍ୟବସ୍ଥା ଯୋଗୁଁ ଅସୁସ୍ଥତା :**

''କୃଷକଭବନ'' ଏକ ଉତ୍ତମ ମାନ୍ଯନିବାସ। ସେଠାରେ ୭ ନମ୍ବର ଘରେ ମୋ ସହିତ ରହିଲେ ହିନ୍ଦି ସାହିତ୍ୟର ଜଣେ ସୁପ୍ରତିଷ୍ଠିତ ସ୍ରଷ୍ଟା ଡକ୍ଟର ଦେବ ସାହେ। ସେ ହିନ୍ଦି

ଶିଶୁସାହିତ୍ୟରେ ଗବେଷଣା କରି ପ୍ରଥମ ପିଏଇଚ. ଡି ଲାଭ କରିଥିଲେ । ଆମେ ଶିଶୁସାହିତ୍ୟ ସଂପର୍କରେ ଆଲୋଚନା କରିଥିଲୁ । ସେପ୍ଟେମ୍ବର ୨୭ ତାରିଖ । ଗତକାଲି ରାତିରେ ତ ମୁଁ ଜ୍ୱରାକ୍ରାନ୍ତ ଥିଲି । ମଳଦ୍ୱାରରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥାଏ । କ'ଣ ହୋଇଛି ନିର୍ଦ୍ଦିଷ୍ଟ ଭାବରେ ଜାଣି ହେଉ ନଥାଏ । ସକାଳୁ ମୁଁ ଆହ୍ଲୁୱାଲିଆଙ୍କୁ କହି ଡାକ୍ତରଖାନା ଯିବାକୁ ଇଚ୍ଛା ପ୍ରକାଶ କଲି । ସେ କିନ୍ତୁ କହିଲେ- ମୁଁ କାର୍ ଦେଉଛି । ଜଣେ ଲୋକ ଆପଣଙ୍କ ସାଥିରେ ଚାଲିଯିବ । ମାତ୍ର ଡାକ୍ତରଖାନାରେ ଯେଉଁ କାମ ୪/୫ ଘଣ୍ଟା ଲାଗିବ କୌଣସି ଘରୋଇ କ୍ଲିନିକରେ ମାତ୍ର ଅଧଘଣ୍ଟାକ ଭିତରେ ସରିଯିବ । ତେଣୁ ସେ ଆପଣଙ୍କୁ ଜଣେ ଭଲ ଡାକ୍ତରଙ୍କ ପାଖକୁ ନେଇଯିବ ।

ମୁଁ ମଧ୍ୟ ମୋର ତୁରିତ ଆରୋଗ୍ୟ କାମନା କରୁଥିଲି । ତେଣୁ ତାଙ୍କର ପ୍ରସ୍ତାବ ଗ୍ରହଣ କରିବାରେ ମୋର ଆପତ୍ତି ନଥିଲା । ତେଣୁ ଆମେ ଗୋଟିଏ କାରରେ କିଛି ଦୂର ଯାଇ ଗୋଟିଏ ଘରୋଇ କ୍ଲିନିକକୁ ଗଲୁ । ୧୫/୨୦ ମିନିଟ୍ ଅପେକ୍ଷା କଲାପରେ ମୋ ସାଥିରେ ଯାଇଥିବା ଭଦ୍ରବ୍ୟକ୍ତି ମଦନଲାଲ ଭିତରୁ ବୁଝି ଆସି ମୋତେ କହିଲେ ଡାକ୍ତରବାବୁ ଆସୁଛନ୍ତି । ପୁଣି ତା'ର ୧୦/୧୫ ମିନିଟ୍ ପରେ କହିଲେ ଯେ, ଡାକ୍ତରବାବୁ କେଉଁ ରୋଗୀ ଦେଖିବାକୁ ଯାଇଛନ୍ତି । ପୁଣି କିଛି ସମୟ ପରେ ଉକ୍ତ ଭଦ୍ରଲୋକ ଜଣାଇଲେ ସେହି ରୋଗୀଟି ମରିଯିବାରୁ ଶବ ସହିତ ଡାକ୍ତରବାବୁ ଶ୍ମଶାନଭୂମିକୁ ଯାଇଛନ୍ତି । ଏଥି ଭିତରେ ଜଣେ ଭଦ୍ରଲୋକ ସମ୍ଭବତଃ ଫାର୍ମାସିଷ୍ଟ ହେବେ । ମୋର ଜ୍ୱର ଓ ରକ୍ତଚାପ ଆଦି ପରୀକ୍ଷା କଲେ । ମାତ୍ର ମଳଦ୍ୱାରରେ ହେଉଥିବା ଯନ୍ତ୍ରଣା ବିଷୟ କହିବାରୁ ସେ ଡାକ୍ତରବାବୁଙ୍କୁ ଅପେକ୍ଷା କରିବାକୁ କହିଲେ । ତେଣୁ ମୋର ଧୈର୍ଯ୍ୟଚ୍ୟୁତି ଘଟିଲା ।

ତେବେ ମୋର ଅପେକ୍ଷା କରିବାର ଅନ୍ତ ହେଲା । ମୁଁ ମୋ ସାଥିରେ ଯାଇଥିବା ଭଦ୍ରଲୋଭ (ଶ୍ରୀ ମଦନ ଲାଲ)ଙ୍କୁ କହି ଅନ୍ୟତ୍ର ଅବସ୍ଥିତ ଡକ୍ଟର ପଲ କ୍ଲିନିକ୍‌କୁ ଗଲି । ସେଠାରେ ରୋଗୀଙ୍କ ସଂଖ୍ୟା ଓ ସାଜସଜ୍ଜାରୁ ଡାକ୍ତର ଭଲବୋଲି ଜଣାପଡ଼ିଲେ । ତେବେ ପ୍ରାୟ ଘଣ୍ଟାକ ପରେ ମୋର ପାଳି ପଡ଼ିଲା । ମୁଁ ଡାକ୍ତରଙ୍କୁ ସବୁ କଥା ଜଣାଇଲି । ସେ ମୋର ଜ୍ୱର ପରୀକ୍ଷା କରି ୧୦୨ ଡିଗ୍ରୀ ଅଛି ବୋଲି କହିଲେ ଏବଂ ରକ୍ତ ଚାପ ମଧ୍ୟ ପରୀକ୍ଷା କରି ୧୧୨ରୁ ୫୬ ମଧ୍ୟରେ ଅଛି ବୋଲି ଜଣାଇଲେ । ତା'ପରେ ସେ ମୋତେ କୋଠରୀକୁ ନେଇ ପରୀକ୍ଷା କଲେ । ମଳଦ୍ୱାର ପାଖରେ ହୋଇଥିବା ଗୋଟିଏ ଫୁଲାକୁ ଚାପିଲେ । ଭାରି କଷ୍ଟଦାୟକ ହେଲା । ୨/୩ ମିନିଟ୍ ଏମିତି ଚିପି ତାକୁ ଚପାଇ ଦେବେ

ବୋଲି କହିଲେ । ମାତ୍ର ମୋର କଷ୍ଟ ଅସହ୍ୟ ହେବାରୁ ଜ୍ୱର ଓ ପାଇଲସ ପାଇଁ କେତେଗୁଡ଼ିଏ ଔଷଧ କିଣିବାକୁ ଲେଖିଦେଲେ । ଦରକାର ନଥିଲେ ହେଁ ମେଲେରିଆ ଅଛି କି ନାହିଁ, ଜାଣିବା ପାଇଁ ରକ୍ତପରୀକ୍ଷା କରିବାକୁ କହିଲେ । ତାଙ୍କର ଫିସ୍ ବାବଦକୁ ୫୫ ଟଙ୍କା ଓ ଔଷଧ ପାଇଁ ୧୨୫ ଟଙ୍କା ଦେଇ ତାଙ୍କ ଠାରୁ ବିଦାୟ ନେଲି । ଦୀର୍ଘ ଟ୍ରେନଯାତ୍ରା ଏବଂ ସେଥିରେ ଅନୁଭୂତ ଅନିୟମିତ ଖିଆପିଆ, ଗାଧୁଆ ପାଧୁଆ ଆଦି ଅବ୍ୟବସ୍ଥା ଯୋଗୁଁ ପାଇଲସ୍ ବାହାରି ପଡ଼ିଛି ବୋଲି ଜାଣିବାକୁ ପାଇଲି । ଏହା ମୋ ପାଇଁ ଏକ ନୂଆ ଅନୁଭୂତି ଥିଲା ।

**ସାରସ୍ୱତ ସମାବେଶ :**

ତା'ପରେ ମୁଁ ପାଠଚକ୍ରରେ ଯୋଗଦେଲି । ସଂସ୍କୃତି ବିଭାଗର ସଚିବ ଏହାର ଉଦ୍‌ଘାଟନ କଲେ । ପ୍ରାୟ ଦୁଇଶହ ଶିଶୁ ଓ କିଶୋର ସାହିତ୍ୟିକ, ଗବେଷକ, କଳାକାର, ପ୍ରକାଶକ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ । ପିଲାମାନେ ପ୍ରଥମେ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ । ଅପରାହ୍ନ ୩ଟାରେ ଦ୍ୱିତୀୟ ବୈଠକ ଆରମ୍ଭ ହେଲା । ସେଥିରେ ପ୍ରଥମେ ଶ୍ରୀମତୀ ମନୋରମା ଜାଫା, ଶ୍ରୀମତୀ ରମା ରତନ ଓ ମୁଁ ନିବନ୍ଧମାନ ଉପସ୍ଥାପନ କଲୁ । ମୋର ଆଲୋଚ୍ୟ ବିଷୟ ଥିଲା ଶିଶୁମାନଙ୍କ ପାଇଁ ଜ୍ଞାନକୋଷ ବା ଜ୍ଞାନମଣ୍ଡଳ । ମୋର ଇଂରେଜିରେ ଲିଖିତ ପ୍ରବନ୍ଧଟି ପଞ୍ଜାବୀ ଭାଷାରେ ଅନୁଦିତ ହୋଇ ଶ୍ରୋତାମାନଙ୍କ ମଧ୍ୟରେ ବଣ୍ଟାଯାଇଥିଲା । ତେଣୁ ବହୁ ସଂଖ୍ୟାରେ ଶ୍ରୋତାମାନେ ଆଲୋଚନାରେ ଭାଗନେଇ ଥିଲେ ଏବଂ ମିଟିଂ ଭିତରେ ଓ ବାହାରେ ଉକ୍ତ ପ୍ରବନ୍ଧର ବିଶେଷ ପ୍ରଶଂସା କରାଯାଇଥିଲା ।

ମୁଁ ଔଷଧପତ୍ର ଖାଇବାରୁ ଟିକିଏ ଭଲ ଲାଗିଲା । ଅପରାହ୍ନରେ ଆମକୁ ବିଶେଷତଃ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରତିନିଧିମାନଙ୍କୁ ନେଇ ଚଣ୍ଡିଗଡ଼ର ଦର୍ଶନୀୟ ସ୍ଥାନସବୁ ଦେଖାଇବାର ବ୍ୟବସ୍ଥା ହେଲା । ବସ୍ ଦୁଇଟିରେ ଆମେ ଗଲୁ ଏବଂ ଭ୍ରମଣ ମଧ୍ୟରେ ଆମକୁ ଲଞ୍ଚ ପ୍ୟାକେଟ ଦିଆଯାଇଥିଲା । ରକ୍ ଗାର୍ଡେନ, ଶୁଆ ଲେକ୍ ଆଦି ବୁଲି ଦେଖିଲୁ । ପୂର୍ବରୁ ମୁଁ ରକ୍ ଗାର୍ଡେନକୁ ଦେଖିଥିଲି ।

ଜଣେ ଦରିଦ୍ର ଅଥଚ ପ୍ରତିଭାଶାଳୀ ବ୍ୟକ୍ତି ନିଜ ସାଧନା ବଳରେ କିପରି ଗୋଟିଏ ବିରାଟ ଜାତୀୟ ଅନୁଷ୍ଠାନ ଗଢ଼ି ପାରନ୍ତି, ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଲା ରକ୍ ଗାର୍ଡେନ ବା ଶୈଳ ଉଦ୍ୟାନ । ଦୁନିଆର ସବୁ ଅଦରକାରୀ, ଭଙ୍ଗାରୁଜା ଜିନିଷ ଗୁଡ଼ିକୁ ନେଇ କେତେ ସରସ ସୁନ୍ଦର ରୂପାୟନ କରାଯାଇପାରେ, ତାକୁ ଦେଖିଲେ କେବଳ ଜାଣି ହୁଏ । ଭଙ୍ଗା

କପ୍ ପ୍ଲେଟ୍, ଭଙ୍ଗାଚୂଡ଼ି କାଚ, ଅଦରକାରୀ ବିଦ୍ୟୁତ୍ ତାର, ଚାଇନା ବ୍ଲକ୍, ଭଙ୍ଗା ସୁରେଇ ସାନବଡ଼ ବାଲିଗରଡ଼ାକୁ ନେଇ ସୁଦୃଶ୍ୟ ଓ ସୁନ୍ଦର ରୂପ- ଜୀବଜନ୍ତୁ ବୃକ୍ଷଲତା ଇତ୍ୟାଦି ସୃଷ୍ଟି ହୋଇପାରିଛି । ଯେଉଁ ୧/୨ଟି କୁଡ଼ିଆ ଘରୁ ଉକ୍ତ ଭଦ୍ରଲୋକ ନେକଚାନ୍ଦ ଏହି ବିରାଟ ଅନୁଷ୍ଠାନକୁ ଆରମ୍ଭ କରିଥିଲେ, ସେଇ ଘର ଦୁଇଟି ଏବେ ବି ସଂରକ୍ଷିତ ହୋଇଛି । ବର୍ଷାଦିନେ ଶୈଳଉଦ୍ୟାନ ମଧ୍ୟରେ କୃତ୍ରିମ ଝରଣାମାନ ସଙ୍ଗୀତମୟ ଓ ଚଳଚଞ୍ଚଳ ହୋଇଉଠେ ।

**ସମ୍ବାଦପତ୍ରରେ ଶିଶୁସାହିତ୍ୟ ତଥା ଜ୍ଞାନକୋଷର ଆଲୋଚନା**

ପ୍ରଥମ ଦିନର ଆଲୋଚନା ଓ ବିଚାରବିମର୍ଶର ବିବରଣୀ ତା'ପର ଦିନ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହେଲା । ପ୍ରାୟ ଅଧିକାଂଶ ପଞ୍ଜାବୀ ଓ ଇଂରେଜୀ ଦୈନିକୀରେ ଫଟୋ ସହିତ ସେମିନାର ସମ୍ପର୍କୀୟ ସମ୍ବାଦମାନ ପ୍ରକାଶିତ ହେଲା । ସେଥିରେ ମୋର ଆଲୋଚିତ ଶିଶୁ ଜ୍ଞାନକୋଷ ସମ୍ପର୍କରେ ଉପସ୍ଥାପିତ ନିବନ୍ଧ ଓ ତା' ବିଷୟକ ବିସ୍ତୃତ ଆଲୋଚନା ପ୍ରକାଶ ପାଇଥିଲା । ଏଥିରେ ଶିଶୁ ଜ୍ଞାନକୋଷର ଉପାଦେୟତା, ଏହି ଜାତୀୟ ସମ୍ମେଳନର ବିଶେଷ ଆକର୍ଷଣ ଥିଲା । ଏଥିରେ ଜ୍ଞାନକୋଷ ଆନ୍ଦୋଳନର ଅଗ୍ରଦୂତ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ଅବଦାନ, ଆଧୁନିକ ସୂଚନା ବିସ୍ଫୋରଣ (Information Explosion)ଯୁଗରେ ସଚିତ୍ର ଓ ବିଶ୍ୱାସ୍ୟ ଜ୍ଞାନକୋଷର ଗୁରୁତ୍ୱ ସମ୍ପର୍କରେ ବହୁ ତଥ୍ୟ ପରିବେଶିତ ହୋଇଥିଲା । ପଞ୍ଜାବର ସଂସ୍କୃତି ବିଭାଗ ତରଫରୁ ଏ ଦିଗରେ ଯଥାଯଥ ଉଦ୍ୟମ ହେଉ ବୋଲି ଦାବି ହୋଇଥିଲା ।

କୃଷକ ଭବନ ବା କିଶାନ ଭବନ ସରକାରୀ ସାହାଯ୍ୟରେ ନିର୍ମିତ ୪/୫ ମହଲାର କୋଠା ଘର । ସେଥିରେ ଅଳ୍ପ କେତୋଟି ଶୀତତାପ ନିୟନ୍ତ୍ରିତ କୋଠରୀ ଆମକୁ ମିଳିଥିଲା । ସେଇ କୋଠରୀରେ ସବୁ ପ୍ରକାରର ସୁବିଧା ରହିଛି । ତଳ ମହଲାରେ ସୁପରିଚାଳିତ କ୍ୟାଣ୍ଟିନଟିଏ । ସେଠାରେ କୁପନ ଦେଖାଇ ଖାଇବା ପିଇବା କରିବାକୁ ହୁଏ । ସେମିନାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ହୋଇଥିଲା ।

(ଧରିତ୍ରୀ, ୧୮.୯.୯୪)

# ଶିଶୁ ଅଧିକାର ଓ ଶିଶୁ ସାହିତ୍ୟ

**ଶିଶୁ ପ୍ରତି ଶ୍ରଦ୍ଧା ସାର୍ବଜନୀନ ଓ ସାର୍ବକାଳୀନ :**

ଶିଶୁସବୁରି ଆପଣାର ଆଉ ଆଦରର । ବିଶେଷ ଭାବରେ ପିତାମାତା ନିଜର ପିଲାମାନଙ୍କୁ ଅତି ସ୍ନେହ ଶ୍ରଦ୍ଧା କରନ୍ତି । ମାଆ ତ ନିଜ ଜୀବନଠାରୁ ଅଧିକ ଭଲ ପାଏ । ପିଲାକୁ ପେଟରେ ତା'ର ନଅ ଦଶମାସ ରଖେ ପିଲାଟିକୁ, କୋଳରେ ତାକୁ ବଢ଼ାଏ ଦୁଇ ତିନିବର୍ଷ, ପୁଣି ନିଜ ଗୋଡ଼ରେ ନିଜେ ଠିଆ ନହେବା ଯାଏ, ସେ ପରିବାର ଭିତରେ ରହେ । ଘରର ସୁଖଦୁଃଖରେ ଭାଗୀ ହୁଏ ।

ଶିଶୁକୁ ଶ୍ରଦ୍ଧା କରିବା ସବୁବେଳେ ଓ ସବୁ ଦେଶରେ ଚଳିଆସୁଛି । କି ଅତୀତ କି ବର୍ତ୍ତମାନ, କି ଧନୀ କି ଗରିବ, କି ହିନ୍ଦୁ କି ମୁସଲମାନ ବା ଖ୍ରୀଷ୍ଟିଆନ ବା ଶିଖ୍ ବା ଜିଉ, କି ଭାରତ କି ବିଲାତ ସବୁଠାରେ ଶିଶୁ ପ୍ରତି ସ୍ନେହ ରହିଥାଏ । ପିତାମାତା ଯେତେ ଦରିଦ୍ର ବା ଦୁଃଖୀ ହୋଇଥାନ୍ତୁ, ପିଲାମାନଙ୍କୁ ସ୍ନେହ ଦେବାରେ ହେଳା କରନ୍ତି ନାହିଁ ।

ତେବେ କାହିଁକି ଆଜି ସବୁ ସ୍ତରରେ ଶିଶୁର ଅଧିକାର ପାଇଁ ଏତେ ଆଲୋଚନା ହେଉଛି ? ଖାଲି ରାଜ୍ୟ ବା କେନ୍ଦ୍ର ସରକାର ନୁହନ୍ତି, ଆନ୍ତର୍ଜାତିକ ସ୍ତରରେ ଜାତିସଂଘ, ୟୁନିସେଫ୍ ଓ ୟୁନେସ୍କୋ ଶିଶୁର ଅଧିକାର ପାଇଁ ଏକ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି । ଏମିତି କି ବହୁ ବେସରକାରୀ ସଂସ୍ଥା ଏ ଦିଗରେ ଆଗେଇ ଆସିଛନ୍ତି । ସଭାସମିତି, ଗଣମାଧ୍ୟମ ସାହାଯ୍ୟରେ ଏ ସଂପର୍କରେ ଖୁବ୍ ବିଚାରବିମର୍ଶ ହେଉଛି, ପ୍ରଚାର ଚାଲିଛି ।

**ତେବେ ଅଭାବ କେଉଁଠି ?**

ଶିଶୁ ସବୁରି ଶ୍ରଦ୍ଧାର ପାତ୍ର ହେଲେ ହେଁ ଆଜିର ବିରାଟ ବିଡ଼ମ୍ବନା ଯେ, ସେ ସବୁଠି ଅବହେଳିତ, ଏମିତିକି ନିର୍ଯାତିତ । ବହୁ ଗରିବ ଘରେ ସେ କ୍ଷୀର ଟିକିଏ ପିଇବାକୁ କି ଭାତ ମୁଠାଏ ଖାଇବାକୁ କି କନା ଟିକିଏ ପିନ୍ଧିବାକୁ ପାଉନାହିଁ । ତା'ର ଦେହ ଖରାପ ହେଲେ ଔଷଧ ଟିକିଏ ପାଉନାହିଁ । ପାଠ ପଢ଼ିବାକୁ ସେ ବିଦ୍ୟାଳୟକୁ ଯାଇପାରୁ ନାହିଁ । ବରଂ ତାକୁ ଅନ୍ୟର କାମକରି ପେଟ ପୋଷିବାକୁ ହେଉଛି । କେତେକ ଘରେ ତ ପିଲାଏ ରୋଜଗାର କରି ଆଣିଲେ ବାପାମାଆ କି ଭାଇଭଉଣୀ ଗଣ୍ଡେ ଖାଉଛନ୍ତି । ଅନ୍ୟର

ଗାଈଗୋରୁ ଜଗିବା, କାହାଘରେ କାମଦାମ କରିବା, ବିଲବାଡ଼ିରେ ଆଉ କଳକାରଖାନାରେ ସେ କାମ କରି ପେଟ ପୋଷେ ବା ଘରକୁ ତା'ର ରୋଜଗାର ଆଣେ । କେତେକ କାର୍ଯ୍ୟରେ ତା'ର ସ୍ୱାସ୍ଥ୍ୟ ଖରାପ ହେଉଛି ବା ଜୀବନ ଉପରେ ବିପଦ ଆସୁଛି । କାଚ କାରଖାନାରେ ବିଡ଼ି ତିଆରି, ବାଣ ତିଆରି ଆଦି କାମ କରିବାରେ ତା'ର ଜୀବନ ବିପନ୍ନ ହେଉଛି । ସେ ଅସୁସ୍ଥ ହୋଇପଡୁଛି ।

ଧନୀଘରେ ସବୁ ଥାଇ ବି ସେ ପିତାମାତାଙ୍କଠାରୁ ସ୍ନେହ ଆଦର ପାଇପାରୁ ନାହିଁ । ପିତାମାତା ନିଜ ନିଜ କାର୍ଯ୍ୟରେ ଖୁବ୍ ବ୍ୟସ୍ତ । ଦିନରାତି ସେମାନଙ୍କର କାମ, କାମ, କାମ । ପିଲାଙ୍କୁ ପଚାରେ କିଏ ? ଧାଈଟିଏ ରଖିଦେଲେ କି ବୁଢ଼ାବୁଢ଼ୀଙ୍କ ପାଖରେ ଛାଡ଼ିଦେଲେ ଗଲା । ପାଠପଢ଼ାଇବାରେ ଭାରି ଝୁଙ୍କ । ସବୁ ପିଲାଙ୍କୁ ତାଙ୍କ ପିଲାଟି ଟପିଯାଉ । ସେଥିପାଇଁ ତା' ଉପରେ ଏତେ ଚାପ ଯେ, ସେ ବିଚରା ଶାନ୍ତିରେ ଖାଇପାରୁନି କି ଶୋଇପାରୁନି । ଖେଳିବା କି ସାଙ୍ଗସାଥୀରେ ମଉଜ କରିବା ଭୁଲିଯାଉଛି ।

ତେଣୁ ଆଜିକାଲି ଅନେକଙ୍କ ଘରେ ଶିଶୁ ଅବହେଳିତ । ତା'ର ସୁଖମୟ ଶୈଶବାବସ୍ଥା କ'ଣ ଜାଣୁନାହିଁ । ତାକୁ ଆମେ ଓଳିଆରୁ ଗଜା କରିଦେବାରେ ବ୍ୟଗ୍ର । ସ୍ୱଚ୍ଛନ୍ଦ ଭାବରେ ଖେଳିବା କି ତା'ର ମନ ଖୁସିରେ କିଛି କରିବା ସମ୍ଭବ ହେଉନାହିଁ । ପଢ଼, ପଢ଼, ପଢ଼; ଏହା କର କି ତାହା କର ! ଫଳରେ ସେ ଜନ୍ମରୁ ଗୋଟିଏ ଯନ୍ତ୍ରପରି ଚଳିବାକୁ ଆମେ ବାଧ କରୁଛୁ । ସେ ବିଚରା ଅଣନିଃଶ୍ୱାସୀ ହୋଇପଡୁଛି ।

ଦାମୀ ଖେଳନା ପୁଳାଏ କିଣିଦେଲେ ଗଲା । ସେଗୁଡ଼ିକୁ ନେଇ ଖେଳିବାକୁ ବେଳ କାହିଁ ? ସେ ଯେମିତି ନିଜେ ଏକ ଖେଳନା ପାଲଟି ଯାଇଛି । ସାଙ୍ଗମାନଙ୍କ ମେଳରେ ଖେଳିବା ବଦଳରେ କିମିତି ସେମାନଙ୍କୁ ଟପିଯିବ ! ଟପିନପାରିଲେ ମାଡ଼ଗାଳି, ତା'ର ବି ମନ ଊଣା । ଫଳରେ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ । ସେଥିଯୋଗୁଁ ଅନେକ ଉପରକୁ ତ ଉଠିପାରୁ ନାହାନ୍ତି । କେବଳ ନିଜ ନିଜ ଭିତରେ ବାଦଛେଦ, ରାଗରଷା, ମାନ ଅଭିମାନ ବଢୁଛି । ପିଲାମାନଙ୍କୁ ମୁକ୍ତ ଭାବରେ ବଢ଼ିବା ପାଇଁ ଆମେ ବାଧାବିଘ୍ନ ଠିଆ କରୁଛୁ । ତା'ର ସ୍ୱାଭାବିକ ବିକାଶରେ ସାହାଯ୍ୟ କରିବା ବଦଳରେ ଆମେ ଅସୁବିଧା ସୃଷ୍ଟି କରୁଛୁ ।

**ଏପରି ଅବସ୍ଥା କାହିଁକି ?**

ଶିଶୁକୁ ସମସ୍ତେ ତ ଶ୍ରଦ୍ଧା କରନ୍ତି ! ତା'ର ମଙ୍ଗଳ ଚାହାନ୍ତି । ପୁଣି ତା'ର ଭଲରେ ଆମ ଭେଳ କାହିଁକି ପୂରାଉଛୁ ? ତା'ର କାରଣ କେତୋଟି. ଆମ ସବୁରି ଅଙ୍କାଳଡ଼ା ଅନୁଭୂତିର କଥା ।

**ଦାରିଦ୍ର୍ୟ :**

ଗରିବ ବାପାମାଆ ପିଲାଙ୍କୁ ଭଲ ପାଇଲେବି ତାକୁ ସର୍ବନିମ୍ନ ସୁବିଧା ଦେବା ପାଇଁ ସମର୍ଥ ହେଉନାହାନ୍ତି । ଉପଯୁକ୍ତ ଖାଦ୍ୟ, ବସ୍ତ୍ର ଓ ବାସ ଦେଇପାରୁ ନାହାନ୍ତି । ଅସୁସ୍ଥ ହେଲେ ଔଷଧପତ୍ର ଦେବାକୁ ଅର୍ଥାଭାବ । ପାଠ ପଢ଼ାଇବା ବଦଳରେ ପିଲାମାନଙ୍କୁ ଅନ୍ୟତ୍ର ଖଟି ରୋଜଗାର କରିବାକୁ ଛାଡୁଛନ୍ତି । ତେଣୁ ଅଭାବ ଆଉ ଦାରିଦ୍ର୍ୟ ସେମାନଙ୍କର ବଡ଼ ସମସ୍ୟା ।

**ଅଜ୍ଞତା :**

ସବୁ ଥାଇ ବି ଅନେକ ପିତାମାତା ଅଜ୍ଞ । ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ଏବଂ ନିଜେ ଶିକ୍ଷିତ ହେଲେ ବି ଧନୀ ପିତାମାତାଙ୍କ ମଧ୍ୟରୁ ଅନେକ ଶିଶୁର ସ୍ୱାଭାବିକ ବିକାଶ କିପରି ହେବ ଜାଣି ନାହାନ୍ତି । ତା'ର ଅଭାବ ଓ ଆବଶ୍ୟକତା ବୁଝୁନାହାନ୍ତି । ତା'ଣ ମନକୁ ଚିହ୍ନୁ ନାହାନ୍ତି । ତା'ର ଶାରୀରିକ, ମାନସିକ ଓ ଆବେଗିକ ଆବଶ୍ୟକତା କ'ଣ ନବୁଝି ତାକୁ କିପରି 'ବଡ଼' କରିବେ, ସେଥିପାଇଁ ଖାଲି ଚିନ୍ତା । ଗରିବ ଓ ନିରକ୍ଷର ପିତାମାତାଙ୍କୁ କଥା କ'ଣ କହିବା ?

**ଅତିରିକ୍ତ ବ୍ୟାକୁଳତା :**

ପିଲାର ଉନ୍ନତି ସବୁ ବାପମାଆ ଚାହାନ୍ତି । କିନ୍ତୁ ପିଲାର ଦୁର୍ବଳତା ଓ ସୀମାସରହଦ ନଜାଣି ତା' ଉପରେ ଗୁଡ଼ିଏ ଲଦିଦେବା ଅନୁଚିତ । ତାକୁ ସାଙ୍ଗମାନଙ୍କ ସହିତ ବାଦଛେଦରେ ସାମିଲ କରାଇବାରେ ସେମାନେ ବେଶୀ ଆଗ୍ରହୀ । ଶ୍ରେଣୀରେ ତାଙ୍କ ପିଲା ପ୍ରଥମ ହେଉ, ଜିଲ୍ଲାରେ ପ୍ରଥମ ହେଉ, ରାଜ୍ୟରେ ପ୍ରଥମ ୧୦/୨୦ ଜଣଙ୍କ ମଧ୍ୟରେ ରହୁ, ପ୍ରତ୍ୟେକ ପିତାମାତା ଚାହୁଁଛନ୍ତି । ଏତେ ଆତୁର ହୋଇ ଶେଷରେ ଅଧିକାଂଶ ନିରାଶ ହେଉଛନ୍ତି ଆଉ ପିଲାମାନଙ୍କୁ ହତାଶ କରୁଛନ୍ତି । ଫଳତଃ, ସେମାନଙ୍କର ମନସ୍ତାତ୍ତ୍ୱିକ ଅବସ୍ଥା ପ୍ରତିକୂଳ ହେଉଛି ।

**ବିଶେଷ ଉଦାସୀନତା :**

ଆଜିର ଧନିକ ଓ ଶିକ୍ଷିତ ଶ୍ରେଣୀରେ ସନ୍ତାନମାନଙ୍କୁ ଉଚ୍ଚକୋଟୀକୁ ଉଠାଇନେବାକୁ ଯେତିକି ବ୍ୟାକୁଳ, ଦରିଦ୍ର ଓ ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ଶ୍ରେଣୀରେ ପିଲାମାନଙ୍କ ଉନ୍ନତି ଦିଗରେ ସେତିକି ଉଦା[illegible] ସେମାନେ ପିଲାମାନଙ୍କର ଅଭାବ ଅସୁବିଧା ପ୍ରତି

କରିବାରେ ଯେତିକି ଅସମର୍ଥ, ସେମାନଙ୍କର ମନସ୍ତାତ୍ତ୍ୱିକ ଆବଶ୍ୟକତା ପୂରଣ କରିବାରେ ତତୋଧିକ ଅକ୍ଷମ । ଶେଷୋକ୍ତ ଆବଶ୍ୟକତା ହେଉଛି, ପିଲାମାନଙ୍କୁ ସ୍ନେହ, ଶ୍ରଦ୍ଧା, ସହାନୁଭୂତି, ଉତ୍ସାହ ଆଦି ପ୍ରଦାନ କରିବା, ଯେଉଁଥି ପାଇଁ ଅର୍ଥର ଆବଶ୍ୟକତା ନାହିଁ, ଉପଯୁକ୍ତ ମାନସିକତା ଦରକାର । ଧନ ନୁହେଁ, ମନ ଲୋଡ଼ା ।

**ଶିଶୁର ଅଧିକାର କ'ଣ ?**

ଏଭଳି ଅବସ୍ଥାରେ ଶିଶୁର ଅଧିକାର ପୁଣି କ'ଣ ? ସେଥିରୁ ସେ କ'ଣ ପାଇବ ? କିଏ ତାକୁ ଦେବ ? କାହା ପାଖରେ ଦାବିକରିବ ? ତା'ର ବଳ କାହିଁ ? ସାମର୍ଥ୍ୟ କାହିଁ ? କଥାରେ ଅଛି ପିଲା ନକାନ୍ଦିଲେ, ମାଆ ବି କ୍ଷୀର ଦିଏ ନାହିଁ । ଶିଶୁ ବିଚରା ଏହି ଅଧିକାରକୁ କିପରି ସାବ୍ୟସ୍ତ କରିବ ? ଭୋଟ ଦେବା ଅଧିକାର ନାହିଁ । ସେତେକ ଥିଲେ ସବୁ ହୋଇପାରନ୍ତା । ପଛରେ କେତେ ଗୋଡ଼ାନ୍ତେ !

ଶିଶୁର ସ୍ୱଚ୍ଛନ୍ଦ ବିକାଶ ପାଇଁ ନିମ୍ନତମ ସୁବିଧାସୁଯୋଗ ଯୋଗାଇ ଦେବା ଆଗେ ବାପାମାଆଙ୍କର ଦାୟିତ୍ୱ ଥିଲା । ଏବେ ସେହି ଦାୟିତ୍ୱକୁ ତୁଲାଇବା ପାଇଁ ଦେଶ, ଏମିତିକି ଆନ୍ତର୍ଜାତୀୟ ସଂସ୍ଥା ମଧ୍ୟ ଆଗେଇ ଆସିଲେଣି । ପିଲାଟିକୁ ଭଲ ମଣିଷଟିଏ କରିବା ସବୁରି ଦାୟିତ୍ୱ ହୋଇଛି । କାରଣ ତା ସଫଳ ହେଲେ ପରିବାରର ଯେମିତି ମଙ୍ଗଳ, ଦେଶ ତଥା ବିଶ୍ୱର ସେମିତି ମଙ୍ଗଳ । ଏହା ସଫଳ ନହେଲେ ସବୁରି ପାଇଁ ବିପଦ । ସବୁରି ସୁଖଶାନ୍ତିରେ ବାଧା । ସମାଜରେ ଅପରାଧ ବ୍ୟାପିଯିବ । ଅଶାନ୍ତି ଓ ବିଶୃଙ୍ଖଳା, ହିଂସାଦ୍ୱେଷ ସବୁ ବଢ଼ିଯିବ । ତେଣୁ ଆନ୍ତର୍ଜାତୀୟ ସ୍ତରରେ ଜାତିସଂଘ ତରଫରୁ ''ଶିଶୁର ଅଧିକାର'' ଉପରେ ବିଚାର ଆଲୋଚନା କରାଯାଇ ୫୪ଟି ଧାରା ଗ୍ରହଣ କରାଯାଇଛି । ସେଗୁଡ଼ିକୁ ମୁଖ୍ୟତଃ ୪ଟି ପର୍ଯ୍ୟାୟ ବା ଶ୍ରେଣୀରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା :

**(କ) ବଞ୍ଚିବା ଅଧିକାର :** ଶିଶୁ ତା'ର ଜୀବନଧାରଣ ପାଇଁ ଆବଶ୍ୟକ ଖାଦ୍ୟବସ୍ତ୍ର, ବାସ, ଔଷଧପତ୍ର ପାଇବା ନିତାନ୍ତ ଦରକାର । ଏହା ତା'ର ମୌଳିକ ଆବଶ୍ୟକତା ।

**(୨) ବିକାଶ ଅଧିକାର :** ଶିଶୁ ତା'ର ସର୍ବାଧିକ ବିକାଶ ପାଇଁ ସମସ୍ତ ସୁବିଧା ଯଥା - ଶିକ୍ଷା, କ୍ରୀଡ଼ା, ଅବସର ବିନୋଦନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱଚ୍ଛନ୍ଦ ଚିନ୍ତାର ସୁଯୋଗ ଲାଭ କରିବା ଆଦି ବିକାଶ ଅଧିକାର ଅନ୍ତର୍ଭୁକ୍ତ ।

**(୩) ସୁରକ୍ଷା ଅଧିକାର :** ସମାଜର ଅନ୍ୟାୟ, ଅତ୍ୟାଚାର ଓ ଅବମାନନାରୁ ଶିଶୁକୁ ରକ୍ଷା କରିବା ନିତାନ୍ତ ଦରକାର । ସେଗୁଡ଼ିକ ହେଲା-ଉଦାହରଣ ସ୍ୱରୂପ, ଶିଶୁ ଶ୍ରମ, ଶିଶୁ ଆଶ୍ରୟ, ଶିଶୁ ଅପରାଧ, ଶିଶୁ ଉପରେ ଯୌନ ଅତ୍ୟାଚାର ।

**(୪) ଭାଗ ନେବାର ଅଧିକାର :** ଗୋଷ୍ଠୀ ତଥା ସମାଜର ବିଭିନ୍ନ କାର୍ଯ୍ୟକ୍ରମରେ ଶିଶୁ ସକ୍ରିୟ ଭାବରେ ଭାଗନେବା ଉଚିତ । ଯଥା-ସ୍ୱାଧୀନ ଭାବରେ ଶିଶୁ ତା'ର ମତପ୍ରକାଶ କରିବା, ନିଜ ଜୀବନ ସଂପର୍କୀୟ ନିଷ୍ପତ୍ତିରେ ସଂପୃକ୍ତ ହେବା, ଶାନ୍ତି ଓ ସ୍ୱଚ୍ଛନ୍ଦରେ ସଂଘରେ ଯୋଗଦେବା ତଥା ସମ୍ମିଳିତ ହେବା ।

ଏହାଫଳରେ ଶିଶୁ ଜଣେ ଦାୟିତ୍ୱ ସଂପନ୍ନ ସୁନାଗରିକ ହେବାରେ ଆବଶ୍ୟକ ସର୍ବନିମ୍ନ ସୁବିଧାସୁଯୋଗ ଲାଭ କରିପାରିବ । ଏହି ସୁବିଧାମାନ ପିତାମାତାଙ୍କଠାରୁ ଆରମ୍ଭ କରି ଦେଶର ସରକାର ଯୋଗାଇଦେବେ । ନଚେତ୍ ଶିଶୁମାନେ ଦାବି କରିବେ ଏବଂ ଏହା ପାଇବା ପାଇଁ ସେମାନେ ବ୍ୟକ୍ତିଗତ ବା ସଂଘବଦ୍ଧ ଭାବରେ କାର୍ଯ୍ୟ କରିବେ । ସବୁ ସମ୍ଭାବନା ସତ୍ତ୍ୱେ ଶିଶୁଗଣଙ୍କ ଶକ୍ତିସାମର୍ଥ୍ୟ ପ୍ରଥମେ ଖୁବ୍ ସୀମିତ ହୋଇଥିବାରୁ ସେମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ଆଇନାନୁମୋଦିତ ପଦକ୍ଷେପ ନେଇ ପାରିବେ । ସବୁ ଦେଶରେ ଶିଶୁର ମୌଳିକ ଆବଶ୍ୟକତା ଏବଂ ଶିଶୁ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ପ୍ରତିକାର କରିବା ପାଇଁ ଆଇନମାନ ପ୍ରଣୟନ କରାଯାଇଥିବାରୁ ଯଥାଯଥ ଭାବରେସେଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଉଚିତ ।

**ଶିଶୁ ସାହିତ୍ୟର ଭୂମିକା :**

ଶିଶୁ ସାହିତ୍ୟ ଶିଶୁର ବିକାଶ ପାଇଁ ଉଦ୍ଦିଷ୍ଟ । ଏହା ପୁଣି ତା'ର ମାନସିକ ସାମର୍ଥ୍ୟ ଓ ମନସ୍ତାତ୍ତ୍ୱିକ ଅବସ୍ଥା ଅନରୂପ ହୋଇଥାଏ । ତେଣୁ ତାକୁ ପାଠକରି ଶିଶୁ ଜ୍ଞାନଲାଭ କରେ ଓ ଆନନ୍ଦ ଉପଭୋଗ କରେ । ଶିଶୁ ପୁସ୍ତକ ଓ ପତ୍ରିକାକୁ ନେଇ ଶିଶୁସାହିତ୍ୟ ଏବଂ ଶିଶୁର ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦୃଷ୍ଟିରୁ ଏହା ରଚିତ । ଏହା ତେଣୁ ଉପାଦେୟ, ଆକର୍ଷକ ଓ ସଚିତ୍ର ହୋଇଥାଏ । ସାର୍ଥକ ଶିଶୁସାହିତ୍ୟ ପାଠ କରିବାକୁ ଶିଶୁ ତଥା କିଶୋର ଭୋକଶୋଷ ଭୁଲିଯାଏ । ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହା ଶିଶୁର ସାଥୀ ଓ ସହଚର ହୋଇଥାଏ ।

ଶିଶୁସାହିତ୍ୟ ସଫଳ ଓ ସରସ ହେବା ନିମନ୍ତେ ଶିଶୁର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ ହେବା ଦରକାର । ସେଗୁଡ଼ିକ ହେଲା, ଉଦାହରଣ ସ୍ୱରୂପ-ତା'ର

ଜ୍ଞାନ ବଢ଼ାଇବା ପାଇଁ, ତା'ର ଆବେଗିକ ଅଭାବ ପୂରଣ କରିବା ପାଇଁ, ତା'ର ଅବସର ବିନୋଦନ ପାଇଁ, ତା'ର କୌତୂହଳ ପୂରଣ କରିବା ପାଇଁ, କେତେକ ଦକ୍ଷତା ଓ କୌଶଳ ଲାଭ ପାଇଁ । ଶିଶୁସାହିତ୍ୟ ମାଧ୍ୟମରେ ଶିଶୁମାନଙ୍କୁ ଏକ ପକ୍ଷରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଅନ୍ୟପକ୍ଷରେ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରିହେବ । ଆଜିର ସମାଜରେ ବିଭିନ୍ନ ସମସ୍ୟା ସଂପର୍କରେ ଶିଶୁ ଓ କିଶୋରଗଣ ଜାଣିବା ଉଚିତ ଏବଂ ସେଗୁଡ଼ିକର ସମାଧାନ ପାଇଁ ନିଜ ନିଜର ମତ ପ୍ରଦାନ କରିବା ଉଚିତ । ଆଗାମୀ ଯୁଗ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ । କାରଣ ଆଜିର ଶିଶୁ ଆସନ୍ତାକାଲିର ନାଗରିକ । ଆଜିର କୋମଳ ଶିଶୁ, କାଲିର କର୍ଣ୍ଣଧାର । ସେମାନଙ୍କ ମଧ୍ୟରେ ରହିଛି ସୀମାହୀନ ସମ୍ଭାବନା । ସେହି ସମ୍ଭାବନାକୁ ସାର୍ଥକ କରିବା ପାଇଁ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଉପଯୁକ୍ତ ଶିଶୁ ସାହିତ୍ୟ କରିବା ଏକାନ୍ତ ଆବଶ୍ୟକ ।

ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଥିବା ଅଧିକାରଗୁଡ଼ିକ ମଧ୍ୟରେ ତା'ର ମୁକ୍ତ ମନର ଅଭିବ୍ୟକ୍ତି, ଚିନ୍ତା କରିବାର ସ୍ୱାଧୀନତା ଆଦି ତାକୁ ଶିଶୁସାହିତ୍ୟ ରଚନା କ୍ଷେତ୍ରରେ ସହାୟକ ହୋଇଥାଏ । ଶିଶୁ ନିଜେ କଥା, କବିତା ଆଦି ଲେଖି ନିଜର ମନୋଭାବ ପ୍ରକାଶ କରିବାରେ ଉତ୍ସାହିତ ହେବା ଉଚିତ । ଶିଶୁ ଖୁବ୍ ଆବେଗପ୍ରବଣ, ସୃଜନଶୀଳ ଓ ସଂବେଦନଶୀଳ । ସେ ତେଣୁ ତା'ର ମନ-ମୁଲକର କଥା, ତା'ର ଅଙ୍ଗଲିଭା ଅନୁଭୂତିର କଥା, ସ୍ୱଚ୍ଛନ୍ଦ ଭାବରେ ଲେଖିଯିବା ଉଚିତ । ଏ ଦିଗରେ ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀ ଆଦି ବାଧା ସୃଷ୍ଟି ନକରି ବରଂ ସମସ୍ତ ଅନୁକୂଳ ସୁବିଧା ସୁଯୋଗ ପ୍ରଦାନ କିରବା ବାଞ୍ଛନୀୟ । କାରଣ ଆଜିର ଶିଶୁ, କାଲିର ସାହିତ୍ୟିକ । ତେଣୁ ତା'ର ପ୍ରସ୍ତୁତି ପଥରେ, ଉତ୍ତରଣ ପ୍ରକ୍ରିୟାରେ ଆମେ ସହଯୋଗୀ ଓ ସହାୟକ ହେବା ନିତାନ୍ତ ଦରକାର । ଶିଶୁସାହିତ୍ୟରେ ତେଣୁ ଶିଶୁର ଅଧିକାରଗୁଡ଼ିକୁ ସାକାର କରିବା ପାଇଁ ଶିଶୁ ନିଜେ ପର୍ଯ୍ୟାପ୍ତ ସୁଯୋଗ ପାଇବା ଉଚିତ । ଫଳରେ ଶିଶୁସାହିତ୍ୟ ହେବ ଅଧିକ ସରସ. ସଫଳ ଓ ସାର୍ଥକ ।

(**ଉତ୍କଳ ପ୍ରସଙ୍ଗ**, *ଅକ୍ଟୋବର ୧୯୯୭*)

# ଓଡ଼ିଆ ଶିଶୁସାହିତ୍ୟ : ଏକ ସମୀକ୍ଷା

ଓଡ଼ିଆ ଶିଶୁସାହିତ୍ୟ ଓଡ଼ିଆ ସାହିତ୍ୟର ଆଦିମାତା । ଓଡ଼ିଆ ଜାତିର ଲୋକକଥା ଓ ଲୋକଗୀତି ମଧ୍ୟରେ ଓଡ଼ିଆ ଶିଶୁସାହିତ୍ୟ ପ୍ରଚ୍ଛନ୍ନ ଓ ପରିବ୍ୟାପ୍ତ । ଶିଶୁର ମନୋରଞ୍ଜନ ପାଇଁ କେଉଁ ଅନନ୍ତ କାଳରୁ ଶିଶୁ ଗୀତ, ନାନାବାୟାଗୀତ ପରୀକଥା, ନାଁଦିଆ, ଗୋଲକ ଧନ୍ଦା ପ୍ରଭୃତି ମୌଖିକ ଶିଶୁ ସାହିତ୍ୟ ରୁପରେ ପ୍ରଚଳିତ ହୋଇ ଆସିଥିଲା । ଶିଶୁ ତଥା କିଶୋରମାନଙ୍କର ଅଧ୍ୟୟନ ପାଇଁ ଯେଉଁ ସାହିତ୍ୟ ବ୍ୟବହୃତ ହେଲା, ତାହିଁ କେତେକାଂଶରେ ମୌଖିକ ହେଲେ ହେଁ ମୁଖ୍ୟତଃ ଲିଖିତ । ଗ୍ରାମ୍ୟ ପାଠଶାଳା ବା ଚାଟଶାଳୀରେ ପିଲାଙ୍କୁ ପାଠ ପଢାଇବା ପାଇଁ ନାନା ପ୍ରକାର ଚଉତିଶା, ବାରମାସୀ ଗୀତ, କୋଇଲି, ଭାଗବତ, ଗୋପୀଭାଷା ଆଦି ବ୍ୟବହୃତ ହେଉଥିଲା । ଏଗୁଡ଼ିକ ମୁଖ୍ୟତଃ ପଦ୍ୟ ସାହିତ୍ୟ ଏବଂ ଶିଶୁ ମାନଙ୍କ ପକ୍ଷେ ମନେ ରଖିବା ପାଇଁ ଉପଯୁକ୍ତ ହୋଇଥିଲା ।

ମାତ୍ର ଏହି ଶିଶୁ ସାହିତ୍ୟ ଥିଲା ଦୁର୍ବୋଧ ଏବଂ ଏହାର ବିଷୟବସ୍ତୁ ଥିଲା ଧର୍ମ ସମ୍ପର୍କୀୟ । ଲିଖନ ପଠନ ସହିତ ନୀତିଶିକ୍ଷା ଦେବା ଥିଲା ଏହି ସାହିତ୍ୟର ଉଦ୍ଦେଶ୍ୟ । ପିଲାମାନଙ୍କର ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତାକୁ ଚାହିଁ ତାହା ଲେଖାଯାଇ ନଥିଲା । ପିଲାମାନେ ତାକୁ ବ୍ୟବହାର କରୁଥିଲେ । ମାତ୍ର ଉପଭୋଗ କରିପାରୁ ନଥିଲେ । ତେବେ ସାହିତ୍ୟକ ତଥା ଭାଷାଜ୍ଞାନ ବୃଦ୍ଧି ନିମନ୍ତେ ଏଥିରେ ପର୍ଯ୍ୟାପ୍ତ ସୁଯୋଗ ଥିଲା ।

କ୍ରମେ ସମାଜର ପରିବର୍ତ୍ତିତ ପରିସ୍ଥିତିରେ ଶିଶୁ ସାହିତ୍ୟର ସୃଷ୍ଟି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଗଲା । ଗ୍ରାମ୍ୟ ପାଠଶାଳାଗୁଡ଼ିକ ଲୋପ ପାଇଲା । ସେଗୁଡ଼ିକ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ମୁଣ୍ଡ ଟେକିଲା । ପ୍ରାଚୀନ କୋଇଲି, ଚଉତିଶା, ଛାନ୍ଦ, ଗୋପୀଭାଷା, ଭାଗବତ ପ୍ରଭୃତି କ୍ରମେ ଆତ୍ମଗୋପନ କଲା । ସରକାରୀ ନିର୍ଦ୍ଦେଶରେ ନୂତନ ଧରଣର ପାଠ୍ୟପୁସ୍ତକ ପ୍ରଚଳିତ ହେଲା ।

ଓଡ଼ିଶା ୧୮୦୩ ମସିହାରେ ଇଂରେଜ କର୍ତ୍ତୃତ୍ୱକୁ ଆସିଲା । ପ୍ରଥମେ ମିସନାରୀମାନେ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶିକ୍ଷାର ଆଲୋକ ଦେଲେ । ମାତ୍ର ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଉପଯୁକ୍ତ ପାଠ୍ୟ ପୁସ୍ତକର ଅଭାବ ଅନୁଭୂତ ହେଲା । ସୁତରାଂ ୧୮୩୭ରେ ମିସନାରୀମାନେ ନିଜର ଗୋଟିଏ ପ୍ରେସ୍ ପ୍ରତିଷ୍ଠା କଲେ । ପାଠ୍ୟ ପୁସ୍ତକ ଲେଖି

ଛାପିବାକୁ ଚେଷ୍ଟାକଲେ । ପୁରୀରେ ୧୮୩୫ ଓ କଟକରେ ୧୮୪୧ ମସିହାରେ ଗୋଟିଏ ଲେଖାଁ ସରକାରୀ ବିଦ୍ୟାଳୟ ସ୍ଥାପିତ ହେଲ । ୧୮୭୦ ମସିହା ସୁଦ୍ଧା ସରକାରୀ ଓ ମିସନାରୀ ସ୍କୁଲଗୁଡ଼ିକର ମୋଟ ସଂଖ୍ୟା ଥିଲା ମାତ୍ର ୯୬ । ସେଥିରୁ ଇଂରେଜି ସ୍କୁଲ ଥିଲା ୧୪ ଓ ଓଡ଼ିଆ ସ୍କୁଲ ଥିଲା ୮୨ ।

ଏହିସବୁ ସ୍କୁଲଗୁଡ଼ିକ ସଂଖ୍ୟା ବୃଦ୍ଧି ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ସହାୟକ ହେଲା । ଓଡ଼ିଆଭାଷାରେ ମୌଳିକ ପୁସ୍ତକର ଅଭାବ ଥିବାରୁ ବଙ୍ଗଳାରୁ ଅନୁବାଦିତ ହୋଇ ପ୍ରାଥମିକ ବିଦ୍ୟାଳୟରେ ବ୍ୟବହୃତ ହେଲା । ଓଡ଼ିଶାର ପ୍ରାଚୀନ ପଦ୍ୟ ସାହିତ୍ୟର ସଦୁପଯୋଗ ହେଲା ନାହିଁ । ଅନୂଦିତ ପୁସ୍ତକ ମଧ୍ୟରେ ଓଡ଼ିଆ ବର୍ଣ୍ଣ ଶିକ୍ଷା, ହିତୋପଦେଶ ନୀତିକଥା ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଏହି ଅବସ୍ଥାରେ ବ୍ୟାସକବି ଫକୀରମୋହନ କେତେକ ବନ୍ଧୁଙ୍କୁ ଧରି ପାଠ୍ୟପୁସ୍ତକ ରଚନା ଓ ପ୍ରେସ ପ୍ରତିଷ୍ଠା କରିବାରେ ଲାଗି ପଡ଼ିଲେ । ଭାଷା; ଗଣିତ, ଭୂଗୋଳ ଓ ଇତିହାସରେ ଲିଖିତ ତାଙ୍କର ପାଠ୍ୟ ପୁସ୍ତକ ସରକାରୀ ସ୍ୱୀକୃତି ପାଇଥିଲା । ସାରା ରାଜ୍ୟରେ ପ୍ରଚଳିତ ହେବାରୁ ସେ ମଧ୍ୟ ଉତ୍ସାହିତ ହୋଇଥିଲେ । ଏହା ଊନବିଂଶ ଶତାବ୍ଦୀର ଶେଷ ଭାଗର କଥା ।

ତତ୍‌କାଳୀନ ଓଡ଼ିଶାର ଜଏଣ୍ଟ ଇନସ୍‌ପେକ୍ଟର କବିବର ରାଧାନାଥ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନରେ ଖୁବ୍ ପ୍ରେରଣା ଦେଇଥିଲେ । ସେ ନିଜେ ଓ ଭକ୍ତ କବି ମଧୁସୁଦନ ମିଶି କବିତାବଳୀ ପୁସ୍ତକଟି ରଚନା କରି ଥିଲେ । ପରେ ମଧୁସୁଦନ ଶିଶୁ ସାହିତ୍ୟ ରଚନାରେ ବିଶେଷ କୃତିତ୍ୱ ଅର୍ଜନ କରିଥିଲେ । ତେଣୁ ତାଙ୍କୁ ଓଡ଼ିଆ ଶିଶୁସାହିତ୍ୟର ଜନକ କୁହାଯାଏ ।

ମଧୁସୁଦନଙ୍କ ରଚିତ ଓ ୧୮୯୫ରେ ପ୍ରକାଶିତ ବର୍ଣ୍ଣବୋଧ ବହୁ ଦିନ ଧରି ଓଡ଼ିଆ ଅକ୍ଷର ଶିକ୍ଷାର ଏକ ସାର୍ଥକ ମାଧ୍ୟମ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲେ । ଏହା ଶିଶୁ ମନସ୍ତତ୍ତ୍ୱକୁ ନେଇ ରଚିତ ଏବଂ ଏଥିରେ ଥିବା ପ୍ରାକୃତିକ ଓ ବାସ୍ତବ ବର୍ଣ୍ଣନା ତଥା ଭକ୍ତି ଓ ନୀତିମୂଳକ କ୍ଷୁଦ୍ର କବିତାଗୁଡ଼ିକ ଶିଶୁମାନଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା । ତାଙ୍କ ଲିଖିତ 'ଛନ୍ଦମାଳା' ଓ ବୋଧୋଦୟ' ପାଠ୍ୟ ପୁସ୍ତକ ରୂପେ ପ୍ରଚଳିତ ହୋଇଥିଲା । ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର କୃତିତ୍ୱ ଉଲ୍ଲେଖଯୋଗ୍ୟ ।

ପଲ୍ଲୀକବି ନନ୍ଦକିଶୋର ଗାଁ ଗହଳିର ପରିଚିତ ବ୍ୟକ୍ତି ଓ ବସ୍ତୁର ସରସ ଓ ସଜୀବ ଚିତ୍ର ଦେଇଛନ୍ତି ତାଙ୍କ ସାହିତ୍ୟରେ । ସରଳ ଭାଷା ଓ ଶୈଳୀରେ ଖଣ୍ଡକବିତାଗୁଡ଼ିକ ଶିଶୁ

ମନକୁ ଛୁଇଁଲା ଭଳି ହୋଇଛି । ୧୯୧୫ରେ ପ୍ରକାଶିତ 'ନାନାବାୟା ଗୀତ' ପିଲାମାନଙ୍କ ମନୋରଞ୍ଜନ ପାଇଁ ସମର୍ଥ ହୋଇପାରିଛି । ତାଙ୍କର କବିତା ପୁସ୍ତକ 'ନିର୍ଝରିଣୀ', ''ପଲ୍ଲୀଚିତ୍ର'' ପ୍ରଭୃତି ଶିଶୁ ସାହିତ୍ୟର ଉଜ୍ଜ୍ୱଳ ରତ୍ନ । ତାଙ୍କ ସମୟରେ ଓ ପରେ ଗୋପାଳ ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗଙ୍ଗାଧର ମେହେର, ଭିକାରୀ ପଟ୍ଟନାୟକ ପ୍ରମୁଖ ଶିଶୁ ସାହିତ୍ୟ ରଚନାରେ କୃତିତ୍ୱ ଦେଖାଇଥିଲେ ।

ବିଂଶ ଶତାବ୍ଦୀର ୩ୟ ଦଶକ ପରେ ପୃଥିବୀ ତଥା ଭାରତୀୟ ଶିଶୁ ସାହିତ୍ୟ ସମାଜ ବିଜ୍ଞାନ ଦ୍ୱାରା ପରିପୁଷ୍ଟ ହେଲା ।ଶିଶୁ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱର ଗୁରୁତ୍ୱ ଉପଲବ୍ଧି କରାଗଲା । ବିଜ୍ଞାନର ନୂତନ ଆବିଷ୍କାର ଓ ଉଦ୍ଭାବନ ଶିଶୁମାନଙ୍କର ବୋଧଗମ୍ୟ ଭାଷା ଓ ଶୈଳୀରେ ଲେଖା ଯାଇ ନଥିଲା । ପ୍ରଥମେ ଶିକ୍ଷକ ବାଳକୃଷ୍ଣ କର ଏ ଦିଗରେ ପଥ ପ୍ରଦର୍ଶନ କଲେ । ତାଙ୍କ ଲିଖିତ ନୂଆ ପାଠ ଶିକ୍ଷା ବିଭାଗ ଦ୍ୱାରା ଶିଶୁମାନଙ୍କ ପାଇଁ ପାଠ୍ୟ ପୁସ୍ତକ ରୂପେ ମନୋନୀତ ହେଲା । ତାଙ୍କ ରଚିତ 'ଚାରୁପାଠ' ''ନୀତି ମଞ୍ଜରୀ', 'ସପନ ପୁରୀ' 'ଫୁଲଚାଙ୍ଗୁଡ଼ି' ଶ୍ରେଷ୍ଠ ଶିଶୁ ସାହିତ୍ୟ ରୂପେ ବିବେଚିତ । ତାଙ୍କ ସମ୍ପାଦିତ ଶିଶୁ ସାହିତ୍ୟ ପତ୍ରିକା 'ଜହ୍ନମାମୁଁ' ଓ 'ମଧୁକୋଷ' ଶିଶୁ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ବିଶେଷ ସହାୟକ ହୋଇଥିଲା ।

ସତ୍ୟବାଦୀ ଯୁଗର କୃତବିଦ୍ୟ ଲେଖକମାନଙ୍କର ଶିଶୁ ସାହିତ୍ୟର ବିକାଶରେ ଯଥେଷ୍ଟ ଅବଦାନ ରହିଛି । ଗୋପବନ୍ଧୁଙ୍କ 'ଧର୍ମପଦ', 'ନୀଳକଣ୍ଠ', ' ପିଲାଙ୍କ ରାମାୟଣ' ଓ 'ମହାଭାରତ' ଓ ଗୋଦାବରୀଶଙ୍କ 'କଳିକା' 'କିଶଳୟ' 'ଆଲେଖିକା', 'ଚୟନିକା' 'ଗୀତିଗୁଚ୍ଛ' 'ପିଲାଙ୍କ କାହିଁକି' ପ୍ରଭୃତି ବିଶେଷ ଉଲ୍ଲେଖ ଯୋଗ୍ୟ । ବିଶେଷତଃ ଏ କ୍ଷେତ୍ରରେ କୃତୀ ଶିକ୍ଷକ ଗୋଦବରୀଶଙ୍କ କୃତିତ୍ୱ ଅସାଧାରଣ । ଶିଶୁ ମନସ୍ତତ୍ତ୍ୱ, ତାର ଭାଷା, ଭାବ କୌତୂହଳ ପ୍ରଭୃତି ତାଙ୍କ ସୃଷ୍ଟିଗୁଡ଼ିକୁ କରିଛି ଅତି ମନୋଜ୍ଞ ଓ ଚିତ୍ତାକର୍ଷକ ।

ଜାତୀୟ କବି ବୀରକିଶୋର ଶିଶୁସାହିତ୍ୟ ଦରବାରରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ତାଙ୍କ ଲିଖିତ 'ବୀର ସୈନିକ' 'ମୋ ବହି' ''ଛବିବହି''ପ୍ରଭୃତି ଶିଶୁ ସାହିତ୍ୟରେ ଏକ ଏକ ଅମୂଲ୍ୟ ସୃଷ୍ଟି । ତାଙ୍କ ସଂପାଦିତ'' ମୋ ଦେଶ ଶିଶୁ ସାହିତ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମାୟାଧର ମାନସିଂହ, ପ୍ରାଣକୃଷ୍ଣ ପରିଜା, ବିରାଜମୋହନ ସେନାପତି, ଅଧିରାଜ ମୋହନ ସେନାପତି କାଳିନ୍ଦୀ ଚରଣ ପାଣିଗ୍ରାହୀ ପ୍ରମୁଖ ସାହିତ୍ୟିକଗଣ ଓଡ଼ିଆ ଶିଶୁ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି ।

ଗୋଦାବରୀଶ ମହାପାତ୍ରଙ୍କ "ମୋ ଖେଳସାଥୀ" ସବୁ କାଳର ଗଳ୍ପ, 'ଛବିର କବିତା' ଶିଶୁସାହିତ୍ୟର ଅନବଦ୍ୟ ସୃଷ୍ଟି । ତାଙ୍କର ସଂପାଦିତ 'ଟୁଆଁଟୁଇଁ' ପତ୍ରିକା ଶିଶୁ ଓ କିଶୋରମାନର ପ୍ରିୟ ହେବା ସଂଗେ ସଂଗେ ନୂତନ ଲେଖକ ସୃଷ୍ଟିରେ ସହାୟକ ହୋଇଥିଲା । ଚକ୍ରଧର ମହାପାତ୍ର, ଆର୍ତ୍ତତ୍ରାଣ ମିଶ୍ର, ରଘୁନାଥ ମହାପାତ୍ର, ଲାଲା ନଗେନ୍ଦ୍ର କୁମାର ରାୟ, ଶିବପ୍ରସାଦ ଦାସ, ପ୍ରମୁଖ ଶିଶୁ ଉପଯୋଗୀ କବିତା ଜୀବନୀ ଓ ଗଳ୍ପ ରଚନା କରିଥିଲେ ।

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡଙ୍ଗୀ, କୁଞ୍ଜବିହାରୀ ଦାଶ, କାଳୀଚରଣ ପଟ୍ଟନାୟକ, ରାମପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର କର, ପ୍ରାଣବନ୍ଧୁ କର, ଚିତ୍ତରଂଜନ ଦାସ, ବିଦ୍ୟୁତ୍ ପ୍ରଭା ଦେବୀ, ଗୋପାଳ ଚନ୍ଦ୍ର ମିଶ୍ର, ଗୋଲୋକ ବିହାରୀ ଧଳ ଓ ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ ଶିଶୁସାହିତ୍ୟ ରଚନାରେ ସିଦ୍ଧହସ୍ତ । ଗୋକୁଳାନନ୍ଦ ମହାପାତ୍ର, କୁଳମଣି ସାମଲ, ଶାନ୍ତନୁ ଆଚାର୍ଯ୍ୟ, ସୂର୍ଯ୍ୟମଣି ବେହେରା, ଦେବକାନ୍ତ ମିଶ୍ର, ବସନ୍ତ ବେହୁରା, ନରେନ୍ଦ୍ର ଦାସ ପ୍ରମୁଖ ବିଜ୍ଞାନର ବିଭିନ୍ନ ବିଭାଗରେ ଲେଖି ସଫଳତା ଲାଭ କରିଛନ୍ତି । ସର୍ବଶ୍ରୀ ବୀରକିଶୋର ପାଢ଼ୀ, ଭଗବାନ ପାଢ଼ୀ, ବାଞ୍ଛାନିଧି ଦାଶ, ଅନନ୍ତ ପଟ୍ଟନାୟକ, ବିନୋଦ ରାଉତରାୟ, ନିକୁଞ୍ଜ କାନୁନ୍‌ଗୋ, ଅପୂର୍ବ ରଞ୍ଜନ ରାୟ, ମହେଶ୍ୱର ମହାନ୍ତି, ପ୍ରସନ୍ନ ମିଶ୍ର, ଜଗନ୍ନାଥ ମହାନ୍ତି, ସ୍ନେହଲତା ମହାନ୍ତି, ମହେଶ୍ୱର ମୂଳିଆ, ପୂର୍ଣ୍ଣପ୍ରଭା ଦେବୀ, ନନ୍ଦକିଶୋର ସିଂହ, କୁମୁଦିନୀ ଦେବୀ, କ୍ଷୀରୋଦଚନ୍ଦ୍ର ପୋଥାଳ, ବାମନ ଚରଣ ମିଶ୍ର, ଜୟକୃଷ୍ଣ ସାହୁ, ବଟକୃଷ୍ଣ ଓଝା, ରଘୁନାଥ ରାଉତ, ରମେଶ ଭଞ୍ଜ, ଦେବରାଜ ସାମନ୍ତରାୟ, ବୀରକିଶୋର ଦାସ, ନଟବର ସାହୁ, ବୀରେନ୍ଦ୍ର ସାମନ୍ତରାୟ, ମନୋଜ ଦାସ, ବିଭୂତି ପଟ୍ଟନାୟକ, ଶୁଭେନ୍ଦ୍ର ଶ୍ରୀଚନ୍ଦନସିଂ, ରାମଚନ୍ଦ୍ର ମହାନ୍ତି, ଚକ୍ରଧର ବେହେରା, ମନୋରମା ମହାପାତ୍ର, ଅମରେନ୍ଦ୍ର ଗିରି ପ୍ରମୁଖ ଶିଶୁସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ସମ୍ପ୍ରତି ଶିଶୁସାହିତ୍ୟର ଉନ୍ନତି ପାଇଁ ବହୁମୁଖୀ ଉଦ୍ୟମ ହେଉଛି । ବହୁ ଶିଶୁପତ୍ରିକାର ପ୍ରକାଶକ ଏ ଦିଗରେ ଏକ ଉଲ୍ଲେଖଯୋଗ୍ୟ ଚେଷ୍ଟା ଶିଶୁଲେଖା, ମନପବନ, ସଂସାର ପ୍ରଭୃତି ଅଳ୍ପ କେତୋଟି ପତ୍ରିକାକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକର ସମ୍ପାଦନା ବହୁ ଉନ୍ନତି ସାପେକ୍ଷ । ମାତ୍ର କେତେକ ପତ୍ରିକା ୨/୩ ବର୍ଷ ଧରି ରାଜ୍ୟସ୍ତରୀୟ ଶିଶୁସାହିତ୍ୟ ସମ୍ମିଳନୀର ଆୟୋଜନ କରି ପ୍ରଶଂସାର୍ହ ହୋଇଛନ୍ତି । ଡକ୍ଟର ମନୀନ୍ଦ୍ର ମହାନ୍ତି ନିଜେ ଓଡ଼ିଆ ଶିଶୁସାହିତ୍ୟର ପ୍ରଥମ ଗବେଷକ ହେବା ସଂଗେ ସଂଗେ ଶିଶୁସାହିତ୍ୟ ଗବେଷଣା ପରିଷଦ

ମାଧ୍ୟମରେ ଶିଶୁସାହିତ୍ୟ ଲେଖକ ଓ ସମ୍ପାଦକଙ୍କ ତାଲିମ ଆଲୋଚନା ଓ ଗବେଷଣାର ବ୍ୟବସ୍ଥା କରି ଅଭିନନ୍ଦନୀୟ ହୋଇଛନ୍ତି । ଗତବର୍ଷଠାରୁ ଶିଶୁସାହିତ୍ୟ ଏକାଡେମୀ ନାମକ ଏକ ରାଜ୍ୟସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଛି ।

ଶିଶୁସାହିତ୍ୟ କ୍ଷେତ୍ରରେ ଏକ ବୌଦ୍ଧିକ ଆଭିମୁଖ୍ୟ ଓ ନେତୃତ୍ୱ ଦେବା ଏହାର ଲକ୍ଷ୍ୟ । ଗବେଷଣା, ପ୍ରଶିକ୍ଷଣ, ପ୍ରକାଶନ, ସମ୍ପାଦନ ପ୍ରଭୃତିର ଆୟୋଜନ କରି ଶିଶୁସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହା କାର୍ଯ୍ୟ କରପାରିବ । ଅନେକ ତରୁଣ ଓ ଯୁବ ଶିଶୁସାହିତ୍ୟିକ ଓ ସମ୍ପାଦକ ଶିଶୁସାହିତ୍ୟ କ୍ଷେତ୍ରରେ ଉଜ୍ଜ୍ୱଳ ସମ୍ଭାବନା ଓ ପ୍ରତିଭାର ସୂଚନା ଦେଇଛନ୍ତି । ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ସଂଗେ ସଂଗେ ସେମାନଙ୍କ ସମୂହ ସହଯୋଗ, ସଦିଚ୍ଛା ଓ ଆସ୍ଥାଭାଜନ ହୋଇ ଏହି ଅନୁଷ୍ଠାନ କାର୍ଯ୍ୟ କରିପାରିଲେ ବହୁ ସମସ୍ୟାର ସମାଧାନ ଓ ଶିଶୁସାହିତ୍ୟର ଆଶାନୁରୂପ ଅଭ୍ୟୁଦୟ ଘଟନ୍ତା ।

(**ଆଜିକାଲି,** ନଭେମ୍ବର ୬, ୧୯୮୮, ବାଲେଶ୍ୱର)

# ଶିଶୁ ସାହିତ୍ୟ ଓ ଶିଶୁ ଶିକ୍ଷା

## ଶିଶୁସାହିତ୍ୟ ଶିଶୁଶିକ୍ଷାର ସାର୍ଥକ ମାଧ୍ୟମ

ଶିଶୁସାହିତ୍ୟ ଶିକ୍ଷାର ସାର୍ଥକ ଓ ସରସ ମାଧ୍ୟମ । ଶିକ୍ଷାକୁ ଆମେ ଶିଶୁର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟର ପ୍ରକାଶ ତଥା ବିକାଶ କହୁଁ ଅଥବା ସହଜାତ ପ୍ରବୃତ୍ତିର ଯଥାଯଥ ଉନ୍ନତି ଓ ଉନ୍ମୋଚନ କହୁଁ କିମ୍ବା ଶିକ୍ଷାର୍ଥୀକୁ ଅଜ୍ଞାନ-ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ନେଇ ଯିବାର ପ୍ରକୃଷ୍ଟ ପ୍ରନ୍ଥା ବୋଲି ବିଚାର କରୁଁ । ଶିଶୁସାହିତ୍ୟ ଶିକ୍ଷା ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଏହି ସାହିତ୍ୟ ପୁଣି ନାନାବାୟା ଗୀତ ବା ନାଁ ଦିଆ ଗୀତ ରୂପରେ ହେଉ ଅଥବା ଲୋକସାହିତ୍ୟ ବା ବିଜ୍ଞାନ ସାହିତ୍ୟ ରୂପେ ହେଉ, ଶିଶୁ ଶିକ୍ଷାର ପ୍ରଯତ୍ନ ଓ ପ୍ରସାର କରିଥାଏ ।

## ଶିକ୍ଷା ଓ ମନୋରଞ୍ଜନ

ଶିଶୁ ଶିକ୍ଷଣ- ପ୍ରବଣ । ତାର ପରିବେଶରୁ ସେ ଶିକ୍ଷା କରେ । ପ୍ରତ୍ୟେକ ଅନୁଭୂତି ହିଁ ଶିକ୍ଷଣର ଏକ ଉପାଦାନ । ତେଣୁ ଶିକ୍ଷାକୁ ଜୀବନବ୍ୟାପୀ କୁହାଯାଏ । ଶିକ୍ଷଣହିଁ ଜୀବନ ଓ ଜୀବନ ହିଁ ଶିକ୍ଷଣ । ଉଭୟେ ହାତ ଧରାଧରି ହୋଇ ଚାଲେ ଜନ୍ମରୁ ମୃତ୍ୟୁଯାଏ ଏନ୍ତୁଡ଼ିଶାଳରୁ ମଶାଣିଭୂଇଁ ଯାଏ । ତେଣୁ ଶିଶୁ ସାହିତ୍ୟ ଶିଶୁ ଜୀବନର ସାଥୀ ଓ ସହାୟକ । ଶିଶୁର ମନକୁ ଛୁଇଁଲା ଭଳି ଭାଷା ଓ ଶୈଳୀରେ ତାକୁ ସେ କହେ, ଶୁଣାଏ ଓ ଶିଖାଏ । ତାକୁ ଆନନ୍ଦ ଦେବା ସହିତ ଶିକ୍ଷାଦିଏ । ମନୋରଞ୍ଜନ ହିଁ ତାର ପ୍ରକୃତି, ଶିକ୍ଷଣହିଁ ତାର ପରିଣତି ।

## ଶିଶୁର ମନ

ଶିଶୁର ମନ ସ୍ୱତନ୍ତ୍ର । ଏହା ବୟସ୍କ ମଣିଷର ମନ ପରି ଦନ୍ତୁରା ହୋଇ ନଥାଏ । ଅନୁଭୂତି ବା ଅଭିଜ୍ଞତାର ଅଭାବ ଥାଇପାରେ, ମାତ୍ର ଏହା ଶାଣିତ ହୋଇଥାଏ । ଜିଜ୍ଞାସା ଓ କୌତୂହଳରେ । ଏହା ଶିକ୍ଷଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରେ, ସହାୟତା କରେ ଓ ବିକଶିତ ହୁଏ । ଶିଶୁ ସାହିତ୍ୟ ଏଦିଗରେ ତାକୁ ସହଯୋଗ କରେ ।

## ବିଭିନ୍ନ ପ୍ରକାର ଶିକ୍ଷା ଓ ସାହିତ୍ୟ

ଶିକ୍ଷା ପୁଣି ଜ୍ଞାନଲାଭରେ ସୀମିତ ନୁହେଁ । ଶିଶୁର ମନୋଭାବ, ଅଭିରୁଚି ଓ ବିଚାର ବିଶ୍ଲେଷଣ ଶକ୍ତିର ବିକାଶରେ ଏହା ସାହାଯ୍ୟ କରେ । ଶିଶୁ ସାହିତ୍ୟ ଚିତ୍ତବିନୋଦନ ମଧ୍ୟରେ ଏହିସବୁ ଦକ୍ଷତା ବଢ଼ାଇବାରେ ସହାୟକ ହୁଏ, ହେବା ଉଚିତ ।

ସମାଜ ଓ ଜୀବନର ଆବଶ୍ୟକତାକୁ ଚାହିଁ ଶିଶୁକୁ ନିଆଯାଏ । ସେ କିପରି ସାର୍ଥକ ଭାବରେ ଜୀବନ ସଂଗ୍ରାମରେ ଯୋଗଦାନ କରିପାରିବ, ସଫଳ ଓ ସମର୍ଥ ମଣିଷଟିଏ ହୋଇପାରିବ, ସେଦିଗରେ ଶିକ୍ଷାର ଯେମିତି ଭୂମିକା ରହିଛି, ଶିଶୁସାହିତ୍ୟର ସେମିତି ଦାୟିତ୍ୱ ରହିଛି । ଉଭୟେ ତେଣୁ ଏଦିଗରେ ଶିଶୁର ସହାୟକ ହୁଅନ୍ତି, ହେବା ଉଚିତ ମଧ୍ୟ ।

**ଶିଶୁସାହିତ୍ୟ ଓ ପାଠ୍ୟପୁସ୍ତକ ମଧ୍ୟରେ ପାର୍ଥକ୍ୟ**

ଶିଶୁଶିକ୍ଷା ଓ ଶିଶୁ ସାହିତ୍ୟର ଲକ୍ଷ୍ୟ ଏକ, ସାଧନ ବା ମାଧ୍ୟମ ଅନେକ । ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଶିଶୁର ମନସ୍ତାତ୍ତ୍ୱିକ, ସାମାଜିକ ଆଦି ଦୃଷ୍ଟି କୋଣରୁ ପ୍ରସ୍ତୁତ ହୁଏ । ସେଥିରେ କେତେକ ଶୃଙ୍ଖଳା ଓ ବିଧିବିଧାନ ରଖାଯାଇଥାଏ । ଶିଶୁଶିକ୍ଷା ତା ମଧ୍ୟରେ ସୀମିତ ଓ ଶୃଙ୍ଖଳିତ ହୋଇଥାଏ । ମାତ୍ର ଶିଶୁସାହିତ୍ୟ ଏସବୁ ସୀମା ଶୃଙ୍ଖଳାରୁ ମୁକ୍ତ । ସେ ସ୍ୱଚ୍ଛନ୍ଦ ଓ ସରସ । ତେଣୁ ଅଧିକ ସାର୍ଥକ ଓ ସହାୟକ ହୋଇଥାଏ ।

**ଶିକ୍ଷା ଶିଶୁର ମୌଳିକ ଅଧିକାର**

ଶିକ୍ଷା ଶିଶୁର ଏକ ମୌଳିକ ଅଧିକାର । ଏହା ସ୍ୱୀକୃତ ହୋଇଛି ୟୁନେସ୍କୋ ପରି ଆନ୍ତର୍ଜାତୀୟ ସଂସ୍ଥାର ଘୋଷଣାରେ ତଥା ଆମ ସଂବିଧାନର ନିର୍ଦ୍ଦେଶନାମାରେ । ସାର୍ବଜନୀନ ପ୍ରାଥମିକ ଶିକ୍ଷା ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ । ମାତ୍ର ଆମ ଦେଶରେ ବିଭିନ୍ନ କାରଣରୁ ଏହି ଜାତୀୟ ଲକ୍ଷ୍ୟ ଏପର୍ଯ୍ୟନ୍ତ ସାଧିତ ହୋଇନାହିଁ । ବିଂଶ ଶତାବ୍ଦୀର ଶେଷ ସୁଦ୍ଧା ''ସବୁରି ପାଇଁ ଶିକ୍ଷା'' ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲକ୍ଷ୍ୟ ଭାବରେ ସ୍ଥିରୀକୃତ ହୋଇଛି । ମାତ୍ର ଶିକ୍ଷାକୁ ସରସ ଓ ଆକର୍ଷଣୀୟ କରିବା ପାଇଁ ଶିଶୁସାହିତ୍ୟର ଯଥେଷ୍ଟ ଆବଶ୍ୟକତା ରହିଛି । ସେଥିପାଇଁ କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ''କଳାପଟା ଅଭିଯାନ'' (Operation Blackboard) ମଧ୍ୟରେ ପ୍ରାଥମିକ ବିଦ୍ୟାଳୟକୁ ଶିଶୁସାହିତ୍ୟ ଯୋଗାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ମାତ୍ର ଦୁର୍ଭାଗ୍ୟକୁ ଆମ ରାଜ୍ୟରେ ପ୍ରକାଶକମାନଙ୍କ ସଂକୀର୍ଣ୍ଣ ସ୍ୱାର୍ଥପରତା ଓ ସରକାରଙ୍କ ଅବହେଳାରୁ ଏହା ସଫଳ ହୋଇପାରିନାହିଁ ।

**ଶିଶୁର ବହୁମୁଖୀ ବିକାଶରେ ସାହିତ୍ୟର ଭୂମିକା**

ଶିଶୁମାନଙ୍କର ମାନସିକ, ଆବେଗିକ ଓ ସାମାଜିକ ବିକାଶ ପାଇଁ ଶିଶୁସାହିତ୍ୟର ଯଥେଷ୍ଟ ଅବଦାନ ରହିଛି । ଉପଯୁକ୍ତ ଶିଶୁସାହିତ୍ୟ ଶିଶୁମାନଙ୍କ ଜ୍ଞାନର ଉନ୍ନତି ସହିତ

ମନସ୍ତାତ୍ତ୍ୱିକ ତଥା ଆଚରଣଗତ ବିକାଶରେ ସହାୟକ ହୁଏ । ଗବେଷଣାରୁ ଜଣାପଡ଼ିଛିଯେ ଶିଶୁ ସାହିତ୍ୟ, ପଠନ ଅଭ୍ୟାସ ଗଠନରେ ସାହାଯ୍ୟ କରେ ଏବଂ ଏହା ଫଳରେ ସାମାଜ ମଂଗଳ ମନୋଭାବ, ସହଯୋଗିତା ମୈତ୍ରୀ ଆଦି ସଦ୍‌ଗୁଣର ବିକାଶ ସାଧିତ ହୁଏ । ଏହା ତାହାର ଶିକ୍ଷାଗତ ସଫଳତା ଓ କୃତିତ୍ୱର ପଥକୁ ସୁଗମ କରିଥାଏ ।

## ବହୁ ମାଧ୍ୟମୟ ଓ ଜୀବନବ୍ୟାପୀ ଶିକ୍ଷା ଓ ସାହିତ୍ୟ

ଆଜିକାଲି ଶିକ୍ଷା ଯେମିତି ବହୁ ମାଧ୍ୟମୀୟ (Multimedia) ଓ ଜୀବନବ୍ୟାପୀ (Life-long) ହୋଇଛି । ଶିଶୁସାହିତ୍ୟ ସେମିତି ମୁଦ୍ରଣ ବ୍ୟତୀତ ବିଭିନ୍ନ ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀ ଓ ମାଧ୍ୟମ ଯଥା ରେଡ଼ିଓ, ଟେଲିଭିଜନ, ଚଳଚିତ୍ର ଆଦି ସାହାଯ୍ୟରେ ପ୍ରକାଶିତ ଓ ବିକଶିତ ହେବା ଦରକାର । ସେଥିପାଇଁ ଶିଶୁସାହିତ୍ୟର ଉଭୟ ଆଙ୍ଗିକ ଓ ଆତ୍ମିକ ବିଭାବରେ ବାଞ୍ଛିତ ପରିବର୍ତ୍ତନ ଆଣି ଶିଶୁଶିକ୍ଷାର ବିକାଶରେ ସହଯୋଗ କରିବା ଲେଖକ, ପ୍ରକାଶକ, କଳାକାର, ସଂପାଦକ, ପିତାମାତା ପ୍ରମୁଖ ସମସ୍ତଙ୍କର ମହାନ୍ କର୍ତ୍ତବ୍ୟ । ଶିଶୁସାହିତ୍ୟ କେବଳ ଶିଶୁ ଓ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ନହୋଇ, ସଚେତନ ଓ ସଂବେଦନଶୀଳ ବୟସ୍କମାନଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇପାରିବ । ଶିଶୁ ଶିକ୍ଷା ଓ ଶିଶୁ ସାହିତ୍ୟ ପରସ୍ପର ସାହାଯ୍ୟ ଓ ସହାଯାଗରେ ସଫଳ, ସରସ ଓ ସାର୍ଥକ ହୋଇପାରିବ ।

## ଶିଶୁଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଏକ ବିପଦ

ପ୍ରାକ୍ ପ୍ରାଥମିକ ଓ ପ୍ରାଥମିକ ସ୍ତର ଆମ ଶିକ୍ଷା ଓ ସାହିତ୍ୟର ତଳିକିଆରୀ । ଏହି ସମୟକୁ ପିଲାମାନଙ୍କର ମାତୃଭାଷା ପ୍ରତି ଶ୍ରଦ୍ଧା ଜାତ ହେବା ଉଚିତ । ମାତ୍ର ଇଂରେଜ ମାଧ୍ୟମର ପ୍ରାଧାନ୍ୟ ଓ ପ୍ରାଚୁର୍ଯ୍ୟ ଯୋଗୁଁ ଓଡ଼ିଆ ଓ ଆନୁଗତ୍ୟ(ବାଧ୍ୟତାମୂଳକ ଭାବରେ) ଇଂରେଜି ଭାଷା ପ୍ରତିବନ୍ଧିଯାଇଛି । ତା'ଫଳରେ ଓଡ଼ିଆ ଭାଷାରେ ସେମାନେ ଦୁର୍ବଳ ହେଉଛନ୍ତି ଏବଂ କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଅଜ୍ଞତ । ଘୃଣା ପରିଦୃଷ୍ଟ ହେଉଛି । ଏହା ଓଡ଼ିଆ ଭାଷା ଓ ଶିକ୍ଷା କ୍ଷେତ୍ରରେ ଏକ ବିପଦ ପରି ଦେଖାଦେଇଛି । ଆମେ ଆଜିଠାରୁ ଏଥିପ୍ରତି ସାବଧାନ ହେବା ଉଚିତ । ନଚେତ୍. ଆମର ତଳିକିଆରି ଉଜୁଡ଼ି ଯିବ ।

*(ଆଲୋଚନାଚକ୍ର ତା ୧୫.୯.୯୬)*

• • • • • • •

# ଓଡ଼ିଆ ଶିଶୁ ସାହିତ୍ୟର ସ୍ଥିତି ଓ ସମସ୍ୟା

## ପ୍ରଯୋଜନା : ଡକ୍ଟର ମନୀନ୍ଦ୍ର ମହାନ୍ତି

**୧. ସର୍ବଭାରତୀୟ ସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟର ସ୍ଥାନ କେଉଁଠି ?**

ସଂପ୍ରତି ଜାତୀୟ ସ୍ତରରେ ଓଡ଼ିଆ ଶିଶୁସାହିତ୍ୟର ସ୍ଥାନ ନିମ୍ନମାନର ବୋଲି କହିବା ଅନୁଚିତ । ଅନ୍ୟ ଆଂଚଳିକ ଭାଷାର ଶିଶୁ ସାହିତ୍ୟ ସହିତ ଏହା ସମାସୀନ । ଗଳ୍ପ, କବିତା, ଜୀବନୀ, ଭ୍ରମଣ କାହାଣୀ, ଲୋକକଥା, ଲୋକଗୀତ, ବିଜ୍ଞାନ ରୂପକ ଓ କାହାଣୀ ଆଦି ବିଭିନ୍ନ ବିଭାବରେ ଏହା ସମୃଦ୍ଧ । ତେବେ ଏକାଙ୍କିକା, କ୍ଷୁଦ୍ର ଉପନ୍ୟାସ, ଆତ୍ମଜୀବନୀ, ନାନାବାୟା ଗୀତ ଆଦିର ବିକାଶ ଆଶାନୁରୂପ ହୋଇନାହିଁ । ମୁଦ୍ରଣ ପରିପାଟୀରେ ଉନ୍ନତି ହୋଇଥିଲେ ହେଁ ଏହା ଅନ୍ୟ ଭାଷା ତୁଳନାରେ କମ୍ ।

**୨. ଓଡ଼ିଶାରେ ଶିଶୁ ସାହିତ୍ୟର ବିକାଶ ପାଇଁ ଏବେ ସରକାରୀ ଓ ବେସରକାରୀ ସ୍ତରରେ କି ଉଦ୍ୟମ ହେଉଛି ?**

ଏହା ଭଲ ପ୍ରଶ୍ନଟିଏ । କାରଣ ଯୋଜନାବଦ୍ଧ ଉଦ୍ୟମ ନହେଲେ ଶିଶୁସାହିତ୍ୟର ବିକାଶସାଧନ ସନ୍ତୋଷଜନକ ହେବନାହିଁ । ସଂପ୍ରତି ଓଡ଼ିଆ ଶିଶୁସାହିତ୍ୟ ଏକ ସଙ୍କଟର ସମ୍ମୁଖୀନ । ବିଶେଷତଃ ସରକାରୀ ସ୍ତରରେ ଏହା ଏକ ଅନ୍ଧାରୀ ମୁଳକ ହୋଇଛି । କାରଣ ରାଜ୍ୟ ସରକାର ୧୯୬୨ ମସିହାରୁ ଶିଶୁ ସାହିତ୍ୟ ସମିତି ଗଠନ କରି ଜାତୀୟକରଣ ପାଠ୍ୟପୁସ୍ତକ ସହିତ ସଚିତ୍ର ଓ ରଙ୍ଗୀନ "ଶିଶୁଲେଖା" ପତ୍ରିକା ପ୍ରକାଶନ, ଶିଶୁସାହିତ୍ୟ ପ୍ରତିଯୋଗିତା, ଆଲୋଚନାଚକ୍ର, ସମ୍ମେଳନ ଆଦିର ସଂଗଠନ କରୁଥିଲେ । ମାତ୍ର ଦୁର୍ଭାଗ୍ୟର କଥା ଯେ କ୍ରମେ ଏହି ସମିତିକୁ ସ୍ଥାଣୁ ଓ ନିର୍ଜୀବ କରାଯାଇଛି । ବଜେଟରେ ଉପରୋକ୍ତ ଶିଶୁମଙ୍ଗଳ କାର୍ଯ୍ୟକ୍ରମ ପାଇଁ ଅର୍ଥବ୍ୟବସ୍ଥା ହୋଇନାହିଁ ବୋଲି ଶୁଣାଯାଏ । ସଂପୃକ୍ତମନ୍ତ୍ରୀ ଓ ସଚିବଙ୍କୁ ପତ୍ରଦେଇ ଏବଂ ଗଣମାଧ୍ୟମରେ ବାରମ୍ବାର ଆଲୋଚନା କରି ମଧ କୌଣସି ପ୍ରତିକାର ହେଲା ନାହିଁ । ସଂପ୍ରତି ଏଥିପ୍ରତି ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ରାଜ୍ୟରେ କଳାପଟା ଅଭିଯାନ, ଡି.ପି.ଇ.ପି. ଆଦି ପ୍ରକଳ୍ପ ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କାର ଶିଶୁସାହିତ୍ୟ କେନ୍ଦ୍ର ସରକାରଙ୍କ ଅନୁଦାନରେ କିଣାଯିବାର ବ୍ୟବସ୍ଥା ଥିଲେହେଁ

କେତେକ ପ୍ରକାଶକଙ୍କ ଅତିରିକ୍ତ ସ୍ୱାର୍ଥଲିପ୍ସା ଓ ରାଜ୍ୟ ସରାକରଙ୍କ ଅବହେଳା ଓ ଅନାଗ୍ରହ ଯୋଗୁଁ ଦୀର୍ଘକାଳ ହେଲା ପୁସ୍ତକ ନିର୍ବାଚନ କରାଯାଉନାହିଁ । ଏହି ଅହେତୁକ ବିଳମ୍ବ ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ସ୍ୱାର୍ଥସାଧନ ମୁଖ୍ୟତଃ ଦାୟୀବୋଲି ସମସ୍ତେ କହୁଛନ୍ତି । ଏବେ ପୁଣି ଅନ୍ୟଦିଗରେ ଏହି ଅର୍ଥବ୍ୟୟର ଚିନ୍ତା କରାଯାଉଛି । ଏହି ପୁସ୍ତକ-କ୍ରୟ ଫଳରେ ଛାତ୍ରଛାତ୍ରୀମାନେ ଭଲ ବହି ପଢ଼ିବାର ଓ ପ୍ରକାଶକ ଏବଂ ଲେଖକମାନେ ଉତ୍ସାହିତ ଓ ଉପକୃତ ହେବା ପାଇଁ ସୁଯୋଗ ପାଇଥାନ୍ତେ । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନକୁ ଖର୍ଚ୍ଚ କରିବା ମଧ୍ୟ ଆମ ସରକାର ଓ ସଂସ୍ଥାମାନଙ୍କ ଦ୍ୱାରା ସମ୍ଭବ ହେଉନାହିଁ ।

ବେସରକାରୀ ସ୍ତରରେ ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ପରିଷଦ, ଶିଶୁସାହିତ୍ୟ ଏକାଡ଼େମୀ ପରି ସଂସ୍ଥାଗୁଡ଼ିକ ଗଠିତ ହୋଇ ଉଲ୍ଲେଖଯୋଗ୍ୟ କୃତିତ୍ୱ ଅର୍ଜନ କରିଥିଲା । ସଂପାନ, କର୍ମଶାଳା, ସମ୍ମିଳନୀ, ବହିପତ୍ର ପ୍ରକାଶନ କ୍ଷେତ୍ରରେ ଯଥେଷ୍ଟ ସାଫଲ୍ୟ ଲାଭ କରି ଶିଶୁସାହିତ୍ୟର ଉନ୍ନତିକୁ କ୍ଷିପ୍ରତର କରିଥିଲା । ମାତ୍ର ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ପରିଷଦର ସୀମିତି ସମ୍ବଳ ଏବଂ ଶିଶୁସାହିତ୍ୟ ଏକାଡ଼େମୀର କେତେଜଣ କର୍ମକର୍ତ୍ତାଙ୍କ ନିଷ୍କ୍ରିୟତା, ବୈରଭାବ ଓ ଈର୍ଷାଦ୍ୱେଷ ଯୋଗୁଁ କାର୍ଯ୍ୟକ୍ରମ ଆଶାନୁରୂପ ହେଉନାହିଁ । ପରିଷଦ ହେଲେ ସାମୟିକ ଭାବରେ କିଛି କରୁଛି, ମାତ୍ର ଏକାଡ଼େମୀ ସଂପୂର୍ଣ୍ଣ ଭାବରେ ସ୍ଥାଣୁ ଓ ନିର୍ଜୀବ ହୋଇପଡ଼ିଛି । ଶିଶୁସାହିତ୍ୟ କ୍ଷେତ୍ରରେ ପୂର୍ବରୁ ଉଲ୍ଲେଖଯୋଗ୍ୟ କରିଥିବା ଶିଶୁସାହିତ୍ୟ ସମିତି ବର୍ତ୍ତମାନ ସ୍ଥାଣୁ । ଏହା ଏକ ସରକାରୀ ସଂସ୍ଥା ଓ ଏଠାରେ ଅଧିକାରୀଠାରୁ ସହକାରୀ ପର୍ଯ୍ୟନ୍ତ ବହୁକର୍ମଚାରୀ ଏବେ ନିଷ୍କ୍ରିୟ । ଶେଷ ହେଲେ ମଧ୍ୟ କ୍ରୟ । ବହୁ ଉଦ୍ୟମ ସତ୍ତ୍ୱେ ଏହାକୁ ପୁନର୍ଜୀବିତ କରାଯାଇପାରୁନାହିଁ । ତେଣୁ ଉଭୟ ସଂସ୍ଥାକୁ ମିଶାଇ ସରକାରୀ ସ୍ତରରେ ଶିଶୁ ସାହିତ୍ୟ ଏକାଡ଼େମୀଟିଏ ଗଠନ କରିବାକୁ ଅନୁରୋଧ କରୁଛି । ମାତ୍ର ଶୁଣୁଛି କିଏ ?

**୩. ଏବେ ଓଡ଼ିଶାର ଶିଶୁସାହିତ୍ୟ ପତ୍ରିକା ପ୍ରକାଶନ ବିଷୟରେ ଆପଣଙ୍କ ମତ କ'ଣ ?**

ପତ୍ରିକାଗୁଡ଼ିକ ଶିଶୁସାହିତ୍ୟର ତଳି-ଜିଆରୀ । ନୂତନ ଲେଖକମାନଙ୍କୁ ପ୍ରୋତ୍ସାହନ ଦେବା ସଂଗେ ସଂଗେ ବରିଷ୍ଠମାନଙ୍କ ଲେଖାଗୁଡ଼ିକର ପ୍ରସାର କରିବାରେ ସହାୟକ ହୋଇଥାଏ । ମାତ୍ର ପତ୍ରିକାଗୁଡ଼ିକର ଉପଯୁକ୍ତ ସଂପାଦନା, ନିୟମିତ ପ୍ରକାଶନ ଓ ବଣ୍ଟନ କ୍ଷେତ୍ରରେ (ସଂସାର, ନନ୍ଦନକାନନ, ମୀନାବଜାର, ମନପବନକୁ ଛାଡ଼ି) ବିଶେଷ ଅଭାବ

# ପଞ୍ଚମ ଭାଗ

## ଓଡ଼ିଆ ଶିଶୁସାହିତ୍ୟରେ କେତୋଟି ସାକ୍ଷାତ୍‌କାର

- ଓଡ଼ିଆ ଶିଶୁସାହିତ୍ୟର ସ୍ଥିତି ଓ ସମସ୍ୟା : ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ମତରେ
  ଉପସ୍ଥାପନା : ଡକ୍ଟର ମନୀନ୍ଦ୍ର ମହାନ୍ତି
- "ତୁମପରି ଛୋଟ ପିଲାଟିଏ" କବିତାର ସ୍ରଷ୍ଟା ଡକ୍ଟର ଜଗନ୍ନାଥ ମହାନ୍ତି
  *ଉପସ୍ଥାପନା* : ଶ୍ରୀ ଜଗତଜ୍ୟୋତି ମାଜି
- ପାଞ୍ଚୋଟି ପ୍ରଶ୍ନର ଉତ୍ତର : *ଉପସ୍ଥାପନା* - ଶ୍ରୀ ଜଗତଜ୍ୟୋତି ମାଜି
- ଶିଶୁସାହିତ୍ୟର ଆଜୀବନ ସାଧକ ଡକ୍ଟର ଜଗନ୍ନାଥ ମହାନ୍ତି
  *ଉପସ୍ଥାପନା* : ଶ୍ରୀ ବିଜୟ କୁମାର ମହାନ୍ତି
- ମୁଁ ଶିଶୁ ସାହିତ୍ୟ କାହିଁକି ଲେଖେ ?
  *ପ୍ରଯୋଜନା* : ଶ୍ରୀ ନିରଞ୍ଜନ ତୁରୁକ୍
- ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ-
  *ଉପସ୍ଥାପନା* : ଡକ୍ଟର ମନୀନ୍ଦ୍ର ମହାନ୍ତି
- ଓଡ଼ିଆ ଶିଶୁସାହିତ୍ୟ କିଭଳି ହେବା ଉଚିତ -
  *ଉପସ୍ଥାପନା* : ଶ୍ରୀ ରଘୁନାଥ ଦାଶ
- ପ୍ରଫେସର ଜଗନ୍ନାଥ ମହାନ୍ତିଙ୍କ ସ୍ୱପ୍ନ ଓ ସାର୍ଥକତା ସଂପର୍କରେ
  ଉପସ୍ଥାପନା : ବ୍ରାହ୍ମୀପ୍ରିୟା ସାମନ୍ତରାୟ

ଦରକାର ମଧ୍ୟ । ସମ୍ବଳ ଅଛି, ସଦୁପଯୋଗର ଅଭାବ ଏଦିଗରେ ବାଧକ ହୋଇଛି ।

**୯. ଓଡ଼ିଶାରେ AIJLC ର କାର୍ଯ୍ୟକ୍ରମ ସବୁ କ'ଣ ?**

ରାଜ୍ୟରେ ଆଂଚଳିକ ସ୍ତରରେ ସମ୍ମିଳନୀ, ସଂପାନ ଓ କର୍ମଶାଳାର ଆୟୋଜନ କରିବା, ସୁନିର୍ବାଚିତ ଗଳ୍ପ କବିତା ଓ ଏକାଙ୍କିକା ସଂକଳନ ପ୍ରକାଶ କରିବା ଏବଂ ହିନ୍ଦି/ ବଙ୍ଗଳା ଭାଷାରେ ଓଡ଼ିଆ ଶିଶୁସାହିତ୍ୟ ପ୍ରକାଶ କରିବାର କାର୍ଯ୍ୟକ୍ରମ ରହିଛି ।

**୧୦. ତରୁଣ ଶିଶୁସାହିତି୍ୟକମାନଙ୍କ ପ୍ରତି ପ୍ରତି ଆପଣଙ୍କର ବାର୍ତ୍ତା କ'ଣ ?**

କାହା ବାର୍ତ୍ତା କିଏ ଶୁଣୁଛି ? ଯେ ଯାହା ହାତରେ ଚଉଦ ପାଆ । ଶିଶୁସାହିତ୍ୟ ବିକାଶରେ ପ୍ରକୃତ ଶ୍ରଦ୍ଧା, ନିଷ୍ଠା ଓ ସାଧନା ଏକାନ୍ତ ଆବଶ୍ୟକ । ଆଶୁ ଯଶଲାଭ ପାଇଁ ବ୍ୟାକୁଳ ହେବା ଅନୁଚିତ । ଏଥିପାଇଁ ନିରବଚ୍ଛିନ୍ନ ଉଦ୍ୟମ ଓ ଅଧ୍ୟବସାୟ ଦରକାର । ଓଡ଼ିଆ ଶିଶୁ ସାହିତ୍ୟର ଭବିଷ୍ୟତ ବୈଦ୍ୟୁତିକ ଗଣମାଧ୍ୟମର ପ୍ରାଧାନ୍ୟ ସତ୍ତ୍ୱେ ଖୁବ୍ ଉଜ୍ଜ୍ୱଳ । ଏ ଦିଗରେ ଆମର ଉଭୟ ବ୍ୟକ୍ତିଗତ ତଥା ସାମୂହିକ ପ୍ରଚେଷ୍ଟା, ପରିଶ୍ରମ ଓ ପ୍ରଯତ୍ନ ନିତାନ୍ତ ଆବଶ୍ୟକ ।

**(ଶିଶୁସାହିତ୍ୟ ଉଦନ୍ତ, ୧୯୯୭)**

# "ତୁମପରି ଛୋଟ ପିଲାଟିଏ" କବିତାର କବି

**ଉପସ୍ଥାପନା : ଶ୍ରୀ ଜଗତଜ୍ୟୋତି ମାଝି**

(ଡଃ ଜଗନ୍ନାଥ ମହାନ୍ତି ଏକାଧାରରେ ଜଣେ ଶିଶୁସାହିତ୍ୟିକ, ଶିକ୍ଷାବିତ୍ ଏବଂ ପାଠ୍ୟପୁସ୍ତକ ଲେଖକ ଭାବରେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ । ପିଲାମାନଙ୍କ ପାଇଁ 'ତୁମପରି ଛୋଟ ପିଲାଟିଏ' କୁକୁଡ଼ା ଚାଷ, ପ୍ଲାଷ୍ଟିକ୍, ହକି, ଖଣ୍ଡିଆଭୂତ ଭଳି ବଳିଷ୍ଠ ପାଠୋପଯୋଗୀ ଲେଖା ତାଙ୍କ ବ୍ୟକ୍ତିତ୍ୱର ପ୍ରକୃତ ସତ୍ତା ନିରୂପଣ କରେ ।

"ତୁମପରି ଛୋଟ ପିଲାଟିଏ", ଶୀର୍ଷକ କବିତାଟି ୧୯୬୧ ମସିହାରୁ ଏଯାଏ ୩ୟ ଶ୍ରେଣୀ ସାହିତ୍ୟ ବହିର ପୃଷ୍ଠାମଣ୍ଡନ କରିଆସୁଛି । ଏହି କବିତାଟି କାହିଁକି ଲେଖିଲେ ସେ ସମ୍ପର୍କରେ ତାଙ୍କ ମତାମତ ଜାଣିବା ପାଇଁ ପିଲାଙ୍କ ଧରିତ୍ରୀ ପକ୍ଷରୁ ଡଃ ମହାନ୍ତିଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇ ଥିଲା । ପ୍ରଶ୍ନର ଉତ୍ତର ସେ ଯାହା ଦେଇଛନ୍ତି ଏଠାରେ ଉପସ୍ଥାପିତ କରାଗଲା ।

**୧. "ତୁମପରି ଛୋଟ ପିଲାଟିଏ" କବିତାଟି କେଉଁ ସମୟରେ ରଚନା କରିଥିଲେ ?**

୧୯୬୧-୬୨ ମସିହାର କଥା । ମୁଁ ସେତେବେଳେ ବାଣପୁର ସର୍କଲର ସ୍କୁଲ ସବ୍‌ଇନିସ୍‌ପେକ୍ଟର । ଶିଶୁ ସାହିତ୍ୟ ରଚନାରେ ମନଦେଇଥାଏ । ମଧୁବାବୁଙ୍କ ପିଲାଦିନର ଏଇ କଥାଟି ମନକୁ ପାଇଥାଏ । ଜାତୀୟକରଣ ପାଠ୍ୟପୁସ୍ତକ ପାଇଁ ଲେଖାମାନ ମଗାଯାଉଥିଲା । ଏହା ତୃତୀୟ ଶ୍ରେଣୀ ସାହିତ୍ୟ ବହି ପାଇଁ ମନୋନୀତ ହୋଇଥିଲା ।

**୨. କବିତାଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା କି ?**

ନାଁ, ସେତେବେଳେ ତ ଆଜିକାଲି ପରି ଏତେ ପତ୍ରିକା ନଥିଲା । ପୁଣି ଏହାକୁ ପ୍ରାଥମିକ ପାଠ୍ୟପୁସ୍ତକରେ ଦେବା ପାଇଁ ରଚିତ ହୋଇଥିଲା । ୧୯୬୧-୭୨ରେ ପ୍ରାଥମିକ ବିଦ୍ୟାଳୟ ପାଇଁ ନୂଆ ପାଠ୍ୟକ୍ରମ ପ୍ରଣୟନ କରାଯାଉଥିଲା । ସରକାରଙ୍କ ତରଫରୁ ଉପଯୁକ୍ତ ପାଠ୍ୟ ପୁସ୍ତକ ରଚନା କରି ପ୍ରକାଶିତ ହେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ଆଜିର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁପଟ୍ଟନାୟକ, ସେତେବେଳେ ମଧ୍ୟ ଓଡ଼ିଶାର

ଅସୁବିଧା ପରିଲକ୍ଷିତ ହେଉଛି । ପିଲାଙ୍କ ଖେଳଘର ପରି ଏମାନଙ୍କ ପତ୍ରିକା ପ୍ରକାଶନ ଓ ସଂସ୍ଥା ଗଠନ ନିତାନ୍ତ ଅସ୍ଥାୟୀ ଓ ନୈରାଶ୍ୟଜନକ ହୋଇପଡ଼ିଛି । କେବଳ ପଦପଦବୀ ପାଇଁ ବହୁପତ୍ରିକା ଛତୁଫୁଟିଲା ପରି ଗଢ଼ିଉଠୁଛି ଓ ଅଳ୍ପସମୟରେ ନଷ୍ଟ ହେଉଛି । ଏଗୁଡ଼ିକ ଠିକ୍ ଭାବରେ ଚଳାଇବାରେ ନିଷ୍ଠାର ନିତାନ୍ତ ଅଭାବ ।

'ସମାଜ', 'ସମ୍ବାଦ', 'ସମୟ', ପରି ସମ୍ବାଦପତ୍ର ସଂସ୍ଥାଗୁଡ଼ିକ ଚାହିଁଲେ ସୁନ୍ଦର ଶିଶୁସାହିତ୍ୟ ପତ୍ରିକା ପ୍ରକାଶ କରିପାରନ୍ତେ । ମାତ୍ର ଏଦିଗରେ ସେଗୁଡ଼ିକର ଆଗ୍ରହ ନାହିଁ; ସୀନେମା, ଗଳ୍ପ ପତ୍ରିକା ପ୍ରକାଶ କରି ସେମାନେ ଅଧିକ ଲାଭବାନ୍ ହେଉଛନ୍ତି । ସପ୍ତାହକ ମଧ୍ୟରେ ଗୋଟିଏ ଦିନ ଦୈନିକୀର ଗୋଟିଏ ପୃଷ୍ଠାରେ ଶିଶୁ ସାହିତ୍ୟକୁ ସ୍ଥାନିତ କରି ନିଜ କର୍ତ୍ତବ୍ୟ ସାଙ୍ଗ କରୁଛନ୍ତି । ସେହି ପୃଷ୍ଠା ବା ସେଇ ସଂଖ୍ୟାରେ ଅନ୍ୟତ୍ର ନିରୋଧ ବିଜ୍ଞାପନଠାରୁ ନାରୀଧର୍ଷଣ ସମ୍ବାଦ ଯାଏ ଛପାଯାଉଛି । ''ଶିଶୁଲେଖା'' ସରକାରୀ ସ୍ତରରେ ପ୍ରକାଶିତ ହୋଇ ପ୍ରାଥମିକ ବିଦ୍ୟାଳୟ ଓ ଶିଶୁସମାଜ ଦ୍ୱାରା ଆଦୃତ ହେଉଥିଲା । ପରିଚାଳନା ତଥା ପ୍ରଶାସନଗତ ତ୍ରୁଟିରୁ ତାକୁ ମାରିଦେଇ ଓଡ଼ିଆ ଶିଶୁ ସମାଜ ପ୍ରତି ସରକାର ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି । ତେଣୁ ଯଥାଶୀଘ୍ର ଏହା ପୁନଃପ୍ରକାଶିତ ହେବା ଉଚିତ ଏବଂ ଏଥିପାଇଁ ଦୃଢ଼ ଦାବିକରାଯାଉ ।

**୪. ଏବେ ଓଡ଼ିଶା ଶିଶୁସାହିତ୍ୟ କ୍ଷେତ୍ରରେ ସମସ୍ୟା ସବୁ କ'ଣ ଏବଂ ଏଗୁଡ଼ିକର ସମାଧାନ କ'ଣ ?**

ଶିଶୁସାହିତ୍ୟ କ୍ଷେତ୍ରରେ ସରକାରୀ ଅବହେଳା, ଲେଖକମାନଙ୍କ ସାଧନାର ଅଭାବ, ପ୍ରକାଶକମାନଙ୍କର ନିଷ୍ଠାର ଅଭାବ, ଉଚ୍ଚଶିକ୍ଷିତ ଓଡ଼ିଆଙ୍କର ନିଜ ମାତୃଭାଷା ପ୍ରତି ଚରମ ଉଦାସୀନତା ଓ ଅଜ୍ଞତା, ଶିଶୁସାହିତ୍ୟ ପ୍ରତି ଶ୍ରଦ୍ଧା ଓ ଆନୁଗତ୍ୟ ନଥିବା ସଂକୀର୍ଣ୍ଣମନା ବ୍ୟକ୍ତିଙ୍କର ଅନୁପ୍ରବେଶ, ପଦପଦବୀ ପ୍ରତି ଅହେତୁକ ପ୍ରଲୋଭନ ଇତ୍ୟାଦି ପ୍ରଧାନ ସମସ୍ୟା ।

ଶିଶୁସାହିତ୍ୟର ଉପାଦେୟତା ବୁଝି ସରକାର ସବୁମତେ ସାହାଯ୍ୟ କରିବା, ଲେଖକଗଣ ନିଜର ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସର୍ଜନାରେ ପ୍ରବୃତ୍ତହେବା, ପ୍ରକାଶକ ଓ ସଂପାଦକମାନଙ୍କ ନିଷ୍ଠା, ଶିକ୍ଷିତ ଓ ଉଚ୍ଚପଦାସୀନ ବ୍ୟକ୍ତିମାନଙ୍କର ଓଡ଼ିଆ ଶିଶୁ ସାହିତ୍ୟ ପ୍ରତି ଶ୍ରଦ୍ଧା, ସଂଗଠନ ମାନଙ୍କଦ୍ୱାରା ଯୋଜନାବଦ୍ଧ ଭାବରେ ତାଲିମ, ପ୍ରକାଶନ ଓ ଗବେଷଣା କାର୍ଯ୍ୟକ୍ରମ ସଂପାଦନ. ସଂକୀର୍ଣ୍ଣମନା ଓ ଆନୁଗତ୍ୟହୀନ ବ୍ୟକ୍ତିମାନଙ୍କର ସଦବୁଦ୍ଧି ଏହିସବୁ ସମସ୍ୟା ସମାଧାନରେ ସହାୟକ ହୋଇପାରିବ ।

**୫. ସରକାରୀ ସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟକୁ ଗୁରୁତ୍ୱ ନଦେବାର କାରଣ କ'ଣ ?**

ଆଜିର ଭୋଟଭିକାରୀ ଯୁଗରେ ଶିଶୁସମାଜ ଆପାଂକ୍ତେୟ । କାରଣ ସେମାନଙ୍କର ଭୋଟାଧିକାର ନାହିଁ ଏବଂ ସେମାନେ ଆନ୍ଦୋଳନ କରିବାକୁ ଅକ୍ଷମ । ଶିଶୁସାହିତ୍ୟ ସଂପର୍କରେ ସରକାରୀ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କର ଅଜ୍ଞତା ଓ ଅନାଗ୍ରହ, ପ୍ରଶାସନିକ ସ୍ଥାଣୁତ୍ୱ, ଲେଖକ ଓ ପ୍ରକାଶକମାନଙ୍କ ଏକାତାବନ୍ଧ ଉଦ୍ୟମର ଅଭାବଯୋଗୁଁ ଉପଯୁକ୍ତ ଗୁରୁତ୍ୱ ପାଇବାରୁ ଶିଶୁସାହିତ୍ୟ ବଂଚିତ ।

**୬. ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମରେ ଶିଶୁସାହିତ୍ୟ ବିଷୟ ରଖିବା ସଂପର୍କରେ ଆପଣଙ୍କ ମତ କ'ଣ ?**

ମୁଁ ତ ଏହାର ସଂପୂର୍ଣ୍ଣ ପକ୍ଷପାତୀ । ଆପଣ ମଧ୍ୟ ପ୍ରଥମେ ଉଠାଇଥିଲେ ଓ ଲେଖିଥିଲେ । ମୁଁ ସମ୍ବଲପୁର, ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ଆଲୋଚନା କରିଥିଲି । ମାତ୍ର ଆବଶ୍ୟକ ଭିତ୍ତିଭୂମିର ଅଭାବବୋଲି ସେମାନେ ପ୍ରକାଶ କଲେ ସୁଦ୍ଧା ପ୍ରଫେସର ଓ ପ୍ରାଧ୍ୟାପକମାନେ ଆଗ୍ରହୀ ହୋଇପାରିଲେ ଏଦିଗରେ ପ୍ରାରମ୍ଭିକ ଓ ପରେ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇପାରନ୍ତା ।

**୭. ସର୍ବ-ଭାରତୀୟ ଶିଶୁସାହିତ୍ୟ ସମ୍ମେଳନ (AIJLC) ପରି ରାଜ୍ୟ ସ୍ତରରେ କୌଣସି ଏକ ଅନୁଷ୍ଠାନ ଓଡ଼ିଶାରେ କରିବା ଆବଶ୍ୟକ କି ?**

ସର୍ବଭାରତୀୟ ଶିଶୁସାହିତ୍ୟ ସମ୍ମେଳନ ପୂର୍ବରୁ ଓଡ଼ିଶାରୁ ୬୦ ଜଣ ଓ ଭୁବନେଶ୍ୱର ସମ୍ମିଳନୀ ଅବସରରେ ୨୫ ଜଣ ଆଜୀବନ ସଭ୍ୟ ହୋଇଛନ୍ତି । ରାଜ୍ୟ ସ୍ତରରେ ଏକ ଶାଖା ଗଠନ କରାଯାଇ ନୂତନ କାର୍ଯ୍ୟକାରୀ ସମିତି ପ୍ରାୟ ପ୍ରତିମାସରେ ବସି ବିଭିନ୍ନ କାର୍ଯ୍ୟକ୍ରମ ସଂପାଦନ କରୁଛି । ଏହାକୁ ଆହୁରି ସକ୍ରିୟ କରିବା ଦରକାର । ଖାଲି ନୂତନ ଅନୁଷ୍ଠାନ ଗଢ଼ିଦେଲେ କିଛି ଲାଭନାହିଁ । ବରଂ ଶିଶୁସାହିତ୍ୟ ଏକାଡ଼େମୀ ପରି ରାଜ୍ୟସ୍ତରୀୟ ଓ ବହୁ ସାଫଲ୍ୟ ଅର୍ଜନ କରିବା ସଂସ୍ଥାକୁ ସଂଜୀବିତ କରିବା ଆମର ଦାୟିତ୍ୱ ।

**୮. ଶିଶୁଲେଖା ପ୍ରକାଶନ ବନ୍ଦ ହେବା ପ୍ରସଙ୍ଗରେ ଆପଣଙ୍କ ମତାମତ କ'ଣ ?**

ପୂର୍ବରୁ ଏ ସଂପର୍କରେ କୁହାଯାଇଛି । ସରକାରୀ ସ୍ଥାଣୁତ୍ୱ ଓ ଅବହେଳା ଏହି ବନ୍ଦ ପାଇଁ ମୁଖ୍ୟତଃ ଦାୟୀ । ଏହି ଦାୟିତ୍ୱରେ ଥିବା କର୍ମକର୍ତ୍ତାଗଣ ଅଧିକ ସକ୍ରିୟ ହେବା

ପିଲାଙ୍କ ବହିସବୁ ଗୋଟି ଗୋଟି ଦେଖୁବି । ଆଖିରେ ପଡ଼ିଲା 'ଉତ୍କଳମଣି ଗୋପବନ୍ଧୁ' । ତାକୁ କାଶୀନାଥ ଦାଶ କି ଉଦୟନାଥ ଷଡ଼ଙ୍ଗୀ କିଏ ଲେଖିଥାନ୍ତି, ଠିକ୍ ମନେପଡୁନାହିଁ । ଭାଗ୍ୟକୁ ବହିଟିର ମୂଲ୍ୟ ୫୦ ପଇସା । ମନହେଲା ବହିଟିକୁ କିଣିବାକୁ । ଆଠଣିଟି ବଢ଼ାଇ ଦେଇ ବହିଟି କିଣିଲି । ଖିଆପିଆ କି କଣ୍ଢେଇ କିଣା ବନ୍ଦ ।

ମନଖୁସିରେ ବହିଟିକୁ ଆଣ ପଢ଼ିଲି । ସଂଜରୁ ଆରମ୍ଭ କଲି ଯେ, ସରିଲା ପରେ ଯାହା ଖାଇଲି କି ଶୋଇଲି । ସେଥିରେ ଲେଖାଥିଲା- ଗୋପବନ୍ଧୁ ରୁଗ୍ଣ ପୁଅକୁ ଛାଡ଼ି ବଢ଼ିରେ ଦୁଃଖକଷ୍ଟ ଭୋଗୁଥିବା ଲୋକଙ୍କ ସେବା ପାଇଁ ଚାଲିଗଲେ । ପଢ଼ିଲାବେଳେ ମନକୁ ସେଇ ଘଟଣାଟି ଏତେ ଛୁଇଁଲା ଯେ ଆଖିରୁ ଲୁହଧାର ବହିଗଲା । ଏଇପରି ଗୋପବନ୍ଧୁଙ୍କ ଜୀବନର କେତୋଟି କଥା ମୋ ମନ ଉପରେ ଖୁବ୍ ପ୍ରଭାବ ପକାଇଥିଲା । ତେଣୁ ଭଲ ଶିଶୁସାହିତ୍ୟ ଶିଶୁମାନଙ୍କ ମନରେ ଗଭୀର ରେଖାପାତ କରିଥାଏ, ଏହା ମୁଁ ପିଲାଦିନରୁ ଜାଣିଥିଲି ।

**୯. ଆଜିର ଛାତ୍ରଛାତ୍ରୀମାନଙ୍କର ଭୂମିକା କ'ଣ ହେବା ଆବଶ୍ୟକ ?**

ଛାତ୍ରଛାତ୍ରୀମାନେ ଆଗେ ନିଜର ପାଠପଢ଼ା କରିବେ । ତା'ପରେ ଖେଳକୁଦ, ଲେଖାଲେଖି, ଚିତ୍ରାଙ୍କନ କରିବେ । ନିଜର ମାନସିକ, ନୈତିକ ଆବେଗିକ ବିକାଶ ଘଟାଇବେ । ସମାଜ ପ୍ରତି ନିରଜ କର୍ତ୍ତବ୍ୟ ଅଛି, ଏହା ଭଲ କରି ବୁଝିବେ ।

*(**ଧରିତ୍ରୀ**, ତା ୭.୫.୯୪)*

# ପାଞ୍ଚୋଟି ପ୍ରଶ୍ନର ଉତ୍ତର

ଉପସ୍ଥାପନା : ଜଗତଜ୍ୟୋତି ମାଝି

(ଆମ ଶିଶୁସାହିତ୍ୟିକ ଡଃ ଜଗନ୍ନାଥ ମହାନ୍ତିଙ୍କ ଜନ୍ମ ୧୯୩୭ ମସିହା ଜାନୁୟାରୀ ମାସ ୭ ତାରିଖ । ଜନ୍ମ ସ୍ଥାନ, ପୁରୀ ଜିଲ୍ଲା ଗୋପଥାନା ଅନ୍ତର୍ଗତ ଜଙ୍ଗଲପୁରୀ ଗ୍ରାମ । ଆମ ପାଇଁ ସେ ଏ ପର୍ଯ୍ୟନ୍ତ ୪୭ ଖଣ୍ଡ, ପ୍ରୌଢ଼ମାନଙ୍କ ପାଇଁ ୨୦ ଖଣ୍ଡ, ସାହିତ୍ୟ ସମାଲୋଚନା ଓ ଶିକ୍ଷା ସମ୍ପର୍କୀୟ ୭ଖଣ୍ଡ, ଏହା ବ୍ୟତୀତ ଇଂରାଜୀରେ ୧୨ଖଣ୍ଡ ଉପଦେୟ ପୁସ୍ତକ ଲେଖିଛନ୍ତି । ଜାତୀୟ ସ୍ତରରେ ଶିଶୁସାହିତ୍ୟ ପାଇଁ ୨ଥର, ପୌଢ଼ ସାହିତ୍ୟରେ ୪ଥର, ଓଡ଼ିଶାର ସାହିତ୍ୟ ଏକାଡ଼େମୀ ଦ୍ୱାରା ଶିଶୁସାହିତ୍ୟ ପାଇଁ ଥରେ, ଭ୍ରମଣ ସାହିତ୍ୟ ପାଇଁ ଆଉ ଥରେ ପୁରସ୍କୃତ ହେବା ସହିତ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଦୁଇଥର ବିଲାତ ଯାତ୍ରା କରି ଲଣ୍ଡନ ବିଶ୍ୱବିଦ୍ୟାଳୟ ତଥା ବ୍ରିଟିଶ କାଉନସିଲ ଦ୍ୱାରା ଉଚ୍ଚ ଶିକ୍ଷା ଓ ତାଲିମ ପାଇଛନ୍ତି । ପ୍ରାଥମିକ ଶିକ୍ଷା ପରିଦର୍ଶକ, ଶିକ୍ଷା ପ୍ରାଧ୍ୟାପକ, ପ୍ରଶାସକ ଓ ଗବେଷକ ଭାବେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ବର୍ତ୍ତମାନ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଶିକ୍ଷଣ ମହାବିଦ୍ୟାଳୟର ନିର୍ଦ୍ଦେଶକ ଅଛନ୍ତି ।)

ରଥଯାତ୍ରା ଉପରେ ଲେଖକଙ୍କୁ ପିଲାଙ୍କ ଧରିତ୍ରୀ ପକ୍ଷରୁ ପାଞ୍ଚୋଟି ପ୍ରଶ୍ନ ପଚରା ଯାଇଥିଲା । ଉତ୍ତରରେ ସେ ଯାହା କହିଥିଲେ ଏଠାରେ ଉପସ୍ଥାପନ କରାଗଲା......

**ପ୍ରଶ୍ନ : ଆପଣ ପିଲାବେଳେ ପୁରୀକୁ ରଥଯାତ୍ରା ଦେଖିବା ପାଇଁ ଯାଇଥିଲେ କି ?**

**ଉତ୍ତର :** ପିଲାଦିନେ ପୁରୀକୁ ଯିବା ମୋ ପକ୍ଷେ ସମ୍ଭବ ହୋଇ ନଥିଲା । ଅବଶ୍ୟ ଆମ ଘର ପୁରୀ ଜିଲ୍ଲାର ଗୋପ ଥାନାରେ । ପୁଣି ମୋ ବଡ଼ଭାଇ ପୁରୀରେ ଚାକିରି କରୁଥିଲେ । ଆଜିକାଲି ପରି ସେତେବେଳେ ରାସ୍ତାଘାଟ ଆଉ ଗାଡ଼ିମଟର ସୁବିଧା ନଥିଲା । ଆମ ଗାଁଠାରୁ ପୁରୀ ସିଧା ରାସ୍ତାରେ ପ୍ରାୟ ୩୦ କିଲୋମିଟର ଦୂର । ଲୋକେ ସକାଳୁ ବାହାରି ଚାଲି ଚାଲି ସଂଧ୍ୟାରେ ପୁରୀରେ ପହଞ୍ଚୁଥିଲେ । ମୁଁ ତେଣୁ ରଥଯାତ୍ରା ଦେଖିବାକୁ ପୁରୀ ଯାଇ ପାରିନଥିଲି ।

ହେଲେ, ମୋର ବାପା ୧୯୫୦ ମସିହାରେ ବାହୁଡ଼ାକୁ ପୁରୀ ଗଲାବେଳେ ମୋତେ ପଚାରିଥିଲେ, ପୁରୀରୁ ମୋ ପାଇଁ କ'ଣ ଆଣିବେ । ମୁଁ ବହି ରଖିବାକୁ ବ୍ୟାଗଟିଏ ଆଣିବାକୁ

ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କର ବଳିଷ୍ଠ ଦିଗ୍‌ଦର୍ଶନ ଓ ଅପୂର୍ବ ଉତ୍ସାହ ଫଳରେ ଏହି ନୂତନ ପାଠ୍ୟକ୍ରମ ଅନୁସାରେ ପାଠ୍ୟପୁସ୍ତକ ପ୍ରଣୟନ କରିବା ପାଇଁ ଗୋଟିଏ ସମିତି ଗଠିତ ହୋଇଥିଲା । ଏହି ଶିଶୁସାହିତ୍ୟ ସମିତିର ସଂପାଦକ ଭାବରେ ଜାତୀୟ କବି ବୀରକିଶୋର ଦାସ ସରାକରଙ୍କ ଦ୍ୱାରା ନିଯୁକ୍ତି ହୋଇଥିଲେ । ଏହି ସମିତିରେ ପ୍ରଖ୍ୟାତ ଶିଶୁସାହିତ୍ୟିକ ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦ, ଡକ୍ଟର ରାଧାନାଥ ରଥ, ଡଃ କୁଞ୍ଜବିହାରୀ ଦାଶ, ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ, ଶ୍ରୀକୃଷ୍ଣଚନ୍ଦ୍ର କର, ତତ୍କାଳୀନ ଶିକ୍ଷାସଚିବ, ଶିକ୍ଷାନିର୍ଦ୍ଦେଶକ ପ୍ରମୁଖ ସଭ୍ୟଥିଲେ ।

ନୂତନ ସିଲାବସ ଅନୁସାରେ ଲେଖକମାନଙ୍କଠାରୁ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ କରି ଲେଖାମାନ ମଗାଯାଏ । ଲେଖାରେ ଗୋଟିଏ କୋଡ୍‌ନମ୍ବର ଦିଆଯାଏ, ଲୋକଙ୍କର ଠିକଣା କିଛି ରହେନାହିଁ । ଆଉ ଗୋଟିଏ କାଗଜରେ ଲେଖାର କୋଡ୍‌ନମ୍ବର ସହିତ ଲେଖକଙ୍କ ଠିକଣା ଲେଖାଯାଇ ଗୋଟିଏ ଲଫାପା ଭିତରେ ରଖାଯାଇ ବନ୍ଦ ହୋଇଥାଏ । ଲେଖାଗୁଡ଼ିକ ସମିତିର ସଭ୍ୟମାନଙ୍କ ଆଗରେ ପଢ଼ାଯାଏ ଏବଂ ମନୋନୀତ ହେଲେ ସେଇ କୋଡ୍‌ନମ୍ବର ଖୁବ୍ ନିରପେକ୍ଷ ଭାବରେ ମନୋନୀତ ହୋଇଥାଏ । ଗୋଟିଏ ବହି ପାଇଁ ଲେଖାଗୁଡ଼ିକ ବଛା ହେଲାପରେ ଲେଖକମାନଙ୍କୁ ଯତ୍କିଂସାମାନ୍ୟ ପାରିଶ୍ରମିକ ମଧ୍ୟ ଦିଆଯାଏ । ଏହି କବିତାଟି ସେଇପରି ୩ୟ ଶ୍ରେଣୀ-ସାହିତ୍ୟ ବହି ପାଇଁ ଅନ୍ୟ କେତୋଟି ମୋର ଲେଖା ସହିତ ମନୋନୀତ ହୋଇଥିଲା ।

**୩. ଏହି କବିତାଟି ରଚନା କରିବା ପଛରେ ସେପରି କୌଣସି କାହାଣୀ ଲୁଚି ରହିଛି କି ?**

ନିଶ୍ଚୟ । ମଧୁବାବୁଙ୍କ ଜୀବନର ବିଶେଷତଃ ତାଙ୍କ ପିଲାଦିନର ଏହି ଘଟଣାଟି କେଉଁଠିରେ ପ୍ରକାଶିତ ହୋଇଥିଲା ମୁଁ ପଢ଼ିଛି, ମାତ୍ର ମନେ ନାହିଁ ।

**୪. କବିତାଟି ଆପଣଙ୍କୁ କିପରି ଲାଗୁଛି ?**

ଲେଖାଟି ସରଳ ଓ ଛୋଟ । ତୁଳସୀ ଦୁଇପତ୍ରରୁ ବାସେ, ଏହା ମଧୁବାବୁଙ୍କ ଜୀବନରେ ସ୍ପଷ୍ଟ ହୋଇଥିଲା । ପିଲାମାନଙ୍କୁ ସମାଜର ସେବାମୂଳକ କାର୍ଯ୍ୟରେ ଉତ୍ସାହ ଦେବା ପାଇଁ ଉଦ୍ଦିଷ୍ଟ । ଲେଖାଟି ଭଲ ହୋଇ ଥିବାରୁ ସମ୍ଭବତଃ ଏପର୍ଯ୍ୟନ୍ତ ପିଲାମାନଙ୍କ ପାଠ୍ୟପୁସ୍ତକରେ ରହିଛି । ପିଲାଙ୍କ ମନଛୁଆଁ ହେଲା ପରି ଲାଗେ ।

**୫. ଆପଣଙ୍କର ଆଉ କେଉଁ କବିତା, ଗଳ୍ପ, ପ୍ରବନ୍ଧ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଛି ?**

ପ୍ରାୟ ୩୦ବର୍ଷ ତଳର କଥା । ୨ୟ, ୩ୟ ଓ ୪ର୍ଥ ଶ୍ରେଣୀପାଇଁ ସାହିତ୍ୟ ଓ ସାମାଜିକ ପାଠ୍ୟପୁସ୍ତକରେ ମୋର କେତେଗୁଡ଼ିଏ ଲେଖା ପ୍ରକାଶିତ ହୋଇଥିଲା । ସେତେବେଳେ ପାଠ୍ୟପୁସ୍ତକରେ ଲେଖା ସହିତ ଲେଖକଙ୍କ ନାମ ଲେଖା ଯାଉନଥିଲା ଫଳରେ ଏତେ ଦିନେ ପରେ ନିର୍ଦ୍ଦିଷ୍ଟ କିଛି କହିବା କଷ୍ଟକର ।

**୬. ପିଲାମାନଙ୍କ ପାଇଁ ଲେଖୁଛନ୍ତି କାହିଁକି ?**

ପିଲାମାନଙ୍କ ପାଇଁ ଲେଖିବାକୁ ମୋତେ ଭଲ ଲାଗେ । ବିଭିନ୍ନ ପ୍ରକାର ଲେଖା ସେମାନଙ୍କୁ ଭଲ ମଣିଷ କରିବାକୁ ଦରକାର ବୋଲି ମୁଁ ଭାବେ ।

**୭. ପିଲାଙ୍କ ପାଇଁ ଆପଣ କ'ଣ ଲେଖଛନ୍ତି ?**

ଏଇ ପ୍ରଶ୍ନର ଠିକ୍ ଉତ୍ତର ଦେଲେ ଖୁବ୍ ଦୀର୍ଘ ହୋଇଯିବ । ତେବେ ସଂକ୍ଷେପରେ କହିଲେ କବିତା, ଗଳ୍ପ, ଜୀବନୀ, ବୈଜ୍ଞାନିକ ରୂପକ, ଭ୍ରମଣ କାହାଣୀ ଆଦି ଲେଖିଛି । ମୋର ପୁସ୍ତକର ସଂଖ୍ୟା ଶତାଧିକ । ସେଥିରୁ ଦୁଇଟି ଜାତୀୟ ସ୍ତରରେ ଓ ୫ଟି ରାଜ୍ୟ ସ୍ତରରେ ପୁରସ୍କୃତ ।

**୮. ଆପଣଙ୍କ ପିଲାଦିନର ଏକ ସ୍ମରଣୀୟ ଅନୁଭୂତି**

ଶିଶୁସାହିତ୍ୟ ଶିଶୁର ଜୀବନକୁ କିପରି ପ୍ରଭାବିତ କରେ, ତାର ଏକ ଅଙ୍ଗନିଭା ଅନୁଭୂତି ଏଠାରେ କହୁଛି ।

ଆମ ଗାଁ ପାଖରେ ଖରାଦିନେ ବହୁ ଯାତ୍ରା ଓ ମେଳଣ ହୁଏ । କାକଟପୁର ମଙ୍ଗଳାଙ୍କ ଯାତ୍ରା, ଚୈତ୍ରମାସର ପ୍ରଥମ ମଙ୍ଗଳବାର ଠାରୁ ଏକମାସ ଧରି ବସେ, କିନ୍ତୁ ତା'ପରେ ଆମର ବାର୍ଷିକ ପରୀକ୍ଷା ସରିଯାଏ । ପ୍ରାଚୀନଦୀ କୂଳରେ ରାମେଶ୍ୱରଙ୍କ ପୀଠରେ ବଣବୁଡ଼, ଅମରେଶ୍ୱରଙ୍କ ଠାରେ ଯାତ୍ରା, ନୂଆପାଟଣାରେ ବଟମେଳଣ ଆଦି ପଡ଼େ ।

ମନେ ପଡୁଛି ମୁଁ ୫ମ କି ୪ର୍ଥ ଶ୍ରେଣୀର ଛାତ୍ର । ବଣବୁଡ଼ ଯାତ । ପ୍ରାଚୀନଦୀ କୂଳର ଗୁହଳିଆ ବଣ ଭିତରେ ଭାରି ଭିଡ଼ । ବହୁ ଦୋକାନ ବଜାର । ସେଦିନ ମୋ ପକେଟରେ ମାତ୍ର ଆଠଣି( ୫୦ପଇସାର ମୁଦ୍ରାଟିଏ ) । ମୋର ଝୁଙ୍କ ଲାଗିଲା ବହି ଦୋକାନରେ ଥିବା

**ପ୍ରଶ୍ନ : ଏବେ ରଥଯାତ୍ରା ଦିନଗୁଡ଼ିକୁ ଆପଣ କିପରି କଟାଉଛନ୍ତି ? ଏବର୍ଷ କିପରି କଟାଇବେ ?**

**ଉତ୍ତର :** ଆଜିକାଲି ତ ପୁରୀ ଯାଇପାରେ ନାହିଁ । ରେଡ଼ିଓରୁ ଧାରା ବିବରଣୀ ଶୁଣେ । ପୁରୀରେ ଚାରି ବର୍ଷ ରହି ରଥଯାତ୍ରାରେ ସ୍ମୃତିମାନ ହେଜେ । ଖୁସି ଲାଗେ । ଏବର୍ଷ ଟି.ଭି.ରେ ଧାରାବିବରଣୀ ଦେଖିବାର ଆଶା ଅଛି ଦେଖାଯାଉ ।

**ପ୍ରଶ୍ନ : ପୁରୀକୁ ରଥଯାତ୍ରା ପାଇଁ ଆସୁଥିବା ପିଲାମାନଙ୍କୁ ଆପଣ କିଛି ଉପଦେଶ ଦେବେ କି ?**

**ଉତ୍ତର :** ଆଜିକାଲି ଆମର ପିଲାମାନେ ଖୁବ୍ ଚତୁର । ସେମାନେ ଅନେକ କଥା ଜାଣି ପାରୁଛନ୍ତି, ବୁଝି ପାରୁଛନ୍ତି । ଯେଉଁମାନଙ୍କ ସାଥିରେ ସେମାନେ ରଥଯାତ୍ରା ଦେଖି ଯିବେ ସେମାନଙ୍କ କଥା ମାନିବେ । କେଉଁଠି ବାଉଳା ହୋଇଗଲେ ଯାତ୍ରା ଦେଖିବାର ମଜା ମଉଳି ଯିବ । ତିନି ରଥକୁ ସେମାନେ ପାଖରୁ ଦେଖିବାକୁ ଚେଷ୍ଟା କରିବେ । ଦଉଡ଼ି ଧରି ଟାଣିବାର ସୁଯୋଗ ନେଇ ପାରନ୍ତି । ରଥମାନ କିପରି ସଜ୍ଜିତ ହୋଇଛି, କେଉଁ ଦିଅଁ କେଉଁଥିରେ ବସୁଛନ୍ତି, ରାଜା କିପରି ଛେରାପହଁରା କରୁଛନ୍ତି, ଯାତ୍ରୀମାନେ କିପରି ଭକ୍ତି ଜଣାଉଛନ୍ତି ଇତ୍ୟାଦି ତନ୍ନ ତନ୍ନ କରି ଦେଖିବେ । ସେମାନେ ନିଜେ ଦେଖିବେ ଯେ ସାରା ଦୁନିଆଟା ଯେମିତି ଏକାକାର ହୋଇଛି । ସବୁ ମଣିଷ ଭାଇ ଭଉଣୀ ପରି ମେଳାମଉଛବରେ ଭାଗ ନେଉଛନ୍ତି । ଆନନ୍ଦ ଉପଭୋଗ କରୁଛନ୍ତି । ଜାତିଧର୍ମ, ଦେଶବିଦେଶର ଭେଦଭାବ ନାହିଁ । କଳାଗୋରା, ଧନୀଗରିବ, ସାନବଡ଼ ଆଦି ସବୁ ପ୍ରକାର ଯାତ୍ରୀ ଏକାଠି ହୋଇଛନ୍ତି । ଏମିତି ସମସ୍ତେ ମିଳିମିଶି ସୁଖଶାନ୍ତିରେ ଚଳିପାରିବେ ।

***(ଧରିତ୍ରୀ, ୧୩.୭.୧୯୯୧)***

# ଶିଶୁ ସାହିତ୍ୟର ଆଜୀବନ ସାଧକ

## ଡଃ ଜଗନ୍ନାଥ ମହାନ୍ତି

### ପ୍ରସ୍ତୁତି ଓ ଉପସ୍ଥାପନା : ବିଜୟ କୁମାର ମହାନ୍ତି

"ତୁମ ପରି ଛୋଟ ପିଲାଟିଏ,
ଗାଁ ଚାହାଳିର ଚାଟ ସିଏ
ଚେହେରାଟି ତାର ଡଉଲ ଡାଉଲ
ବୁଦ୍ଧିରେ ତାହାର ସରି କିଏ

ଛାଡ଼ି ଯାଇଥିଲା ଦିନେ ଝଡ଼ି
ବାହାରିଲା ସିଏ ପାଠ ପଢ଼ି
ବାଟେ ଯାଉଯାଉ ଖସିଗଲା ଗୋଡ଼
ମୁହଁ ମାଡ଼ି ତଳେ ଗଲା ପଡ଼ି ।"

କବିତାଟି ଶିଶୁମନକୁ ବେଶ୍ ଛୁଇଁଯାଏ । ପଢୁପଢୁ ପିଲାଟିଏ ଏହାକୁ ଖୁବ୍ ସହଜରେ ମନେ ରଖିଦିଏ । ଉକ୍ତ କବିତାଟି ଶିଶୁମାନଙ୍କ ନିକଟରେ ଅତି ପ୍ରିୟ, ଅତି ପରିଚିତ । ତେଣୁ ଏହା ଯେ ଏକ ସୁଖପାଠ୍ୟ, ହୃଦୟସ୍ପର୍ଶୀ ତଥା ଶିଶୁ ମନସ୍ତତ୍ତ୍ୱକୁ ଆବେଗିତ କରୁଥିବା ସଫଳ ଶିଶୁସାହିତ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି କବିତାଟିର ରଚୟିତା ହେଉଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଶିଶୁସାହିତ୍ୟିକ ପ୍ରଫେସର ଡକ୍ଟର ଜଗନ୍ନାଥ ମହାନ୍ତି । ଓଡ଼ିଶାର ଶିଶୁ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବାଲାଗି ହାତ ଆଙ୍ଗୁଳିରେ ଗଣିହୋଇ ଯାଉଥିବା ଭଳି ଯେଉଁ କେତେଜଣ ଶିଶୁ ସାହିତ୍ୟିକ ସେମାନଙ୍କ ଉଦ୍ୟମ କରିଛନ୍ତି, ସେମାନଙ୍କ ମଧ୍ୟରେ ଡଃ ଜଗନ୍ନାଥ ମହାନ୍ତି ଅନ୍ୟତମ । ତାଙ୍କର ସାରସ୍ୱତ ସାଧନା ଶିଶୁ ସାହିତ୍ୟକୁ ବେଶ ସମୃଦ୍ଧ କରିଛି । କେବଳ ଶିଶୁ ସାହିତ୍ୟ ନୁହେଁ ଜନଶିକ୍ଷା ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ଲେଖନୀ ଚାଳନା କରି ବହୁ ପ୍ରଶଂସାର ଅଧିକାରୀ ହୋଇପାରିଛନ୍ତି ।

ଡଃ ମହାନ୍ତିଙ୍କର ଶିଶୁ ସାହିତ୍ୟ ଓ ଜନଶିକ୍ଷା ସାହିତ୍ୟ ସଂପର୍କୀୟ ବହୁ ପୁସ୍ତକ ରହିଛି । ସରଳ, ସାବଲୀଳ ଭାଷା ମାଧ୍ୟମରେ ତାଙ୍କ ରଚିତ ଲେଖାଗୁଡ଼ିକ ଶିଶୁ ଓ ସାଧାରଣ

କହିଥିଲି । ସେତେବେଳେ ମୋର ଅଷ୍ଟମ ଶ୍ରେଣୀ । ମୋ ପାଇଁ ସେ ଗୋଟିଏ ଛୋଟ ବ୍ୟାଗ ଆଣିଥିଲେ । ସେଥିରେ ମୋର ବହିପତ୍ର ଜାଗା ନହେବାରୁ ମୁଁ ମନ ଊଣା କରିଥିଲି । ବୋଉ ମୋତେ ବୁଝାଇ ଦେଇଥିଲା । ଦୁଃଖର କଥା ଯେ, ବାପା ସେ ରଥଯାତ୍ରାରୁ ଫେରିବାର ୮/୧୦ ଦିନ ଭିତରେ ଆମକୁ ଛାଡ଼ି ସବୁଦିନ ପାଇଁ ଆରପୁରକୁ ଚାଲି ଯାଇଥିଲେ ।

**ପ୍ରଶ୍ନ : ସେ ସମୟର ରଥଯାତ୍ରା ଆଉ ଆଜିର ରଥଯାତ୍ରା ଉପରେ ଆପଣ କିଛି କୁହନ୍ତୁ ।**

**ଉତ୍ତର :** ମୋର ପ୍ରଥମ ରଥଯାତ୍ରା ଦେଖାହେଲା ୧୯୫୩ ମସିହାରେ । ମାଟ୍ରିକ୍ ପାସ୍‌କରି ମୁଁ ରଥଯାତ୍ରା ପୂର୍ବରୁ ପୁରୀ କଲେଜରେ ନାମ ଲେଖାଇଥିଲି । ବଡ଼ଭାଇଙ୍କ ବସାରେ ରହୁଥିଲି । ନୂଆ କରି ରଥଯାତ୍ରା ଦେଖିବାକୁ ମନ ଉଛନ୍ନ ହେଲା । ବେଳାବେଳି ଖାଇ ବଡ଼ଦାଣ୍ଡକୁ ଗଲି । ଯାତ୍ରୀଙ୍କର ଖୁବ୍ ଭିଡ଼ । ତିନି ରଥ ସଜବାଜ ହୋଇ ଠିଆ ହୋଇଥିଲା । ଦିଅଁମାନେ ଆସି ନଥିଲେ । ସିଂହଦ୍ୱାର ପାଖରେ ଗୋପବନ୍ଧୁଙ୍କ ମୂର୍ତ୍ତି । ସେଠାରେ ଓଡ଼ିଶା ସରକାରଙ୍କ ଲୋକସଂପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ରରେ ପ୍ରଚାର ଚାଲିଥାଏ । ମଝିରେ ମଝିରେ ଜଗନ୍ନାଥଙ୍କ ଜଣାଣ, ଭଜନ ଶୁଣାଯାଉଥାଏ । ଉତ୍କଳ ପ୍ରସଙ୍ଗରୁ ଖଣ୍ଡେ କିଣିଲି ।

କିଛି ସମୟ ପରେ ଦିଅଁଙ୍କର ପହଣ୍ଡି ବିଜେ ହେଲା । ଘଣ୍ଟ କାହାଳୀ ନାଦରେ ଚଉଦିଗ କମ୍ପିଉଠିଲା । ସେତେବେଳେ ବଡ଼ଦାଣ୍ଡ ଆଜିକାଲି ପରି ପକ୍କା ହୋଇ ନଥିଲା । ଯାତ୍ରୀମାନେ ହାଲିଆ ହେଉଥିଲେ । ଅନେକଙ୍କର ଚେତା ବୁଡ଼ିଯାଉଥିଲା । ସ୍ୱେଚ୍ଛାସେବକମାନେ ଷ୍ଟ୍ରେଚରରେ ପକାଇ ଡାକ୍ତରଖାନାକୁ ନେଇ ଯାଉଥିଲେ । କେତେକ ପାଣି ଛିଞ୍ଚୁଥିଲେ ଓ ବିଛଣାରେ ବିଞ୍ଚୁଥିଲେ । ସେତେବେଳେ ହଇଜାରେ ବହୁ ଯାତ୍ରୀ ମରି ଯାଉଥିଲେ । ରଥଟଣା ବେଳେ ଭାରି ବିଶୃଙ୍ଖଳା ଘଟୁଥିଲା । ଯାତ୍ରୀମାନେ ମୋଟା କତା ଦଉଡ଼ି ଧରି ରଥ ଟାଣୁଥିଲେ । ଯାତ୍ରୀମାନେ ସେଥିରୁ ଖିଏ ଖିଏ ଛିଣ୍ଡାଇ ନେଉଥିଲେ- ବିଶ୍ୱାସ ଥିଲା ଯେ, ସେଥିରୁ ଖଣ୍ଡେ ଘରେ ଥିଲେ ଭୂତପ୍ରେତ ପଶିପାରନ୍ତି ନାହିଁ । ଏବେ ଏସବୁ ଅବସ୍ଥା ବଦଳି ଯାଇଛି । ବହୁ ଶାନ୍ତିଶୃଙ୍ଖଳା ଭିତରେ ରଥ ଟଣାଯାଉଛି ।

**ପ୍ରଶ୍ନ : ପିଲାବେଳର ରଥଯାତ୍ରା ଦିନର ଏକ ସ୍ମରଣୀୟ ଘଟଣା ରହିଛି କି ଯାହା ଆଜି ପର୍ଯ୍ୟନ୍ତ ଆପଣ ଭୁଲି ପାରୁନାହାଁନ୍ତି ।**

**ଉତ୍ତର :** ଥରେ ରଥଯାତ୍ରାରେ ମୁଁ ମୋର ଗୋଟିଏ ସାଙ୍ଗ ସାଥିରେ ବୁଲୁଥାଏ । ମୋ ପାଖରେ ବେଶି ପଇସା ନଥାଏ । କିନ୍ତୁ ମୋ ସାଙ୍ଗଟି ଧନୀ ପିଲା । ବଡ଼ଦାଣ୍ଡ କଡ଼ରେ

ଗୋଟିଏ ବୁଢ଼ୀ ପିଜୁଳି ବିକୁଥିଲେ । ଭାରି ଭଲ ବଡ଼ ବଡ଼ ପିଜୁଳି । ତାକୁ ଦେଖି ଖାଇବାକୁ ମନ ହେଲା । ମୁଁ କହିଲି ଭାଇ ଚାଲ ସେହି ବୁଢ଼ୀଠାରୁ ପିଜୁଳି କିଣିବା ।

ସାଥିହୋଇ ଆମେ ତାଙ୍କ ପାଖକୁ ଗଲୁ । ଆଠଣୀ (ପଚାସା ପଇସା)ରେ ଦୁଇଟି ତିନୋଟି ବଡ଼ ବଡ଼ ପିଜୁଳି ଆଣିଲୁ । ସାଙ୍ଗ ଆଠଣୀଟିଏ ବଢ଼ାଇ ଦେଲା । ବୁଢ଼ୀ ଖୁବ୍ ଖୁସି ହୋଇଗଲେ । ସମ୍ଭବତଃ ଆମେ ଅନୁକୂଳ କଲୁ । ସେତେବେଳେ ମଧ୍ୟ ପଚାଶ ପଇସାର ମୂଲ୍ୟ କେତେ ।

ଆମେ ପିଜୁଳି ଗୋଟିଏ ଲେଖାଁ ଧରି ଖାଉଛୁ । ସାଙ୍ଗ କହିଲା, ଯାହାହେଉ ମୋ ପାଖରେ ଥିବା ଅଚଳନ୍ତି ଅଧୁଲିଟିଏ ଆଜି କାମରେ ଲାଗିଗଲା ।

ମୁଁ ସେତେବେଳକୁ ବୁଢ଼ୀ ଆଡ଼କୁ ଅନାଇଲି । ସେ ପଇସାକୁ ମୁଣ୍ଡରେ ମାରି ତାର ଲୁଗା କାନିରେ କେତେ ଯତ୍ନରେ ବାନ୍ଧୁଛି । ସେତିକି ମାତ୍ର ତାର ସମ୍ବଳ । ମୁଁ ସାଙ୍ଗକୁ କହିଲି- ଭାଇ, ବିଚରା ଏଇ ଗରିବ ବୁଢ଼ୀଙ୍କୁ ଠକିବା ଠିକ୍ ହେଲା ନାହିଁ । ଚାଲ, ତାକୁ ଫେରାଇ ଆଣିବା ।

ସେ କିନ୍ତୁ ହସି ହସି ମୋ କଥାକୁ ଆଦୌ ଶୁଣିଲା ନାହିଁ । ମୋ ପାଖରେ ଗୋଟିଏ ଟଙ୍କା ଥିଲା । ମୁଁ ସେଇ ବୁଢ଼ୀଙ୍କ ପାଖକୁ ଯାଇ କହିଲି ମାଉସୀ, ଆମକୁ ଆଉ ଦୁଇଟି ପିଜୁଳି ଦିଅ ।

ବୁଢ଼ୀ ଆନନ୍ଦରେ ବଡ଼ ବଡ଼ ଦୁଇଟି ପିଜୁଳି ବାଛି ଆମକୁ ବଢ଼ାଇ ଦେଲେ । ମୁଁ ତାଙ୍କୁ ଟଙ୍କାଟି ବଢ଼ାଇ ଦେଲି । ସେ ତାଙ୍କ ମଇଳା ଲୁଗାକାନି ଫିଟାଇ ଆଠଣୀଟିକୁ ଦେଲେ । ମନରେ ତାଙ୍କର କେତେ ଖୁସି ! ପଚାରିଲି ମାଉସୀ, ଏଇ ଟଙ୍କାରେ ତୁମେ ତୁମେ କି ସଉଦା ନେବ ?

ବୁଢ଼ୀ ମୁରୁକି ହସି କହିଲେ ବାପା, ଆମଘରେ ଆଜି ଚାଉଳ ନଥିଲା । ସକାଳେ ଆଜି ଚୂଲି ଜଳିନି । ଚାଉଳ କିଣି ନେଲେ ରାତିରେ ରାନ୍ଧିବୁ । ମା ପୁଅ ଦିଟା ଭାତ ଖାଇବୁ । ଭଗବାନ ତୁମର ମଙ୍ଗଳ କରନ୍ତୁ ।

ମୋ ସାଙ୍ଗ ଏସବୁ ଶୁଣୁଥାଏ । ମୁଁ କହିଲି- ଭାଇ କେତେ ମଜାହେଲା । ଆମେ ବୁଢ଼ୀଙ୍କ ପିଜୁଳି ଖାଇଲୁ । ସେ ଆମ ପଇସାରେ ଭାତ ଖାଇବେ ! ମୋ ସାଙ୍ଗ ବିଚରା ଟିକିଏ ଲଜ୍ଜିତ ହେଲା । କହିଲା ସତେ ବଡ଼ ଭୁଲଟେ ହୋଇଥାନ୍ତା ।

ଜନମନକୁ ଯଥେଷ୍ଟ ପ୍ରଭାବିତ କରିଥାଏ । ଡଃ ମହାନ୍ତିଙ୍କ ରଚିତ ପୁସ୍ତକଗୁଡ଼ିକ ହେଉଛି- ସୁଖୀ ସମାଜ (୧୯୬୫), ଆମଘର ସଂସାର(୧୯୬୫), ସରବେ ଆମେ ଭାଇଭଉଣୀ(୧୯୬୬), ସଫଳ ସହଯୋଗର କାହାଣୀ(୧୯୬୬), ଜୀବନୀଗଛ (୧୯୭୨), ମାଟିର ଚାଷୀ ଜାତିର ପଦ୍ମଶ୍ରୀ (୧୯୭୨), ଲୋକସାହିତ୍ୟ ସଂକଳନ(୧୯୭୪), ସଫଳ ପଞ୍ଚାୟତର ସରସ କାହାଣୀ (୧୯୭୨), ଯୁବକ ଜାଗିଲେ ଜନତା ଜାଗେ (୧୯୭୨), ଏଇ ମୋ ମାଟି ମାଆ (୧୯୭୨), ଚାଷୀଏ ହସିଲେ ଦୁନିଆ ହସେ (୧୯୭୪), ଗାଆଁ ଗହଳିରେ କୁହୁକ ପେଡ଼ି (୧୯୭୭), ସର୍ବେ ଭବନ୍ତୁ ସୁଖିନଃ (୧୯୮୦), ଆମରି ଦେଶର ଅମର ଶହୀଦ(୧୯୮୩), ଆମରି ଜାତିର ଆଗୁଆ ନେତା (୧୯୮୪), ଗାଆଁମାଟି ହସିଉଠେ (୧୯୮୬), ଯୁଗଯୁଗର ଗାଉଁଲି ଗପ (୧୯୮୬), ମନ ମନାଇଲେ ଧନ ମିଳିବ (୧୯୮୬), ପଞ୍ଚାୟତ ରାଇଜରୁ ରାମ ରାଇଜ (୧୯୮୬) ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା (୧୯୬୧), ଆମ ରାଇଜ ଆମ ସମାଜ (୧୯୮୬) ଜାତିର ପିତା ବାପୁଜୀ ନେତା (୧୯୮୬), ଯବୁକ ଜାଗିଲେ ଜଗତ ଜାଗେ (୧୯୮୬), ଆମ ଜୀବନ ଆମ ବିଜ୍ଞାନ (୧୯୮୬) ଆମ ପରିବେଶର କାହାଣୀ (୧୯୮୭), ସୁନେଲି ସପନ (୧୯୮୮), ଭାଗବତ କଥା (୧୯୮୮), ଭଲ ମଣିଷ ସୁନାର ଦେଶ, ଦୁଇଟି ଗାଆଁର ସଫଳତାର କାହାଣୀ, ସବୁଜ ଶିଳ୍ପୀ, ଆଜିର ବିଜ୍ଞାନ (୧୯୮୯), ଆଲୁଅର କୁହୁକ ଓ ଶବଦର ଲୁଚକାଳି (୧୯୬୧), ଆମ ଦେଶର ଅମର ନାରୀ (୧୯୮୭) କଲେ ଯତନ ମିଳେ ରତନ (୧୯୮୮), ସରଗର ସୁଖ ଶିରୀ, ଗରିବର ସାହା ଗାନ୍ଧିଜୀ (୧୯୮୭), ଆଦିବାସୀ ବୀରଙ୍କ ସ୍ୱାଧୀନତା ଆନ୍ଦୋଳନ (୧୯୮୮),, ଆନନ୍ଦ ଓ ଆଲୁଅର କାହାଣୀ (୧୯୮୭), ମନଗୁଣେ ଫଳ (୧୯୮୭), ମନଥିଲେ ଧନ ମିଳେ (୧୯୮୭), ଦୁହିତା ଦୁଇକୁଳକୁ ହିତା (୧୯୮୮), ଆମର ମୁକ୍ତି ସୈନିକ (୧୯୮୮), ତୁମକୁ ମିଛ ମୋତେ ସତ (୧୯୮୬), ମନର ବଳେ (୧୯୮୭) ଆମ ସମବାୟ ସମିତି (୧୯୮୭), ଆମ ଦେଶ ଆମ ଶାସନ (୧୯୮୭), ରାଜକନ୍ୟା ହେଲେ ଋଷୀ ପତ୍ନୀ(୧୯୮୭), ମନ ବଦଳିରେ ଯୁଗ ବଦଳିବ (୧୯୮୭) ସ୍ୱାଧୀନତାର କାହାଣୀ, ଗୁଣ ଚିହ୍ନେ ଗୁଣିଆ (୧୯୮୭) କଥାଟିଏ କହ ଗୀତଟିଏ ଗାଅ (୧୯୮୨), ଆମରି ଗୀତ ଆମର ହିତ (୧୯୮୭), ଦେବଦେବୀ ହାର ମାନିଲେ (୧୯୮୭), ଆମରି କବିତା ଆମରି କଥା (୧୯୮୭), ଆମରି ମାଟିର୍ ଅମର ଶହୀଦ (୧୯୮୮), ଭାରତ ମାତାର ମଉଡ଼ମଣି ଜବାହରଲାଲ୍ (୧୯୮୮), ପିଲାମାନଙ୍କୁ ଯେମିତି ଗଢ଼ିବେ ସେମିତି

ବଢ଼ିବେ(୧୯୮୮), ଆମ ରାଇଜର ଆଗୁଆ ଶହୀଦ(୧୯୮୯), ସେମାନେ ହସିଲେ ସଂସାର ହସିବ (୧୯୮୯), ସତରେ ସେଥିଲେ ମହାତ୍ମା (୧୯୮୯), ମାଟିମାଆର ଦୁଃଖ ବଢ଼ିଲା (୧୯୮୮), ଆଜିର ଘରସଂସାର (୧୯୮୭), ଆମରି ଦେଶର ଅମର ଶହୀଦ, ସଫଳ ସହଯୋଗର କାହାଣୀ (୧୯୮୬), ଆମ ଆଦିବାସୀ ଭାଇଭଉଣୀ (୧୯୮୮), ବୁଦ୍ଧବାଣୀ (୧୯୮୮), ଅଜାର ମଜା ଦୁନିଆ (୧୯୮୯) ପ୍ରଭୃତି ଅନ୍ୟତମ ।

ଏହିସବୁ ଲେଖାଗୁଡ଼ିକ ମଧ୍ୟରୁ ''ସରବେ ଆମେ ଭାଇ ଭଉଣୀ, ସଫଳ ସହଯୋଗର କାହାଣୀ, ଏଇ ମୋ ମାଟି ମାଆ, ଆମରି ଦେଶର ଅମର ଶହୀଦ, ଆମରି ଜାତିର ଆଗୁଆ ନେତା, ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା, ଦରିଆ ଅଜାର ମଜା ଦୁନିଆ'' ପ୍ରଭୃତି ପାଇଁ ସେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି ।

୧୯୭୧ ମସିହାରେ ସାଥି ମହଲ ଦ୍ୱାରା ପ୍ରକାଶିତ ''ଆଲୁଅର କୁହୁକ ଆଉ ଶବ୍ଦର ଲୁଚକାଳି'' ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ଡ଼ଃ ମହାନ୍ତି ରାଜ୍ୟ ସରକାରଙ୍କ ପକ୍ଷରୁ ୭ଥର ପୁରସ୍କୃତ ହେବାସହ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ପଦ୍ମଶ୍ରୀ' ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ବାଣପୁରରେ କାର୍ଯ୍ୟରତ ଥିଲାବେଳେ ସେ ଗୋଦାବରୀଶ ମହାପାତ୍ର, ରାଧାଚରଣ ପଣ୍ଡା, କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ସଂପର୍କରେ ଆସିଛନ୍ତି ଓ ଗୋଦାବରୀଶଙ୍କ ଶିଶୁପତ୍ରିକା 'ଟୁଆଁଟୁଇଁ'ରେ ତାଙ୍କର ବହୁ ଲେଖା ପ୍ରକାଶ ପାଇଛି । ତାଙ୍କର ପ୍ରଥମ ଲେଖାଗୁଡ଼ିକ 'ସଂସାର' (କଟକ) 'ଶ୍ରମିକ' (କଲିକତା) ଓ ଆସନ୍ତାକାଲି ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା । ସେ ଏକଦା ଓଡ଼ିଶା ଶିଶୁସାହିତ୍ୟ ଏକାଡ଼େମୀର ସଭାପତି ଭାବେ କାର୍ଯ୍ୟ କରିଛନ୍ତି । ଡ଼ଃ ମହାନ୍ତି ମୀନା ବଜାର ପୁରସ୍କାର ଓ ୨ ଥର ବିଷୁବ ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କର ପ୍ରଥମ ବହି କିଶୋର ସଂସାର (କବିତା) କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ପକ୍ଷରୁ ପ୍ରକାଶିତ ହୋଇଥିଲା । ବିଶେଷ କରି ତାଙ୍କର ଶିଶୁ କବିତା ''ତୁମ ପରି ଛୋଟ ପିଲାଟିଏ'' ଓ ''ଶ୍ରମିକ ଭାଇରେ ଲାଗିପଡ଼'' ପିଲାମାନଙ୍କ ମଧ୍ୟରେ ଖୁବ୍ ଆଦୃତ ହୋଇଥାଏ ।

ଡ଼ଃ ମହାନ୍ତିଙ୍କର ଜନ୍ମ ୧୯୩୭ ମସିହା ପୁରୀ ଜିଲ୍ଲାର ଗୋପ ଥାନା ଅନ୍ତର୍ଗତ ଜଙ୍ଗଲବୋରି ଗ୍ରାମରେ । ପିଲାଦିନରୁ ତାଙ୍କର ଜୀବନ ଧାରା ସଂଘର୍ଷ ମଧ୍ୟ ଦେଇ ଗତି କରିଛି । ଘରର ଆର୍ଥିକ ଅସୁବିଧା ଓ ଦୁର୍ଦ୍ଦିନମୟ ପରିସ୍ଥିତି ତାଙ୍କୁ ବିଚଳିତ କରିପାରିନାହିଁ । ସେ ଅର୍ଥନୀତିରେ ଅନର୍ସ ରଖି ବି.ଏ. ପାଶ୍ କରିଥିଲେ ମଧ ରାଜନୀତି ବିଜ୍ଞାନରେ ଏମ୍. ଏ. (୧୯୬୪) ଓ ଏଜୁକେଶନରେ ପିଏଚ.ଡି.(୧୯୭୯) ଲାଭ କରିଥିଲେ । ବି.ଏ.

ପରେ ସେ ଘରପାଖ ନୟାହାଟ ହାଇସ୍କୁଲ୍‌ରେ ଏକ ବର୍ଷ (୧୯୫୭-୫୮) ପ୍ରଧାନ ଶିକ୍ଷକ ଥିଲେ । ୧୯୫୯ ରୁ ୧୯୬୪ ମସିହା ମଧ୍ୟରେ ସେ ବାଣପୁର ସର୍କଲର ସ୍କୁଲ୍ ସବ୍ ଇନିସପେକ୍ଟର ଭାବେ କାର୍ଯ୍ୟ କରିଥିଲେ । ସେ ୧୯୬୪ରୁ ୧୯୭୯ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟାପକ ଭାବେ, ୧୯୭୧ ରୁ ୧୯୭୨ ମଧ୍ୟରେ ବି.ଜେ.ବି. କଲେଜରେ ଅଧ୍ୟାପକ ଭାବେ, ୧୯୭୨ ରୁ ୧୯୭୯ ମଧ୍ୟରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରରେ ଏଜୁକେଶନାଲ ଟେକ୍ନୋଲୋଜି ଆଣ୍ଡ ପବ୍ଲିସିଟିର ଅଫିସର ଇନଚାର୍ଜ ଭାବେ କାର୍ଯ୍ୟ କରିଥିଲେ । ୧୯୭୯ ରୁ ୧୯୮୨ ମଧ୍ୟରେ ଡଃ ମହାନ୍ତି ଏସ.ସି.ଆର.ଟି. ଭୁବନେଶ୍ୱରର ଶିକ୍ଷା ତାଲିମ, ଗବେଷଣା ଓ ପ୍ରସାରଣ ବିଭାଗର ବିଭାଗୀୟ ମୁଖ୍ୟ ଥିଲେ, ଏବଂ ପରେ ୧୯୮୨ ରୁ ୧୯୮୮ ମଧ୍ୟରେ ସେ ଉକ୍ତ ପ୍ରତିଷ୍ଠାନରେ ରିଡ଼ର ଭାବେ କାର୍ଯ୍ୟ କରିଥିଲେ । ୧୮.୧୦.୯୮୮ ରିଖରୁ ୧୫.୧୧.୮୮ ପର୍ଯ୍ୟନ୍ତ ସେ ଡଃ ପି.ଏମ୍. ଟେନିଂ କଲେଜ ସମ୍ବଲପୁରରେ ଶିକ୍ଷା ବିଭାଗର ପ୍ରଫେସର ଏବଂ ୧୬.୧୧.୮୮ରୁ ୨୦.୮.୯୨ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡ଼େମିକ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ଥିଲେ । ୨୦.୮.୯୨ ରୁ ୩୧.୧.୯୫ ପର୍ଯ୍ୟନ୍ତ ସମ୍ବଲପୁର ଡଃ ପି.ଏମ୍. ଇନିଷ୍ଟିଚ୍ୟୁଟ ଅଫ୍ ଆଡ଼ଭାନସ୍ ଓ ଷ୍ଟଡ଼ି ଇନ ଏଜୁକେସନର ଅଧ୍ୟକ୍ଷ ଥିଲେ । କଟକ ରାଧାନାଥ ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରୁ ୧୯୯୫ ମସିହା ଜାନୁୟାରୀ ମାସ ୩୧ ତାରିଖରେ ଅବସରପ୍ରାପ୍ତ ।

ସଂପ୍ରତି ଡଃ ମହାନ୍ତି ଅବସର ନେବାପରେ ନିଜକୁ ଶିଶୁ ସାହିତ୍ୟ ରଚନା ଓ ଗବେଷଣା କ୍ଷେତ୍ରରେ ସଂପୂର୍ଣ୍ଣ ସାମିଲ କରିଛନ୍ତି । ଡଃ ମହାନ୍ତି ୧୨୦ ରୁ ଉର୍ଦ୍ଧ୍ୱ ଓଡ଼ିଆ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଶିକ୍ଷା ସଂବନ୍ଧୀୟ ବହୁ ଗବେଷଣାତ୍ମକ ନିବନ୍ଧ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ସେ ଓଡ଼ିଶା ଶିଶୁସାହିତ୍ୟ ଏକାଡ଼େମୀର ସଭାପତି ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଶିକ୍ଷା ବିଭାଗରେ ବହୁ ଦାୟିତ୍ୱରେ ସେ କାର୍ଯ୍ୟ ସଂପାଦନ କରିଥିଲେ ମଧ୍ୟ ଶିଶୁସାହିତ୍ୟ କ୍ଷେତ୍ରରେ ତାଙ୍କର ଗଭୀର ପ୍ରବେଶ ରହିଛି ।

ଡଃ ମହାନ୍ତି ଜଣେ ଶିକ୍ଷାବିତ୍ ଭାବରେ ପିଲାମାନଙ୍କର ଆବଶ୍ୟକତା ତଥା ମନସ୍ତତ୍ତ୍ୱକୁ ଠଉରାଇ ଶିଶୁସାହିତ୍ୟ ରଚନା କରିଥାନ୍ତି । ଆଜିକାଲିର ସାହିତ୍ୟିକମାନେ ଆଧୁନିକ ଗଦ୍ୟ ଓ ପଦ୍ୟ ସାହିତ୍ୟ ରଚନା ପ୍ରତି ଯେପରି ଆକୃଷ୍ଟ ହେଉଛନ୍ତି, ଶିଶୁସାହିତ୍ୟ ରଚନା ପ୍ରତି ସେମାନଙ୍କର ଆଗ୍ରହ ସେତେ ପରିଦୃଷ୍ଟ ହେଉନି । ଏ ସଂକର୍ପରେ ଡଃ ମହାନ୍ତି କହନ୍ତି- ଶିଶୁ ସାହିତ୍ୟ, ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହି ବିଭାଗଟି ପ୍ରତି ହେୟ ଓ ଅବହେଳା

ମନୋଭାବ ପ୍ରଦର୍ଶନ ଆଦୌ ସ୍ପୃହଣୀୟ ନୁହେଁ । ଶିଶୁମାନଙ୍କୁ ଉତ୍ତମ ମଣିଷଟିଏ କରି ଗଢ଼ିତୋଳିବାରେ ଶିଶୁ ସାହିତ୍ୟର ଭୂମିକା ଅପରିହାର୍ଯ୍ୟ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗଟି ପାଇଁ ଲେଖକମାନଙ୍କର ସାଧନା ଓ ପ୍ରସ୍ତୁତିର ଅଭାବ ପରିଲକ୍ଷିତ ହୋଇଥାଏ । ଶିଶୁସାହିତ୍ୟ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ସେ ମତ ପୋଷଣ କରିଛନ୍ତି ।

ଡଃ ମହାନ୍ତି ପୁଣି କହନ୍ତି ଯେ- ଆଜିକାଲି ଶିଶୁ ସାହିତ୍ୟ ପତ୍ରିକାରେ ବହୁ ମୁଦ୍ରଣଗତ ତ୍ରୁଟି ରହୁଛି । ପିଲାମାନଙ୍କ ମନକୁ ଛୁଇଁଲା ଭଳି ଅଧିକ ଓ ଉପଯୁକ୍ତ ଛବି ଦିଆଯାଉନାହିଁ । ଓଡ଼ିଶାର ଏକମାତ୍ର ଶିଶୁ ସାହିତ୍ୟ ପତ୍ରିକା 'ଶିଶୁଲେଖା' ମଧ୍ୟ ସନ୍ତୋଷଜନକ ହୋଇପାରୁ ନାହିଁ । ଏଥିରେ ଆହୁରି ପରିବର୍ତ୍ତନ ଓ ଉନ୍ନତି ଆବଶ୍ୟକ । ତାଙ୍କ ମତରେ ଶିଶୁ ସାହିତ୍ୟ ରଚନା ପାଇଁ ଆଜିକାଲିର ଲେଖକମାନଙ୍କର ଠିକ୍‌ଭାବେ ମାନସିକ ପ୍ରସ୍ତୁତି ହୋଇପାରୁନାହିଁ । ପ୍ରକାଶକମାନେ ମଧ୍ୟ ପୁସ୍ତକ ଛାପିବାରେ କୁଣ୍ଠା ପ୍ରକାଶ କରୁଛନ୍ତି ।

ଆଜିକାଲି ଦୂରଦର୍ଶନରେ ପ୍ରଦର୍ଶିତ ହେଉଥିବା ହିଂସାକାଣ୍ଡ ସବୁର କୁପ୍ରଭାବ ପିଲାମାନଙ୍କ ଉପରେ ପଡୁଛି, ଏହା ସତ୍ୟ ମାତ୍ର ଦୂରଦର୍ଶନ ଭଳି ଏକ ଶକ୍ତିଶାଳୀ ମାଧ୍ୟମକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ପିଲାମାନଙ୍କୁ ଏହାଠାରୁ ଦୂରରେ ରଖିବାପାଇଁ ଆମେ ସେମାନଙ୍କୁ ଉପଯୁକ୍ତ ମନୋରଞ୍ଜକ ଶିଶୁସାହିତ୍ୟ ଦେବା ଉଚିତ । ଯେଉଁ ଶିଶୁସାହିତ୍ୟ ପିଲାମାନଙ୍କ ମନକୁ ଛୁଇଁପାରେ, ପଢୁପଢୁ ପିଲାଟି ତାହା ମନେରଖି ଦିଏ, ତୃପ୍ତ ହୁଏ, ତାହାହିଁ ଭଲ ଶିଶୁ ସାହିତ୍ୟ । ତେବେ କୌଣସି ପୁରସ୍କାରକୁ ଲକ୍ଷ୍ୟରଖି ଶିଶୁସାହିତ୍ୟ ରଚନା କରିବା ଅନୁଚିତ । ପୁରସ୍କାର ଯଦିଓ ପ୍ରୋତ୍ସାହନ ଦିଏ, ତେବେ ଏହା ଦୀର୍ଘ ସାଧନାର ଫଳ । ଶିଶୁ ସାହିତ୍ୟିକମାନେ, ଯେଉଁମାନେ କି ନୂଆହୋଇ ଏହା ମଧ୍ୟରେ ପ୍ରବେଶ କରୁଛନ୍ତି, ସେମାନେ ସାଧନା, ନିଷ୍ଠା ଓ ଦୃଢ଼ତାର ସହିତ କାର୍ଯ୍ୟକଲେ ନିଶ୍ଚୟ ସଫଳତାର ଶୀର୍ଷ ଦେଶରେ ପହଞ୍ଚି ପାରିବେ ବୋଲି ଡଃ ମହାନ୍ତି ଆଶା କରିଛନ୍ତି ।

ବର୍ତ୍ତମାନ ଡଃ ମହାନ୍ତି ନିଜ ପିତାମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ ନାମରେ ଏକ ପ୍ରତିଷ୍ଠାନ ଗଠନ କରି ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଶିଶୁସାହିତ୍ୟ ଓ ଶିକ୍ଷାର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଏହି ସଂସ୍ଥାର ପ୍ରଥମ ଅର୍ଘ୍ୟ ହେଉଛି ଡଃ ମନୀନ୍ଦ୍ର ମହାନ୍ତିଙ୍କର 'ଓଡ଼ିଆ ଶିଶୁ ସାହିତ୍ୟ- ଉନ୍ମେଷ ଓ ବିକାଶ' ପୁସ୍ତକ ।

(**ଉତ୍କଳ ଲିପି**, *ତା ୧୮.୧୦.୯୫*)

• • • • • •

# ମୁଁ ଶିଶୁସାହିତ୍ୟ କାହିଁକି ଲେଖେ ?

## ପ୍ରଯୋଜନା : ଶ୍ରୀ ନିରଞ୍ଜନ ତୁରୁକ

ଭଲ ପ୍ରଶ୍ନଟିଏ ନିଶ୍ଚୟ । ସାହିତ୍ୟର ଗଳ୍ପ, କବିତା, ଉପନ୍ୟାସ, ନାଟକ ଆଦି ଏତେ ବିଭାଗ ଥାଉ ଥାଉ ଏହି ଅବହେଳିତ ବିଭାଗରେ ମୁଁ କାହିଁକି ଲେଖେ ? ଏହା ଯେ କୌଣସି ବୁଦ୍ଧିଜୀବୀ ଚିନ୍ତା କରିବା ସ୍ୱାଭାବିକ । ଏହାର କାରଣଗୁଡ଼ିକ ମୁଁ ତଳେ ଆଲୋଚନା କରୁଚି ।

ପ୍ରଥମ ସାଧାରଣ କାରଣ ହେଲା- ମୁଁ ମୋର ଜୀବନର ବ୍ୟଥା ଓ ବେଦନାର ଉପଶମ ଏବଂ ଗଭୀର ଭାବାବେଗକୁ ପ୍ରକାଶ କରିବା ପାଇଁ ପ୍ରଥମେ କବିତା ଲେଖୁଥିଲି । କେତେବେଳେ କବିତା ମାଧ୍ୟମରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି ତ କେତେବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇପଡୁଥିଲି । ଏହିପରି ସାମୟିକ ଭାବାବେଗକୁ ଅଭିବ୍ୟକ୍ତ କରିବା ପାଇଁ କବିତାକୁ ମାଧ୍ୟମ ରୂପେ ଗ୍ରହଣ କରିଥିଲି । ଏହା ସମ୍ଭବତଃ ସାହିତ୍ୟ ସାଧକମାନଙ୍କର ଏକ ସାଧାରଣ ଅନୁଭୂତି ।

ଏହି ପ୍ରାଥମିକ ସୋପାନରେ କିଏ ଗପ ଲେଖେ ତ କିଏ ପ୍ରବନ୍ଧ ଲେଖେ, କିଏ ନାଟକ ତ କିଏ ଏକାଙ୍କିକା ଲେଖେ । କିଏ ବିଭିନ୍ନ ଦିଗରେ ଲେଖନୀ ଚାଳନା କରିଥାନ୍ତି । ମୁଁ ସେମିତି ପ୍ରବନ୍ଧ, ଗଳ୍ପ, କବିତା ଆଦି ଲେଖିଥିଲି, ଏବଂ ବିଭିନ୍ନ ପତ୍ରପତ୍ରିକାରେ ଅନେକ ପ୍ରକାଶିତ ହୋଇଥିଲା । ମାତ୍ର ସାହିତ୍ୟିକମାନେ କ୍ରମେ ସ୍ୱୀୟ ସାଧନାରେ ସ୍ୱତନ୍ତ୍ରତା ଓ ବିଶେଷତ୍ୱ ଦେଖାଇଥାନ୍ତି ନିଜର ଆଗ୍ରହ, ରୁଚି, ସାମର୍ଥ୍ୟ, ଅନୁକୂଳ ପରିବେଶ, ପ୍ରେରଣା ଓ ସ୍ୱୀକୃତି ଅନୁସାରେ । ଅର୍ଥାତ ଯେଉଁ କ୍ଷେତ୍ରରେ ନିଜ ଦକ୍ଷତାର ସ୍ୱୀକୃତି ଓ ଅଭିବ୍ୟକ୍ତିରେ ଆଦୃତି ମିଳିଥାଏ ଏବଂ ଯେଉଁଥିରେ ନିଜର ଆତ୍ମସନ୍ତୋଷ ଓ ଆତ୍ମବିଶ୍ୱାସ ଆସିଥାଏ, ସେହି କ୍ଷେତ୍ରରେ ସେ ଆଗେଇ ଚାଲେ । ଅଧିକରୁ ଅଧିକ ସେହି ବିଭାଗରେ ସୃଷ୍ଟି କରିଚାଲେ । କ୍ରମେ ସାହିତ୍ୟର ସେହି ବିଭାଗଟି ହୁଏ ତାର ଅତି ଆପଣାର ଓ ଆଦରର । ତାର ସ୍ୱକୀୟତା ଓ ସୃଜନଶୀଳତା ସେହି ଦିଗରେ ହିଁ ଆତ୍ମପ୍ରକାଶ କରେ ଏବଂ ସେହି ବିଭାଗରେ ତା'ର ସମ୍ମାନ ଓ ସ୍ୱୀକୃତି ମିଳେ । ଦୁଷ୍ଟ ଚକ୍ର ବା ପାପ ବଳୟ (Viceous Circle) ରେ ଯେମିତି ମଣିଷ ନିମ୍ନରୁ ନିମ୍ନଗାମୀ ହୁଏ, ସେମିତି ସ୍ୱଚ୍ଛ ଚକ୍ର ତଥା ପୁଣ୍ୟ ବଳୟରେ ସେ ଉତ୍ତରୋତ୍ତର ଉନ୍ନତି କରେ ।

କେତେକ ସାହିତ୍ୟିକ ଏହି ସମ୍ମାନ ଓ ସ୍ୱୀକୃତିକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତିକା ପୁରସ୍କାର ମିଳିଲେ ତାକୁ ଗ୍ରହଣ କରନ୍ତି ନାହିଁ । ଏହାକୁ ସେମାନେ ଆର୍ଥିକ ପାରିତୋଷିକ ଏବଂ ଉଦାର ସାଧନା କ୍ଷେତ୍ରରେ ବାଧକ ବୋଲି କହନ୍ତି । କିନ୍ତୁ, ମୁଁ ଭାବେ ଏଥିରେ ଥାଏ ସେମାନଙ୍କର ଛଳନା ବା ଜନସ୍ୱୀକୃତିର ଏକ ଅବାନ୍ତର ତଥା ଭ୍ରାନ୍ତଧାରଣା । ଏଥିରେ କୌଣସି ହୀନମନ୍ୟତା, କୁପ୍ରଭାବ ଓ ଅନୈତିକତାର ଦୋଷାରୋପ କରିବା ଅନୁଚିତ । ଯୁଗ ଯୁଗ ଧରି କବି, କଳାକାରଗଣ, ରାଜାମହାରାଜା ଓ ଧନୀମାନୀଙ୍କ ଦ୍ୱାରା ସମ୍ମାନିତ ଓ ଉତ୍ସାହିତ ହେଉଥିଲେ । ସଂପ୍ରତି ସରକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ସ୍ୱୀକୃତି ଓ ଉପାୟନ ପ୍ରଦାନ କରାଗଲେ ସେଥିରେ ଆପତ୍ତି କରିବା ଅନୁଚିତ । ମାତ୍ର ଏଥିପାଇଁ ସୁନିର୍ବାଚନ ଓ ସୁଚିନ୍ତିତ ନୀତିନିୟମ ପାଳନ କରାଯିବା ଉଚିତ ଏବଂ ଉପାୟନ ଓ ପୁରସ୍କାର-ଗହୀତାମାନଙ୍କୁ ନିରପେକ୍ଷ ଭାବରେ ମନୋନୟନ କରିବା ନିତାନ୍ତ ଦରକାର । ନଚେତ୍ ଏପରି ପୁରସ୍କାର ଓ ସ୍ୱୀକୃତି ଦାନ ଅର୍ଥହୀନ ହୋଇପଡ଼େ ।

ତେବେ ଏହି ସବୁ ଆଲୋଚନା କରିବା ପଛରେ ମୋର ଉଦ୍ଦେଶ୍ୟ ହେଲା ସାରସ୍ୱତ । ଆତ୍ମପ୍ରସାଦ ଓ ଆତ୍ମସମ୍ମାନ ପାଇଁ ସୃଷ୍ଟି ଓ ସର୍ଜନାରେ ବ୍ୟାପୃତ ହେଲେହେଁ ସମ୍ମାନ, ସ୍ୱୀକୃତି ଓ ସମ୍ବର୍ଦ୍ଧନା ତାକୁ ନୂତନ ଉତ୍ସାହ ଓ ଆନନ୍ଦ ପ୍ରଦାନ କରିଥାଏ । ତା'ହା ସୃଷ୍ଟିର ସ୍ୱୀକୃତି । ତାକୁ ତା'ର ସାଧନା ପଥରେ ଅଗ୍ରଗତି କରିବାରେ ପାଥେୟ ହୁଏ ଓ ପ୍ରେରଣା ଦିଏ । ମୁଁ ତେଣୁ ବୃତ୍ତିଗତ ଜୀବନର ପ୍ରଥମ ସୋପାନରେ ଶିଶୁମାନଙ୍କ ଜୀବନ ଓ ଅଧ୍ୟୟନ ସଂପର୍କରେ ଆସିଥିଲି । ସେମାନଙ୍କର ମନସ୍ତତ୍ତ୍ୱ, ଆଗ୍ରହ, ଅଭିରୁଚି ଆଦି ବିଷୟରେ ପ୍ରତ୍ୟକ୍ଷ ଜ୍ଞାନଲାଭ କରିଥିଲି । ଏହା ମୋର ସାହିତ୍ୟ-ସାଧନା ବିଶେଷତଃ ଶିଶୁ ଓ କିଶୋର ସାହିତ୍ୟ ପାଇଁ ବିଶେଷ ସୁଯୋଗ ଦେଇଥିଲା । ସେତେବେଳେ ପୁଣି ପ୍ରାଥମିକ ପାଠ୍ୟପୁସ୍ତକ ଜାତୀୟକରଣ ହୋଇଥିବାରୁ ଏବଂ ଖୁବ୍ ନିରପେକ୍ଷ ପଦ୍ଧତିରେ ଲେଖାମାନ ମନୋନୟନ କରାଯାଉଥିବାରୁ ମୁଁ ବାଣପୁରରେ ସ୍କୁଲ ସବ୍‌ଇନିସ୍‌ପେକ୍ଟର ଥାଇ ବି ମୋର ବହୁ ଲେଖା ସେତେବେଳେ ପ୍ରାଥମିକ ପାଠ୍ୟପୁସ୍ତକ ପାଇଁ ମନୋନୀତ ହୋଇଥିଲା । ଲେଖାଗୁଡ଼ିକରେ କିମ୍ବା ବହିରେ ଲେଖକମାନଙ୍କର ନାମ ଉଲ୍ଲେଖ ହେଉନଥିଲେ ହେଁ ତା' ପାଇଁ ଯତ୍‌କିଞ୍ଚିତ ପାରିଶ୍ରମିକ ଦିଆଯାଉଥିଲା ଏବଂ ନିର୍ଦ୍ଦିଷ୍ଟ ଦିନ ଯାଇ କଟକସ୍ଥ ଡି.ପି.ଆଇ. (ସେତେବେଳେ ସମଗ୍ର ଶିକ୍ଷା ବ୍ୟବସ୍ଥା ପାଇଁ ଜଣେ ମାତ୍ର ନିର୍ଦ୍ଦେଶକ ଥିଲେ) ଅଫିସରୁ ଉକ୍ତ ପ୍ରାପ୍ୟ ଗ୍ରହଣ କରିବାକୁ ପତ୍ର ଯାଉଥିଲା । ଡକ୍ଟର ସଦାଶିବ ମିଶ୍ର, ଡକ୍ଟର ବଂଶୀଧର ସାମନ୍ତରାୟ, ଡକ୍ଟର ରମାନାଥ ମହାନ୍ତି ପ୍ରମୁଖ ପରେ ପରେ ଶିକ୍ଷା ନିର୍ଦ୍ଦେଶକ

ଥିଲେ ଏବଂ ସେମାନଙ୍କଠାରୁ ପାରିତୋଷିକ ଗ୍ରହଣ କଲାବେଳେ ଲେଖକମାନଙ୍କୁ ଜାଣିବାର ସୁଯୋଗ ମିଳୁଥିଲା । ଥରେ ଥରେ ସ୍ୱର୍ଗୀୟ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ପରି ସ୍ୱନାମଧନ୍ୟ ଲେଖକଙ୍କର ପ୍ରାପ୍ୟ ଥାଏ ମାତ୍ର ତୁଳନାତ୍ମକ ଦୃଷ୍ଟିରୁ ତାହା କମ୍ ଥିବାରୁ କିମ୍ବା ଅନ୍ୟକୌଣସି କାରଣରୁ ସେ ଗ୍ରହଣ କରିବାକୁ ଯାଇନଥାନ୍ତି । ହୁଏତ ସେମାନଙ୍କର ବ୍ୟକ୍ତିଗତ ପ୍ରତିଷ୍ଠା ଦୃଷ୍ଟିରୁ ସେମାନଙ୍କ ପାଖକୁ ପଠାଇ ଦିଆଯାଉଥିଲା ।

ଖୁବ୍ ଅପ୍ରତ୍ୟାଶିତ ଭାବରେ ୧୯୬୧-୬୨ ମସିହାରେ ମୋର ଗୋଟିଏ ଗଳ୍ପ ସଂକଳନ "ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା" ପୁସ୍ତକଟି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ ହୋଇଥିଲା । ସେତେବେଳେ ପୁରସ୍କାରର ପରିମାଣ ଥିଲା ମାତ୍ର ଏକ ହଜାର ଟଙ୍କା ଏବଂ ଯୁଦ୍ଧକାଳୀନ ପ୍ରସ୍ତୁତି ଆବଶ୍ୟକତା ଦୃଷ୍ଟିରୁ ସମ୍ଭବତଃ ସେଥିରୁ ୨୦୦ ଟଙ୍କାର ନ୍ୟାସନାଲ୍ ଡିଫେନ୍ସ ବଣ୍ଡ/ସାର୍ଟିଫିକେଟ୍ କିଣିବାକୁ ପଡୁଥିଲା । ମୁଁ ମଧ୍ୟ ଆମ ଗାଁ ସ୍କୁଲ୍ ପୁସ୍ତକାଳୟ ପାଇଁ ପ୍ରଧାନଶିକ୍ଷକଙ୍କ ପାଖକୁ ୧୦୦ ଟଙ୍କା ଖୁସିରେ ପଠାଇଥିଲି । ତତ୍କାଳୀନ ସମ୍ବାଦପତ୍ର 'ସମାଜ', 'ପ୍ରଜାତନ୍ତ୍ର', 'ମାତୃଭୂମି', ଆଦିରେ ପୁରସ୍କାର ଲାଭ ସମ୍ବାଦ ପ୍ରକାଶିତ ହୋଇଥିଲା ଏବଂ ରେଡିଓରେ ମଧ୍ୟ ପ୍ରଚାରିତ ହୋଇଥିଲା । ବାଣପୁର ଅଞ୍ଚଳରେ ଶିକ୍ଷକ ଓ ଅନ୍ୟମାନେ ସଭାସମିତି କରି ମୋତେ ସମ୍ବର୍ଦ୍ଧନା ଦେଇଥିଲେ । କେତେକ ଲେଖକବନ୍ଧୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ।

ଏଥିପୂର୍ବରୁ ମୁଁ ଦୁଇଥର ପାଣ୍ଡୁଲିପି ଦାଖଲ କରି ଜାତୀୟ ଶିଶୁସାହିତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲି । ମାତ୍ର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ଅଧାପକ ଓ ଚିତ୍ରଶିଳ୍ପୀ ଡକ୍ଟର ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ପାଣ୍ଡୁଲିପି ୨/୩ ବର୍ଷ ଧରି ପ୍ରତିବର୍ଷ ପୁରସ୍କୃତ ହେଉଥିଲା । ସେ ନିଜେ ଲେଖାଗୁଡ଼ିକ ସହିତ ସୁନ୍ଦର ଚିତ୍ରଗୁଡ଼ିକ ଆଙ୍କି ଦେଉଥିଲେ । ତେଣୁ ତାଙ୍କ ପାଣ୍ଡୁଲିପିଗୁଡ଼ିକ ଖୁବ୍ ଆକର୍ଷଣୀୟ ହେଉଥିଲା । ମୋର ପ୍ରଥମ ପାଣ୍ଡୁଲିପି "କିଶୋର ସଂସାର" (୧୯୫୯) କଟକ ଷ୍ଟୁଡେଣ୍ଟସ୍ ଷ୍ଟୋରର ସ୍ୱତ୍ୱାଧୀକାରୀ ସ୍ୱର୍ଗୀୟ ଅନନ୍ତ ମିଶ୍ର ପୁସ୍ତକାକାରରେ ପ୍ରକାଶ କରିଥିଲେ । ସେହିପରି ତା'ପର ବର୍ଷ "ମୋ ଧୂଳିଘର' (୧୯୬୦) ଶୀର୍ଷକ ପାଣ୍ଡୁଲିପିଟି ପ୍ରକାଶିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଶିଶୁସାହିତ୍ୟ ସମିତି ସେତେବେଳେ ସକ୍ରିୟ ଥିଲା ଏବଂ ପ୍ରତିବର୍ଷ ପ୍ରାୟ ପୁରସ୍କାର ପାଇଁ ପ୍ରତିଯୋଗିତା ହେଉଥିଲା । ମୋର "ମୋ ଧୂଳିଘର", "ଗପୁଡ଼ି ବୁଢ଼ୀର କାହାଣୀ ପେଡ଼ି" (୧୯୬୩), "ତିନି ତୁଣ୍ଡରେ ଛେଳି କୁକୁର" (୧୯୬୪), "ଭାରତ ମାତାର ଜୟ" (୧୯୬୫), "ଆମରି ଦେଶର ଅଭୁଲା କଥା" (୧୯୬୫), "ତୁଳସୀ ଦୁଇପତ୍ରି

ବାସେ'' (୧୯୬୫), 'ମହାମାନବଙ୍କ ମହିମା କଥା'' (୧୯୬୬) ଏହି ଶିଶୁସାହିତ୍ୟ ସମିତି ଦ୍ୱାରା ପୁରସ୍କୃତ ହୋଇଥିଲା ।

୧୯୭୧-୭୨ ବର୍ଷ ମୁଁ ଉଚ୍ଚଶିକ୍ଷା ପାଇଁ ବିଲାତ ଯାଇଥିଲି । ସେଠାରେ ରହିଥିବା ବେଳେ ବଡ଼ ଅପ୍ରତ୍ୟାଶିତ ଭାବରେ ଦୁଇଟି ସୁସମ୍ବାଦ ପାଇଲି । ତାହା ହେଲା ସାଥୀ ମହଲ ପ୍ରକାଶିତ ''ଆଲୁଅର କୁହୁକ ଆଉ ଶବଦର ଲୁଚୁକାଳି'' (୧୯୬୮) ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଓ କଲିକତା ଓରିଏଣ୍ଟ ଲଙ୍ଗମ୍ୟାନସ୍‌ଙ୍କ ପ୍ରକାଶିତ ''ଦରିଆ ଅଜାର ମଜା ଦୁନିଆ'' (୧୯୭୧) ଜାତୀୟ ସ୍ତରରେ ଏନ୍‌ସିଇଆର୍‌ଟି ଦ୍ୱାରା ଉପାୟନପ୍ରାପ୍ତ ହୋଇଛି । ଗୋଟିଏ ବର୍ଷ ମଧ୍ୟରେ ଏମିତି ଦୁଇଟି ସାରସ୍ୱତ ସମ୍ମାନ ପାଇବା ନିଶ୍ଚୟ ଉତ୍ସାହଜନକ ଓ ଆନନ୍ଦଦାୟକ ହୋଇଥିଲା ।

ଏସବୁ କହିବାର ଉଦ୍ଦେଶ୍ୟ ହେଲା-ଜଣଙ୍କର କୌଣସି କାର୍ଯ୍ୟ ଆଦର ଓ ସମ୍ମାନ ପାଇଲେ, ସେହି କାର୍ଯ୍ୟ ଅଧିକରୁ ଅଧିକ କରିବାରେ ସେ ଆଗ୍ରହୀ ହୋଇଥାଏ । ଇଂରେଜୀରେ ଗୋଟିଏ କଥା ଅଛି ''ନଥିଙ୍ଗ୍ ସକ୍‌ସିଡ୍ ଲାଇକ୍ ସକ୍‌ସେସ୍'' ଅର୍ଥାତ୍ ସଫଳତା ଜଣଙ୍କୁ ସଫଳତା ଦିଗରେ ଆଗେଇବାରେ ସହାୟକ ହୁଏ । ସେହିପରି ଶିଶୁସାହିତ୍ୟ କ୍ଷେତ୍ରରେ ମୋତେ ଯେଉଁ ସ୍ୱୀକୃତି ଓ ସମ୍ମାନ ମିଳିଥିଲା, ତାହା ମୋତେ ସେହି ଦିଗରେ ସାଧନାରତ କରାଇଥିଲା । ପତ୍ରପତ୍ରିକା ପାଇଁ ଲେଖା ପଠାଇବାଠାରୁ ପଞ୍ଚମ ଶ୍ରେଣୀ ସାହିତ୍ୟବହି ଓ ଅନ୍ୟାନ୍ୟ ରଚନାରେ ସର୍ବଶ୍ରୀ ରାମକୃଷ୍ଣ ନନ୍ଦ, ଅନନ୍ତ ପଟ୍ଟନାୟକ, କୁଞ୍ଜବିହାରୀ ଦାଶ, ଉଦୟନାଥ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର କର, ଡମ୍ବରୁଧର ପରିଡ଼ା ପ୍ରମୁଖ ମହାରଥୀମାନଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା ।

ଶିଶୁସାହିତ୍ୟ ଲେଖିବାର ଆଉ ଏକ କାରଣ ହେଲା-ଶିଶୁ ଓ କିଶୋର ଯେଉଁମାନେ ଆମ ଦେଶର ମେରୁଦଣ୍ଡ ଓ ରାଷ୍ଟ୍ରର ଭାବୀ ନାଗରିକ, ସେମାନଙ୍କୁ ଠିକ୍ ଭାବରେ ଗଢ଼ିବା ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପାଇଁ ଉପଯୁକ୍ତ ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ । ଶିଶୁ/କିଶୋରମାନଙ୍କ ଆଗ୍ରହ, ରୁଚି, ମୂଲ୍ୟବୋଧ, ଆଶା, ଅଭୀପ୍ସା, ମାନସିକ ଶକ୍ତି ଓ ସାମର୍ଥ୍ୟକୁ ଚାହିଁ ସାହିତ୍ୟ ରଚନା କଲେ ତାହା ସେମାନଙ୍କ ପାଇଁ ଉପଯୁକ୍ତ ହୋଇଥାଏ । ସେହି ସାହିତ୍ୟ ପାଠକଲେ ସେମାନଙ୍କ ମାନସିକ, ମନସ୍ତାତ୍ତ୍ୱିକ, ଆବେଗିକ ଓ ସାମାଜିକ ବିକାଶ ଯଥାଯଥ ଭାବରେ ହେବା ସ୍ୱାଭାବିକ । ତେଣୁ ମୁଁ ଏହି ସାହିତ୍ୟରେ ମୋର ଯୋଗଦାନକୁ ଏକ ନୈତିକ ଓ ଜାତୀୟ କର୍ତ୍ତବ୍ୟ ବୋଲି ଭାବି

ନେଇଥିଲି । ଅନ୍ୟ ବିଭାବ ପ୍ରତି ବିଶେଷ ମନୋନିବେଶ କରିପାରି ନଥିଲି । ଅବଶ୍ୟ ମୋର ଗୋଟିଏ ନାଟକ, ଦୁଇଟି ସମାଲୋଚନା, ଦୁଇଟି ନିବନ୍ଧ ଓ ବହୁ ଭ୍ରମଣ କାହାଣୀ ପ୍ରକାଶିତ ହୋଇଥିଲା । ଗୋଟିଏ ଭ୍ରମଣକାହାଣୀ ''ଦୂରଦିଗନ୍ତ' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା ଏବଂ 'ଝଙ୍କାର' ପତ୍ରିକାରେ ନିବନ୍ଧଗୁଡ଼ିକ ପ୍ରକାଶ ପାଇ ବିଷୁବ ମିଳନରେ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପୁରସ୍କୃତ ହୋଇଥିଲି ।

୧୯୮୦ ପରେ ବ୍ୟକ୍ତିଗତ ପ୍ରଚେଷ୍ଟା ବ୍ୟତୀତ ସାମୂହିକ ତଥା ଆନୁଷ୍ଠାନିକ ଉଦ୍ୟମ କରି ଓଡ଼ିଆ ଶିଶୁସାହିତ୍ୟର ସର୍ବାଙ୍ଗୀନ ବିକାଶ ସାଧନରେ ମୁଁ ବ୍ରତୀ ହୋଇଥିଲି । ଭୁବନେଶ୍ୱର, କଟକ ଆଦି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଶିଶୁସାହିତ୍ୟ ସଭାରେ ମୁଁ ଅତିଥି ବା ସଭାପତି ଭାବରେ ଯୋଗ ଦେଇଥିଲି । କିନ୍ତୁ ଏପରି ସାମୟିକ ପ୍ରଚେଷ୍ଟା ଅପେକ୍ଷା ସ୍ଥାୟୀ ସଂଗଠନ ଜରିଆରେ ଶିଶୁସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବା ଅଧିକ ଫଳପ୍ରଦ ହେବ ବୋଲି ଭାବିଲି । ତେଣୁ ଦୁଇଟି ଶିଶୁସାହିତ୍ୟ ସଂଗଠନର ଜନ୍ମ ଓ ବିକାଶରେ ମୋର ଯଥାଶକ୍ତି ଅବଦାନ ରହିଥିଲା ।

ସମ୍ଭବତଃ ୧୯୮୦ ମସିହାର କଥା । ବ୍ରହ୍ମପୁରଠାରେ ଶିଶୁସାହିତ୍ୟ ସମିତି ଆନୁକୂଲ୍ୟରେ ତା'ର ସଂପାଦକ ଅନନ୍ତ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଶିଶୁସାହିତ୍ୟ ସଂପର୍କରେ ଆଲୋଚନାଚକ୍ର ଓ ବାର୍ଷିକ ସମ୍ମିଳନୀର ଆୟୋଜନ ହୋଇଥିଲା । ଏହି ଅବସରରେ ସେଠାରେ ଅଧ୍ୟାପକ ଥିବା ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସଙ୍କ ସହିତ ମୋର ସାକ୍ଷାତ ହେଲା ଏବଂ ସେ ଶିଶୁସାହିତ୍ୟ ଏକାଡେମୀ ପରି ଏକ ସଂସ୍ଥା ଗଠନ କରିବାର ପ୍ରସ୍ତାବ ଦେଲେ । ଏଥିରେ ମୋର ସମ୍ମତି ଜଣାଇବାରୁ ସେ ଭୁବନେଶ୍ୱରଠାରେ ମୋତେ ଦେଖାକଲେ ଏବଂ ଏକାଡେମୀ ପାଇଁ ଏକ ସଂବିଧାନ ଖସଡ଼ା ପ୍ରସ୍ତୁତ କରିବାକୁ କହିଲେ । ମୁଁ ଯଥାସମୟରେ ଏହା କରିଥିଲି, ମାତ୍ର ଡକ୍ଟର ଦାସଙ୍କ କେତେକ ଅସୁବିଧା ଯୋଗୁଁ ଏହି କାର୍ଯ୍ୟ ବିଳମ୍ବିତ ହୋଇଥିଲା । ତେବେ ଯାହାହେଉ ଶେଷରେ ୧୯୮୨ ମସିହାରେ ଶିଶୁସାହିତ୍ୟ ଏକାଡେମୀ ପଞ୍ଜୀକୃତ ହେଲା । ଏହି ଏକାଡେମୀ ବହୁ ଆଲେଚନାଚକ୍ର, ସଭାସମିତି ଓ ପ୍ରକାଶନ ମାଧ୍ୟମରେ ଓଡ଼ିଆ ଶିଶୁସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କଲା ।

ଏହି ସମୟରେ ଡକ୍ଟର ମନୀନ୍ଦ୍ର ମହାନ୍ତି ମଧ୍ୟ ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ପରିଷଦ ଆରମ୍ଭ କରି ଏହାକୁ କିପରି ଏକ ସ୍ଥାୟୀ ରୂପ ଦେବା ଓ ଶିଶୁସାହିତ୍ୟର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବା ସଂପର୍କରେ ଆଲୋଚନା କଲେ । ମୁଁ ଉକ୍ତ ପ୍ରତିଷ୍ଠାନର

ପଞ୍ଜୀକରଣ କରିବା ସଂଗେ ସଂଗେ କେତେକ ପ୍ରାରମ୍ଭିକ ପଦକ୍ଷେପ ନେବା ସଂପର୍କରେ ପରାମର୍ଶ ଦେଲି । ସେ ମଧ୍ୟ ମୋତେ ଏକ ସମ୍ବିଧାନ ଖସଡ଼ା କରିବାକୁ କହିଥିଲେ ଏବଂ ମୁଁ ଏହା କଲାପରେ ସେ ତାକୁ ନେଇ ତାଙ୍କର ପ୍ରତିଷ୍ଠାନକୁ ପଞ୍ଜୀକୃତ କରିଥିଲେ । ପ୍ରତିବର୍ଷ ଗୋଟିଏ ଲେଖାଁ ଜିଲ୍ଲାରେ ଶିଶୁସାହିତ୍ୟ କର୍ମଶାଳା ଆୟୋଜନ କଲେ ଏବଂ ୧୯୯୫ରେ ତା'ର ପୂର୍ତ୍ତି ଉତ୍ସବ ଭୁବନେଶ୍ୱର ଓ ପୁରୀଠାରେ ପାଳିତ ହୋଇଥିଲା । ଏହି ଶିଶୁସାହିତ୍ୟ କର୍ମଶାଳା ବହୁ ଶିଶୁ ସାହିତ୍ୟିକ ଓ ସଂପାଦକଙ୍କୁ ଶିଶୁ ମନସ୍ତତ୍ତ୍ୱ, ଶିଶୁ ରଚନା, ଗଣମାଧ୍ୟମ, ଅନୁଧ୍ୟାନ, ପରିବାର ସଂପର୍କ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସଂପାଦନ କରି ବିଶେଷ ସାଫଲ୍ୟ ଲାଭ କରିଥିଲା ।

ଏହା ବ୍ୟତୀତ ରାଜ୍ୟ ବାହାରେ ମଧ୍ୟ ଓଡ଼ିଆ ଶିଶୁସାହିତ୍ୟର ପ୍ରଚାର ପାଇଁ କେତେକ କାର୍ଯ୍ୟ କରିଛି । ଦିଲ୍ଲୀରେ ଥିବା ଏକ ଜାତୀୟ ଶିଶୁସାହିତ୍ୟ ସଂଗଠନ "Association of Writers and Illustrators for Children" ର ସଭ୍ୟ ହେବା ସଂଗେ ସଂଗେ ତା'ର ମୁଖପତ୍ର "Writer and Illustrator" ରେ ଓଡ଼ିଆ ଶିଶୁସାହିତ୍ୟର ବିଭିନ୍ନ ଦିଗ ଓ ବିକାଶ, ଗବେଷଣା ସଂସ୍ଥା ଆଦି ସଂପର୍କରେ ଇଂରେଜୀ ଲେଖାମାନ ପ୍ରକାଶ କରିଥିଲା । ଆଉ ଏକ ସଂସ୍ଥା All India Juvenile Literary Conference ର ସଭ୍ୟ ହୋଇଥିଲି । ଏହାର କାର୍ଯ୍ୟକ୍ରମ କେବଳ ୨/୩ ବର୍ଷରେ ଏକ ସମ୍ମିଳନୀର ଆୟୋଜନରେ ସୀମିତ ଥିଲା । ମୋର ଅବସର ଗ୍ରହଣ ପରେ ୧୯୯୫ରେ ହଜାରିବାଗ ଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ମୁଁ ଯୋଗଦେଇ ତା'ର କାର୍ଯ୍ୟଧାରାକୁ ଏକ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରିଛି । ଏହିପରି ଓଡ଼ିଆ ଶିଶୁସାହିତ୍ୟକୁ ରାଜ୍ୟ ଭିତରେ ଓ ବାହାରେ ପରିଚିତ କରାଇବା ସଂଗେ ସଂଗେ ତା'ର ବିକାଶ ପାଇଁ କାର୍ଯ୍ୟକରିଆସିଛି । ଶିଶୁସାହିତ୍ୟ କେବଳ ଅବହେଳିତ ନୁହେଁ, ଅନେକଙ୍କ ପାଖରେ ଏହା ଅପରିଚିତ ମଧ୍ୟ । ଏମିତିକି ବହୁ ସାହିତ୍ୟରଥୀ ଶିଶୁ ସାହିତ୍ୟର ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱକୁ ସ୍ୱୀକାର କରନ୍ତି ନାହିଁ ।

*(ପୁସ୍ତକ **"ମୁଁ ଶିଶୁ ସାହିତ୍ୟ କାହିଁକି ଲେଖେ ?"** ୧୯୯୮)*

# ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ

**ପ୍ରଯୋଜନା : ଡଃ ମନୀନ୍ଦ୍ର ମହାନ୍ତି**

**ପ୍ରଶ୍ନ :** ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ସମସ୍ୟା କଅଣ ଓ ତା'ଣ ସମାଧାନର ଉପାୟ କଅଣ ?

**ଉତ୍ତର :** ଓଡ଼ିଆ ଶିଶୁସାହିତ୍ୟର ସାଂପ୍ରତିକ ସମସ୍ୟା ତ ଅନେକ । ତେବେ ସେଗୁଡ଼ିକୁ ପାଠକ, ଲେଖକ, କଳାକାର, ସଂପାଦକ, ପ୍ରକାଶକ, ଶିକ୍ଷକ ତଥା ପିତାମାତା, ଅଭିଭାବକ ଏହିପରି ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ । ଶିଶୁସାହିତ୍ୟର ପାଠକ ସାଧାରଣତଃ ଶିଶୁ ଓ କିଶୋର ଏବଂ ପୁସ୍ତକ କ୍ରୟ ପାଇଁ ସେମାନଙ୍କର ସାମର୍ଥ୍ୟ ନଥାଏ । ମାତ୍ର ପଠନରେ ସେମାନଙ୍କର ଖୁବ୍ ଆଗ୍ରହ ରହିଥାଏ । ତେଣୁ ଏ ଦିଗରେ ସେମାନଙ୍କୁ ସାହାଯ୍ୟ ଓ ସୁଯୋଗ ଦେବା ପାଇଁ ପିତାମାତା ଅଭିଭାବକ ଓ ଶିକ୍ଷକଗଣ ଆଗେଇ ଆସିବା ଉଚିତ ।

ଶିଶୁସାହିତ୍ୟର ଲେଖକଲେଖିକାଗଣ ଶିଶୁ ଓ କିଶୋରମାନଙ୍କ ମନସ୍ତାତ୍ତ୍ୱିକ ଓ ଆବେଗିକ ଆବଶ୍ୟକତା ଦୃଷ୍ଟିରୁ ଉପାଦାନ, ଶୈଳୀ ଓ ଭାଷା ବ୍ୟବହାର କରିବା ଉଚିତ । ଆଜିକାଲି ବହୁ ଲେଖକ ଲେଖିକାଙ୍କର ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସାଧନାର ଅଭାବ ରହିଛି । ତେଣୁ, ସେମାନଙ୍କ ଲେଖାରେ କେତେକ ତ୍ରୁଟି ରହୁଛି ।

ଶିଶୁସାହିତ୍ୟ ପୁସ୍ତକ ସଚିତ୍ର ହେବା ଉଚିତ । ସେହିପରି ଅଭିଜ୍ଞ ଓ କୁଶଳୀ କଳାକାରମାନଙ୍କ ଅଭାବ ରହିଛି । ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ସୁବିଧା ଦେବା ଦରକାର ।

ସଂପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ, ଯେତିକି ଶ୍ରମ ଓ ସାଧନା ଆବଶ୍ୟକ, ତା'ର ଅଭାବ ଅନୁଭୂତ ହୁଏ । ଶିଶୁସାହିତ୍ୟ ପ୍ରକାଶନ ବ୍ୟୟବହୁଳ ହେବାରୁ ପ୍ରକାଶକଙ୍କ ଅଭାବ । ଓଡ଼ିଶାରେ ପୁଣି ପ୍ରକାଶକମାନଙ୍କ ମଧ୍ୟରେ ଦୂରଦୃଷ୍ଟି, ସଂଯୋଜନା ଓ କର୍ମନିଷ୍ଠାର ଅଭାବ ଓ ସହଜ ଅର୍ଥଲାଭର ସ୍ୱପ୍ନ ବେଶୀ ଥିବାରୁ ଏ ଦିଗରେ ଆଶାନୁରୂପ ଅଗ୍ରଗତି ହୋଇପାରୁ ନାହିଁ । ପିତାମାତା ଓ ଶିକ୍ଷକ ଉପଯୁକ୍ତ ପୁସ୍ତକ ଓ ପତ୍ରିକା କ୍ରୟ କରି ପିଲାମାନଙ୍କୁ ପାଠ କରିବାକୁ ସୁଯୋଗ ଦେବା ଉଚିତ ।

**ପ୍ରଶ୍ନ :** ଓଡ଼ିଆ ଶିଶୁସାହିତ୍ୟିକମାନଙ୍କର ଅସୁବିଧା କଅଣ ?

**ଉତ୍ତର :** ଅସୁବିଧା ତ ଅନେକ । ଶିଶୁସାହିତ୍ୟ ସ୍ରଷ୍ଟାମାନଙ୍କର ସମ୍ମାନ ସ୍ୱୀକୃତି ସୀମିତ । ଶିଶୁସାହିତ୍ୟ ରଚନା ଶ୍ରମ ଓ ସାଧନା ସାପେକ୍ଷ ହେଲେ ହେଁ ତାହା ନିମ୍ନ ବା ନ୍ୟୂନମାନର ବୋଲି ଅନେକଙ୍କର, ଏମିତିକି ଓଡ଼ିଆ ସାହିତ୍ୟିକ ଓ ପ୍ରଫେସରମାନଙ୍କର ଧାରଣା । ଯାହା ମଧ୍ୟ ସମ୍ମାନ ମିଳେ ତାହା ସର୍ବଦା ଉପଯୁକ୍ତ ଭାବରେ ବିବେଚନା କରି ଦିଆଯାଏ ନାହିଁ । ଧୁଆମୂଳା, ଅଧୁଆମୂଳା ସମାନ ହୋଇଯାଏ । ଆର୍ଥିକ ଦୃଷ୍ଟିରୁ ତତୋଧିକ । ପ୍ରକାଶନରେ ଅଧିକ ବ୍ୟୟ ହେଉଥିବାରୁ ଶିଶୁସାହିତ୍ୟିକଗଣଙ୍କୁ ବିଶେଷ ପାରିତୋଷିକ ବା ପାରିଶ୍ରମିକ ମିଳେ ନାହିଁ । ଏମିତି କି 'କଳାପଟା ଅଭିଯାନ' ପରି ସୁବର୍ଣ୍ଣସୁଯୋଗ ମଧ୍ୟ ପ୍ରକାଶକମାନଙ୍କର ସଂକୀର୍ଣ୍ଣ ସ୍ୱାର୍ଥ ସଂଘର୍ଷ ଯୋଗୁଁ ହାତଛଡ଼ା ହୁଏ । ଯେତେବେଳେ ମଧ୍ୟ ପ୍ରକାଶକମାନେ ସରକାରଙ୍କଠାରୁ ହଜାର ହଜାର ଟଙ୍କା ପାଆନ୍ତି, ଲେଖକମାନଙ୍କୁ ଶତକଡ଼ା ୧୦ ଭାଗ ମାତ୍ର ଦେବାକୁ ପଛାନ୍ତି । ସରକାରଙ୍କ ଉଦ୍ୟମର ଅଭାବ । ବରଂ କଙ୍କଡ଼ାକୁ ଗୋଳିଆ ପାଣି ସୁହାଏ । ଲେଖକମାନଙ୍କ ମଧ୍ୟରେ ସମବେତ ପ୍ରଚେଷ୍ଟାର ଅଭାବ ।

**ପ୍ରଶ୍ନ :** ସର୍ବଭାରତୀୟ ଶିଶୁସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଶିଶୁସାହିତ୍ୟର ସ୍ଥିତି କଅଣ ?

**ଉତ୍ତର :** ସବୁ କ୍ଷେତ୍ରପରି ଶିଶୁସାହିତ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ସ୍ଥିତି ନିମ୍ନରେ । ଗୁଣାତ୍ମକ ତଥା ପରିମାଣାତ୍ମକ ବିକାଶ ଘଟିଥିଲେ ହେଁ ଓଡ଼ିଆ ଶିଶୁସାହିତ୍ୟ ଭାରତର ବହୁ ଭାଷା ତୁଳନାରେ ପଛାଇଛି । ଏ ଦିଗରେ ମଧ୍ୟ ସରକାରୀ ଓ ସାମୂହିକ ଉଦ୍ୟମ ଓ ସାହାଯ୍ୟର ଅଭାବ ଅନୁଭୂତ ହୁଏ ।

**ପ୍ରଶ୍ନ :** ଏବର ଓଡ଼ିଆ ଶିଶୁପତ୍ରିକାର ଅବସ୍ଥା କ'ଣ ?

**ଉତ୍ତର :** ଅନେକ ପତ୍ରିକା ପ୍ରକାଶିତ ହେଉଛି ମାତ୍ର ସେଥିରୁ ମନ ପବନ, ମୀନାବଜାର, ସଂସାର, ନନ୍ଦନକାନନ, କାଉଁରିଚାନ୍ଦ ପରି କେତେକ ପତ୍ରିକା ଛଡ଼ା ଅନ୍ୟ ପତ୍ରିକାଗୁଡ଼ିକର ଲେଖା ନିର୍ବାଚନ, ମୁଦ୍ରଣ, ଚିତ୍ର, କାଗଜ ଆଦି ନିମ୍ନମାନର । ଦୁଃଖର କଥା, ସରକାରଙ୍କ ତରଫରୁ ପ୍ରକାଶିତ ହେଉଥିବା ଏକମାତ୍ର ପତ୍ରିକା 'ଶିଶୁଲେଖା' ସରକାର ତଥା ସରକାରୀ କର୍ମକର୍ତ୍ତାମାନଙ୍କ ଉଦାସୀନତା ଓ ଆଗ୍ରହାଭାବ ଯୋଗୁଁ ମୃତପ୍ରାୟ ।

**ପ୍ରଶ୍ନ :** ଓଡ଼ିଶାରେ ଦୂରଦର୍ଶନ ଶିଶୁସାହିତ୍ୟ ଅଧ୍ୟୟନରେ କିଛି ପ୍ରଭାବ ପକାଉଛି କି ?

**ଉତ୍ତର :** ଦୂରଦର୍ଶନ ଯୋଗୁଁ ଶିଶୁସାହିତ୍ୟ ଅଧ୍ୟୟନ ପାଇଁ ସମୟର ଅଭାବ ହେବା ସ୍ୱାଭାବିକ । ମାତ୍ର ଅଧ୍ୟୟନର ଭାଷାଗତ ଓ ସାହିତ୍ୟିକ ଉପାଦେୟତା ଥିବାରୁ ଶିଶୁ ଓ

କିଶୋରମାନଙ୍କୁ ଅଧ୍ୟୟନ ପାଇଁ ବେଶୀ ସୁଯୋଗ ପାଇବା ଉଚିତ । ସେମାନେ ମଧ୍ୟ ଅଧ୍ୟୟନର ଆନନ୍ଦ ଓ ଉପକାର ପାଇଲେ ଶିଶୁସାହିତ୍ୟ ପ୍ରତି ଆକୃଷ୍ଟ ହେବେ । ଦୂରଦର୍ଶନ ମାଧ୍ୟମରେ ଶିଶୁସାହିତ୍ୟର ପ୍ରଚାର ଓ ପ୍ରସାର ହେଲେ ତା'ର ଉନ୍ନତି ହୋଇପାରିବ ।

**ପ୍ରଶ୍ନ :** ଓଡ଼ିଶାରେ ଶିଶୁସାହିତ୍ୟାନୁଷ୍ଠାନ ଓ ଶିଶୁ ସାହିତ୍ୟର ଗବେଷଣା ଦିଗରେ ଆପଣଙ୍କ ମତାମତ କ'ଣ ?

**ଉତ୍ତର :** ଆମ ରାଜ୍ୟରେ ଶିଶୁସାହିତ୍ୟାନୁଷ୍ଠାନର ସଂଖ୍ୟାବୃଦ୍ଧି ଦୃଷ୍ଟିରୁ ଉତ୍ସାହଜନକ, ମାତ୍ର ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ସକ୍ରିୟ । ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ପରିଷଦ, ରାଜଧାନୀ ଶିଶୁସାହିତ୍ୟ ସଂସଦ, ଧ୍ରୁବତାରା ଓ ଅରୁଣ-ତରୁଣ ପରି ଅଳ୍ପ କେତୋଟି ଅନୁଷ୍ଠାନ ସାମୟିକ ଭାବରେ ଉପାଦେୟ କାର୍ଯ୍ୟକ୍ରମମାନ ସଂପାଦନ କରିଥାନ୍ତି । ଓଡ଼ିଶା ଶିଶୁସାହିତ୍ୟ ଏକାଡେମୀ ବହୁ ସମ୍ଭାବନା ସୃଷ୍ଟି କରିଥିଲେ ହେଁ ବର୍ତ୍ତମାନ ମୁମୂର୍ଷୁ । ଗବେଷଣା କ୍ଷେତ୍ରରେ ଡକ୍ଟର ମନୀନ୍ଦ୍ର ମହାନ୍ତି ଅଗ୍ରଗଣ୍ୟ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ସ୍ରଷ୍ଟା/ଅଧ୍ୟାପକ/ଅଧ୍ୟାପିକା ଗବେଷଣା କରିଛନ୍ତି/କରୁଛନ୍ତି । ମାତ୍ର ତାହା ଏକ ଡିଗ୍ରୀ ପାଇଁ । ଗବେଷଣା କ୍ଷେତ୍ରରେ ଯେପରି ଗଭୀର ନିଷ୍ଠା ଓ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ, ତା'ର ବିଶେଷ ଅଭାବ ପରିଲକ୍ଷିତ ହୋଇଥାଏ ।

**ପ୍ରଶ୍ନ :** ଓଡ଼ିଆ ଶିଶୁସାହିତ୍ୟର ଭବିଷ୍ୟତ ସଂପର୍କରେ ଆପଣଙ୍କ ମତାମତ କ'ଣ ?

**ଉତ୍ତର :** ଏହାର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ । ମାତ୍ର ସାଂପ୍ରତିକ ସ୍ଥିତିର ଉନ୍ନତିରେ ହିଁ ଏହା ସମ୍ଭବ ହେବ । ଏଥିପାଇଁ ଶିଶୁ-ସାହିତ୍ୟ ସ୍ରଷ୍ଟା ଓ ଗବେଷକମାନେ ଅଧିକ ନିଷ୍ଠା ସାଧନାର ସହିତ ଲାଗିବା ଉଚିତ । ଓଡ଼ିଶା ଶିଶୁସାହିତ୍ୟ କ୍ଷେତ୍ରରେ ପ୍ରକାଶକ ଓ ପତ୍ରିକା ସଂପାଦକମାନେ ଅଧିକ ଆଗ୍ରହ ଓ ନିଷ୍ଠା ଦେଖାଇବା ଆବଶ୍ୟକ । ଓଡ଼ିଶା ସରକାର ମଧ୍ୟ ଏ ଦିଗରେ ସୁଚିନ୍ତିତ ଓ ସଂଯୋଜିତ କାର୍ଯ୍ୟକ୍ରମ ଗ୍ରହଣ କରିବା ନିତାନ୍ତ ଦରକାର । ଉଭୟ ବ୍ୟକ୍ତିଗତ ଓ ସାମୂହିକ ଉଦ୍ୟମରେ ହିଁ ଶିଶୁସାହିତ୍ୟର ସର୍ବାଙ୍ଗୀନ ବିକାଶ ଘଟିପାରିବ ।

(**ଶିଶୁସାହିତ୍ୟ ଉଦନ୍ତ** ସଂଖ୍ୟା ୨୩/୨୪, ୧୯୯୭)

# "ଓଡ଼ିଆ ଶିଶୁସାହିତ୍ୟ କିଭଳି ହେବା ଉଚିତ" ?

**ଉପସ୍ଥାପନା-ରଘୁନାଥ ଦାଶ**

ଶିଶୁସାହିତ୍ୟ ହେଉଛି ସାହିତ୍ୟ ଜଗତର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଶିଶୁ ସାହିତ୍ୟ ହିଁ ଶିଶୁର ମାନସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ଘଟାଇବାରେ ବିଶେଷ ସହାୟକ ହୁଏ । ଶିଶୁକୁ ପ୍ରାରମ୍ଭରୁ ନୀତି, ଧର୍ମ, ସଦାଚାର, ସ୍ୱଚ୍ଛତା ଓ ଅନୁଶାସନ ସମ୍ପର୍କରେ ଶିକ୍ଷାଦିଏ । ଶିଶୁ ପାଇଁ ରଚିତ ସାହିତ୍ୟ 'ଶିଶୁସାହିତ୍ୟ' କହିଦେଲେ ଏହା ଏକ ଯଥାର୍ଥ ସଂଜ୍ଞା ହୋଇ ନପାରେ । ଶିଶୁ ଓ ବୟସ୍କ ମଣିଷର ଶିଶୁ ମାନସ ପାଇଁ ସୃଷ୍ଟ ସାହିତ୍ୟ ହିଁ ଶିଶୁ ସାହିତ୍ୟ । ଆମ ରାଜ୍ୟରେ ଯେଉଁ ଶିଶୁସାହିତ୍ୟ କ୍ରମଶଃ ମୁଣ୍ଡ ଟେକି ବିକାଶ ଦିଗରେ ଗତି କରୁଛି, ତାହା ପ୍ରକୃତରେ ସ୍ୱାଗତଯୋଗ୍ୟ । ଯେଉଁ ଶିଶୁ ପତ୍ରପତ୍ରିକା ଓଡ଼ିଆ ଭାଷାରେ ପ୍ରକାଶ ପାଉଛି ଏହା ମଧ୍ୟ ଆନନ୍ଦର ବିଷୟ । ସଂପ୍ରତି ପତ୍ରପତ୍ରିକା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଶିଶୁସହିତ୍ୟ ପ୍ରତି ଆଗ୍ରହ ମଧ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଗୁଣାତ୍ମକ ବିକାଶ ଦୃଷ୍ଟିରୁ ଅନ୍ୟାନ୍ୟ ପଡ଼ୋଶୀ ଶିଶୁ ସାହିତ୍ୟ ସହ ଓଡ଼ିଆ ଶିଶୁସାହିତ୍ୟ ସମକକ୍ଷ ହୋଇପାରିଲାଣି କି ? ଯଦି ନା, ତେବେ ଆମ ମନରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ, ଓଡ଼ିଆ ଶିଶୁସାହିତ୍ୟ କିଭଳି ହେବା ଉଚିତ ? ଏହାର ଉତ୍ତର ପାଇବା ପାଇଁ ବିଶିଷ୍ଟ ଶିଶୁସାହିତ୍ୟିକମାନଙ୍କୁ ଭେଟିବା ଅବସରରେ ସେମାନେ ଯାହା କହନ୍ତି-

**ଶିଶୁପତ୍ରିକାଟିଏ ମଧ୍ୟ ସରକାରୀ ପ୍ରଚେଷ୍ଟାରେ ଉଧେଇ ପାରୁନାହିଁ**
**ଡଃ ଜଗନ୍ନାଥ ମହାନ୍ତି**

ଲେଖକର ଯାହା କର୍ତ୍ତବ୍ୟ ତାହା ଅନେକ ସମୟରେ କରାଯାଉ ନଥିବାରୁ ଶିଶୁସାହିତ୍ୟ କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଇଛି । ସଂପ୍ରତି ପ୍ରକାଶକମାନେ ଶିଶୁସାହିତ୍ୟ ପ୍ରକାଶ କରିବାରେ ଆଗ୍ରହୀ ହେଉନଥିବା ବେଳେ ସରକାରୀ ସୁବିଧା ସୁଯୋଗ ଯଥା-କଳାପଟା ଅଭିଯାନ ଓ ଡି.ପି.ଇ.ପି. ତରଫରୁ ଉପଯୁକ୍ତ ଶିଶୁସାହିତ୍ୟ କ୍ରୟ କରିବାର ପର୍ଯ୍ୟାପ୍ତ ସୁବିଧା ରହିଛି । କେନ୍ଦ୍ର ସରକାରଙ୍କ ଠାରୁ ବିଶ୍ୱବ୍ୟାଙ୍କ ପର୍ଯ୍ୟନ୍ତ ଅନେକ ସଂସ୍ଥା ଏଦିଗରେ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି । ମାତ୍ର ସେହି ସ୍ୱପ୍ନ ଓ ସୁଯୋଗ

ସରକାରୀ ନାଲିଫିତା ତଳେ ଧୂଳିସାତ୍ ହୋଇଯାଉଛି । ଶିଶୁପତ୍ରିକାଟିଏ ମଧ୍ୟ ସରକାରୀ ପ୍ରଚେଷ୍ଟାରେ ଉଧେଇ ପାରୁନାହିଁ । ବହୁଦିନରୁ ଶିଶୁସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟକରି ଆସୁଥିବା ଶିଶୁସାହିତ୍ୟ ସମିତି ଆଜି ମୃତପ୍ରାୟ । ଶିଶୁ ସଂଗଠନଗୁଡ଼ିକ ମଧ୍ୟ କେତେଜଣଙ୍କ ସଂକୀର୍ଣ୍ଣ ସ୍ୱାର୍ଥଲିପ୍ସା ଓ ଅଶ୍ରଦ୍ଧା - ମନୋଭାବ ଯୋଗୁଁ ମୁମୂର୍ଷୁ ହୋଇପଡ଼ିଛି । ଉଦାହରଣ ସ୍ୱରୂପ-ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ପୁସ୍ତକ ପ୍ରକାଶନ, ସଭାସମିତି, ଆଲୋଚନାଚକ୍ର ପ୍ରଭୃତି ସଂଗଠନ କରି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରି ଆସୁଥିବା ଶିଶୁସାହିତ୍ୟ ଏକାଡେମୀ ଏବେ ନିଷ୍କ୍ରିୟ । ଲେଖକ, କଳାକାର, ପ୍ରକାଶକ, ସମ୍ପାଦକ ପ୍ରମୁଖ ବିଭିନ୍ନ ଦିଗରେ ଏଥିପାଇଁ ନିଷ୍ଠା ଓ ସହଯୋଗ ଭିତ୍ତିରେ ଉଦ୍ୟମ ନକଲେ ଅନ୍ୟ ଆଞ୍ଚଳିକ ଶିଶୁସାହିତ୍ୟ ତୁଳନାରେ ଆମର-ଶିଶୁସାହିତ୍ୟ ଦୁର୍ବଳ ହୋଇପଡ଼ିବ ।

ଶିଶୁସାହିତ୍ୟର ବିଭିନ୍ନ ବିଭାଗ ରହିଛି । ଯେଉଁ ଦିଗରେ ଯାହାର ଆଗ୍ରହ ଓ ଦକ୍ଷତା ରହିଛି, ସେହି ଦିଗରେ ନିଜର କଲମ ଚଳାଇଲେ ସଫଳ ସାହିତ୍ୟ ସୃଷ୍ଟି କରିପାରିବେ । ରଚନା ଏକ କଳା ହୋଇଥିବାରୁ ତାହା ଯେତିକି ଜନ୍ମଗତ ତା'ଠାରୁ ଅଧିକ ନିଜର ଅଭିଜ୍ଞତା ଓ ଅଭ୍ୟାସସାପେକ୍ଷ । ପିଲାମାନଙ୍କ ମନକୁ ଛୁଇଁଲା ଭଳି ଲେଖା ଲେଖିଲେ ସେମାନଙ୍କ ଦ୍ୱାରା ତାହା ଆଦୃତ ହୋଇପାରିବ ଓ ସେମାନେ ଆନନ୍ଦ ପାଇବା ସଂଗେ ସଂଗେ କିଛି ଶିକ୍ଷା ପାଇପାରିବେ । ନୀତି ଶିକ୍ଷା ପିଲାମାନଙ୍କୁ ସିଧା ନଦେଇ ପରୋକ୍ଷରେ ବିଭିନ୍ନ ଚରିତ୍ର ଓ ଘଟଣା ମାଧ୍ୟମରେ ଦେଖାଇଦେବା ଉଚିତ । ଅଳ୍ପ ପରିଶ୍ରମରେ ସଫଳତା ଲାଭ କରିବାକୁ ଇଚ୍ଛା କରି ଲେଖକମାନେ ସ୍ୱୀକୃତି ଓ ପ୍ରଶଂସା ପଛରେ ନଧାଇଁ ଏହାକୁ ଏକ ସାଧନା ଭାବରେ ଗ୍ରହଣ କରି ନିୟମିତ ଭାବରେ ପଢ଼ାପଢ଼ି ଓ ଲେଖାଲେଖି କଲେ ସେମାନେ ଯଥାର୍ଥ ଶିଶୁସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ ହୋଇପାରିବେ । ସବୁ ବାଧାବିଘ୍ନ ସତ୍ତ୍ୱେ ଆମର ଅଧ୍ୟବସାୟ ନିଶ୍ଚୟ ସାଫଲ୍ୟ ମଣ୍ଡିତ ହେବ, ଏହା ମୋର ଆଶା ଓ ବିଶ୍ୱାସ ।

**ସଂଗଠନ ମାଧ୍ୟମରେ ଶିଶୁସାହିତ୍ୟର ବିକାଶ ଲାଗି ଉଦ୍ୟମ ହେଉ : ଦେବରାଜ ସାମନ୍ତରାୟ**

ସଂପ୍ରତି ଓଡ଼ିଆ ଶିଶୁପତ୍ରିକା (ଶିଶୁ ପାଇଁ)ରେ ଉଚ୍ଚକୋଟୀର ଲେଖାର ଅଭାବ ରହିଛି । ପ୍ରକାଶିତ ଲେଖାଗୁଡ଼ିକରେ ଚିତ୍ରର ଅଭାବ ରହିଛି ଏବଂ ଶିଶୁ ଉପଯୋଗୀ ନହେଲେ ଏହା ଶିଶୁମାନଙ୍କର ଆଦୌ ପ୍ରିୟ ହୋଇପାରିବ ନାହିଁ । ଆମ ଓଡ଼ିଶାରେ ପାଠକ ସମସ୍ୟା ଏକ ମୁଖ୍ୟ ସମସ୍ୟା । କୌଣସି ସମ୍ପାଦକ ଛାତିରେ ହାତ ରଖି କହିପାରିବେ କି-

ଯେଉଁମାନଙ୍କ ଉଦ୍ଦେଶ୍ୟରେ ମୁଁ ଶିଶୁପତ୍ରିକା ସମ୍ପାଦନ କରୁଛି; ତାହା ଠିକ୍ ସେହିମାନଙ୍କ ହାତରେ ପଡୁଛି ? କଥା ହେଉଛି- ଆମେ ଲେଖୁଛୁ, ଆମେ ପଢୁଛୁ, ଆମେ ହିଁ ସମାଲୋଚନା କରୁଛୁ । କିନ୍ତୁ ପିଲାମାନେ ପଢ଼ନ୍ତି ନାହିଁ । ଶିଶୁର ମାନସିକ ବିକାଶ ପଥରେ ଆଜି ପର୍ଯ୍ୟନ୍ତ ଆମେ ସେଭଳି କୌଣସି ବଳିଷ୍ଠ ପଦକ୍ଷେପ କିମ୍ବା ଆଶାନୁରୂପ ଉତ୍ତମ ପାରିପାର୍ଶ୍ୱିକ ଅବସ୍ଥା ଶିଶୁ ସାହିତ୍ୟ ମାଧ୍ୟମରେ ସୃଷ୍ଟି କରିପାରି ନାହୁଁ । ପତ୍ରପତ୍ରିକା ବାହାରିବା ଜରୁରୀ । ତେବେ ଓଡ଼ିଆ ଶିଶୁ ପତ୍ରପତ୍ରିକାରେ ମୁଦ୍ରଣଗତ ତ୍ରୁଟିମାନ ପରିଲକ୍ଷିତ ହେଉଛି । ବନାନ ଅଶୁଦ୍ଧି ରହୁଛି । ଶବ୍ଦ ଠିକ୍ ନାହିଁ । ଏ ସମସ୍ତ ସମସ୍ୟାଗୁଡ଼ିକ କେବଳ ପତ୍ରିକାର ମୁଦ୍ରଣ ସମୟରେ ଏଡ଼ାଇ ଦିଆଯାଇପାରିବ । ଏଥିପାଇଁ ସମ୍ପାଦକମାନେ ଏକାନ୍ତ ଦୃଷ୍ଟି ଦେବା ଆବଶ୍ୟକ । ସଂଗଠନର ମଧ୍ୟ ଅଭାବ ରହିଛି । ସଂଗଠନ ଅଭାବରୁ ପାଠକ ପାଠିକାମାନେ ଅର୍ଥାତ୍ ଶିଶୁମାନେ ପଢୁନାହାନ୍ତି । ଅତଏବ ସଂଗଠନ ମାଧ୍ୟମରେ ଶିଶୁସାହିତ୍ୟର ବିକାଶ ଲାଗି ଉଦ୍ୟମ ହେଉ ।

**ଶିଶୁ ସାହିତ୍ୟିକମାନଙ୍କର ଲେଖା ପ୍ରକାଶିତ ହେବାର ମୋହ ଅଧିକ, ସାହିତ୍ୟ ସୃଷ୍ଟି କରିବାରେ ସାଧନା କମ୍ : ନୀଳାମ୍ବର ରଥ**

ଶିଶୁସାହିତ୍ୟ ବୋଲି ଆମେ ଯାହାକୁ କହୁଛୁ, ସେଥିରୁ ଅଧିକ ସାହିତ୍ୟ, ଶିଶୁ ସାହିତ୍ୟ ନୁହେଁ । ଅର୍ଥାତ୍ ଅନେକ ଲେଖା ଶିଶୁ, କିଶୋର ଅନୁପଯୋଗୀ । ତେଣୁ ଏ ପ୍ରକାର ସାହିତ୍ୟର ପାଠକଙ୍କ ମଧ୍ୟରେ ବୟସ୍କଙ୍କ ସଂଖ୍ୟା ଅଧିକ । ଶିଶୁସାହିତ୍ୟିକମାନେ ଏହାର ଲେଖକ, ସେଇମାନେ ହିଁ ପାଠକ ।

ଆମ ଶିଶୁସାହିତ୍ୟରେ ପରୀକ୍ଷା ନିରୀକ୍ଷା ନାହିଁ, କଳ୍ପନା କାରିଗରୀ ନାହିଁ, ବେଶୀ ସେହି ଚର୍ବିତ ଚର୍ବଣ । ଶିଶୁସାହିତ୍ୟିକମାନଙ୍କ ମଧ୍ୟରେ ପ୍ରକାଶିତ ହେବାର ମୋହ ଅଧିକ, ସାହିତ୍ୟ ସୃଷ୍ଟି କରିବାରେ ସାଧନା କମ୍ । ଅବଶ୍ୟ ସାହିତ୍ୟର ଅନ୍ୟ ବିଭାଗଗୁଡ଼ିକର ଅବସ୍ଥା ମଧ୍ୟ ଅନୁରୂପ । ଶିଶୁସାହିତ୍ୟର ସଫଳତା ଓ ବିଫଳତା ଉପରେ ଆଲୋଚନା କାହିଁ ? ପିଲାଙ୍କ ରୁଚି ତଥା ଗ୍ରହଣଶୀଳତା ପ୍ରସଙ୍ଗରେ ସର୍ବେକ୍ଷଣ କାହିଁ ? ମୋଟାମୋଟି ଉପରେ ଅଧିକାଂଶ ସାହିତ୍ୟିକ ଏ ବାବଦରେ ଚିନ୍ତିତ ମଧ୍ୟ ନୁହନ୍ତି । ଓଡ଼ିଆ ଶିଶୁସାହିତ୍ୟର ସାମଗ୍ରିକ ସ୍ୱରୂପ ସମ୍ପର୍କରେ ଏବେ ସମୀକ୍ଷା କରାଯିବାର ସମୟ ଆସିଛି ।

ଏମିତି ପ୍ରସ୍ତାବ ବାଢ଼ିବା ସହଜ । କିନ୍ତୁ ଶିଶୁସାହିତ୍ୟର ସମସ୍ୟାଗୁଡ଼ିକର ଅନ୍ତ ନାହିଁ ! ସେଗୁଡ଼ିକର ସମାଧାନ ଏବେ ସହଜ ନୁହେଁ । ଏଥିପାଇଁ ଲୋଡ଼ା ସମ୍ମିଳିତ ତଥା ଦୀର୍ଘ ଯୋଜନାବଦ୍ଧ ପଦକ୍ଷେପ ।

**ଶିଶୁସାହିତ୍ୟ ଦିଗରେ ସଚେତନତା ସୃଷ୍ଟି, ଏକମାତ୍ର ସମାଧାନର ପନ୍ଥା : ବଙ୍କିମଚନ୍ଦ୍ର ନାୟକ**

ପାଠକଙ୍କ ଅଭାବ ଶିଶୁସାହିତ୍ୟର ମୁଖ୍ୟ ସମସ୍ୟା । ଏ ଦିଗରେ ସଚେତନତା ସୃଷ୍ଟି, ଏକମାତ୍ର ସମାଧାନ ପନ୍ଥା । ଅନେକ ପତ୍ରପତ୍ରିକା ବାହାରୁଛି; କିନ୍ତୁ ସର୍ବାଙ୍ଗସୁନ୍ଦର ହୋଇପାରୁ ନାହିଁ । ପ୍ରଚ୍ଛଦପଟ୍ଟରେ ଦୁର୍ବଳତା ରହୁଛି । ରଙ୍ଗୀନ୍ ହୋଇପାରୁ ନାହିଁ । ଯେଉଁ ଶିଶୁସାହିତ୍ୟିମାନେ ନିଜେ ପ୍ରତିଷ୍ଠିତ ହୋଇପାରୁଛନ୍ତି, ସେମାନେ ସମ୍ବାଦପତ୍ର ମାଧ୍ୟମରେ ହିଁ ପ୍ରତିଷ୍ଠିତ ହୋଇଛନ୍ତି । ସମ୍ବାଦପତ୍ରର ଶିଶୁପୃଷ୍ଠ ବହୁ ଲୋକଙ୍କ ପାଖରେ ପହଞ୍ଚିବ । ଅନେକଙ୍କର ସେହି ପୃଷ୍ଠାରେ ନଜର ପଡ଼ିବ । କିନ୍ତୁ ଶିଶୁ ପତ୍ରିକାଟିଏ ନକିଣିଲେ ଆପଣ ପଢ଼ିପାରିବେ କି? ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଗୋଟିଏ ସମ୍ବାଦପତ୍ରର ପାଠକର ହାରାହାରି ସଂଖ୍ୟା ୭ରୁ ୯ ହଜାର । ତେଣୁ ସମ୍ବାଦପତ୍ର ହିଁ ବିଶେଷ ଆଗ୍ରହ ସୃଷ୍ଟି କରେ । ତେବେ କିଛି ଭୁଲ୍ ଭଟକା ରହିଯାଉଛି । ସମ୍ପାଦନାରେ ଗୁରୁତ୍ୱ ଦିଆଯାଉ ନଥିବା ହେଉଛି ଏହି ଭୁଲ୍ ହେବାର ମୁଖ୍ୟ କାରଣ ।

ସମ୍ପାଦନା ପାଇଁ ସମୟର ଅଭାବ ଯୋଗୁଁ ଏହି ଭୁଲ୍‌କୁ ଅନୁଶୀଳନ କରାଯାଇପାରୁନି । ଫଳରେ ମୁଦ୍ରଣଜନିତ ତ୍ରୁଟି ରହୁଛି । ତେବେ ଏକ ଖବରକାଗଜର ଗୋଟିଏ ପୃଷ୍ଠାରେ ନାରୀଧର୍ଷଣ, ହତ୍ୟା ପ୍ରକାଶ ପାଉଥିବା ବେଳେ ଅନ୍ୟ ପୃଷ୍ଠାରେ ଶିଶୁସୁଲଭ ଲେଖା । ତେଣୁ ଏହା ହିଁ ବିଚାର୍ଯ୍ୟ । ତେବେ ମୋ ମତରେ ଆମ ଶିଶୁସାହିତ୍ୟର ଲେଖାଗୁଡ଼ିକ ଆମର ଦୈନନ୍ଦିନ ଜୀବନର ଘଟଣା ଯଥା - ଆମର ସାହିତ୍ୟ, ସଂସ୍କୃତି, ଶିଳ୍ପ, କଳା, ଧର୍ମ, ଇତିହାସ, ବିଜ୍ଞାନ ପ୍ରଭୃତି ବିଷୟବସ୍ତୁ ଉପରେ ଆଧାରିତ ହେବା ଉଚିତ । ଅର୍ଥାତ୍ ଯେଉଁ ଲେଖାଗୁଡ଼ିକ ପିଲାମାନେ ପଢ଼ିଲେ, ସେମାନଙ୍କର ସଦ୍‌ଅଭ୍ୟାସ, ସଦ୍‌ଗୁଣ ଓ ସଦ୍ ବ୍ୟବହାର ବୃଦ୍ଧି ହେବ । ଶିଶୁସାହିତ୍ୟର ସୃଷ୍ଟି ଓ ପ୍ରସାର ସେହି ପ୍ରକାର ଅଧିକ ହୋଇପାରିବ ବୋଲି ମୋର ଆଶ ଓ ବିଶ୍ୱାସ ।

**ଖୁବ୍ କମ୍ ଅଭିଭାବକ ପିଲାମାନଙ୍କୁ ଶିଶୁପତ୍ରିକା ପଢ଼ିବା ପାଇଁ ଉତ୍ସାହିତ କରନ୍ତି : ରଘୁନନ୍ଦନ ମହାପାତ୍ର**

ଶିଶୁସାହିତ୍ୟ ପ୍ରତି ଆଜିକାଲି ସାହିତ୍ୟିକମାନଙ୍କର ବିଶେଷ ଆଗ୍ରହ ପ୍ରକାଶ ପାଇଛି । ରାଷ୍ଟ୍ରୀୟ ସ୍ତରରେ ଶିଶୁସାହିତ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥିବା ଦୃଷ୍ଟିରୁ ଶିଶୁ କିଶୋରମାନଙ୍କ ପାଇଁ ଲିଖିତ ସାହିତ୍ୟ ପ୍ରତି ହେୟ ଜ୍ଞାନ କରିବାର ସମୟ ଆଉ ନାହିଁ ।

ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଭିଭାବକମାନଙ୍କର ପତ୍ରପତ୍ରିକା କ୍ରୟ ଶକ୍ତି ଖୁବ୍ କମ୍ । ଅନ୍ୟପକ୍ଷରେ ଖୁବ୍ କମ୍ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ବହି ବା ଶିଶୁ ପତ୍ର-ପତ୍ରିକା ପଢ଼ିବାକୁ ଉତ୍ସାହିତ କରନ୍ତି ଏହାଦ୍ୱାରା ଶିଶୁପତ୍ରିକାର ପ୍ରସାର ଏକ ସୀମିତରେଖା ମଧ୍ୟରେ ରହିଯାଉଛି । କ୍ରେତା ନଥିଲେ ବିକ୍ରେତା ତଥା ପ୍ରକାଶକ ସୃଷ୍ଟି ହେବେ କିପରି ? ତେଣୁ ଶିଶୁସାହିତ୍ୟର ପ୍ରସାର ଓ ବିକାଶ ପାଇଁ ... ଶିଶୁମାନଙ୍କ ହାତରେ ସେମାନଙ୍କ ଅଭିଭାବକ ଶିଶୁ ପତ୍ରପତ୍ରିକା କିଣି ନିୟମିତ ଦିଅନ୍ତି କିମ୍ବା ଦେବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ । କାଁ ଭାଁ ସହର ଜାଗାରେ ଶିଶୁ ପତ୍ରିକା ଆମ ପିଲାଏ ପାଠ କରିବାର ସୁଯୋଗ ପାଇଥାନ୍ତି । ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିଶୁସାହିତ୍ୟର ପାଠକ ସୃଷ୍ଟି ପାଇଁ ଶିଶୁ ପାଠକ ଆନ୍ଦୋଳନ କୁହନ୍ତୁ କି ଶିଶୁ ଜାଗରଣ କୁହନ୍ତୁ, ତାହା କରିବାର ସମୟ ଏବେ ଆସିଛି । ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଗଢ଼ାଯାଇ ଶିଶୁପତ୍ରିକା ନିୟମିତ ଯୋଗାଇ ଦିଆଗଲେ ଆମ ପିଲାଏ ଶିଶୁ ସାହିତ୍ୟ ପଢ଼ିବାର ସୁଯୋଗ ପାଇପାରନ୍ତେ । ବିଦ୍ୟାଳୟଗୁଡ଼ିକୁ ଅନ୍ତତଃପକ୍ଷେ ଗୋଟିଏ ଲେଖାଏଁ ଶିଶୁପତ୍ରିକା ରିହାତି ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା ସରକାରୀ/ବେସରକାରୀ ଉଦ୍ୟମରେ କରାଗଲେ ଅନେକ ଶିଶୁ ପତ୍ରିକା ହୁଏତ ଅକାଳରେ ଝଡ଼ିପଡ଼ିବାରୁ ରକ୍ଷା ପାଆନ୍ତେ । ସମ୍ବାଦପତ୍ରରେ ଶିଶୁସାହିତ୍ୟର ମୌଳିକ ରଚନା ସ୍ଥାନ ପାଇବା ସଂଗେ ସଂଗେ କିଛିଟା ରଙ୍ଗୀନ୍ ଓ ତା'ର ମୁଦ୍ରଣ ପରିପାଟୀ ଅଧିକ ଆକର୍ଷଣୀୟ ହେବା ଉଚିତ । ଫଳରେ ପ୍ରତ୍ୟେକ ସ୍ତରର ପାଠକକୁ ଏହା ରୁଚିବୋଧ ଦେବ ।

**ପିତାମାତା ଓ ଅଭିଭାବକଙ୍କର ସହଯୋଗ ଦରକାର : ଗୋଲୋକବିହାରୀ ବିଶୋଇ**

ଶିଶୁସାହିତ୍ୟର ସମସ୍ୟା ଅନେକ ପ୍ରସାରଣର ଅଭାବ, ପାଠକମାନଙ୍କର ଆଗ୍ରହର ଅଭାବ, ଅନିୟମିତ ପ୍ରକାଶନ, ଶିଶୁସାହିତ୍ୟ ପ୍ରତି କେତେକାଂଶରେ ବୈମାତୃକ ମନୋଭାବ, ଶିଶୁସାହିତ୍ୟିକମାନଙ୍କୁ ଉତ୍ସାହ ପ୍ରଦାନ ପାଇଁ ବ୍ୟବସ୍ଥାର ଅଭାବ । ସର୍ବୋପରି ଆନ୍ତିରକତାଶୂନ୍ୟ ମନୋଭାବ ଶିଶୁସାହିତ୍ୟ ବିକାଶ ଦିଗରେ ଅନ୍ୟ ଏକ ଅନ୍ତରାୟ ।

ସମାଧାନ-ଶିଶୁ ମନଲାଖି ଗପ, କବିତା, ଭ୍ରମଣକାହାଣୀ, ବିଜ୍ଞାନ କଥା, ଜ୍ଞାନବିଜ୍ଞାନ, ଧନ୍ଦା, ଶବ୍ଦ ଖେଳ, ନୀତିକଥା, ଉପଦେଶ, ଶିଶୁନାଟକ, ମିନି ନାଟିକା ପ୍ରକାଶ ପାଇବା ଏକାନ୍ତ ଆବଶ୍ୟକ । ଶିଶୁସାହିତ୍ୟରେ ହାସ୍ୟ, ବ୍ୟଙ୍ଗ ଓ ଚିନ୍ତନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଚପଳମତି ଅସ୍ଥିରମନା ଶିଶୁମାନଙ୍କ ମନକୁ ଅଯଥା ଭାରାକ୍ରାନ୍ତ ନକରି

ରଚନାଗୁଡ଼ିକୁ ସଦାସର୍ବଦା ସେମାନଙ୍କ ହୃଦୟସ୍ପର୍ଶୀ କରାଇବା ବିଧେୟ । ପତ୍ରପତ୍ରିକାଗୁଡ଼ିକ ସୁଚାରୁ ରୂପେ ଶିଶୁସାହିତ୍ୟର ପ୍ରସାରଣ ପାଇଁ ଉଦ୍ୟମ କରିବା ଆବଶ୍ୟକ । ନିୟମିତ ପ୍ରକାଶନ ହେବା ମଧ୍ୟ ବିଧେୟ । ଛତୁଫୁଟିଲା ପରି ଅନେକ ଶିଶୁସାହିତ୍ୟ ପତ୍ରିକା ଆମ ରାଜ୍ୟରେ ଦେଖିବାକୁ ମିଳେ; ମାତ୍ର ସେଗୁଡ଼ିକର କଳେବର, ବିଷୟବସ୍ତୁରେ ଶିଶୁମାନଙ୍କ ମନକୁ ଛୁଇଁଲା ଭଳି କିଛି ନଥାଏ । ତେଣୁ ପତ୍ରିକାଟି ନିଜର ଉଚ୍ଚମାନ ରକ୍ଷା କରୁ । ସେଥିରେ ଶିଶୁମନକୁ ଆକର୍ଷଣ କଲାପରି ବିଷୟବସ୍ତୁ ଓ ଚିତ୍ର ରହୁ । ଆମକୁ ମନେରଖିବାକୁ ହେବ ଯେ, ପ୍ରତ୍ୟେକ ପିତାମାତା ଏଥିପାଇଁ ଦୃଷ୍ଟି ଦେବା ଉଚିତ । କେବଳ ଜଣେ ଲେଖକ ଲେଖି ଶିଶୁସାହିତ୍ୟର ସର୍ବାଙ୍ଗୀନ ଉନ୍ନତି କରି ନପାରନ୍ତି ।

**ଲେଖକ, ସମ୍ପାଦକ, ଚିତ୍ରକର ଓ ପାଠକର ସହଯୋଗ ଏକାନ୍ତ କାମ୍ୟ : ଡଃ ଭ୍ରମରବର ସାମଲ**

ଶିଶୁସାହିତ୍ୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଶିଶୁସାହିତ୍ୟ ଏପରି ହେବା ଯେଭଳି ତାହା ଶିଶୁର ମନକୁ ଛୁଇଁପାରୁଥିବ । ଶିଶୁ ଯେଭିଳି ଲେଖକର ଭାଷା ଓ ମର୍ମକୁ ସହଜରେ ଗ୍ରହଣ କରିପାରିବ, ସେଥିପ୍ରତି ଶିଶୁସାହିତ୍ୟିମାନଙ୍କୁ ଦୃଷ୍ଟି ଦେବାକୁ ହେବ । ଶିଶୁସାହିତ୍ୟର ଭାଷା ଯେତେ ସରଳ ଓ ବୋଧଗମ୍ୟ ହେବ ଶିଶୁପାଇଁ ତାହା ସେତିକି ଆଗ୍ରହପୂର୍ଣ୍ଣ ହେବ । ଶିଶୁ ତା' ଦୈନନ୍ଦିନ ଜୀବନରେ ଯାହା ଦେଖୁଛି, ଯାହା ଅଙ୍ଗେ ଲିଭାଉଛି ଓ ତା' ମନରେ ଯେଉଁ ନୂତନ ଭାବନା ଜାତ ହେଉଛି, ତାରି ଉପରେ ଶିଶୁଲେଖା ପ୍ରକାଶ ପାଇବା ଉଚିତ । ଶିଶୁସାହିତ୍ୟକୁ ସମୟୋପଯୋଗୀ କରିବା ପାଇଁ ପ୍ରାଚୀନ ବିଷୟବସ୍ତୁକୁ ସରଳ ଓ ସହଜ ଭାଷାରେ ବାସ୍ତବ ଚିନ୍ତା ଓ ଚେତନା ଦେଇ ଉପସ୍ଥାପନା କରିବା ଦରକାର । ଅବାସ୍ତବ, ଅସତ୍ୟ, ଭୂତପ୍ରେତ, ଅନ୍ଧବିଶ୍ୱାସ, କୁସଂସ୍କାରମୂଳକ ବିଷୟ ନିର୍ବାଚନ ଆଦୌ ଉଚିତ ନୁହେଁ । ଏପରି ଲେଖା ଶିଶୁର ମନକୁ ଠିକ୍ ଭାବରେ ବିକଶିତ କରାଏ ନାହିଁ । ବରଂ ତାକୁ କୁପଥଗାମୀ କରାଏ । ଯାହା ବାସ୍ତବ ଓ ବିଜ୍ଞାନସମ୍ମତ ତାହା ଶିଶୁସାହିତ୍ୟରେ ସ୍ଥାନ ପାଇବା ଉଚିତ । ଧର୍ମ ଧାରଣା ଶିଶୁକୁ ଶୃଙ୍ଖଳିତ, ସଂଯତ ଓ ଭବିଷ୍ୟତରେ ଏକ ଆଦର୍ଶ ପୁରୁଷ ରୂପେ ଗଢ଼ି ତୋଳିଥାଏ । ଏଣୁ ଶିଶୁସାହିତ୍ୟରେ ଧର୍ମ ସମ୍ବନ୍ଧୀୟ ବିଷୟବସ୍ତୁକୁ ଶିଶୁପରିବେଶ ଭିତରେ ରୂପଦେଇ ଉପସ୍ଥାପନା କରିବା ଉଚିତ ।

ଶିଶୁସାହିତ୍ୟକୁ ସରସ ସୁନ୍ଦର କରିବାକୁ ହେଲେ ଲେଖକ, ସମ୍ପାଦକ, ଚିତ୍ରକର ଓ ପାଠକ ଏହି ଚାରିଜଣଙ୍କର ସହଯୋଗ ଏକାନ୍ତ କାମ୍ୟ । ଏମାନଙ୍କର ମିଳିତ ଉଦ୍ୟମ

ଫଳରେ ଓଡ଼ିଆ ଶିଶୁସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହୋଇପାରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

**ସବୁଦିନ ବଞ୍ଚିବା ଭଳି ଶିଶୁପତ୍ରିକାଟିଏ ନାହିଁ : ଜୀମୂତ ତ୍ରିପାଠୀ**

ଏଯାବତ୍ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ରଚନା କରାଯାଇ ପାରିନାହିଁ । ତେଣୁ ସେହି ଅଭାବ ଦୂରୀକରଣ ନିମନ୍ତେ ଆମ ସମସ୍ତଙ୍କୁ ପତ୍ରିଜ୍ଞାବଦ୍ଧ ହେବାକୁ ପଡ଼ିବ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଶୁସାହିତ୍ୟ ପାଠାଗାର ସ୍ଥାପନ ଓ ଶିଶୁସାହିତ୍ୟ ସମ୍ପର୍କୀୟ ଗବେଷଣାକୁ ଉତ୍ସାହ ପ୍ରଦାନ କରିବା ମଧ୍ୟ ଆମର ଲକ୍ଷ୍ୟ ହେବା ଉଚିତ ଅଧୁନା ଆମ ରାଜ୍ୟରେ ଅନେକ ଶିଶୁସାହିତ୍ୟ ଗବେଷଣା ପରିଷଦମାନ ଗଢ଼ି ଉଠିଥିଲେ ମଧ୍ୟ ସେହି ସବୁ ଅନୁଷ୍ଠାନର ଗବେଷଣାର ରୂପରେଖ କ'ଣ ଓ ସେହିସବୁ ଅନୁଷ୍ଠାନର ପ୍ରଚେଷ୍ଟା କେତେଦୂର ଫଳପ୍ରଦ ତାହା ଆଲୋଚନା ସାପେକ୍ଷ । ପଡ଼ୋଶୀ ଶିଶୁସାହିତ୍ୟ ତୁଳନାରେ ଆମ ଶିଶୁ ସାହିତ୍ୟ ଯେ, ଗୁଣାତ୍ମକ ଦୃଷ୍ଟିରୁ କୌଣସି ପ୍ରକାରେ ନ୍ୟୂନ ଏହା କଦାପି କୁହାଯାଇ ନପାରେ । ଖର୍ଚ୍ଚବହୁଳ ବାହ୍ୟ ଚାକଚକ୍ୟ ଅଭାବରୁ ଏବଂ ପ୍ରକାଶକମାନଙ୍କ ବୀତସ୍ପୃହ ମନୋଭାବ ଯୋଗୁଁ ଆମ ଶିଶୁ ସାହିତ୍ୟ ଶିଶୁମନକୁ ଆକୃଷ୍ଟ କରପାରୁ ନାହିଁ । ଏହାବ୍ୟତୀତ ଆମ ରାଜ୍ୟରେ ସବୁଦିନ ବଞ୍ଚିବା ଭଳି ଶିଶୁ ପତ୍ରିକାଟିଏ ନାହିଁ । ଏହା ଦୁର୍ଭାଗ୍ୟର କଥା ।

**ଲେଖକମାନେ ନିଜକୁ ଶିଶୁ ବୋଲି ମନେ କରନ୍ତୁ : ତନୟାଦାସ ଗୋସ୍ୱାମୀ**

ସରସ, ସୁନ୍ଦର ଓ ସାବଲୀଳ ଶିଶୁସାହିତ୍ୟ ସୃଷ୍ଟି କରିବା ପ୍ରତ୍ୟେକ ସାହିତ୍ୟିକର ଧର୍ମ । ଶିଶୁସାହିତ୍ୟର ସୃଷ୍ଟି ସମୟରେ ପ୍ରତ୍ୟେକ ଶିଶୁ ସାହିତ୍ୟ ସ୍ରଷ୍ଟା ଶିଶୁର ହିତ ପାଇଁ କେଉଁ କେଉଁ ଦିଗ ସାହାଯ୍ୟ କରିବ, ସେଥିପ୍ରତି ପ୍ରଧାନତଃ ଦୃଷ୍ଟି ଦେବା ଉଚିତ । ବିଶେଷକରି ପିଲାର ଶିଶୁସାହିତ୍ୟ ପଢ଼ିବାର ଅଭ୍ୟାସ, ପିଲା ପାଠପଢ଼ିବାକୁ ଆଗ୍ରହ ପ ପ୍ରକାଶ କରୁଥିବା ବିଷୟବସ୍ତୁ ଓ ଶିଶୁସାହିତ୍ୟର ମୂଲ୍ୟାୟନସୂଚକ ପ୍ରଶ୍ନାବଳୀ ଉପରେ ଦୃଷ୍ଟି ଦେବାକୁ ହେବ । ଶିଶୁମାନଙ୍କ ପାଇଁ ଲେଖୁଥିବା ଲେଖକମାନେ ନିଜକୁ ଜଣେ ଶିଶୁ ବୋଲି ମନେ କରିନେବାକୁ ହେବ । ଉଚ୍ଚକୋଟୀର ଶିଶୁସାହିତ୍ୟ ରଚନାର ପ୍ରସାର ଘଟାଇବା ନିମନ୍ତେ ଶିଶୁ ଉପଯୋଗୀ ସାହିତ୍ୟ ପୁସ୍ତକ ପ୍ରକାଶନ, ଶିଶୁସାହିତ୍ୟ ସମ୍ପର୍କୀୟ ଆଲୋଚନାଚକ୍ର, ସୃଜନାତ୍ମକ ଶିଶୁପ୍ରତିଭାର ବିକାଶ, ଶିଶୁମେଳା, ଶିଶୁ ସମାରୋହ,

ପତ୍ରିଯୋଗିତା ପ୍ରଭୃତି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ହେବ । ଶିଶୁପତ୍ରିକାକୁ ଆକର୍ଷଣୀୟ କରିବା ନିମନ୍ତେ ଉଚ୍ଚକୋଟୀର ଶିଶୁଲେଖାମାନ ପ୍ରକାଶ କରି ଏହାକୁ ରଙ୍ଗୀନ୍ ଚିତ୍ରବହୁଳ କରିବା ଅନେକାଂଶରେ ଆବଶ୍ୟକ ହେଉଥିଲେ ମଧ୍ୟ ଆମ ଓଡ଼ିଆ ଶିଶୁପତ୍ରିକା ପ୍ରକାଶନ କ୍ଷେତ୍ରରେ ଏହା ଯଥାଯଥ ସମ୍ଭବପର ହୋଇପାରୁ ନାହିଁ । ଅନ୍ୟପକ୍ଷରେ ଓଡ଼ିଆ ଶିଶୁ ପତ୍ରିକାର ପ୍ରକାଶନ ସଂଖ୍ୟା ଖୁବ୍ ସୀମିତ ହୋଇଥିବାରୁ ଏହାକୁ ଚିତ୍ରବହୁଳ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡୁଛି । ଆମକୁ ମନେ ରଖିବାକୁ ହେବ ଯେ, ପତ୍ରିକାର ବିଷୟବସ୍ତୁ ଯାହା ହେଉନା କାହିଁକି, ରଙ୍ଗୀନ୍ ଚିତ୍ର ବହୁଳ ପତ୍ରିକାକୁ ଶିଶୁ ଆଗ୍ରହର ସହିତ୍ ଗ୍ରହଣ କରେ । ଅବଶ୍ୟ ଏବେ ଆମ ରାଜ୍ୟରେ ନୂତନ ଅଫ୍‌ସେଟ୍ ପ୍ରେସ୍‌ର ସ୍ଥାପନ ଯୋଗୁଁ ରଙ୍ଗୀନ୍ ଛପା ସହଜ ହେଉଛି । ମାତ୍ର ଅଫ୍‌ସେଟ୍‌ରେ ଛାପିବାର ଅନଭିଜ୍ଞତା, ସୁନ୍ଦର ଛାପାର ଉଦ୍ଦେଶ୍ୟକୁ ବିକୃତ କରିଦେଉଛି । ତେବେ ସମୟକ୍ରମେ ଏହା ସୁଧୁରିଯିବ ବୋଲି ଆଶା କରାଯାଏ । ସେ ଯାହାହେଉ ଏହି ସମସ୍ୟା ସମାଧାନ ଦିଗରେ ଅଭିଭାବକ, ଶିକ୍ଷକ, ପ୍ରକାଶକ ଓ ପିଲାମାନଙ୍କର ଯଥେଷ୍ଟ ଭୂମିକା ରହିଛି ।

(ଝଲ୍ଲିକା ଅକ୍ଟୋବର ୨୫, ୧୯୯୮)

# ପ୍ରଫେସର ଜଗନ୍ନାଥ ମହାନ୍ତଙ୍କ ସ୍ୱପ୍ନ ଓ ସାର୍ଥକତା ସଂପର୍କରେ

**ଉପସ୍ଥାପନା-ବ୍ରାହ୍ମୀପ୍ରିୟା ସାମନ୍ତରାୟ**

*(ପ୍ରଫେସର ଜଗନ୍ନାଥ ମହାନ୍ତି ପ୍ରାଥମିକ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ସବୁ ସ୍ତରରେ ଦକ୍ଷତାର ସହିତ ୩୮ ବର୍ଷ କାଳ କାର୍ଯ୍ୟ କରିଛନ୍ତି । ଶିକ୍ଷା ଗବେଷଣା, ପ୍ରଶିକ୍ଷଣ ଓ ପ୍ରକାଶନ କ୍ଷେତ୍ରରେ ବିଶେଷ କୃତିତ୍ୱ ଲାଭ କରିଛନ୍ତି । ଜଣେ ସୁ-ସାହିତ୍ୟିକ ଭାବରେ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟିକ ସଂଗଠନ ସହିତ ସଂପୃକ୍ତ ଓ ଦ୍ୱାରା ସମ୍ବର୍ଦ୍ଧିତ ।* **ତାଙ୍କ ସହିତ କିଞ୍ଚିତ ବାର୍ତ୍ତାଳାପ ।**)

**ପ୍ରଶ୍ନ : ଆପଣଙ୍କ ଜୀବନର ପରିପୂର୍ଣ୍ଣତା କେଉଁ ଧରଣର ଜୀବନରୁ ଲାଭ କରନ୍ତି ?**

**ଉତ୍ତର :** ପରିପୂର୍ଣ୍ଣତା ଏକ ଦୂରନ୍ତ ସ୍ୱପ୍ନ । ପୁଣି ଜୀବନର ପରିପୂର୍ଣ୍ଣତା ଆହୁରି କଷ୍ଟକର, ବରଂ ଅସମ୍ଭବ । ତେବେ ପରିପୂର୍ଣ୍ଣତା ପରିବର୍ତ୍ତେ ଯଦି ପରିତୃପ୍ତି କୁହାଯାଏ, ମୁଁ କହିବି, ମୋ ଜୀବନରେ ବହୁଦିନ ଯାଏ ନିଜକୁ ଦୁନିଆରେ ଠିଆ କରିବାରେ ଗଲା, ତା'ପରେ ବ୍ୟକ୍ତିଗତ ସହ ସମଷ୍ଟିଗତ ତଥା ସାମୂହିକ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ହେଲା । ପ୍ରାୟ ଏକ ଦଶନ୍ଧି ହେବ ବ୍ୟକ୍ତିଗତ ଅପେକ୍ଷା ସାମୂହିକ ତଥା ସମାଜର ବିକାଶ ପାଇଁ କାର୍ଯ୍ୟ କରିବାରେ ମନ ହେଉଛି, ମାତ୍ର ପରିତୃପ୍ତି ପୂର୍ଣ୍ଣମାତ୍ରାରେ ମିଳିପାରୁନାହିଁ ।

ଅନ୍ୟ ଦୃଷ୍ଟିରୁ ଦେଖିଲେ, ନିଜର ଜନ୍ମଗତ ତଥା ଅର୍ଜିତ ସାମର୍ଥ୍ୟର ପରିପୂର୍ଣ୍ଣତାରେ ଆତ୍ମସନ୍ତୋଷ ଆସିଥାଏ । ସାରସ୍ୱତ ସାଧନା ଓ ସମାଜ ସେବାରେ ମୋର ସର୍ବାଧିକ ପରିତୃପ୍ତି ଏବଂ ଏ ଦିଗରେ ମୁଁ ଆଗେଇ ଚାଲିଛି ।

**ପ୍ରଶ୍ନ : ଆପଣ ଜଣେ ଅଭିଜ୍ଞ ଶିକ୍ଷାବିତ୍, ଶିକ୍ଷାର ମାନଦଣ୍ଡ କହିଲେ, କ'ଣ ବୁଝନ୍ତି ?**

**ଉତ୍ତର :** ଶିକ୍ଷାର ମାନଦଣ୍ଡ ଯଥାର୍ଥରେ ମନୁଷ୍ୟର ମାନସିକ, ଆବେଗିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ । ଭଲ ମଣିଷଟିଏ ହେବା ସର୍ବାଦୌ ଆବଶ୍ୟକ ଏବଂ ଏହା ଶିକ୍ଷାର ମୌଳିକ ଲକ୍ଷ୍ୟ ହେବା ଉଚିତ । ମାତ୍ର ଆଜିକାଲି ମାନସିକ ସାମର୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ଏବଂ ଭୌତିକ ସୁଖ ସୁବିଧା ପାଇଁ ସମସ୍ତେ ବ୍ୟଗ୍ର । ନୈତିକ ଓ ସାମାଜିକ ମୂଲ୍ୟବୋଧ ବ୍ୟତୀତ ଶିକ୍ଷା ଅସଫଳ । ସମାଜର ଆବଶ୍ୟକତାନୁସାରେ ଶିକ୍ଷାର ମାନଦଣ୍ଡ ନିର୍ଦ୍ଧାରିତ ହୋଇଥାଏ । ମାତ୍ର ସର୍ବାଙ୍ଗୀନ ବ୍ୟକ୍ତିତ୍ୱର ବିକାଶରେ ଏହା ସହାୟକ ହେବା ନିତାନ୍ତ ଦରକାର । ବିଶେଷତଃ ଆତ୍ମୋପଲବ୍ଧି ନିତାନ୍ତ ଆବଶ୍ୟକ ।

**ପ୍ରଶ୍ନ : ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଆପଣ ଆତ୍ମସନ୍ତୋଷ ପାଆନ୍ତି ?**

**ଉତ୍ତର :** ଆଦୌ ନୁହେଁ । ଆଜିର ଶିକ୍ଷା ବ୍ୟବସ୍ଥାରେ ନିଷ୍ଠା, ଶ୍ରଦ୍ଧା ଓ ସଦିଚ୍ଛା ପରିବର୍ତ୍ତେ ଦୁର୍ନୀତି, ଅବହେଳା, ବିତୃଷ୍ଣା ଓ ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପ୍ରାଧାନ୍ୟ ଲାଭ କରିଛି ।

**ପ୍ରଶ୍ନ : ସାଂପ୍ରତିକ ପରିସ୍ଥିତିରେ ଛାତ୍ର ଓ ଶିକ୍ଷକଙ୍କ ସଂପର୍କ ଖାପଛଡ଼ା ହେବାର କାରଣ କ'ଣ ?**

**ଉତ୍ତର :** ଅନେକ କାରଣ ତ ଅଛି । ଆଗରୁ କେତୋଟି କହିଛି । ସେଥି-ମଧ୍ୟରେ ଆନ୍ତରିକତାର ଅଭାବ ସର୍ବତ୍ର । ବ୍ୟାବସାୟିକ ମନୋବୃତ୍ତି ଛାତ୍ରସଂଖ୍ୟାରେ ଅତିରିକ୍ତ ବୃଦ୍ଧି, ରାଜନୈତିକ ପ୍ରଭାବ ଓ ଶିକ୍ଷକମାନଙ୍କର ଅଶ୍ରଦ୍ଧା ତଥା ଅତୃପ୍ତି ଛାତ୍ର-ଶିକ୍ଷକ ସଂପର୍କର ଉନ୍ନତିରେ ବାଧକ ହେଉଛି ।

**ପ୍ରଶ୍ନ : ଆପଣଙ୍କ ସାହିତ୍ୟିକ ଜୀବନ ଭିନ୍ନ ଧରଣର ଓ ସାଧନା କେବେ ଠାରୁ ଆରମ୍ଭ କରିଥିଲେ ?**

**ଉତ୍ତର :** ଭିନ୍ନ ଧରଣର ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ତେବେ ସ୍ୱାତନ୍ତ୍ର୍ୟ ତ ରହିବ । ତେବେ ଭିନ୍ନତା କେତେକ ଦୃଷ୍ଟିରୁ । ଶିଶୁସାହିତ୍ୟ କ୍ଷେତ୍ରରେ ମୁଁ ଅଧିକ ଆଗ୍ରହୀ, ମାତ୍ର ସାହିତ୍ୟର ସବୁରି ବିଭାଗରେ ମୋର ଉଦ୍ୟମ ରହିଛି । ୪ର୍ଥ/୫ମ ଶ୍ରେଣୀରେ ପଢ଼ିଲାବେଳୁ ଉଦ୍ୟମ ଆରମ୍ଭ ହୋଇଛି ।

**ପ୍ରଶ୍ନ : ଏହା ପ୍ରାୟତଃ କେଉଁ କେଉଁ ବିଭାଗକୁ ସ୍ପର୍ଶ କରିଛି ?**

**ଉତ୍ତର :** ସାହିତ୍ୟର ପ୍ରାୟ ସବୁ ଦିଗରେ ମୁଁ ସାଧନାରତ । ପ୍ରାୟ ପ୍ରତ୍ୟେକ ଲେଖକଙ୍କ ପରି କବିତାରେ ହିଁ ଆରମ୍ଭ । ପ୍ରବନ୍ଧ, ରଚନା, ସମାଲୋଚନା ଏବଂ ନାଟକ, ଏକାଙ୍କିକା, ଗଳ୍ପ ପୁସ୍ତକ କେତୋଟି ପ୍ରକାଶିତ । ଭ୍ରମଣ ସାହିତ୍ୟରେ ସଂପ୍ରତି ବିଶେଷ ଆଗ୍ରହୀ । ମୋର ଏକ ଭ୍ରମଣପୁସ୍ତକ ''ଦୂର ଦିଗନ୍ତ'' ଓଡ଼ିଆ ସାହିତ୍ୟ ଏକାଡେମୀର ଉପାୟନପ୍ରାପ୍ତ । ପ୍ରବନ୍ଧ ଲାଗି 'ଝଙ୍କାର' ପୁରସ୍କାର ପ୍ରାପ୍ତ । ଶିଶୁ ସାହିତ୍ୟ ଓ ଜନ ଶିକ୍ଷା ସାହିତ୍ୟରେ ଶତାଧିକ ପୁସ୍ତକ ପ୍ରକାଶିତ । ସେଥିରୁ ୫/୭ଟି ଜାତୀୟ ସ୍ତରରେ ପୁରସ୍କୃତ । ମାତ୍ର ଶିଶୁ ସାହିତ୍ୟରେ ମୋର ବିଶେଷ ଶ୍ରଦ୍ଧା, ସାଧନା, ସମ୍ମାନ ଓ ସ୍ୱୀକୃତି ରହିଛି ।

**ପ୍ରଶ୍ନ : ଏହା ସ୍ୱତଃପ୍ରବୃତ୍ତ ଅଥବା ସମୟସାପେକ୍ଷ ?**

**ଉତ୍ତର :** ସାହିତ୍ୟ ଆମ ଜୀବନର ସୁଖ-ଦୁଃଖ, ଆଶା-ଆକାଂକ୍ଷାର ଅଭିବ୍ୟକ୍ତି । ଏହି ଦୃଷ୍ଟିରୁ ମୋର ସାହିତ୍ୟ ରଚନା ସ୍ୱତଃସ୍ଫୂର୍ତ୍ତ । କାହାର ପ୍ରେରଣା ବା ପ୍ରରୋଚନାରେ ସୃଷ୍ଟ ନୁହେଁ । ସାଧନା ତ ସମୟସାପେକ୍ଷ ।

**ପ୍ରଶ୍ନ : ବିଶେଷତଃ ଶିଶୁସାହିତ୍ୟିକ ଭାବରେ ଆପଣଙ୍କର ଯଥେଷ୍ଟ ଖ୍ୟାତି ରହିଛି । ତେବେ ଓଡ଼ିଆ ଶିଶୁସାହିତ୍ୟର କିଛି ଦୁର୍ବଳତା ବ୍ୟଥିତ କରେ କି ?**

**ଉତ୍ତର :** ଓଡ଼ିଆ ଶିଶୁସାହିତ୍ୟର ଦୁର୍ବଳତା ଅନେକ ଓ ସେଥିରେ ବ୍ୟଥିତ ହେବା ସ୍ୱାଭାବିକ । ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଅନେକଙ୍କର ଅଜ୍ଞତା ଓ ତେଣୁ ଦ୍ୱନ୍ଦ୍ୱ ରହିଛି । ସେ ଦିଗରେ ସଂଘବଦ୍ଧ ଉଦ୍ୟମ କରିବା ପାଇଁ ଶିଶୁ ସାହିତ୍ୟ ଏକାଡେମୀଟିଏ ବନ୍ଧୁମାନଙ୍କ ସହଯୋଗରେ ପ୍ରତିଷ୍ଠିତ ହେଲା । ବହୁ ପ୍ରକାଶନ, ସେମିନାର, ସଭାସମିତି ଓ ପୁରସ୍କାର ପ୍ରଦାନ ଆଦି କାର୍ଯ୍ୟକ୍ରମରେ ସଫଳତା ମିଳିଥିଲା ପ୍ରାୟ ଏକ ଦଶନ୍ଧି ଧରି । ତା'ପରେ କେତେକ ସଂକୀର୍ଣ୍ଣମନା, ସ୍ୱାର୍ଥଲିପ୍ସୁ ଉଗ୍ରବାଦୀଙ୍କ ଯୋଗୁଁ ଏହା ନିଷ୍କ୍ରିୟ ଓ ମୁମୂର୍ଷୁ ହେଲା । ତାକୁ ପୁନର୍ଜ୍ଜୀବନ ହେବାକୁ ଚେଷ୍ଟା କରି ସଫଳ ହୋଇପାରି ନାହିଁ । ଯେଉଁମାନେ ଏକାଡ଼େମୀର ଏହି ଅବସ୍ଥା ପାଇଁ ଦାୟୀ, ସେମାନେ ଏହି ଉଦ୍ୟମରେ ବାଧା ସୃଷ୍ଟି କରି ଅସଫଳ । ଯେଉଁମାନେ ଏକାଡେମୀର ଏହି ଅବସ୍ଥା ପାଇଁ ଦାୟୀ, ସେମାନେ ଏହି ଉଦ୍ୟମରେ ବାଧା ସୃଷ୍ଟି କଲେ । କୌଣସି ସାଧନା ନ ଥାଇ ସମ୍ମାନ ପାଇବାରେ ବହୁ ସାହିତ୍ୟିକ ଆଗ୍ରହୀ । ତେଣୁ ଏକ ପକ୍ଷରେ ବ୍ୟକ୍ତିଗତ ସାମର୍ଥ୍ୟ ଓ ସାଧନା ନାହିଁ, ଅନ୍ୟ ପକ୍ଷରେ ଶିଶୁ ସାହିତ୍ୟର ପ୍ରକୃତ ଉନ୍ନତି ପାଇଁ ପ୍ରଚେଷ୍ଟା ନାହିଁ । ଅନେକେ ବାକ୍ୟବୀର, କର୍ମବୀରଙ୍କ ବିକଟ ଅଭାବ ଆଜିକାଲି ଦେଖାଯାଉଛି ।

**ପ୍ରଶ୍ନ : ଆପଣଙ୍କ ଶିଶୁସାହିତ୍ୟର ଟ୍ରଷ୍ଟ ଗଠନର ଆଭିମୁଖ୍ୟ ସମ୍ବନ୍ଧରେ ସମ୍ୟକ ଧାରଣା ଦେବେ କି ?**

**ଉତ୍ତର :** ଭଲ ପ୍ରଶ୍ନଟିଏ । କାରଣ ଏହି ଟ୍ରଷ୍ଟ ଗଠନରେ ଥିବା ମୋର ମାନସିକତା ଅନେକଙ୍କର ଅବୋଧ ଏବଂ ଏଥିରେ ଥିବା ମୋର ସଦିଚ୍ଛା ଓ ସଦ୍‌ଭାବନା କେତେକଙ୍କର ଦୁର୍ବୋଧ୍ୟ । ସମାଜର ଯତ୍‌ସାମାନ୍ୟ ମଙ୍ଗଳ ସାଧନ ଉଦ୍ଦେଶ୍ୟରେ ପୂଜ୍ୟପିତାମାତାଙ୍କ ସ୍ମୃତିରେ ଏହି ଟ୍ରଷ୍ଟର ପ୍ରତିଷ୍ଠା । ଏଥିରେ କୌଣସି କଳା ପଇସାକୁ ଧଳା କରିବା ବା ଦେଖାଇହେବାର ଅପଚେଷ୍ଟା ନାହିଁ । ଅବସର ଗ୍ରହଣ ପରେ ମୋର ସଂଚିତ ଅର୍ଥ (ପୁଣି ଜି.ପି. ଏଫ୍‌ରେ) କୁ ସମ୍ବଳ କରି ଏହାର କାର୍ଯ୍ୟ ହେଉଛି । ଶିଶୁ ଶିକ୍ଷା ଓ ଶିଶୁ ସାହିତ୍ୟର ବିକାଶ ପାଇଁ ଏହି ''ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ'' କାର୍ଯ୍ୟରତ । ପ୍ରତିବର୍ଷ ଏଥିପାଇଁ ପ୍ରାୟ ୩୦/୪୦ ହଜାର ଟଙ୍କା ବ୍ୟୟିତ ହେଉଛି । କୃତୀ ଶିକ୍ଷକ-ଶିଶୁ ସାହିତ୍ୟିକମାନଙ୍କୁ ପୁରସ୍କାର ଦେବା, ଏଥିରେ ଆଗ୍ରହୀ ଓ ବରିଷ୍ଠ ସାହିତ୍ୟିକମାନଙ୍କୁ

ପୁରସ୍କାର ଦେବା, ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା, ଦରିଦ୍ର ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ଓ ସୃଜନଶୀଳ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ, ସମଧର୍ମୀ ସଂଗଠନମାନଙ୍କ କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିବା ଆଦି ଏହାର କାର୍ଯ୍ୟ ।

**ପ୍ରଶ୍ନ : ସାଂପ୍ରତିକ ଓଡ଼ିଆ ସାହିତ୍ୟର କେଉଁ ଅବକ୍ଷୟର ବଳୟ ଆପଣଙ୍କୁ ବ୍ୟଥିତ କରେ ?**

**ଉତ୍ତର :** ପୂର୍ବରୁ ଶିଶୁସାହିତ୍ୟ କ୍ଷେତ୍ରରେ ଯାହା କୁହାଯାଇଛି ଏଠାରେ ମଧ୍ୟ ଅଳ୍ପ ବହୁତ ତାହା ପ୍ରଯୁଜ୍ୟ । ସାହିତ୍ୟିକ ବିଶେଷତଃ ଯୁବ ସାହିତ୍ୟିକମାନଙ୍କ ମଧ୍ୟରେ ସାଧନାର ଅଭାବ, ଆନ୍ତରିକତା ତଥା ନିଷ୍ଠାର ଅଭାବ, କାର୍ଯ୍ୟ ଅପେକ୍ଷା କଥା କହିବାରେ, ଫାଇଦା ଉଠାଇବାରେ, ଅଧିକ ଚେଷ୍ଟା ହିଁ ଦୁଃଖଦାୟକ । ଅବଶ୍ୟ ଅଳ୍ପ କେତେକ ଯୁବ ସାହିତ୍ୟସ୍ରଷ୍ଟା ପ୍ରତିଭାବାନ୍ ଓ ସାଧନାରତ । ମାତ୍ର ଆଜିକାଲି ପୁରସ୍କାର ଓ ପ୍ରଶଂସା ପାଇଁ ଯେଉଁ ଲାଳସା ଓ ଲବି, ତାହା ଅତିରିକ୍ତ ହୋଇଯାଉଛି । ସେମାନେ ଉଦାର, ଊର୍ଦ୍ଧ୍ୱମୁଖୀ ଓ ଉଦାତ୍ତ ହେବା ଉଚିତ ।

**ପ୍ରଶ୍ନ : ଓଡ଼ିଆ ସାହିତ୍ୟର ଗତି କେଉଁଆଡ଼େ ?**

**ଉତ୍ତର :** ଉନ୍ନତି ତ ହେଉଛି । ମାତ୍ର ଗୁଣାତ୍ମକ ଠାରୁ ସଂଖ୍ୟାତ୍ମକ ଅଧିକ । ପ୍ରସ୍ତୁତିଠାରୁ ପ୍ରଚାର ଅଧିକ । ଏହି ଧାରାରେ ପରିବର୍ତ୍ତନ ବାଞ୍ଛନୀୟ ।

**ପ୍ରଶ୍ନ : ଆପଣଙ୍କ ସାହିତ୍ୟିକ ଜୀବନକୁ କେଉଁ ସାହିତ୍ୟିକ ପ୍ରଭାବିତ କରିଛନ୍ତି ବୋଲି ଅନୁଭବ କରନ୍ତି ?**

**ଉତ୍ତର :** ନିର୍ଦ୍ଦିଷ୍ଟ ଭାବରେ କାହା କଥାକହିବା କଷ୍ଟକର । ଯେମିତି ଗଛଟିଏ ବଢ଼ିବା ପଛରେ କେଉଁ ବ୍ୟକ୍ତି, ଭୂମିରସ, ବର୍ଷା, ବାୟୁ ଓ ଆଲୋକର ଅବଦାନ ରହିଛି କହିବା ମୁସ୍କିଲ । ସମସ୍ତଙ୍କର ଅବଦାନ ରହିଛି । କାହାର କେତେ ମାପିବା ସମ୍ଭବ ନୁହେଁ । ତେବେ ଶିଶୁ ସାହିତ୍ୟରେ ସୁନାମଧନ୍ୟ ସ୍ରଷ୍ଟା ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡ଼ଙ୍ଗୀ, ରାମପ୍ରସାଦ ମହାନ୍ତି ପ୍ରମୁଖ, ଜନଶିକ୍ଷା ସାହିତ୍ୟରେ ପ୍ରଫେସର ଗୋଲୋକ ବିହାରୀ ଧଳ, ଶିକ୍ଷା ସାହିତ୍ୟରେ ପ୍ରଫେସର ଶତ୍ରୁଘ୍ନ ନାଥ, ଭ୍ରମଣ ସାହିତ୍ୟରେ ପ୍ରଫେସର କୁଞ୍ଜବିହାରୀ ଦାଶ, ଚିତ୍ତରଂଜନ ଦାସ ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ ।

**ପ୍ରଶ୍ନ : ଆପଣ ଦୁଇଥର ବିଲାତ ଯାଇଛନ୍ତି । ଲଣ୍ଡନରେ ଆପଣଙ୍କ ଅନୁଭୂତି ସଂବନ୍ଧରେ ସୂଚନା ଦିଅନ୍ତୁ ।**

**ଉତ୍ତର :** ମୁଁ ପ୍ରଥମ ଥର ୧୯୭୧-୭୨ ମସିହାରେ ୧୦ ମାସ ପାଇଁ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ତଥା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନରେ ଏବଂ ଦ୍ୱିତୀୟ ଥର ୧୯୭୯ ମସିହାରେ ଲଣ୍ଡନସ୍ଥ ବ୍ରିଟିଶ କାଉନସିଲ୍‌ରେ ବୈଦ୍ୟୁତିକ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ଓ ମାଧ୍ୟମରେ ଉଚ୍ଚଶିକ୍ଷା ଲାଭ କରିଥିଲି ।

**ପ୍ରଶ୍ନ : ଅନେକ ସ୍ଥାନ ପରିଭ୍ରମଣ କରିଛନ୍ତି, ସେସବୁ ଅନୁଭୂତି ପ୍ରକାଶ କରିବେ କି ?**

**ଉତ୍ତର :** ସେସବୁ ଅନୁଭୂତି ମୋର ସାନବଡ଼ ପ୍ରାୟ ୧୫ଟି ଭ୍ରମଣ କାହାଣୀ ପୁସ୍ତକରେ ପ୍ରକାଶିତ ହୋଇଛି । ସେଥିରୁ ଗୋଟିଏ ପୁସ୍ତକ ''ଦୂର ଦିଗନ୍ତ'' ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ସେଥିରେ ବିଲାତ ଓ ୟୁରୋପୀୟ ଦେଶଗୁଡ଼ିକରେ ମୋର ଭ୍ରମଣାନୁଭୂତି ଅଭିବ୍ୟକ୍ତ । ସେସବୁ ଦେଶର ଲୋକମାନଙ୍କ ଶିକ୍ଷା, ଦୀକ୍ଷା, ଶିଳ୍ପ, ବାଣିଜ୍ୟ ଓ ଚଳଣି ଓ ଚମକ, ସଂସ୍କୃତି ଇତ୍ୟାଦିକୁ ନିଜେ ଦେଖି ଯାହା ଅନୁଭବ କରିଛି, ତାହା ପ୍ରକାଶ କରିଛି । ''ସପନ ଭୂଇଁ ଲଣ୍ଡନ ଏଇ'' ଶୀର୍ଷକ ଏକ ପୁସ୍ତକ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ଆଦୃତ ହୋଇଥିଲା । ଦ୍ୱିତୀୟ ଥରର ବିଲାତ ତଥା ୟୁରୋପୀୟ ଦେଶ କେତୋଟିର ଅନୁଭୂତି ''ସାତ ଦରିଆ ସେପାରି କଥା'' ବହିର ୫ଟି ଭାଗରେ ପିଲାମାନଙ୍କ ପାଇଁ ପ୍ରକାଶିତ । ବୟସ୍କ ଲୋକମାନଙ୍କ ପାଇଁ ଲିଖିତ ଭ୍ରମଣ କାହାଣୀଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ମୁଁ ଭାରତର ବିଭିନ୍ନ ଅଞ୍ଚଳକୁ ବିଭିନ୍ନ ଉଦ୍ଦେଶ୍ୟ ନେଇ ଯାଇଛି ଏବଂ ସମସ୍ତଙ୍କ ସହିତ ମିଶି ବହୁ ସାର୍ଥକ ଅନୁଭୂତି ଲାଭ କରିଛି । ଗତବର୍ଷ ''ଭାରତ ଭ୍ରମଣ'' ଶୀର୍ଷକ ପୁସ୍ତକଟି ପ୍ରଫେସର ଚିତ୍ତରଂଜନ ଦାସ, ପ୍ରଫେସର ପଠାଣୀ ପଟ୍ଟନାୟକ ପ୍ରମୁଖଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବାରୁ ମୁଁ ଉତ୍ସାହିତ ହୋଇଛି । ସଂପ୍ରତି ସହକାର, ସମାରୋହ, ଶତାବ୍ଦୀ, ଅମୃତାୟନ, ଆଶା ସ୍ରୋତସ୍ୱିନୀ ଆଦି ସାହିତ୍ୟ ପତ୍ରିକାରେ ମୋର ଭ୍ରମଣ କାହାଣୀଗୁଡ଼ିକ ଆତ୍ମପ୍ରକାଶ କରିଥାଏ । ଭ୍ରମଣ ସାହିତ୍ୟର ବୈଶିଷ୍ଟ୍ୟ ଓ ଉପାଦେୟତା ଅନେକଙ୍କ ପାଖରେ ଅଗୋଚର । ଏଥିରେ ପ୍ରବନ୍ଧ, ଗଳ୍ପ, କବିତା ଆଦି ସବୁର ମଧୁର ସମନ୍ୱୟ ଘଟିଥାଏ ।

**ପ୍ରଶ୍ନ : ଜୀବନର ସ୍ମରଣୀୟ ଅନୁଭୂତି କିଛି ରହିଛି ଯାହା ଆପଣଙ୍କ ଜୀବନର ଶୈଳୀ ସଂପୂର୍ଣ୍ଣ ପରିବର୍ତ୍ତନ କରିପାରିଛି ।**

**ଉତ୍ତର :** ଜୀବନ ତ ବହୁ ଅନୁଭୂତିକୁ ନେଇ ଗଠିତ । ସେଥିରୁ କେତୋଟି ସ୍ମରଣୀୟ । ମାତ୍ର ସବୁ ଉଲ୍ଲେଖ କରିବା ଏଠାରେ କଷ୍ଟକର । ମାତ୍ର ଜୀବନର ମୋଡ଼ ପରିବର୍ତ୍ତନରେ

ଗାଁ ହାଇସ୍କୁଲ୍‌ରେ ହେଡ୍‌ମାଷ୍ଟ୍ର ଓ ବାଣପୁରରେ ସ୍କୁଲ ସବ୍ ଇନସ୍‌ପେକ୍ଟର ହେବା, ଭାରତ ସରକାରଙ୍କ ଦ୍ୱାରା କେତୋଟି ପୁସ୍ତକ ପୁରସ୍କୃତ ହେବା, ହଠାତ୍ ଅଧ୍ୟାପକ ନିଯୁକ୍ତି, ବିଲାତ ଯାତ୍ରା, ଡ଼ି.ପି.ଆଇ ଅଫିସରରେ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିବା ଆଦି ମୋ ଜୀବନ-ପଥରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ।

**ପ୍ରଶ୍ନ : ଭାରତୀୟ ଗଣତନ୍ତ୍ରର ଗତି କେଉଁଆଡ଼େ ?**

**ଉତ୍ତର :** ଭାରତରେ ଗଣତନ୍ତ୍ର ତ ସଫଳ ହୋଇଛି, ଏହାର ଚେର ଆମ ଦେଶର ଭୂମିରେ ବହୁ ତଳକୁ ଯାଇଛି । ଯାହା ଦୋଷତ୍ରୁଟି ରହିଛି, ଅନେକେ ଜାଣନ୍ତି । ସେଗୁଡ଼ିକୁ ସଂଶୋଧନ କରିବାକୁ ଚେଷ୍ଟା ହେଉଛି । ମାତ୍ର ତାହା ଯଥେଷ୍ଟ ବା ଶୀଘ୍ର ହେଉନାହିଁ । ତେବେ ତାର ଗତି ନିଶ୍ଚୟ ଅନୁକୂଳ ଦିଗରେ ।

**ପ୍ରଶ୍ନ : ଆପଣଙ୍କ ସ୍ୱପ୍ନର ଭାରତବର୍ଷ କିପରି ?**

**ଉତ୍ତର :** ଭାରତ ତାର ଉଦାତ୍ତ ଆଧ୍ୟାତ୍ମିକ ପରମ୍ପରା ଉପରେ ଆଧୁନିକ ବିଜ୍ଞାନର ଅଗ୍ରଗତି ଘଟାଇ ଚାଲିଛି । ଗଣତନ୍ତ୍ର ଓ ସମାଜବାଦର ସାଫଲ୍ୟରେ ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ନିର୍ଭର କରେ ।

**ପ୍ରଶ୍ନ : ଜୀବନର ଅବଶୋଷ କେଉଁଠି ରହିଛି ?**

**ଉତ୍ତର :** ଜୀବନର ମୋର ବିଶେଷ କିଛି ଅବଶୋଷ ନାହିଁ । ଈଶ୍ୱରଙ୍କ ଆଶୀର୍ବାଦ ଓ ଗୁରୁଜନମାନଙ୍କ ଶ୍ରଦ୍ଧା ତଥା ସଦିଚ୍ଛା, ବନ୍ଧୁବର୍ଗଙ୍କ ସାହାଯ୍ୟ-ସହଯୋଗରେ ମୁଁ ମୋର ଯତ୍‌ସାମାନ୍ୟ ସାମର୍ଥ୍ୟ ଅନୁସାରେ ସଫଳତା ଲାଭ କରିଛି ।

**ପ୍ରଶ୍ନ : ଯୁବ ସମାଜ ପାଇଁ କିଛି ସନ୍ଦେଶ ।**

**ଉତ୍ତର :** ଆଜିର ଯୁବସମାଜ ସାଧନା ଓ ଅଧ୍ୟବସାୟ ବଳରେ ନିଜର ସାମର୍ଥ୍ୟକୁ ଚରିତାର୍ଥ କରିବା ଉଚିତ । ସେମାନେ ମଧ୍ୟ ଗଣତାନ୍ତ୍ରିକ ରୀତି ନୀତି ସମାଜରେ ଭର୍ତ୍ତି କରିବା ଉଚିତ । ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଦୁର୍ନୀତି କରନ୍ତୁ ନାହିଁ କିମ୍ବା ଅନ୍ୟାୟ ଅତ୍ୟାଚାରର ନୀରବ ଦ୍ରଷ୍ଟା ହୁଅନ୍ତୁ ନାହିଁ ।

*(**ଆଶାସ୍ରୋତସ୍ୱିନୀ**, ଶାରଦୀୟ ଓ କାଳୀପୂଜା ସଂଖ୍ୟା, ଅକ୍ଟୋବର-ଡିସେମ୍ବର, ୧୯୯୯)*

## ସହାୟକ ପୁସ୍ତକ ଓ ପତ୍ରପତ୍ରିକା ସୂଚୀ


| | |
|---|---|
| ଓଡ଼ିଶା ସାହିତ୍ୟ ଏକାଡେମୀ | **କୋଣାର୍କ**, ଶିଶୁସାହିତ୍ୟ ବିଶେଷାଙ୍କ, ଅକ୍ଟୋବର ୧୯୯୫, ଭୁବନେଶ୍ୱର |
| ଓଡ଼ିଶା ସରକାର ଶିକ୍ଷାବିଭାଗ | **ଶିଶୁସାହିତ୍ୟ ପରିଚୟ**, ଶିଶୁସାହିତ୍ୟ ସମିତ, କଟକ, ୧୯୬୨ |
| କର, ବିଚିତ୍ରାନନ୍ଦ (ସଂ) | **ସହକାର**, ଦଶମବର୍ଷ, ୧୯୮୫ |
| କର, ରମା (ସଂ) | **ସହକାର**, ସହକାର କାର୍ଯ୍ୟାଳୟ, କଟକ, ଜୁଲାଇ ୧୯୯୦ |
| କର, ସୁରେଶଚନ୍ଦ୍ର | **ତମସା** ଶିଶୁସାହିତ୍ୟ କର୍ମଶାଳା ବିଶେଷାଙ୍କ ନୂଆକଲୋନୀ, କଟକ ୧୯୯୨ |
| ଏଜନ | ଓଡ଼ିଆ ଶିଶୁସାହିତ୍ୟକୁ **ଉଦୟନାଥ ଷଡ଼ଙ୍ଗୀଙ୍କ ଅବଦାନ**, ପିଏଚ୍.ଡି. ସନ୍ଦର୍ଭ, ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୯୩ |
| Chari, A. | "Considerations in Development of a Reading Service" **in Teaching Reading** : a Challenge, NCERT, New Delhi 1972 |
| ଦାଶ, ରଘୁନାଥ (ଡ) | ଓଡ଼ିଆ ଶିଶୁସାହିତ୍ୟ କିଭଳି ହେବା ଉଚିତ? **ଉତ୍କଳିକା** (ଇନ୍ଦ୍ରଧନୁ) ତା. ୨୫।୧୦।୯୮ |
| ଦାଶ, ମଧୁସୂଦନ (ସଂ) | **ନୀଳକଣ୍ଠ ସ୍ମାରକୀ**, ଚତୁର୍ଥ ଖଣ୍ଡ, ୧୯୮୭ |
| ଦାସ, ନୀଳକଣ୍ଠ | **ନୀଳକଣ୍ଠ ଗ୍ରନ୍ଥାବଳୀ** ୧ମ ଖଣ୍ଡ କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ ୧୯୬୩ |

| | |
|---|---|
| ଦାଶ, ଚିନ୍ତାମଣି, | **କବି ଗୋଦାବରୀଶ** ଓଡ଼ିଶା ବୁକ୍‌ଷ୍ଟୋର, ବ୍ରହ୍ମପୁର, ୧୯୬୦ |
| ଦାଶ, ଚିନ୍ତାମଣି, | **ମନୀଷୀ ନୀଳକଣ୍ଠ**, ପଣ୍ଡିତ ନୀଳକଂଠ ସ୍ମୃତି ସମିତି, ୧୯୮୨ |
| ନାୟକ, କୃତ୍ତିବାସ | **ସହକାର** ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ପରିଷଦ ସ୍ମରଣିକା, ସମ୍ବଲପୁର, ୧୯୯୩ |
| ଏଜନ | **ଓଡ଼ିଆ ଶିଶୁଗଳ୍ପର ସ୍ୱରୂପ ଓ ବିକାଶ**, ଅରୁଣ ତରୁଣ, କେନ୍ଦୁଝର ୧୯୯୫ |
| ନନ୍ଦ, ରାମକୃଷ୍ଣ (ସଂ) | **ଓଡ଼ିଆ ଶିଶୁସାହିତ୍ୟ ସଂକଳନ**, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୨ |
| ଏଜନ | **ଓଡ଼ିଆ ଶିଶୁସଂଗୀତ ସଂକଳନ**, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୪ |
| ନାୟକ, ବିନୋଦଚନ୍ଦ୍ର (ସଂ) | **କୋଣାର୍କ** ଓଡ଼ିଶା ସାହିତ୍ୟ ଏକାଡେମୀ, ଅକ୍ଟୋବର ୧୯୯୩ |
| ନାୟକ, ଅଚ୍ୟୁତାନନ୍ଦ | **ନବରାଗ** ପୂଜାସଂଖ୍ୟା ବିଶେଷାଙ୍କ, ୧୯୮୫ |
| ତୁରୁକ, ନିରଞ୍ଜନ (ସଂ) | **ମୁଁ ଶିଶୁସାହିତ୍ୟ କାହିଁକି ଲେଖେ** ? ଜଗନ୍ନାଥ ରଥ, କଟକ, ୧୯୯୮ |
| ପଟ୍ଟନାୟକ ପଠାଣି, | **କବି ମନୀଷୀ ନୀଳକଣ୍ଠ** ଓ ସାହତ୍ୟ ଏକାଡେମୀ, ୧୯୮୪ |
| ପାଢ଼ୀ, ଭଗବାନ | **ଫୁଲଟିଏ ଫୁଟିଲା**, ମାଣିକ ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ. ୧୯୯୫ |
| Brahma, Digaraj, | **Children's Literature and Education in India**. Deep and Deep Publications, New Delhi, 1989 |

ମହାନ୍ତି, ମନୀନ୍ଦ୍ର — **ଓଡ଼ିଆ ଶିଶୁସାହିତ୍ୟ : ଉନ୍ମେଷ ଓ ବିକାଶ** ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ଭୁବନେଶ୍ୱର ୧୯୯୨

ଏଜନ — **ଶିଶୁସାହିତ୍ୟ ବିଧାନ,** ଅପର୍ଣ୍ଣା ପ୍ରକାଶନୀ, ଭଦ୍ରକ, ୧୯୯୫

ଏଜନ — ଓଡ଼ିଆ ଶିଶୁସାହିତ୍ୟ : ସ୍ଥିତି ଓ ସମସ୍ୟା (ସାକ୍ଷାତକାର) **ଶିଶୁସାହତ୍ୟ ଉଦନ୍ତ**, ୧୯୯୭

ଏଜନ — ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ **ଶିଶୁସାହିତ୍ୟ ଉଦନ୍ତ**; ୨୧-୨୪ ସଂଖ୍ୟା, ୧୯୯୭

ମହାନ୍ତି, ମହେଶ୍ୱର — **ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ପୃଷ୍ଠଭୂମି** କାହାଣୀ, କଲ୍ୟାଣ ନଗର, କଟକ, ୧୯୯୮

ମହାନ୍ତି, ଜଗନ୍ନାଥ — ଓଡ଼ିଆ ଶିଶୁସାହିତ୍ୟର କ୍ରମବିକାଶ, **ଝଙ୍କାର** ପ୍ରଜାତନ୍ତ୍ର ପ୍ରଚାର ସମିତି ଡିସେମ୍ବର ୧୯୮୩

ଏଜନ — ଓଡ଼ିଆ ଶିଶୁସାହିତ୍ୟର ଭବିଷ୍ୟତ, **ଝଙ୍କାର** ପ୍ର.ପ୍ର. କଟକ, ଫେବୃଆରୀ, ୧୯୯୨

ଏଜନ — ଓଡ଼ିଆ ଶିଶୁସାହିତ୍ୟ ପତ୍ରିକାଗୁଡ଼ିକର ବିକାଶଧାରା, **ଅମୃତାୟନ** ୪ର୍ଥ ବର୍ଷ, ୨ୟ ସଂଖ୍ୟା, ଏପ୍ରିଲ୍ ୧୯୮୪

ଏଜନ — **ଶିଶୁସାହିତ୍ୟରଥୀ ଗୋଦାବରୀଶ,** ଓଡ଼ିଶା ପୂଜ୍ୟ ପୂଜାସଂସଦ, କଟକ ୧୯୮୬

ଏଜନ — **ସମାଲୋଚନା ସଂଗ୍ରହ,** ଓଡ଼ିଶା ବୁକ୍‌ଷ୍ଟୋର୍, କଟକ, ୧୯୭୧

ଏଜନ — ଓଡ଼ିଆ ଶିଶୁସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ **ପ୍ରଜାତନ୍ତ୍ର ବିଷୁବ ସଂଖ୍ୟା.** ଡା.୧୩।୪।୮୯

ଏଜନ — ଓଡ଼ିଆ ଶିଶୁସାହିତ୍ୟ ଗବେଷଣା ଓ ଅନୁଧ୍ୟାନ ଝଙ୍କାର ଜୁନ୍ ୧୯୯୨, ପ୍ର.ପ୍ର.ସ. କଟକ

Mohanty, Jagannath — "Development of Children's Literature in Oriya" **Writer & Illustrator,** April-June, 1982, New Delhi.

Do — "Children's Magazines in Oriya" **Writer & Illustrator,** New Delhi, April-June, 1982

Do — "Ramakrushna Naud : Author & Illustrator for Children", **Writer & Illustrator, 1983**

Do — **Children's Literature of Orissa,** Orissa Sahitya Academy, Bhubaneswar, 1993

Do — A Survey of Children's Journals for Orissa" **Writer & Illustrator** Association of Writers & Illustrators of for Children (AWIC) New Delhi, 1986

Do — "Research in Oriya Children's Literature **Sishuvarta,** Balasore, July-Sept. 1989

Do — **The Book Through Ages,** G. Mohapatra & Co, Cuttack, 1972

ମହାନ୍ତି, ଜଗନ୍ନାଥ (ସଂ) — **ନୀଳକଣ୍ଠ ସ୍ମାରକୀ** ୪ର୍ଥ ଖଣ୍ଡ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ୧୯୮୭, ଭୁବନେଶ୍ୱର ।

ମହାନ୍ତି, ଜଗନ୍ନାଥ — "ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦଙ୍କର ଓଡ଼ିଆ ଶିଶୁ/କିଶୋର ସାହିତ୍ୟକୁ ଅବଦାନ" **କୋଣାର୍କ** ଅକ୍ଟୋବର., ୧୯୯୩.

ଏକନ — ''ଓଡ଼ିଆ ଶିଶୁ ସାହିତ୍ୟରେ ଗବେଷଣା ଓ ଅନୁଧ୍ୟାନ'', **ଝଙ୍କାର**, ପ୍ର.ପ୍ର.ସମିତି କଟକ, ଜୁନ୍. ୧୯୯୨

ଏକନ — ''ଓଡ଼ିଆ ଶିଶୁସାହିତ୍ୟ : ଗବେଷଣା ଓ ଅଧ୍ୟୟନ'' **କୋଣାର୍କ**, ଶିଶୁସାହିତ୍ୟ ଏକାଡେମୀ, ଅକ୍ଟୋବର ୧୯୯୫

Mohanty, J. & D. Brahma — "The Reading Interests of Children in Orissa", **Writer and Illustrator**, AWIC Octo. Dec. 1983

Do — "An Appraisal of Children's journals in Orissa", **Writer & Illustrator**, AWIC, NewDelhi 1989

ମହାନ୍ତି, ଜାନକୀବଲ୍ଲଭ — **ଆଧୁନିକ ଓଡ଼ିଆ ସାହିତ୍ୟ**, ଗ୍ରନ୍ଥମନ୍ଦିର, କଟକ ୧୯୭୧

ମହାନ୍ତି, ସୁରେନ୍ଦ୍ର — ''ପଣ୍ଡିତ ନୀଳକଣ୍ଠ : ଏକ ମୂଲ୍ୟାଙ୍କନ'' କୋଣାର୍କ, **ନୀଳକଣ୍ଠ ବିଶେଷାଙ୍କ** ୫୩ଶ ସଂଖ୍ୟା ୧୯୮୪

ମହାନ୍ତି, ବିଜୟ କୁମାର(ଡ) — ''ଶିଶୁସାହିତ୍ୟର ଆଜୀବନ ସାଧକ ଡକ୍ଟର ଜଗନ୍ନାଥ ମହାନ୍ତି' **ଉତ୍କଳଲିପି** ତା. ୧୮.୧୦.୯୫

ମହାନ୍ତି, ସରୋଜରଞ୍ଜନ ଓ ଅନ୍ୟମାନେ — **ଝଙ୍କାର** ପ୍ର.ପ୍ର.ସ. ଫେବୃଆରୀ ୧୯୯୨

ମାଜି, ଜଗତଜ୍ୟୋତି (ଡ) — ''ତୁମପରି ଛୋଟ ପିଲାଟିଏ'' କବିତାର କବି (ସାକ୍ଷାତାକାର) **ଧରିତ୍ରୀ** ତ.୭.୫.୯୪

ଏକନ — (ଡ) ''ଓଡ଼ିଆ ଶିଶୁସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'' **ଧରିତ୍ରୀ** ତା.୨୭.୧୦.୯୫

ମିଶ୍ର, ଇନ୍ଦୁଭୂଷଣ — **ପିଲାଙ୍କ ଗୀତ ଢାଙ୍କୁଣି**, ପି.ଡି.ସି. ନେଟ୍‌ୱର୍କ, ଭୁବନେଶ୍ୱର, ୧୯୯୬

ମିଶ୍ର, ଦେବକାନ୍ତ — ''ଗତ ପଚିଶ ବର୍ଷ ମଧ୍ୟରେ ରଚିତ ବୈଜ୍ଞାନିକ ସାହିତ୍ୟ । ଏକ ସମୀକ୍ଷା'', **କୋଣାର୍କ**, ରଜତ ସଂଖ୍ୟା ୧୯୮୨

ମିଶ୍ର ସଦାଶିବ — **ନୀଳକଣ୍ଠ ସ୍ମାରକୀ**, ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର ୧୯୮୨

ମିଶ୍ର, ଗୋଦାବରୀଶ — ''ମୁଁ କାହିଁକି ଲେଖେ,'' **ଡଗର**, ୧୪ଶ ବର୍ଷ ୨୧ ସଂଖ୍ୟା, ୧୯୫୧

ମିଶ୍ର, ରଘୁନାଥ (ସଂ) — **ଗୋଦାବରୀଶ ଗ୍ରନ୍ଥାବଳୀ** କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ ୧୯୬୮

ମିଶ୍ର, ନରେନ୍ଦ୍ରନାଥ — **ପଣ୍ଡିତ ନୀଳକଣ୍ଠ ଜୀବନୀ ଓ କୃତି**, ପଣ୍ଡିତ ନୀଳକଣ୍ଠ ସ୍ମୃତି ସଂସଦ, ଭୁବନେଶ୍ୱର ୧୯୮୮

ଶିଶୁସାହିତ୍ୟ ଏକାଡେମୀ, — **ଶିଶୁକବିତା ସଂକଳନ**, ଭୁବନେଶ୍ୱର, ୧୯୮୮

ଶ୍ରୀକ୍ଷେତ୍ର ଶିଶୁସାହିତ୍ୟ ସଂସଦ — **ଆମ ପରିବେଶ** (କବିତା) ପୁରୀ ୧୯୯୫

ଶିଶୁସାହିତ୍ୟ ଏକାଡେମୀ, — **ଓଡ଼ିଶା ସ୍ମରଣିକା**, ଭୁବନେଶ୍ୱର, ୧୯୮୪

ଶତପଥୀ, ନିତ୍ୟାନନ୍ଦ (ସଂ) — **ଗୋଦାବରୀଶ ପରିକ୍ରମା**, ପୁଷ୍ପାପୂଜା ସଂସଦ, କଟକ ୧୯୮୭

ଷଡ଼ଙ୍ଗୀ, ଉଦୟନାଥ — **ଆମ ହେଡ୍‌ମାଷ୍ଟର**, ନୀଳକଣ୍ଠ ସ୍ମାରକୀ ୨ୟ ଖଣ୍ଡ, ପଣ୍ଡିତ ନୀଳକଣ୍ଠ ସ୍ମୃତି ସଂସଦ, ଭୁବନେଶ୍ୱର

ସାମନ୍ତରାୟ, ନଟବର — **ଓଡ଼ିଆ ସାହିତ୍ୟର ଇତିହାସ**, ବାଣୀଭବନ, ସାମନ୍ତରାପୁର, ୧୯୯୩

ସାହୁ, ବସନ୍ତ କିଶୋର — **ଓଡ଼ିଆ ମୌଖିକ ଶିଶୁସାହିତ୍ୟ**, ଚିତ୍ରୋତ୍ପଳା ପବ୍ଲିକେସନ୍, ସାଲେପୁର ୧୯୯୬

ଏଜନ (ସଂ) — **ସାଂପ୍ରତିକ ଶିଶୁସାହିତ୍ୟ,** ଜଗନ୍ନାଥ ରଥ, କଟକ, ୧୯୯୮


ଏଜନ — ଓଡ଼ିଆ ଶିଶୁସାହିତ୍ୟକୁ ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ଅବଦାନ'' **ସହକାର,** ଜୁଲାଇ ୧୯୯୭

ସାହୁ, କୃପାସାଗର (ସଂ) — **ପ୍ରତିବେଶୀ,** ଉତ୍କଳ ଶିକ୍ଷା ସଂସଦ କଲିକତା, ପୂଜାସଂଖ୍ୟା ୧୯୯୭

ସାମନ୍ତରାୟ, ବ୍ରାହ୍ମୀପ୍ରିୟା — **ଆଶାସ୍ରୋତସ୍ୱିନୀ,** ଶାରଦୀୟ ଓ କାଳୀପୂଜା ସଂଖ୍ୟା, ଅକ୍ଟୋବର-ଡିସେମ୍ବର, ୧୯୯୯

Sahoo, Banshidhar — "A Study of Parental Views Towards Children's Literature and Practices in Fostering Reading Habits" **Orissa Education magazine,** SCERT 1985

ସିଂ, ରବି ଓ ଅନ୍ୟମାନେ(ସଂ) — **କୋଣାର୍କ,** ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୯୮



## ଡକ୍ଟର ଜଗନ୍ନାଥ ମହାନ୍ତି

ପୁରୀ ଜିଲ୍ଲା ଗୋପ ଥାନାର ଜଙ୍ଗଲବୋରୀ ଗ୍ରାମରେ ୧୯୩୭ ମସିହା ଜାନୁୟାରୀ ୭ ତାରିଖରେ ଜନ୍ମ । ପିତା ୰ ବିଶ୍ୱନାଥ ମହାନ୍ତି ଓ ମାତା ୰ ମାଣିକ ଦେବୀ ।

ବହୁ ବାଧାବିଘ୍ନ ମଧ୍ୟରେ ଶିକ୍ଷାପ୍ରାପ୍ତ । ବି.ଏ. ଅନର୍ସ (ଅର୍ଥନୀତି) ଏମ୍. ଏ.(ରାଜନୀତି ବିଜ୍ଞାନ), ଏମ୍.ଇଡ଼ି ଓ ପିଏଇଚ ଡ଼ି (ଶିକ୍ଷା) । ପ୍ରଶିକ୍ଷଣ ଓ ବୈଦ୍ୟୁତିକ ମାଧ୍ୟମ ତଥା ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଓ ବ୍ରିଟିଶ କାଉନସିଲ ଦ୍ୱାରା ଇଂଲଣ୍ଡରେ ଦୁଇଥର ତାଲିମପ୍ରାପ୍ତ । ୟୁରୋପର ଅଧିକାଂଶ ଦେଶରେ ଓ ସମଗ୍ର ଭାରତରେ ଭ୍ରମଣ କରିଛନ୍ତି ।

କୈଶୋରାବସ୍ଥାରୁ ସାରସ୍ୱତ ସାଧନା । ଅବଧି ଶିଶୁ/କିଶୋରମାନଙ୍କ ପାଇଁ ୫୦ ଖଣ୍ଡ, ଜନଶିକ୍ଷାରେ ୯୫ ଖଣ୍ଡ, ସାହିତ୍ୟ ସମାଲୋଚନା ଓ ଶିକ୍ଷା ସାହିତ୍ୟରେ ୧୫ ଖଣ୍ଡ ଏବଂ ଇଂରେଜିରେ ୩୦ ଖଣ୍ଡ ପୁସ୍ତକ ଲିଖିତ । ଜାତୀୟ ସ୍ତରରେ ଶିଶୁସାହିତ୍ୟ ପାଇଁ ୨ ଥର ଓ ନବସାକ୍ଷର ସାହିତ୍ୟରେ ୫ ଥର ପୁରସ୍କୃତ । ରାଜ୍ୟ ସରକାରଙ୍କ ଦ୍ୱାରା ଶିଶୁସାହିତ୍ୟ ପାଇଁ ୭ ଥର ଉପାୟନପ୍ରାପ୍ତ । ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ଥରେ ଶ୍ରେଷ୍ଠ ଶିଶୁସାହିତ୍ୟ ଓ ଆଉଥରେ ଭ୍ରମଣ କାହାଣୀ ନିମନ୍ତେ ପୁରସ୍କୃତ । ବିଜ୍ଞାନ ଏକାଡ଼େମୀ ଦ୍ୱାରା ଉପାୟନପ୍ରାପ୍ତ ।

ପ୍ରାଥମିକ ଶିକ୍ଷାଠାରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସବୁ ସ୍ତରରେ ଅଭିଜ୍ଞତା ଲାଭ । ସମ୍ବଲପୁରସ୍ଥ ଡକ୍ଟର ପର୍ଶୁରାମ ମିଶ୍ର ଓ କଟକସ୍ଥ ରାଧାନାଥ ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ପ୍ରଫେସର-ଅଧ୍ୟକ୍ଷ ଭାବରେ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଆକାଡ଼େମୀକ ଷ୍ଟାଫ କଲେଜରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ୧୯୯୫ ଜାନୁୟାରୀ ୩୧ରେ ଅବସରପ୍ରାପ୍ତ । ତାଙ୍କ ଦିଗ୍‌ଦର୍ଶନରେ ୧୫ ଜଣ ପି.ଏଇଚଡ଼ି. ଓ ଡ଼ି.ଲିଟ୍ ଉପାଧିପ୍ରାପ୍ତ ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ । ସଂପ୍ରତି ତାଙ୍କରି ପାଖରେ ୧୦ ଜଣ ଗବେଷଣାରତ ।

ଭାରତୀୟ ଶିଶୁ ଶିକ୍ଷା ପରିଷଦ, ଭାରତୀୟ ପ୍ରାକ୍ ପ୍ରାଥମିକ ସଂଗଠନ, ଭାରତୀୟ ଶିକ୍ଷା ପ୍ରଶାସନ ସଂଘ, ଆନ୍ତର୍ଜାତୀୟ ଶାନ୍ତିଶିକ୍ଷା ସଂଗଠନ, ରାଜ୍ୟ ଶିକ୍ଷା ବିଜ୍ଞାନ ଓ ଗବେଷଣା ସଂଘ, ଭାରତୀୟ ଶିକ୍ଷା ଗବେଷଣା ସଂଘ ଆଦିର ସକ୍ରିୟ ସଭ୍ୟ । ଓଡ଼ିଆ ଶିଶୁ ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଭାପତି, ରାଜଧାନୀ, ଶିଶୁସାହିତ୍ୟ ସଂସଦ ଓ ସର୍ବଭାରତୀୟ ଶିଶୁସାହିତ୍ୟ ସଂଗଠନର ସଭାପତି । ପିତାମାତାଙ୍କ ନାମରେ ପ୍ରତିଷ୍ଠିତ ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ ଶିଶୁଶିକ୍ଷା ଓ ଶିଶୁସାହିତ୍ୟର ଉନ୍ନତି କ୍ଷେତ୍ରରେ କାର୍ଯ୍ୟରତ ।

ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଜାତୀୟ ଓ ରାଜ୍ୟସ୍ତରରେ ବିଶେଷ ସମ୍ମାନିତ । ଭାରତୀୟ ଶିକ୍ଷା ପରିଷଦ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ରାଷ୍ଟ୍ରୀୟ ଶିକ୍ଷା ମନ୍ତ୍ରଣାଳୟ, ସର୍ବଭାରତୀୟ ଶିଶୁ ସାହିତ୍ୟ ସମ୍ମେଳନ ଏବଂ ରାଜ୍ୟର ବହୁ ଶିଶୁସାହିତ୍ୟ ସଂଗଠନ ଦ୍ୱାରା ସମ୍ବର୍ଦ୍ଧିତ । ସଂପ୍ରତି ସେ ଶିକ୍ଷା, ସାହିତ୍ୟ ଓ ସମାଜ ସେବାରେ ଆତ୍ମନିୟୋଗ କରିଛନ୍ତି ।